# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଜାନୁୟାରୀ ୫/୨୦୨୦ (୧୬ ପୃଷ୍ଠା+ଛୁଟିଦିନ) Sambalpur, Sunday, January 5 / 2020 ★★

୧୬ଶ ଭାଗ ୨୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ଇର୍ଫାନଙ୍କ ଅବସର

ଅଲରାଉଣ୍ଡର ଇର୍ଫାନ ପଠାନ ଶନିବାର କ୍ରିକେଟର ସମସ୍ତ ଫାର୍ମାଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି।

୧୫

୦୨

## ଶ୍ରୀଦେବୀଙ୍କ ମୃତ୍ୟୁର କାରଣ ଥିଲା ବ୍ଲଡ୍‌ପ୍ରେସର

ଅଭିନେତ୍ରୀ ଶ୍ରୀଦେବୀଙ୍କ ମୃତ୍ୟୁର ପ୍ରକୃତ କାରଣ ବ୍ଲଡ୍‌ପ୍ରେସର ଥିଲା ବୋଲି 'ଶ୍ରୀଦେବୀ: ଦ ଏଟର୍ନାଲ ଗଡେସ୍' ପୁସ୍ତକର ଲେଖକ ସତ୍ୟାର୍ଥ ନାୟକ ଉଲ୍ଲେଖ କରିଛନ୍ତି।



# ଭାରତକୁ ଟାଣିଲେ ଟ୍ରମ୍ପ୍

## ଦିଲ୍ଲୀ ଆତଙ୍କବାଦୀ କାର୍ଯ୍ୟ ସହ ସମ୍ପୃକ୍ତ ଥିଲେ ସୋଲେମାନୀ



ୱାଶିଂଟନ,୪।୧

ଆମେରିକାର ରକେଟ ମାଡ଼ରେ ଇରାନ ସେନାର କମାଣ୍ଡର ଜେନେରାଲ କାସିମ୍ ସୋଲେମାନୀ ନିହତ ହେବା ଘଟଣାକୁ ନେଇ ଦୁଇଦେଶ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଏହା ଯୁଦ୍ଧର ରୂପ ନେଇପାରେ ବୋଲି ଅନେକେ ଆଶଙ୍କା କରୁଛନ୍ତି। ତେବେ ଏହା ଯୁଦ୍ଧ ଆରମ୍ଭ କରିବା ପାଇଁ ନୁହେଁ ବରଂ ବନ୍ଦକରିବା ପାଇଁ ବୋଲି କହିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ଅନ୍ୟ ପକ୍ଷରେ ସେ ଏହି ବିବାଦ ମଧ୍ୟକୁ ଭାରତକୁ ଟାଣିଛନ୍ତି। ନିହତ ସୋଲେମାନୀଙ୍କର ନୂଆଦିଲ୍ଲୀ ଏବଂ ଲଣ୍ଡନରେ ଆତଙ୍କବାଦୀ କାର୍ଯ୍ୟକଳାପ ସହ ସମ୍ପୃକ୍ତି ଥିଲା ବୋଲି ଟ୍ରମ୍ପ୍ କହିଛନ୍ତି। ୨୦୧୨ ଫେବୃୟାରୀ ୧୩ରେ ଦିଲ୍ଲୀରେ ଘଟିଥିବା ବିସ୍ଫୋରଣକୁ ସେ ଇଙ୍ଗିତ କରିଛନ୍ତି। ସୋଲେମାନୀ ହତ୍ୟା ପାଇଁ ଆମେରିକା ନିନ୍ଦିତ ହୋଇଥିବାବେଳେ ଏବେ ଭାରତ ସମେତ ଅନ୍ୟ ଏସୀୟ ରାଷ୍ଟ୍ରଗୁଡ଼ିକରୁ କୂଟନୈତିକ ସମର୍ଥନ ହାସଲ କରିବାକୁ ଟ୍ରମ୍ପ୍ ଏଭଳି ଉଦ୍ୟମ କରୁଥିବା କୁହାଯାଉଛି।

୨୦୧୨ ଫେବୃୟାରୀରେ ନୂଆଦିଲ୍ଲୀସ୍ଥିତ ଇସ୍ରାଏଲୀ ଦୂତାବାସର କୂଟନୀତିଜ୍ଞଙ୍କ ସ୍ତ୍ରୀ ତାଙ୍କ ପିଲାମାନଙ୍କୁ ସ୍କୁଲରୁ ଆଣିବାକୁ ଯାଉଥିବାବେଳେ ତାଙ୍କ କାର ଉପରକୁ ବୋମାମାଡ଼ ହୋଇଥିଲା। ଏଥିରେ କେହି ମୃତାହାତ ହୋଇ ନ ଥିଲେ। ଏହି ବୋମାମାଡ଼ ସହ ସୋଲେମାନୀ ନେତୃତ୍ୱାଧୀନ ଇରାନର ରିଭଲ୍ୟୁଶନାରୀ ଗାର୍ଡସ ସମ୍ପୃକ୍ତ ଥିବା ଦିଲ୍ଲୀ ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ଏ ସମ୍ପର୍କରେ ନୂଆଦିଲ୍ଲୀ ତେହେରାନକୁ ଚେତାବନୀ ଦେଇଥିଲା। ଇରାନ ବୈଜ୍ଞାନିକଙ୍କ ଉପରେ ଇସ୍ରାଏଲ ଆକ୍ରମଣ କରିଥିବାରୁ ଏହାର ପ୍ରତିଶୋଧ ନେବା ପାଇଁ ସେହି ସମୟରେ ଥାଇଲାଣ୍ଡ ଓ ଜର୍ଜିଆରେ ଥିବା ଇସ୍ରାଏଲ ଦୂତାବାସକୁ ମଧ୍ୟ ଟାର୍ଗେଟ କରି ବୋମାମାଡ଼ ହୋଇଥିଲା।

ସୋଲୋମାନୀ ହତ୍ୟା ଘଟଣାକୁ ବିଭିନ୍ନ ଦେଶ ନିନ୍ଦା କରିଛନ୍ତି। ଏପରିକି ଆମେରିକାର କେତେକ ମହଲରେ ମଧ୍ୟ ଏହାକୁ ସମାଲୋଚନା କରାଯାଇଛି। ତେବେ ସୋଲେମାନୀ କେବଳ ଇରାନର କମାଣ୍ଡର ଜେନେରାଲ ନ ଥିଲେ ସେ ଆତଙ୍କବାଦୀ ସଂଗଠନର କମାଣ୍ଡର ଥିଲେ ଏବଂ ଇରାନ ବାହାରେ ଛାୟାଯୁଦ୍ଧ ଚଳାଇଥିଲେ ବୋଲି ଟ୍ରମ୍ପ୍ ଓ ତାଙ୍କ ସହଯୋଗୀମାନେ ଦାବି କରିଛନ୍ତି। ନିରୀହ ଲୋକମାନଙ୍କୁ ହତ୍ୟାକରିବା ସୋଲେମାନୀଙ୍କର ଏକ କୁତ୍ସିତ ମାନସିକତା ଥିଲା। ସେ ଆମେରିକା ସୈନ୍ୟ, ନୌସେନା, ବାୟୁସେନା ଓ କୂଟନୀତିଜ୍ଞମାନଙ୍କୁ ଆକ୍ରମଣ କରିବା ପାଇଁ ଯୋଜନା କରିଥିଲେ। ଏବେ ତାଙ୍କର ଆତଙ୍କବାଦୀ ସାମ୍ରାଜ୍ୟର ଅନ୍ତ ହେଲା ବୋଲି ଟ୍ରମ୍ପ୍ କହିଛନ୍ତି।

## ସୋଲେମାନୀଙ୍କ ଶେଷକୃତ୍ୟ ସମ୍ପନ୍ନ

### ଇରାକ୍ ପ୍ରଧାନମନ୍ତ୍ରୀ ଯୋଗଦେଲେ



ବାଗଦାଦ,୪।୧(ଏଏଫ୍‌ପି)

କୁଦ୍‌ସ ବାହିନୀର କମାଣ୍ଡର ମେଜର ଜେନେରାଲ କାସିମ ସୋଲେମାନୀଙ୍କ ଶେଷକୃତ୍ୟ ଶନିବାର ସମ୍ପନ୍ନ ହୋଇଛି। ଏଥିରେ ହଜାର ହଜାର ଇରାକୀ ଯୋଗଦେଇ 'ଆମେରିକା ମୁର୍ଦ୍ଦାବାଦ' ସ୍ଲୋଗାନ ଦେଇଥିଲେ। ସୋଲେମାନୀଙ୍କ ସମେତ ଇରାକ ଅର୍ଦ୍ଧସାମରିକ ବାହିନୀ ମୁଖ୍ୟ ଅବୁ ମହଦି ଅଲ-ମୁହାନ୍ଦିସ ଶୁକ୍ରବାର ଆମେରିକାର ଡ୍ରୋନ୍ ଆକ୍ରମଣରେ ନିହତ ହୋଇଥିଲେ। ଶନିବାର ଅନୁଷ୍ଠିତ ଶୋକ ଶୋଭାଯାତ୍ରାରେ ଇରାକ ପ୍ରଧାନମନ୍ତ୍ରୀ ଆଦେଲ ଅବ୍‌ଦେଲ ମହଦିଙ୍କ ସମେତ ବହୁ ଇରାକୀ ନେତା ଯୋଗଦେଇଥିଲେ। ବାଗଦାଦର କାଧିମିୟା ଜିଲାର ଶିଆ ପୀଠରୁ କଫିନ ବାହାର କରାଯାଇଥିଲା। ଶୋଭାଯାତ୍ରାରେ ହଜାର ହଜାର ଲୋକ ସାମିଲ ହୋଇ ସରକାରୀ କାର୍ଯ୍ୟାଳୟ ଗ୍ରୀନ୍ ଜୋନ୍ ସମେତ ବହିର୍ବ୍ୟାପାର ଦୂତାବାସ ଥିବା ଅଞ୍ଚଳ ଦେଇ କଫିନକୁ ନେଇଯାଇଥିଲେ।

## ଆମେରିକାର ସାନି ଆକ୍ରମଣ

ବାଗଦାଦ,୪।୧(ଏଏଫ୍‌ପି)

କୁଦ୍‌ସ ବାହିନୀର କମାଣ୍ଡର ମେଜର ଜେନେରାଲ କାସିମ ସୋଲେମାନୀ ନିହତ ହେବା ପରେ ୱାଶିଂଟନ ଓ ତେହେରାନ ମଧ୍ୟରେ ଛାୟାଯୁଦ୍ଧ ଆଶଙ୍କା ବୃଦ୍ଧିପାଇଛି। ସୋଲେମାନୀଙ୍କ ଶେଷକୃତ୍ୟ ପୂର୍ବରୁ ଶନିବାର ଇରାକ୍‌ରେ ଥିବା ଇରାନ ସପକ୍ଷବାଦୀ ସୈନ୍ୟଙ୍କ ଉପରେ ପୁଣି ଥରେ ଆକାଶମାର୍ଗରୁ ଆକ୍ରମଣ ହୋଇଛି। ସୋଲୋମାନୀଙ୍କୁ ହତ୍ୟାକରି ଆମେରିକା ଯୁଦ୍ଧ ଭଳି କାର୍ଯ୍ୟକରିଛି ବୋଲି ଜାତିସଂଘରେ ଇରାନ ରାଷ୍ଟ୍ରଦୂତ ମଜିଦ ତଖତ୍ ରାଭାନ୍‌ଚି କହିଛନ୍ତି। ଇରାନ ସହ ଘନିଷ୍ଠ ସମ୍ପର୍କ ରଖିଥିବା ଶିଆ ଗୋଷ୍ଠୀ ନିୟନ୍ତ୍ରଣାଧୀନ ଅର୍ଦ୍ଧସାମରିକ ନେଟୱର୍କ ହାଶେଦ ଅଲ୍-ଶାବିର ସୈନ୍ୟଙ୍କ ଉପରେ ଶନିବାର ଆକ୍ରମଣ କରାଯାଇଛି। ହାଶେଦ ଏଥିପାଇଁ କାହାକୁ ଦାୟୀ କରି ନ ଥିବାବେଳେ ଏହା ଆମେରିକାର ଏୟାରଷ୍ଟ୍ରାଇକ୍ ବୋଲି ଇରାକ୍ ଟେଲିଭିଜନ ରିପୋର୍ଟରେ କୁହାଯାଇଛି। ଏଥିରେ ଅନେକ ମୃତାହତ ହୋଇଛନ୍ତି। ତେବେ ଏୟାରଷ୍ଟ୍ରାଇକ୍‌କୁ ନେଇ ଆମେରିକା କିଛି କହିନାହିଁ।

## ସିଏଟି ଫଳ ପ୍ରକାଶ ୧୦୦% ସ୍କୋର କରିଛନ୍ତି ୧୦ ପ୍ରାର୍ଥୀ

ନୂଆଦିଲ୍ଲୀ,୪।୧(ପି.ଟି.)

ସାଧାରଣ ନାମଲେଖା ପରୀକ୍ଷା (ସିଏଟି) ଫଳାଫଳ ଶନିବାର ଘୋଷଣା କରାଯାଇଛି। ୧୦ ଜଣ ପ୍ରାର୍ଥୀ ୧୦୦ ପ୍ରତିଶତ ମାର୍କ ରଖିଛନ୍ତି। ସେମାନେ ସମସ୍ତେ ବୈଷୟିକ ଓ ଇଞ୍ଜିନିୟରିଂ ବ୍ୟାକ୍‌ଗ୍ରାଉଣ୍ଡ ଥିବା ପୁରୁଷ ପ୍ରାର୍ଥୀ। ଆଇଆଇଟିରୁ ୬ ଜଣ ଥିବାବେଳେ ଏନ୍ଆଇଟିରୁ ୨ ଜଣ ଅଛନ୍ତି। ଶତ ପ୍ରତିଶତ ମାର୍କ ରଖିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୪ ଜଣ ମହାରାଷ୍ଟ୍ରରୁ ହୋଇଥିବାବେଳେ ଅନ୍ୟମାନେ ଝାଡ଼ଖଣ୍ଡ, ତାମିଲନାଡୁ, ତେଲଙ୍ଗାନା, କର୍ନାଟକ, ପଶ୍ଚିମବଙ୍ଗ ଏବଂ ଉତ୍ତରାଖଣ୍ଡରୁ ଏହି ସଫଳତା ପାଇଛନ୍ତି। ସେହିପରି ୨୧ ଜଣ ୯୯.୯ ପ୍ରତିଶତ ମାର୍କ ସ୍କୋର କରିଥିବାବେଳେ ସେମାନଙ୍କ ମଧ୍ୟରୁ ୧୯ ଜଣ ବୈଷୟିକ ବ୍ୟାକ୍‌ଗ୍ରାଉଣ୍ଡର। ଆଇଆଇଏମ୍ ଏବଂ ଅଣଆଇଆଇଏମ୍ ଶିକ୍ଷାନୁଷ୍ଠାନରେ ଏମ୍‌ବିଏ ପାଠ୍ୟକ୍ରମରେ ନାମଲେଖା ପାଇଁ ଏହି ପରୀକ୍ଷା କରାଯାଇଥିଲା। ମୋଟ ୧.୩୪ ଲକ୍ଷ ପୁରୁଷ, ୭୫ ହଜାର ମହିଳା ଏବଂ ୫ ଜଣ କିନ୍ନର ପ୍ରାର୍ଥୀ ସିଏଟି ଦେଇଥିଲେ। ଛାତ୍ରୀଛାତ୍ର iim-cat.ac.in ୱେବ୍‌ସାଇଟରୁ ସେମାନଙ୍କ ଫଳାଫଳ ଦେଖିପାରିବେ।

## ସୀମାଚଳମ୍‌ରୁ ଫେରିବାବେଳେ ଦୁର୍ଘଟଣା: ୫ ମୃତ

........୩.........

## ଜଷ୍ଟିସ୍ ସଞ୍ଜୁ ପଣ୍ଡା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି



ଜଷ୍ଟିସ୍ ସଞ୍ଜୁ ପଣ୍ଡା

କଟକ ଅଫିସ, ୪।୧

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରି ଶନିବାର ଅବସର ଗ୍ରହଣ କରିଛନ୍ତି। ତାଙ୍କ ସ୍ଥାନରେ ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ସଞ୍ଜୁ ପଣ୍ଡାଙ୍କୁ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ କରାଯାଇଛି। ଜଷ୍ଟିସ ପଣ୍ଡାଙ୍କ ନିଯୁକ୍ତି ସମ୍ପର୍କିତ ବିଧିବଦ୍ଧ ବିଜ୍ଞପ୍ତି ରାଷ୍ଟ୍ରପତି ଭବନ ପକ୍ଷରୁ ପ୍ରକାଶ ପାଇଛି। ରବିବାର ସେ କାର୍ଯ୍ୟଭାର ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ୨୦୦୭ ମାର୍ଚ୍ଚ ୧ରୁ ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟ କରିବା ପୂର୍ବରୁ ଜଷ୍ଟିସ ପଣ୍ଡା ହାଇକୋର୍ଟରେ ପ୍ରାକ୍ଟିସ କରିବା ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ଷ୍ଟାଣ୍ଡିଂ କାଉନସେଲ ଭାବେ କାର୍ଯ୍ୟ କରିଥିଲେ। ସୂଚନାଥାଉ କି, ଜଷ୍ଟିସ ପଣ୍ଡା ୧୯୫୯ ଜୁଲାଇ ୧୦ରେ ଗଜପତି ଜିଲାର ପାରଳାଖେମୁଣ୍ଡିଠାରେ ଜନ୍ମଗ୍ରହଣ କରିଥିଲେ।

## ■ ଅର୍ଥମନ୍ତ୍ରୀଙ୍କୁ ଅଭିଜିତ ବାନାର୍ଜୀଙ୍କ ପରାମର୍ଶ

# କର୍ପୋରେଟ ଟିକସ କମାଅ ନାହିଁ

ନୂଆଦିଲ୍ଲୀ,୪।୧

କର୍ପୋରେଟ କ୍ଷେତ୍ର ଲାଗି ଆଉ ଟିକସ ହ୍ରାସ ନ କରିବାକୁ ନୋବେଲ ବିଜେତା ଅର୍ଥନୀତିଜ୍ଞ ଅଭିଜିତ ବାନାର୍ଜୀ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଶନିବାର ପରାମର୍ଶ ଦେଇଛନ୍ତି। ଦେଶ ମଧ୍ୟରେ ଚାହିଦା ବୃଦ୍ଧି ପ୍ରସଙ୍ଗ ଉପରେ ସେ ଜୋରଦେଇ କହିଛନ୍ତି ଯେ, ଚାହିଦା ଖସିଯିବା କାରଣରୁ କର୍ପୋରେଟ କ୍ଷେତ୍ର ବର୍ତ୍ତମାନ ନିଜ ପାଖରେ ପୁଞ୍ଜି ଧରି ବସି ରହିଛି। ଏହାକୁ ନିବେଶ କରିବାକୁ ଅଗ୍ରସର ହେଉନାହିଁ। ଫେବୃୟାରୀ ପହିଲାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ବଜେଟ ଉପସ୍ଥାପନ କରିବେ। ନିକଟରେ ସରକାର ଦେଶର କମ୍ପାନୀଗୁଡ଼ିକ ଲାଗି କର୍ପୋରେଟ ଟିକସର ମୂଳ ହାର ବା ବେସ୍ ରେଟ୍‌କୁ ୩୦%ରୁ ଖସାଇ ୨୨% କରିଥିବା ବେଳେ ଏହି ସମୟରେ ବାନାର୍ଜୀ ଟିକସ ହ୍ରାସକୁ ନେଇ ମତ ଦେଇଛନ୍ତି।

### ଗରିବଙ୍କୁ ଦିଅ ଅଧିକ ଅର୍ଥ



ଏଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ବାନାର୍ଜୀ କହିଛନ୍ତି ଯେ, ଦେଶର କର୍ପୋରେଟ ସେକ୍ଟର କହୁଛି ସାମଗ୍ରୀ ବିକ୍ରିବଟା ପାଇଁ ସେମାନଙ୍କ ଲାଗି ଏବେ ବଜାର ସ୍ଥିତି ଠିକ୍ ନାହିଁ। ଏହି ସମୟରେ ସରକାର ଚାହିଦା ବଢାଇବା ସ୍ଥିତିକୁ ସଜାଡିବାକୁ ହେବ। ଉକ୍ତ ସ୍ଥିତି ଆଣିବା ଲାଗି ଲୋକଙ୍କ ହାତକୁ ଅଧିକ ଟଙ୍କା ଆସିବା ଦରକାର। ଏହା ହେଲେ ହିଁ ଲୋକମାନେ ଖର୍ଚ୍ଚ କରିବାକୁ ଅବସର ପାଇବେ। ବର୍ତ୍ତମାନ ଯେଉଁମାନେ ଅର୍ଥ ଖର୍ଚ୍ଚ କରିବାକୁ ଚାହୁଁଛନ୍ତି ଏଭଳି ବ୍ୟବସ୍ଥା ଆଣିବା ଦରକାର, ଯାହା ଦ୍ୱାରା ଲୋକମାନଙ୍କ ପାଖକୁ ପୁଞ୍ଜି ଆଗମନ ହେବ। ଗରିବ ଲୋକଙ୍କ ପାଖକୁ ଅର୍ଥ ଆସିଲେ ସେମାନେ ମଧ୍ୟ ଖର୍ଚ୍ଚ କରିବାକୁ ଆଗଭର ହେବେ। ହେଲେ ଏଥିଲାଗି ଏକ ସୁଚିନ୍ତିତ ଯୋଜନା ସହ ଅଗ୍ରସର ହେବାକୁ ପଡିବ। ଲୋକଙ୍କ ପାଖକୁ ଅର୍ଥ ଆସିଲେ ସେମାନେ ଏହାକୁ ଖର୍ଚ୍ଚ କରିବାର ନଜିର ରହିଛି। ଏହା ଅଧ୍ୟୟନରୁ ମଧ୍ୟ ସାମ୍ନାକୁ ଆସିଛି। ମାତ୍ର ବିଲିୟନେୟାରଙ୍କୁ ଅର୍ଥ ପ୍ରଦାନ କରି ସେମାନେ ଏହାକୁ ଖର୍ଚ୍ଚ କଲେ କି ନହିଁ ତାହା ☞ପୃଷ୍ଠା-୪

## ■ ଦେଢ଼ବର୍ଷ ତଳେ ନିଖୋଜ ଯୁବତୀ ଗୁରୁତର ଅବସ୍ଥାରେ ଉଦ୍ଧାର

# ବଳାତ୍କାର ପରେ ତଣ୍ଟି କାଟିଥିଲେ ପ୍ରେମିକ

- ■ ପୋଲିସ ନିକଟରେ ଲିଖିତ ଅଭିଯୋଗ କଲେ ଯୁବତୀ
- ■ ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର, ପ୍ରେମିକ ଅଟକ

ବଲାଙ୍ଗୀର ଅଫିସ/ଗୁଡଭେଲା, ୪।୧ (ଡି.ଏନ୍.ଏ.)

ଏକ ନାଟକୀୟ ଘଟଣାକ୍ରମରେ ପ୍ରାୟ ଦେଢ଼ବର୍ଷ ତଳେ ନିଖୋଜ ହୋଇଥିବା ଜଣେ ଯୁବତୀ ବଲାଙ୍ଗୀର ଜିଲା ତୁଷରା ଥାନା ଧନପୁର ଗାଁ ନିକଟ ସିକେରପାଟ ଜଙ୍ଗଲ ପାଦଦେଶରୁ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଛନ୍ତି। ସମ୍ପୃକ୍ତ ଯୁବତୀଙ୍କୁ ତାଙ୍କ ପ୍ରେମିକ ଦେଢବର୍ଷକାଳ ରାଜ୍ୟ ବାହାରେ ରଖିବା ଓ ଶେଷରେ ଗାଁକୁ ଫେରାଇ ଆଣି ବଳାତ୍କାର କରିଥିଲେ। ରାସ୍ତାରୁ ହଟାଇବା ପାଇଁ ନିସ୍ଥୁକ ମାଡ ମାରିବା ପରେ ତାଙ୍କ ଗଳା କାଟି ଦେଇଥିଲେ। ସୌଭାଗ୍ୟକୁ ଯୁବତୀ ମରଣମୁହଁରୁ ବଞ୍ଚି ଯାଇଥିଲେ। ସ୍ଥାନୀୟ ଲୋକେ ଏହା ଜାଣିବା ପରେ ତୁଷରା ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରୁ ଗୁରୁତର ଆହତ ଯୁବତୀଙ୍କୁ ଉଦ୍ଧାର କରି ପ୍ରଥମେ ତୁଷରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜକୁ ପଠାଇଥିଲେ । ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ଶନିବାର ବୁର୍ଲା ମେଡିକାଲ ପଠାଯାଇଛି।

ଶୁକ୍ରବାର ବିଳମ୍ବିତ ରାତିରେ ଧନପୁର ଗାଁ ନିକଟରେ ଜଣେ ଯୁବତୀ ଚିତ୍କାର କରୁଥିବା ଶୁଣି ଗାଁର କେତେକ ଲୋକ ତୁଷରା ଥାନାକୁ ଖବର ଦେଇଥିଲେ । ସମ୍ପୃକ୍ତ ଯୁବତୀଙ୍କ ଗଳା କଟାଯାଇଥିବା ଦେଖିବାକୁ ମିଳିଥିଲା। ଏହାପରେ ତୁଷରା ପୋଲିସ ଧନପୁରରେ ପହଞ୍ଚି ଆହତ ଯୁବତୀଙ୍କୁ ଉଦ୍ଧାର କରିଥିଲା । ଯୁବତୀ ଜଣକ କଳାହାଣ୍ଡି ଜିଲା ନର୍ଲା ଥାନା ଅଞ୍ଚଳର ବୋଲି ଜଣାପଡିବା ପରେ ତାଙ୍କ ମାତାପିତାଙ୍କୁ ଖବର ଦିଆଯାଇଥିଲା। ଖବର ପାଇ ଯୁବତୀଙ୍କ ମାତାପିତା ପୋଲିସ ପାଖକୁ ଆସି ଗୁରୁତର ଆହତ ଯୁବତୀ ତାଙ୍କ ଝିଅ ଓ ସେ ପ୍ରାୟ ଦେଢ଼ବର୍ଷ ତଳେ କଲେଜ ପଢ଼ିବାକୁ ଯାଇ ଘରକୁ ଫେରି ନ ଥିଲେ ବୋଲି ଜଣାଇଥିଲେ । ଏ ନେଇ ସେତେବେଳେ ନର୍ଲା ଥାନାରେ ଏକ ନିଖୋଜ ମାମଲା ମଧ୍ୟ ରୁଜୁ କରିଥିବା ଜଣାଇଥିଲେ । କିଭଳି ପରିସ୍ଥିତିରେ ସମ୍ପୃକ୍ତ ଯୁବତୀ ଜଣକ ଧନପୁର ପାଖ ସିକେରପାଟ ଜଙ୍ଗଲ ନିକଟରେ ଗୁରୁତର ଅବସ୍ଥାରେ ମିଳିଲେ ସେନେଇ ତଦନ୍ତ କରିବାକୁ ନିବେଦନ କରିଥିଲେ। ସମ୍ପୃକ୍ତାଙ୍କଠାରୁ ମିଳିଥିବା ସୂଚନା ମୁତାବକ ତୁଷରା ଥାନା ଅଞ୍ଚଳର ଛବିଳ ଭୋଇ ନାମକ ଜଣେ ଯୁବକ ତାଙ୍କୁ ଭଲ ପାଇଥିଲେ। ତାଙ୍କ କଥାରେ ପ୍ରାୟ ଦେଢ଼ବର୍ଷ ତଳେ ସେ ତାମିଲନାଡୁ ପଳାଇଥିଲେ । ସେଠାରେ କିଛି ମାସ କାମ କରିବା ପରେ ଘରକୁ ଯିବା ଓ ବିବାହ କରିବା କହି ଯୁବତୀଙ୍କୁ ଗତ ଗୁରୁବାର ଛବିଳ ବଲାଙ୍ଗୀର ନେଇ ଆସି ତାଙ୍କର ଜଣେ ସମ୍ପର୍କୀୟ ଭିଣୋଇଙ୍କ ଘରକୁ ନେଇଥିଲେ । ଶୁକ୍ରବାର ରାତିରେ ନିଜ ଘରକୁ ଯିବା କହି ଯୁବତୀଙ୍କୁ ବଲାଙ୍ଗୀରରୁ ସିକେରପାଟ ଜଙ୍ଗଲ ଭିତରକୁ ନେଇ ଯାଇ ସେଠାରେ ବଳାତ୍କାର କରିଥିଲେ। ପରେ ନିସ୍ଥୁକ ମାଡ ମାରି ହତ୍ୟା କରିବା ଉଦ୍ଦେଶ୍ୟରେ ଗଳା କାଟି ଦେଇଥିବା ଯୁବତୀ ଜଣକ ଏକ କାଗଜରେ ଲେଖି ପୋଲିସକୁ ଦେଇଛନ୍ତି । ଗଳା କାଟିବା ପରେ ଯୁବତୀ ଜଣକ ଚେତାଶୂନ୍ୟ ହୋଇଯିବାରୁ ସେ ମରିଗଲା ଭାବି ଛବିଳ ସେଠାରୁ ଫେରାର ହୋଇଯାଇଥିବା ସେ ସୂଚନା ଦେଇଛନ୍ତି। ବିଳମ୍ବିତ ରାତିରେ ଯୁବତୀଙ୍କ ଚେତା ଫେରିବା ପରେ ନିକଟସ୍ଥ ଧନପୁର ଗାଁକୁ ଆସି ଲୋକଙ୍କୁ ସହାୟତା ମାଗିଥିଲେ ଓ ଲୋକେ ଏନେଇ ପୋଲିସକୁ ଜଣାଇଥିଲେ । ଏହି ଘଟଣା ପରେ ତୁଷରା ଥାନା ପୋଲିସ ଛବିଳ ଭୋଇଙ୍କୁ ଅଟକ ରଖି ପଚରାଉଚରା କରୁଛି । ଥାନାରେ ମାମଲା ରୁଜୁ ହୋଇ ନ ଥିବା କହି ଅଧିକ ସୂଚନା ଦେବାକୁ ତୁଷରା ପୋଲିସ ମନା କରିଦେଇଛି।

## ଆଜିର ସମ୍ପାଦକୀୟ

### ବିଶ୍ୱ ନଜରରେ ଭାରତ

## ଆଜିର ମନ୍ତବ୍ୟ

"ନାନକାନା ସାହିବ ଗୁରୁଦ୍ୱାର ଉପରେ ଆକ୍ରମଣ ପାକିସ୍ତାନରେ ସଂଖ୍ୟାଲଘୁଙ୍କ ପ୍ରତି ଅତ୍ୟାଚାରର ଉଦାହରଣ।

-ଜୟରାମ ଠାକୁର, ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ


Taste the difference! Vencobb FRESH CHICKEN

04.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 87 | 141 | 151 |
| CTC | 87 | 141 | 151 |
| DKL | 88 | 142 | 152 |
| BDK | 87 | 141 | 151 |
| BLS | 87 | 141 | 151 |
| ANG | 88 | 142 | 152 |
| BHM | 87 | 141 | 151 |

*Conditions Apply

Issued in the Interest of Consumers


# ଓଡ଼ିଶାରେ ଚାଲିଛି ୪୯,୯୮୪ କୋଟିର ରେଳ ପ୍ରକଳ୍ପ

- ■ ୧୦ ନୂଆ ଲାଇନ, ୨୫ ଦୋହରୀକରଣ
- ■ ଖର୍ଚ୍ଚ ହେଲାଣି ୮୨୪୬ କୋଟି

ଭୁବନେଶ୍ୱର, ୪।୧(ବ୍ୟୁରୋ)

ରେଳ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟରେ ୩୬ ପ୍ରକଳ୍ପ ଅଧୀନରେ ୪୫୬୭ କିଲୋମିଟର ରେଳପଥ କାର୍ଯ୍ୟ ଜାରି ରହିଛି। ଏହି ସମସ୍ତ ପ୍ରକଳ୍ପର ମୂଲ୍ୟ ୪୯,୯୮୪ କୋଟି ଟଙ୍କା। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ କେତେକ ସମ୍ପୂର୍ଣ୍ଣଭାବେ ଓଡ଼ିଶାର ହୋଇଥିବାବେଳେ ଅନ୍ୟ କେତେକ ପ୍ରକଳ୍ପ ଆଂଶିକ ଓଡ଼ିଶାରେ ପଡୁଛି। ଏହା ମଧ୍ୟରେ ରହିଛି ୧୦ଟି ନୂଆ ରେଳଲାଇନ, ଯାହାର ଦୈର୍ଘ୍ୟ ୧,୨୬୯ କିଲୋମିଟର। ଏହି ପ୍ରକଳ୍ପଗୁଡ଼ିକ ପାଇଁ ୧୬,୫୯୮ କୋଟି ଟଙ୍କାର ବ୍ୟୟବରାଦ ରହିଛି। ୨୦୧୯ ମାର୍ଚ୍ଚ ସୁଦ୍ଧା ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରୁ ୮୦ କିଲୋମିଟର ଦୈର୍ଘ୍ୟ ରେଳପଥର କାର୍ଯ୍ୟ ସରିଛି। ଏଥିସହିତ ଉପରୋକ୍ତ ସମୟସୀମା ମଧ୍ୟରେ ୪୨୬୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି। ନିକଟରେ ସମାପ୍ତ ହୋଇଥିବା ଶୀତ ଅଧିବେଶନରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଏହି ତଥ୍ୟ ପ୍ରଦାନ କରାଯାଇଛି। ପାର୍ଲାମେଣ୍ଟର ରାଜ୍ୟ ସଭାରେ ବିଜେଡି ସଦସ୍ୟ ସସ୍ମିତ ପାତ୍ରଙ୍କ ଦ୍ୱାରା ଗତ ଡିସେମ୍ବର ୧୩ରେ ତାରକା ଚିହ୍ନିତ ପ୍ରଶ୍ନ ସଂଖ୍ୟା ୨୮୩ର ଉତ୍ତରରେ ଏହି ତଥ୍ୟ ଉଲ୍ଲେଖ କରାଯାଇଛି।

ରେଳ ମନ୍ତ୍ରଣାଳୟର ପିଙ୍କ୍ ବୁକ୍‌ରେ କେଉଁ ପ୍ରକଳ୍ପ ଓଡ଼ିଶାରେ କାର୍ଯ୍ୟକାରୀ ହେବା ପାଇଁ ସ୍ଥାନିତ କରାଯାଇଛି, ଏଯାବତ୍ କେଉଁଟି କାର୍ଯ୍ୟକାରୀ ହୋଇନାହିଁ, କେଉଁ ପ୍ରକଳ୍ପକୁ ପିଙ୍କ୍ ବୁକ୍‌ରୁ ବାଦ୍ ଦିଆଯାଇଛି, ସେ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ମନ୍ତ୍ରୀ ପୀୟୂଷ ଗୋୟଲ ଉପରୋକ୍ତ ତଥ୍ୟ ଏବଂ ଆନୁଷଙ୍ଗିକ ପରିସଂଖ୍ୟାନ ପ୍ରଦାନ କରିଛନ୍ତି। କେନ୍ଦ୍ର ମନ୍ତ୍ରୀଙ୍କ ପ୍ରଦତ୍ତ ତଥ୍ୟରୁ ଜଣାପଡିଛି ଯେ, ୧ ଗଜ କନଭରସନ(ଜିସି) ପ୍ରକଳ୍ପ ଯାହା ୧୪୦ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ। ଏଥିପାଇଁ ୧୩୪୯ କୋଟି ଟଙ୍କାର ବ୍ୟୟବରାଦ ରହିଥିବା ବେଳେ ତନ୍ମଧ୍ୟରୁ ୯୦ କିଲୋମିଟର କାର୍ଯ୍ୟ ହେବା ସହ ୧୯୧ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି। ରାଜ୍ୟରେ ପ୍ରାୟ ୨୫ଟି ରେଳଲାଇନ ଦୋହରୀକରଣ ହେବାକୁ ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପର ମୋଟ ଦୈର୍ଘ୍ୟ ୩୧୫୯ କିଲୋମିଟର ରହିଛି। ଏଥିପାଇଁ ମନ୍ତ୍ରଣାଳୟ ପକ୍ଷରୁ ୩୨,୦୩୭ କୋଟି ଟଙ୍କାର ବ୍ୟୟବରାଦ ରହିଛି। ତନ୍ମଧ୍ୟରୁ ଗତବର୍ଷ ମାର୍ଚ୍ଚ ସୁଦ୍ଧା ୪୯୪ କିଲୋମିଟର ଦୋହରୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ସହ ୮୨୪୬ କୋଟି ଟଙ୍କାର ଅର୍ଥ ଖର୍ଚ୍ଚ କରାଯାଇଛି। ପିଙ୍କ୍ ବୁକ୍‌ରୁ କୌଣସି ପ୍ରକଳ୍ପକୁ ବାଦ୍ ଦିଆଯାଇ ନ ଥିବା ମନ୍ତ୍ରଣାଳୟ ପକ୍ଷରୁ ଉଲ୍ଲେଖ କରାଯାଇଛି। ବିଳମ୍ବିତ ରେଳ ପ୍ରକଳ୍ପ ନେଇ ଜମି ଅଧିଗ୍ରହଣ, ପରିବେଶ ଏବଂ ଜଙ୍ଗଲ ମଞ୍ଜୁରୀ ଓ ଅନ୍ୟାନ୍ୟ କାରଣକୁ ଦାୟୀ କରାଯାଇଛି। ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିଭଳି ରେଳପଥ ସମ୍ପର୍କିତ ଖର୍ଚ୍ଚର ରାଜ୍ୟ ଅଂଶ ବାବଦକୁ ଓଡ଼ିଶା ୧୪୪ କୋଟି ଟଙ୍କା ଦାଖଲ କରିବ ବୋଲି ଜଣାପଡିଛି।

ଉଲ୍ଲେଖଯୋଗ୍ୟ, ପୂର୍ବାପେକ୍ଷା ଓଡ଼ିଶାକୁ ରେଳପଥ ଅନୁଦାନ ବୃଦ୍ଧି ନେଇ ମଧ୍ୟ ଉଲ୍ଲେଖ କରାଯାଇଛି। ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ୨୦୧୪-୧୫ରୁ ୨୦୧୮-୧୯ ଆର୍ଥିକ ବର୍ଷରେ ୪୧୨୬ କୋଟି ଟଙ୍କାର ଅନୁଦାନ ମିଳିଛି। ଅପରପକ୍ଷରେ ୨୦୦୯-୧୦ରୁ ୨୦୧୩-୧୪ରେ ୮୩୮ କୋଟି ଟଙ୍କାର ଅନୁଦାନ ମିଳିଛି। ୨୦୧୪-୧୯ ମଧ୍ୟରେ ମିଳିଥିବା ଅନୁଦାନର ପରିମାଣ ୨୦୦୯-୧୪ ମଧ୍ୟରେ ମିଳିଥିବା ଅନୁଦାନର ପରିମାଣଠାରୁ ୪୯୨%କୁ ବୃଦ୍ଧି ପାଇଥିବା କୁହାଯାଇଛି।



“ ବ୍ୟକ୍ତିଗତ ଦୂରଭାଷିତ ଯନ୍ତ୍ରରୁ ହସ୍ତ ଉତ୍ପାଦିତ ସ୍ୱଚିତ୍ରକୁ ସେଲ୍‌ଫି କହନ୍ତି।

-ଅମିତାଭ୍ ବଚ୍ଚନ
ବଲିଉଡ୍ ସୁପରଷ୍ଟାର



# ୭ ବର୍ଷ ପରେ ଘର ବାହୁଡ଼ା



**ଉଦ୍ଧମସିଂ ନଗର:** ପରିବାର ପକ୍ଷରୁ ମୃତ ବୋଲି ଧରିନିଆଯାଇଥିବା ଜଣେ ବ୍ୟକ୍ତିଙ୍କ ବଞ୍ଚିବା ଖବର ମିଳିଲା ପୁରୁଣା ବର୍ଷର ଶେଷ ଦିନରେ ଆଉ ପରିବାର ତାଙ୍କୁ ପାଇଲା ଠିକ୍ ନୂଆବର୍ଷର ପ୍ରଥମ ଦିନରେ। ଏମିତି ଏକ ଘଟଣା ସାମ୍ନାକୁ ଆସିଛି ଉତ୍ତରାଖଣ୍ଡରେ। ୨୦୧୩ର କେଦାରନାଥ ବିପର୍ଯ୍ୟୟ ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା। ଏଥିରେ ଅନେକ ଲୋକଙ୍କ ପ୍ରାଣହାନି ଘଟିଥିଲା। ଉଦ୍ଧମସିଂ ନଗର ଜିଲା ସିତାରଗଞ୍ଜର ଜମିଲ ଅହମ୍ମଦ ଅନ୍‌ସାରିଙ୍କର ମୃତ୍ୟୁ ଘଟିନଥିଲା, କିନ୍ତୁ ସେ ନିଖୋଜ ହୋଇଯିବାରୁ ପରବାର ଲୋକେ ତାଙ୍କର ମୃତ୍ୟୁ ଘଟିଥିବା ଧରିନେଇଥିଲେ। ଏହାପରେ ଜମିଲଙ୍କ ସ୍ତ୍ରୀ ମୋବିନ୍ ଅନ୍‌ସାରି ବିଧବା ଜୀବନ ବିତାଉଥିଲେ। ୭ ବର୍ଷ ପରେ ୬୫ ବର୍ଷୀୟ ଜମିଲ ଏବେ ପରିବାରକୁ ଫେରିଛନ୍ତି । ପରିବାରର ଖୁସି କହିଲେ ନସରେ। କେଦାରନାଥ ବିପର୍ଯ୍ୟର ପରେ ଚମୋଲି ଜିଲାରେ ‘ଅପରେଶନ୍ ସ୍ମାଇଲ୍’ ଚଳାଉଥିବା ଏସ୍‌ଆଇ ନିତିନ ବିଷ୍ଟ କୁହନ୍ତି, ୨୦୧୩ରେ ଲମ୍ବାଗଡ଼ରେ ଦିନମଜୁରିଆ ଭାବେ କାର୍ଯ୍ୟ କରୁଥିଲେ ଜମିଲ। ବିପର୍ଯ୍ୟୟ ଆସିବା ପରେ ସେ ଅଲକାନନ୍ଦା ନଦୀରେ ଭାସିଯାଇ ତାଙ୍କ ସ୍ମରଣଶକ୍ତି ହରାଇବସିଥିଲେ। ଏହାପରେ ସେ ଗୋପେଶ୍ୱର ଆଶ୍ରୟସ୍ଥଳୀରେ ରହିଥିବା ସମୟରେ ପୋଲିସ ଅଧିକାରୀମାନେ ତାଙ୍କ ସହ କଥା ହୋଇ ତାଙ୍କ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ପରେ ଜମିଲଙ୍କ ଭଣଜା ତାଙ୍କୁ ଚିହ୍ନିବା ପରେ ୨୦୧୯ର ଠିକ୍ ଶେଷ ଦିନ ଅର୍ଥାତ୍ ୩୧ ଡିସେମ୍ବରରେ ମୋବିନ୍‌ଙ୍କ ଫୋନ୍‌କୁ ଏକ ଭିଡିଓ କଲ୍ ଆସିଥିଲା। ଏହାଥିଲା ତାଙ୍କ ପତି ଜମିଲ୍‌ଙ୍କର। ଠିକ୍ ୧ ଜାନୁୟାରୀ ୨୦୨୦ରେ ଜମିଲଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିଲା।

# ସବୁଠୁ ବଡ଼ ‘ରାଫ୍ଲେସିଆ’

**ମେଦାନ:** ପ୍ରକୃତିର ଅନ୍ୟତମ ବିସ୍ମୟ ହେଉଛି ଫୁଲ। ସବୁ ସମୟରେ ସବୁ ବର୍ଗର ଲୋକଙ୍କ ଭିତରେ ଫୁଲକୁ ନେଇ ଥାଏ ଖାସ୍ ଆକର୍ଷଣ। ହେଲେ ପୃଥିବୀର ସର୍ବବୃହତ୍ ଫୁଲ ବିଷୟରେ ଜାଣନ୍ତି କି? ଇଣ୍ଡୋନେସିଆର ପଶ୍ଚିମ-ମଧ୍ୟ ସୁମାତ୍ରାର ଘଞ୍ଚ ଜଙ୍ଗଲରେ ଫୁଟିଛି ବୃହତ୍‌କାୟ ଫୁଲ ରାଫ୍ଲେସିଆ। ଏହି ଫୁଲ ୪ ବର୍ଗଫୁଟ ପରିମିତ ଅଞ୍ଚଳରେ ପାଖୁଡ଼ା ମେଲାଇଛି। ସେଠାକାର ଜଣେ ବନ୍ୟପ୍ରାଣୀ ଅଧିକାରୀଙ୍କ କହିବା କଥା, ଏହା ହେଉଛି ଅଦ୍ୟାବଧି ଆବିଷ୍କାର କରାଯାଇଥିବା ଫୁଲ ମଧ୍ୟରେ ସବୁଠାରୁ ବଡ଼। ଏଥିପୂର୍ବରୁ ୨୦୧୭ରେ ଏକ ବଡ଼ ରାଫ୍ଲେସିଆ ଫୁଲ ଫୁଟିଥିଲା, ଯାହା ୩ ବର୍ଗଫୁଟ ଚଉଡ଼ା ଏବଂ ୧୨ କେଜି ଓଜନ ବିଶିଷ୍ଟ ଥିଲା। ବୈଜ୍ଞାନିକଙ୍କ କହିବା ଅନୁଯାୟୀ, ପୃଥିବୀର ବଡ଼ ଫୁଲ ଭାବେ ଅନେକ ରେକର୍ଡର ଅଧିକାରୀ ରାଫ୍ଲେସିଆ। ହେଲେ ଏତେ ବଡ଼ଫୁଲ ଆଗରୁ କେବେ ଦେଖାଦେଇ ନ ଥିଲା। ଏହାର ରଙ୍ଗ ହାଲ୍‌କା କେଶରୀ ଏବଂ ଧଳା ମିଶ୍ରିତ। ଉଭୟ ମାଈ ଏବଂ ଅଣ୍ଡିରା ପ୍ରଜାତିର ଏହି ଫୁଲ ପରଜୀବୀ। ଏହାର ପତ୍ର କିମ୍ବା ଚେର ନାହିଁ। ଜୀବନଧାରଣ ପାଇଁ ଅନ୍ୟ ଗଛର ପୋଷଣ ଉପରେ ନିର୍ଭର କରିଥାଏ। ରାଫ୍ଲେସିଆର ଆଭ୍ୟନ୍ତରୀଣ ଅଙ୍ଗ ବେଶ୍ ଜଟିଳ। ଏହା ୫ ଭାଗରେ ବିଭକ୍ତ। ଏହାର ପରାଗଥଳି ତଳକୁ ଏକ ଅଠାଳିଆ ପଦାର୍ଥ ଅନବରତ ଝରୁଥାଏ। ଏହା ଭିତରୁ ବାହାରୁଥିବା ଉତ୍କଟ ଗନ୍ଧରେ କୀଟପତଙ୍ଗ ଟାଣିହୋଇଆସନ୍ତି। ଭିତରେ ପ୍ରବେଶ ମାତ୍ରକେ ଅଠାରେ ଲାଗି ପ୍ରାଣ ହରାଇଥାନ୍ତି। ତେଣୁ ଏହାକୁ ସ୍ଥାନୀୟ ଲୋକେ ‘ମୃତକଙ୍କ ଫୁଲ’ ବୋଲି କହିଥାନ୍ତି। ବର୍ଷର ସବୁ ସମୟରେ ଏହି ଫୁଲ ଦେଖିବାର ସୁଯୋଗ ମିଳେନାହିଁ। ସାଧାରଣତଃ ଅକ୍ଟୋବରରୁ ମାର୍ଚ୍ଚ ଯାଏ ଏହି ଫୁଲ କ୍ୱଚିତ ଦେଖିବାକୁ ମିଳେ। ଫୁଲ ଥରେ ଫୁଟିଲେ ୬୫ ଦିନ ଯାଏ ରହିଥାଏ। ଏହା ମରିବା ଆଗରୁ କଳା ପଡ଼ିଯାଏ। ଉତ୍କଟ ଗନ୍ଧ ସହ ଏହା ମରିଯାଏ।



# ପୋଷଣରେ ଭରପୂର ମିଲେଟ୍‌ସ୍



## ସ୍ୱାସ୍ଥ୍ୟ ପାଇଁ ବରଦାନ

**ନୂଆଦିଲ୍ଲୀ:** ମିଲେଟ୍‌ସ୍ ବିଷୟରେ ପୂର୍ବରୁ ଲୋକେ ଜାଣିଥିଲେ ମଧ୍ୟ ଏଥିରେ ଥିବା ପୋଷକତତ୍ତ୍ୱ ବିଷୟରେ ଲୋକେ ସଚେତନ ନ ଥିଲେ। ହେଲେ ମିଲେଟ୍ ମିଶନ୍‌ରେ ବ୍ୟାପକ ପ୍ରଚାର ପ୍ରସାର ଯୋଗୁ ଲୋକେ ଏ ସମ୍ପର୍କରେ ଜାଣିଲେଣି। ଏହା ଏକ ଅଣଧାନ ଶସ୍ୟ। ବିଭିନ୍ନ ପ୍ରକାର ମିଲେଟ୍‌ସ୍ ରହିଥିଲେ ମଧ୍ୟ ମାଣ୍ଡିଆ, ବାଜରା, ସୁଆଁ, ଜୋଓ୍ୱାର୍, ରାଜଗିରା, କାଙ୍ଗୁ, ଚିନା ଆଦି ବିଷୟରେ ଲୋକେ ଅଧିକ ଜାଣନ୍ତି। ଧାନ, ଗହମ ଭଳି ଏଗୁଡ଼ିକ ମଧ୍ୟ ଏକପ୍ରକାର ଶସ୍ୟ ଅଟେ। ଏଗୁଡ଼ିକ ଛୋଟ ଛୋଟ ଦାନା ହୋଇଥାଏ। ଭାରତରେ ଲୋକେ ଧାନ ଓ ଗହମ ପ୍ରମୁଖ ଖାଦ୍ୟଭାବେ ଗ୍ରହଣ କରିଥାନ୍ତି। ହେଲେ ଏହା ଅପେକ୍ଷା ମିଲେଟ୍‌ସ୍‌ରେ ପୋଷକତତ୍ତ୍ୱ ଭରପୂର ରହିଛି। ବିଭିନ୍ନ ରଙ୍ଗ ଏବଂ ଆକାରରେ ମିଳୁଥିବା ଏହି ଶସ୍ୟରେ ପ୍ରୋଟିନ୍, କ୍ୟାଲ୍‌ସିୟମ୍, ଆଇରନ୍, ପୋଟାସିୟମ୍, ମ୍ୟାଗ୍ନେସିୟମ୍, ଜିଙ୍କ୍, ଭିଟାମିନ୍ ବି ରହିଛି। ଏହା ବ୍ୟତୀତ ମିଲେଟ୍‌ସ୍ ଗ୍ଲୁଟେନ୍-ଫ୍ରି ଅଟେ। ମହତ୍ତ୍ୱପୂର୍ଣ୍ଣ ବିଷୟ ହେଲା, ଗହମରେ ଆଲର୍ଜି ଥିବା ଲୋକ, ମଧୁମେହ ରୋଗୀଙ୍କ ପାଇଁ ଏହା ଉପଯୋଗୀ। ତେଣୁ ସୁସ୍ଥ ରହିବା ପାଇଁ ଏହାକୁ ନିଜର ଦୈନନ୍ଦିନ ଖାଦ୍ୟରେ ନିଶ୍ଚୟ ସାମିଲ କରନ୍ତୁ। ମିଲେଟ୍‌ସ୍‌କୁ ଭାତ ଭଳି ପ୍ରସ୍ତୁତ କରି ଡାଲି ଓ ସମ୍ବର୍ ସହ ଖାଇପାରିବେ। ଏହା ବ୍ୟତୀତ ବିଭିନ୍ନ ପ୍ରକାର ଦୋସା, ଇଡ୍‌ଲି, ଉପ୍‌ମା,ପଲାଉ, ମିଠା, କେକ୍ ଆଦି ପ୍ରସ୍ତୁତ କରି ଖାଦ୍ୟରେ ସାମିଲ କରିପାରିବେ।

# ସରନେମ୍ ଲାଗି ଦମ୍ପତି କଏନ୍ ଟସ୍ ପକାଇଲେ



**ମାୟାମି:** ସାଧାରଣତଃ ବିବାହ ପରେ ସ୍ୱାମୀଙ୍କ ସରନେମ୍ ସ୍ତ୍ରୀମାନେ ବ୍ୟବହାର କରିଥାନ୍ତି। ତେବେ ନିକଟରେ ଫ୍ଲୋରିଡ଼ାରେ ଏକ ରୋଚକ ଘଟଣା ଘଟିଛି। ଏଠାରେ ଥିବା ଚର୍ଚ୍ଚରେ କନ୍ୟା-ବର ବିବାହ କରିବାକୁ ପହଞ୍ଚିଥିଲେ। ସେଠାରେ ବିବାହ ପରେ କିଏ କାହାର ସରନେମ୍ ବ୍ୟବହାର କରିବେ ସେ ନେଇ କଏନ୍ ଟସ୍ ପଡ଼ିଥିଲା। ଏବେ ଏହି ଘଟଣା ସୋସିଆଲ୍ ମିଡ଼ିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ବିବାହ କରିବାକୁ ଚର୍ଚ୍ଚରେ ପହଞ୍ଚିଥିବା ବର ଜେଫ୍ କୋନ୍‌ଲେ ଏବଂ କନ୍ୟା ଡାର୍ସୀ ଓ୍ୱାର୍ଡ ଏପରି କରିଛନ୍ତି। ବିବାହ ପରେ କାହାର ସରନେମ୍ ବ୍ୟବହାର କରାଯିବ ସେନେଇ ଏକ କଏନ୍‌ର ଉଭୟ ପାର୍ଶ୍ୱରେ ଡାର୍ସୀ ଏବଂ କୋନ୍‌ଲେ ଲେଖାଯାଇ ଏହାକୁ ଟସ୍ କରାଯାଇଥିଲା। ଏଥିରେ ଫଳାଫଳ ଭାବେ ଡାର୍ସୀଙ୍କ ସରନେମ୍ ଆସିଥିଲା। ତେଣୁ ନବବିବାହିତ ଯୋଡ଼ା ସେମାନଙ୍କ ସରନେମ୍‌ରେ ଡାର୍ସୀ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଥିଲେ। ଉପସ୍ଥିତ ବନ୍ଧୁବାନ୍ଧବ ଓ ପରିବାର ବର୍ଗ ସେମାନଙ୍କୁ ମିଷ୍ଟର ଓ ମିଷ୍ଟ୍ରେସ୍ ଡାର୍ସୀ ଭାବେ ଅଭିନନ୍ଦନ ଜଣାଇଥିଲେ। ଜେଫ୍ ଫ୍ଲୋରିଡ଼ା କଲେଜରେ ଅର୍ଥଶାସ୍ତ୍ର ପ୍ରଫେସର ଭାବେ କାର୍ଯ୍ୟ କରୁଥିବାବେଳେ ଡାର୍ସୀ ଜଣେ ନର୍ସ ଭାବରେ ସ୍ଥାନୀୟ ହସ୍ପିଟାଲରେ ଲୋକଙ୍କ ସେବା କରୁଛନ୍ତି।

# ‘ସଞ୍ଜୀବନୀ-୨’ ଛାଡ଼ିଲେ ଆରତି



**ମୁମ୍ବାଇ:** ଟିଭି ସିରିୟଲ’ ‘ସଞ୍ଜୀବନୀ-୨’ରେ ମୁଖ୍ୟ ଭୂମିକାରେ ଥିଲେ ଅଭିନେତ୍ରୀ ଆରତି ବହଲ। ଏଥିରେ ଅଭିନୟ କରିବାର ୩ ମାସ ବି ପୂରଣ ହୋଇନି ତାଙ୍କର। ମାତ୍ର ଏବେ ଏହି ଧାରାବାହିକକୁ ସେ ଗୁଡ୍‌ବାୟ କହିଦେଇଛନ୍ତି। ତାଙ୍କୁ ଏକ ସାକ୍ଷାତକାରରେ ଯେତେବେଳେ ପଚରାଗଲା ସିରିୟଲ କାହିଁକି ଛାଡ଼ିଦେଲେ, ସେ ଏହାର ଉତ୍ତରରେ କହିଥିଲେ ଟେଲି ଜଗତରେ ଏହା ନୂଆ କଥା ନୁହେଁ, ଆମର ବୃତ୍ତି ହିଁ ସେଇୟା। ତେଣୁ ସିରିୟଲ ଛାଡ଼ିବାରେ ଅସୁବିଧା କେଉଁଠି? ଅନ୍ୟପକ୍ଷରେ ନିର୍ମାତା ସିଦ୍ଧାର୍ଥ ମାଲହୋତ୍ରା କୁହନ୍ତି, ଏହା ଦୁର୍ଭାଗ୍ୟପୂର୍ଣ୍ଣ ଥିଲା। ସମସ୍ତେ ଜାଣିଛନ୍ତି ଅଭିନୟ ଜଗତରେ ଏମିତି ହୁଏ। ଏହା କିଛି ବଡ଼ କଥା ନୁହେଁ, ଆରତିଙ୍କ ଯୋଗ୍ୟତା ଏବଂ ତାଙ୍କର କଠିନ ପରିଶ୍ରମକୁ ବି ମୁଁ ଅପଚୟ କରିବାକୁ ଚାହୁଁନି। ମୋ’ ଶୋ’ର ପୂରା ଧ୍ୟାନ ଏବେ ସିଡ୍(ନମିତ୍ ଖାନ୍ନା) ଏବଂ ଈଶାନୀ(ସୁରଭି ଚନ୍ଦନା)ଙ୍କ ଉପରେ ରହିଛି। ଆରତି ଛାଡ଼ିବା ପରେ ଏବେ ଏହି ସ୍ଥାନ ପୂରଣ କରିବା ପାଇଁ ଅଭିନେତ୍ରୀ ସୀମା ପାଣ୍ଡେ ଆସିବେ। ସବୁଠୁ ବଡ଼ କଥା ହେଲା ସୀମା ସିରୟଲର ଯେଉଁ କାହାଣୀଠାରୁ ଏଣ୍ଟ୍ରି କରିବେ ସେ ବିଷୟରେ ସମସ୍ତ ପ୍ରସ୍ତୁତ ସରିଛି।



# ଶ୍ରୀଦେବୀଙ୍କ ମୃତ୍ୟୁର କାରଣ ଥିଲା ବ୍ଲଡ୍‌ପ୍ରେସର

**ମୁମ୍ବାଇ:** ଦିବଂଗତ ଅଭିନେତ୍ରୀ ଶ୍ରୀଦେବୀ ବାଥ୍‌ଟବ୍‌ରେ ବୁଡ଼ି ପ୍ରାଣ ହରାଇଥିବା ଘଟଣାକୁ ତାଙ୍କ ପ୍ରଶଂସକମାନେ ସହଜରେ ଗ୍ରହଣ କରି ପାରି ନ ଥିଲେ। ଏନେଇ ସେତେବେଳେ ନାନା ପ୍ରଶ୍ନ ଉଙ୍କି ମାରିଥିଲା। କିନ୍ତୁ ଏବେ ଏହି ଘଟଣାର ପ୍ରକୃତ କାରଣ ସାମ୍ନାକୁ ଆସିଛି। ଶ୍ରୀଦେବୀଙ୍କ ଜୀବନୀ ଉପରେ ‘ଶ୍ରୀଦେବୀ: ଦ ଏଟର୍ନାଲ ଗଡେସ୍’ ଲେଖିଥିବା ପୁସ୍ତକର ଲେଖକ ସତ୍ୟାର୍ଥ ନାୟକ ଏ ସମ୍ପର୍କରେ ତାଙ୍କ କଲମ ମୁନରେ ଏହାର ପର୍ଦ୍ଦାଫାଶ କରିଛନ୍ତି। ଶ୍ରୀଦେବୀଙ୍କର ଲୋ-ବ୍ଲଡ୍‌ପ୍ରେସର ଥିଲା। ଏ ସମ୍ପର୍କରେ ଲେଖକ ଶ୍ରୀଦେବୀଙ୍କ କେତେକ ସମ୍ପର୍କୀୟଙ୍କ ମତ ମଧ୍ୟ ନେଇଛନ୍ତି। ସେମାନେ କହିଛନ୍ତି, ତାଙ୍କର ଲୋ-ବ୍ଲଡ୍‌ପ୍ରେସର ଥିଲା। ସେ ବାଥରୁମ୍ ଯାଇଥିବା ସମୟରେ ବାଥ୍‌ଟବ୍‌ରେ ପଡ଼ିଯାଇଥିଲେ। ଏହା ପରେ ସ୍ୱାମୀ ବୋନି କପୁର ତାଙ୍କୁ ଅଚେତ ଅବସ୍ଥାରେ ଦେଖିଥିଲେ। ମାତ୍ର କେରଳର ଡିଜିପି କହିଥିଲେ, ଶ୍ରୀଦେବୀଙ୍କ ମୃତ୍ୟୁ ସାଧାରଣ ନୁହେଁ, ଏହା ଏକ ହତ୍ୟାକାଣ୍ଡ। ସେହିପରି ମୃତ୍ୟୁ ପ୍ରମାଣପତ୍ରରେ ଆଘାତ ଲାଗି ମୃତ୍ୟୁ ଘଟିଥିବା ଡାକ୍ତର ଦର୍ଶାଇଥିଲେ। ଏ ସମସ୍ତ କଥା ପ୍ରଶଂସକଙ୍କୁ ଦ୍ୱନ୍ଦ୍ୱରେ ପକାଇଥିଲା। ତେଣୁ ଲେଖକଙ୍କ ଦ୍ୱାରା ଏହି ରହସ୍ୟ ଉପରୁ ପରଦା ହଟିଛି। ଉଲ୍ଲେଖଯୋଗ୍ୟ, ଦୁବାଇର ଏକ ହୋଟେଲ ବାଥ୍‌ଟବ୍‌ରେ ଶ୍ରୀଦେବୀ ପଡ଼ି ଯାଇଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗି ପ୍ରଚୁର ରକ୍ତ ବହୁଥିଲା। ସ୍ମରଣଯୋଗ୍ୟ, ୫୪ ବର୍ଷ ବୟସରେ ୨୪ ଫେବୃୟାରୀ ୨୦୧୮ରେ ଶ୍ରୀଦେବୀଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ସେତେବେଳେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା।




**ମୁଜାଫର୍‌ପୁର:** ବିହାରର ରାଜେନ୍ଦ୍ର ପ୍ରସାଦ କୃଷି ବିଶ୍ୱବିଦ୍ୟାଳୟ ଗବେଷକମାନେ ମାଛ ବ୍ୟବସାୟୀଙ୍କ ହିତକୁ ନଜରରେ ରଖି ଏକ ଫିସ୍ କାର୍ଟ ବା ମାଛ ଗାଡି ତିଆରି କରିଛନ୍ତି। ଏହି ମାଛ ଗାଡିର ନାମ ରଖାଯାଇଛି ରାଜେନ୍ଦ୍ର ମତ୍ସ୍ୟବନ୍ଧୁ। ଏଥିରେ ବିନା ବରଫରେ ୧୫ ଦିନଯାଏ ମାଛ ତାଜା ରହୁଛି। ମାଇନସ୍ ୨୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରାରେ ମାଛ ରହିବାର ବ୍ୟବସ୍ଥା ରଖାଯାଇଛି ଏହି ଗାଡିରେ। ତିନି ଚକିଆ ରିକ୍ସାରେ ଲଗାଯାଇଥିବା ବକ୍ସରେ ଏକ ମେଶିନ୍ ଲଗାଯାଇଛି। ବକ୍ସକୁ ମାଇନସ୍ ୨୦ ଡିଗ୍ରୀରେ ରଖିବାର କ୍ଷମତା ରହିଛି ଏହି ମେଶିନ୍‌ର ଓ ବକ୍ସରେ ମାଛ ରଖାଯିବାର ବ୍ୟବସ୍ଥା କରାଯାଇଛି । ଏହି ବକ୍ସ ଉପର ଭାଗରେ ସୋଲାର୍ ପ୍ୟାନେଲ ମଧ୍ୟ ଲଗାଯାଇଛି। ସୋଲାର୍ ପ୍ୟାନେଲରୁ ମିଳୁଥିବା ବିଦ୍ୟୁତ୍‌ରେ ବ୍ୟାଟେରି ଚାର୍ଜ ହୋଇ ମେଶିନ୍ ଚାଲୁଛି। ସାଧାରଣତଃ ଗାଁ ଗହଳିରେ ଗରିବ ମାଛ ବ୍ୟବସାୟୀମାନେ ବରଫରେ ରଖୁଥିବା ମାଛ ବିକ୍ରି ନ ହୋଇପାରିଲେ ତାହା ଦୁଇ କି ତିନି ଦିନରେ ନଷ୍ଟ ହୋଇଯାଏ। ଏହି ସମସ୍ୟା ସୁଧାରିବାରେ ରାଜେନ୍ଦ୍ର ମତ୍ସ୍ୟବନ୍ଧୁ ସାହାଯ୍ୟ କରିବ ଓ ଗାଡିରେ ମାଛ ରଖିବା ଲାଗି ଅତିରିକ୍ତ ଖର୍ଚ୍ଚ କରିବାକୁ ପଡିବନି ବୋଲି କହିଛନ୍ତି ବିଶ୍ୱବିଦ୍ୟାଳୟର କୁଳପତି ଡ. ରମେଶ ଚନ୍ଦ୍ର ଶ୍ରୀବାସ୍ତବ। ଏହି ଗାଡି ସମ୍ପର୍କରେ ମହାରାଷ୍ଟ୍ର, ଆନ୍ଧ୍ର ଓ କେରଳ ସରକାରଙ୍କୁ ଚିଠି ଲେଖାଯାଇଛି ବୋଲି କହିଛନ୍ତି ଡ. ଶ୍ରୀବାସ୍ତବ। ମତ୍ସ୍ୟବନ୍ଧୁର ଦାମ୍ ରଖାଯାଇଛି ୧ ଲକ୍ଷ ଟଙ୍କା। ଗରିବ ମାଛ ବ୍ୟବସାୟୀମାନଙ୍କୁ ୧୫ ପ୍ରତିଶତ ରିହାତି ଦେବାର ବ୍ୟବସ୍ଥା ମଧ୍ୟ କରାଯାଇଛି।

# ଫିସ୍ କାର୍ଟରେ ୧୫ଦିନ ତାଜା ରହିବ ମାଛ

**ବୁଦାଇ:** ତାଇଓ୍ୱାନ୍‌ର ବୁଦାଇ ସହରରେ ରହିଛି ଏହି କାଚର ଜୋତା। ଏହା କୌଣସି ପିନ୍ଧିବା ଜୋତା ନୁହେଁ। ହାଇ ହିଲ୍ ଭଳି ଦେଖାଯାଉଥିବା ଏହି ଜୋତା ହେଉଛି ଏକ ଓ୍ୱେଡିଂ ଚର୍ଚ୍ଚ। ୨୦୧୬ ଜାନୁୟାରୀରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ୨୦୧୬ ଫେବୃୟାରୀ ୮ରେ ଏହା ସର୍ବସାଧାରଣଙ୍କ ପାଇଁ ଖୋଲି ଦିଆଯାଇଥିଲା। ବିଶେଷ ଭାବେ ଚାଇନା ନୂଆବର୍ଷ ପାଇଁ ଏହା ଖୋଲାଯାଇଥିଲା। ସେହି ବର୍ଷ ହିଁ ଏହା ଗିନିଜ୍ ଓ୍ୱାର୍ଲଡ ରେକର୍ଡରେ ସ୍ଥାନ ପାଇଥିଲା। ହାଇ ହିଲ୍ ଆକୃତିର ଏହି ଚର୍ଚ୍ଚଟି ସମ୍ପୂର୍ଣ୍ଣ ଭାବେ କାଚରେ ତିଆରି କରାଯାଇଛି। ଏହାର ଉଚ୍ଚତା ୧୭.୭୬ ମିଟର ଥିବାବେଳେ ପ୍ରସ୍ଥ ରହିଛି ୧୧.୯୧ ମିଟର ଓ ଲମ୍ବ ୨୫.୧୬ ମିଟର। ଏଥିରେ ପାଖାପାଖି ୩୨୦ ଖଣ୍ଡ ବ୍ଲୁ ଟେନ୍‌ଟେଡ୍ ଗ୍ଲାସ୍ ଲାଗିଛି। ଏହା ବିଶେଷ ଭାବେ ମହିଳାମାନଙ୍କୁ ଆକର୍ଷିତ କରିଥାଏ। ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି।

# ହାଇ ହିଲ୍ ଓ୍ୱେଡିଂ ଚର୍ଚ୍ଚ



ଅର୍ଥ ବଳରେ ଯେଉଁଠାରେ ନ୍ୟାୟ କିଣାଯାଏ,
ସତ୍ୟ ସେଠାରେ ଆତ୍ମଗୋପନ କରେ।
- ମହର୍ଷି ମହେଶ ଯୋଗୀ



## ସଂକ୍ଷେପରେ

### ବର୍ଷା ଛାଡ଼ିଲା, ବଢ଼ିବ ଥଣ୍ଡା

## ୩ ଦିନ ପ୍ରବଳ କୁହୁଡ଼ି ସମ୍ଭାବନା

ଭୁବନେଶ୍ୱର,୪।୧(ବ୍ୟୁରୋ: ଗତ ଦୁଇଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ଝିପି ଝିପି ବର୍ଷା ସାଙ୍ଗକୁ କୋହଲା ପାଗ ଥଣ୍ଡା ପରିବେଶ ସୃଷ୍ଟି କରିଛି । ବର୍ଷା ଛାଡିଯାଇଥିଲେ ମଧ ଆକାଶ ମେଘାଚ୍ଛନ୍ନ ରହିଛି। ଆସନ୍ତା ୬ ଓ ୭ ତାରିଖରେ ପାଗରେ ପରିବର୍ତ୍ତନ ହେବ। ଶୁଖିଲା ପାଗ ସାଙ୍ଗକୁ ସର୍ବନିମ୍ନ ପାରଦ ଆହୁରି ୪ରୁ ୫ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିବ। ବଣ ପାହାଡ଼ ଅଞ୍ଚଳରେ ପ୍ରବଳ ଥଣ୍ଡା ଦେହ ମୁଣ୍ଡ ଥରାଇ ଦେବ। ତେବେ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଆସନ୍ତା ୩ ଦିନ ଧରି ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ରବିବାର କନ୍ଧମାଳ, ସମ୍ବଲପୁର, ମାଲକାନଗିରି, ଝାରସୁଗୁଡା, କଳାହାଣ୍ଡି ଜିଲାର କେତେକ ସ୍ଥାନରେ ଘନକୁହୁଡ଼ି ହେବାର ସମ୍ଭାବନା ରହିଛି। ସେହିପରି ସୋମବାର ଓ ମଙ୍ଗଳବାର ଅନୁଗୋଳ, ଢେଙ୍କାନାଳ, ଜଗତ୍‌ସିଂହପୁର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କୋରାପୁଟ, କଟକ ଏବଂ ଖୋର୍ଦ୍ଧା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନକୁହୁଡ଼ି ହେବାର ସମ୍ଭାବନା ରହିଛି। ଏହି ସମୟରେ ଯାନବାହନ ଚଲାଇବା ବେଳେ ସାବଧାନତା ଅବଲମ୍ବନ କରିବାକୁ କୁହାଯାଇଛି। ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶନିବାର ବାଲେଶ୍ୱରରେ ୨୨.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୬.୯, କଟକ ୬.୨, ପାରାଦୀପ ୪.୪, ଭୁବନେଶ୍ୱର ୧୨.୩, ପୁରୀ ୨.୭, ଅନୁଗୋଳ ୧୨.୬, କେନ୍ଦୁଝର ୧୪.୮, ସୁନ୍ଦରଗଡ଼ ୪, ତାଳଚେର ୫୮, ବଲାଙ୍ଗୀର ୫, କୋରାପୁଟ ୩.୪, ଫୁଲବାଣୀ ୯.୪, ଟିଟିଲାଗଡ଼ରେ ୬ ମିଲିମିଟର ବର୍ଷା ହୋଇଛି। ବର୍ଷା ସତ୍ତ୍ୱେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ସୋମବାର ଠାରୁ ରାଜ୍ୟରେ ଶୀତ ପରିମାଣ ବଢ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।




### କାଳିଆ ଯୋଜନା ଅର୍ଥ କାଟ୍‌କୁ ନବ ନିର୍ମାଣ କୃଷକ ସଂଗଠନର ବିରୋଧ

# ଅକ୍ଷୟ କୁମାରଙ୍କୁ ଭେଟିଲେ ତଥାଗତ

- ୧୦ ଦିନରେ ପହଞ୍ଚିଲା ଅନଶନ
- ଜିଲା, ବ୍ଲକରୁ ଆରମ୍ଭ ହେଲା ଧାରଣା, ଅନଶନ

ଭୁବନେଶ୍ୱର, ୪।୧(ବ୍ୟୁରୋ)

କାଳିଆ ଯୋଜନାରୁ ଅର୍ଥ କାଟକୁ ବିରୋଧ କରି ୨୦୧୯ ଡିସେମ୍ବର ୨୬ ତାରିଖରୁ ନବନିର୍ମାଣ କୃଷକ ସଂଗଠନର ଆବାହକ ଅକ୍ଷୟ କୁମାର ସୁନ୍ଦରପଦାସ୍ଥିତ ବୀରବନ୍ଧ ରାଜ୍ୟ କାର୍ଯ୍ୟାଳୟରେ ୧୦ ଦିନ ହେବ ଅନଶନରେ ବସିଛନ୍ତି। ଶୁକ୍ରବାର ଧରିତ୍ରୀ ତଥା ଓଡିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଅନଶନ ସ୍ଥଳକୁ ଯାଇ ଅକ୍ଷୟ କୁମାରଙ୍କୁ ସାକ୍ଷାତ କରିଛନ୍ତି । ଉଭୟଙ୍କ ମଧ୍ୟରେ ଚାଷୀଙ୍କର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ସରକାରଙ୍କ ନିଷ୍ପତ୍ତି ପ୍ରତିବାଦରେ ଜାନୁୟାରୀ ୪ ତାରିଖରୁ ଜିଲା ଓ ବ୍ଲକସ୍ତରରେ ଧାରଣା ଓ ଆନ୍ଦୋଳନ ଆରମ୍ଭ କରାଯାଇଛି ।

ପ୍ରଥମ ଥର ପାଇଁ ଘୋଷଣା କରାଯାଇଥିବା ଏହି ବଡ଼ କୃଷିଭିତ୍ତିକ ଯୋଜନାରେ ଚାଷୀଙ୍କ ସହିତ ସରକାର ଧୋକାବାଜି କରିଛନ୍ତି। ୭୦ ଲକ୍ଷ ଚାଷୀଙ୍କୁ ରବି ଓ ଖରିଫ ଫସଲ ପାଇଁ ୧୦ ହଜାର ଲେଖାଏ ସହାୟତା ଦେବାକୁ ସରକାର ଘୋଷଣା କରିଥିଲେ। ପରେ ଏଥିରୁ ଓହରି ଯାଇଛନ୍ତି। ଚାଷୀଙ୍କ ପାଇଁ ଅର୍ଥାଭାବର ଆଳ ଦେଖାଇ ଏହି ଯୋଜନାରୁ


କୃଷକ ନେତା ଅକ୍ଷୟ କୁମାରଙ୍କ ସହ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ ଆଲୋଚନା କରୁଛନ୍ତି।

୬୦ ପ୍ରତିଶତ ଅର୍ଥ କାଟି ଦେଇଛନ୍ତି। ମାତ୍ର ସରକାରୀ ଚାକିରିଆମାନଙ୍କୁ ୬୦୦ କୋଟି ଟଙ୍କାର ବୋନସ ଦେବାକୁ ଆସନ୍ତା କେଇଦିନ ମଧ୍ୟରେ ଘୋଷଣା କରିବାକୁ ଯୋଜନା କରିଛନ୍ତି। ସପ୍ତମ ବେତନ କମିଶନଙ୍କ ସୁପାରିସ ଅନୁଯାୟୀ ବର୍ଦ୍ଧିତ ଦରମା ପାଇଥିବା ସରକାରୀ କର୍ମଚାରୀଙ୍କ ପାଇଁ ଯଦି ପେନସନ ଓ ମହଙ୍ଗା ଭତ୍ତା ଅଛି ତେବେ ଚାଷୀଙ୍କ ପାଇଁ କାହିଁକି ଅର୍ଥର ଅଭାବ ହେଉଛି ବୋଲି ଅକ୍ଷୟ କୁମାର ପ୍ରଶ୍ନ କରିଛନ୍ତି। ବିଜେଡିର ଭାତହାଣ୍ଡି କୁହାଯାଉଥିବା ଉପକୂଳ ଓଡିଶାର ଅଧିକାଂଶ ଚାଷୀ ଏହି ଯୋଜନାରେ ଉପକୃତ ହୋଇଛନ୍ତି। ଆଗରୁ ବିଜେଡି ଠିକା କାମ ଯୋଗାଇ କର୍ମୀମାନଙ୍କୁ ବାନ୍ଧି ରଖୁଥିଲା। ସେହି କାମଗୁଡିକ ଏବେ ଏଲ ଆଣ୍ଡ ଟି ଏବଂ ୱାଟ୍‌କୋ କମ୍ପାନୀ ଜରିଆରେ କରାଯାଉଛି। ଚାଷୀଙ୍କ ଜୀବିକା ବଞ୍ଚାଇବାଠାରୁ ନିଜର ଭୋଟ ଥଳି ଭରିବା ପାଇଁ କାଳିଆ ଯୋଜନା କରାଯାଇ ବିଜେଡି କର୍ମୀଙ୍କୁ ଅର୍ଥ ଦିଆଯିବା ନେଇ ବିରୋଧୀ ଯେଉଁ ଅଭିଯୋଗ କରୁଥିଲେ ତାହା ସତରେ ପରିଣତ ହୋଇଛି। ବିରୋଧୀ ଭାଜପା କିମ୍ବା କଂଗ୍ରେସ ଦଳ ଏ ନେଇ ଆନ୍ଦୋଳନ କରୁ ନ ଥିବା ବେଳେ ନବ ନିର୍ମାଣ କୃଷକ ସଂଗଠନ ଏହାକୁ ଜନ ଆନ୍ଦୋଳନରେ ପରିଣତ କରିବ ବୋଲି ସଂଗଠନର ସଂଯୋଜକ ଶେଷଦେବ ନନ୍ଦ କହିଛନ୍ତି। ଆଲୋଚନା ବେଳେ ସଂଗଠନର ଯୁବ ଛାତ୍ର ସଂଯୋଜକ ମନୱର ଅଲ୍ଲୀ, କୁଳମଣି, ସୁରେନ୍ଦ୍ର ନାଥ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଇଞ୍ଜିନରେ ତ୍ରୁଟି, ୫ ଘଣ୍ଟା ଅଟକିଲା ତପସ୍ୱିନୀ

- ପାଣି ନ ପାଇ ଯାତ୍ରୀ ହନ୍ତସନ୍ତ
- ଟୁଇଟ୍ କରି କ୍ଷୋଭ ପ୍ରକାଶ କଲେ ଏମ୍‌ପି

ବଇଣ୍ଡା,୪।୧(ଡି.ଏନ.ଏ.)

ପୁରୀ-ହାଟିଆ ତପସ୍ୱିନୀ ଏକ୍ସପ୍ରେସ ନଂ.୧୮୪୫୨ ଇଞ୍ଜିନରେ ତ୍ରୁଟି ଯୋଗୁ ଶନିବାର ଅନୁଗୋଳ ଓ ବାମୁର ଷ୍ଟେଶନରେ ଦୀର୍ଘ ୫ ଘଣ୍ଟା ଅଟକି ରହିଥିଲା। ଫଳରେ ପିଇବା ପାଣି ପାଇଁ ଯାତ୍ରୀଙ୍କୁ ବଡ଼ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହାକୁ ନେଇ ସେମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିବାବେଳେ ଉକ୍ତ ଟ୍ରେନ୍‌ରେ ଯାତ୍ରା କରୁଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଏମ୍‌ପି ଜୁଏଲ ଓରାମ ମଧ ଟୁଇଟ୍ କରି କ୍ଷୋଭ ପ୍ରକାଶ କରିଥିଲେ। ତେବେ ଇଞ୍ଜିନ ବଦଳାଯିବା ପରେ ଟ୍ରେନ୍‌ଟି ଗନ୍ତବ୍ୟ ପଥରେ ଯାଇଥିବା ଜଣାପଡ଼ିଛି।

ଶୁକ୍ରବାର ରାତିରେ ପୁରୀ ଷ୍ଟେଶନ ଛାଡ଼ିଥିବା ତପସ୍ୱିନୀ ଏକ୍ସପ୍ରେସ୍ ଅନୁଗୋଳ ଷ୍ଟେଶନରେ ରାତି ୨ଟା ୧୩ରେ ପହଞ୍ଚିଥିଲା। ସେଠାରେ ଇଞ୍ଜିନରେ ତ୍ରୁଟି ଦେଖାଦେବାରୁ ୨ ଘଣ୍ଟା ବିଳମ୍ବ ଅର୍ଥାତ ୪ଟା ୦୫ରେ ସମ୍ବଲପୁର ଅଭିମୁଖେ ଛାଡିଥିଲା। ଭୋର ୪ଟା ୪୫ରେ ଏକ୍ସପ୍ରେସ୍ ଅନୁଗୋଳ ଜିଲାର ବଇଣ୍ଡା ଷ୍ଟେଶନ ଓ ବାମୁରରେ ସକାଳ ୫ଟା ୩୬ରେ ପହଞ୍ଚିଥିଲା। ହେଲେ ଇଞ୍ଜିନର ଚକ ଜାମ ହୋଇଯିବାରୁ ସେଠାରେ ଟ୍ରେନ୍‌ଟି ୩ ଘଣ୍ଟା ଅଟକି ରହିଥିଲା। ହଣ୍ଡପାରୁ ଏକ ନୂଆ ଇଞ୍ଜିନ ଅଣାଯାଇ ଟ୍ରେନ୍‌ରେ ଲଗାଯିବା ପରେ ସକାଳ ୮ଟା ୪୦ରେ ତାହା ହାଟିଆ ଅଭିମୁଖେ ଯାତ୍ରା କରିଥିଲା। ଏ ନେଇ ବାମୁର ଷ୍ଟେଶନ ମାଷ୍ଟର ରଞ୍ଜିତ କୁମାର ମହାନ୍ତି କହିଛନ୍ତି, ଚକ ଜାମ ଯୋଗୁ ଟ୍ରେନ୍ ଆଗକୁ ଗଡ଼ିପାରି ନ ଥିଲା। ଇଞ୍ଜିନ ପରିବର୍ତ୍ତନ ପାଇଁ ଏହି ବିଳମ୍ବ ହୋଇଥିଲା।



ବାମୁର ଷ୍ଟେଶନରେ ଅଟକିଥିବା ତପସ୍ୱିନୀ ଏକ୍ସପ୍ରେସ୍।

## ପୁରୀ-ବାରିପଦା ମଧ୍ୟରେ ସ୍ପେଶାଲ ଟ୍ରେନ୍

ଭୁବନେଶ୍ୱର, ୪।୧(ବ୍ୟୁରୋ): ନିୟମିତ ଟ୍ରେନ୍‌ରେ ମାତ୍ରାଧିକ ଭିଡ଼ ଯୋଗୁ ପୁରୀଠାରୁ ବାରିପଦାର ଭଞ୍ଜପୁରକୁ ଏକ ସ୍ପେଶାଲ ସାପ୍ତାହିକ ଟ୍ରେନ୍ ଚାଲିବ। ପ୍ରତୀକ୍ଷା ତାଲିକା (ୱେଟିଂ ଲିଷ୍ଟ)ରେ ରହୁଥିବା ଟିକେଟଧାରୀଙ୍କୁ ଏହି ସ୍ପେଶାଲ ଟ୍ରେନରେ ନିଶ୍ଚିତ ଟିକେଟ ସୁବିଧା ମିଳିପାରିବ। ଏହି ପୁରୀ-ଭଞ୍ଜପୁର ସ୍ପେଶାଲ(୦୮୦୯୨) ଟ୍ରେନ ୩୧ ଜାନୁୟାରୀ ପର୍ଯ୍ୟନ୍ତ ଚଳାଚଳ କରିବ। ଏହା ପ୍ରତି ଶୁକ୍ରବାର ପୁରୀଠାରୁ ରାତି ୧୧ଟା ୫୫ରେ ଛାଡ଼ି ଶନିବାର ସକାଳ ୬ଟା ୫୦ରେ ଭଞ୍ଜପୁରରେ ପହଞ୍ଚିବ। ସେହିପରି ଭଞ୍ଜପୁରରୁ ପ୍ରତି ଗୁରୁବାର ରାତି ୧୧ଟା ୫୦ରେ ଛାଡ଼ି ଶୁକ୍ରବାର ସକାଳ ୭ଟାରେ ପୁରୀରେ ପହଞ୍ଚିବ। ଏଥିରେ ଗୋଟିଏ ସ୍ଲିପର କୋଚ୍ ଓ ୭ ଦ୍ୱିତୀୟ ଶ୍ରେଣୀ ଚେୟାର କାର୍ ରହିଛି। ପୁରୀ-ଭଞ୍ଜପୁର ମଧ୍ୟରେ ଖୋର୍ଦ୍ଧାରୋଡ଼, ଭୁବନେଶ୍ୱର, ନରାଜ ମାର୍ଥାପୁର, ଯାଜପୁର-କେଉଁଝର ରୋଡ଼, ଭଦ୍ରକ, ସୋର, ବାଲେଶ୍ୱର, ରୂପ୍‌ସା, ବେତନଟୀ ଓ ବାରିପଦାରେ ରହଣି କରିବ।






### ସୀମାଚଳମ୍‌ରୁ ଫେରିବାବେଳେ ଦୁର୍ଘଟଣା

# ୨ ପରିବାରର ଚାଲିଗଲା ୫ ଜୀବନ

ଭୁବନେଶ୍ୱର (ବ୍ୟୁରୋ)/ ପାତ୍ରପୁର(ଡି.ଏନ୍.ଏ), ୪।୧

ପୁଅର ମୁଣ୍ଡନ ପାଇଁ ଭୁବନେଶ୍ୱରରୁ ୨ଟି ପରିବାର ଏକ କାର୍ ଯୋଗେ ଆନ୍ଧ୍ରପ୍ରଦେଶ ସୀମାଚଳମ୍‌ର ଶ୍ରୀବରାହଲକ୍ଷ୍ମୀନାରାୟଣ ମନ୍ଦିରକୁ ଯାଇଥିଲେ। ଶୁକ୍ରବାର ସେଠାରେ ମୁଣ୍ଡନ ସାରିବା ପରେ ବୁଲାବୁଲି କରି ରାତିରେ ହସଖୁସିରେ ଫେରୁଥିଲେ। ମାତ୍ର ନିୟତି ଥିଲା କିଛି ଭିନ୍ନ। ଶନିବାର ସକାଳ ସାଢ଼େ ୫ଟାରେ ଶ୍ରୀକାକୁଲମ୍ ଜିଲାର ମଞ୍ଜୁସା ଥାନା ଅନ୍ତର୍ଗତ ମହେନ୍ଦ୍ରତନୟା ନଦୀ ପୂର୍ବରୁ ଓଭରବ୍ରିଜ୍ ନିକଟରେ ଥିବା କଲଭର୍ଟରେ ଗାଡ଼ିଟି ପିଟି ହୋଇ ରାସ୍ତା ତଳକୁ ଖସିପଡ଼ିଲା। ଫଳରେ ଘଟଣାସ୍ଥଳରେ କାର୍ ଭିତରେ ଚାପି ହୋଇ ଜଣେ ଶିଶୁଙ୍କ ସମେତ ୫ଜଣଙ୍କ ପ୍ରାଣ ଚାଲିଗଲା। ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସୋମପେଟା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ପରିଚୟ ମିଳିବା ପରେ ଖବର ପାଇ ପରିବାର ଲୋକେ ହସ୍ପିଟାଲ ପରିସରରେ ପହଞ୍ଚିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ମୃତଦେହଗୁଡ଼ିକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଭୁବନେଶ୍ୱର ସୁନ୍ଦରପଦାସ୍ଥିତ ହାଇଟେକ୍ କଲ୍ୟାଣ ପ୍ଲାଜାରେ ରହୁଥିବା ତ୍ରିଲୋଚନ ଜେନା ୩ବର୍ଷ ପୁଅ ଆଦର୍ଶଙ୍କ ମୁଣ୍ଡନ ନିମନ୍ତେ ସ୍ତ୍ରୀ ବନିତା ଜେନା(୩୦), ଏବଂ ବନ୍ଧୁ ଦଣ୍ଡପତି ପ୍ରତାପ, ତାଙ୍କ ସ୍ତ୍ରୀ ରିତୁ ଜେନା(୨୫) ଓ ଶାଳୀ ରଞ୍ଜିତା ଜେନା(୨୪)ଙ୍କ ସହ ଗତ ୨ତାରିଖ ଗୁରୁବାର ବିଳମ୍ବିତ ରାତିରେ ସୀମାଚଳମ୍ ଅଭିମୁଖେ କାର୍ ଯୋଗେ ଯାତ୍ରା କରିଥିଲେ। ପ୍ରତାପ ତାଙ୍କ କାର୍ ଓଡି୦୨-ବିବି- ୨୨୮୨କୁ ଚଳାଇଥିଲେ। ଶୁକ୍ରବାର ମଧାହ୍ନରେ ସେଠାରେ ପହଞ୍ଚିବା ପରେ ଶ୍ରୀବରାହଲକ୍ଷ୍ମୀନାରାୟଣଙ୍କ ନିକଟରେ ଆଦର୍ଶର ମୁଣ୍ଡନ କରାଯାଇଥିଲା। ପରେ ଉଭୟ ପରିବାର ସେଠାରେ ଥିବା ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲାବୁଲି କରିଥିଲେ। ଶୁକ୍ରବାର ସେଠାରେ ରହି ଶନିବାର ସକାଳୁ ଫେରିବାର ଯୋଜନା ଥିଲା। ମାତ୍ର ପ୍ରତାପ ରାତାରାତି ଫେରି ଆସିବାକୁ ତ୍ରିଲୋଚନଙ୍କୁ କହିଥିଲେ। ପରେ ବିଳମ୍ବିତ ରାତିରେ ପ୍ରତାପ କାର୍ ଚଳାଇ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ପ୍ରତାପଙ୍କ ପାର୍ଶ୍ୱ ସିଟ୍‌ରେ ତ୍ରିଲୋଚନ ବସିଥିବାବେଳେ ଅନ୍ୟମାନେ ପଛରେ ବସିଥିଲେ। ଭୋର ପ୍ରାୟ ୫ଟାରେ ମଛଲିପଟ୍ଟନମ୍ ନିକଟରେ କାର୍‌କୁ ଅଟକାଇ ସମସ୍ତେ ଚା' ପିଇବା ପରେ ଗାଡ଼ିରେ ପୁଣି ବାହାରିଥିଲେ। ପ୍ରାୟ ସାଢ଼େ ୫ଟା ପାଖାପାଖି କାର୍‌ଟି ଭାରସାମ୍ୟ ହରାଇ କଲ୍‌ଭର୍ଟରେ ପିଟି ହେବା ସହ ରାସ୍ତା ତଳକୁ ଖସିପଡ଼ିଥିଲା। ଫଳରେ କାରରେ ଚାପିହୋଇ ଘଟଣାସ୍ଥଳରେ ପ୍ରତାପ, ତାଙ୍କ ସ୍ତ୍ରୀ ରିତୁ, ଶାଳୀ ରଞ୍ଜିତା, ତ୍ରିଲୋଚନଙ୍କ ସ୍ତ୍ରୀ ବନିତା ଓ ପୁଅ ଆଦର୍ଶଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍ ମଧ୍ୟରୁ ତ୍ରିଲୋଚନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ସୋମପେଟା ପ୍ରାଥମିକ ଚିକିତ୍ସାକେନ୍ଦ୍ର ଏବଂ ପରେ ପଲାସା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। କ୍ରେନ୍ ସହାୟତାରେ ଗାଡ଼ିକୁ ଉପରକୁ ଉଠାଯାଇ କାର୍ ମଧ୍ୟରୁ ମୃତଦେହକୁ ପୋଲିସ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା।

ପ୍ରକାଶ ଯେ, ଦଣ୍ଡପତିପ୍ରତାପଙ୍କ ନିଜ ଘର ଗଞ୍ଜାମ ଜିଲା ଜରଡ଼ା ଥାନା ଅନ୍ତର୍ଗତ ଏସ୍.ବି. ଜଗଦେବପୁର ଗ୍ରାମରେ ହୋଇଥିବାବେଳେ ସେ ଦୀର୍ଘଦିନ ହେବ ସ୍ତ୍ରୀ, ପିଲାଙ୍କ ସହ ଭୁବନେଶ୍ୱର ସୁନ୍ଦରପଦାସ୍ଥିତ ହାଇଟେକ୍ କଲ୍ୟାଣ ପ୍ଲାଜାରେ ଘର ଭଡ଼ା କରି ରହୁଥିଲେ। ସ୍ଥାନୀୟ କଣ୍ଟିଲୋ ବଜାରରେ ପ୍ରତାପ ଏବଂ ତ୍ରିଲୋଚନଙ୍କ ୨ଟି ଦୋକାନ ରହିଛି। ଉଭୟଙ୍କ ମଧ୍ୟରେ ଉତ୍ତମ ବନ୍ଧୁତ୍ୱ ଥିଲା।









"ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି, ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ: ...................................
ଜନ୍ମ ତାରିଖ: ...............................



ଶାଶା
ପରିବାରବର୍ଗ



ଅଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ମହମ୍ମଦ ହନିଫ୍ ସାହା



ଅର୍ଚ୍ଚିତା ଦାସ



କ୍ରିଷ୍ଣାଦିତ୍ୟ ସ୍ୱାଇଁ



ସୁଦର୍ଶନ ବେହେରା

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଲୋ ପଚା ପଇଡ଼
ଭାସିଯାଉଥିଲୁ ମଝି ନଇର
ଧରି ଆଣିଥିଲି ତତେ
ଟାକୁଆ ଗାଲରେ ମାଉଁସ ଲାଗିଚି
ଜବାବ ଦେଉଚୁ ମତେ ?**

ମଣିଷ ବେଳେ ବେଳେ କୃତଘ୍ନତାର ସବୁ ସୀମା ଟପିଯାଏ। ଯାହାଠାରୁ ସାହାଯ୍ୟ ସମର୍ଥନ ମିଳିଥାଏ ତା'ପ୍ରତି ଆକ୍ରୋଶମୂଳକ ମନୋଭାବ ପୋଷଣ କରୁଥିବାର ଲକ୍ଷ୍ୟ କରାଯାଏ। ତେବେ ସାହାଯ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କ ପ୍ରତି ବେଇମାନି ପ୍ରଦର୍ଶନ କରିବା ଉଚିତ ହେଉ ନ ଥିବା ସ୍ଥଳେ ଅତୀତ କଥା ଭୁଲିଯାଇ ଉପକାର କରିଥିବା ବ୍ୟକ୍ତିକୁ ବେଖାତିର କରି ବସିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଛନକା ପଶିଛି ଏଥର
ଛଳ ଲଗାଇଛି ଗୋବିନ୍ଦା ମାଆ
ଠେକି ମୁଣ୍ଡେ ଦିଏ ପାହାର।**

ଖଳବ୍ୟକ୍ତିଙ୍କୁ ପ୍ରତିରୋଧ କରା ନ ଗଲେ ତାଙ୍କ ଦୁଃସାହସ ବଢ଼ିଯାଏ। ଅସଲ ଜାଗାରେ ଠିକ୍ ପ୍ରତିବନ୍ଧକ ରୂପେ ଠିଆହୋଇ ଅନ୍ୟାୟର ମୁଖା ଖୋଲିବା ନେଇ ଉଦ୍ୟମ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଆଜିଠୁ ଖୋଲିବ ରାଜଭବନ ଉଦ୍ୟାନ

**ଭୁବନେଶ୍ୱର, ୪।୧(ବ୍ୟୁରୋ)**

ସର୍ବସାଧାରଣଙ୍କ ନିମନ୍ତେ ୫ ତାରିଖ ରବିବାରଠାରୁ ଖୋଲାଯିବ ରାଜଭବନ ଉଦ୍ୟାନ। ଲୋକଙ୍କୁ ସହଜ ଓ ସୁବିଧାରେ ପ୍ରବେଶପତ୍ର ମିଳିବା ଉଦ୍ଦେଶ୍ୟରେ ରାଜଭବନ ପକ୍ଷରୁ ମୋବାଇଲ୍ ଆପ୍ ଓ ୱେବ୍‌ସାଇଟ୍‌ରେ ବ୍ୟବସ୍ଥା କରାଯାଇଛି। ସର୍ବସାଧାରଣ ରାଜଭବନର ସରକାରୀ ୱେବ୍‌ସାଇଟ୍ rajbhavanodisha.gov.in କୁ ଯାଇ ଏହାର ହୋମ୍ ପେଜ୍‌ର ଉପରେ ଥିବା 'Raj Bhavan Services' ପାର୍ଶ୍ୱରେ ଉଲ୍ଲିଖିତ ଡାଉନ୍‌ଲୋଡ୍ ଆପ୍‌ରେ କ୍ଲିକ୍ କରି ନିଜର ପ୍ରବେଶପତ୍ର ପ୍ରସ୍ତୁତ କରିପାରିବେ। ସେହିଭଳି ସ୍ମାର୍ଟ ଫୋନ୍‌ରେ ଗୁଗଲ ପ୍ଲେ ଷ୍ଟୋରରୁ 'Rajbhavan Odisha'ରେ ପ୍ରବେଶ ପତ୍ର କରିପାରିବେ। ପ୍ରବେଶପତ୍ର ପାଇବାରେ ସମସ୍ୟା ଓ ଭିଡ଼ରୁ ମୁକ୍ତି ପାଇବା ପାଇଁ ଏହି ଦୁଇଟି ବ୍ୟବସ୍ଥାର ସୁବିଧା ନେବା ନିମନ୍ତେ ରାଜଭବନ ପକ୍ଷରୁ ସର୍ବସାଧାରଣଙ୍କୁ ଅନୁରୋଧ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**: ଆଜିର ଶ୍ରୀଚନ୍ଦ୍ର ଆପଣଙ୍କୁ ଉଚ୍ଚ ସମ୍ମାନ, କାର୍ଯ୍ୟସାଧନ, ମିତ୍ରତା ବୃଦ୍ଧି, ବିବାଦର ସମାଧାନ କରିବା ଦିଗରେ ସହାୟକ ହେବ। ନିଜ ରାଶିରେ ମଙ୍ଗଳ ଓ ସ୍ୱଗୃହାଭିମୁଖୀ ଚନ୍ଦ୍ର ଆପଣଙ୍କୁ ମାନସିକ ଓ ଶାରୀରିକ ସୁସ୍ଥତା ପ୍ରଦାନ କରିବେ। ଯାତ୍ରା, ଗୃହାରମ୍ଭ, ଅନ୍ୟାନ୍ୟ ପ୍ରତ୍ୟେକ ଦିଗରୁ ଶୁଭଫଳ ପାଇବେ।

**ବୃଷ**: ତୃତୀୟାଧିପତି ଦ୍ୱାଦଶସ୍ଥ ହେବାରୁ ସ୍ୱଜନ,ସମ୍ପର୍କୀୟ ଏବଂ ଭାଇ ବନ୍ଧୁ ପ୍ରମୁଖଙ୍କ ସୁସମ୍ପର୍କ ରହି ନ ପାରେ। ସାଧାରଣ କଥାକୁ କେନ୍ଦ୍ର କରି କିମ୍ବା ଅର୍ଥ ସମ୍ପର୍କକୁ ନେଇ ବାକ୍‌ଯୁଦ୍ଧ ଲାଗିବାର ଆଶଙ୍କା ରହିଛି। ଗ୍ରହମାନେ ଆପଣଙ୍କୁ ଆନୁଷ୍ଠାନିକ କାମରେ ବ୍ୟସ୍ତ କରାଇ ମାନସିକ ଅସ୍ଥିରତା ସୃଷ୍ଟି କରିବେ। ଅଯଥା ଗୁଡ଼ାଏ ମୂଲ୍ୟହୀନ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି।

**ମିଥୁନ**: ଶୁକ୍ରଙ୍କ ଦ୍ୱାରା ସଂଘଟିତ ବିପରୀତ ରାଜଯୋଗ ପ୍ରଭାବରେ ଆରୋଗ୍ୟଲାଭ, ବନ୍ଧୁଙ୍କ ସ୍ନେହ, ଆଦର ଓ ବିଳାସ ଉପକରଣ ପାଇ ଖୁସି ହେବେ। ପାରିବାରିକ ବୁଝାମଣା ମାଧ୍ୟମରେ ସୁଖ ଶାନ୍ତି ଫେରିଆସିବ। ସରକାରୀ ସ୍ତରରୁ ଅର୍ଥ ଆଶା କରି ଋଣ ପରିଶୋଧ କରିବାରେ ସଫଳ ହେବେ। ବ୍ୟବସାୟ, କଳା,ସାହିତ୍ୟରେ ସମସ୍ୟା ସମାଧାନ ପୂର୍ବକ ଆଶା ପୂରଣ ହୋଇଯିବ।

**କର୍କଟ**: ଆଜିର ଗ୍ରହସ୍ଥିତି ଆପଣଙ୍କୁ ଉଚ୍ଚାସନ, ନୂତନ କର୍ମନିଯୁକ୍ତି, ଶୁଭଖବର ଏବଂ ଆତ୍ମୀୟଙ୍କ ଆଦର ଗୌରବ ପ୍ରାପ୍ତ କରାଇବ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ମନସ୍ଥ କରିପାରନ୍ତି। ଆର୍ଥିକ ପ୍ରଗତି, ସହକର୍ମୀଙ୍କ ସହାନୁଭୂତି, ଅଧସ୍ତନଙ୍କ ଆନୁଗତ୍ୟ ସାଙ୍ଗକୁ ସାମାଜିକ ସ୍ତରରେ ସମ୍ମାନ ହେତୁ ଖୁସି ରହିବେ।

**ସିଂହ**: ଦିନଟି ସବୁ ଦିଗରୁ ଶୁଭଫଳ ଦେବ। ବିଭିନ୍ନ ସ୍ତରରେ ପୂର୍ବରୁ ସମସ୍ୟା ରହିଥିଲେ ମଧ୍ୟ ପରିବାରର ସହମତିରେ କାମ କଲେ ଉପକୃତ ନିଶ୍ଚୟ ହେବେ। ରାଜନୀତି ଓ ସାଙ୍ଗଠନିକ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ରାହୁ ଓ ମଙ୍ଗଳଙ୍କ ଶୁଭ ଦୃଷ୍ଟିରୁ ପ୍ରତିଯୋଗିତାରେ, ମାଲିମକଦ୍ଦମାରେ, ଜମିଜମା କିଣାବିକାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା**: କର୍ମସ୍ଥାନରେ ରାହୁ ଓ ପରିବାର ସ୍ଥାନରେ ଏକାଧିକ ଗ୍ରହଜନିତ କାରଣରୁ କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ ଓ ପାରିବାରିକ ଅଶାନ୍ତି ସୃଷ୍ଟିହେବ। ଶନି କ୍ଷେତ୍ରସ୍ଥ ଶୁକ୍ର କୋଣଭାବସ୍ଥ ଯୋଗୁ ଯେଉଁ ଜିନିଷଟି ଅପେକ୍ଷାରେ ଅଛନ୍ତି ତାହା ବହୁ ବିଳମ୍ବରେ ପାଇବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ତୁଳା**: ଶୁକ୍ର ଓ ଚନ୍ଦ୍ର କେନ୍ଦ୍ର ସ୍ଥାନରେ ରହି ଆପଣଙ୍କୁ ସାମଗ୍ରିକ ସୁଖ, ସୁବିଧା ଯୋଗାଇ କାର୍ଯ୍ୟ ସାଧିତ କରାଇବେ। କିନ୍ତୁ ଶନି ଓ ରାହୁ ପ୍ରଭାବରେ ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ଭଲ ସମ୍ପର୍କ ଥିବା ବନ୍ଧୁମାନେ ଭୁଲ୍ ବୁଝିପାରନ୍ତି। ବ୍ୟବସାୟ ଓ ପରିବହନରେ ସଂକଟ ଦୂରେଇଯିବ, କିନ୍ତୁ ଆଶାଜନକ ଲାଭ ନ ହୋଇପାରେ।

**ବିଛା**: ଆଜି ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ, କିନ୍ତୁ ଶୁକ୍ରଙ୍କ ଶୁଭଦୃଷ୍ଟିରୁ ନୂତନ ବସ୍ତ୍ରଭୂଷଣ ଓ ଧାତୁ ଅଳଙ୍କାର କ୍ରୟ କରିପାରନ୍ତି। ଆପଣଙ୍କର ଆଶା ଓ ଅଭିଳାଷ ପୂରଣ ଦିଗରେ ବନ୍ଧୁମାନେ ଆବଶ୍ୟକ ସାହାଯ୍ୟ, ସହଯୋଗ କରିବେ। କୃଷି, ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା ତଥା ରାଜନୀତିରେ ସଫଳ ହେବେ।

**ଧନୁ**: ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ଆପଣଙ୍କ ବିଚାରଧାରାର ପରିବର୍ତ୍ତନ ପ୍ରତ୍ୟେକ କ୍ଷେତ୍ରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିବ। ଆନୁଷ୍ଠାନିକ କ୍ଷେତ୍ର, ଶିଳ୍ପ, ବାଣିଜ୍ୟ, ବ୍ୟବସାୟିକ ସ୍ତରରେ ରହିଥିବା ବ୍ୟତିକ୍ରମଜନିତ ଟେନସନ୍ କିଛି ମାତ୍ରାରେ କମିଯିବ। ରାଜନୀତି, କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ସଙ୍ଗୀତ ଚର୍ଚ୍ଚା ପାଇଁ ଦିନଟି ବହୁତ ଭଲ।

**ମକର**: ପ୍ରିୟଜନଙ୍କ ସାନ୍ନିଧ୍ୟ ଲାଭ କରି ଖୁସି ରହିବା ସହ ଯାହା ଆଶା କରୁଛନ୍ତି ତାହା ଅବଶ୍ୟ ପାଇବେ। ଯିଏ ଯେତେ ଶତ୍ରୁତା କରି ପ୍ରତିବନ୍ଧକ ସୃଷ୍ଟି କଲେ ମଧ୍ୟ ଆପଣଙ୍କର କୌଣସି କ୍ଷତି ହେବନାହିଁ। ବାଣିଜ୍ୟ, ବ୍ୟବସାୟ ସାମାନ୍ୟ ବାଧାପ୍ରାପ୍ତ ହେବ ; ମାତ୍ର ଆର୍ଥିକ, ସାମାଜିକ, ପ୍ରଶାସନିକ ଓ ରାଜନୈତିକ କ୍ଷେତ୍ର ଉନ୍ନତ ରହିବା ସମ୍ଭାବନା ଅଛି।

**କୁମ୍ଭ**: ଶନିଙ୍କ ସୁପ୍ରଭାବରେ ସ୍ୱାସ୍ଥ୍ୟ ମୋଟାମୋଟି ଭଲ ରହିବ ଏବଂ ଚିନ୍ତା କରୁଥିବା କାର୍ଯ୍ୟରେ ବାଧାବିଘ୍ନ ଦୂରେଇଯିବ। ପାରିବାରିକ ସମସ୍ୟା ରହିଥିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହୋଇପାରିବେ। କଚେରି ମାମଲା, ନୂତନ ପ୍ରକଳ୍ପାରମ୍ଭ, ଜମିଜମା ସମସ୍ୟା ସମାଧାନ ହେବାର ସୂଚନା ରହିଛି।

**ମୀନ**: ମୁଖଭାବରେ ଚନ୍ଦ୍ର ଥିବାରୁ ଆପଣଙ୍କ ମଧୁରବୋଳା ମନଲୋଭା କଥାରେ ଅନ୍ୟମାନଙ୍କର ମନକୁ ସହଜରେ କିଣିନେବେ। କୌଣସି କାମ ଅଟକିବ ନାହିଁ କିମ୍ବା ବ୍ୟବସାୟ ପରିବହନରେ କ୍ଷତି ମଧ୍ୟ ନ ହୋଇପାରେ। ପାରିବାରିକ, କର୍ମକ୍ଷେତ୍ର ଦିଗଟି ଭଲ ରହିବ। କିନ୍ତୁ ଈର୍ଷାପରାୟଣ ଆତ୍ମୀୟଙ୍କ ମିଥ୍ୟା ଗୁଜବ ସାମୟିକ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ।

ଆଜି ଜାନୁୟାରୀ ୫ ତାରିଖ, ପୌଷ ଶୁକ୍ଳପକ୍ଷର ଶାମ୍ବଦଶମୀ ରବିବାର, ଶ୍ରୀସୂର୍ଯ୍ୟନାରାୟଣଙ୍କ ପୂଜା, ମହାନ୍ ବିପ୍ଳବୀ ଚକରା ବିଷୋୟୀ ଜୟନ୍ତୀ, (୧୮୨୩ ମସିହାର ଶାମ୍ବଦଶମୀ) ରାଶି ନକ୍ଷତ୍ର-ଦିବା ଘ୧।୨୬ମି. ପର୍ଯ୍ୟନ୍ତ, ଅଶ୍ୱିନୀ/ମେଷ, ମେଷରାଶିର ଘାତବାର ଓ ଘାତଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୧୦ମି. ଗତେ ଘ୯।୨୦ମି. ମଧ୍ୟେ ଅମୃତବେଳା। ଦିବା ଘ.୯।୧୧ମି. ଗତେ ଘ୧୦।୩୨ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୩।୫୫ମି. ଗତେ ଘ୫।୧୬ମି. ମଧ୍ୟେ ରାହୁକାଳ।

## ମହିଳାଙ୍କୁ ବଳାତ୍କାର ମାମଲା
# ଜେଲ ଗଲେ ଅଭିଯୁକ୍ତ ଏଏସ୍‌ଆଇ

- ଚାକିରିରୁ ନିଲମ୍ବିତ
- ପୀଡ଼ିତାଙ୍କ ଏତଲା ଓ ବୟାନରେ ତାଳମେଳ ରହୁନି: ଏସ୍‌ପି
- ଏସ୍‌ପିଙ୍କ କଥା ମିଛ: ପୀଡ଼ିତା



ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯିବା ପରେ ବାହାରକୁ ଅଣାଯାଉଛି।

**ପୁରୀ ଅଫିସ/ ନିମାପଡ଼ା/ ବଳଙ୍ଗା (ଡି.ଏନ.ଏ), ୪।୧:** ଏକ ବଳାତ୍କାର ମାମଲାରେ ଗିରଫ ହୋଇଥିବା ବଳଙ୍ଗା ଥାନା ଏଏସ୍‌ଆଇ ଚିତ୍ତରଞ୍ଜନ ଦାସଙ୍କୁ ଶନିବାର ଜେଲ୍ ଯିବାକୁ ପଡ଼ିଛି। ସେହିପରି ଅଭିଯୁକ୍ତ ଚିତ୍ତରଞ୍ଜନଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିବା ଏସ୍‌ପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ଅନ୍ୟପଟେ ଏହି ଘଟଣାରେ ନୂଆ ମୋଡ଼ ଆସିଛି। ପୀଡ଼ିତାଙ୍କ ଏତଲା ଏବଂ ବୟାନରେ ତାଳମେଳ ରହୁ ନ ଥିବା ଏସ୍‌ପି କହିଥିବାବେଳେ ପୀଡ଼ିତା ତାହାକୁ ଖଣ୍ଡନ କରିଛନ୍ତି। ଏସ୍‌ପିଙ୍କ କଥା ମିଛ ବୋଲି ପୀଡ଼ିତା ଗଣମାଧ୍ୟମ ଆଗରେ କହିଛନ୍ତି। ଏଥିଯୋଗୁ କାହା କଥା ସତ ଓ କାହାର ମିଛ ସେ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଦାଶ କହିଛନ୍ତି, ପିପିଲି ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଜାନୁୟାରୀ ୨ତାରିଖରେ ବଳଙ୍ଗା ଥାନାର ଏଏସ୍‌ଆଇ ଚିତ୍ତରଞ୍ଜନ ଦାସଙ୍କ ବିରୋଧରେ ପୀଡ଼ିତା ବଳାତ୍କାର ଅଭିଯୋଗ କରିଥିଲେ। ଏ ନେଇ ବଳଙ୍ଗା ଥାନାରେ ଆଇପିସି ଦଫା ୩୪୨, ୩୭୬, ୫୦୬ରେ ଏକ କେସ୍ (ନଂ. ୨/୨୦୨୦) ରୁଜୁ କରାଯାଇଥିଲା। ଏହାପରେ କୋର୍ଟରେ ଧାରା ୧୬୪ରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳଙ୍କୁ ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ପୀଡ଼ିତାଙ୍କ ଅଭିଯୋଗ ଏବଂ ଏସ୍‌ଡିପିଓଙ୍କ ପ୍ରାଥମିକ ତଦନ୍ତକୁ ଆଧାର କରି ଅଭିଯୁକ୍ତ ଏଏସ୍‌ଆଇଙ୍କୁ ଶୁକ୍ରବାର ଗିରଫ କରାଯାଇଥିଲା। ଶନିବାର ଅପରାହ୍ନରେ ତାଙ୍କୁ ନିମାପଡ଼ା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୀଡ଼ିତା ପ୍ରାପ୍ତବୟସ୍କା ହୋଇଥିବାରୁ ଡାକ୍ତରୀ ମାଇନା ତାଙ୍କ ଇଚ୍ଛା ଉପରେ ନିର୍ଭର କରେ। ତେବେ ପୀଡ଼ିତା ଦେଇଥିବା ଏତଲା ଏବଂ ବୟାନ ମଧ୍ୟରେ ଅସଙ୍ଗତି ରହୁଥିବା ଦେଖିବାକୁ ମିଳୁଛି। ସମସ୍ତ ଦିଗକୁ ଅନୁଧ୍ୟାନ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ସନ୍ଧ୍ୟାରେ ରାଜ୍ୟ ମହିଳା କମିଶନ ଅଧକ୍ଷା ମୀନତି ବେହେରା ବଳଙ୍ଗା ଥାନାକୁ ଯାଇ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିଲେ। ଅନ୍ୟପକ୍ଷରେ ପୀଡ଼ିତା କହିଛନ୍ତି, ତାଙ୍କର ବୟାନରେ ଭିନ୍ନତା କଥା ଯାହା ଏସ୍‌ପି କରୁଛନ୍ତି ତାହା ମିଛ। ଘଟଣା ୩ ମାସ ତଳର ହୋଇଥିବାରୁ ସେ ସେ ଡାକ୍ତରୀ ମାଇନା ପାଇଁ ରାଜି ହୋଇ ନ ଥିଲେ।

ପ୍ରଥମ ପୃଷ୍ଠାରୁ...

## କର୍ପୋରେଟ...

ପରୀକ୍ଷା କରାଯାଇ ନ ଥାଏ ବୋଲି ସେ ମତ ରଖିଛନ୍ତି। ଚଳିତବର୍ଷ ଅଭିଜିତ ବାନାର୍ଜୀ ଏବଂ ତାଙ୍କ ସହଧର୍ମିଣି ଏସ୍ଥର ଡୁଫ୍ଲୋ ନୋବେଲ ପୁରସ୍କାର ଲାଭ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଡୁଫ୍ଲୋ କହିଛନ୍ତି ଯେ, ଲୋକଙ୍କ ହାତକୁ ପଇସା ପ୍ରତ୍ୟକ୍ଷ ଭାବେ ପହଞ୍ଚାଇବା କାମ ସରକାର କରିପାରିବେ। ଏଥିଲାଗି ବ୍ୟାଙ୍କ ଆକାଉଣ୍ଟ ଏବଂ ଭିତ୍ତିଭୂମି ବ୍ୟବସ୍ଥା ସରକାର କରିପାରିଛନ୍ତି। ଋଣ ଛାଡ ବ୍ୟବସ୍ଥାକୁ ଡୁଫ୍ଲୋ ନାପସନ୍ଦ କରିବା ସହ ଅସୁବିଧାରେ ରହୁଥିବା କୃଷକଙ୍କ ନିକଟରେ ପହଞ୍ଚିବା ଲାଗି ସରକାର ଏବେ ଯାଏ ମଧ୍ୟ ଏକ ଉଚିତ ବ୍ୟବସ୍ଥା କରିପାରି ନାହାନ୍ତି ବୋଲି ମତ ରଖିଛନ୍ତି। ନାଗରିକ ସଂଶୋଧନ ଆଇନ ଉପରେ ହୋଇଥିବା ଏକ ପ୍ରଶ୍ନର ଉତ୍ତରରେ ବାନାର୍ଜୀ କହିଛନ୍ତି, ଏହି ଆଇନରେ ଅନେକ ପ୍ରସଙ୍ଗ ଅଛି ଯାହା ଅତ୍ୟନ୍ତ ଚିନ୍ତାଜନକ। ଏହି ବିଷୟରେ ସେ ବିଶେଷଜ୍ଞ ନ ଥିବା ମତ ରଖିଛନ୍ତି। ଚଳିତ ଆର୍ଥିକବର୍ଷ ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଦେଶର ଜିଡିପି ବିକାଶ ହାର ୬ ବର୍ଷର ସର୍ବନିମ୍ନ ସ୍ତର ୪.୫%କୁ ଖସିଯାଇଛି। ଏହା ସରକାରଙ୍କ ଚିନ୍ତାକୁ ବଢାଉଛି। ବଜାରରେ ମାନ୍ଦାବସ୍ଥା ଲାଗି ରହିବା, ଚାହିଦା ଏବଂ ନିବେଶ କମିବା ଯୋଗୁ ସ୍ଥିତି ବିଗିଡିଛି। ବର୍ତ୍ତମାନ ବାନାର୍ଜୀ ସରକାରଙ୍କୁ ଦେଇଥିବା ପରାମର୍ଶ କାମରେ ଆସିଲେ ଏହା ଅର୍ଥ ବ୍ୟବସ୍ଥା ଉପରେ ଭଲ ପ୍ରଭାବ ପକାଇବ ବୋଲି ବଜାର ବିଶେଷଜ୍ଞ ମତ ରଖିଛନ୍ତି।

### କିଛି ତଥ୍ୟ

ଚଳିତ ବର୍ଷ ଡିସେମ୍ବର ୨୦ ସୁଦ୍ଧା ଦେଶର ବ୍ୟାଙ୍କଗୁଡିକର ଋଣ ପ୍ରଦାନ ୭.୧% ବୃଦ୍ଧି ଘଟି ୯୯.୫ ଲକ୍ଷ କୋଟି ଟଙ୍କା ରହିଛି।
– ରିଜର୍ଭ ବ୍ୟାଙ୍କ

# ଚିଲିକାରେ ପକ୍ଷୀ ଗଣନା ଆଜି

- ସାମିଲ ହେବେ ୨୧ ଟିମ୍
- ପ୍ରଶିକ୍ଷଣ ନେଲେ ୧୨୫ ଜଣ

**ବାଲୁଗାଁ, ୪।୧(ଡି.ଏନ୍.ଏ.)** ସମଗ୍ର ଚିଲିକା ତଥା ପକ୍ଷୀ ଅଭୟାରଣ୍ୟ ନଳବଣରେ ଏକତ୍ରିତ ହୋଇଥିବା ବିଦେଶାଗତ ପକ୍ଷୀ ମୋଟ କେତେ ପ୍ରଜାତି, କେତେ ସଂଖ୍ୟାରେ ଅଛନ୍ତି ତାହାର ଗଣନା ରବିବାର କରାଯିବ ବୋଲି ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସମଗ୍ର ଚିଲିକା ଅଞ୍ଚଳରେ ୨୧ଟି ଟିମ୍ ଗଣନା କାର୍ଯ୍ୟରେ ସାମିଲ ହେବେ। ଏଥିରୁ ୨ ଟିମ୍ ସ୍ଥଳ ଭାଗ ଓ ୧୯ ଟିମ୍ ଜଳ ଭାଗରେ ରହି ପକ୍ଷୀ ଗଣନା କରିବେ। ଶନିବାର ବାଲୁଗାଁ ନିକଟସ୍ଥ ଚନ୍ଦ୍ରପୁଟସ୍ଥିତ ସିଡିଏ ଗବେଷଣା କେନ୍ଦ୍ର ଗୃହରେ ଏଥିପାଇଁ ଗଣନାକାରୀଙ୍କୁ ସବିଶେଷ ତାଲିମ୍ ଦିଆଯାଇଛି। ଏହି ତାଲିମ୍ ଶିବିରରେ ୧୨୫ ଜଣ ପ୍ରଶିକ୍ଷଣ ନେଇଥିଲେ। ବମ୍ବେ ନ୍ୟାଚୁରାଲ୍ ହିସ୍ଟୋରି ଅଫ୍ ସୋସାଇଟିର ଗବେଷକ ଏଫ. ବାଲଚନ୍ଦ୍ରନ, ବାଲୁଗାଁ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) ଅଲୋକ ରଞ୍ଜନ ହୋତା ପ୍ରଶିକ୍ଷଣ ଦେଇଥିଲେ। ଗଣନା କ୍ୟାମ୍ପ ଅଞ୍ଚଳଗୁଡ଼ିକ ହେଲା, ସାତପଡ଼ା, ଟାଙ୍ଗୀ, ରମ୍ଭା, କୃଷ୍ଣପ୍ରସାଦ ଓ ବାଲୁଗାଁ। ପ୍ରତ୍ୟେକ ଦଳରେ ଗୋଟିଏ ଲେଖାଏ ଡଙ୍ଗା ଓ ଅଭିଜ୍ଞ ପକ୍ଷୀ ବିଶାରଦଙ୍କ ସମେତ ୪ ଜଣ ସହଯୋଗୀ ରହିବେ। ଗଣନା ପାଇଁ ପ୍ରତ୍ୟେକ ଦଳକୁ ୱାକିଟକି, ବାଇନାକୁଲାର, ଜିପିଏସ୍ ସ୍କେଲ୍ ଓ ଡିଏସ୍‌ଏଫ୍ ଆଦି ଯନ୍ତ୍ର ଯୋଗାଇ ଦିଆଯାଇଛି। ଏଥିରେ ୱାଇଲ୍ଡ ଓଡ଼ିଶା, ବମ୍ବେ ନ୍ୟାଚୁରାଲ୍ ହିସ୍ଟୋରି ଅଫ୍ ସୋସାଇଟି, ଓୟୁଏଟି, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର, ଛାତ୍ରୀଛାତ୍ର ଓ ବହୁ ଅଭିଜ୍ଞ ବିଶାରଦ ସାମିଲ ହୋଇଛନ୍ତି। ତାଲିମ୍ ପରେ ପ୍ରତ୍ୟେକ ଗଣନାକାରୀ ଟିମ୍ ନିଜ ନିଜ କ୍ୟାମ୍ପରେ ଯାଇ ଅବସ୍ଥାନ କରିଛନ୍ତି। ରବିବାର ସକାଳ ୬ଟାରୁ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ପକ୍ଷୀ ଗଣନା କାର୍ଯ୍ୟ ଜାରି ରହିବ ବୋଲି ବାଲୁଗାଁ ଡିଏଫ୍‌ଓ ହୋତା ଜଣାଇଛନ୍ତି।



# ଭିତରକନିକାରେ ୧୭୫୭ ବଉଳା କୁମ୍ଭୀର

- ବର୍ଷକରେ ବଢ଼ିଛନ୍ତି ୧୫

**ରାଜନଗର,୪।୧(ଡି.ଏନ.ଏ.)** କେନ୍ଦ୍ରାପଡା ଜିଲାର ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତବର୍ଷ କୁମ୍ଭୀର ସଂଖ୍ୟା ବୃଦ୍ଧି ପାଇଛି। ଗତବର୍ଷ ଭିତରକନିକା ମଧ୍ୟରେ ଓ ବାହାରେ ଥିବା ନଦୀ, ନାଳଗୁଡିକରେ ୧୭୪୨ଟି ବଉଳା କୁମ୍ଭୀର ଥିବା ବେଳେ ଏବର୍ଷ ଏହି ସଂଖ୍ୟା ୧୭୫୭କୁ ବୃଦ୍ଧି ପାଇଛି। ପ୍ରକାଶ ଯେ, ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟ ଉଦ୍ୟାନରେ ଗତମାସ ୩୧ରୁ ଚଳିତ ମାସ ୪ ତାରିଖ ଯାଏଁ ୫ ଦିନ ଧରି କୁମ୍ଭୀର ଗଣନା କରାଯାଇଥିଲା। କୁମ୍ଭୀର ବିଶାରଦ ଡ.ସୁଧାକର କରଙ୍କ ନେତୃତ୍ୱରେ ୨୩ଟି ଟିମ୍ କୁମ୍ଭୀର ଗଣନା କରିଥିଲେ। ଏହି ଗଣନା ସମୟରେ ୬୨୦ଟି କୁମ୍ଭୀର ଛୁଆ ଅର୍ଥାତ୍ ୨ ଫୁଟରୁ କମ୍ ଲମ୍ବର କୁମ୍ଭୀର, ୩୨୫ଟି ବର୍ଷିକିଆ ଛୁଆ ଅର୍ଥାତ୍ ୨ ରୁ ୩ ଫୁଟିଆ, ୨୮୮ ଦୁଇ ବର୍ଷିଆ ଛୁଆ ଅର୍ଥାତ୍ ୩ ରୁ ୬ ଫୁଟିଆ, ୧୮୫ଟି ୪ ରୁ ୫ ବର୍ଷର ଅର୍ଥାତ୍ ୬ ରୁ ୮ ଫୁଟ ଲମ୍ବର କୁମ୍ଭୀର ଦେଖିବାକୁ ମିଳିଥିଲା। ଏଥିସହ ୮ ଫୁଟରୁ ଅଧିକ ଲମ୍ବର ୩୩୯ଟି ବଡକୁମ୍ଭୀର ଗଣନା ବେଳେ ଠାବ କରାଯାଇଛି। ଭିତରକନିକା ଭିତରେ ଥିବା ନଦୀ, ନାଳଗୁଡିକରେ ଚଳିତବର୍ଷ ୧୬୪୫ କୁମ୍ଭୀର ଥିବା ବେଳେ ଭିତରକନିକା ବାହାରେ ଥିବା ନଦୀ, ନାଳରେ ୧୧୨ କୁମ୍ଭୀର ଥିବା ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଗଣନା ସମୟରେ କନିକା ରେଞ୍ଜ ଅଞ୍ଚଳରେ ୧୩୮୫ଟି, ରାଜନଗର ରେଞ୍ଜରେ ୨୬୦, ମହାକାଳପଡା ରେଞ୍ଜରେ ୭୫, ଗହୀରମଥା ରେଞ୍ଜ ଅଞ୍ଚଳରେ ୩୭ଟି ବଉଳା କୁମ୍ଭୀର ଥିବା ଜଣାପଡିଛି। ସକାଳେ ଓ ସନ୍ଧ୍ୟାରେ ଏହି କୁମ୍ଭୀରମାନଙ୍କ ଗଣନା କରାଯାଇଥିଲା। ସକାଳେ କୁମ୍ଭୀରମାନେ ଖରା ପୁଇଁବା ବେଳେ ଓ ସନ୍ଧ୍ୟାରେ ସ୍ୱଟ୍ ଲାଇଟ୍ ମାଧ୍ୟମରେ ଗଣନା କରାଯାଇଥିଲା। ୧୯୭୬ ମସିହା ଠାରୁ ଭିତରକନିକାରେ କୁମ୍ଭୀର ଗଣନା କରାଯାଉଛି। ହୁଲି ଡଙ୍ଗା ସାହାଯ୍ୟରେ ଟିମ୍‌ର ସଦସ୍ୟମାନେ ଯାଇ କୁମ୍ଭୀର ଗଣନା କରିଥିବା ଜଣାଯାଇଛି।

ସୂଚନାଯୋଗ୍ୟ ଯେ, ୧୯୭୦ ମସିହା ମଧ୍ୟଭାଗରେ କରାଯାଇଥିବା ଏକ ସର୍ଭେରେ ଭାରତବର୍ଷରେ କୁମ୍ଭୀରମାନଙ୍କ ସଂଖ୍ୟା ନଗଣ୍ୟ ବୋଲି ଜଣାପଡିଥିଲା। ଏହାପରେ କୁମ୍ଭୀରମାନଙ୍କର ବଂଶ ବୃଦ୍ଧି ଓ ବାସସ୍ଥଳୀର ସ୍ଥିତି ବଜାୟ ରଖିବା ପାଇଁ କେନ୍ଦ୍ର ସରକାର , ମିଳିତ ଜାତିସଂଘର କୃଷି ଓ ଖାଦ୍ୟ ସଂସ୍ଥାର ସହାୟତାରେ ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ଯୋଜନା ଅନୁଯାୟୀ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ସାମୁଦ୍ରିକ ପ୍ରାଣୀ ବିଶେଷଜ୍ଞ ଡ. ଏଚ୍.ଆର୍. ବଷ୍ଟାର୍ଡ ଓଡିଶା ସମୁଦ୍ର ଉପକୂଳ ପରିଦର୍ଶନ କରି ଭିତରକନିକା କୁମ୍ଭୀର ବଂଶବୃଦ୍ଧି ପାଇଁ ଅନୁକୂଳ ପରିବେଶ ବୋଲି ଚିହ୍ନଟ କରିଥିଲେ। ଗତବର୍ଷ ଠାରୁ ଚଳିତବର୍ଷ ୧୫ଟି କୁମ୍ଭୀର ବଢି ବର୍ତ୍ତମାନ ଏହି ସଂଖ୍ୟା ୧୭୫୭ରେ ପହଞ୍ଚିଛି। କୁମ୍ଭୀର ସଂଖ୍ୟା ବୃଦ୍ଧି ଯୋଗୁ ପରିବେଶପ୍ରେମୀମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# ୬ରେ ଭିତରକନିକାରେ ପକ୍ଷୀଗଣନା

**ଗଣନା ପାଇଁ ୧୬ ଟିମ୍ ଗଠିତ**

**ରାଜନଗର,୪।୧(ଡି.ଏନ.ଏ.)** ଚଳିତମାସ ୬ ତାରିଖଠାରୁ ଭିତରକନିକା ଜାତୀୟଉଦ୍ୟାନର ଆର୍ଦ୍ରଭୂମିରେ ଭିଡ ଜମାଇଥିବା ବିଦେଶାଗତ ପକ୍ଷୀମାନଙ୍କ ଗଣନା କାର୍ଯ୍ୟ ଆରମ୍ଭ ହେବ। ରବିବାର ପକ୍ଷୀଗଣନା ପାଇଁ ରାଜନଗର ବନ୍ୟପ୍ରାଣୀ ଡିଭିଜନ କାର୍ଯ୍ୟାଳୟରେ ପକ୍ଷୀଗଣନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏଥିରେ ବମ୍ବେସ୍ଥିତ ନାଚୁରାଲ ହିଷ୍ଟ୍ରି ଅଫ ସୋସାଇଟିର ପକ୍ଷୀ ବିଶେଷଜ୍ଞ ଡ. ପି. ବାଲଚନ୍ଦ୍ରନ, ଡ ଶିବ ପରିଡା ଯୋଗଦେଇ ପକ୍ଷୀଗଣନା କିପରି କରାଯିବ ସେ ନେଇ ପ୍ରଶିକ୍ଷଣ ଦେବେ। ପକ୍ଷୀଗଣନା ପାଇଁ ୫୮ଜଣଙ୍କୁ ନେଇ ୧୬ଟି ଟିମ୍ ଗଠନ କରାଯାଇଛି। ରାଜନଗର ବନାଞ୍ଚଳ ଅଧୀନରେ ୬ଟି ଟିମ୍, କନିକା ବନାଞ୍ଚଳରେ ୨ଟି, ଗହୀରମଥାରେ ଗୋଟିଏ, ମହାକାଳପଡାରେ ୨ଟି ଓ ଜଗତ୍‌ସିଂହପୁର ଜିଲା କୁଜଙ୍ଗରେ ୫ଟି ଟିମ ଗଣନା କାର୍ଯ୍ୟ କରିବେ। ଏହି ଟିମ୍ ବରୁଣେଇ ମୁହାଣ, ହଂସିଣା ଘାଟ, ସାତଭାୟା, ଚିଞ୍ଚିରିମାଉଥ, ମଇପୁରା ରିଭରମାଉଥ, ଭିତରକନିକା ପାଟିଆ, ବଗଗହନ, କଣ୍ଟିଆଖାଇ, କାଳିଭଞ୍ଜଡିଆ, ଶାସନପେଟା, ବତୀଘର, ଜଟାଧାର, ହାୱାଖାନା ପ୍ରଭୃତି ସ୍ଥାନରେ ଗଣନା କରିବେ। ୬ ତାରିଖ ସକାଳ ୬ଟାରୁ ୧୨ଟା ଯାଏଁ ଏହି ଗଣନା କରାଯିବ ବୋଲି ଡିଏଫଓ ବିକାଶ ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

# ଆଜି ଖୋଲିବ ଭିତରକନିକା

**ରାଜନଗର,୪।୧(ଡି.ଏନ.ଏ.):** ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟ ଉଦ୍ୟାନ ରବିବାର ଠାରୁ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ଗତମାସ ୨୬ ତାରିଖ ଠାରୁ ଚଳିତମାସ ୪ ତାରିଖ ଯାଏଁ ୧୦ଦିନ ଧରି ଭିତରକନିକା ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଥିଲା। ଏହି ସମୟରେ ଜାତୀୟ ଉଦ୍ୟାନ ମଧ୍ୟରେ ପ୍ରବାହିତ ନଦୀ ନାଳଗୁଡିକରେ ଥିବା ବଉଳା କୁମ୍ଭୀରମାନଙ୍କର ଗଣନା କରାଯାଉଥିଲା।

# କ୍ୟାରିୟର ପାଇଁ କ୍ରୀଡ଼ାରେ ପର୍ଯ୍ୟାପ୍ତ ସୁଯୋଗ



ଲୋକସେବା ଭବନରେ ଆୟୋଜିତ ଜ୍ଞାନପୁଞ୍ଜ ବକ୍ତୃତାମାଳାରେ ପୂର୍ବତନ କ୍ରିକେଟର ଅନୀଲ କୁମ୍ବଲେ ବକ୍ତବ୍ୟ ରଖୁଛନ୍ତି।

**ଜ୍ଞାନପୁଞ୍ଜ ବକ୍ତୃତାମାଳା**

ଭୁବନେଶ୍ୱର, ୪।୧(ବ୍ୟୁରୋ)

କ୍ରୀଡ଼ାକୁ କ୍ୟାରିୟର ଭାବରେ ଗଢ଼ି ତୋଳିବା ପାଇଁ ବର୍ତ୍ତମାନ ପର୍ଯ୍ୟାପ୍ତ ସୁଯୋଗ ରହିଛି । କ୍ରିକେଟ୍ ବ୍ୟତୀତ ଆଥ୍‌ଲେଟିକ୍‌ସ, ଟେବୁଲ ଟେନିସ୍, ବାସ୍କେଟ୍ ବଲ୍, ବ୍ୟାଡ୍‌ମିଣ୍ଟନ, ଟେନିସ୍ ଆଦି କ୍ରୀଡ଼ା କ୍ଷେତ୍ରରେ ବ୍ୟାପକ ସୁଯୋଗ ରହିଥିବା ପୂର୍ବତନ କ୍ରିକେଟ୍ ତାରକା ଅନିଲ କୁମ୍ବଲେ ଶନିବାର କହିଛନ୍ତି । ସ୍ଥାନୀୟ ଲୋକସେବା ଭବନରେ ଆୟୋଜିତ ଓଡ଼ିଶା ଜ୍ଞାନପୁଞ୍ଜ ବକ୍ତୃତାମାଳାର ୨୨ତମ ଭାଗରେ 'ଭାରତୀୟ କ୍ରୀଡ଼ା–ଏକ ଅନ୍ତର୍ଦୃଷ୍ଟି' ସମ୍ପର୍କରେ ବକ୍ତବ୍ୟ ରଖି କୁମ୍ବଲେ ଏହା କହିଛନ୍ତି।

ବକ୍ତବ୍ୟରେ ଅନିଲ କହିଥିଲେ ଯେ କ୍ରୀଡା କ୍ଷେତ୍ରରେ ପାରଦର୍ଶିତା ପାଇଁ ପ୍ରାଥମିକ ସ୍ତରରେ ୬ରୁ ୧୫ବର୍ଷର ଶିଶୁ କିଶୋରମାନଙ୍କ ପ୍ରତିଭା ଚୟନ କରିବାକୁ ପଡିବ। ଏଥିସହିତ ସେମାନଙ୍କୁ ଉପଯୁକ୍ତ ଟ୍ରେନିଂ ମାଧ୍ୟମରେ ବିକଶିତ କରିପାରିଲେ ସେମାନେ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଦେଶ ପାଇଁ ସୁନାମ ଆଣିପାରିବେ । ଏଥିପାଇଁ ବିଦ୍ୟାଳୟଗୁଡ଼ିକରେ ପର୍ଯ୍ୟାପ୍ତ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରିବାକୁ ହେବ। ସେହିପରି ଓଡ଼ିଶା ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କ୍ଷେତ୍ରରେ ସୁନାମ ଅର୍ଜନ କରିଛି । ରାଜ୍ୟ ସରକାର ଭୁବନେଶ୍ୱରକୁ କ୍ରୀଡ଼ା ରାଜଧାନୀ ଭାବେ ବିକଶିତ କରିଛନ୍ତି। ରାଜ୍ୟରେ ବିଭିନ୍ନ ପ୍ରକାର କ୍ରୀଡ଼ାରେ ଅନେକ ପ୍ରତିଭା ରହିଛନ୍ତି । ଉପଯୁକ୍ତ ଚୟନ ଓ ତାଲିମ ମାଧ୍ୟମରେ ସେମାନଙ୍କୁ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ କରାଯାଇପାରିବ ବୋଲି କୁମ୍ବଲେ କହିଛନ୍ତି। ସେହିଭଳି ଜଣେ ସଫଳ କ୍ରୀଡ଼ାବିତ୍ ହେବା ପାଇଁ ଶାରୀରିକ ସହ ମାନସିକ ସ୍ତରରେ ଅଧିକ ଦୃଢ଼ ହେବାକୁ ପଡ଼ିବ। ମାନସିକ ଦୃଢତା ଶାରୀରିକ ଦୃଢତାଠାରୁ ବହୁତ ଅଧିକ ଆବଶ୍ୟକ ବୋଲି କୁମ୍ବଲେ ମତ ରଖିଥିଲେ। ଜ୍ଞାନପୁଞ୍ଜ ବକ୍ତୃତା ଆରମ୍ଭ ହେବା ପୂର୍ବରୁ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଅନିଲ କୁମ୍ବଲେଙ୍କ ପରିଚୟ ପ୍ରଦାନ କରି ଥିଲେ। ସୁରେଶ କହିଥିଲେ ଯେ ଅନିଲ କେବଳ କ୍ରୀଡାବିତ୍ ନୁହନ୍ତି, ସେ ମଧ୍ୟ ଜଣେ ମେକାନିକାଲ୍ ଇଞ୍ଜିନିୟର। କ୍ରିକେଟ ସମେତ ଫଟୋଗ୍ରାଫିରେ ଅନିଲ୍‌ଙ୍କ ରୁଚି ରହିଛି। ଏଥିସହ ବନ୍ୟଜୀବନ ସଂରକ୍ଷଣ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ କାର୍ଯ୍ୟ ଜାରି ରଖିଛନ୍ତି। ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ କୁମ୍ବଲେଙ୍କୁ ଜ୍ଞାନପୁଞ୍ଜ ବକ୍ତୃତାମାଳା ସ୍ମାରକୀ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ବକ୍ତୃତାମାଳାରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ କମିଶନର ତଥା ଶାସନ ସଚିବମାନେ ଯୋଗଦେଇଥିଲେ । ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଜିଲାଗୁଡିକୁ ଏହି କାର୍ଯ୍ୟକ୍ରମ ସହ ଯୋଡାଯାଇଥିଲା। ବକ୍ତୃତା ପରେ କୁମ୍ବଲେ ପ୍ରସଙ୍ଗ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ରଖିଥିଲେ । ଲୋକପ୍ରିୟ କ୍ରିକେଟ ତାରକାଙ୍କୁ ପାଖରେ ପାଇ ବହୁ ପ୍ରଶଂସକ ଲୋକସେବା ଭବନମୁହାଁ ହୋଇଥିଲେ। କର୍ମଚାରୀ, ଅନେକ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ କୁମ୍ବଲେଙ୍କ ସହ ମିଶିବା ପାଇଁ ଉତ୍ସୁକତା ଦେଖାଇଥିଲେ। ବକ୍ତୃତା ପରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଅନିଲ ଅତ୍ୟନ୍ତ ଚତୁରତାର ସହ ବିବାଦୀୟ ପ୍ରଶ୍ନକୁ ଏଡାଇ ଯାଇଥିଲେ। ସେହିପରି ପାକିସ୍ତାନ ବିପକ୍ଷରେ ଟେଷ୍ଟ ସିରିଜ୍ ବିଜୟୀ ଘଟଣା, ଗୋଟିଏ ପାଳିରେ ସମସ୍ତ ଉଇକେଟ୍ ଦଖଲ କରିବା ଏବଂ ସର୍ବୋପରି ଭାରତୀୟ ଦଳ ସହ ୧୮ ବର୍ଷର ଯାତ୍ରା ଚିରସ୍ମରଣୀୟ ବୋଲି କୁମ୍ବଲେ କହିଛନ୍ତି।

# ଏନ୍‌ଏଲ୍‌ୟୁରେ ଓଡ଼ିଆ ଛାତ୍ରୀଛାତ୍ରଙ୍କ ପାଇଁ ୨୫% ସିଟ୍ ସଂରକ୍ଷଣ

କଟକ ଅଫିସ,୪।୧

ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍ ଝାବେରୀଙ୍କର ଶନିବାର ଥିଲା କାର୍ଯ୍ୟକାଳର ଅନ୍ତିମ ଦିବସ। ଏହି ଶେଷ ଦିନରେ ଜଷ୍ଟିସ ଝାବେରୀ ରାଜ୍ୟ ପାଇଁ ଏକ ବଡ଼ ଖୁସି ଖବର ଆଣି ଦେଇଛନ୍ତି। କଟକ ଜିଲା ନରାଜସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ(ଏନ୍‌ଏଲ୍‌ୟୁ)ର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ଏନ୍‌ଏଲ୍‌ୟୁର କୁଳାଧିପତି ଜଷ୍ଟିସ ଝାବେରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଥମଥର ନିମନ୍ତେ ଏହି ବିଶ୍ୱବିଦ୍ୟାଳୟରେ ଓଡ଼ିଆ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ୨୫ ପ୍ରତିଶତ ସିଟ୍ ସଂରକ୍ଷଣ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ପୂର୍ବରୁ ଅନେକ ଥର ପ୍ରସ୍ତାବ ଦିଆଯାଇଥିବାବେଳେ ଝାବେରୀଙ୍କ କାର୍ଯ୍ୟକାଳର ଶେଷ ଦିନରେ ଏହାକୁ ଗୃହୀତ କରାଯାଇଥିଲା। ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ଉଭୟ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ଓଡ଼ିଆ ଛାତ୍ରୀଛାତ୍ରଙ୍କ ନିମନ୍ତେ ସିଟ୍ ସଂରକ୍ଷଣ ରହିବ। ଏହି ବିଶ୍ୱବିଦ୍ୟାଳୟରେ ୧୮୦ଟି ସ୍ନାତକ ଓ ୫୦ଟି ସ୍ନାତକୋତ୍ତର ସିଟ୍ ରହିଛି। ବୈଠକରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ଶ୍ରୀକ୍ରିଷ୍ଣା ଦେବା ରାଓ, କୁଳସଚିବ ଡ. ଯୋଗେଶ ପ୍ରତାପ ସିଂଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ନିଷ୍ପତ୍ତିକୁ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ସ୍ୱାଗତ ଜଣାଇଛନ୍ତି।

## ଆର୍ଥିକ ଅନିୟମିତତା
## ୩ ସରପଞ୍ଚ ନିଲମ୍ବିତ

ଭୁବନେଶ୍ୱର,୪।୧(ବ୍ୟୁରୋ)- ଆର୍ଥିକ ଅନିୟମିତତା ଏବଂ ଦୀର୍ଘଦିନ ଧରି ଅନୁପସ୍ଥିତ ରହିବା କାରଣରୁ ରାଜ୍ୟ ସରକାର ଶନିବାର ୩ ଜଣ ସରପଞ୍ଚଙ୍କୁ ନିଲମ୍ବିତ କରିଛନ୍ତି। କେନ୍ଦୁଝର ଜିଲା ହାଟଡିହି ବ୍ଲକ ସୁଲଣା ସରପଞ୍ଚ ଅଲିଭା ପଲେଇ, ବରଗଡ଼ ବ୍ଲକ କଳାପାଣି ସରପଞ୍ଚ କେ.ଭି. ରେଡ୍ଡୀ ଏବଂ ଭଦ୍ରକ ବ୍ଲକ ବେତେରା ସରପଞ୍ଚ ବିଦ୍ୟାଧର ଦାସଙ୍କୁ ନିଲମ୍ବିତ କରାଯାଇଛି। ଏ ନେଇ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି।

## ଆଜି କ'ଣ କେଉଁଠି

**ଲୋଇସିଂହା**

■ବଲାଙ୍ଗୀର ହାଟୁଆ ସାମଜର ଜିଲାସ୍ତରୀୟ ବନ୍ଧୁ ମିଳନ, ବୁର୍ଡା, ପୂର୍ବାହ୍ନ ୧୧ଟା।

■ରମାଇ ମହୋତ୍ସବ ପ୍ରସ୍ତୁତି ବୈଠକ, ବୁର୍ଡା ଡାକବଙ୍ଗଳା, ପୂର୍ବାହ୍ନ ୧୧ଟା।

■ଆଇନ ସଚେତନତା ଶିବିର, ସେମେଲମୁଣ୍ଡା ଡେକେୟାର ସେଣ୍ଟର, ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**

■୨୩ବର୍ଷରୁ କମ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି, ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୮ଟା ।

■ଅବଲୁପ୍ତ ଲୋକକଳାର ପୁନରୁଦ୍ଧାରରେ ସମ୍ବଲପୁରୀ ନାଟକର ଭୂମିକା ଆଲୋଚନାଚକ୍ର, ଅଇଁଠାପାଲି ପିଏଚଡି ପଡିଆ ସଭା କକ୍ଷ, ପୂର୍ବାହ୍ନ ୧୦ଟା ।

■୨୩ତମ ଲୋକମହୋତ୍ସବ, ଅଇଁଠାପାଲି ପିଏଚଡି ପଡିଆ ମଞ୍ଚ, ସନ୍ଧ୍ୟା ୫ଟା।

**ବୌଦ୍ଧ**

■ବୌଦ୍ଧ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଚତୁର୍ଥ ସନ୍ଧ୍ୟା, କଚେରୀ ଖେଳ ପଡିଆ, ଅପରାହ୍ନ ୫ଟା ।

**ଦେବଗଡ଼**

■ସତ୍‌ସଙ୍ଗ ମହୋତ୍ସବ, ଗୋପାଳଜୀ ମନ୍ଦିର , ସନ୍ଧ୍ୟା ୬ଟା।

■ବାଟେଘାଟେ କାର୍ଯ୍ୟକ୍ରମ, ପ୍ରଧାନପାଟ, ଦେବଗଡ଼, ପୂର୍ବାହ୍ନ ୧୦ଟା।

**ଭବାନୀପାଟଣା**

■ବରିଷ୍ଠ ନାଗରିକ ସଂଘର ତୃତୀୟ ବାର୍ଷିକୋତ୍ସବ, ସରକାରୀ ଆଇଟିଆଇ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା।

**ସୁନ୍ଦରଗଡ଼**

■ବୁକ୍ ଗାର୍ଡେନ୍‌ର ଉଦ୍‌ଘାଟନ, ଜିଲାପାଳଙ୍କ ବାସଭବନ ପରିସର, ଅପରାହ୍ନ ୩.୩୦ ।

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଭାରତ ସରକାର
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାର
DSPL - 215

ସଶକ୍ତ ମିଶନ୍ ଇନ୍ଦ୍ରଧନୁଷ୍ ୨.୦ ଅଭିଯାନ



ସମ୍ପୂର୍ଣ୍ଣ ଟୀକାକରଣ
ପ୍ରତ୍ୟେକ ଶିଶୁର ଅଧିକାର, ସୁସ୍ଥ ଜୀବନର ଆଧାର

- କୌଣସି କାରଣରୁ ଆଦୌ ଟୀକା ନେଇନଥିବା କିମ୍ବା ସମ୍ପୂର୍ଣ୍ଣ ଟୀକାକରଣ ନହୋଇ ଅଧାରୁ ଟୀକାନେବା ବନ୍ଦ କରିଥିବା ଶିଶୁମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ ।
- ଆମ ରାଜ୍ୟରେ ଏହି କାର୍ଯ୍ୟକ୍ରମ ଢେଙ୍କାନାଳ, ଗଜପତି, କନ୍ଧମାଳ, କୋରାପୁଟ, ମାଲକାନାଗିରି ଓ ରାୟଗଡା ଜିଲ୍ଲାରେ ଡିସେମ୍ବର ୨୦୧୯ ଠାରୁ ମାର୍ଚ୍ଚ ୨୦୨୦ ପର୍ଯ୍ୟନ୍ତ ୪ଟି ପର୍ଯ୍ୟାୟରେ ଚାଲୁଅଛି ।

୨ୟ ପର୍ଯ୍ୟାୟ
ସଶକ୍ତ ମିଶନ୍ ଇନ୍ଦ୍ରଧନୁଷ୍ ଅଭିଯାନ
ଚଳିତ ଜାନୁଆରୀ ମାସ
୬ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ।

10003/13/0060/1920

ଅଧିକ ସୂଚନା ପାଇଁ ଆଶା, ଅଙ୍ଗନୱାଡି କର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ଯୋଗାଯୋଗ କରନ୍ତୁ ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
Facebook.com http://www.health.odisha.gov.in HFWOdisha

ବେହେରାମୁଣ୍ଡା ଆଶ୍ରମ ବିଦ୍ୟାଳୟ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ତରଫରୁ ସମସ୍ତଙ୍କୁ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ।



ଉଦେକର ନାଏକ
ପ୍ରଧାନଶିକ୍ଷକ, ବେହେରାମୁଣ୍ଡା ଆଶ୍ରମ ବିଦ୍ୟାଳୟ

ହେମଗିର ବାସୀଙ୍କୁ ନବବର୍ଷରେ ସୁଖ ସମୃଦ୍ଧି କାମନା କରିବା ସହ ସେମାନଙ୍କ ଭବିଷ୍ୟତ ସୁଖମୟ ହେଉ।



ସୁରଥ କୁମାର ପଧାନ
ଉପାଧ୍ୟକ୍ଷ, ହେମଗିର ପଞ୍ଚାୟତ ସମିତି

କୁଶମେଳ ଆଶ୍ରମ ବିଦ୍ୟାଳୟ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ତରଫରୁ ସମସ୍ତଙ୍କୁ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ।



ଯଜ୍ଞ କୁମାର ପଟେଲ
ପ୍ରଧାନଶିକ୍ଷକ, କୁଶମେଳ ଆଶ୍ରମ ବିଦ୍ୟାଳୟ



ନବବର୍ଷରେ ସମସ୍ତ ହେମଗିରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।



ସରୋଜ ପାଣିଗ୍ରାହୀ
ବିଧାୟିକା ପ୍ରତିନିଧି, ହେମଗିର ବ୍ଲକ

ସରକାରୀ ଉଚ୍ଚ ବିଦ୍ୟାଳୟ, ଜୁଲୁମବାହାଲ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ତରଫରୁ ସମସ୍ତଙ୍କୁ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ।



ଶ୍ରୀମତୀ ମୀନା କୁମାରୀ ଶତପଥୀ
ପ୍ରଧାନ ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚବିଦ୍ୟାଳୟ, ଜୁଲୁମବାହାଲ

ଗୋପାଳପୁର ଲ୍ୟାମ୍ପ୍ସର ସମସ୍ତ ଚାଷୀ ଭାଇ ଭଉଣୀ ତଥା ସଭ୍ୟ, ସଭ୍ୟାମାନଙ୍କୁ ଲ୍ୟାମ୍ପ୍ସ ପରିଚାଳନା କମିଟି ତରଫରୁ ନବବର୍ଷରେ ହାର୍ଦ୍ଦିକ ଅଭିନନ୍ଦନ।



ଶ୍ରବଣ ଗର୍ଡିଆ
ପରିଚାଳନା ନିର୍ଦ୍ଦେଶକ
ଗୋପାଳପୁର ଲ୍ୟାମ୍ପ୍ସ



ହେମନ୍ତ ସାମରଥ
ସଭାପତି
ଗୋପାଳପୁର ଲ୍ୟାମ୍ପ୍ସ

ଖଜୁରବନିଆ କନ୍ୟାଶ୍ରମ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ତରଫରୁ ସମସ୍ତଙ୍କୁ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ।



ଶ୍ରୀମତୀ ମହିମାଭକ୍ତି ବେସନ
ପ୍ରଧାନ ଶିକ୍ଷୟିତ୍ରୀ, ଖଜରୁବନିଆ କନ୍ୟାଶ୍ରମ



ହେମଗିର ବାସୀଙ୍କ ସୁଖ ସମୃଦ୍ଧି କାମନା କରିବା ସହ ନବବର୍ଷର ଅଭିନନ୍ଦନ।



ଶିଶିର କୁମାର ନାଏକ
ଲେଖକ (ହେମଗିର ଗଡ଼ର ଭିତିରିକଥା)

ନବବର୍ଷର ଶୁଭେଚ୍ଛା



ହରିପ୍ରିୟା ପ୍ରଧାନ
ସରପଞ୍ଚ, ତୁଡାଲଗା



ବସନ୍ତ କୁମାର ନାଏକ
ପି.ଇ.ଓ.

ଶାନ୍ତ ଦଶମୀ
ସମସ୍ତ ଜଂଘା ବଡ଼ଦେଓ ଭକ୍ତଙ୍କୁ ସ୍ୱାଗତ ଜଣାଉଛୁ, ଜୟ ଜଂଘା ବଡ଼ଦେଓ ।



ମନ୍ଦାକିନୀ ବରିହା
ସରପଞ୍ଚ, ଭୋଇପାଲି



ରବୀନ୍ଦ୍ର ପଟେଲ
କୃଷକ ସଂଗଠନ, ସଭାପତି




With Best Compliments from:
एनटीपीसी NTPC
एक महारत्न कम्पनी
Dulanga Coal Mining Project
Sundargarh, Odisha
Fostering Sustainable Development



> ମଣିଷ ପ୍ରକୃତିର ଦିବ୍ୟରୂପାନ୍ତର ହେବ ବୋଲି ଆମେ ଯାହା କହୁଛୁ– ତାହା ହେଲା ତା'ପ୍ରକୃତିର ଏକ ସମ୍ପୂର୍ଣ୍ଣ ଓ ସମାଗ୍ରିକ ପରିବର୍ତ୍ତନ। କେହି ଭାବିବା ଉଚିତ ନୁହେଁ ଯେ, ଏହା କେବଳ ଏକପ୍ରକାର ଉଚ୍ଚସ୍ତରୀୟ ମାନବିକତା ମାତ୍ର। ଦିବ୍ୟରୂପାନ୍ତର ହେଲା ଆମ ଅଜ୍ଞାନ ପ୍ରକୃତିର ମିଥ୍ୟାରୁ ମୁକ୍ତ ହୋଇ ଦିବ୍ୟ– ପ୍ରକୃତିର ସତ୍ୟ ସହିତ ଏକାତ୍ମ ହେବା।
> – ଶ୍ରୀଅରବିନ୍ଦ

# ବିଶ୍ୱ ନଜରରେ ଭାରତ

ଆକାର ପଟେଲ

୨୦୨୦ରେ ସାରା ଜଗତ ଭାରତ ବିଷୟରେ କ'ଣ କହୁଛି? ''ଭାରତରେ ହିଂସାକାଣ୍ଡ ବଢ଼ିଚାଲିଥିବା ବେଳେ ପୋଲିସ ମୁସଲମାନଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ହେଉଛି'' (ନ୍ୟୁୟର୍କ ଟାଇମ୍ସ, ଜାନୁୟାରୀ ୩)। ''ଭାରତରେ ଦମନଲୀଳା ଚାଲିଥିବା ବେଳେ ବିଶିଷ୍ଟ ବ୍ୟକ୍ତିମାନେ ନୀରବ ରହୁଛନ୍ତି'' (ୱାଶିଂଟନ ପୋଷ୍ଟ, ଜାନୁୟାରୀ ୪)। ''ଆମେ ନିରାପଦ ନୋହୁଁ: ପୋଲିସ ନୃଶଂସତାକୁ ନେଇ ଭାରତୀୟ ମୁସଲମାନଙ୍କ ପ୍ରତିକ୍ରିୟା'' (ଗାର୍ଡିଆନ, ଜାନୁୟାରୀ ୩)। ରକ୍ଷଣଶୀଳ କାଗଜଗୁଡ଼ିକ ଭାବୁଛନ୍ତି ଯେ ଭାରତରେ କିଛି ବି ଠିକ୍ ନାହିଁ। ଫାଇନାନ୍ସିଆଲ ଟାଇମ୍ସ ଜିଜ୍ଞାସା କରିଛି: ଭାରତ କ'ଣ ଦ୍ୱିତୀୟ ଜରୁରୀ ପରିସ୍ଥିତି ଆଡ଼କୁ ଗତି କରୁଛି? ବିଶ୍ୱ ଯାହା କହୁଛି ସେଥିରେ ଆମେ ସହମତ ହେବା କି ନ ହେବା ତାହା ଭିନ୍ନକଥା। କିନ୍ତୁ ଅନେକ ଭାରତୀୟ ଏବଂ ବିଶେଷ କରି ହିନ୍ଦୁମାନେ ଏଇ ବିଷୟରେ ଏକମତ ନୁହନ୍ତି ଯେ, ଭାରତରେ କିଛି ଭଲ ଚାଲିନାହିଁ ବା ଏଇ ସରକାର ତା'ର ନାଗରିକମାନଙ୍କୁ ଭୟଭୀତ କରୁଛନ୍ତି। ମୂଳ କଥାଟି ହେଉଛି ବିଶ୍ୱ ଆମ୍ଭମାନଙ୍କୁ ଏହି ନଜରରେ ଦେଖୁଛି। ପ୍ରଶ୍ନ ହେଉଛି କାହିଁକି ସେମାନେ ଆମକୁ ଏପରି ଦେଖୁଛନ୍ତି? କାରଣ ତଥ୍ୟଗୁଡ଼ିକ ଆମ ବିପକ୍ଷରେ ଯାଉଛି। ତା'ର ଗୋଟିଏ କାରଣ ହେଉଛି ନାଗରିକତ୍ୱ ଆଇନ ବିରୋଧରେ ଯେଉଁ ପ୍ରତିବାଦ ହେଉଛି, ସେଗୁଡ଼ିକର ନେତୃତ୍ୱ ନେଉଛନ୍ତି ଭାରତର ମୁସଲମାନମାନେ। ସେମାନଙ୍କୁ ଯେ ଆଇନଗୁଡ଼ିକରେ ଟାର୍ଗେଟ କରାଯାଇଛି, ତାହା ସେମାନେ ଜାଣନ୍ତି। ନିର୍ବିବାଦୀୟ ସତ କଥାଗୁଡ଼ିକ କ'ଣ ଆସନ୍ତୁ ଜାଣିବା–

ପ୍ରଥମତଃ ଆସାମରେ ଏନ୍ଆର୍ସି ପ୍ରକ୍ରିୟା ଆରମ୍ଭ ହେଲାବେଳେ ସ୍ଥାନୀୟ ଯାଞ୍ଚ ଅଧିକାରୀମାନେ ଭୋଟର ତାଲିକାରୁ ଡି–ଭୋଟର (ସନ୍ଦେହଜନକ ଭୋଟର) କହି ଅନେକ ଲୋକଙ୍କ ନାଁ କାଟିଦେଲେ। ଏହି ଡି–ଭୋଟରମାନଙ୍କର ଭୋଟଦାନର ଅଧିକାର ରହିଲା ନାହିଁ। ଏହି ପ୍ରକ୍ରିୟା ସ୍ୱଚ୍ଛ ନ ଥିଲା ଏବଂ ଗୌହାଟୀ ହାଇକୋର୍ଟ ଓ ଭାରତର ସୁପ୍ରିମ୍‌କୋର୍ଟ ଏହାକୁ ସମାଲୋଚନା କରିଛନ୍ତି। ଦ୍ୱିତୀୟତଃ ୨୦୧୯ ଅଗଷ୍ଟ ୩ ତାରିଖରେ ପିଟିଆଇର ରିପୋର୍ଟ ଅନୁସାରେ, ସାରା ଭାରତରେ ଏନ୍ଆର୍ସିର ମୂଳଦୁଆ ପକାଇବା ପାଇଁ ସରକାର ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍) ପ୍ରସ୍ତୁତ କରିବେ। ରିପୋର୍ଟ ଅନୁସାରେ ନାଗରିକତ୍ୱ ଆଇନର ନିୟମ–୩, ୨୦୦୩ ଅନ୍ତର୍ଗତ ଉପନିୟମ–୪ ଅନୁସାରେ କେନ୍ଦ୍ର ସରକାର ଜନସଂଖ୍ୟା ପଞ୍ଜିକା ପ୍ରସ୍ତୁତ କରିବା ଓ ଅପ୍‌ଡେଟ କରିବାକୁ ସ୍ଥିର କରିଛନ୍ତି। ଆସାମ ବ୍ୟତୀତ ସବୁ ରାଜ୍ୟରେ କର୍ମଚାରୀମାନେ ଘରକୁ ଘର ବୁଲି ଲୋକଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବେ ଏବଂ ଏହା ୨୦୨୦ ଏପ୍ରିଲ ପହିଲାରୁ ସେପ୍ଟେମ୍ବର ୩୦ ମଧ୍ୟରେ ସମ୍ପନ୍ନ କରାଯିବ। ଜାତୀୟ ନାଗରିକ ପଞ୍ଜିକାକୁ ସରକାର ପ୍ରାଥମିକତା ଦେଇ ଲାଗୁ କରିବେ ବୋଲି ଲୋକ ସଭାରେ ଜୁନ୍ ୨୦ ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କ ଉଦ୍‌ବୋଧନ ଅବସରରେ କହିଥିଲେ। ତେଣୁ ସାରା ଦେଶରେ ଏନ୍ଆର୍ସି ଲାଗୁ କରିବା ପାଇଁ ନିଷ୍ପତ୍ତି ନିଆଯାଇ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଯାହା କହିଛନ୍ତି, ତାହା ମିଛ ବା ସେ ଏ ବିଷୟରେ ଜାଣିନାହାନ୍ତି। ତୃତୀୟତଃ ମାର୍ଚ୍ଚ ୨୬, ୨୦୧୮ରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଜାରି କରିଥିବା ବିଜ୍ଞପ୍ତି (FEMA 21(R)/2018-RB) ଅନୁସାରେ ଆଫଗାନିସ୍ତାନ, ବାଂଲାଦେଶ ବା ପାକିସ୍ତାନର ଯେଉଁ ସଂଖ୍ୟାଲଘୁ ନାଗରିକ ଯଥା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସି ଓ ଖ୍ରୀଷ୍ଟିଆନ ଦୀର୍ଘମିଆଦୀ ଭିଜା ପାଇ ଭାରତରେ ବସବାସ କରୁଛନ୍ତି, ସେମାନେ ବସବାସ ପାଇଁ ଗୋଟିଏ ଆବାସିକ ସ୍ଥାବର ସମ୍ପତ୍ତି ଏବଂ ଆତ୍ମନିଯୁକ୍ତି ପାଇଁ ଗୋଟିଏ ସ୍ଥାବର ସମ୍ପତ୍ତି କ୍ରୟ କରିପାରିବେ। କାହାର ଧର୍ମ କ'ଣ ସେ କଥା ଆର୍‌ବିଆଇ କେମିତି ଜାଣିବ? ଆମେ କ'ଣ ଏବେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ବେଳେ ସେଥିରେ ଆମର ଧର୍ମ ଉଲ୍ଲେଖ କରିବାକୁ ଆରମ୍ଭ କରିବା? ଏ କଥା ପଦାକୁ ଆସିବା ପରେ ଗତ ସପ୍ତାହରେ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଏକ ଟୁଇଟ ଛାଡ଼ିଲେ ଯେ ଭାରତୀୟ ନାଗରିକମାନଙ୍କୁ ସେମାନଙ୍କ ଧର୍ମ ସମ୍ବନ୍ଧରେ ଘୋଷଣା କରିବାକୁ ପଡ଼ିବ ନାହିଁ।

ସମସ୍ୟା ହେଉଛି କିଏ ଦେଶର ନାଗରିକ ଓ କିଏ ବାହାରୁ ଆସିଛନ୍ତି, ତାହା କିଏ ସ୍ଥିର କରିବ? ମୁସଲମାନଙ୍କ ମନରେ ଆଶଙ୍କା ସୃଷ୍ଟିହେବା ସ୍ୱାଭାବିକ। ସେମାନଙ୍କ ଆଶଙ୍କା ସରକାର ଆପ୍ରବାସୀ ମୁସଲମାନମାନଙ୍କୁ ଦେଶରୁ ବିଦା କରିବାକୁ ଚାହୁଁଛନ୍ତି। ପ୍ରଥମେ ଭୋଟର ତାଲିକାରୁ ସେମାନଙ୍କ ନାଁ କଟାଯିବ। ତା'ପରେ ସନ୍ଦେହଜନକ ବିବେଚିତ ବ୍ୟକ୍ତିମାନଙ୍କୁ ନିରୀହ ବୋଲି ପ୍ରମାଣ ଦେବାକୁ ପଡ଼ିବ। ତା' ମଝିରେ କ'ଣ ହେବ? ଡି–ଭୋଟର ମାନ୍ୟତା ମିଳିଥିବା ଲୋକମାନଙ୍କର ପାସ୍‌ପୋର୍ଟ ଓ ଲାଇସେନ୍ସ ବାତିଲ କରାଯିବ ଏବଂ ସେମାନଙ୍କୁ ସମ୍ପତ୍ତି ଅଧିକାରରୁ ବଞ୍ଚିତ କରାଯିବ (କାରଣ ଆର୍‌ବିଆଇ ସର୍କୁଲାର ଅନୁସାରେ କେବଳ ଅଣମୁସଲମାନ ସମ୍ପତ୍ତି କିଣିବା ପାଇଁ ଅନୁମତିପ୍ରାପ୍ତ)। ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଓ ଚାକିରି ଅଧିକାରରୁ ସେମାନଙ୍କୁ ବେଦଖଲ କରାଯିବ। ସରକାରଙ୍କୁ ଏପରି କି ଦେଶରେ ଅଟକ କେନ୍ଦ୍ର ଖୋଲିବାକୁ ପଡ଼ିବ ନାହିଁ। ଯେଉଁ ମୁସଲମାନମାନେ ଏବେ ଏସବୁର ସମ୍ମୁଖୀନ ହୋଇନାହାନ୍ତି, ସେମାନଙ୍କୁ କେବେ ଯେ ସମ୍ମୁଖୀନ ହେବାକୁ ପଡ଼ିବ କହିହେବ ନାହିଁ। ସେଥିପାଇଁ ସେମାନେ ପ୍ରତିବାଦର ନେତୃତ୍ୱ ନେଉଛନ୍ତି। ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଆଶ୍ୱାସନା ଉପରେ ସେମାନେ ଭରସା କରିପାରୁ ନାହାନ୍ତି। ଉତ୍ତରପ୍ରଦେଶ ହିଂସାରେ ପୋଲିସ ଗୁଳିରେ ୧୬ରୁ ୧୪ ଜଣଙ୍କର ମୃତ୍ୟୁ ଘଟିଛି। କିନ୍ତୁ ଆମ ପ୍ରଧାନମନ୍ତ୍ରୀ ଏଥିପାଇଁ ଆନ୍ଦୋଳନକାରୀମାନେ ଭିଆଇଥିବା ହିଂସାକୁ ଦାୟୀ କରୁଛନ୍ତି। ସେଥିପାଇଁ ବିଶ୍ୱ ସମୁଦାୟ ଆମକୁ ଭଲ ନଜରରେ ଦେଖୁନାହାନ୍ତି।

Email: aakar.patel@gmail.com

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 1 | | 5 | D | | 3 | 0 | B | | | 7 |
| | 2 | | | | | A | B | | | | | 9 | | 4 |
| | | | 4 | | | | | C | 1 | | 8 | D | A | |
| | 7 | 6 | 9 | | C | | | | E | | D | B | | |
| | | | E | D | | 2 | | | | | | | 8 | 1 |
| | | | 3 | B | | 9 | | 0 | | 8 | 5 | A | | |
| | 5 | E | 7 | | | | | 1 | | 4 | 6 | | D | |
| | D | C | | A | | | 7 | | 2 | | | 4 | | |
| | | | 0 | 4 | | B | | | D | | | | | |
| | | 0 | | | E | 4 | | | C | | | 6 | 1 | |
| 5 | | | A | | | | 1 | | | 3 | | | | |
| | | 3 | | | | 7 | 9 | B | | | A | | E | |
| | 0 | D | 6 | 5 | | | | | | | | 2 | | C |
| | 4 | | | | | | | 2 | 6 | D | | | B | |
| | 8 | | | | | | 6 | | 0 | C | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 4 | D | 2 | E | 8 | C | A | 5 | 9 | 7 | 3 | 1 | 0 | 6 |
| 2 | 0 | 3 | 4 | 6 | B | 1 | 7 | 9 | C | A | E | D | 8 | 5 |
| C | 1 | 6 | 0 | 7 | 9 | 8 | 3 | 2 | D | 5 | 4 | A | E | B |
| 5 | 8 | 9 | A | 1 | C | 6 | D | E | 2 | 0 | B | 3 | 7 | 4 |
| A | E | 7 | D | 5 | 3 | 0 | 4 | B | 1 | 8 | 6 | 9 | C | 2 |
| 8 | D | 1 | 5 | 9 | A | B | 6 | 0 | E | 4 | 2 | 7 | 3 | C |
| 6 | 2 | 4 | E | C | 0 | 9 | 5 | 7 | B | 3 | 1 | 8 | A | D |
| E | B | 5 | 8 | 2 | 4 | 3 | C | A | 7 | D | 0 | 6 | 1 | 9 |
| 3 | A | C | 6 | B | 7 | D | E | 1 | 5 | 9 | 8 | 4 | 2 | 0 |
| 9 | 7 | 0 | 3 | D | 1 | 4 | 2 | 8 | A | 6 | C | B | 5 | E |
| 4 | 5 | B | C | 0 | E | A | 9 | D | 3 | 1 | 7 | 2 | 6 | 8 |
| 7 | 6 | E | 9 | 8 | 2 | 5 | 1 | 4 | 0 | B | A | C | D | 3 |
| 1 | 3 | 2 | B | 4 | 5 | 7 | 8 | C | 6 | E | D | 0 | 9 | A |
| 0 | 9 | A | 7 | 3 | D | 2 | B | 6 | 8 | C | 5 | E | 4 | 1 |
| D | C | 8 | 1 | A | 6 | E | 0 | 3 | 4 | 2 | 9 | 5 | B | 7 |

ଗତକାଲିର ଉତ୍ତର

# ପ୍ରତିବଦ୍ଧତାହୀନ ସଙ୍କଳ୍ପ

ଚିତ୍ର–ଚରିତ୍ର

ନିରଞ୍ଜନ ପାଢ଼ୀ

ଅନନ୍ତ କାଳର ଅବଧି ମଧ୍ୟରେ, ପ୍ରକୃତିର ନିରନ୍ତର ପ୍ରବାହ ଭିତରେ ଦିନ, ମାସ ବା ବର୍ଷର ଗଣନା ମୂଲ୍ୟହୀନ ହେଲେ ହେଁ ମଣିଷର ବ୍ୟାବହାରିକ ମାପଦଣ୍ଡରେ ଗଲା ବର୍ଷଟି ପୁରୁଣା ହୋଇ ଆମ କ୍ୟାଲେଣ୍ଡରରୁ ବିଦାୟ ନେଇଛି ଓ ତାହାର ସ୍ଥାନ ନେଇଛି ସଂଖ୍ୟାର ଏକକରେ ନାମିତ ନୂଆ ଏକବର୍ଷ, ଯାହାକୁ ଗଣମାଧ୍ୟମଠାରୁ ଜନସାଧାରଣ ଯାଏ ଶ୍ରଦ୍ଧାରେ ଡାକୁଛନ୍ତି, 'ଟ୍ୱେଣ୍ଟି ଟ୍ୱେଣ୍ଟି'। ବର୍ଷଟିଏ ନୂଆ ହୋଇ ଆସେ ଓ ପୁଣି ପୁରୁଣା ହୋଇ ଚାଲିଯାଏ। ଚାଲି ଯାଇଥିବା ବର୍ଷଟି ସମ୍ପର୍କରେ ସମୀକ୍ଷା ଭିତରୁ ଯଦି ନୂଆ ବର୍ଷଟିକୁ ଆବାହନ କରା ଯାଉଥାନ୍ତା, ତେବେ ଅଧିକ ଅର୍ଥପୂର୍ଣ୍ଣ ହୁଅନ୍ତା। ପୁରୁଣା ବର୍ଷଟିରେ ଯାହା ଥିବାରୁ ବା ନ ଥିବାରୁ ବର୍ଷଟି ସୁଖସ୍ରାବୀ ହୋଇପାରି ନ ଥିଲା, ସେ ସମ୍ପର୍କରେ ମଣିଷ ଚିନ୍ତା କରନ୍ତା ଓ ତଦନୁଯାୟୀ ନୂଆବର୍ଷଟିକୁ ନୂଆ ରୂପରେ ସଜାନ୍ତା। ମାତ୍ର ଏମିତି କିଛି ହୁଏନା। 'ଗତସ୍ୟ ଶୋଚନା ନାସ୍ତି' ନ୍ୟାୟରେ ପୁରୁଣା ବର୍ଷଟିର ସ୍ମୃତି ରୋମନ୍ଥନ କରିବାକୁ ଏକ ବୃଥା କସରତ ବୋଲି ମନେ କରାଯାଇ ଅତୀତକୁ ଅଳିଆ ଗଦାରେ ଫିଙ୍ଗି ଦିଆଯାଏ ଓ ଆବାହନ କରାଯାଏ ନବକଳେବରଧାରୀ ନବବର୍ଷର ଆଗମନକୁ।

ଏ ଆବାହନର ସ୍ୱରୂପ ବି ବିବିଧବର୍ଣ୍ଣ। ପୁରୁଣା ବର୍ଷର ଶେଷ ସନ୍ଧ୍ୟାଟି ସଜ୍ଜିତ ହୋଇଥାଏ ବହୁବିଧ ଆଲୋକମାଳାରେ। ସେଇ ଈପ୍‌ସିତ 'ଶୂନ୍ୟ ଘଟିକା' ବା 'ଜିରୋ ଆୱାର'କୁ ପ୍ରତୀକ୍ଷା କରାଯାଏ ବିଭିନ୍ନ ବ୍ୟବସ୍ଥା ମଧ୍ୟରେ। ବଡ଼ ବଡ଼ ନଗରୀରେ ହୋଟେଲ ବା କ୍ଲବ୍‌ଗୁଡିକରେ ଜମିଯାଏ ନୃତ୍ୟଗୀତର ଆସର ତ ଛୋଟ ଛୋଟ ସହରରେ ଭୋଜିଭାତର ଆସର। ଏଥର ତ ସେମାନଙ୍କ ପାଇଁ ଖୋଦ୍ ସରକାର ବି ସାମିଲ, ଯେଉଁମାନେ ବିନା ମଦ୍ୟପାନରେ ପୁରୁଣା ବର୍ଷଟିକୁ ବିଦାୟ ଦେଇ ନୂଆବର୍ଷକୁ ଆବାହନ କରିବାକୁ ରଙ୍ଗହୀନ ମନେକରନ୍ତି! ରାତି ଗୋଟାଏ ଯାଏ ମଦ୍ୟଶାଳା ଖୋଲା ରଖିବାର ସରକାରୀ ବରାଭୟ ଲାଭ କରି ଉଭୟ ମଦ ବ୍ୟବସାୟୀ ଓ ମଦ୍ୟପମାନେ ସରାକରଙ୍କ ସ୍ତୁତିଗାନ କରିବା ମଧ୍ୟରେ ଧୀରେ ଧୀରେ ନୂଆବର୍ଷ ଓହ୍ଲାଇ ଆସିଥାଏ– ମହାକାଳର ଗର୍ଭ ମଧ୍ୟରୁ। ଅବଗଣନା ଆରମ୍ଭ ହୋଇଥାଏ ସେଇ ବାଞ୍ଛିତ ଶୂନ୍ୟ ଘଟିକାକୁ ସ୍ୱାଗତ କରିବାକୁ। ତା'ପରେ ଟଳ ଟଳ ପାଦର ଛନ୍ଦ ମଧ୍ୟରେ ବାଣରୋଶଣିର ବୁକୁଫଟା ଆୱାଜ ମଧ୍ୟରେ ନବବର୍ଷର ପ୍ରଥମ ମୁହୂର୍ତ୍ତଟି ଜନ୍ମ ନିଏ।

ତେବେ ଆମ ଆଲୋଚ୍ୟ ପ୍ରସଙ୍ଗଟି ଟିକେ ଭିନ୍ନ ପର୍ଯ୍ୟାୟରେ। ମାତୃଗର୍ଭରୁ ଭୂମିଷ୍ଠ ହୋଇ ସଂସାରର ପ୍ରଥମ ଆଲୋକ ଦେଖୁଥିବା ନବଜାତକର ଲଲାଟରେ ଯେମିତି ଅଦୃଶ୍ୟ ଭାବେ ଅଙ୍କିତ ହୋଇଥାଏ ଷଠୀଦେବୀଙ୍କ ବରଦାନ, ସେମିତି ନବବର୍ଷଟିଏ ମହାକାଳ ଗର୍ଭରୁ ଭୂମିଷ୍ଠ ହେବା ପୂର୍ବରୁ ତାକୁ ନେଇ ଅନୁଚ୍ଚାରିତ ଭାବେ ଗଢ଼ା ହୋଇଥାଏ କେତେ କେତେ ସଙ୍କଳ୍ପର ସୁଦୃଶ୍ୟ ମିନାର, ଉତ୍ତୋଳିତ ହୋଇଥାଏ ବହୁବିଧ ଶପଥର ଶ୍ରୁତିମଧୁର ସ୍ଲୋଗାନ। ଏମିତି ସଙ୍କଳ୍ପକୁ ଆୟୁଷ୍ମାନ କରିବାକୁ ନିଜ ନିଜ ଇଷ୍ଟଦେବଙ୍କୁ ପ୍ରାର୍ଥନା କରାଯାଏ। ସଙ୍କଳ୍ପଚ୍ୟୁତ ହେବାର ଦୁର୍ବଳତା ବା ଶପଥଭଙ୍ଗ କରିବାର ବିବଶତା କେବେ ବିଗ୍ରାସ ନ କରୁ, ନିଜକୁ ନେଇ ନିଜ ଭିତରେ ଏମିତି ଏକ ପ୍ରତିବଦ୍ଧତା ସୃଷ୍ଟି କରାଯାଏ। ବିଗତ ବର୍ଷଗୁଡ଼ିକୁ କଳୁଷ କାଳିମାରୁ ମୁକ୍ତ କରି, ଧୋଇମାଜି ସଫାକରି ନୂଆବର୍ଷରେ ନୂଆ ରୂପ ଦେବାକୁ ନିଜ ଭିତରେ ଏକ ଭୀଷ୍ମ ପ୍ରତିଜ୍ଞା ମୁଣ୍ଡ ଟେକେ।

ମଦ ବା ସିଗାରେଟ୍ ଆଦି ପ୍ରାଣଘାତକ ବଦଭ୍ୟାସରୁ ନିଜକୁ ମୁକ୍ତ କରିବାକୁ ନୂଆବର୍ଷର ଅବ୍ୟବହିତ ପୂର୍ବରୁ ମଦ୍ୟପ ବା ଧୂମପାନକାରୀ ସଙ୍କଳ୍ପ ନିଅନ୍ତି। ନିଜ ବିଶାଳ ବପୁକୁ ଚର୍ବିମୁକ୍ତ କରିବାକୁ ବାଇକ୍ ବଦଳରେ ସାଇକେଲରେ ଅଫିସ ଯିବାକୁ ବା ନୈତିକତାର ଆହ୍ୱାନରେ ଅଫିସ କାର୍ଯ୍ୟ କରି କେବେ କାହାଠାରୁ ଲାଞ୍ଚ ନ ନେବାକୁ ନୂଆବର୍ଷ ଆରମ୍ଭ ଦିନକୁ ଏକ ଲକ୍ଷ୍ମଣଗାର ଭାବେ ଗ୍ରହଣ କରି ବଜ୍ର ଶପଥଟିଏ ନେଇଥାନ୍ତି ସରକାରୀ କର୍ମଚାରୀ। ସେହିପରି ଅନ୍ତର୍ନିହିତ ଚେତନାର ଏକ ଦିବ୍ୟ ଆକର୍ଷଣରେ ଜୀବନର ଅବଶିଷ୍ଟ କାଳ ମିଛ ନ କହିବାକୁ ନିଜ ପାଖରେ ପ୍ରତିଜ୍ଞାବଦ୍ଧ ହୋଇଥାନ୍ତି କେହି ଅନୁପ୍ରାଣିତ ସତ୍ୟବାଦୀ। ପ୍ରତିଦିନ ପ୍ରଭାତରେ ଘଣ୍ଟାଏ ଯୋଗାଭ୍ୟାସ କରିବା, ପତି ବା ପତ୍ନୀଙ୍କର ସବୁଯାକ ଗଞ୍ଜଣାକୁ ସହି ନେଇ କୌଣସି ପାରିବାରିକ ଅଶାନ୍ତିକୁ ପ୍ରଶ୍ରୟ ନ ଦେବା, ନିଜ ବୃତ୍ତି ପ୍ରତି ଅଧିକ ବିଶ୍ୱସ୍ତ ରହିବା ବା ଆମିଷ ପରିତ୍ୟାଗ କରି କେବଳ ନିରାମିଷ ବ୍ୟଞ୍ଜନରେ ସନ୍ତୁଷ୍ଟ ରହିବା ଭଳି ବହୁବିଧ ବ୍ୟାବହାରିକ ସଙ୍କଳ୍ପର ଜନ୍ମ ହୁଏ ନବବର୍ଷ ଜନ୍ମ ନେବାର ଅବ୍ୟବହିତ ପୂର୍ବରୁ।

ଅଥଚ କେଡ଼େ କଥା ନ ହୁଅନ୍ତା, ଯଦି ଏ ସମସ୍ତ ସଙ୍କଳ୍ପ ମଧ୍ୟରୁ କେଇଟି ବି କିଛିକାଳ ପାଇଁ ଜୀବନ୍ତ ରହନ୍ତା! ନବବର୍ଷର ସଙ୍କଳ୍ପ ମଧ୍ୟରେ ପ୍ରତିଫଳିତ ହୁଅନ୍ତା ଆତ୍ମସଂଶୋଧନର ପ୍ରତିବଦ୍ଧତା! କେବଳ ଜଣେ ବ୍ୟକ୍ତିର ବ୍ୟକ୍ତିସତ୍ତା ନୁହେଁ, ବ୍ୟକ୍ତିର ସମଷ୍ଟିରୁ ଗଠିତ ସମାଜର ଚିତ୍ର ଓ ଚରିତ୍ରରୁ ଅପସରି ଯାଆନ୍ତା ଆତ୍ମପ୍ରବଞ୍ଚନାର କଳୁଷ! ପ୍ରତ୍ୟେକ ନବବର୍ଷ ଆସନ୍ତା ଏକ ଉନ୍ନତ ଚେତନାର ପରିଚୟ ନେଇ, ଏକ ସମୃଦ୍ଧ ସମାଜର ସ୍ୱପ୍ନ ନେଇ। ମଦ୍ୟମାଂସ, ନାଚଗୀତ ବା ବାଣରୋଶଣିର ବର୍ଣ୍ଣାଢ୍ୟ ସମାରୋହ ମଧ୍ୟରେ ନବବର୍ଷର ସଙ୍କଳ୍ପ ଏମିତି ବୈଶିଷ୍ଟ୍ୟହୀନ ହୁଅନ୍ତା ନାହିଁ କି ଆତ୍ମପ୍ରବଞ୍ଚନାର ପ୍ରହସନରେ ପରିଣତ ହୁଅନ୍ତା ନାହିଁ!

ମାତ୍ର ବିଡ଼ମ୍ବନାର ବିଷୟ, ଏମିତି ହୁଏ ନାହିଁ। କେବଳ ଭଙ୍ଗାଯାଇ ପାରୁଥିବା ଶପଥକୁ ନେଇ ଆତ୍ମପ୍ରକାଶ କରେ ନବବର୍ଷର ପ୍ରଥମ ସକାଳ। ଆମିଷ ତ୍ୟାଗ କରୁଥିବାର ସଙ୍କଳ୍ପ ଦୟନୀୟ ଭାବେ ଶେଷ ହୋଇଯାଏ ନୂଆବର୍ଷର କୁକୁଡ଼ା ବା ଖାସିମାଂସର ବଣଭୋଜି ଭିତରେ। ମଦ୍ୟ ସେବନ ନ କରିବାର ଶପଥ ନିଶ୍ଚିହ୍ନ ହୋଇଯାଏ ନୂଆବର୍ଷ ସନ୍ଧ୍ୟାର ବନ୍ଧୁମିଳନରେ। ମିଛ ନ କହିବାର ଅଙ୍ଗୀକାର ଅସହାୟ ଭାବେ ଆତ୍ମହତ୍ୟା କରେ ନବବର୍ଷର ପ୍ରଥମ ରାତିରେ, ବିଳମ୍ବରେ ଘରକୁ ଫେରିବା ଓ ତଜ୍ଜନିତ ସ୍ତ୍ରୀ ବା ମାତାପିତାଙ୍କର ପ୍ରଶ୍ନ କରିବାର ଅଧିକାର ନିକଟରେ। ପୁଣି ଲାଞ୍ଚ ନ ନେବାର ଆତ୍ମପ୍ରତିଶ୍ରୁତି ଅଳ୍ପାୟୁ ହୋଇ ଶେଷ ହୋଇଯାଏ କେଉଁଠି କେଉଁ ହିତାଧିକାରୀଙ୍କଠୁ ମୋଟା ମୂଲ୍ୟର ଉପଢୌକନ ବା ପାରିତୋଷିକ ଗ୍ରହଣ କରିବାରେ।

ନବବର୍ଷର ସଙ୍କଳ୍ପ ଓ ତାହା ପାଳନ କରିବାର ପ୍ରତିବଦ୍ଧତା ସମ୍ପର୍କରେ ପରିସଂଖ୍ୟାନ ସଂଗ୍ରହ କରୁଥିବା ଜଣେ ଉତ୍ସାହୀ ଗବେଷକଙ୍କ ପ୍ରଶ୍ନର ଉତ୍ତର ଦେଇ ସେଦିନ ଜଣେ ଯୁବକ କହୁଥିଲେ, ''ପ୍ରତିବର୍ଷ ନବବର୍ଷର ସଙ୍କଳ୍ପ ଭାବେ ଆମେ ଏମିତି କିଛି ବିଷୟ ଚୟନ କରୁ, ଯାହା ପାଳନ କରିବା ସମ୍ଭବ ନୁହେଁ।'' ଅନ୍ୟ ଅର୍ଥରେ ଯୁବକଙ୍କ କହିବା କଥା ହେଲା, ସେମାନେ କେବଳ ସେଇ ସଙ୍କଳ୍ପ ନିଅନ୍ତି, ଯାହା ପୂରଣ କରିବା ସେମାନଙ୍କ ସାମର୍ଥ୍ୟର ବାହାରେ! ପ୍ରକୃତରେ ବଡ଼ ବିଚିତ୍ର ଏ ସଙ୍କଳ୍ପ! ତାହାଠୁ ଆହୁରି ବିଚିତ୍ର ଏ ପ୍ରକାର ସଙ୍କଳ୍ପର ବେକମୋଡି ହତ୍ୟା କରିବାର ଆସୁରିକ ଆନନ୍ଦ। ତେବେ ପ୍ରଶ୍ନ ଉଠୁଛି, ନବବର୍ଷର ଯେଉଁସବୁ ସଙ୍କଳ୍ପ ଭିନ୍ନ ଭିନ୍ନ ପରିସରରେ ଭିନ୍ନ ଭିନ୍ନ ଭାବେ ମୁଣ୍ଡ ଟେକିଥାଏ, ସେଗୁଡିକର ପ୍ରକୃତ ସ୍ୱରୂପ କ'ଣ? ମିଥ୍ୟା ପ୍ରତିବଦ୍ଧତା ନା ସତ୍ୟ ଆତ୍ମପ୍ରବଞ୍ଚନା?

ସେଦିନ ଜଣେ ଯୁବ କର୍ମଚାରୀ ନିଜ ଓଜନ ଓ କ୍ରମାଗତ ବଢି ଚାଲିଥିବା ପେଟକୁ ନେଇ ଚିନ୍ତିତ ହୋଇପଡିଲେ ଓ ନିଜ ସ୍ତ୍ରୀଙ୍କ ସମ୍ମୁଖରେ ଘୋଷଣା କଲେ, ''ଆସନ୍ତା ନବବର୍ଷଠାରୁ ସପ୍ତାହର ପ୍ରଥମ ତିନିଦିନ ବାଇକରେ ଅଫିସ ଯିବି ଓ ଶେଷ ତିନିଦିନ ଯିବି ସାଇକେଲରେ।'' ଗୋଟିଏ ସପ୍ତାହ ସୁରୁଖୁରୁରେ ପ୍ରତିଜ୍ଞା ପାଳନ କରାଗଲା। ଦ୍ୱିତୀୟ ସପ୍ତାହଠୁ ଦେଖାଗଲା ସାଇକେଲର ଗୋଟିଏ ଚକରେ ପବନ ନାହିଁ। ସାଇକେଲ ମରାମତି କରି ଅଫିସ ଯିବା ବିଳମ୍ବ ହାଇଯିବ ବୋଲି ସେଦିନ ବାଇକଟିକୁ ବ୍ୟବହାରରେ ଲଗାହେଲା। ପରଦିନ ଅଫିସ ଯିବା ପୂର୍ବରୁ ସାଇକେଲରେ ପବନ ଭରି ଠିକ୍ କରି ଦେଇଥିଲେ ସ୍ତ୍ରୀ। ଅଥଚ ତାଙ୍କୁ ଚକିତ କରି ସାଇକେଲର ଚକଟି ଆଉ ଥରେ ପବନଶୂନ୍ୟ ହୋଇଯାଇଥିଲା। ଥରକୁ ଦୁଇଥର, ଦୁଇରୁ ଚାରିଥର ଏମିତି ଯେତେ ପବନ ଦେଲେ ବି ସାଇକେଲର ଚକ ଦୁଇଟି ଶେଷରେ ସ୍ଥାୟୀ ଭାବେ ପବନଶୂନ୍ୟ ହୋଇ ପଡି ରହିବାକୁ ପଣ କଲେ ଯେ ଯୁବ କର୍ମଚାରୀ ପୂର୍ବପରି ସବୁଦିନ ବାଇକରେ ଅଫିସ ଯିବାକୁ ବାଧ୍ୟ ହେଲେ।

ଏମିତି ସିନା ହୁଅନ୍ତା, ନବବର୍ଷର ସଙ୍କଳ୍ପ ଏମିତି ପ୍ରହସନ ନ ହୋଇ ଆତ୍ମାର ଆହ୍ୱାନ ହୁଅନ୍ତା! ପୂରଣ ହୋଇ ପାରୁ ନ ଥିବା ସଙ୍କଳ୍ପ ପରିବର୍ତ୍ତେ ମୁଣ୍ଡ ଟେକନ୍ତା ପୂରଣ ହୋଇ ପାରୁଥିବା ସଙ୍କଳ୍ପର ଆକୁଳତା। ଅଭୀଷ୍ଟ ସିଦ୍ଧି ପାଇଁ ଉଦ୍‌ବେଳନ ସୃଷ୍ଟି କରନ୍ତା ମନ ଓ ହୃଦୟର ବ୍ୟାକୁଳତା। ଏମିତି ହୁଅନ୍ତା, ନବବର୍ଷର ଅବ୍ୟବହିତ ପୂର୍ବରୁ ନିଜ ସହ ମୂଲଚାଲ କରି ଏକ ନିର୍ଦ୍ଦିଷ୍ଟ ସଙ୍କଳ୍ପର ସ୍କେଚ୍ ତିଆରି ହୁଅନ୍ତା। ଯେମିତି କି, 'ମୁଁ ଏ ବର୍ଷର ବାରମାସରେ ବାରଟି ବୃକ୍ଷରୋପଣ କରିବି ଓ ବଡ଼ ହେବା ଯାଏ ସେଗୁଡିକର ରକ୍ଷଣାବେକ୍ଷଣ କରିବି' କିମ୍ବା 'ମୁଁ ଏଇ ବର୍ଷଟି ମଧ୍ୟରେ ଦୁଇଥର ରକ୍ତଦାନ କରିବି' ଅବା 'ଜଣେ ଦରିଦ୍ର ଛାତ୍ରର ପଢାଖର୍ଚ୍ଚ ବହନ କରିବି'। କିଛି ନ ହେଲେ ମାସର ଅଣତିରିଶ ଦିନ ନିଜ ପାଇଁ ବଞ୍ଚି ଗୋଟିଏ ଦିନ କେହି ଦୁଃସ୍ଥ, ଦରିଦ୍ର ଅବା ଅସହାୟର ସେବା ପାଇଁ ସମର୍ପିତ ହେବି। ଏମିତି ହେଲେ ନୂଆବର୍ଷ ଆଉ କେବେ ବି ପୁରୁଣା ହୁଅନ୍ତା ନାହିଁ। ନବବର୍ଷର ସଙ୍କଳ୍ପ ଏକ ପ୍ରହସନ ବା ଆତ୍ମପ୍ରବଞ୍ଚନାରେ ଶେଷ ହୋଇଯାନ୍ତା ନାହିଁ। ସଙ୍କଳ୍ପର ପ୍ରତିବଦ୍ଧତା ମଧ୍ୟରେ ପ୍ରତିବିମ୍ବିତ ହୁଅନ୍ତା ଏକ ସଫଳ ଜୀବନର ପ୍ରାଣମୟ ପ୍ରତିବେଦନ! ଆତ୍ମଚେତନାର ମହତ୍ତର ଉପଲବ୍ଧି ମଧ୍ୟରେ ନିନାଦିତ ହୁଅନ୍ତା ସାର୍ଥକ ଜୀବନର ଓଁକାର ଉଚ୍ଚାରଣ!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର, ମୋ: ୮୮୯୫୬୨୪୧୦୫

# ସ୍ଥଳସେନା ମୁଖ୍ୟ

ଭାରତୀୟ ସେନାକୁ ଅଧିକ ସଶକ୍ତ କରିବା ଲାଗି କେନ୍ଦ୍ର ସରକାର ନିକଟରେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ପଦ ସୃଷ୍ଟି କରାଯିବା ପରେ ପୂର୍ବତନ ସ୍ଥଳସେନା ମୁଖ୍ୟ ବିପିନ୍ ରାୱତଙ୍କୁ ସେଥିରେ ଅବସ୍ଥାପିତ କରାଯାଇଛି। ପୂର୍ବରୁ ତିନିବାହିନୀ– ଜଳ, ସ୍ଥଳ ଓ ଆକାଶ ବାହିନୀ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ସମସ୍ତ ରିପୋର୍ଟ ଦିଆଯାଉଥିଲା। ହେଲେ ସ୍ଥଳବିଶେଷରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବାରେ ବିଳମ୍ବ ଘଟୁଥିଲା। ଏବେ ସିଡିଏସ୍ ସାମରିକ ବାହିନୀର ପ୍ରମୁଖ ଭାବେ ସରକାରଙ୍କୁ ପ୍ରତ୍ୟେକ ବିଷୟ ଜଣାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିବେ। ଏବେ ବିପିନ୍ ସିଡିଏସ୍ ହେବା ପରେ ସ୍ଥଳସେନା ମୁଖ୍ୟ ଭାବେ ମନୋଜ ମୁକୁନ୍ଦ ନରୱାଣେ ୩୧ ଡିସେମ୍ବର ୨୦୧୯ରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସ୍ଥଳସେନା ମୁଖ୍ୟ ଥିବା ବେଳେ ବିପିନ୍ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ସରକାରୀ ସପକ୍ଷବାଦୀ ମନ୍ତବ୍ୟ ଦେବାରୁ ସମାଲୋଚିତ ହୋଇଥିଲେ। ହେଲେ ବର୍ତ୍ତମାନର ମୁଖ୍ୟ ନରୱାଣେ ମାନବ ଅଧିକାରକୁ ଅଗ୍ରାଧିକାର ଦେବେ ବୋଲି କହି ନିଜର ଏକ ସ୍ୱତନ୍ତ୍ର ଭାବମୂର୍ତ୍ତି ସୃଷ୍ଟି କରିପାରିଛନ୍ତି।

ବ୍ୟକ୍ତିତ୍ୱ



ମନୋଜ ମୁକୁନ୍ଦ ନରୱାଣେ

୨୨ ଏପ୍ରିଲ ୧୯୬୦ରେ ମହାରାଷ୍ଟ୍ରର ପୁଣେଠାରେ ଏକ ମରାଠୀ ପରିବାରରେ ନରୱାଣେଙ୍କ ଜନ୍ମ । ପିତା ଭାରତୀୟ ବାୟୁସେନାର ଜଣେ ଅଧିକାରୀ ଭାବେ ଯୋଗଦେଇ ୱିଙ୍ଗ କମାଣ୍ଡର ରୂପେ ଅବସର ନେଇଥିଲେ। ମା' ଆକାଶବାଣୀରେ ଜଣେ ଘୋଷିକା ଭାବେ କାର୍ଯ୍ୟ କରୁଥିଲେ। ନରୱାଣେ ପୁଣେସ୍ଥିତ ଜ୍ଞାନ ପ୍ରବୋଧିନୀ ପ୍ରଶାଳାରୁ ସ୍କୁଲ ପଢ଼ା ଶେଷ କରିଥିଲେ। ପରେ ପୁଣେର ନ୍ୟାଶନାଲ ଡିଫେନ୍ସ ଏକାଡେମୀ ଓ ଡେରାଡୁନ୍‌ସ୍ଥିତ ଇଣ୍ଡିଆନ୍ ମିଲିଟାରୀ ଏକାଡେମୀକୁ ଯାଇଥିଲେ। ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ଡିଫେନ୍ସରେ ସେ ସ୍ନାତକୋତ୍ତର ଓ ଏମ୍‌ଫିଲ୍ ଡିଗ୍ରୀ ଅର୍ଜନ କରିଥିଲେ। ପରେ ଇନ୍ଦୋରଠାରେ ଥିବା ଦେବୀ ଅହଲ୍ୟା ବିଶ୍ୱବିଦ୍ୟାଳୟରୁ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ରେ ଡିଗ୍ରୀ ହାସଲ କରିଥିଲେ। ନରୱାଣେ ୱେଲିଂଟନର ଡିଫେନ୍ସ ସର୍ଭିସେସ ଷ୍ଟାଫ୍ କଲେଜ ଏବଂ ମାୱେର ଆର୍ମି ୱାର କଲେଜରେ ମଧ୍ୟ ପ୍ରଶିକ୍ଷଣ ନେଇଥିଲେ। ୧୯୮୦ ଜୁନ୍‌ରେ ସେ ଶିଖ୍ ଲାଇଟ୍ ଇନ୍‌ଫାଣ୍ଟ୍ରିରେ ଯୋଗଦେଇ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ପରେ ଜମ୍ମୁ ଓ କଶ୍ମୀରରେ ରାଷ୍ଟ୍ରୀୟ ରାଇଫଲ୍ସର ଦ୍ୱିତୀୟ ବାଟାଲିୟନ୍ ସହ ୧୦୬ ଇନ୍‌ଫାଣ୍ଟ୍ରି ବ୍ରିଗେଡ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ନାଗାଲାଣ୍ଡ ରାଜଧାନୀ କୋହିମାରେ ଆସାମ ରାଇଫଲ୍ସର ଇନ୍ସପେକ୍ଟର ଜେନେରାଲ (ନର୍ଥ) ରହିଥିବା ନରୱାଣେ ପରବର୍ତ୍ତୀ ସମୟରେ ଜମ୍ମୁ ଓ କଶ୍ମୀର ଏବଂ ଉତ୍ତର ପୂର୍ବାଞ୍ଚଳରେ କାର୍ଯ୍ୟ କରିଥିଲେ। ଏପରି କି ତାଙ୍କ କାର୍ଯ୍ୟଦକ୍ଷତା ଶ୍ରୀଲଙ୍କାରେ 'ଅପରେଶନ ପୱନ'ରେ ନିୟୋଜିତ ଭାରତୀୟ ଶାନ୍ତିରକ୍ଷା ବାହିନୀରେ ଦେଖିବାକୁ ମିଳିଥିଲା। ଜେନେରାଲ ନରୱାଣେଙ୍କ କାର୍ଯ୍ୟ ପ୍ରତି ଅଙ୍ଗୀକାରବଦ୍ଧତା ତାଙ୍କୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀ ସମ୍ଭାଳିବା ଲାଗି ଧୈର୍ଯ୍ୟ ଦେଇଆସିଛି। ସମୟ କ୍ରମେ ସେ ଇନ୍‌ଫାଣ୍ଟ୍ରି ବ୍ରିଗେଡ୍‌ଠାରୁ ଆରମ୍ଭ କରି ମ୍ୟାନ୍‌ମାରର ରେଙ୍ଗୁନ୍‌ଠାରେ ସାମରିକ କାର୍ଯ୍ୟ ସହ ଜଡ଼ିତ ଥିଲେ। ୨୦୧୯ ପ୍ରାରମ୍ଭରେ ନରୱାଣେ ଇଷ୍ଟର୍ନ କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଂ (ଜିଓସି) ହୋଇଥିଲେ। ସେପ୍ଟେମ୍ବର ପହିଲାରେ ତାଙ୍କୁ ଭାଇସ୍ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଭାବେ ନିଯୁକ୍ତି ମିଳିଥିଲା। ଜେନେରାଲ ନରୱାଣେ ହେଉଛନ୍ତି ଶିଖ୍ ରେଜିମେଣ୍ଟରୁ ୩ୟ ସ୍ଥଳସେନା ମୁଖ୍ୟ। ଅନ୍ୟ ଦୁଇ ଜଣ ଥିଲେ ଜେନେରାଲ ବେଦ ପ୍ରକାଶ ମଲିକ୍ ଓ ଜେନେରାଲ ବିକ୍ରମ ସିଂ। ଜେନେରାଲ ନରୱାଣେ ତାଙ୍କ ସେବା ଲାଗି ବହୁ ସାମରିକ ପୁରସ୍କାର ଓ ସମ୍ମାନ ପାଇଛନ୍ତି। ସେଥିମଧ୍ୟରେ ପରମ ବିଶିଷ୍ଟ ସେବା ମେଡାଲ ଓ ଅତି ବିଶିଷ୍ଟ ସେବା ମଡେଲ ରହିଛି।

ଜେନେରାଲ ନରୱାଣେଙ୍କ ବ୍ୟକ୍ତିଗତ ଜୀବନ କହିଲେ ସହଧର୍ମିଣୀ ବୀଣା ବୃତ୍ତିରେ ଶିକ୍ଷୟିତ୍ରୀ। ସେ ଏବେ ଆର୍ମି ୱାଇଭ୍‌ସ ୱେଲଫେୟାର ଆସୋସିଏଶନର ସଭାପତି ଅଛନ୍ତି। ସେମାନଙ୍କ ଦୁଇ ଝିଅ । ନରୱାଣେ ଅବସର ସମୟରେ ପେଣ୍ଟିଂ, ଯୋଗ ଏବଂ ଗାର୍ଡେନିଂ କରିବାକୁ ଭଲ ପାଇଥାଆନ୍ତି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଭାରତରେ ବିଭିନ୍ନ ଖାଦ୍ୟ ଅବଶେଷକୁ ଉପଯୋଗ କରି ପଶୁଖାଦ୍ୟ ତିଆରି କରିବାରେ ରାଜସ୍ଥାନସ୍ଥିତ ଯୋଧପୁରର କେତେଜଣ ଇଞ୍ଜିନିୟରିଂ ଛାତ୍ରଙ୍କୁ ମିଳିଛି ଭିନ୍ନ ପରିଚୟ । ପଶୁଖାଦ୍ୟ ପ୍ରସ୍ତୁତ କରିବା ଲାଗି ଏମାନେ ବଜାର ଓ ଘରୁ ସବୁ ପ୍ରକାର ପନିପରିବା ଏବଂ ଫଳର ଅବଶେଷ ସଂଗ୍ରହ କରୁଛନ୍ତି। ଇଞ୍ଜିନିୟରିଂ ଛାତ୍ରମାନେ ଏକ ଷ୍ଟାର୍ଟଅପ୍ ପ୍ରତିଷ୍ଠା କରି ୪ ବର୍ଷ ହେବ ଉଦ୍ୟମ ଚଳାଇବା ପରେ ଏହି ସଫଳତା ପାଇଛନ୍ତି। କୃଷି ଓ ପଶୁପାଳନ କରୁଥିବା ଲୋକମାନଙ୍କୁ ସାହାଯ୍ୟ କରିବା ସହ ଗ୍ରାମାଞ୍ଚଳରେ ସ୍ୱରୋଜଗାର ସୃଷ୍ଟି କରିବା ସେମାନଙ୍କ ଲକ୍ଷ୍ୟ। ରାଜସ୍ଥାନରେ ଏମାନଙ୍କ ଦ୍ୱାରା ପ୍ରସ୍ତୁତ ପଶୁଖାଦ୍ୟର ଚାହିଦା ଏବେ ବଢିଯାଇଛି। ଉକ୍ତ ଖାଦ୍ୟ ଖାଇବା ଦ୍ୱାରା ପଶୁ ରୋଗଗ୍ରସ୍ତ ହେବାର ଆଶଙ୍କା କମ୍ ରହିବା ସହ ଚିକିତ୍ସା ଖର୍ଚ୍ଚ ୭୦ ଭାଗ କମିଯିବ ଓ ଦୁଗ୍ଧ ଉତ୍ପାଦନ ୨୫ ପ୍ରତିଶତ ବୃଦ୍ଧି ପାଇବ ବୋଲି କୁହନ୍ତି କମ୍ପାନୀର ସିଇଓ ନିଖିଲ ବୋହରା। ଏମାନେ ଏବେ ରାଜସ୍ଥାନ ବ୍ୟତୀତ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, କେରଳ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକରେ କମ୍ପାନୀର କେନ୍ଦ୍ର ଖୋଲିବାକୁ ଯୋଜନା କରିଛନ୍ତି।

## ଚିରନ୍ତନୀ

ଆସିଲ ଯେବେ କି ପାଇଁ ଦୂରେ?
ମୁଁ ପରା ଅଛି ନିକଟେ ଅତି
ତୁମରି ପାଇଁ ରହିଛି ଚାହିଁ
ବିରହ–ବ୍ୟଥା ଟଳାଏ ମତି।
(ନିଜ ଭୁଲା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୫ ଜାନୁୟାରୀ ୧୯୯୫

- ଭାରତ–ସିଙ୍ଗାପୁର ବିଜ୍ଞାନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ନିମନ୍ତେ ଏକ ଚୁକ୍ତି ସ୍ୱାକ୍ଷରିତ କରିଛନ୍ତି।
- ସୋମାଲିଆର ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ସିଆଦ ବାରେଙ୍କ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ଚମକିବ ପୁରୀ

ମହାଶୟ,

ଶ୍ରୀକ୍ଷେତ୍ରର ବହୁବିଧ ବିକାଶ ଲକ୍ଷ୍ୟରେ ଏକ ଦୀର୍ଘମିଆଦୀ ରୋଡ୍ ମ୍ୟାପ ତିଆରି ହେବାର ସୂଚନା ଦିଆଯାଇଛି। ବିକାଶ ମଧ୍ୟରେ ମୂଷାନଦୀର ପୁନରୁଦ୍ଧାର, ଅଠରନଳାର ସୁନ୍ଦରୀକରଣ ଓ ପୁରୀରେ ୨୮ ଏକରର ହ୍ରଦ ନିର୍ମାଣ, ପୁଣି ଏନ୍‌ଏଚ୍ ବାଇପାସଠାରୁ ଜଗନ୍ନାଥବଲ୍ଲଭକୁ ଶ୍ରୀସେତୁ ଦ୍ୱାରା ସଂଯୋଗ କରାଯିବାର ପ୍ରସ୍ତାବ ରହିଛି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ ଶ୍ରୀମନ୍ଦିରର ମେଘନାଦ ପ୍ରାଚୀରଠାରୁ ୭୫ ମିଟର ପରିଧି ମଧ୍ୟରେ ଥିବା ବହୁ ମଠ, ବ୍ୟବସାୟିକ ଅନୁଷ୍ଠାନ, ଲଜ୍ ଓ ବହୁ ବର୍ଷ ଧରି ବସବାସ କରି ଆସୁଥିବା ବାସିନ୍ଦାଙ୍କ ବାସଗୃହ ମଧ୍ୟ ଭାଙ୍ଗି ଦିଆଯାଉଛି। ପୁରୀର ଯେଉଁ ମଠବାଡି ସ୍ଥାପନ ପାଇଁ ଦାତାମାନେ ସ୍ୱଇଚ୍ଛାରେ ଦାନ କରି ଜଗନ୍ନାଥ ସଂସ୍କୃତିକୁ ଚଳାଇ ରଖିଥିଲେ ତାହା ଏବେ ଧ୍ୱଂସସ୍ତୂପରେ ପରିଣତ ହୋଇଛି। ଶ୍ରୀମନ୍ଦିରକୁ ଆତଙ୍କବାଦ କବଳରୁ ସୁରକ୍ଷା ଦେବାର ବିଚାରଧାରାକୁ କେହି ବିରୋଧ କରିବାର ପ୍ରଶ୍ନ ଉଠୁନାହିଁ। ତେବେ ଶ୍ରୀକ୍ଷେତ୍ରର ପୂର୍ବର ଐତିହ୍ୟ କ'ଣ ଫେରିଆସିବ? ସାଧୁ, ସନ୍ଥ, ତୀର୍ଥଯାତ୍ରୀ ମଠଗୁଡ଼ିକର ଆତିଥ୍ୟ ଗ୍ରହଣ କରି ଆତ୍ମସନ୍ତୋଷ ଲାଭ କରୁଥିଲେ, ତା'ର କ'ଣ ଆଉ ବିକଳ୍ପ ବ୍ୟବସ୍ଥା ହୋଇପାରିବ!

ହରମୋହନ ମହାନ୍ତି, ଦତ୍ତତୋଟା ,ପୁରୀ

### ସାଧାରଣ ବର୍ଗ ପିଲାଙ୍କ ପ୍ରତି ବୈମାତୃକ ଭାବ

ଆମ ଦେଶ ଭାରତ ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଜାତି, ବର୍ଣ୍ଣ, ଧର୍ମ, ଲିଙ୍ଗ ନିର୍ବିଶେଷରେ ଆଇନ ଆଗରେ ସମସ୍ତେ ସମାନ। ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ଦେବା ରାଷ୍ଟ୍ରର ମୌଳିକ କର୍ତ୍ତବ୍ୟ। ଅଥଚ ଏଥିରେ ବ୍ୟତିକ୍ରମ ଦେଖାଦେଉଛି। ପ୍ରତ୍ୟେକ ବର୍ଗର ପିଲାଙ୍କ ପାଠପଢ଼ିବା, ଚାକିରିରେ ସଂରକ୍ଷଣ ସୁବିଧା ଥିବାବେଳେ ସାଧାରଣ ବର୍ଗର ପୁଅମାନଙ୍କ ପାଇଁ କିଛି ସୁବିଧା ନାହିଁ। ଏପରିକି ପ୍ରାଥମିକ ବିଦ୍ୟାଳୟ ସ୍ତରରେ ସେମାନଙ୍କୁ ମାଗଣା ପୋଷାକ ଦିଆଯିବାର ବ୍ୟବସ୍ଥା ନାହିଁ। ଏପରି ରୁଗ୍ଣ ମାନସିକତା ଜାତିଭେଦ ସୃଷ୍ଟିକୁ ପ୍ରୋତ୍ସାହନ ଯୋଗାଉଛି। ବାଲ୍ୟାବସ୍ଥାରୁ ଯଦି ପିଲାଙ୍କ ମନରେ ଏପରି ଭେଦଭାବ ସୃଷ୍ଟି ହୁଏ, ତେବେ ଭବିଷ୍ୟତରେ ବିପ୍ଳବ କରିବାର ମନୋବୃତ୍ତି ଜାଗିବ। ତେଣୁ ସରକାର ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତୁ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ







ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଶୋଭାଯାତ୍ରା ସମ୍ମୁଖ ପ୍ରଜ୍ଞାପନ ମେଢ଼ରେ ଚୁନୁରି ବାନ୍ଧୁଛନ୍ତି(ବାମ)। ଶୋଭାଯାତ୍ରାରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ କଳାକାରଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

■ ସମ୍ବଲପୁର ଲୋକମହୋତ୍ସବ ସାଂସ୍କୃତିକ ଶୋଭାଯାତ୍ରା

# ଲୋକନୃତ୍ୟ, ବାଦ୍ୟରେ କମ୍ପିଲା ରାଜରାସ୍ତା

**ସମ୍ବଲପୁର,୪।୧(ବ୍ୟୁରୋ):** ୨୩ତମ ସମ୍ବଲପୁର ଲୋକ ମହୋତ୍ସବ ସାଂସ୍କୃତିକ ଶୋଭାଯାତ୍ରା ଶନିବାର ପୂର୍ବାହ୍ନରେ ଆରମ୍ଭ ହୋଇ ଅପରାହ୍ନରେ ଶେଷ ହୋଇଛି । ଦୁଲଦୁଲି, ସଂପ୍ରଦା, ମହିଳା ଓ ପୁରୁଷ ସଂକିର୍ତ୍ତନ, ସମ୍ବଲପୁରୀ ନୃତ୍ୟରେ ସମ୍ବଲପୁର ରାଜରାସ୍ତା ପ୍ରକମ୍ପିତ ହୋଇଥିଲା । ସେହିପରି ରାଜ୍ୟ ବାହାରୁ ଆସିଥିବା କଳାକାରମାନେ ବିହୁ, କାଲବେଲିଆ, ଲାୱଣୀ ଓ ମୟୂର ନୃତ୍ୟ ପରିବେଷଣ କରିଥିଲେ। ସ୍ଥାନୀୟ କଳାକାରମାନେ ପାରମ୍ପରିକ ସମ୍ବଲପୁରୀ ପୋଷାକରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥିଲେ । ରଙ୍ଗବତୀ ଗାୟକ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଡ. କ୍ରିଷ୍ଣା ପଟେଲ, ଗୀତିକାର ମିତ୍ରଭାନୁ ଗୌନ୍ତିଆ ଓ ସଂଗୀତ ନିର୍ଦ୍ଦେଶକ ସ୍ୱର୍ଗତ ପ୍ରଭୁଦତ୍ତ ପ୍ରଧାନଙ୍କ ପୁତ୍ର ନୃତ୍ୟଗୁରୁ ଅସିମ କୁମାର ପ୍ରଧାନ ସୁସଜ୍ଜିତ ରଥରେ ବସି କଳାକାର ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଉପକମିଟି ସଂଯୋଜକ ଦୁର୍ଗା ଦାଶ ଏଥିରେ ସାମିଲ ହୋଇଥିଲେ । ବାଲିବନ୍ଧା ଛକ ନିକଟରେ ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଶୋଭାଯାତ୍ରା ସମ୍ମୁଖ ଭାଗ ପ୍ରଜ୍ଞାପନ ମେଢ଼ରେ ଚୁନୁରି ବାନ୍ଧି ଶୁଭାରମ୍ଭ କରିଥିଲେ । ଜିଲାପାଳ ଶୁଭମ ସକସେନା, ଲୋକ ମହୋତ୍ସବ ସଂଯୋଜକ ସୌମେନ୍ଦ୍ର ପୂଜାରୀ, ନୋଡାଲ ଅଧିକାରୀ ସୁକାନ୍ତ କୁମାର ତ୍ରିପାଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ମହୋତ୍ସବ ଉପକମିଟି ଆବାହକ ସାମିଲ ଥିଲେ। ପ୍ରଚାରପ୍ରସାର ଉପ କମିଟି ଆବାହକ ଚନ୍ଦ୍ରଶେଖର ପାତ୍ର ଶୋଭାଯାତ୍ରା ପରିଚାଳନା କରିଥିଲେ । ସମଲେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ମହୋତ୍ସବ କର୍ମକର୍ତ୍ତାମାନେ ଆଜ୍ଞାମାଳ ନେଇ ବାଲିବନ୍ଧାଠାରେ ପହଞ୍ଚିଥିଲେ। ପରେ ଶୋଭାଯାତ୍ରା କୁଞ୍ଜେଲପଡା ଛକ, ନନ୍ଦପଡା, ଝାଡୁଆପଡା, ମାରୱାଡିପଡା, ହାଟପଡା, ଦଲେଇପଡା, ମ୍ୟୁନିସିପାଲକଟି ଛକ, ପୀରବାବା ଛକ, ବୈଦ୍ୟନାଥ ଛକ, ସାନ ସଡ଼କ, ଲେଡିଲୁଇସ ଗାର୍ଲ୍ସ ହାଇସ୍କୁଲ ଛକ, ଗେଟିରୋଡ ପରିକ୍ରମା କରି ଚିତ୍ରଗୁପ୍ତ ମନ୍ଦିର ଛକଠାରେ ଶେଷ ହୋଇଥିଲା।







■ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ

# ସିଏଏ ଦ୍ୱାରା ଭାରତୀୟ ନାଗରିକ ପ୍ରଭାବିତ ହେବେନି




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଭାଜପା ନେତା ।

**ଦେବଗଡ଼,୪।୧(ଡି.ଏନ.ଏ)**

କେନ୍ଦ୍ର ସରକାରଙ୍କ ପକ୍ଷରୁ ନୂତନ ଭାବେ ଲାଗୁ କରାଯାଇଥିବା ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଦ୍ୱାରା ଭାରତର ନାଗରିକମାନଙ୍କ ଉପରେ କୌଣସି କୁପ୍ରଭାବ ପଡିବ ନାହିଁ। ଏ ନେଇ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଦଳର ପ୍ରବକ୍ତା ଗୋଲଖ ମହାପାତ୍ର ପ୍ରକାଶ କରିଛନ୍ତି। ଦେବଗଡ ସ୍ଥିତ ଏକ ଘରୋଇ ହୋଟେଲରେ ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ସେ କହିଛନ୍ତି ଯେ, ନାଗରିକତା ସଂଶୋଧନ ଆଇନ (ସିଏଏ)କୁ ନେଇ ବିରୋଧୀ କଂଗ୍ରେସ ସମେତ ବିଭିନ୍ନ ରାଜନୈତିକ ଦଳ ସାଧାରଣରେ ବିଭ୍ରାନ୍ତି ଓ ଗୁଜବ ସୃଷ୍ଟି କରି ନିଆଁ ଜଳାଇବାର ପ୍ରୟାସ କରୁଛନ୍ତି। ଏଣୁ ଜନସାଧାରଣ ସଚେତନ ହେବା ଦରକାର। ଏହି ଆଇନ ଦ୍ୱାରା ଭାରତର କୌଣସି ନାଗରିକ ପ୍ରଭାବିତ ହେବେ ନାହିଁ ବୋଲି ମହାପାତ୍ର ସୂଚନା ଦେଇଥିଲେ। ଏଥିସହ ଏନ୍‌ଆର୍‌ସିକୁ ନେଇ ମଧ୍ୟ ଜନସାଧାରଣଙ୍କୁ ବିଭ୍ରାନ୍ତ କରାଯାଉଥିବା ଅଭିଯୋଗ କରି ମୂଳ ଭାରତୀୟମାନେ ଭୟ କରିବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ ପ୍ରକାଶ କରିଥିଲେ। ବାଂଲାଦେଶ, ଆଫଗାନିସ୍ତାନ ଓ ପାକିସ୍ତାନରେ ଧାର୍ମିକ ଉତ୍ପୀଡନ ଶୀକାର ହେଉଥିବା ସଂଖ୍ୟାଲଘୁ ମାନଙ୍କୁ ଭାରତରେ ନାଗରିକତ୍ୱ ପ୍ରଦାନ କରାଯିବା ବ୍ୟବସ୍ଥା ହୋଇଛି। ନାଗରିକତ୍ୱ ସଂଶୋଧନ ଆଇନକୁ ବିଶ୍ୱର ସବୁଠାରୁ ବଡ ମାନବାଧିକାର ଆଇନ ବୋଲି ପ୍ରକାଶ କରିବା ସହ ଏହି ଆଇନକୁ ନେଇ କେହି ଭୟଭୀତ ନ ହେବାକୁ ମହାପାତ୍ର ପରାମର୍ଶ ଦେଇଥିଲେ। ସିଏଏକୁ ନେଇ ଭାଜପା ଜନଜାଗରଣ ଉଦ୍ଦେଶ୍ୟରେ ସାରା ଦେଶରେ ଜନ ସମ୍ପର୍କ ଅଭିଯାନ ଆରମ୍ଭ କରିବ ସେ ସୂଚନା ଦେଇଥିଲେ । ଏହି ଖବରଦାତା ସମ୍ମିଳନୀରେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ସାଧାରଣ ସମ୍ପାଦକ ଭାରତ ଭୂଷଣ ପ୍ରଧାନ, ଉପସଭାପତି ବିରଞ୍ଚି ବେହେରା, ଦେବଗଡ ମଣ୍ଡଳ ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ, ଶରତ ସାହୁ ମଞ୍ଚାସୀନ ଥିଲେ। ଶେଷରେ ଜିଲା ଭାଜପା ସଭାପତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ବେଆଇନ ମାଟି, ମୋରମ ଚାଲାଣ**

# ୧୦ ହାଇୱା ଜବତ, ୨.୫ ଲକ୍ଷ ଜରିମାନା ଆଦାୟ

**ଦେବଗଡ଼,୪।୧(ଡି.ଏନ.ଏ)**

ଦେବଗଡ ଜିଲା ବାରକୋଟ ତହସିଲ ଅଞ୍ଚଳରେ ବେଆଇନ ଭାବେ ମାଟି ଓ ମୋରମ ଚାଲାଣ ବେଳେ ୧୦ ହାଇୱା ଗାଡି ଜବତ କରାଯାଇଛି । ଉକ୍ତ ଗାଡିରୁ ଅଢେଇ ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଛି। ଗତ ୨ତାରିଖ ରାତ୍ରିରେ ଅକ୍ଷରଶିଳା ଗ୍ରାମରୁ ବେଆଇନ ମାଟି ଚାଲାଣ କରୁଥିବା ଏକ କମ୍ପାନୀର ୧୦ଟି ମାଟି ବୋଝେଇ ହାଇୱା ଗାଡିକୁ ଗ୍ରାମବାସୀ ଅଟକ ରଖି ବାରକୋଟ ତହସିଲ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ବାରକୋଟର ଅତିରିକ୍ତ ତହସିଲଦାର ଶାଶ୍ୱତ କୁମାର ପ୍ରଧାନ ସେଠାକୁ ଯାଇ ଗାଡିଗୁଡିକୁ ଯାଞ୍ଚ କରିଥିଲେ। ଏହି ସମୟରେ ମାଟି ପରିବହନ ସମ୍ପର୍କିତ କୌଣସି କାଗଜପତ୍ର ନ ମିଳିବାରୁ ଉକ୍ତ ୧୦ଟି ଯାକ ମାଟି ବୋଝେଇ ହାଇୱା ଗାଡିକୁ ଜବତ କରାଯାଇଥିଲା । ପରେ ରାଜସ୍ୱ ବିଭାଗ କର୍ତ୍ତୃପକ୍ଷ ପ୍ରତ୍ୟେକ ଭାରିଯାନ ପିଛା ୨୫ ହଜାର ଟଙ୍କା ଲେଖାଏଁ ଅର୍ଥାତ ମୋଟ ୨ଲକ୍ଷ ୫୦ ହଜାର ଟଙ୍କା ଜରିମାନା ଆଦାୟ କରି ଛାଡିଦେଇଥିବା ଜଣାପଡିଛି।

■ ଯୁଯୁମୁରା ଫାଟକରେ ଅଟକି ରହିଲା ମାଲବାହୀ ଟ୍ରେନ

# ଯାତାୟାତ ବାଧାପ୍ରାପ୍ତ

**ସମ୍ବଲପୁର,୪।୧(ବ୍ୟୁରୋ)**



ସମ୍ବଲପୁର ଯୁଯୁମୁରା ରେଳ ଫାଟକରେ ଟ୍ରେନ ଅଟକିବାରୁ ଯାତାୟତ ଠପ ହୋଇପଡିଛି।

ସମ୍ବଲପୁର ଯୁଯୁମୁରା ରେଳ ଷ୍ଟେଶନ ପୂର୍ବରୁ ଥିବା ରେଳ ଫାଟକରେ ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ମାଲବାହୀ ଟ୍ରେନ ଅଟକି ରହିଥିଲା। ଯାନ୍ତ୍ରିକ ତ୍ରୁଟି(ପାଇପ୍‌ଫାଟି ଯିବାରୁ )ଯୋଗୁ ଟ୍ରେନଟି ଅଟକି ରହିଥିବା ଜଣାପଡିଥିଲା। ୨୫ ମିନିଟ ପାଇପ୍ ମରାମତି ପରେ ପୁଣି ମାଲବାହୀ ଟ୍ରେନ ତାଳଚେର ଅଭିମୁଖେ ଯାଇଥିଲା। ହେଲେ ଟ୍ରେନଟି ଫାଟକରେ ଅଟକି ରହିବା ଯୋଗୁ ଯୁଯୁମୁରା ଛକରୁ-ବ୍ଲକ ଛକ ରାସ୍ତାରେ ଗାଡି ଚଳାଚଳ ଠପ ହୋଇଯାଇଥିଲା। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତ ସୃଷ୍ଟି ହୋଇଥିଲା। ପୂର୍ବରୁ ଏହି ରାସ୍ତାରେ ଏକ ଓଭରବ୍ରିଜ ନିର୍ମାଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଥିଲେ। ଏପରି କି ଅଞ୍ଚଳବାସୀ ରେଳ ବିଭାଗ ଓ ସ୍ଥାନୀୟ ବିଧାୟକ, ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ରେଳ ବିଭାଗ ପକ୍ଷରୁ ଓଭରବ୍ରିଜ ନିର୍ମାଣ ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନାହିଁ। ତୁରନ୍ତ ରେଳ ବିଭାଗ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟପକ୍ଷେ ପୁରୀ-ହଟିଆ ତପସ୍ୱିନୀ ଏକ୍ସପ୍ରେସ ବଇଣ୍ଡା ଷ୍ଟେଶନରେ ଇଞ୍ଜିନରେ ତ୍ରୁଟି ଯୋଗୁ ୩ ଘଣ୍ଟା ଅଟକି ରହିଥିଲା। ହଣ୍ଡପା ଷ୍ଟେଶନରୁ ଇଞ୍ଜିନ ଆସିବା ପରେ ଟ୍ରେନ ହଟିଆ ଯାଇଥିଲା। ଏନେଇ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏ ସମ୍ପର୍କରେ ରେଳ ବିଭାଗ ପକ୍ଷରୁ ବଇଣ୍ଡା ଷ୍ଟେଶନରେ ଯାନ୍ତ୍ରୀକ ତ୍ରୁଟି ଯୋଗୁ ଟ୍ରେନଟି ଅଟକି ରହିଥିବା କୁହାଯାଇଛି।

**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMBBS2019075, ତା: 30.12.2019
**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ଅନ୍ତର୍ଗତ ସମ୍ବଲପୁର ମଣ୍ଡଳର କଳାହାଣ୍ଡି ଜିଲ୍ଲାରେ ନର୍ଲା ରୋଡ୍ ରେଳ ଷ୍ଟେସନ ନିକଟରେ ଇଲେକ୍ଟ୍ରିକ୍ ଲୋକୋ ନିର୍ଦ୍ଦିଷ୍ଟକାଳିକ ଓଭରହଲିଂ (POH) କାରଖାନା ସ୍ଥାପନା ସମ୍ବନ୍ଧୀୟ ସଡ଼କ କ୍ରସିଂ ସର୍ବେକ୍ଷଣ, ମାଟି ଅନୁସନ୍ଧାନ, ବ୍ରିଜ୍ ଗୁଡ଼ିକ ନିମନ୍ତେ ଭୂ-ବୈଷୟିକ ଅଧ୍ୟୟନ, ଜେନେରାଲ୍ ଆରେଞ୍ଜମେଣ୍ଟ୍ ଡ୍ରଇଂର ଡ଼ିଜାଇନ୍ ଓ ପ୍ରସ୍ତୁତି, ଫରେଷ୍ଟ ଡ଼ାଇଭରସନ୍ ପ୍ରସ୍ତାବ ନିମନ୍ତେ ନକ୍ସା ପ୍ରସ୍ତୁତି ଇତ୍ୟାଦି ଭଳି ପ୍ରାରମ୍ଭିକ କାର୍ଯ୍ୟ ଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 55.13 ଲକ୍ଷ, **EMD :** ₹ 1,10,300.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,900.00, କାର୍ଯ୍ୟ ସମାପ୍ତିର ଅବଧି : 12(ବାର)ମାସ।
**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 21.01.2020ର 1200 ଘ. ରେ
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର
PR-103/CC/19-20

■ ଜିଏମୟୁରେ ଆଲୋଚନାଚକ୍ର

# ‘ରାମକଥା ଲୋକଙ୍କୁ ମାର୍ଗ ଦେଖାଉଛି’

**ସମ୍ବଲପୁର, ୪।୧ (ବ୍ୟୁରୋ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଜିଏମୟୁରେ ରାମକଥା ମାଧ୍ୟମରେ ହିନ୍ଦୀ ଓ ଭାରତୀୟ ସଂସ୍କୃତିର ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ଡ.କୃଷ୍ଣଚନ୍ଦ ରଲ୍ହଣ ଯୋଗ ଦେଇଥିଲେ। ରାମକଥା କେବଳ ଭାରତୀୟ ସଂସ୍କୃତିରେ ସୀମିତ ନୁହେଁ, ଏହାର ବୈଶ୍ୱିକ ପ୍ରସାର ହୋଇ ସାରିଛି। ଏବେ ଏହା ୧୮୦ ଦେଶରେ ପହଞ୍ଚି ପାରିଛି ବୋଲି କହିଥିଲେ। ମହର୍ଷି ବାଲ୍ମୀକି ରାମକଥାର ବର୍ଣ୍ଣନା କରିଛନ୍ତି। କିନ୍ତୁ ତୁଳସୀ ଦାସଙ୍କ ଦ୍ୱାରା ରଚିତ ରାମଚରିତ ମାନସ ମାଧ୍ୟମରେ ଏହା ସମ୍ପୂର୍ଣ୍ଣ ବିଶ୍ୱରେ ହିନ୍ଦୀ ଏବଂ ଭାରତୀୟ ସଂସ୍କୃତି ପହଞ୍ଚି ପାରିଛି । ଏବେ ଯେଉଁଭଳି ହିଂସା, ଅରାଜକତା ବ୍ୟାପିବାରେ ଲାଗିଛି ରାମ କଥା ହିଁ ଲୋକଙ୍କୁ ମାର୍ଗ ରାସ୍ତା ଦେଖାଇବ। ପ୍ରାରମ୍ଭରେ ହିନ୍ଦୀ ବିଭାଗ ଅଧ୍ୟକ୍ଷ ଡ.ସଦନକୁମାର ପାଲ ସ୍ୱାଗତ ଦେଇଥିଲେ। କୁଳସଚିବ ଗିରୀଶଚନ୍ଦ୍ର ସିଂହ, ଉପକୁଳସଚିବ ଉମାଚରଣ ପତି, ସମ୍ବଲପୁର ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗ ସଂଯୋଜକ ଡ. ମୁରାରିଲାଲ ଶର୍ମା, ଡ.ପ୍ଲୁତି ପଟେଲ ମଞ୍ଚାସୀନ ଥିଲେ। ଶେଷରେ କାର୍ଯ୍ୟକ୍ରମ ସଂଯୋଜକ ଡ. ଜ୍ୟୋତି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡ.ଦାଶଥୀ ବେହେରା ସହଯୋଗ କରିଥିଲେ। ଉପକୁଳସଚିବ ଉମାଚରଣ ପତି କୁଳପତି ଡ. ଅତନୁ କୁମାର ପତିଙ୍କ ଶୁଭକାମନା ସନ୍ଦେଶ ପାଠ କରିଥିଲେ।

## ଚୋରି ସାମଗ୍ରୀ ଉଦ୍ଧାର, ୨ ଗିରଫ

**ସମ୍ବଲପୁର, ୪।୧ (ବ୍ୟୁରୋ):** ସମ୍ବଲପୁର ଜିଲା ଅଇଁଠାପାଲି ଥାନା ପୋଲିସ ଚୋରି ସାମଗ୍ରୀ ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଶଙ୍କର ଖଡିଆ, ଚନ୍ଦନ ଓରାମ। ଅଭିଯୁକ୍ତମାନଙ୍କ ନିକଟରୁ ଚୋରି ଗ୍ୟାସ ସିଲିଣ୍ଡର ଓ ଇଣ୍ଡକସନ ହିଟର, ନଗଦ ୧୫୩୦ ଟଙ୍କା ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧/୧୯)ରୁଜୁ ହୋଇଛି। ସୁଚନା ଯୋଗ୍ୟ ଯେ, ବରେଇପାଲି ନିକଟରେ ଥିବା ଏକ ହୋଟେଲରୁ ଗ୍ୟାସ ସିଲିଣ୍ଡର ଓ ଟଙ୍କା ଚୋରି ହୋଇଥିବା ନେଇ ସୁନୀତା ସାହୁ ଅଭିଯୋଗ କରିଥିଲେ।

**No. 2941** **Office of the District Central Coop. Bank Ltd., Balangir** **Date: 30.12.2019**
To
Sri Ananda Kumar Bagarty, S/o Sri Bagdol Bagarty
At/PO: Tusura, P.S.: Tusura, Dist: Balangir.
Sir,
It is experienced that, since dt. 24.01.2014, you are absconded from your assignment without submitting any leave application or prior permission from the competent authority. Hence you are directed to join in your duty immediately, else, action as deemed fit shall be initiated against you as per Staff Service Rule of the Bank.
Yours faithfully,
**Sd./- (Sri B.N. Raiguru), CEO, Balangir DCC Bank Ltd., Balangir**

**No. 2942** **Office of the District Central Coop. Bank Ltd., Balangir** **Date: 30.12.2019**
To
Sri Nandi Kishore Nag, S/o Sri Rameswar Nag
At/PO: Rampur, P.S.: Patnagarh, Dist: Balangir.
Sir,
It is experienced that, since November, 2017, you are absconded from your assignment without submitting any leave application or prior permission from the competent authority. Hence you are directed to join in your duty immediately, else, action as deemed fit shall be initiated against you as per Staff Service Rule of the Bank.
Yours faithfully,
**Sd./- (Sri B.N. Raiguru), CEO, Balangir DCC Bank Ltd., Balangir**

**IN THE DEBT RECOVERY TRIBUNAL: CUTTACK**
**O.A. No. 868/2019**
**UCO Bank, Sambalpur Main Branch** ... **Applicant**
AND
**M/s Shruti Sales** ... **Defendant**
To
**Sole Defendant**
**M/s Shruti Sales,** represented by its **Proprietress: Smt Manjulata Sharma**, W/o: Late Balkrushna Sharma, At: Bag Market Complex, Opp-PHD Ground, Po/Ps: Ainthapalli, Sambalpur-768004.
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted **OA No. 868/2019** in the Court of the Debt Recovery Tribunal, Cuttack for recovery of **Rs.28,86,220.64** only together with current and future interest, costs and other reliefs. The above mentioned defendant is therefore directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **05.02.2020 at 10.30 AM** as to why reliefs prayed for should not be granted.
Take notice that in case of default, the application will be heard and determined in your absence.
Given under my hand and seal of this Tribunal on this 03rd day of January 2020.
Sd/- Sri Manoj Kumar Pattnaik
**REGISTRAR**, 03.01.2020

DADLS - 81



**ମହାନ ବିପ୍ଳବୀ ଚକରା ବିଷୋୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**
୦୫ ଜାନୁଆରୀ, ୨୦୨୦(ଶାୟ ଦଶମୀ)

**ସାଧାରଣ ସଭା**
ସମୟ – ସନ୍ଧ୍ୟା ଘ.୫.୩୦ ମିନିଟ୍   ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**
ମାନ୍ୟବର ମନ୍ତ୍ରୀ, ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ବିଭାଗ
ବିଶିଷ୍ଟ ଅତିଥି – **ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ**
ମାନ୍ୟବର ମନ୍ତ୍ରୀ, ସଂସଦୀୟ ବ୍ୟାପାର, ଜଙ୍ଗଲ ଓ ପରିବେଶ
ସମ୍ମାନିତ ଅତିଥି- **ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ,**
ଉପଦେଷ୍ଟା, ଓଡ଼ିଶା ସରକାର, ଗଣମାଧ୍ୟମ ଓ ଲୋକସମ୍ପର୍କ
ମୁଖ୍ୟବକ୍ତା – **ପ୍ରଫେସର ନାରାୟଣ ରାଓ, ବିଶିଷ୍ଟ ଐତିହାସିକ**

ମୁଖ୍ୟ ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।
ଶ୍ରୀ ଶ୍ରୀ ଦଧିବାମନ ଜୁମ୍ପା ସଙ୍ଗୀତ କଳାପୀଠ, ଦିଗପହଣ୍ଡି, ଗଞ୍ଜାମଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ତରୁଣ କଳାକାର ସଂସ୍ଥା, ଭଞ୍ଜନଗରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଯୋଗ ଦେବାକୁ ଆପଣଙ୍କୁ ସାଦର ନିମନ୍ତ୍ରଣ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
15001/13/0116/1920



"କଂଗ୍ରେସ ନେତାମାନେ ନାଗରିକତ୍ୱ ସଂଶୋଧନ ଆଇନ ସମ୍ପର୍କରେ କିଛି ନ ବୁଝି ରାଜନୀତି କରୁଛନ୍ତି। ଏହାକୁ ବିରୋଧକରିବା ବେଳେ ସେମାନେ ଜାତୀୟତା ବୋଧ ବି ଭୁଲିଯାଉଛନ୍ତି।

-ଜେ.ପି.ନଡ୍ଡା, ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ

# ଭୟାବହ ହେଉଛି ଜଙ୍ଗଲ ନିଆଁ

## ଭାରତ ଗସ୍ତ ସ୍ଥଗିତ ରଖିଲେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ

ମେଲବୋର୍ନ,୪।୧(ପି.ଟି.)

ଅଷ୍ଟ୍ରେଲିଆରେ ଜଙ୍ଗଲ ନିଆଁ ଭୟାବହ ଦୁର୍ବିପାକରେ ପରିଣତ ହୋଇଛି। ନ୍ୟୁ ସାଉଥ୍‌ୱେଲ୍ସ, ଭିକ୍ଟୋରିଆ, ଦକ୍ଷିଣ ଅଷ୍ଟ୍ରେଲିଆରେ ଜଙ୍ଗଲ ନିଆଁ ଭୟଙ୍କର ଭାବେ ମାଡ଼ି ଚାଲିଥିବାବେଳେ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ ସେଠାକୁ ୩୦୦୦ ସୈନ୍ୟଙ୍କ ସମେତ ବିମାନ ଓ ଜାହାଜ ପଠାଇଛନ୍ତି। ଜାନୁୟାରୀ ୧୩ରେ ମୋରିସନଙ୍କର ୪ ଦିନିଆ ଭାରତ ଗସ୍ତ ଥିବାବେଳେ ଏହାକୁ ସେ ସ୍ଥଗିତ ରଖିଛନ୍ତି। ଆଗାମୀ ମାସରେ ସେ ନୂଆଦିଲ୍ଲୀ ସହ କଥା ହୋଇ ସାନି ଗସ୍ତ କାର୍ଯ୍ୟସୂଚୀ ସ୍ଥିର କରିବେ ବୋଲି କହିଛନ୍ତି। ୧୩ ତାରିଖ ଗସ୍ତ ଅବସରରେ ମୋରିସନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା ହେବାର ଥିଲା।

ଅଷ୍ଟ୍ରେଲିଆର ଅଧିକାଂଶ ଜଙ୍ଗଲ ଅଞ୍ଚଳରେ ନିଆଁ ବ୍ୟାପକ ଆକାର ଧାରଣ କରିବା ସହ ଅତ୍ୟଧିକ ଉତ୍ତାପ ଓ ପବନ ଯୋଗୁ ସାଧାରଣ ଜୀବନଯାତ୍ରା ଦୁର୍ବିଷହ ହୋଇପଡ଼ିଛି। ନିଆଁ ଲିଭାଇବା ପାଇଁ ପ୍ରଶାସନ ପକ୍ଷରୁ ଜୋର୍‌ଦାର ଉଦ୍ୟମ ଜାରି ରହିଛି। ଭିକ୍ଟୋରିଆ ଓ ନ୍ୟୁ ସାଉଥ୍‌ୱେଲ୍ସରେ ଜରୁରିକାଳୀନ ସତର୍କ ସୂଚନା ଜାରି କରାଯାଇଛି। ନିଆଁଲିଭା କାର୍ଯ୍ୟରେ ହଜାର ହଜାର ଅଗ୍ନିଶମ କର୍ମଚାରୀ ନିୟୋଜିତ ଅଛନ୍ତି। ଏହା ସତ୍ତ୍ୱେ ନିଆଁ ଥମିବା ପରିବର୍ତ୍ତେ ଅନ୍ୟ ଅଞ୍ଚଳଗୁଡ଼ିକୁ ବ୍ୟାପିବାରେ ଲାଗିଛି।

ସେପ୍ଟେମ୍ବର ମାସରୁ ଅଷ୍ଟ୍ରେଲିଆର ଜଙ୍ଗଲରେ ନିଆଁ ଲାଗିବା ଆରମ୍ଭ ହୋଇଥିଲା। ଅତ୍ୟଧିକ ଉତ୍ତାପ ଏବଂ ଦୀର୍ଘମାସ ଧରି ଅନାବୃଷ୍ଟି ଲାଗିରହିଥିବାରୁ ନିଆଁ ଅନ୍ୟ ଅଞ୍ଚଳକୁ ମାଡ଼ିଚାଲିଥିବାବେଳେ ଗତ ସପ୍ତାହରୁ ଏହା ବିପର୍ଯ୍ୟୟ ସ୍ଥିତି ସୃଷ୍ଟି କରିଛି। ଅନେକ ସହରକୁ ଖାଲି କରିଦିଆଗଲାଣି। ବର୍ତ୍ତମାନ ସୁଦ୍ଧା ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି। ପାଖାପାଖି ୬ ନିୟୁତ ହେକ୍ଟର ଜଙ୍ଗଲ, ପାର୍କ ପୋଡ଼ିଗଲାଣି। ନ୍ୟୁ ସାଉଥୱେଲ୍ସ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ସେଠାରେ ୪ ନିୟୁତ ହେକ୍ଟରରୁ ଊର୍ଦ୍ଧ୍ୱ ଜଙ୍ଗଲ ସାଙ୍ଗକୁ ୧୩୦୦ରୁ ଅଧିକ ଘର ଜଳିଯାଇଛି। ହଜାର ହଜାର ଲୋକ ବାସହରା ହୋଇ ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ୧୩୦ରୁ ଅଧିକ ଅଞ୍ଚଳରେ ନିଆଁ ଲାଗିଥିବା ଜଣାପଡିଛି। ସେହିପରି ଭିକ୍ଟୋରିଆରେ ଥିବା ଜଙ୍ଗଲ ଅଞ୍ଚଳରେ ନଭେମ୍ବରରୁ ନିଆଁ ଲାଗିଥିବାବେଳେ ଇତିମଧ୍ୟରେ ୮ ଲକ୍ଷ ହେକ୍ଟର ଜଳିଗଲାଣି। ମାଲାକୁଟା ସହରର ଲୋକମାନେ ଡିସେମ୍ବର ୩୧ରେ ଘର ଛାଡ଼ି ବେଳାଭୂମି ଅଞ୍ଚଳକୁ ପଳାଇଥିଲେ। ପ୍ରାୟ ୧୦୦୦ ପର୍ଯ୍ୟଟକଙ୍କୁ ନୌସେନା କର୍ମଚାରୀ ଉଦ୍ଧାର କରି ଉପକୂଳ ସହରକୁ ନେଇଯାଇଛନ୍ତି। ଆଡିଲେଡ ପାର୍ବତ୍ୟାଞ୍ଚଳରେ ଶତାଧିକ ଘର ଜଳିଯାଇଛି। ଜଙ୍ଗଲ ନିଆଁରେ ଦୁଇଟି ସବ୍‌ଷ୍ଟେଶନ ଜଳିଯିବା ଫଳରେ ସିଡ୍‌ନୀ ଓ ଅନ୍ୟ କେତେକ ସହରକୁ ବିଦ୍ୟୁତ୍ ସରବରାହ ପ୍ରଭାବିତ ହୋଇଛି। ସ୍ଥିତି ଖରାପ ହେଲେ ବିଦୁତ୍ କାଟ କରାଯିବ ବୋଲି ସରକାର ସତର୍କ କରାଇଦେଇଛନ୍ତି। ନିଆଁଲିଭା ଓ ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ କର୍ମଚାରୀଙ୍କ ସମେତ ସୈନ୍ୟଙ୍କୁ ନିୟୋଜିତ କରାଯାଇଛି।

- ଜଳିଗଲାଣି ୬ ନିୟୁତ ହେକ୍ଟର ଜଙ୍ଗଲ
- ବିଦ୍ୟୁତ୍‌ସେବା ପ୍ରଭାବିତ
- ୩୦୦୦ ସୈନ୍ୟ ପଠାଗଲା



## କୋଟା ଶିଶୁମୃତ୍ୟୁ ଘଟଣା

# କେନ୍ଦ୍ରୀୟ ଟିମ୍‌ର ଅନୁଧ୍ୟାନ

**କୋଟା,୪।୧:** ରାଜସ୍ଥାନରେ ଶିଶୁ ମଡ଼କ ଘଟଣାକୁନେଇ ରାଜନୀତି ଜୋର୍ ଧରିଥିବାବେଳେ କେନ୍ଦ୍ରୀୟ ବିଶେଷଜ୍ଞ ଦଳ ଶନିବାର କୋଟାସ୍ଥିତ ଜେ.କେ. ଲୋନ୍ ହସ୍ପିଟାଲକୁ ଯାଇ ଅନୁଧ୍ୟାନ ଆରମ୍ଭ କରିଛି। କିଭଳି ଚିକିତ୍ସାଧୀନ ଶିଶୁଙ୍କ ମୃତ୍ୟୁ ଘଟିଲା ଓ ଚିକିତ୍ସାରେ କ'ଣ ଅବହେଳା ରହିଲା ସେନେଇ ବିଶେଷଜ୍ଞ ଦଳ ତଦନ୍ତ ଆରମ୍ଭ କରିଛନ୍ତି। ଶନିବାର ସୁଦ୍ଧା ମୋଟ ୧୦୭ ଶିଶୁଙ୍କ ଏଠାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ୩ଜଣିଆ ଡାକ୍ତରୀ ଦଳ ହସ୍ପିଟାଲରେ ନର୍ସ, ବେଡ୍‌ର ଅଭାବ ସହ ବିକାଶର ଆବଶ୍ୟକତା ରହିଥିବା ଦର୍ଶାଇଥିଲେ। ତେବେ ଡାକ୍ତରଙ୍କ ଅବହେଳାକୁ ଏମାନେ କ୍ଲିନ୍‌ଚିଟ୍ ପ୍ରଦାନ କରିଥିଲେ। ଅତ୍ୟଧିକ ଥଣ୍ଡା କାରଣରୁ ଏଭଳି ଶିଶୁ ମଡ଼କ ଦେଖାଯାଇଥିବା ସେମାନେ କହିଥିଲେ। ଆଇସିୟୁରେ ରୁମ୍ ହିଟର ଲଗା ନ ଯିବା, ରୁମ୍‌ଟି ଅପରିଷ୍କାର ରହୁଥିବା ଜଣାପଡ଼ିଛି। ଏହା ପରେ ଜାତୀୟ ମାନବାଧିକାର କମିଶନଙ୍କ ପକ୍ଷରୁ ରାଜସ୍ଥାନ ମୁଖ୍ୟ ସଚିବଙ୍କୁ ନୋଟିସ ଜାରି କରାଯାଇ ୪ ସପ୍ତାହ ମଧ୍ୟରେ ସବିଶେଷ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି।

# ମହାରାଷ୍ଟ୍ର ମେଣ୍ଟ ସରକାରରେ ଫାଟ



କୈଳାସ ଗୋରଣ୍ଟ୍ୟାଲ୍



ଅବ୍‌ଦୁଲ ସତ୍ତାର

ମୁମ୍ବାଇ,୪।୧

- କ୍ୟାବିନେଟ ପାହ୍ୟା ଦାବିରେ ଶିବସେନା ବିଧାୟକଙ୍କ ଇସ୍ତଫା
- ଦଳରୁ ଇସ୍ତଫା ଦେବାକୁ ଜଲ୍‌ନାର କଂଗ୍ରେସ ବିଧାୟକଙ୍କ ଘୋଷଣା

ମହାରାଷ୍ଟ୍ର ମହା ଅଘାଡ଼ି ସରକାରରେ ରାଷ୍ଟ୍ରମନ୍ତ୍ରୀ ଥିବା ଶିବସେନା ବିଧାୟକ ଅବ୍‌ଦୁଲ ସତ୍ତାର କ୍ୟାବିନେଟ ପାହ୍ୟା ଦାବିରେ ଶନିବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ପୂର୍ବରୁ ସେ ଔରଙ୍ଗାବାଦ ଜିଲା ପରିଷଦ ଅଧ୍ୟକ୍ଷ ପଦ ଲାଗି ଶିବସେନାର କଂଗ୍ରେସକୁ ସମର୍ଥନ ନେଇ ବିରୋଧ କରିଥିଲେ। ଅସନ୍ତୋଷ କୁହୁଳୁଥିବାବେଳେ ତାଙ୍କୁ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ ପାହ୍ୟା ନ ମିଳିବାରୁ ଅସନ୍ତୋଷ ଜାହିର କରିଥିଲେ। କଂଗ୍ରେସ-ଏନ୍‌ସିପି ସରକାରରେ ସେ ପୂର୍ବରୁ କ୍ୟାବିନେଟ ମନ୍ତ୍ରୀ ଥିଲେ। ବିଧାନସଭା ନିର୍ବାଚନ ପୂର୍ବରୁ ସେ କଂଗ୍ରେସ ଛାଡ଼ି ଶିବସେନାରେ ଯୋଗ ଦେଇଥିଲେ। ଔରଙ୍ଗାବାଦ ଜିଲା ସିଲୋଡ ବିଧାନସଭା ଆସନର ଏହି ଟାଣୁଆ ନେତାଙ୍କ ଇସ୍ତଫାପତ୍ର ଗ୍ରହଣ କରାଯାଇ ନ ଥିବାବେଳେ ଏନେଇ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ତାଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବେ ବୋଲି ଶିବସେନା ନେତା ସଞ୍ଜୟ ରାଉତ ପ୍ରକାଶ କରିଛନ୍ତି। ସମ୍ଭବତଃ ରବିବାର ଅପରାହ୍ନରେ ଏନେଇ ଆଲୋଚନା କରାଯିବ। ସେପଟେ ଅବ୍‌ଦୁଲଙ୍କ ଇସ୍ତଫାପତ୍ର ମିଳି ନ ଥିବା ଦଳର ବରିଷ୍ଠ ନେତା ଏକ୍‌ନାଥ ସିନ୍ଦେ କହିଛନ୍ତି। ସେ ଯାହାହେଉ, ମେଣ୍ଟ ସରକାରରେ ଯେ ଅସନ୍ତୋଷ ବଢ଼ୁଛି ତାହା ସ୍ପଷ୍ଟ ଅନୁମେୟ। ପ୍ରକାଶଥାଉ କି, ମନ୍ତ୍ରିମଣ୍ଡଳ ଗଠନ ପରେ ଅନେକ କଂଗ୍ରେସ ନେତା ସ୍ଥାନ ନ ପାଇ ଅସନ୍ତୋଷ ପ୍ରକାଶ କରିଥିଲେ। ଦଳର ଜଲ୍‌ନା ବିଧାୟକ କୈଳାସ ଗୋରଣ୍ଟ୍ୟାଲ୍ ଶନିବାର ଇସ୍ତଫା ଦେବାକୁ ଧମକ ଦେଇଛନ୍ତି। ମହାରାଷ୍ଟ୍ର କଂଗ୍ରେସ କମିଟି ସଭାପତି ବାଲାସାହେବ ଥୋରଟ୍‌ଙ୍କୁ ଭେଟି ସମସ୍ତ ଦଳୀୟ ପଦବୀରୁ ଇସ୍ତଫା ଦେବେ ବୋଲି ସେ ଜିଲା କଂଗ୍ରେସ କମିଟି ବୈଠକରେ ଶନିବାର କହିଛନ୍ତି। ଦଳ ଉପଯୁକ୍ତ ମର୍ଯ୍ୟାଦା ଦେଇ ନ ଥିବା ସେ ଅଭିଯୋଗ କରିଛନ୍ତି। ୩ ଥର ବିଧାୟକ ହେବା ପରେ ଏଥର ସେ ମନ୍ତ୍ରୀପଦ ପାଇବା ଲାଗି ଆଶାରଖି ବିଫଳ ହୋଇଥିଲେ। ପ୍ରକାଶଥାଉ କି, ପୂର୍ବରୁ ମନ୍ତ୍ରିମଣ୍ଡଳରେ ସ୍ଥାନ ନ ପାଇ ଏନ୍‌ସିପି ବିଧାୟକ ପ୍ରକାଶ ସୋଲାଙ୍କି ଇସ୍ତଫା ଦେଇଥିଲେ।

## ସଂକ୍ଷେପରେ

### ନିର୍ମାଣାଧୀନ କାନ୍ଥ ଭୁଶୁଡ଼ି ୫ ମୃତ

ଝାନ୍‌ସି,୪।୧(ପି.ଟି.): ଉତ୍ତରପ୍ରଦେଶର ଝାନ୍‌ସି ଜିଲା ଅନ୍ତର୍ଗତ ଲକ୍ଷ୍ମଣପୁରା ଗ୍ରାମରେ ଶନିବାର ଏକ ନିର୍ମାଣାଧୀନ କାନ୍ଥ ଭୁଶୁଡ଼ି ପଡ଼ିବା ଫଳରେ ୫ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ପ୍ରାୟ ୭ ଜଣ ଆହତ ହୋଇଥିବାବେଳେ ସେମାନଙ୍କୁ ଚିକିତ୍ସା ଲାଗି ଝାନ୍‌ସି ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁଃଖପ୍ରକାଶ କରିଥିବାବେଳେ ସହାୟତା ଯୋଗାଇ ଦେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଆହତଙ୍କୁ ଉଚିତ ଚିକିତ୍ସା ସେବା ଯୋଗାଇ ଦେବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି।

### ବିମାନ ଦୁର୍ଘଟଣା ୨ ପାଇଲଟ ମୃତ



**ଭୋପାଳ,୪।୧(ଆଇଏଏନ୍‌ଏସ୍):** ମଧ୍ୟପ୍ରଦେଶର ସଗର ସହରରେ ଏକ ପ୍ରଶିକ୍ଷଣ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଶୁକ୍ରବାର ରାତିରେ ଏହି ଦୁର୍ଘଟଣା ଘଟିଥିବାବେଳେ ବିମାନର ୨ ପାଇଲଟ ପ୍ରାଣ ହରାଇଥିବା ଜଣାପଡ଼ିଛି। ଚିମେସ୍ ଏକାଡେମୀର ଏହି ପ୍ରଶିକ୍ଷଣ ବିମାନ ଘନ କୁହୁଡ଼ି ଯୋଗୁ ଏଭଳି ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା କୁହାଯାଇଛି। ପ୍ରଶିକ୍ଷକ ପାଇଲଟ ଅଶୋକ ମକ୍ୱନା ଓ ଟ୍ରେନିଂ ପାଇଲଟ ପୀୟୂଷ ଚଣ୍ଡେଲ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସଗର ଏସ୍‌ପି ଅମିତ୍ ସାଙ୍ଘି ପ୍ରକାଶ କରିଛନ୍ତି। ବିମାନର କକ୍‌ପିଟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ଜଣାପଡ଼ିଛି। ଦୁଇ ପାଇଲଟଙ୍କୁ ସଙ୍ଗେ ସଙ୍ଗେ ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ଲାଗି ନିଆଯାଇଥିବାବେଳେ ସେଠାରେ ସେମାନଙ୍କୁ ମୃତ ଘୋଷଣା କରାଯାଇଥିଲା। ମୁଖ୍ୟମନ୍ତ୍ରୀ କମଲନାଥ ଏନେଇ ଗଭୀର ଦୁଃଖପ୍ରକାଶ କରିଛନ୍ତି।

### ସିଏଏ ବିକ୍ଷୋଭ କ୍ଷତିଗ୍ରସ୍ତଙ୍କ ପରିବାର ସଦସ୍ୟଙ୍କୁ ଭେଟିଲେ ପ୍ରିୟଙ୍କା

**ମୁଜାଫରନଗର/ମିରଟ,୪।୧(ପି.ଟି.):** କଂଗ୍ରେସ ସାଧାରଣ ସମ୍ପାଦିକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଶନିବାର ଅଚାନକ ଉତ୍ତରପ୍ରଦେଶର ମୁଜାଫରନଗର ଓ ମିରଟ ଗସ୍ତ କରି ସିଏଏ ବିରୋଧୀ ଆନ୍ଦୋଳନବେଳେ ଆହତ ହୋଇଥିବା ଲୋକଙ୍କ ପରିବାର ସଦସ୍ୟମାନଙ୍କୁ ଭେଟିଥିଲେ। ସିଏଏ ବିରୋଧୀ ଆନ୍ଦୋଳନ ହିଂସାତ୍ମକ ରୂପ ନେବା ସହ ପୋଲିସ ଗୁଳିରେ ଅନେକ ମୃତାହତ ହୋଇଥିଲେ। କଂଗ୍ରେସ ନେତ୍ରୀ ମୁଜାଫରନଗରରେ ମୌଲାନା ଅସାଦ ରାଜା ହୁସେନିଙ୍କୁ ଭେଟିଥିଲେ।

## ନାନ୍‌କାନା ସାହିବ୍ ଗୁରୁଦ୍ୱାର ଆକ୍ରମଣ ଘଟଣା

# ପାକିସ୍ତାନ ବିରୋଧରେ ବିକ୍ଷୋଭ

ନୂଆଦିଲ୍ଲୀ/ଚଣ୍ଡିଗଡ଼,୪।୧(ପି.ଟି.)

ପାକିସ୍ତାନର ନାନ୍‌କାନା ସାହିବସ୍ଥିତ ଗୁରୁଦ୍ୱାର ଉପରେ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣ ଘଟଣାକୁ ବିରୋଧ କରି ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା ସଦସ୍ୟମାନେ ପାକିସ୍ତାନ ବିରୋଧରେ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ପାକ୍ ଦୂତାବାସ ଅଭିମୁଖେ ଯାଉଥିବାବେଳେ ସେମାନଙ୍କୁ ଚାଣକ୍ୟପୁରୀ ଥାନା ନିକଟରେ ଅଟକାଯାଇଥିଲା। ଶିଖ୍ ଗୁରୁ ନାନକଦେବଙ୍କ ଜନ୍ମସ୍ଥାନ ନାନକାନା ସାହିବରେ ସଂଖ୍ୟାଲଘୁ ଶିଖ୍‌ମାନେ ହିଂସାର ଶିକାର ହେଉଛନ୍ତି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଆକ୍ରମଣ ଘଟଣାକୁ ଶିଖ୍ ସମ୍ପ୍ରଦାୟ ନିନ୍ଦା କରିଛି। ଆକ୍ରମଣକାରୀଙ୍କ ବିରୋଧରେ ପାକିସ୍ତାନ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶନିବାର ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧକ କମିଟି (ଏସ୍‌ଜିପିସି) ମୁଖ୍ୟ ଗୋବିନ୍ଦ ସିଂ ଲଙ୍ଗୋୱାଲ ଆହ୍ୱାନ ଦେଇଛନ୍ତି। ଏଥିସହିତ ଶିଖ୍‌ମାନଙ୍କୁ ନିରାପତ୍ତା ସୁନିଶ୍ଚିତ କରିବାକୁ ସେ ଅନୁରୋଧ କରିଛନ୍ତି। ପରିସ୍ଥିତି ଅନୁଧ୍ୟାନ ଲାଗି ଏସ୍‌ଜିପିସି ଏକ ଚାରିଜଣିଆ ପ୍ରତିନିଧି ଦଳ ପାକିସ୍ତାନ ପଠାଇବ ବୋଲି ସେ କହିଛନ୍ତି। ଏହି ପ୍ରତିନିଧି ଦଳ ପାକ୍ ପଞ୍ଜାବ ପ୍ରଦେଶର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପରିସ୍ଥିତି ସମ୍ପର୍କରେ ଆଲୋଚନା କରିବ। ଏହାବ୍ୟତୀତ ଏସ୍‌ଜିପିସି ଏହି ପ୍ରସଙ୍ଗକୁ ଜାତିସଂଘରେ ଉଠାଇବ ବୋଲି ଲଙ୍ଗୋୱାଲ କହିଛନ୍ତି। ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରକାଶ ସିଂ ବାଦଲ ନାନକାନା ସାହିବ ଗୁରୁଦ୍ୱାର ଆକ୍ରମଣ ଘଟଣାର ନିନ୍ଦା କରିଛନ୍ତି। ଗୁରୁଦ୍ୱାର ଆକ୍ରମଣ ଘଟଣାରେ ଶନିବାର କଶ୍ମୀରରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ଅନ୍ୟପକ୍ଷରେ ଗୁରୁଦ୍ୱାର ଆକ୍ରମଣ ଘଟଣାକୁ ପାକିସ୍ତାନ ଖଣ୍ଡନ କରିଛି। ଶିଖ୍ ଧର୍ମର ପ୍ରତିଷ୍ଠାତା ନାନକଙ୍କ ଜନ୍ମସ୍ଥାନରେ ଥିବା ଗୁରୁଦ୍ୱାର ଅକ୍ଷତ ରହିଛି। ଆକ୍ରମଣ ଖବର ମିଥ୍ୟା ବୋଲି ଇସ୍‌ଲାମାବାଦ କହିଛି।





ଦିଲ୍ଲୀରେ ଭାଜପା ଶିଖ୍ ସେଲ୍‌ର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ୪ ଜଣିଆ ଟିମ୍ ପଠାଇବ ଏସ୍‌ଜିପିସି


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

FINANCE — ବାଲାଜୀ ଫାଇନାନ୍ସ — ସରକାରୀ ଯୋଜନା ଦ୍ୱାରା — Mahaveer Nagar, Lewis Road, Bangalore — 7325861595

UJJIVAN FINANCE — ଭାରତର ନଂ.1 କମ୍ପାନୀ — ଋଣ — 1% ସୁଧ — 50% ଛାଡ଼ — 094738-08189 — 073762-57896

ନବବର୍ଷର ଶୁଭ ଅବସରରେ — ଗ୍ଲୋବାଲ ଫାଇନାନ୍ସ ଲିଃ — ISO: 9001:2011 Regd. Company — 2% ସୁଧ 40% ରିହାତି — 9415725066 — H.No. 12, Sohana Distt. Mohali

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ — 8743922900 — 9899587663

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ — 2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ — ବାବା ଆମିଲ ସୁଫି — 9540938429 — 8800979262 — ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ନବବର୍ଷର ଶୁଭ ଅବସରରେ — ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ — REG. NO. BG3274CH1122 — 2% ସୁଧ 40% ରିହାତି — 9499135756 — B-34/7 A Block Vijay Enclave, Bururi, New Delhi

ଖର୍ଚ୍ଚ ଋଣରୁ କଟିବ — MAHALAXMI FINANCE — 9518852216, 9548270863 — ADDRESS: T-51, GAUTAMPURI, DELHI

ଲକ୍ଷ୍ମୀ ଫାଇନାନ୍ସ — Neha - 7587695952, Mansi - 9977126495, Vedika - 7773046066, Riya - 9630505047, Priya - 8269113958, Anju - 7509661004

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ — ବାବା ଅଲାଉଦ୍ଦିନ ବଙ୍ଗାଲି — କାମ ନ ହେଲେ ଟଙ୍କା ଫେରସ୍ତ — 8376889657 — 9971793786

KUBER FINANCE — Kuber ଋଣ 2% ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ — Plot No-14/524, Chandini Chowk, Kolkata — 8146524009 — 7056393742

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

ଗୁରୁ ସାହି ଖାନ୍ — A To Z Problem Solution — 9818298397 — 9953959390


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ନୂଆବର୍ଷରୁ...







**ଆରମ୍ଭ ହୋଇଛି ପୁଣି ଏକ ନୂଆବର୍ଷ। ମନରେ କେତେ ଆଶା, ଆକାଂକ୍ଷା ଓ କିଛି ନୂଆ କରିବାର ସଂକଳ୍ପ ନେଇ ଏହାକୁ ସ୍ୱାଗତ ଜଣାଇଛନ୍ତି ସଭିଏଁ। ତେବେ ଭବିଷ୍ୟତରେ ଏକ ସୁଖ ସମୃଦ୍ଧ ଜୀବନ ଜିଇବାର କାମନା ରଖି ଏବେଠୁ ସଞ୍ଚୟ କରିବାକୁ ବି ଏହି ନୂଆ ବର୍ଷରେ ସଂକଳ୍ପବଦ୍ଧ ହୋଇଛନ୍ତି କେତେଜଣ ଯୁବତୀଯୁବକ...**

ଭବିଷ୍ୟତକୁ ସୁଦୃଢ଼ କରିବାକୁ ହେଲେ ଆର୍ଥିକ ସ୍ଥିତି ମଜଭୁତ ହେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଯେଉଁଥିପାଇଁ ଆବଶ୍ୟକ ହୋଇଥାଏ ସଞ୍ଚୟ। ଆଉ ଏହାକୁ ଆରମ୍ଭ କରିବାର ଉପଯୁକ୍ତ ସମୟ ହେଉଛି ଯୁବାବସ୍ଥା। ଏହାକୁ ଆଖି ଆଗରେ ରଖି କେବଳ ବର୍ତ୍ତମାନକୁ ମଉଜମସ୍ତିରେ କାଟିବା ଆଳରେ ନିଜର ସମସ୍ତ ଆୟକୁ ବ୍ୟୟ କରିଦେବା ପରିବର୍ତ୍ତେ ଭବିଷ୍ୟତ ପାଇଁ ସଞ୍ଚୟ କରିବାକୁ ନୂଆବର୍ଷରେ ସଂକଳ୍ପ ନେଇଛନ୍ତି କିଛି ଯୁବପିଢ଼ି। ତେବେ ସଞ୍ଚୟ କରୁଥିଲେ କେତେକ ଦିଗ ପ୍ରତି ଗୁରୁତ୍ୱ ଦେଲେ ଆପଣ ସଞ୍ଚିତ ଅର୍ଥକୁ ସୁରକ୍ଷିତ ରଖିପାରିବା ସହ ଅଧିକ ଲାଭବାନ୍ ବି ହୋଇପାରିବେ..

– ଯୁବ ବୟସରେ ଅଧିକାଂଶ ଯୁବତୀଯୁବକ ମଜାମସ୍ତି, ଶପିଂ ଆଦିରେ ଅଧିକ ଟଙ୍କା ବ୍ୟୟ କରିଦିଅନ୍ତି। ଫଳରେ ଭବିଷ୍ୟତରେ ଏଥିପାଇଁ ସେମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେଣୁ ଯୁବାବସ୍ଥାରୁ ସଞ୍ଚୟ କରିବା ବୁଦ୍ଧିମତାର କାମ। ତେବେ ଏଥିପାଇଁ ଏକ ଲକ୍ଷ୍ୟ ସ୍ଥିର କରିବା ଆବଶ୍ୟକ ହୋଇଥାଏ। ଯାହାଦ୍ୱାରା ଏହାକୁ ପୂରଣ କରିବାର ଆଗ୍ରହ ଏବଂ ତତ୍ପରତା ହିଁ ସଞ୍ଚୟ କରିବାକୁ ପ୍ରେରଣା ଯୋଗାଇବ।

– ନିଜର ଆବଶ୍ୟକତା ଅନୁଯାୟୀ ସମସ୍ତ ଖର୍ଚ୍ଚ ପରେ ସଞ୍ଚୟ କରିବା ଏତେ ସହଜ କଥା ନୁହେଁ। ତେଣୁ ସଞ୍ଚୟ ଆରମ୍ଭ ଲାଗି ସର୍ବ ପ୍ରଥମେ ନିଜର ମାସିକ ଖର୍ଚ୍ଚର ଏକ ତାଲିକା ପ୍ରସ୍ତୁତ କରି ମାସିକ ଆୟ ସହ ଏହାକୁ ତୁଳନା କରନ୍ତୁ। ଜବ୍ କିମ୍ବା ବ୍ୟବସାୟ ଆପଣଙ୍କ ପେସା ଅନୁଯାୟୀ କେତେ ଟଙ୍କା ଆୟ ହେଉଛି, ସେଥିରୁ କେତେ ଖର୍ଚ୍ଚ ହେଉଛି, ବଜାର ଦର ବୃଦ୍ଧି ସାଙ୍ଗକୁ ଖର୍ଚ୍ଚର ମାତ୍ରା କେତେ ବଢୁଛି, କେଉଁ ଖର୍ଚ୍ଚ ଉପରେ ଲଗାମ ଲଗାଇଲେ ଏହା ମ୍ୟାନେଜ୍ ହୋଇପାରିବ, ଅଧିକ ଆୟ କରିବାକୁ ଦରକାର ହେଲେ ଅନ୍ୟ କେଉଁ ପନ୍ଥା ଅବଲମ୍ବନ କରିପାରିବେ ଆଦି ବିଷୟରେ ଯୋଜନା ମୁତାବକ କାର୍ଯ୍ୟ କରନ୍ତୁ। ମନେରଖନ୍ତୁ ସବୁବେଳେ ନିଜର ମାସିକ ଖର୍ଚ୍ଚ ଆକଳନ କରିବା ପରେ ଆନୁମାନିକ ବଳକା ଅର୍ଥକୁ ପ୍ରଥମେ ସଞ୍ଚୟ କରିବାକୁ ଚେଷ୍ଟା କରନ୍ତୁ। ଯଦି ଜବ୍ କରି ନାହାନ୍ତି ଏବଂ ଅଭିଭାବକଙ୍କ ଠାରୁ ମିଳୁଥିବା ପକେଟ୍ ମନିରୁ ସଞ୍ଚୟ କରିବାକୁ ଚାହୁଁଛନ୍ତି, ତେବେ ନିଜର ଆବଶ୍ୟକତା ବ୍ୟତୀତ ବଳକା ଅର୍ଥକୁ ଏଣେ ତେଣେ ଅଜଥା ଖର୍ଚ୍ଚ ଆଦୌ ନ କରି ସଞ୍ଚୟ କରିପାରିବେ।

– ସଞ୍ଚୟ କରିବାକୁ ହେଲେ ଦୃଢ଼ ମାନସିକତା ଆବଶ୍ୟକ। ତେଣୁ ପ୍ରତି ମାସରେ କେତେ ଟଙ୍କା ସଞ୍ଚୟ କରିବେ ସେଥିପାଇଁ ମାସିକ ଖର୍ଚ୍ଚର ଏକ ବଜେଟ ସ୍ଥିର କରନ୍ତୁ। ଯେଉଁଥିରେ ବ୍ୟୟ ସବୁବେଳେ ନିଜର ଆୟକୁ ଧ୍ୟାନରେ ରଖି ହେବା ଜରୁରୀ। ପ୍ରତିମାସରେ ସମସ୍ତ ଖର୍ଚ୍ଚ କରିବା ପରେ ଯାହା ଟଙ୍କା ବଳୁଛି ତାହାକୁ ସଞ୍ଚୟ ନ କରି ପ୍ରଥମେ କେତେ ଟଙ୍କା ସଞ୍ଚୟ କରିବେ ତାହା ସ୍ଥିର କରିବା ପରେ ବଳକା ଟଙ୍କାକୁ ଖର୍ଚ୍ଚ କରିବା ହିଁ ବୁଦ୍ଧିମତ୍ତାର କାମ।

– ନିଜର ସଞ୍ଚିତ ଅର୍ଥରୁ ଅଧିକରୁ ଅଧିକ ଲାଭ ପାଇବାକୁ ଚାହୁଁଥିଲେ ଏହାକୁ ଘରେ ନ ରଖି ବ୍ୟାଙ୍କ୍, ପୋଷ୍ଟ ଅଫିସ କିମ୍ବା ଅନ୍ୟାନ୍ୟ ଫଣ୍ଡରେ ରଖନ୍ତୁ।

– ଯଦି ଆପଣ ପ୍ରତି ମାସରେ ଏକ ନିର୍ଦ୍ଦିଷ୍ଟ ଅଙ୍କର ସଞ୍ଚୟ କରିପାରୁଛନ୍ତି ତେବେ ଏହାକୁ ଏକ ଆର୍‌ଡି(ରିକରିଙ୍ଗ୍ ଡିପୋଜିଟ୍) ଆକାଉଣ୍ଟ ଖୋଲି ଅଧିକ ସୁଧ ପାଇ ଲାଭବାନ୍ ହୋଇପାରିବେ।

– ଆଜିକାଲି ଆଉ କୌଣସି ଚାକିରିରେ ପେନ୍‌ସନ୍ ସୁବିଧା ମିଳୁନାହିଁ। ତେଣୁ ବୃଦ୍ଧାବସ୍ଥାରେ ଯେପରି ଆର୍ଥିକ ସମସ୍ୟା ନ ଭୋଗନ୍ତି ସେଥିଲାଗି ଯୁବାବସ୍ଥାରୁ ପେନ୍‌ସନ୍ ପ୍ଲାନ କରନ୍ତୁ। ଚାକିରି କରିବାର ପ୍ରାରମ୍ଭିକ ସମୟରୁ ପେନ୍‌ସନ୍ ପ୍ଲାନ୍ ଅଧିକ ବର୍ଷ ଟଙ୍କା ଜମା କରିବେ ଏବଂ ଅଧିକ ଲାଭବାନ୍ ହୋଇପାରିବେ। ଏଥିଲାଗି ଭାରତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ନ୍ୟାଶନାଲ୍ ପେନ୍‌ସନ୍ ସିଷ୍ଟମ ଯୋଜନା ବା ଏନ୍‌ପିଏସ୍ ସ୍କିମ୍‌ରେ ଟଙ୍କା ଜମା କରିପାରିବେ। ଏହାଦ୍ୱାରା ଆପଣ ୬୦ ବର୍ଷ ହେବା ପରେ ଉକ୍ତ ଜମା ଟଙ୍କା ଉପରେ ପେନ୍‌ସନ୍ ପାଇପାରିବେ। ଏହା ବ୍ୟତୀତ ବି ଅନ୍ୟାନ୍ୟ ପେନ୍‌ସନ୍ ପ୍ଲାନ୍ ରହିଛି। ଯେଉଁଥିରେ ବି ଆପଣ ନିଜ ସୁବିଧା ଅନୁସାରେ ପ୍ରତିମାସରେ କିମ୍ବା ବର୍ଷକୁ ଥରେ ଟଙ୍କା ଜମା କରିପାରିବେ। ତେବେ ବାର୍ଷିକ ଏକକାଳୀନ ଅଧିକ ଟଙ୍କା ଜମା କରିବା ପରିବର୍ତ୍ତେ ପ୍ରତିମାସରେ ଅଳ୍ପ ଅଳ୍ପ ଟଙ୍କା ଜମା କରିବା ସହଜ ହୋଇଥାଏ।

– ବର୍ତ୍ତମାନ ଅନେକ ଯୁବତୀଯୁବକ ଶେୟାର ମାର୍କେଟ, ରିୟଲ ଇଷ୍ଟେଟ, ମ୍ୟୁଚୁଆଲ ଫଣ୍ଡ ଭଳି ସଂସ୍ଥାରେ ଅଧିକ ରିଟର୍ନ ପାଇବା ଆଶାରେ ଟଙ୍କା ନିବେଶ କରୁଥିବା ଦେଖିବାକୁ ମିଳୁଛି। ହେଲେ ମନେ ରଖନ୍ତୁ ଏଥିରେ ବିପଦ ରହିଛି। ତେଣୁ ଅଧିକ ଲାଭ ପାଇବା ଆଶାରେ ଏଥିରେ ସବୁ ଟଙ୍କା ଲଗାନ୍ତୁ ନାହିଁ। କୌଣସି ଫାଇନାନ୍ସ ଆଡ୍‌ଭାଇଜର୍‌ଙ୍କ ଠାରୁ ପ୍ରଥମେ ପରାମର୍ଶ ନିଅନ୍ତୁ। ଅନ୍ୟର ଶୁଣା କଥାରେ ପ୍ରଭାବିତ ହୋଇ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ।



ରାକେଶ



ଅନିଲ



### କ'ଣ କରନ୍ତି ଏମାନେ...

**ରାକେଶ କୁମାର ବେହେରା** (ଯାଜପୁର)– ଟଙ୍କା ମଣିଷର ପ୍ରତିଟି ସମୟରେ ଦରକାର। ତେଣୁ ଏହାକୁ ଦେଖିଚାହିଁ ଖର୍ଚ୍ଚ କରିବା ସହ କିଛି ଭବିଷ୍ୟତ ଲାଗି ସଞ୍ଚୟ କରିବା ବି ଆବଶ୍ୟକ। ଏକଥା ଜାଣିଥିଲେ ସୁଦ୍ଧା ବେଳେ ବେଳେ ଆୟ ଠାରୁ ବ୍ୟୟ ବଳି ଯାଉଛି। ହେଲେ ଏଥର ନୂଆବର୍ଷରେ ଭବିଷ୍ୟତକୁ ଆଖିଆଗରେ ରଖି ସଞ୍ଚୟ କରିବା ଲାଗି ସଂକଳ୍ପ ନେଇଛି। ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବାରୁ ଦରମା ଟଙ୍କାରେ ମାସିକ ଖର୍ଚ୍ଚ ବାଦ୍ ବଳକା ଟଙ୍କାରେ ଏକ ୧୫ ବର୍ଷିଆ ଜୀବନ ଆନନ୍ଦ ପଲିସି କରିଛି ଏବଂ ପ୍ରତିମାସରେ ଏଥିରେ ଟଙ୍କା ଜମା ରଖିବାକୁ ନିଷ୍ପତ୍ତି ନେଇଛି।

**ଅନିଲ କୁମାର ସାହୁ**( ବାଲି ସାହି, ପୁରୀ)– ବର୍ତ୍ତମାନ ଟଙ୍କା ରୋଜଗାର ଲାଗି ବିଭିନ୍ନ ମାଧ୍ୟମ ରହିଛି। ଆଉ ସେଥିରୁ କେଉଁଟି ସୁବିଧାଜନକ ହୋଇପାରିବ, କିଭଳି ଅଧିକ ଆୟ ହୋଇପାରିବ ଏବଂ ସମସ୍ତ ଖର୍ଚ୍ଚ ପରେ କିଛି ଅର୍ଥ ସଞ୍ଚୟ କରି ହେବ ସେସବୁ ନିଜକୁ ନିଷ୍ପତ୍ତି ନେବାକୁ ହୋଇଥାଏ। ଏସବୁକୁ ଧ୍ୟାନରେ ରଖି ଗତ କିଛିବର୍ଷ ହେବ ଟ୍ରେଡିଂ କରୁଛି। ମାତ୍ର ୫ ଜଣଙ୍କ ଟଙ୍କା ନେଇ ବିଭିନ୍ନ କମ୍ପାନୀର ଶେୟାର କିଣୁଥିଲି। ବର୍ତ୍ତମାନ ୨୦ ଜଣଙ୍କ ଟଙ୍କା ଡାଇରେକ୍ଟ ଇନ୍‌ଭେଷ୍ଟ କରୁଛି। ଚଳିତ ନୂଆବର୍ଷରେ ଅଧିକ ଟଙ୍କା ସଞ୍ଚୟ ଲକ୍ଷ୍ୟ ରଖି ନିଜର ଏକ ଟ୍ରେଡିଂ ଫାର୍ମ ଖୋଲିବାକୁ ପ୍ଲାନିଂ କରିଛି।

## ଜାଣନ୍ତୁ ଦୁନିଆ

# ଏକ୍ସ-ରେ

**ମେଡିକାଲ ସାଇନ୍ସରେ ଏକ୍ସ-ରେର ବ୍ୟବହାର ଯେ କେତେ ଗୁରୁତ୍ୱପୂର୍ଣ୍ଣ ସେକଥା ସମସ୍ତେ ଜାଣନ୍ତି। ହେଲେ ଏହା ବ୍ୟତୀତ ଏହାର ଅନ୍ୟ ବ୍ୟବହାର, ଉଦ୍ଭାବନ ଏବଂ ଏହା ସମ୍ପର୍କରେ ଆସନ୍ତୁ ଜାଣିବା କିଛି ଅଜଣା କଥା...**



- ବାଭାରିଆର ବୈଜ୍ଞାନକ ୱିଲ୍‌ହେମ ରୋଣ୍ଟଜେନ୍ ୧୮୫୭ରେ ଏକ୍ସ-ରେ ଉଦ୍ଭାବନ କରିଥିଲେ। ସେ ନିଜର ଏକ ପରୀକ୍ଷଣ କରୁଥିବା ସମୟରେ ହଠାତ୍ ନିଜ ହାତ ହାଡର ଛବି କାନ୍ଥରେ ପ୍ରତିଫଳିତ ହେଉଥିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହି ପ୍ରକ୍ରିୟାକୁ ପୁନଃ ବ୍ୟବହାର କରି ସେ ଉକ୍ତ ଛବିକୁ ଫଟୋଗ୍ରାଫିକ୍ ପ୍ଲେଟ୍‌ରେ ବାହାର କରିବାରେ ସଫଳ ହେଲେ। ସେ ଏହାର ନାମ ଏକ୍ସ-ରେ ରଖିଲେ। ଆଉ ଏହି ଉଦ୍ଭାବନ ଲାଗି ତାଙ୍କୁ ଫିଜିକ୍ସ କ୍ଷେତ୍ରରେ ପ୍ରଥମ ନୋବେଲ ପୁରସ୍କାର ପ୍ରାପ୍ତ ହେଲା।
- ପ୍ରାରମ୍ଭିକ ସମୟରେ ସେ ନିଜ ପତ୍ନୀ ଆନ୍ନା ବେର୍‌ଥାଙ୍କ ୱେଡିଙ୍ଗ୍ ରିଙ୍ଗ୍ ସହିତ ହାତ ପାପୁଲିର ଏକ୍ସ-ରେ କରିଥିଲେ। ଏହା ସହିତ ଅନ୍ୟ କେତେକ ଏକ୍ସ-ରେ ବର୍ତ୍ତମାନ ବ୍ରିଟିଶ୍ ଲାଇବ୍ରେରୀରେ ରହିଛି।
- ଆମେରିକାରେ ୧୯୩୦ରୁ ୧୯୫୦ ପର୍ଯ୍ୟନ୍ତ ଅନେକ ଜୋତା ଦୋକାନରେ ପାଦର ଠିକ୍ ମାପ ଜାଣିବା ଲାଗି ଏହାକୁ ବ୍ୟବହାର କରାଯାଉଥିଲା।
- ମହାକାଶ ଗବେଷଣାରେ ମଧ୍ୟ ଏକ୍ସ-ରେ କୌଶଳର ବିଶେଷ ସାହାଯ୍ୟ ନିଆଯାଇଥାଏ। ୧୯୯୯ରେ ନାସା ପକ୍ଷରୁ କଲମ୍ବିଆ ସ୍ପେସ୍ ଶଟଲ୍ ବାହାରେ ଚନ୍ଦ୍ର ଏକ୍ସ-ରେ ଅବ୍‌ଜରଭେଟୋରୀ ଦ୍ୱାରା ବ୍ଲାକ୍ ହୋଲ୍‌ର ସନ୍ଧାନ ମିଳିଥିଲା।
- ଏକ୍ସ-ରେରୁ ସୃଷ୍ଟ ବିକିରଣ ସୂର୍ଯ୍ୟାଲୋକରୁ ଆସୁଥିବା ବିକିରଣ ତୁଳନାରେ ଅଧିକ ଶକ୍ତିଶାଳୀ। ଅର୍ଥାତ୍ ମଣିଷ ଛାତିରେ ଥରେ କରାଯାଉଥିବା ସିଟି ସ୍କାନ ପ୍ରାୟ ଦୁଇ ବର୍ଷ ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସୁଥିବା ବିକିରଣ ସହିତ ସମାନ। ତେଣୁ ପ୍ରଥମେ ଲୋକେ ଏହାର ବ୍ୟବହାର ସମ୍ପୂର୍ଣ୍ଣ ନିରାପଦ ବୋଲି ଭାବୁଥିଲେ। ହେଲେ ୧୯୦୪ରେ ବୈଜ୍ଞାନିକ ଥୋମାସ୍ ଏଡିଶନ୍‌ଙ୍କ ସହଯୋଗୀ କ୍ଲାରେନ୍ସ ଡାଲି ଦୀର୍ଘ ସମୟ ଧରି ଏକ୍ସ-ରେ କାମ କରି ସ୍କିନ୍ କ୍ୟାନ୍ସରରେ ମୃତ୍ୟୁବରଣ କରିବା ଦ୍ୱାରା ସମସ୍ତେ ଏହାର ନକାରାତ୍ମକ ଦିଗ ସମ୍ପର୍କରେ ସଚେତନ ହେଲେ।
- ଏକ ଗବେଷଣା ମୁତାବକ ଆମେରିକାରେ ଥିବା ସମସ୍ତ କ୍ୟାନ୍ସର ରୋଗୀଙ୍କ ମଧ୍ୟରୁ ୦.୪ ଭାଗଙ୍କଠାରେ ଏହି ରୋଗ ସିଟି ସ୍କାନ ଯୋଗୁ ହେଉଛି।
- ଯଦିଓ ଏହା ସଂସ୍ପର୍ଶରେ ଅଧିକ ଆସିବା ଦ୍ୱାରା କ୍ୟାନ୍ସର ଆଶଙ୍କା ଅଧିକ, ହେଲେ ବର୍ତ୍ତମାନ ମେଡିକାଲ ସାଇନ୍ସରେ କ୍ୟାନ୍ସର ଆରୋଗ୍ୟ ଲାଗି ଏହାକୁ ବ୍ୟବହାର କରାଯାଉଛି। ବିଶେଷ କରି କ୍ୟାନ୍ସର ଆଶଙ୍କା ବଢାଉଥିବା ଅନାବଶ୍ୟକ କଳାଜାଇ ବାହାର କରିବା ହେଉ କିମ୍ବା ଟ୍ୟୁମର ଟିସୁ ନଷ୍ଟ କରିବା ପାଇଁ ରେଡିଓ ଥେରାପି ଲାଗି ଏକ୍ସ-ରେ ବ୍ୟବହାର କରାଯାଉଛି।



## ଯୁ|ଥ୍|ଆ|ଲ|ର୍ଟ

# ଯୁବାବସ୍ଥାରେ ହାଇପର୍‌ଟେନ୍‌ସନ

**ବର୍ତ୍ତମାନ ଯୁବାବସ୍ଥାରେ ଅନେକଙ୍କଠାରେ ହାଇପର୍‌ଟେନ୍‌ସନ୍ ବା ଉଚ୍ଚ ରକ୍ତଚାପ ସମସ୍ୟା ଦେଖିବାକୁ ମିଳୁଛି। ଏଥିପାଇଁ ଆଜିର ଯୁବପିଢ଼ିଙ୍କ ଅସନ୍ତୁଳିତ ଖାଦ୍ୟାଭ୍ୟାସ ସାଙ୍ଗକୁ ପରିବର୍ତ୍ତିତ ଜୀବନଶୈଳୀ ମୁଖ୍ୟତଃ ଦାୟୀ। ତେବେ ଏହା ଯେପରି ଭବିଷ୍ୟତରେ ଅନ୍ୟ କୌଣସି ବଡ଼ ସ୍ୱାସ୍ଥ୍ୟ ସମସ୍ୟା ନ ଉପୁଯାଏ, ସେଥିପାଇଁ ଯଥା ସମୟରେ ଏହାକୁ ନିୟନ୍ତ୍ରଣ କରିବା ଆବଶ୍ୟକ...**

- ହାଇପର୍‌ଟେନ୍‌ସନ୍ ବା ଉଚ୍ଚ ରକ୍ତଚାପର ସବୁଠୁ ବଡ଼ କାରଣ ହେଉଛି ମେଦବହୁଳତା। ତେଣୁ ଶରୀରର ଓଜନ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ଓଜନ ବଢ଼ିବା ଆରମ୍ଭ ହେଲେ ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ଏହାକୁ କମାଇବା ଲାଗି ଯୋଗ, ବ୍ୟାୟାମ ଆଦି କରନ୍ତୁ।
- ଅଧିକ ତେଲ ମସଲା ବା ଚର୍ବିଜାତୀୟ ଖାଦ୍ୟ ଏବଂ ଲୁଣ କମ୍ ଖାଆନ୍ତୁ। ଯଦି ଜଙ୍କ୍‌ଫୁଡ୍, ଫାଷ୍ଟଫୁଡ୍, ପ୍ୟାକେଟ୍ କିମ୍ବା ଫ୍ରୋଜେନ୍ ଫୁଡ୍ ଖାଉଛନ୍ତି, ତେବେ ଯଥାଶୀଘ୍ର ଖାଦ୍ୟାଭ୍ୟାସ ବଦଳାନ୍ତୁ। ଅଧିକରୁ ଅଧିକ ସନ୍ତୁଳିତ ଆହାର ଗ୍ରହଣ କରନ୍ତୁ। ପ୍ରଚୁର ପରିମାଣରେ ପାଣି ପିଇଲେ ଏପରି ସମସ୍ୟା ଦୂର ହେବ।
- ବର୍ତ୍ତମାନ ମୋବାଇଲ୍ ଏବଂ ଲାପ୍‌ଟପ୍ ଆଦିର ବହୁଳ ବ୍ୟବହାର ଯୋଗୁ ଅନେକଙ୍କ ଠାରେ ଶାରୀରିକ ପରିଶ୍ରମ କମୁଥିବା ଦେଖିବାକୁ ମିଳୁଛି। ସେମାନେ ଗୋଟିଏ ସ୍ଥାନରେ ଘଣ୍ଟାଘଣ୍ଟା ଧରି ବସିରହିବା ଦ୍ୱାରା ଶରୀରରେ ଧୀରେଧୀରେ ଚର୍ବିଅଂଶ ଜମା ହେଉଛି। ଫଳରେ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହେବା ସହ ଉଚ୍ଚ ରକ୍ତଚାପ ଦେଖାଦେଉଛି। ତେଣୁ ପ୍ରତିଦିନ କିଛି ସମୟ ବ୍ୟାୟାମ, ଯୋଗ ଆଦି ଅଭ୍ୟାସ କରନ୍ତୁ। ଆପଣ ଚାହିଁଲେ ଜିମ୍ ଯାଇ ଏକ୍ସରସାଇଜ୍ କରିପାରିବେ।
- ବର୍ତ୍ତମାନ ଅନେକ ଯୁବତୀଯୁବକ ଧୂମପାନ ଏବଂ ଆଲ୍‌କହଲ୍ ଭଳି ମାଦକ ଦ୍ରବ୍ୟ ସେବନକୁ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ଭାବେ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି। ହେଲେ ଅପରପକ୍ଷେ ଏହା ସେବନ କରୁଥିବାର ଦେଖିବାକୁ ମିଳୁଛି। ଏଣୁ ଏହା ମଧ୍ୟ ଉଚ୍ଚ ରକ୍ତଚାପ ସୃଷ୍ଟି କରିବା ଲାଗି ମୁଖ୍ୟତଃ ଦାୟୀ।
- ପାଠପଢ଼ା, ଜବ୍ ଏବଂ ଅନ୍ୟାନ୍ୟ ମାନସିକ ଚାପ ବି ଅନେକଙ୍କଠାରେ ଏହି ସମସ୍ୟା ସୃଷ୍ଟି କରିବା ଲାଗି ଦାୟୀ। ତେଣୁ କୌଣସି ପ୍ରକାରର ଚିନ୍ତା ବା ମାନସିକ ଚାପ ଥିଲେ ଏହାର କାରଣ ଜାଣିବାକୁ ଚେଷ୍ଟା କରନ୍ତୁ। ସର୍ବଦା ମନ ଖୁସି ଏବଂ ଅବସାଦ ମୁକ୍ତ ରୁହନ୍ତୁ।



## ଏ ସପ୍ତାହର ପ୍ରଶ୍ନ

୧– ଚଳିତବର୍ଷ ସଡ଼କ ସୁରକ୍ଷା ସହ ପ୍ରଦୂଷଣ ରୋକିବାକୁ ଆଖିଆଗରେ ରଖି ରାଜସ୍ଥାନ ସରକାର ପ୍ରତିମାସର ପ୍ରଥମ ଦିନକୁ............ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି ?
୨– ମହାକାଶରେ ସବୁଠୁ ଅଧିକ ସମୟ ବିତାଇଥିବା ମହିଳା ମହାକାଶଚାରୀ........ ?
୩– .............ଙ୍କ ସମାଧିସ୍ଥଳକୁ ବିଜୟ ଘାଟ କୁହାଯାଏ ?
୪– ............... ତାରିଖରେ ନ୍ୟାଶନାଲ କଞ୍ଜ୍ୟୁମର ଡେ' ପାଳନ କରାଯାଏ ?
୫– 'ବଞ୍ଚ ଅଫ୍ ଓଲ୍ଡ ଲେଟର୍ସ' ପୁସ୍ତକର ଲେଖକ ................ ?

## ଗତ ଥରର ଉତ୍ତର

୧ ମାଜୁଲି, ଆସାମ
୨ ସମସୁଦ୍ଦିନ ଇଲ୍‌ତୁତ୍‌ମିସ
୩ ତାଳା
୪ ମାଲିଗାଓଁ
୫ ନେକ୍ ଚନ୍ଦ୍

## ଉତ୍ତର ଦାତା



ପ୍ରଭାତ କୁମାର ମାର୍ଥା, ଖୋର୍ଦ୍ଧା



ନନ୍ଦିନୀ ରାଉତ, ଅନୁଗୋଳ



ମନୋରମା ହାତୀ, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com



“ ଏକ ଅଭାବୀ ଲୋକ ପାଇଁ ସବୁ ଜିନିଷ ଦୁନିଆରେ ପର୍ଯ୍ୟାପ୍ତ ଥାଏ, କିନ୍ତୁ ଜଣେ ଲୋଭୀ ପାଇଁ ନୁହେଁ।
- ମହାତ୍ମା ଗାନ୍ଧୀ



# ସମ୍ବଲପୁର ଲୋକ ମହୋତ୍ସବ ଉଦ୍‌ଘାଟିତ

■ମୁରଲୀକେ ସୁରେ ସୁରେ ବଜା
■ସନ୍ତୋଷ ମିଶ୍ରଙ୍କୁ ଲୋକ ସଂଗୀତ ସମ୍ମାନ

ସମ୍ବଲପୁର,୪।୧(ବ୍ୟୁରୋ)

ଆମର୍ ସଂସ୍କୃତି ଆରମ୍ ଟେକ୍ ଅଟେ । ସଂସ୍କୃତି, ପରମ୍ପରାକୁ ବଞ୍ଚାଇ ରଖିଲେ, ଜାତିର ସମ୍ମାନ ବୃଦ୍ଧି ହୋଇଥାଏ। ତେଣୁ ପ୍ରତ୍ୟେକସ୍ତରରୁ ଲୋକ ସଂସ୍କୃତିକୁ ବଞ୍ଚାଇବା ପାଇଁ ପ୍ରୟାସ କରିବା ଆବଶ୍ୟକତା ରହିଛି। ନଚେତ ଅବଲୁପ୍ତ ପ୍ରାୟ କଳା ସହ ଜାତି ମଧ୍ୟ ଅଦିନିଆ ଝଡରେ ଝଡି ପଡିବ। ଶନିବାର ଅଇଁଠାପାଲି ପିଏଚ୍‌ଡି ପଡ଼ିଆ ମଞ୍ଚରେ ଉଦ୍‌ଘାଟିତ ୨୩ତମ ସମ୍ବଲପୁର ଲୋକ ମହୋତ୍ସବ- ୨୦୨୦ରେ ଅତିଥିମାନେ ଏହା କହିଛନ୍ତି। ମୁଖ୍ୟ ସଂଯୋଜକ ସୌମେନ୍ଦ୍ର ପୂଜାରୀଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା । ରେଙ୍ଗାଲି ବିଧାୟକ ନାଉରୀ ନାୟକ, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ପଦ୍ମଶ୍ରୀ ହଳଧର ନାଗ, ରଙ୍ଗବତୀ ଗୀତିକାର ମିତ୍ରଭାନୁ ଗୌନ୍ତିଆ, ଡିଏଫଓ ଡ. ସଞ୍ଜୀତ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଲୋକ ସଂଗୀତରେ ଜୀବନ ବ୍ୟାପୀ ସାଧନା ପାଇଁ ସନ୍ତୋଷ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଐତିହ୍ୟ, ପରମ୍ପରା, ସଂସ୍କୃତି, ଭାଷାକୁ ନେଇ ପ୍ରସ୍ତୁତ ହୋଇଥିବା ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଆୟୋଜକ ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲାପାଳ ଶୁଭମ ସକସେନା ମହୋତ୍ସବ ବିଷୟରେ ସୂଚନା ପ୍ରଦାନ କରିଥିଲେ । ନୋଡାଲ ଅଧିକାରୀ ସୁକାନ୍ତ ତ୍ରିପାଠୀ, ମଞ୍ଚ ଓ ପ୍ରେକ୍ଷାଳୟ ଉପକମିଟି ଆବାହକ ନନ୍ଦକିଶୋର ସାହୁ, ସତ୍ୟରଞ୍ଜନ ବେହେରା, ସମ୍ବର୍ଦ୍ଧନା ଆବାହକ ସୂର୍ଯ୍ୟମୟ ପାଣିଗ୍ରାହୀ, ଅଭ୍ୟର୍ଥନା ଆବାହକ ଭୋଳା ମହତମ, ଦଳ ଆବାହକ ଦୁର୍ଗା ଦାଶ, ସ୍ମରଣିକା ଆବାହକ ଗୁଣରଞ୍ଜନ ସାଲିମା ପ୍ରମୁଖ ଉପସ୍ଥିତ ଥିଲେ । ଉଦ୍‌ଘୋଷକ କମିଟି ଆବାହକ ତର୍ପଣ କୁମାର ପ୍ରଧାନ ପରିଚାଳନା ଏବଂ ରାମାଶିଷ ତ୍ରିପାଠୀ ଓ ସୀମାନ୍ତିକା ଦାଶ, ମାନସ ମିଶ୍ର ପ୍ରମୁଖଙ୍କ ସଂଯୋଜନାରେ ଲୋକଗୀତ ଓ ଲୋକନୃତ୍ୟ କାର୍ଯ୍ୟକ୍ରମ ହୋଇଥିଲା। ଇମା ଶୀତ କରୁଛେ ରେ ଯମୁନାର ପାଏନ୍..., ମୁରଲୀକେ ସୁରେ ସୁରେ ବଜା..., ଇ ମୁରଲୀର ଆଗର କହର..., ଝରିରେ ମଲିରେ ମୋର ନାଁ ଝାରର ମଲି... ଗୀତରେ ଦର୍ଶକ ବିମୋହିତ ହୋଇଥିଲେ। ଗୀତଗୁଡିକୁ ଶଙ୍କର ଦତ୍ତା, ଡା. ସବିତା ହୋତା, ଦିଲୀପ ବାଗ ଓ ଗୀତାଞ୍ଜଳି ପୋଢ଼ ଗାନ କରିଥିଲେ । ପାରଶ ହରିପାଲ ସ୍ୱର ସଂଯୋଜନା କରିଥିବା ବେଳେ ଚନ୍ଦ୍ରଶେଖର ଦୁବେ, ପ୍ରୟାଗରାଜ ବେହେରା, ପ୍ରଭାତ ହରିପାଲ, ସୋମନାଥ ଜାଲ, ଭକ୍ତରାଜ ସୁନା, ହରି ମହାନନ୍ଦ, ମଧୁସୂଦନ ଗର୍ଡିଆ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଲୋକନୃତ୍ୟ ପର୍ଯ୍ୟାୟରେ ମୟୂର ନୃତ୍ୟ, ଢ଼ାବ, ଘୁବକୁଡୁ, କାଳବେଲିଆ, ସମ୍ବଲପୁରୀ, ଘୁମୁରା ପ୍ରଭୃତି ପରିବେଷିତ ହୋଇଥିଲା । ମହୋତ୍ସବ ପରିସରରେ ଚିତ୍ରକଳା ପ୍ରଦର୍ଶନୀ ଓ ଷ୍ଟଲଗୁଡିକୁ ଅତିଥିମାନେ ଶୁଭାରମ୍ଭ କରିଥିଲେ।



ଶନିବାର ସମ୍ବଲପୁର ଲୋକମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।



ଶନିବାର ସମ୍ବଲପୁର ଲୋକ ମହୋତ୍ସବ ମଞ୍ଚରେ ନଟରାଜ ସାଂସ୍କୃତିକ ଅନୁଷ୍ଠାନ କଳାକାରମାନେ ଢ଼ାବ ନୃତ୍ୟ ପରିବେଷଣ କରୁଛନ୍ତି ।

## ୨ ଘଣ୍ଟା ବିଳମ୍ବରେ ଆରମ୍ଭ

ସମ୍ବଲପୁର ଲୋକ ମହୋତ୍ସବ ନିୟମାନୁସାରେ ସନ୍ଧ୍ୟା ୫ଟାରେ ଆରମ୍ଭ ହେବା କାର୍ଯ୍ୟକ୍ରମ ରହିଥିଲା । କିନ୍ତୁ ଅତିଥିଙ୍କ ଅପେକ୍ଷାରେ ଆୟୋଜକମାନେ ସାଢ଼େ ୫ଟା ପରିବର୍ତ୍ତେ ସାଢ଼େ ୭ଟାରେ ଉଦ୍‌ଘାଟନୀ ଉତ୍ସବ ଆରମ୍ଭ କରିଥିଲେ। ଫଳରେ ନୃତ୍ୟ, ଗୀତ ଦେଖିବାକୁ ଆସିଥିବା ଦର୍ଶକମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା ।

## ସାଉଣ୍ଡ ପରିଚାଳନାରେ ତ୍ରୁଟି

ସମ୍ବଲପୁର ଧନୁପାଲି ନଟରାଜ କଳାକାରମାନେ ଢ଼ାବ ନୃତ୍ୟ ପରିବେଷଣ କରିବାକୁ ମଞ୍ଚରେ ପ୍ରସ୍ତୁତ ହୋଇଥିଲେ । କିନ୍ତୁ ସାଉଣ୍ଡ ପରିଚାଳନାରେ ତ୍ରୁଟି ଯୋଗୁ ପ୍ରାୟ ୧୫ରୁ ୨୦ ମିନିଟ ନୃତ୍ୟ ପରିବେଷିତ ହୋଇପାରି ନ ଥିଲା । ନୃତ୍ୟ ବେଳେ ଗୀତଗୁଡିକ ଠିକ୍ ଭାବେ ଶୁଣା ଯାଉ ନ ଥିଲା ।

## ଶୌଚାଳୟ ଅଭାବ

ମହୋତ୍ସବ ପରିସରରେ ଶୌଚାଳୟ ରହିଛି। କିନ୍ତୁ ତାର ରକ୍ଷଣାବେକ୍ଷଣ ଅଭାବ ଯୋଗୁ କାର୍ଯ୍ୟକାରୀ ହୋଇ ପାରୁନାହିଁ । ଏପରି କି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଳ ସଂଯୋଗ କରିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ଜିଲା ଓ ରାଜ୍ୟ ବାହାରୁ ଆସିଥିବା କଳାକାରମାନେ ଶୌଚ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ ।



ଲୋକ ମହୋତ୍ସବରେ ଯୋଗଦେବା ଲାଗି ଲୋକଗୀତ କଣ୍ଠଶିଳ୍ପୀ ଇଲା ଅରୁନ ଝାରସୁଗୁଡା ବିମାନ ବନ୍ଦରରେ ପହଞ୍ଚିବା ବେଳେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଉଛି ।



ଲୋକ ମହୋତ୍ସବରେ ସନ୍ତୋଷ କୁମାର ମିଶ୍ରଙ୍କୁ ଲୋକ ସଂଗୀତ ସମ୍ମାନ ପ୍ରଦାନ କରାଯାଉଛି ।

## ପ୍ରେକ୍ଷାଳୟ ଚୌକିଗୁଡିକ ଖାଲି ପଡିଥିଲା

ଏକଦା ଲୋକ ମହୋତ୍ସବ ରାଜ୍ୟର ବିଭିନ୍ନ ଜିଲାରେ ମହୋତ୍ସବ କରିବା ପାଇଁ ଉଦାହରଣ ସୃଷ୍ଟି କରିଥିଲା । ଏଥିରେ ଜନସାଧାରଣ ଓ ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀମାନେ ମିଳିତ ଭାବେ କାର୍ଯ୍ୟ କରୁଥିଲେ । ଏପରି କି ସେମାନେ ଜିଲା ତଥା ଜିଲା ବାହାରେ ପ୍ରଚାରପ୍ରସାର ପ୍ରତି ଧ୍ୟାନ ଦେଉଥିଲେ । ଚଳିତ ବର୍ଷ ଲୋକ ମହୋତ୍ସବ ସକାଶେ ଛାପା ଓ ବୈଦ୍ୟୁତିକ ଗଣମାଧମରେ ପ୍ରଚାର ପ୍ରସାର କରାଯାଇ ନାହିଁ । ଫଳରେ ମହୋତ୍ସବ ଦେଖିବାକୁ ଦର୍ଶକଙ୍କ ଭିଡ ଜମି ନ ଥିଲା । ପ୍ରେକ୍ଷାଳୟ ଚୌକିଗୁଡିକ ଖାଲି ପଡିଥିବା ଦେଖିବାକୁ ମିଳିଥିଲା।

## ରଜାବସା ଜଙ୍ଗଲରୁ ଝୁଲନ୍ତା ମୃତଦେହ ଉଦ୍ଧାର

ବାମରା,୪।୧(ଡି.ଏନ.ଏ)

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ରଙ୍ଗିଆଟିକିରା ପଞ୍ଚାୟତ ରଜାବସା ଗାଁ ନିକଟ ଜଙ୍ଗଲରୁ ଶନିବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ପୋଲିସ ଅନୁମାନ କରୁଛି। ମୃତକ ହେଲେ ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ ଅଟୋମୁଣ୍ଡା ଗାଁର ମହେନ୍ଦ୍ର ମିଞ୍ଜ। ମିଳିଥିବା ସୂଚନା ମୁତାବକ, ମହେନ୍ଦ୍ର ବାମରା ବ୍ଲକ ରଙ୍ଗିଆଟିକିରା ପଞ୍ଚାୟତ ରଜାବସା ଗାଁରେ ରହୁଥିବା ସମ୍ପର୍କୀୟ ମାମୁ ଶ୍ୟାମସୁନ୍ଦର ବାଘଙ୍କ ଘରକୁ ବୁଲିବାକୁ ଆସିଥିଲେ। ହେଲେ ସେ ଗୁରୁବାର କେଉଁଆଡେ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନ ଥିଲା । ଶନିବାର ସକାଳେ ଗାଈ ଚରାଇବାକୁ ଯାଇଥିବା ଲୋକେ ରଜାବସା ଜଙ୍ଗଲରେ ଥିବା ଏକ ଆମ୍ବକଗଛରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ପୋଲିସକୁ ଖବର ଦିଆଯାଇଥିଲା। ଗୋବିନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତାଦହ ଜବତ କରିଥିଲା। ତଦନ୍ତ ପରେ ମୃତକ ମହେନ୍ଦ୍ରଙ୍କ ପରିଚୟ ମିଳିଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

## ସ୍ଥାନୀୟ ନିଯୁକ୍ତି ଦାବିରେ ଶ୍ରମିକ ସଂଘର ଧାରଣା

ରେଙ୍ଗାଲି, ୪।୧ (ଡି.ଏନ.ଏ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡାସ୍ଥିତ ତଲାବିରା ୨ ଏବଂ ୩ କୋଇଲା ଖଣି ଖନନ କାମ କରୁଥିବା ଏନ୍‌ଏଲ୍‌ସି କମ୍ପାନୀର ଠିକା ସଂସ୍ଥା ଆଦାନୀ କମ୍ପାନୀରେ ସ୍ଥାନୀୟ ନିଯୁକ୍ତି ଦାବିରେ ବୀରସୁରେନ୍ଦ୍ର ସାଏ ଶ୍ରମିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଆନ୍ଦୋଳନର ଦ୍ୱିତୀୟ ଦିନରେ ସଂଘ ପକ୍ଷରୁ ସମ୍ବଲପୁର ଉପଜିଲାପାଳ ଏବଂ ଠେଲକଲୋଇ ଥାନା ଅଧିକାରୀଙ୍କୁ ଦାବି ପୂରଣ ନ ହେଲେ ଆଦାନୀ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିବାକୁ ଜଣାଇ ଦିଆଯାଇଥିଲା। ଶନିବାର ଆନ୍ଦୋଳନର ତୃତୀୟ ଦିନରେ ସଂଘର ଶତାଧିକ ଶ୍ରମିକ ଏକାଠି ହୋଇ କମ୍ପାନୀ ମୁଖ୍ୟ ଫାଟକରେ ତାଲା ପକାଇବାକୁ ଚେଷ୍ଟା କରିଥିଲେ। ହେଲେ କମ୍ପାନୀ କର୍ତ୍ତୃପକ୍ଷ ଏବଂ ପୋଲିସ ଅଧିକାରୀମାନେ ପହଞ୍ଚି ଶ୍ରମିକମାନଙ୍କୁ ବୁଝାଶୁଝା କରିଥିଲେ। ହେଲେ ଶ୍ରମିକମାନେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ନିଜ ଜିଦ୍‌ରେ ରହିଥିଲେ। ପରେ କମ୍ପାନୀ କର୍ତ୍ତୃପକ୍ଷ ତିନି ସପ୍ତାହ ମଧ୍ୟରେ ସଂଘର ଶ୍ରମିକମାନଙ୍କ ନିଯୁକ୍ତି ପ୍ରକ୍ରିୟା କରାଯିବ ବୋଲି ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ। ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କମ୍ପାନୀ ପକ୍ଷରୁ ପି.କେ. ପଣ୍ଡା, ଠେଲକଲୋଇ ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ ଉପସ୍ଥିତ ଥିଲେ।

## ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ

ଚିପିଲିମା,୪।୧(ଡି.ଏନ.ଏ.)

ସମ୍ବଲପୁର ଜିଲା ଅନ୍ତର୍ଗତ ଧନକଉଡା ବ୍ଲକ ତାଲବ ପଞ୍ଚାୟତ ଅଧୀନ ତାଲବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ଦାସଙ୍କ ସଭାପତିତ୍ୱରେ ଏକ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଝିପାଲି ଫାଣ୍ଡିର ଥାନା ଅଧିକାରୀ ତପନ କୁମାର ପ୍ରଧାନ ମୁଖ୍ୟଅତିଥି, ପଶ୍ଚିମ ଓଡ଼ିଶାର ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ନବମ ଶ୍ରେଣୀର ମନଦୀପ ସିବିଲ ଓ ଈଷାରାଣୀ କରାଲି, ୧୦ମ ଶ୍ରେଣୀର ଅଂଶୁମାନ ବିଶ୍ୱାଳ ପୁରସ୍କୃତ ହୋଇଥିଲେ। ଶିକ୍ଷକ ବିଜୟ କୁମାର ମାଝି ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଟୋକନ ସମସ୍ୟା: ବରେଇପାଲି ମାର୍କେଟ ୟାର୍ଡରୁ ଧାନ ଉଠୁନି

ସମ୍ବଲପୁର,୪।୧(ବ୍ୟୁରୋ)

■ତ୍ରିପାକ୍ଷିକ ଆଲୋଚନାରେ ପ୍ରଶାସନ ଅନୁପସ୍ଥିତ
■୬ରେ ରାସ୍ତାରୋକୋ ଚେତାବନୀ

ସମ୍ବଲପୁର ଜିଲାରେ ଚଳିତ ବର୍ଷ ଧାନ ସଂଗ୍ରହରେ ଟୋକନ ସମସ୍ୟା ଆରମ୍ଭରୁ ଚାଷୀଙ୍କ ପିଛା ଛାଡୁନାହିଁ। ଟୋକନ ନ ଆସିବାରୁ ବରେଇପାଲି ମାର୍କେଟ ୟାର୍ଡରେ ୨୮ଗାଡି ଧାନ ପଡି ରହିଛି। ଗୁରୁବାରଠାରୁ ଚାଷୀମାନେ ଧାନ ବିକ୍ରି କରିବାକୁ ଆସିଥିଲେ ମଧ୍ୟ ଟୋକନ ନ ଥିବାରୁ ଉଠି ପାରିଲା ନାହିଁ । ଏନେଇ ସେମାନେ ୬ ତାରିଖ ପୁଣି ଅଇଁଠାପାଲି ଥାନା ବରେଇପାଲି ମାର୍କେଟ ୟାର୍ଡ ଛକରେ ରାସ୍ତାରୋକୋ କରିବା ଚେତାବନୀ ଦେଇଛନ୍ତି । ଏହାକୁ ନେଇ ସମ୍ବଲପୁର ଏସ୍‌ପି କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀ, ଯୋଗାଣ ବିଭାଗ ଅଧିକାରୀ ଓ ଚାଷୀମାନଙ୍କୁ ନେଇ ଆଲୋଚନା ମାଧମରେ ସମାଧାନ କରିବାକୁ ଏସପି କନୱର ବିଶାଳ ସିଂ ପ୍ରୟାସ କରିଥିଲେ। ହେଲେ ପ୍ରଶାସନ ଓ ଯୋଗାଣ ବିଭାଗ ଅଧିକାରୀ ଚିଠି ପାଇଲା ପରେ ମଧ୍ୟ ନ ଆସିବାରୁ ଆଲୋଚନା ବିଫଳ ହୋଇଛି। ତେଣୁ ଚାଷୀ ସଂଗଠନ ଆସନ୍ତା ସୋମବାର ରାସ୍ତାରୋକୋ କରିବା ନେଇ ନିଷ୍ପତ୍ତି ନେଇଛନ୍ତି । ଅନ୍ୟପକ୍ଷେ ଯୋଗାଣ ବିଭାଗ ଅଧିକାରୀ ଚାଷୀମାନଙ୍କୁ ଟୋକନ ଆସିଯିବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି । ହେଲେ ଯୋଗାଣ ବିଭାଗ କଥାରେ ସେମାନେ ବିଶ୍ୱାସ କରି ପାରୁ ନ ଥିବା ଚାଷୀନେତା ଅଶ୍ୱିନୀ ପୃଷେଠ କହିଛନ୍ତି। ସେ କହିଛନ୍ତି ଯେ, ବରେଇପାଲିରେ ଟୋକନ ନ ଆସିବାରୁ ଚାଷୀମାନେ ଧାନ ବିକ୍ରି କରି ପାରୁନାହାନ୍ତି । ଆହୁରି ୪ ହଜାର କୁଇଣ୍ଟାଲ ଧାନ ବିକ୍ରି ହେବାକୁ ବାକି ପଡିଛି। ଚାଷୀମାନେ ଟୋକନ ପାଇ ନଥିବାରୁ ବିକ୍ରି କରିବାକୁ ଆସୁ ନାହାନ୍ତି । ଯେଉଁମାନେ ମାର୍କେଟ ୟାର୍ଡକୁ ଧାନ ନେଇ ଆସୁଛନ୍ତି ସେମାନେ ମଧ୍ୟ ସମସ୍ୟା ଭୋଗୁଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।





ସମ୍ବଲପୁର ବରେଇପାଲି ମାର୍କେଟୟାର୍ଡରେ ଧାନ ଗାଡି ସହ ଚାଷୀମାନେ ।

## ମିଳିଲାନି ଚାରିକାନ୍ଧ

## ବାଇକ୍‌ରେ ବୁହାହେଲା ମୃତଦେହ

ବାମରା,୪।୧(ଡି.ଏନ୍.ଏ.)

■ଗରିବ ଥିଲେ ବୋଲି ମୁହଁ ମୋଡିନେଲେ ସମ୍ପର୍କୀୟ
■ମାନବିକତା ଦେଖାଇଲେ କପିଲ

ରାଜ୍ୟରେ ମୃତଦେହକୁ ଅସମ୍ମାନ କରାଯାଉଥିବା ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ବାମରା ବ୍ଲକ ସଦର ମହାକୁମାରେ। ଶୁକ୍ରବାର ସନ୍ଧ୍ୟାରେ ଗୋବିନ୍ଦପୁର ଡାକ୍ତରଖାନାଠାରେ ଜନୈକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ହେଲେ କୌଣସି ସମ୍ପର୍କୀୟ ନ ଆସିବାରୁ ୨ଜଣ ଯୁବକ ଅନ୍ତିମ ସଂସ୍କାର କରିବାକୁ ବାହାରିଥିଲେ। ହେଲେ ମୃତଦେହ ନେବା ପାଇଁ ତାଙ୍କୁ ମହାପ୍ରୟାଣ ଗାଡି ମିଳି ନ ଥିଲା। ଏପରି କି ଅଧିକ ଭଡା ଯୋଗୁ ତାଙ୍କ ପକ୍ଷେ ଘରୋଇ ଗାଡି କରିବା ସମ୍ଭବ ହୋଇ ନ ଥିଲା। ଏନେଇ ସେମାନେ ଡାକ୍ତରଖାନାରୁ ଏକ ବାଇକ୍ ଯୋଗେ ମୃତଦେହ ଆଣି ସ୍ଥାନୀୟ ଶ୍ମଶାନରେ ସମ୍ମାନର ସହ ମୃତାଦହ ପୋତି ଅନ୍ତିମ ସତ୍କାର କରିଥିଲେ। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୂଚନା ମୁତାବକ, ଦିଗାମ୍ବର ପଣ୍ଡା (୭୦) ବାମରାର ମିଟୁପଡ଼ାରେ ଏକ ଗଛକତଳେ କୁଡିଆ ଘର କରି ରହୁଥିଲେ। ସେ ବାମରା ଅଞ୍ଚଳରେ ପ୍ଲାଷ୍ଟିକ, ଲୁହା, ପଲିଥିନ ଆଦି ଗୋଟାଇ ବିକ୍ରି କରି ପେଟ ପୋଷୁଥିଲେ। ହେଲେ ଶୁକ୍ରବାର ସେ ଅସୁସ୍ଥ ହୋଇପଡିଥିଲେ। ଏହାଜାଣି ମିଟୁପଡାର କପିଲ ରକସା କେତେଜଣ ଯୁବକଙ୍କ ସହଯୋଗରେ ତାଙ୍କୁ ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟା ପ୍ରାୟ ୭ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ କପିଲ ବାମରା ଅଞ୍ଚଳରେ ରହୁଥିବା ଦିଗାମ୍ବରଙ୍କ ସମ୍ପର୍କୀୟ ଲୋକଙ୍କୁ ଯୋଗାଯୋଗ କରିଥିଲେ । ହେଲେ କେହି ସମ୍ପର୍କୀୟ ଆସି ନ ଥିଲେ। ପରେ ସେ ମୃତଦେହ ସତ୍କାର କରିବାକୁ ନିଷ୍ପତ୍ତି କରିଥିଲେ। ଏନେଇ କପିଲ ମୃଦଦେହ ଶ୍ମଶାନ ଘାଟକୁ ନେବା ପାଇଁ ଗୋବିନ୍ଦପୁର ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଏକ ଗାଡି ଯୋଗାଇଦେବାକୁ ଅନୁରୋଧ କରିଥିଲେ। ହେଲେ ଗୋବିନ୍ଦପୁର ଡାକ୍ତରଖାନାରେ ମହାପ୍ରୟାଣ ଗାଡି ନ ଥିବା ଡାକ୍ତରଖାନା କର୍ତ୍ତୃପକ୍ଷ କହିଥିଲେ। ଏନେଇ କପିଲ ମୃତଦେହ ନେବା ପାଇଁ ଏକ ଘରୋଇ ଗାଡିର ବନ୍ଦୋବସ୍ତ କରିଥିଲେ। ହେଲେ ଗାଡି ଚାଳକ ଭଡା ବାବଦକୁ ଅଧିକ ଟଙ୍କା ଦାବି କରିଥିଲେ। ଅର୍ଥାଭାବରୁ କପିଲ ଘରୋଇ ଗାଡି ଭଡା କରି ପାରି ନ ଥିଲେ। ପରେ ସେ ସାଙ୍ଗ ବଡଡୁମେରମୁଣ୍ଡାର ଶଙ୍କର ଦେହୁରୀଙ୍କୁ ସାହାଯ୍ୟ କରିବାକୁ କହିଥିଲେ। ଶଙ୍କର ହସ୍ପିଟାଲରେ ପହଞ୍ଚିଥିଲେ। ପରେ ଦୁହେଁ ଏକ ବାଇକ୍‌ରେ ଡାକ୍ତରଖାନାରୁ ମୃତଦେହ ଧରି ଗୋବିନ୍ଦପୁର ଶ୍ମଶାନ ଘାଟକୁ ଆଣିଥିଲେ। ପରେ ସେମାନେ ଗାତ ଖୋଳି ମୃତଦେହକୁ ସମ୍ମାନର ସହ ପୋତି ଦେଇଥିଲେ ।

ଅନ୍ୟପକ୍ଷେ ମୃତ ଦିଗାମ୍ବରଙ୍କ ସମ୍ପର୍କୀୟ ବାମରାରେ ରହୁଥିବା ବେଳେ କେହି ଅନ୍ତିମ ସତ୍କାରରେ ଯୋଗ ନ ଦେବା ଘଟଣାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଅନ୍ୟପକ୍ଷେ ଦିଗାମ୍ବର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ଅନ୍ତିମ ସତ୍କାରରେ କେହି ସମ୍ପର୍କୀୟ

ଆସି ନ ଥିବା ମଧ୍ୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ମାନବିକତାର ପରିଚୟ ଦେଇଥିବା କପିଲଙ୍କ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ୧୨ଜଣଙ୍କୁ କାମୁଡ଼ିଲା ପାଗଳା କୁକୁର

ବାମରା,୪।୧(ଡି.ଏନ.ଏ.)

ସମ୍ବଲପୁର ଜିଲା ବାମରା ସଦର ମହକୁମାରେ ଶନିବାର ଏକ ପାଗଳା କୁକୁର ୧୨ଜଣଙ୍କୁ କାମୁଡିଥିବା ଅଭିଯୋଗ ହୋଇଛି। ସେମାନଙ୍କ ମଧ୍ୟରୁ ୩ଜଣ ଗୁରୁତର ଆହତ ହୋଇଛନ୍ତି।

ମିଳିଥିବା ସୂଚନା ମୁତାବକ, ବାମରାର ପଣ୍ଡରିପଥରଠାରେ ଘର ପାଖରେ ବିଦେଶୀ ମାଝିଙ୍କ ପୁଅ ଶୁଭମ(୭) ଖେଳୁଥିଲେ। ସେତିକିବେଳେ ଏକ ପାଗଳା କୁକୁର ଚାଲିଆସି ଶୁଭମଙ୍କୁ ଆକ୍ରମଣ କରିଥିଲା। ଫଳରେ ଶୁଭମଙ୍କ ମୁଖରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ସୁନ୍ଦରଗଡ଼ ଜିଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ସେହିପରି କୁକୁରଟି କମଳ ପୂଜାରୀଙ୍କ ପୁଅ କୌଶତୁବ(୫)ଙ୍କୁ କାମୁଡିଥିବାବେଳେ ତାଙ୍କୁ ଛଡାଇବାକୁ ଯାଇଥିବା ଅରୁଣାମୟୀଙ୍କୁ ମଧ୍ୟ କାମୁଡି ଦେଇଥିଲା। ସେହିପରି କୁକୁରଟି ମୁଣ୍ଡାଢ଼ିପାର ରୀତା କାଲୋ(୩୪), ରମ୍ଭାବତୀ ସୁନିଆର(୨୬), ଡୁମେରମୁଣ୍ଡାର ସଞ୍ଚାରି ଦେହୁରୀ(୬୬), ଗଣେଶନଗରର ମହାଦେବ ସେଠ(୬୧), ମଝିପଡାର ଗଣେଶ ସାହୁ(୪୦) ଏବଂ ଘୁନଘୁଟିର ନିକୋଦିନ ଟୋପ୍ପ(୬୦)ଙ୍କୁ କାମୁଡି ଦେଇଥିବା ଜଣାପଡିଛି। ପରେ ଲୋକ ଗୋଡାଇ ପାଗଳା କୁକୁରକୁ ମାରି ଦେଇଥିବା ଜଣାପଡିଛି । ଅନ୍ୟପକ୍ଷେ ଗୋବିନ୍ଦପୁର ଡାକ୍ତରଖାନାରେ କୁକୁର କାମୁଡ଼ା ଇଞ୍ଜେକଶନ ନ ଥିବାରୁ ଆହତ ସମସ୍ତେ ସୁନ୍ଦରଗଡ଼ ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହୋଇଥିବା ଜଣାପଡିଛି।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ସ୍ତ୍ରୀ ଫୋନ୍ ନ ଉଠାଇବାରୁ
# ଦେହରେ କିରୋସିନ ଢାଳି ନିଆଁ ଲଗାଇଲେ ସ୍ୱାମୀ

**ସଜନାଗଡ଼, ୪।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଏନ୍ଏସି ଅନ୍ତର୍ଗତ ୯ନଂ. ୱାର୍ଡ଼ ଅଧୀନ କାହାଲିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀ ଫୋନ ନ ଉଠାଇବାରୁ କାହାଲିଆ ଗ୍ରାମର ଗୋପାଳ ସିଂ(୨୫) ନାମକ ଯୁବକ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇଦେଇଛନ୍ତି। ଗୋପାଳଙ୍କ ସହ ତାଙ୍କ ଘର କିଛି ଅଂଶ ମଧ୍ୟ ପୋଡ଼ିଯାଇଛି। ଗୋପାଳଙ୍କ ଚିତ୍କାର ଶୁଣି ପରିବାର ଲୋକ ନିଆଁ ଲିଭାଇଥିଲେ ମଧ୍ୟ ସେତେବେଳକୁ ତାଙ୍କ ଶରୀରର ଅଧିକାଂଶ ଭାଗ ପୋଡ଼ିଯାଇଥିଲା। ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲା। ଗୋପାଳଙ୍କୁ ଚିକିତ୍ସା ପାଇଁ ପ୍ରଥମେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଗୋପାଳ, ତାଙ୍କ ସ୍ତ୍ରୀ ଓ ୨ ପିଲାଙ୍କୁ ନେଇ ପରିବାର ସୁରୁଖୁରୁରେ ଚାଲୁଥିଲା। କିଛିଦିନ ପୂର୍ବେ ଦମ୍ପତିଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିଲା। ଏହି କାରଣରୁ ତାଙ୍କ ସ୍ତ୍ରୀ ବାପଘରେ ରହୁଥିଲେ। ଶନିବାର ଗୋପାଳ ଫୋନ୍ କରିବାରୁ ସେ ଫୋନ୍ ଉଠାଇ ନ ଥିଲେ। ଏହି ଘଟଣାରେ ଗୋପାଳ ରାଗି ଯାଇ ନିଜ ଦେହରେ କିରୋସିନି ଢ଼ାଳି ନିଆଁ ଲଗାଇ ଦେଇଥିଲେ।

## ବରଗଡ଼ ଧନୁଯାତ୍ରା
# ଡିଆରଏମଙ୍କୁ ତାଗିଦ, ଦୂତୀଙ୍କୁ ପ୍ରଶଂସା

**ମଥୁରାନଗରୀ,୪।୧**

ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ପଞ୍ଚମ ଦିବସର ରାଜ ଅତିଥି ଭାବେ ସମ୍ବଲପୁର ରେଳ ମଣ୍ଡଳର ଡିଆରଏମ ପ୍ରଦୀପ କୁମାର ଏବଂ ଆନ୍ତର୍ଜାତୀୟ ଧାବିକା ଦୂତୀ ଚାନ୍ଦ ଯୋଗଦାନ କରିଥିଲେ। ରେଳ ସମସ୍ୟା ନେଇ କଂସ ମହାରାଜ ଡିଆରଏମଙ୍କୁ ତାଗିଦ୍ କରିଥିବାବେଳେ ଦୂତୀଙ୍କ ସଫଳତାରେ ଶତମୁଖ ହୋଇପଡ଼ି ତାଙ୍କୁ ପ୍ରଶଂସା କରିଥିଲେ।

କଂସଙ୍କ ନିର୍ଦ୍ଦେଶକ୍ରମେ ରାଜ ଦରବାରରେ ଡିଆରଏମ ନିଜ ପରିଚୟ ଦେବା ସହିତ ରେଳସେବା ଉପରେ ସୂଚନା ଦେଇଥିଲେ। ରେଳଯାତ୍ରୀଙ୍କ ସୁବିଧା ସାଙ୍ଗକୁ ରେଳଷ୍ଟେଶନ ଗୁଡ଼ିକ ବିକଶିତ ହେଉଥିବା ସେ କହିଥିଲେ। ମାତ୍ର ମଥୁରାନଗରୀରୁ କଳିଙ୍ଗ ରାଜ୍ୟ ଏବଂ ଦିଲ୍ଲୀଙ୍କୁ ଯିବା ସକାଶେ ମଥୁରାବାସୀଙ୍କ ପାଇଁ ସ୍ୱତନ୍ତ୍ର ରେଳସେବା ବ୍ୟବସ୍ଥା ହୋଇ ନ ଥିବା ଜାଣି ମହାରାଜ ବିଗିଡ଼ି ଯାଇଥିଲେ। କାଳ ବିଳମ୍ବ ନ କରି ତୁରନ୍ତ ସେହି ରେଳସେବା ବ୍ୟବସ୍ଥା କରିବା ପାଇଁ ମହାରାଜ ଡିଆରଏମଙ୍କୁ ତାଗିଦ୍ କରିଥିଲେ। ଏହା ସହିତ ରାଜଅତିଥି ଭାବେ ସ୍ୱହସ୍ତରେ ତାଙ୍କୁ ସମ୍ବର୍ଦ୍ଧନା ମଧ୍ୟ ଦେଇଥିଲେ।

ସେହିପରି କଂସ ମହାରାଜ ଦୂତୀଙ୍କ ଆହୁରି ସଫଳତା ତଥା ଉତ୍ତରୋତ୍ତର କାମନା କରିଥିଲେ ଏବଂ ତାଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ପଚାରି ବୁଝିଥିଲେ। କ୍ରୀଡ଼ାର ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି ଏବଂ ଏଥିପାଇଁ ଅନେକ ପ୍ରତିଭା ମଧ୍ୟ ରହିଛନ୍ତି। ଫଳରେ ସେହି ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ସୁଯୋଗ ଦେବାର ଆବଶ୍ୟକତା ରହିଛି ବୋଲି ଦୂତୀ ପ୍ରକାଶ କରିଥିଲେ। ଏହା ସହିତ ଆସନ୍ତାବର୍ଷ ଦୂତୀ ଏକାଡ଼େମୀ ନାମକ ଏକ ସଂସ୍ଥା ଖୋଲିବାର ଲକ୍ଷ୍ୟ ରହିଛି ବୋଲି ଦୂତୀ ମହାରାଜଙ୍କ ସମ୍ମୁଖରେ ଉତ୍ତର ରଖିଥିଲେ । ସେହିପରି ଶିବ ପ୍ରସାଦ ମିଶ୍ର ରାଜ ଅତିଥି ଭାବେ ଉପସ୍ଥିତ ଥିଲେ।

## ୩ ଶହ ଟଙ୍କା ପାଇଁ
# ସ୍ତ୍ରୀଙ୍କୁ ମାରି ପୋତିଦେଲେ ସ୍ୱାମୀ

**ଜୟପୁର, ୪।୧ (ନି.ପ୍ର./ଡି.ଏନ୍.ଏ.)**

ସ୍ୱାମୀ ଦେଇଥିବା ୩୦୦ ଟଙ୍କା ଖର୍ଚ୍ଚ କରିଦେଇଥିଲେ ସ୍ତ୍ରୀ। ଏତିକି ମାତ୍ର କାରଣ ଥିଲା। ଏହି ସାମାନ୍ୟ କଥାଟି ପାଇଁ ସ୍ତ୍ରୀଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଛି। ସ୍ତ୍ରୀଙ୍କୁ ଭୀଷଣ ମାଡ଼ ମାରିବା ଯୋଗୁ ତାଙ୍କର ମୃତ୍ୟୁ ହେବା ପରେ ମୃତଦେହକୁ ଶ୍ମଶାନରେ ପୋତି ଦେଇଛନ୍ତି ସ୍ୱାମୀ। କୋରାପୁଟ ଜିଲା ଜୟପୁର ସଦର ଥାନା ଅଞ୍ଚଳର ଏହି ଅଭାବନୀୟ ଘଟଣା ସାମ୍ନାକୁ ଆସିବା ପରେ ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଜୟପୁର ସଦର ଥାନା ବାମୁଣୀଗାଁ ନୂଆଗୁଡ଼ାର ରମେଶ ପରଜା ଓରଫ ବାଘ (୩୨) ଶ୍ରମିକ ଭାବେ କାମ କରନ୍ତି। କିଛିଦିନ ତଳେ ସେ ସ୍ତ୍ରୀ ଡମ୍ବୁଣି ପରଜା ଓରଫ ହରିଜନ (୩୦)ଙ୍କୁ ୩ ଶହ ଟଙ୍କା ଦେଇଥିଲେ। ସେହି ଟଙ୍କାରେ ଡମ୍ବୁଣି ଘର ପାଇଁ ଜିନିଷ କିଣିଦେଇଥିଲେ। ଗୁରୁବାର ରାତିରେ ରମେଶ ମଦ ପିଇ ଘରକୁ ଫେରିବା ପରେ ସ୍ତ୍ରୀଙ୍କୁ ସେହି ଟଙ୍କା ମାଗିଥିଲେ। ଡମ୍ବୁଣି ତାହା ଖର୍ଚ୍ଚ କରିଦେଇଥିବା କହିବା ପରେ ରମେଶ ତାଙ୍କୁ ବିଭିନ୍ନ ପ୍ରକାରେ ମାଡ଼ ମାରିଥିଲେ। ଏହା ଦେଖି ପଡ଼ିଶାଘରେ ରହୁଥିବା ଡମ୍ବୁଣୀଙ୍କ ଭାଇ ପୂର୍ଣ୍ଣ ମାଝି ଆସି ସେମାନଙ୍କୁ ବୁଝାଶୁଝା କରି ଫେରିଥିଲେ। କିନ୍ତୁ ରମେଶ ପୁଣି ମାଡ଼ ମାରିବାରୁ ଡମ୍ବୁଣୀ ତଳେ ପଡ଼ିଯାଇ ମୁଣ୍ଡରେ ଭୀଷଣ ଆଘାତ ଲାଗି ତାଙ୍କର ମୃତ୍ୟୁ ହୋଇଥିଲା। ଶୁକ୍ରବାର ପୂର୍ବାହ୍ନରେ ରମେଶ ଡମ୍ବୁଣୀଙ୍କ ପରିବାର ଲୋକଙ୍କୁ କହିଥିଲେ ଯେ, ମଦ ପିଇ ତଳେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ଏହାପରେ ପରିବାର ଓ କେତେକ ଗ୍ରାମବାସୀଙ୍କ ସହ ମୃତଦେହ ଶ୍ମଶାନକୁ ନେଇ ସେଠାରେ ପୋତି ଦେଇଥିଲେ ରମେଶ। କିନ୍ତୁ ଘର ଭିତରେ ବହୁସ୍ଥାନରେ ରକ୍ତ ଲାଗିଥିବା ଦେଖି ଡମ୍ବୁଣୀଙ୍କ ଭାଇ ପୂର୍ଣ୍ଣ ଭଉଣୀଙ୍କୁ ହତ୍ୟା କରାଯାଇଥିବା ନେଇ ଶୁକ୍ରବାର

### ଶ୍ମଶାନ ମାଟି ତଳୁ ମୃତଦେହ ଉଦ୍ଧାର

ଥାନାରେ ଏତଲା ଦେଇଥିଲେ। ପୋଲିସ ରମେଶଙ୍କୁ ଥାନାକୁ ଆଣି ଜେରା କରିବା ବେଳେ ସେ ସତ ସ୍ୱୀକାର କରିଥିଲେ। ଏହାପରେ ପୋଲିସ ଟିମ୍ ଶ୍ମଶାନରେ ପହଞ୍ଚିବା ପରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀଙ୍କ ଉପସ୍ଥିତିରେ ମାଟି ଖୋଳାଯାଇ ମୃତଦେହ ଉଦ୍ଧାର କରାଯାଇଥିଲା। ମାମଲାର ତଦନ୍ତକାରୀ ଅଧିକାରୀ ଶିବ ଶଙ୍କର ସାହୁ, ଏଏସ୍ପି ଉତ୍କଳ ରଞ୍ଜନ ଦାସ, ଜୟପୁର ଏସ୍ଡିପିଓ ବରୁଣ ଗୁଣ୍ଡପାଲି, ବୋରିଗୁମ୍ମା ଏସ୍ଡିପିଓ ହରେକୃଷ୍ଣ ମାଝି, ଟାଉନଥାନା ଅଧିକାରୀ ବାଲେଶ୍ୱର ଗିଧି ସେଠାରେ ଉପସ୍ଥିତ ଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଦଫା ୩୦୨, ୨୮୧ରେ କେସ୍ ନଂ ୩/୨୦ରେ ମାମଲା ରୁଜୁ ହୋଇଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ଛାତରୁ ଗଳି ପଡ଼ିଲେ ଶ୍ରମିକ

**ମଥୁରାନଗରୀ,୪।୧:** ବରଗଡ଼ ସହରର ମାଷ୍ଟରଟିକ୍ରା ନିକଟରେ ନିର୍ମାଣାଧୀନ ଗୋଦାମ କାର୍ଯ୍ୟରେ ନିୟୋଜିତ ଶ୍ରମିକ ଛାତ ଉପରେ ଥିବାବେଳେ ବିଦ୍ୟୁତ ସଂସ୍ପର୍ଶ ଯୋଗୁ ତଳେ ପଡ଼ି ଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର ସ୍ଥାନୀୟ ଡାକ୍ତରଖାନାକୁ ଆଣିଥିଲେ । ସୂଚନା ଅନୁଯାୟୀ, ଶ୍ରମିକ ଜଣକ ସେହି ଗୋଦାମ ଉପରେ ଥାଇ ଛାତ ପାଇଁ ଟିଣଚଦର ଲଗାଉଥିଲେ । ତେବେ ସେହି ଟିଣ ଚଦରଟି ଛାତ ଉପରେ ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲା ଏବଂ ବିଦ୍ୟୁତ ଆଘାତ ଯୋଗୁ ସେ ତଳେ ପଡ଼ି ଯାଇଥିଲେ । ସେ ସ୍ଥାନୀୟ ରେଳଷ୍ଟେଶନ ପଡ଼ାର ବୋଲି ସୂଚନା ମିଳିଛି ।

# କଳାମନ୍ଦିର ଜ୍ୱେଲର୍ସର ଭର୍ଚୁଏଲ ସୁନାଗହଣା ଷ୍ଟଲ ଉଦଘାଟିତ

**ମଥୁରାନଗରୀ,୪।୧**

ବରଗଡ଼ ଧନୁଯାତ୍ରା ମହୋତ୍ସବ ଅବସରରେ ଶନିବାର ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆସ୍ଥିତ ଟ୍ରେଡ୍ ଫେୟାର ବଜାରରେ ଅଞ୍ଚଳର ସ୍ୱନାମଧନ୍ୟ ସୁନା ଗହଣା ପ୍ରତିଷ୍ଠାନ କଳାମନ୍ଦିର ଜ୍ୱେଲର୍ସ ଆନୁକୂଲ୍ୟରେ ଅତ୍ୟାଧୁନିକ ଭର୍ଚୁଏଲ(ବାସ୍ତବ) ସୁନା ଗହଣା ଷ୍ଟଲ ଉଦଘାଟିତ ହୋଇଛି । ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଉକ୍ତ ଷ୍ଟଲରେ ଗ୍ରାହକମାନେ କଳାମନ୍ଦିର ସୁନା ଗହଣା ପ୍ରତିଷ୍ଠାନରେ ରହିଥିବା ସମସ୍ତ ତଥା ବିଭିନ୍ନ ଡିଜାଇନର ସମ୍ପୂର୍ଣ୍ଣ ଅଳଙ୍କାର ନିଜେ ପିନ୍ଧି ମନ ମୁତାବକ ପସନ୍ଦ କରି ପାରିବେ।





ମୁଖ୍ୟଅତିଥି କଳାମନ୍ଦିର ଜ୍ୱେଲର୍ସର ଭର୍ଚୁଏଲ ସୁନାଗହଣା ଷ୍ଟଲ ଉଦଘାଟନ କରୁଛନ୍ତି ।

ଏହା ସହିତ ଧନୁଯାତ୍ରା ଉପଲକ୍ଷେ ଗ୍ରାହକଙ୍କ ପାଇଁ ବିଭିନ୍ନ ଅଫର ସୁଯୋଗ ରହିଛି। ପ୍ରତିଷ୍ଠାନର ମାଲିକ ରମେଶ ଅଗ୍ରୱାଲ, ଅମିତ ଅଗ୍ରୱାଲ, ରାଜେଶ ଅଗ୍ରୱାଲ ପ୍ରମୁଖ ଉଦଘାଟନୀ ସମାରୋହରେ ଉପସ୍ଥିତ ଥିଲେ। ଉକ୍ତ ଷ୍ଟଲରେ ରହିଥିବା ଅତ୍ୟାଧୁନିକ ତଥା ନୂଆଁ ଡିଜାଇନର ସୁନାଗହଣା ଦେଖି ଉଦଘାଟନୀ ଦିବସରୁ ବହୁସଂଖ୍ୟକ ଗ୍ରାହକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

# ମଥୁରାରେ ବିଦେଶୀ ପର୍ଯ୍ୟଟକ

**ମଥୁରାନଗରୀ,୪।୧:** ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ବିଗତବର୍ଷ ଭଳି ଏଥର ମଧ୍ୟ ମହୋତ୍ସବକୁ ବିଦେଶୀ ପର୍ଯ୍ୟଟକଙ୍କୁ ଟାଣି ଆଣିଛି। ଶନିବାର ଏଠାକୁ ପହଞ୍ଚିଥିବା ବିଦେଶୀ ପର୍ଯ୍ୟଟକ ଜଣକ ବେଲଜିୟମର ଇଡଲ୍ ଡ୍ୟୁଲସିମର୍ ବୋଲି ପରିଚୟ ଦେଇଛନ୍ତି।


Government of Odisha

**SPORTS & YOUTH SERVICES DEPARTMENT**

C-1,Nayapalli, Bhubaneswar-751012
Phone No.0674-2536793, FAX No.0674-2396715
Email: odishasairba@gmail.com

**ODISHA-SAI REGIONAL BADMINTON ACADEMY**

No. ____________/ RBA Dtd.

**ADVERTISEMENT INVITING APPLICATIONS FROM PLAYERS FOR TAKING ADMISSION INTO ODISHA-SAI REGIONAL BADMINTON ACADEMY, GYMNASIUM-CUM-INDOOR HALL, SAHEED NAGAR, BHUBANESWAR**

No.: TT-18: Department of Sports & Youth Services, Govt. of Odisha in collaboration with Sports Authority of India (SAI) is inviting application from interested candidates (both Boys & Girls) all over the country for taking admission into Odisha-SAI, Regional Badminton Academy, Bhubaneswar. The candidates in the age group of U-13, U-15 & U-17 who have participated at least in one state level championship in their respective states shall be taken into consideration. The academy is well equipped like air-conditioned Indoor Hall with Hova Court, Advanced Gymnasium, comfortable accommodation and requisite scientific support. The academy intends to identify, nurture and train potential trainees as future champions keeping eye on 2024 Olympic. The Trainees shall be provided with Yonex kits, Shuttles and Coaching -cum- Training "Free of Charges". The Academy will also take care of the lodging & boarding (good nutritious diet) and admission into schools of the selected residential trainees.

2. Application is to reach latest by 22.01.2020 with all details addressed to Director, Admn. Odisha-SAI, RBA & Dy. Secretary to Govt, Sports & Y.S Deptt. The details of application form is available in the website **www.dsysodisha.gov.in . Selection trials shall be held from 23rd to 25th January-2020, at Badminton Indoor Hall, Saheed Nagar, Bhubaneswar, where trainees are to report with proper kits**.
3. Applications not in the prescribed proforma, incomplete or received after due date shall **not be** entertained under any circumstance.

**Director, Administration, Odisha-SAI, RBA &**
**Dy. Secretary to Govt., Sports & Youth Services**
29001/11/0047/1920



**SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI**

No.Exam 73 /2020,S.J.S.V,PURI **NOTIFICATION** Date 04.01.2020

**PROGRAMME FOR ANNUAL UPASHASTRI (REG & EX-REG) EXAMINATION, 2020**

| Date | Day | Time | Subject |
|---|---|---|---|
| 06.03.2020 | Friday | 10.00 A.M.-01.00 P.M. | M.I.L (Odia/Sanskrit/Alt. English/Hindi) |
| 07.03.2020 | Saturday | 10.00 A.M.-01.00 P.M. | English |
| 11.03.2020 | Wednesday | 10.00 A.M.-01.00 P.M. | Samanya Sanskrit: Vyakarana |
| 12.03.2020 | Thursday | 10.00 A.M.-01.00 P.M. | Samanya Sanskrit: Sahitya |
| 13.03.2020 | Friday | 10.00 A.M.-01.00 P.M. | Samanya Sanskrit: Sarvadarshana |
| 14.03.2020 | Saturday | 10.00 A.M.-01.00 P.M. (For Yoga and Education-10.00 A.M. -12.00 Noon) | Shastriya Optional Subjects |
| 16.03.2020 | Monday | 10.00 A.M.-01.00 P.M. | Modern Optional Subjects |
| 17.03.2020 | Tuesday | 10.00A.M. onwards | Practical : Yoga and Education |

N.B. 1. Any discrepancy in the programme detected afterwards should be brought to the notice of the Controller of Examinations.
2. The examination (both Theory and Practical) will be held as per the programme, even if any of the dates is declared as a holiday subsequently.
3. Details of Centres as well as Colleges tagged to them will be displayed in the University website: www.sjsv.nic.inw.e.f.25.02.2020 and College authorities are requested to go through it meticulously and act accordingly. No further correspondence in this regard will be made either with examination centres or colleges tagged to them.

By order of the Vice-Chancellor
Controller of Examinations



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, BALLIGUDA**

PhoneNo.-06846-243114, Mobile No: 9437562286, E-Mail: rw_balliguda@yahoo.com
No. 11 / RWDB, Dated: 03.01.2020

**No.O-757 :-** Government of Odisha e-Procurement Notice
Bid Identification No. Online Tender/ 16 /EE RWD BLG/2019-20

| | | | |
|---|---|---|---|
| 1 | Name of the work | :: | Road Works. |
| 2 | Total Number of Works | :: | 04 (Four) Nos. |
| 3 | Estimated cost | :: | As per Annexure |
| 4 | Class of Contractors | :: | As per Annexure |
| 5 | Period of Completion | :: | As per Annexure |
| 6 | Others Details | | |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer Rural Works Division Balliguda | Online Tender/ 16 /EE RWD BLG/ 2019-20 | 08.01.2020 at 10.00 AM | 17.01.2020 up to 5.00 PM |

Further details can be seen from the e-procurement portal website www.tendersorissa.gov.in
25150/11/0014/1920 Executive Engineer, Rural Works Division, Balliguda



**OFFICE OF THE EXECUTIVE ENGINEER**
**RENGALI DAM DIVISION RENGALI DAM SITE**
**ANGUL-759105**
E-mail-rengalidam@gmail.com

No. A-533

**'e' PROCUREMENT NOTICE**

| | | |
|---|---|---|
| 1 | Nature of the works | Repair and Maintenance of Building Work Construction of Boundary wall and Road Repair work |
| 2 | No of works | 03(Three) |
| 3 | Value of works | Varies from Rs.3.48 Lakh to Rs.17.87 Lakh |
| 4 | Period of completion | 02 (Two) Calendar Month |
| 5 | Class of contractors | 'D' & 'C' |
| 6 | Procurement Officer | Executive Engineer, Rengali Dam Division, Rengali Dam site. |
| 7 | Bid Identification No | RDD-11/2019-20 |
| 8 | Availability of tender for On-line bidding | From 10.00hrs of 06.01.2020 to 17.01.2020 up to 15.00hrs |
| 9 | Last date and time of seeking tender clarification | 10.01.2020 up to 15.00hrs |
| 10 | Date and time of opening of Bid | 18.01.2020 at 11.00hrs |

Further details conditions can be seen from the Govt. web site www.tendersorissa.gov.in.

32028/11/0004/1920 EXECUTIVE ENGINEER, RENGALI DAM DIVISION, RENGALI DAM SITE.



**CITY HEALTH SOCIETY, NUHM, CUTTACK**
National Health Mission, Odisha
Dept. of Health & Family Welfare, Govt. of Odisha

**Walk-In-Interview**

**Adv. No.: 22/30/2015-16** **Date: 02.01.2020**

Walk-in-interview will be conducted as scheduled below for empanelment of part time specialists to be engaged in Ama Clinic at different UPHCs/UCHCs under National Urban Health Mission, City Health Society, Cuttack as noted against and subject to continue as per OSH & FW Society terms and conditions.

| S. N. | Specialist | Venue | Date of Walk-In-Interview |
|---|---|---|---|
| 1 | Eye Specialist | Chamber of Commissioner, CMC, Bikash Bhawan, Cuttack | 17.01.2020 |
| 2 | Medicine Specialist / Geriatric Specialist | | |
| 3 | Psychiatric Specialist | | |
| 4 | Clinical Psychologist | | |
| 5 | Physiotherapist | | |
| 6 | Dentist | Chamber of Commissioner, CMC, Bikash Bhawan, Cuttack | 18.01.2020 |
| 7 | Nutritionist | | |
| 8 | O & G Specialist | | |
| 9 | Paed. Specialist | | |

Interested candidates can log on to **www.cuttack.nic.in** for details of eligibility criteria, age, application form etc. Candidates fulfilling the eligibility criteria may appear for registration on the date as mentioned. Registration timing will be from 10.30 AM to 11.30 AM. No application will be received after scheduled timing of registration. The authority reserves the right to cancel any or all application without assigning any reason thereof.

**Sd./-**
**Additional District Urban Public Health Officer, Cuttack**



**SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI**
**SHORT NOTIFICATION**

No.Exam. 71 /2020,S.J.S.V.,PURI Date 04.01.2020

**PROGRAMME FOR ANNUAL SHASTRI -III (REG/BACK/IMPROVEMENT) EXAMINATION, 2020**

| Date | Day | Time | Subject | Paper |
|---|---|---|---|---|
| 10.02.2020 | Monday | 10.00 A.M.-1.00 P.M. | Environmental Studies | Compulsory |
| 11.02.2020 | Tuesday | 10.00 A.M.-1.00 P.M. | Samanya Darshana | Compulsory |
| 12.02.2020 | Wednesday | 10.00 A.M.-1.00 P.M. | Elective | I |
| 13.02.2020 | Thursday | 10.00 A.M.-1.00 P.M. | Elective (For Elective Yoga 10.00 A.M. -12.00 Noon) | II |
| 14.02.2020 | Friday | 10.00 A.M.-1.00 P.M. | Shastriya Optional | 5th (Pass)/ 7th (Hons) |
| 15.02.2020 | Saturday | 10.00 A.M.-1.00 P.M. | Shastriya Optional | 6th (Pass)/ 8th (Hons) |
| 17.02.2020 | Monday | 10.00 A.M.-1.00 P.M. | Shastriya Optional | 9th (Hons) |
| 18.02.2020 | Tuesday | 10.00A.M. onwards | Practical | |

N.B. 1. Any discrepancy in the programme detected afterwards should be brought to the notice of the Controller of Examinations.
2. Details of Centres as well as Colleges tagged to them will be displayed in the University website: www.sjsv.nic.in w.e.f. 03.02.2020 and College authorities are requested to go through it meticulously and act accordingly. No further correspondence in this regard will be made either with examination centres or colleges tagged to them.

By order of the Vice-Chancellor
Controller of Examinations



**GOVERNMENT OF ODISHA**
**OFFICE OF THE PANCHAYAT SAMITI, G.UDAYAGIRI, DIST. KANDHAMAL, PIN-762100**
**INVITATION FOR BIDS (IFB)**

**No.45** **Date: 04.01.2020**

The Block Development Officer, G.Udayagiri, Dist. Kandhamal on behalf of Governor of Odisha invites Percentage rate bids in Single Cover System for construction of civil works as detailed below from eligible contractor registered with State Government/ Central Government/ M E S / Railways for which agreement to be drawn up in the standard P.W.D. P-1 Agreement Format.

| Sl. No. | Name of work | Approximate value of work (in Rs.) | Security (E.M.D 1%) ( in Rs.) | Cost of Tender Paper (in Rs.) | Class of Contractor | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of BDO quarter at G Udayagiri | 1326928/- | 13269/- | 6000/- (Non refundable) | 'C'or'B' Class | 06 (Six) calendar months |
| 2 | Construction of Block Conference Hall at G Udayagiri | 2093046/- | 20936/- | 6000/- (Non refundable) | 'C'or'B' Class | 06 (Six) calendar months |
| 3 | Construction of Room-cum-Gallery, Toilets and Mini Halls for Block Level Mini-Stadium, Rattingia | 1951165/- | 19511/- | 6000/- (Non refundable) | 'C'or'B' Class | 06 (Six) calendar months |

2. The sale of Tender paper will be started from 07.01.2020 To 16.01.2020 (excluding holidays) in office hour.
3. Bidders submitting downloaded bid documents from official website www.kandhamal.nic.in are requested to deposit the requisite non-refundable fees as mentioned in Column No 5 in shape of demand draft prepared on or before last date of sale of tender paper and submit the same along with the bid keeping in a separate envelope marks "Cost of tender documents" downloaded from the internet or else lender paper will be rejected.
4. The sealed bid documents will be received from 07.01.2020 to 16.01.2020 (excluding holidays) up to 10.00 AM by dropping the sealed bid documents in the Tender Box having Identification No- PSGUD-02 / 2019-20 put in the Office of the B.D.O. G Udayagiri Dist Kandhamal. The Tender Paper received after the stipulated time will not be considered
5. All the bids received by the office will be opened on dated 17.01.2020 at 11.00 AM in the Office of the undersigned in presence of Tender Committee and Bidders or the Authorized Representatives of bidders
6. For other details you can visit the website www.kandhamal.nic.in or in the office of the BDO.,G.Udayagiri during office hour

**Sd./- Block Development Officer, G. Udayagiri, Dist. Kandhamal**



**SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI**

**No. Exam: 79/2020, S.J.S.V., Puri** **Date: 4.1.2020**

**SHORT NOTIFICATION**

ଏତଦ୍ଦ୍ୱାରା ଓଡ଼ିଶାର ସମସ୍ତ ସଂସ୍କୃତ ଅନୁଷ୍ଠାନର ଅଧକ୍ଷମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହେବାକୁ ଥିବା ୨୦୨୦ ମସିହାର ଶାସ୍ତ୍ରୀ ପ୍ରଥମ ବର୍ଷ ଏବଂ ଦ୍ୱିତୀୟ ବର୍ଷ (Regular / Back / Repeat) ପରୀକ୍ଷା ପାଇଁ ସମ୍ପୃକ୍ତ ଛାତ୍ରଛାତ୍ରୀମାନଙ୍କର ଆବେଦନପତ୍ର ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଗ୍ରହଣ କରାଯିବ।

**ଶାସ୍ତ୍ରୀ ଦ୍ୱିତୀୟବର୍ଷ:** ଶାସ୍ତ୍ରୀ ଦ୍ୱିତୀୟବର୍ଷ ଛାତ୍ରଛାତ୍ରୀମାନେ ଫର୍ମପୂରଣ କରିବା ସମୟରେ ପୂର୍ବରୁ ଶାସ୍ତ୍ରୀ ପ୍ରଥମବର୍ଷର ରୋଲ ନମ୍ବର ପାଇଥିବା ଅନିବାର୍ଯ୍ୟ ଅଟେ।

**ଶାସ୍ତ୍ରୀ ପ୍ରଥମବର୍ଷ:** ଫର୍ମ ପୂରଣ କରିବା ପୂର୍ବରୁ କଲେଜ କର୍ତ୍ତୃପକ୍ଷ ଶାସ୍ତ୍ରୀ ପ୍ରଥମ ବର୍ଷ ନିୟମିତ ଛାତ୍ରଛାତ୍ରୀମାନଙ୍କର Registration No. ବିଶ୍ୱବିଦ୍ୟାଳୟ Website: **www.sjsv.nic.in**ରୁ ତା୦୬।୦୧।୨୦୨୦ରିଖ ଠାରୁ download କରିପାରିବେ। e-admission ମାଧ୍ୟମରେ ନାମ ଲେଖାଇ ପଞ୍ଜୀକରଣ କରିଥିବା ଛାତ୍ରଛାତ୍ରୀ ଶାସ୍ତ୍ରୀ ପ୍ରଥମ ବର୍ଷ ପରୀକ୍ଷା ନିମନ୍ତେ Form Fill-up କରିବା ଅନିବାର୍ଯ୍ୟ ଅଟେ। ନଚେତ୍, ସେମାନଙ୍କର ଛାତ୍ରାବସ୍ଥା ସ୍ୱତଃ ରଦ୍ଦ ହୋଇଯିବ।

ପୂରଣ ହୋଇଥିବା ଶାସ୍ତ୍ରୀ ପ୍ରଥମ ବର୍ଷ ଆବେଦନ ପତ୍ର ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ଦାଖଲ କରିବା ସମୟରେ ନିମ୍ନଲିଖିତ କାଗଜପତ୍ର ଦାଖଲ କରିବା ଅନିବାର୍ଯ୍ୟ।

୧. (କ) ୨୦୨୦ ମସିହା ଶାସ୍ତ୍ରୀ ପ୍ରଥମ ବର୍ଷ ପରୀକ୍ଷା ପାଇଁ ଛାତ୍ର ଉପସ୍ଥାନ କରିବା ନିମନ୍ତେ ସରକାରଙ୍କଠାରୁ ପ୍ରାପ୍ତ Permanent Recognition / Temporary Recognition / Examination Permission ସମ୍ପର୍କିତ ଆଦେଶର ନକଲ।
(ଖ) e-admission ଜରିଆରେ ପ୍ରାପ୍ତ ହୋଇଥିବା ପଞ୍ଜୀକରଣ ତାଲିକାର ନକଲ।
(ଗ) N.S.S. ଦେୟ ଦାଖଲ କରାଯାଇଥିବା ସମ୍ବନ୍ଧରେ ବିଶ୍ୱବିଦ୍ୟାଳୟର N.S.S. Wingରୁ ପ୍ରାପ୍ତ Clearance Certificateର ନକଲ।
(ଘ) ମହାବିଦ୍ୟାଳୟର ବିଶ୍ୱବିଦ୍ୟାଳୟରୁ ପ୍ରାପ୍ତ ସହବନ୍ଧନ (Affiliation) ସମ୍ପର୍କିତ ପ୍ରମାଣପତ୍ରର ନକଲ।

ଅନୁଷ୍ଠାନର ଅଧକ୍ଷମାନେ ଶାସ୍ତ୍ରୀ ପ୍ରଥମବର୍ଷ ଓ ଦ୍ୱିତୀୟବର୍ଷର ନିର୍ଦ୍ଧାରିତ ଫର୍ମ ଓ ପରୀକ୍ଷା ସମ୍ପର୍କୀୟ ନିୟମାବଳୀ ବିଶ୍ୱବିଦ୍ୟାଳୟର Website: **www.sjsv.nic.in**ରୁ download କରି ନିର୍ଦ୍ଦେଶ ଅନୁଯାୟୀ ପୂରଣ କରିବା ପୂର୍ବକ ଆବଶ୍ୟକୀୟ ଦେୟ ସହିତ (Bank Draft drawn in favour of Comptroller of Finance, S.J.S.V., Puri) ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଦାଖଲ କରିବେ।

**ବି.ଦ୍ର.:** ଡାକଯୋଗେ ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ।

**ଶାସ୍ତ୍ରୀ ପ୍ରଥମବର୍ଷ ଓ ଶାସ୍ତ୍ରୀ ଦ୍ୱିତୀୟବର୍ଷ କାର୍ଯ୍ୟସୂଚୀ**

| | | |
|---|---|---|
| ୧. | ବିଶ୍ୱବିଦ୍ୟାଳୟର Websiteରୁ ଶାସ୍ତ୍ରୀ ପ୍ରଥମ ବର୍ଷ ଓ ଶାସ୍ତ୍ରୀ ଦ୍ୱିତୀୟ ବର୍ଷର ଆବେଦନ ପତ୍ର ଓ ନିୟମାବଳୀ ପାଇବା ତାରିଖ | From Dt.06.01.2020 to 18.01.2020 |
| ୨. | ବିନା ବିଳମ୍ବ ଶୁଳ୍କରେ ଶାସ୍ତ୍ରୀ ପ୍ରଥମ ବର୍ଷ ଓ ଶାସ୍ତ୍ରୀ ଦ୍ୱିତୀୟ ବର୍ଷର ଆବେଦନ ପତ୍ର ପୂରଣ କରିବା ଓ ତତ୍ ସମ୍ବନ୍ଧୀୟ ବ୍ୟାଙ୍କ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ | From Dt.07.01.2020 to 10.01.2020 |
| ୩. | ପ୍ରଥମ ବିଳମ୍ବ ଶୁଳ୍କ ଟ.୫୦.୦୦ ସହିତ ଶାସ୍ତ୍ରୀ ପ୍ରଥମ ବର୍ଷ ଓ ଶାସ୍ତ୍ରୀ ଦ୍ୱିତୀୟ ବର୍ଷର ଆବେଦନ ପତ୍ର ପୂରଣ କରିବା ତତ୍ ସମ୍ବନ୍ଧୀୟ ବ୍ୟାଙ୍କ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ | From Dt.13.01.2020 to 14.01.2020 |
| ୪. | ଦ୍ୱିତୀୟ ବିଳମ୍ବ ଶୁଳ୍କ ଟ.୧୦୦.୦୦ ସହିତ ଶାସ୍ତ୍ରୀ ପ୍ରଥମ ବର୍ଷ ଓ ଶାସ୍ତ୍ରୀ ଦ୍ୱିତୀୟ ବର୍ଷର ଆବେଦନ ପତ୍ର ପୂରଣ କରିବା ତତ୍ ସମ୍ବନ୍ଧୀୟ ବ୍ୟାଙ୍କ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ | From Dt.16.01.2020 to 17.01.2020 |
| ୫. | ଶେଷ ବିଳମ୍ବ ଶୁଳ୍କ ଟ.୨୦୦.୦୦ ସହିତ ଶାସ୍ତ୍ରୀ ପ୍ରଥମ ବର୍ଷ ଓ ଶାସ୍ତ୍ରୀ ଦ୍ୱିତୀୟ ବର୍ଷର ଆବେଦନ ପତ୍ର ପୂରଣ କରିବା ତତ୍ ସମ୍ବନ୍ଧୀୟ ବ୍ୟାଙ୍କ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ | Dt.18.01.2020 |
| ୬. | ବିଶ୍ୱବିଦ୍ୟାଳୟରେ ଶାସ୍ତ୍ରୀ ପ୍ରଥମ ବର୍ଷ ଓ ଶାସ୍ତ୍ରୀ ଦ୍ୱିତୀୟ ବର୍ଷର ଆବେଦନ ପତ୍ର ଜିଲ୍ଲାୱାରି ଦାଖଲ କରିବା ତାରିଖ | From Dt.20.01.2020 to 29.01.2020 |

**ବି.ଦ୍ର.:** ନିର୍ଦ୍ଧାରିତ ଫର୍ମ, ପରୀକ୍ଷା ସମ୍ବନ୍ଧୀୟ ନିୟମାବଳୀ, ପୂରଣ ହୋଇଥିବା ଆବେଦନ ପତ୍ର, ପରୀକ୍ଷା ଶୁଳ୍କ ଓ ଅନ୍ୟାନ୍ୟ କାଗଜପତ୍ର ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ଜିଲ୍ଲାୱାରି ଦାଖଲ କରିବାର ତାରିଖ ବିଶ୍ୱବିଦ୍ୟାଳୟ ବିଜ୍ଞାପନ ଫଳକ / Website: **www.sjsv.nic.in**ରେ ଉପଲବ୍ଧ।

**ସ୍ୱା./— ପରୀକ୍ଷା ନିୟନ୍ତ୍ରକ**

# SUNDAY classifieds




## BRIDE WANTED

Brahmin boy 1990/ working reputed private sector, Khorda, 7008839731, 9238578590. D-68534

## GROOM WANTED

ଜାତିବନ୍ଧନ ନାହିଁ। 36, 5’.4”, M.A, B.Ed, Govt. Service ମାସିକ ଆୟ 38,000/- ପାଇଁ ଅବିବାହିତ, ଛାଡପତ୍ରପ୍ରାପ୍ତ, ବିପତ୍ନୀକ ବର ଗ୍ରହଣୀୟ ହେବେ। 8462050474. D-16048

Now Matrimonial ads. only on Wednesday & Sunday Book 1 Get 1 FREE

Beautiful Brahmin girl 1996 B.Sc MBA State Govt. Service. 9776562742. D-16042

ଖଣ୍ଡାୟତ 28/5’3”, +2 ଭୁବନେଶ୍ୱର। ବ୍ୟବସାୟୀ କିମ୍ବା ଚାକିରୀ ପୁଅ ଦରକାର– 9658880235. D-68642

Khandayat (girl) 39 ବର୍ଷ Govt. School P.T Teacher- Father Govt. Service, suitable ବରପାତ୍ର ଆବଶ୍ୟକ। 7653930086. D-16046

GNIIT from NIIT private job, ବୟସ 34, ଖଣ୍ଡାୟତ ଝିଅଙ୍କ ପାଇଁ any caste ପୁଅ ଦରକାର। 7381460016. D-67924




## SALE

Sale immediately Royal type Bangalow, Kalpana mainroad (Broker Excuse), 8456888081. D-48721

**Gharabari boundary plot Infocity-2 near 200ft. road side. Direct owner- 8144391451.** D-68453

**2BHK flat 1120sqft. adjacent to Mountlitera Zee School Kateni, Bhubaneswar for sale @ 18,50,000/-** 9937847725.** D-16033

**2800sqft. gharabari plot immediately sale at Bomikhal, Bhubaneswar, only buyer directly contact Deepak: 9937329999.** D-68046

Sthitiban demarcated plot, 1Km from Balikuda NH, only O/R purchase. Hero Honda is free on purchase of 2000sqft. 8658182243. D-68045

**Book 2BHK flat at GGP Colony, Rasulgarh, (SBI, RERA approved). 7978584549.** D-68952

Gharabari residential plots eastfacing Ravitalkies to Tankapaniroad Sai Mandir sqft. 1600/-, possession immediately, booking 2BHK Simplex near B.J.E.M-(2), 16,80,000/-, 7735738102. D- 16039

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-15714

**ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3K.m well developed demarcated plot sqft. 650/-, 9348063060.** D-68464

1/2/3BHK apartment near Sum Hospital, good ambience club house, GYM, terrace, garden, jogging track & other features @ Rs.3050/- per sqft. Contact- 9078263828. D-16027

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-15713

**ଭୁବନେଶ୍ୱର ତମାଣ୍ଡୋ ବଜାର ପାଖରେ ଘରବାରି, Boundary, Bank, Finance ଥାଇ plot କିଣନ୍ତୁ sqft.- 1800/-, 8480281029.** D-68459

**ଭୁବନେଶ୍ୱର କଟଣାଗେଟ୍‌ଠାରେ sqft.-180/-, ଅରଗୁଳ ରେଲ୍‌ୱେଷ୍ଟେସନ ପାଖରେ sqft.-180/-, ନଖରା ତ୍ରିନାଥ ବଜାର SC ପ୍ଲଟ୍ 370/- ଘରବାରି outright/ instalment- 9348817649, 7750909843.** D-68462

Shamina Nagar ସୁନ୍ଦରପଦାରେ (Bhubaneswar) 2000sqft. 19,00,000/, ପ୍ଲଟ୍‌କିଣି ଘର କରନ୍ତୁ। 9938016295. D-68533

**Installment available developed gharabari boundary housing plot Ranga Bazar- 650/-, 9348012510.** D-68460

**Bhubaneswar Infocity-II ମଦନପୁର ନିକଟରେ sqft.499/- demarcation plot କିଣନ୍ତୁ 9861218400** D-68463

Residential plots available in canal road Laxmi Sagar, Bhubaneswar, Contact: 7978751719. D-67525

ସୁନ୍ଦରପଦା Hitech backside 30’road electricity yellowzone plot ବିକ୍ରିହେବ। 7894216209. D-68465

**New Year Dhamaka: Discount Rs.100/- available @ landmark Ph-2, Sundarpada. It offers ready to move 2 & 3 BHK flat with huge open space, club, garden, jugging track @ 2800 per sqft. 9938569014, 9861433014.** D-16001

Commercial plot 10000sqft. available for sale at Raghunathpur, Bhubaneswar main road Contact: 7978751719. D-67526

Book a 3BHK Duplex having land area 1400sqft. and construction area 2100sqft. at Nandan Vihar, Patia, Bhubaneswar. Price- 77 lakhs, 9861234908. D-68951

**Bhubaneswar ପିପଲିଛକରେ NHକୁ ଲାଗି plot ମିଳୁଅଛି 9090963952.** D-68451

Premium new flat at TATA Arina 3BHK with full furnished with complete interior for sale. Price 1.25 Cr. Contact: 9437009824. D-59196

Yellow zone plot sale at Tamando & Malipada 30ft road. Contact: 8118050420. D-61072




Construct your building as per your terms and condition. Contact: 9937064680. D-27284

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16029

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68452




**For office commercial space with power back up, lift, AC near Patia Big Bazar, Bhubaneswar. Contact: 8908025558.** D-16049

Space for commercial Bank/ Corporate/ Companies/ Institution, Damana square near Max Show room per sqft. Rs.50 for 1st, 2nd and 3rd floor welfurnished, lift, Power back up available. 8249083968, 7978414100. D-15593

**For Bank/ Office & commercial 2220sqft. 1st floor at Ranihat mainroad Cuttack, Phone: 0671- 2416450, 9439253078.** D-15959

Two Bedroom house Ground floor Laxmi Sagar, Bhubaneswar. 9437075580, 9439205580. D-67273

2800sqft. Ground floor, Ashok Nagar, BBSR, No broker, 9338232211, SMS. D-16040

2500sqft. 3Halls 1st floor, Kharvel Nagar, BBSR, 9338232211, SMS, No broker. D-16041

Commercial space for rent 1500sqft. 1st floor, 3000sqft. 2nd floor at Patia Main road, Contact: 9437009824. D-59195

## LEASE

Logistic company require large warehouse/ land, on lease surrounding Bhubaneswar, 8820512365. D-16044




Rejuvenate and ayurvedic full body massage by smart therapist. 9114402304. D-68946

Refresh your mind and soul with best therapy at Orchid Salon/Spa. 9937287222. D-68745

Completely stress management therapy, visit us our clinic. Contact: 7852986810. D-68532

Full body herbal massage with refreshment expert therapist. 7381239385, 06742540855. D-68947

Experience full body massage with us (expert). Call: 7377048581, 06742597822. D-68948

Herbal full body massage by smart / expert therapist. Contact: 8338067247. D-68949

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68950

Newly open full body massage by ladies, gents therapist. 8018656899 D-60860

Ayurvedic full body massage by ladies, gents therapist. 7008773793 D-60861

Newly open full body massage with gents and ladies, 9090377418. D-59942

Ayurvedic full body massage ladies and gents. Contact: 9861064981. D-68746

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68747

## LOST

ମୁଁ ଅଜୟ କୁମାର ରାଉତ, ପିତା– ସ୍ୱର୍ଗତ ଚିନ୍ତାମଣି ରାଉତ, ଗ୍ରାମ– ଅର୍ଜୁନବିନ୍ଧା, ଭାୟା– ପିରହାଟ, ଥାନା– ତିହିଡି, ଜିଲ୍ଲା– ଭଦ୍ରକ ଘୋଷଣା କରେ କି ମୋର ଓରିଜିନାଲ୍ ଦଲିଲ୍ 1041/ତା.24.07.2002 ହେଡ୍ ପୋଷ୍ଟ ଅଫିସଠାରୁ ବାଇପାସ ଛକ ଯିବା ରାସ୍ତାରେ ହଜିଯାଇଛି। ହଜିଥିବା ଦଲିଲ କେଉଁ ବ୍ୟାଙ୍କରେ ଦେଇ ମୁଁ ଋଣ ନେଇନାହିଁ। ଧ–୧୬୦୪୭

### ଦ୍ୱିତୀୟ ଜନ୍ମଦିନର ଶୁଭେଚ୍ଛା



**Smruti Suhani (Sasha)**

ଆଜି ଦ୍ୱିତୀୟ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ: ଅଜା, ଆଇ, ମାମୁ, ମାଈଁ। ଧ–୧୬୦୨୬

### ୧୦ମ ଜନ୍ମଦିନ ଶୁଭେଚ୍ଛା



**Arnav Pradhan (Anshu)**

ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ଏବଂ ତତେ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ: ନନା, ବୋଉ, ମାମା, ପାପା, ବାପୁ ଦାଦା, ଲିସା ମାଉସୀ, ରୁପ୍‌ସା ଏବଂ ଅନୁ। ଧ–୧୬୦୪୩

## CLASSIFIED BOOKING STATIONS

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What’s app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12
Chinmaya Choudhury
Ph:9338991113, 9439811130
Email: anitaadvt@gmail.com

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR
Prabina Kumar Mohanty
Ph: 9337336614, 7008967858

**CUTTACK**
**DHARITRI OFFICE**
Link Road, P. K. Ratha, Mob: 9437196416

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଚତୁର୍ଦ୍ଦଶତମ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତ ଆଶୁତୋଷ ପ୍ରଧାନ**
ଅଳଗୁମ, ପୁରୀ
ଆବିର୍ଭାବ: ୨୫।୧୨।୧୯୭୨
ତିରୋଧାନ: ୦୫।୦୧।୨୦୦୬

ଏବେବି ଲାଗୁଛି ତୁ ରାଉରକେଲାରେ ଅଛୁ...
ତୋ ଆତ୍ମା ଚିରଶାନ୍ତି ଲାଭକରୁ ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।

ଶୋକସନ୍ତପ୍ତ: ବାପା, ବୋଉ, ମାମୁ, ମାଈଁ, ଅପା, ପିଉସା, ମଉସା, ମାଉସୀ, ଭାଇ, ଭଉଣୀ, ସାଙ୍ଗ, ବନ୍ଧୁ ଓ ପରିବାରବର୍ଗ। ଧ–୧୬୦୧୭

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଅଶୋକ କୁମାର ବଳ**
ଘଟପୁର, ଚାନ୍ଦବାଲି, ଭଦ୍ରକ
ଆବିର୍ଭାବ: ୨୧।୦୭।୧୯୬୭
ତିରୋଧାନ: ୧୦।୦୧।୨୦୧୪(ଶାମ୍ବଦଶମୀ)

ଆମ୍ଭମାନଙ୍କୁ ଛାଡ଼ି ଚାଲିଯିବାର ଚାହୁଁ ଚାହୁଁ ୬ବର୍ଷ ବିତିଗଲାଣି। ତମ ଅମର ଆତ୍ମାର ସଦ୍‌ଗତି କାମନା କରି ମା’ଦକ୍ଷିଣେଶ୍ୱରୀ କାଳୀଙ୍କ ନିକଟରେ ଏହାହିଁ ପ୍ରାର୍ଥନା କରୁଛୁ ପରିବାରବର୍ଗ –

ଶୋକସନ୍ତପ୍ତ: ସ୍ତ୍ରୀ: କଳ୍ପନା, ପୁଅ: ପପୁନ, ଲିପୁନ, ତପୁନ, ବାପା–ବୋଉ, ଶ୍ୱଶୁର, ଶଳା, ଶଳା ଭାଉଜ, ଭାଇ, ଭାଇବୋହୂ, ଭଉଣୀ, ଭିଣୋଇ, ଶାଳୀ, ଶଢ଼ୁ, ଭଣଜା, ଭାଣିଜୀ, ପୁତୁରା, ଝିଆରୀ ଓ ପରିବାରବର୍ଗ। ଧ–୧୬୦୪୫

### ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ରାମଚନ୍ଦ୍ର ବେହେରା**
ପୂର୍ବତନ ପ୍ରଶାସନିକ ଅଧିକାରୀ
ସ୍ଥାନ: ଗୁଣୁପୁର, ରାୟଗଡା, କଟିକାଷ୍ଟ୍ରଟ୍
ଆବିର୍ଭାବ:୧୭।୧୧।୧୯୪୪
ତିରୋଧାନ: ୧୬।୦୧।୨୦୧୯

ତୁମର ସରଳ, ନିରାଡମ୍ବର, ସତ୍ୟନିଷ୍ଠ ଓ କର୍ତ୍ତବ୍ୟପରାୟଣ ଜୀବନ ଶୈଳି ଆମ୍ଭମାନଙ୍କ ପାଇଁ ସଦା ପ୍ରେରଣାର ଉତ୍ସ ହୋଇ ରହିବ। ଆଜିର ଏହି ପବିତ୍ର ଶାମ୍ବଦଶମୀରେ ତୁମ ପୁଣ୍ୟତିଥିରେ, ତୁମ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ, ମାଆ ଲକ୍ଷ୍ମୀଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ: ଧର୍ମପତ୍ନୀ: ଲକ୍ଷ୍ମୀ, ପୁତ୍ର: ଶିବା, କନ୍ୟା: ଶିବାନୀ, ଭିଣୋଇ: ସାଇରାମ୍, ଭାଇ: କୁମାର, ଭବାନୀ, ଭଗିନୀ: କୁନି, ସାଳକ: ଭେଙ୍କେଟଶ୍। ଧ–୧୪୮୮୨

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



## ଜିଲା ଚିଠି ବାଲେଶ୍ୱର

# ସାଇବର ଥାନା

ଉତ୍ତର ଓଡ଼ିଶା ସମେତ ବାଲେଶ୍ୱର ଜିଲାରେ ବ୍ୟାପୁଥିବା ସାଇବର ଅପରାଧକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୬ମାସ ପୂର୍ବରୁ ସାଇବର ଥାନା ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇଥିଲେ। ଜିଲାରେ ୨୦୧୫–୧୬ ମସିହାରେ ୭୦ ସାଇବର ମାମଲା ରୁଜୁ ହୋଇଥିବାବେଳେ ୨୦୧୭–୧୮ରେ ୮୮ ମାମଲା ଏବଂ ୨୦୧୮–୧୯ରେ ଏହା ୧୦୦ରୁ ଊର୍ଦ୍ଧ୍ୱ ଟପିଯାଇଛି। ତେବେ ବର୍ଦ୍ଧିତ ସାଇବର ଅପରାଧକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଜିଲାରେ ସାଇବର ଥାନା ଖୋଲିବା ପାଇଁ ୬ମାସ ପୂର୍ବରୁ ତତ୍କାଳୀନ ଡିଜିପି ଆର୍.ପି. ଶର୍ମା ଖବରଦାତା ସମ୍ମିଳନୀରେ ଘୋଷଣା କରିଥିଲେ। ସାଇବର ଅପରାଧକୁ ରୋକିବା ଲାଗି ଜିଲାରେ ପୋଲିସ ପ୍ରଶାସନ ପକ୍ଷରୁ ଏକ ସାଇବର ସେଲ୍ ଗଠନ କରାଯାଇଛି। ହେଲେ ଏହି ସେଲ୍ ଠିକ୍ ଭାବରେ କାମ କରିବାରେ ସକ୍ଷମ ହେଉ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। ଫଳରେ ନିର୍ଭୟରେ ସାଇବର ଅପରାଧୀ ନିଜର କାୟା ବିସ୍ତାର କରୁଥିବା ବେଳେ ପୋଲିସ ସେମାନଙ୍କ ନିକଟରେ ପହଞ୍ଚିବା ସମ୍ଭବପର ହେଉ ନ ଥିବା ଅଭିଯୋଗ ହେଉଛି। ସାଇବର ଥାନା ପ୍ରତିଷ୍ଠା ହେଲେ ଅଭିଜ୍ଞ ଅଧିକାରୀ ଏବଂ ଉନ୍ନତ ଜ୍ଞାନକୌଶଳ ଦ୍ୱାରା ଏହାକୁ ରୋକାଯାଇପାରିବ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ମାତ୍ର ବାଲେଶ୍ୱରରେ ଥାନା ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆ ନ ଯିବା ପରିତାପର ବିଷୟ। କ୍ୟାଶଲେସ କାରବାର ସହିତ ଆପ୍ଲିକେଶନ ମାଧ୍ୟମରେ ହେଉଛି ଟଙ୍କାର ନେଣଦେଣ। ବ୍ୟାଙ୍କ କିମ୍ବା ଏଟିଏମ୍‌କୁ ନ ଯାଇ ସୁରୁଖୁରୁରେ ଚାଲିଛି ବ୍ୟବସାୟ ତଥା ବିଭିନ୍ନ ଦେୟର ଆର୍ଥିକ କାରବାର। ବଡ଼ ବଡ଼ ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ଏହାର ଲାଭ ଉଠାଉଛନ୍ତି। ଏହାର ସୁବିଧା ନେଇ ସାଇବର ଠକେଇ ମଧ୍ୟ ବଢ଼ି ଚାଲିଛି। ଏଥିରେ ଉଚ୍ଚଶିକ୍ଷିତ ବ୍ୟକ୍ତି ମଧ୍ୟ ଠକାମିର ଶିକାର ହେଉଛନ୍ତି। ଅନଲାଇନ୍ ଠକମାନେ ବିଭିନ୍ନ ଶୈଳୀରେ ଜନସାଧାରଣଙ୍କୁ ପ୍ରଲୋଭନ ଦେଖାଇ ଲୁଟୁଛନ୍ତି। ଏଟିଏମ କାର୍ଡ ନବୀକରଣ, ଆଧାର ଅପଡେଶନ, ଅନଲାଇନ୍ ଲୋନ, ଲକି କୁପନ ବିଜେତା ଆଦି ଅନେକ ପ୍ରଲୋଭନ ଦେଖାଇ ସାଧାରଣ ଲୋକଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଅନଲାଇନ୍‌ରେ ଲୁଟିନେଉଛନ୍ତି। ଏଥିସହିତ ବଡ଼ ବଡ଼ ସରକାରୀ ଏବଂ ବେସରକାରୀ ସଂସ୍ଥାର ଗୋପନୀୟ ତଥ୍ୟ ମଧ୍ୟ ସାଇବର ଅପରାଧୀମାନେ ହ୍ୟାକ କରି ନେଉଛନ୍ତି। ଫୋନ କଲ୍‌ରେ ବ୍ୟାଙ୍କ କର୍ମଚାରୀ ଦର୍ଶାଇ ଆକାଉଣ୍ଟ ସମ୍ବନ୍ଧୀୟ କିଛି ଗୋପନୀୟ ତଥ୍ୟ ଯେପରି କି ଏଟିଏମ୍ ନମ୍ବର, ପିନ୍, ସିଭିଭି ନମ୍ବର ଆଦି ସାହାଯ୍ୟରେ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ସଞ୍ଚିତ ଟଙ୍କାକୁ ନିମିଷକେ ଗାଏବ କରି ନେଉଛନ୍ତି। ଅନ୍ୟପକ୍ଷରେ ସୋସିଆଲ ମିଡ଼ିଆରେ ଆକାଉଣ୍ଟ ହାକିଂ, ଅଶ୍ଳୀଳ ଫଟୋ ପୋଷ୍ଟିଂ ଏବଂ ଅନଲାଇନ୍‌ରୁ ଗୋପନୀୟ ତଥ୍ୟ ଚୋରି ଭଳି ବେଆଇନ କାର୍ଯ୍ୟ କରୁଛନ୍ତି ଏହି ଅପରାଧୀ। ଏହାକୁ ରୋକିବା ପାଇଁ ଜିଲାରେ ସାଇବର ଥାନା ନିତାନ୍ତ ଜରୁରୀ ଥିବାବେଳେ ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋରଙ୍କ କହିବାନୁସାରେ ସରକାରଙ୍କ ପକ୍ଷରୁ ସାଇବର ଥାନା ଜିଲାରେ ପ୍ରତିଷ୍ଠା ପାଇଁ କୌଣସି ସୂଚନା ମିଳି ନ ଥିବା ପ୍ରକାଶ କରିଛନ୍ତି।

– ମାନସ ବିଶ୍ୱାଳ

# ଯବାନଙ୍କ ଉପରକୁ ଗ୍ରେନେଡ୍ ମାଡ଼



ଶ୍ରୀନଗର,୪।୧(ପି.ଟି.): ଜମ୍ମୁ–କଶ୍ମୀରର କଓ୍ୱଦର ଅଞ୍ଚଳରେ ଶନିବାର ଆତଙ୍କବାଦୀମାନେ ସିଆର୍‌ପିଏଫ୍ ଯବାନଙ୍କ ଉପରକୁ ଗ୍ରେନେଡ୍ ମାଡ଼ କରିଥିଲେ। ଏଥିରେ କୌଣସି ଯବାନ ଆହତ ହୋଇ ନ ଥିବାବେଳେ ଜଣେ ୧୬ ବର୍ଷର ବାଳକ ସାମାନ୍ୟ ଆହତ ହୋଇଥିବା ପୋଲିସ କହିଛି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁଇଟି ଘରୋଇ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ଗ୍ରେନେଡ୍ ମାଡ଼ ପରେ ଉକ୍ତ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି।

### ଲଶ୍କର ସଦସ୍ୟ ଗିରଫ

ଅନ୍ୟପକ୍ଷରେ ଶ୍ରୀନଗରର ଏକ ହସ୍ପିଟାଲରୁ ଶନିବାର ଲଶ୍କର–ଇ–ତୋଇବାର ଜଣେ ସଦସ୍ୟଙ୍କୁ ଗିରଫ କରାଯାଇଛି। ବଣ୍ଡିପୋରା ହଜିନ ଅଞ୍ଚଳର ଆତଙ୍କବାଦୀ ନିସାର ଅହମଦ ଦର୍‌ଙ୍କୁ ଜମ୍ମୁ–କଶ୍ମୀର ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଶ୍ରୀମହାରାଜା ହରି ସିଂ ହସ୍ପିଟାଲରୁ ଗିରଫ କରିଥିଲା।

# ବିମାନରେ ଯାତ୍ରୀଙ୍କ ହଙ୍ଗାମା

ନୂଆଦିଲ୍ଲୀ,୪।୧

ବିମାନ ଉଡ଼ାଣରେ ବିଳମ୍ବକୁ ନେଇ ଯାତ୍ରୀମାନେ ହଙ୍ଗାମା କରିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଲାଗି ଡିଜିସିଏ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଦିଲ୍ଲୀରୁ ମୁମ୍ବାଇ ଯିବାକୁ ଥିବା ବିମାନ ୩ ଘଣ୍ଟା ବିଳମ୍ବ ହୋଇଥିଲା। ଫଳରେ କେତେକ ବିଶୃଙ୍ଖଳିତ ଯାତ୍ରୀ ବୋଇଂ ୭୪୭ ବିମାନର କକ୍‌ପିଟ ଡୋର୍‌କୁ ବାଡେଇବା ସହ କର୍ମଚାରୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ପାଇଲଟଙ୍କୁ ବାହାରିଆସିବାକୁ ସେମାନେ ଆହ୍ୱାନ ଦେଇଥିଲେ। ପାଇଲଟ ନ ଆସିଲେ ସେମାନେ କକ୍‌ପିଟ ଡୋର୍ ଭାଙ୍ଗି ଭିତରେ ପଶିବେ ବୋଲି ଧମକ ଦେଇଥିଲେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ବିମାନ ଉଡ଼ାଣରେ ବିଳମ୍ବ ହୋଇଥିଲା। ପରେ ଏହାକୁ ବାତିଲ କରିଦିଆଯାଇଥିଲା।

## ଇତିହାସର ଆଇନାରେ | ଜାନୁୟାରୀ ୫ର ପ୍ରମୁଖ ଘଟଣା

୧୯୮୬ ଜାନୁୟାରୀ ୫ରେ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଜନ୍ମଗ୍ରହଣ କରିଥିଲେ। ସେ ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରକାଶ ପାଦୁକୋନ୍‌ଙ୍କ ଝିଅ। ଦୀପିକା ‘ଟାଇମ୍’ ମାଗାଜିନରେ ବିଶ୍ୱର ୧୦୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ସ୍ଥାନ ପାଇଥିଲେ।

୧୯୭୦ ଜାନୁୟାରୀ ୫ରେ ଚାଇନାର ତୋଙ୍ଘାଇ କାଉଣ୍ଟିରେ ଭୟଙ୍କର ଭୂକମ୍ପ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୧ ରହିଥିବାବେଳେ ପାଖାପାଖି ୧୫ ହଜାର ଲୋକ ପ୍ରାଣ ହରାଇଥିଲେ। ପ୍ରାୟ ୨୫ ହଜାର ଲୋକ ଆହତ ହୋଇଥିଲେ। ୟୁନାନ୍ ପ୍ରଦେଶରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।

## ସଂକ୍ଷେପରେ

### ଶୀଘ୍ର ହୋଇପାରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି

**ୱାଶିଂଟନ,୪-୧:** ଭାରତ ଏବଂ ଆମେରିକା ଶୀଘ୍ର ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷର କରିପାରନ୍ତି। ଦୁଇ ଦେଶ ଏହି ଚୁକ୍ତିରେ ସାମିଲ ହେବା ନେଇ ନିକଟତର ହୋଇଛନ୍ତି। ଚୁକ୍ତି ସ୍ୱାକ୍ଷରିତ ହେଲେ ଦୁଇ ଦେଶ ମଧ୍ୟରେ ବ୍ୟବସାୟ ସୁଗମ ହେବା ନେଇ ଆଶା କରାଯାଉଛି। ଭାରତ ପକ୍ଷରୁ ଆମେରିକାରେ ଅବସ୍ଥାପିତ ରାଷ୍ଟ୍ରଦୂତ ହର୍ଷ ବର୍ଦ୍ଧନ ଶ୍ରୀଙ୍ଗଲା ଶୁକ୍ରବାର ଏ ନେଇ ସୂଚନା ଦେଇଛନ୍ତି। ଭାରତୀୟ ଆମେରିକୀୟ ଉଦ୍ୟୋଗୀଙ୍କ ଏକ ଫୋରମ ଟାଇଡିସିର ଏକ କାର୍ଯ୍ୟକ୍ରମରେ ଶ୍ରୀଙ୍ଗଲା କହିଛନ୍ତି ଯେ, ଚୁକ୍ତି ଦ୍ୱାରା ଭାରତ ଆମେରିକା ଉଭୟ ଉଭୟଙ୍କୁ ପରିବର୍ଦ୍ଧିତ ବଜାର ସୁବିଧା ପ୍ରଦାନ କରିବେ। ଚୁକ୍ତି କେବେ ସୁଦ୍ଧା ସ୍ୱାକ୍ଷର ହେବ ସେ ନେଇ ଶ୍ରୀଙ୍ଗଲା କୌଣସି ସ୍ପଷ୍ଟ ସୂଚନା ଦେଇ ନାହାନ୍ତି। ତାଙ୍କୁ ବର୍ତ୍ତମାନ ଭାରତର ବୈଦେଶିକ ସଚିବ ଭାବେ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ବାଣିଜ୍ୟ ଚୁକ୍ତି ନେଇ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ସେପ୍ଟେମ୍ବରରେ ପ୍ରଥମେ ଆଭାସ ଦେଇଥିଲେ। ମିଳିତ ଜାତିସଂଘର ସାଧାରଣ ପରିଷଦ ବୈଠକ ସମୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାକ୍ଷାତ ବେଳେ ଟ୍ରମ୍ପ ଏହି ସୂଚନା ଦେଇଥିଲେ। ଦୁଇ ଦେଶର ବୃହତ୍ତର ଆର୍ଥିକ ସ୍ୱାର୍ଥକୁ ନଜରରେ ରଖି ଏଭଳି ଚୁକ୍ତି ସ୍ୱାକ୍ଷର ହେବ। ଏହା ଦ୍ୱାରା ଉଭୟ ଦେଶର କମ୍ପାନୀ ଲାଭବାନ ହେବେ ବୋଲି ଶ୍ରୀଙ୍ଗଲା ମତ ଦେଇଛନ୍ତି। ସୂଚନା ଯୋଗ୍ୟ ଗତ ୧୦ ବର୍ଷରେ ଭାରତ ଆମେରିକା ମଧ୍ୟରେ ବାଣିଜ୍ୟରେ ବେଶ ଉନ୍ନତି ହୋଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ଏହା ୧୬୦ ବିଲିୟନ ଡଲାର ଟପିବା ନେଇ ଆଶା କରାଯାଉଛି।



> ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥା ଲକ୍ଷ୍ୟ ହାସଲ ଲାଗି ଦେଶର ମାନୁଫାକଚରିଂକୁ ଦୃଢ଼ କରିବାକୁ ହେବ।
> – ସୁରେଶ ପ୍ରଭୁ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ



> ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥା ହାସଲ ହୋଇ ପାରିବ। ହେଲେ ୨୦୨୪-୨୫ ସମୟ ମଧ୍ୟରେ ଏହା ହାସଲଯୋଗ୍ୟ କି ନୁହେଁ, ତାହା ଏବେ କହି ହେବ ନାହିଁ।
> – ରଜନୀଶ କୁମାର, ଏସ୍‌ବିଆଇ ଅଧ୍ୟକ୍ଷ

# ଭାରତ ଅର୍ଥବ୍ୟବସ୍ଥା ଲାଗି ଦ୍ୱୈତ ଚ୍ୟାଲେଞ୍ଜ

- ବଢ଼ୁଛି ତେଲ ଦର
- ଯୋଗାଣ ବାଧାପ୍ରାପ୍ତ ହେବା ଆଶଙ୍କା

**ନୂଆଦିଲ୍ଲୀ,୪-୧**

ଶୁକ୍ରବାର ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍)ର ଏୟାରଷ୍ଟ୍ରାଇକ ଯୋଗୁ ଇରାନ ଶୀର୍ଷ ସେନାଧିକାରୀ ଜେନେରାଲ କାସିମ ସୋଲେମାନୀଙ୍କ ମୃତ୍ୟୁ ଘଟିଥିବା ବେଳେ ଏଥିଯୋଗୁ ଦୁଇଦେଶ ମଧ୍ୟରେ ତିକ୍ତତା ବଢ଼ିଯାଇଛି। ଏହାର ପ୍ରଭାବ ଅନ୍ତର୍ଜାତୀୟ ତୈଳ ବଜାର ଉପରେ ଗଭୀର ଭାବେ ପରିଲକ୍ଷିତ ହୋଇଛି। ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୩ ଡଲାର ବୃଦ୍ଧି ଘଟିଛି। ସେହିଭଳି ଏହାର ପ୍ରଭାବ ଯୋଗୁ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୪୪ ପଇସା ଦୁର୍ବଳ ହେବା ସହ ୭୧.୮୧ ଟଙ୍କାରେ ବନ୍ଦ ହୋଇଛି। ମାନ୍ଦାବସ୍ଥା ଦେଇ ଭାରତ ଏବେ ଗତି କରୁଥିବା ବେଳେ ଏଭଳି ଆଉ ଏକ ସମସ୍ୟା ଭାରତୀୟ ଅର୍ଥ ବ୍ୟବସ୍ଥା ଲାଗି ଦ୍ୱୈତ ସମସ୍ୟା ସୃଷ୍ଟି କରିବ ବୋଲି ବଜାର ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରିଛନ୍ତି।

ମଧ୍ୟପ୍ରାଚ୍ୟରେ ଏଭଳି ସମସ୍ୟା ଉପୁଜିବା ଭାରତ ଲାଗି ସମସ୍ୟା କୁ ବଢ଼ାଇପାରେ ବୋଲି କୁହାଯାଉଛି। ପ୍ରଥମତଃ ତେଲ ଦର ବଢ଼ିଯିବା ଏବଂ ଯୋଗାଣ ବାଧାପ୍ରାପ୍ତ ହେବା ଭଳି ସମସ୍ୟା ଉପୁଜିବା ନେଇ ଆଶଙ୍କା କରାଯାଉଛି। ବର୍ତ୍ତମାନ ତେଲ ଦର ୧୩ ମାସର ସର୍ବୋଚ୍ଚ ସ୍ତରରେ ରହିଛି। ଭାରତ ତୈଳ ଆମଦାନୀ ଲାଗି ଚଳିତ ବର୍ଷ ୧୧୨ ବିଲିୟନ ଡଲାର ଖର୍ଚ୍ଚ କରିବା ନେଇ ଧାର୍ଯ୍ୟ ହୋଇଛି। ବର୍ତ୍ତମାନର ସ୍ଥିତି ଯୋଗୁ ତେଲ ଦର ଲଗାତର ବଢ଼ିବା ଆଶଙ୍କା ଉପୁଜିଛି। ତେଲ ମହଙ୍ଗା ହେଲେ ଏହାର ସିଧାସଳଖ ପ୍ରଭାବ ଦେଶର ବଜେଟ ଉପରେ ପଡ଼ିବ। ଦରଦାମ ବୃଦ୍ଧି ଯୋଗୁ ଲୋକମାନେ ଏବେ ଚିନ୍ତାରେ ରହିଛନ୍ତି। ତେଲ ଦର ବୃଦ୍ଧି ଏହା ଉପରେ ବୋଝ ସଦୃଶ ହେବ। ଫଳରେ ଲୋକମାନେ ଅନ୍ୟ କ୍ଷେତ୍ରରେ କରୁଥିବା ଖର୍ଚ୍ଚ ନିୟନ୍ତ୍ରଣ କରିବାକୁ ବାଧ୍ୟ ହେବେ। ଲୋକମାନେ ଖର୍ଚ୍ଚ କମାଉଥିବା ଯୋଗୁ ଏବେ ଚାହିଦା କମିଛି। ଏହାର ସିଧାସଳଖ ପ୍ରଭାବ ଅର୍ଥ ବ୍ୟବସ୍ଥା ଉପରେ ପଡ଼ିଛି। ଭାରତୀୟ ଅର୍ଥ ବ୍ୟବସ୍ଥା ଏଭଳି ଏକ ସ୍ଥିତି ଦେଇ ଗତି କରୁଥିବା ବେଳେ ନୂଆ ସମସ୍ୟା ଚିନ୍ତାକୁ ଆହୁରି ବଢ଼ାଇଥିବା ଅର୍ଥନୀତିଜ୍ଞମାନେ ମତ ରଖିଛନ୍ତି। ତେଲ ମହଙ୍ଗା ହେଲେ ସରକାର ଜନକଲ୍ୟାଣକାରୀ ଯୋଜନା ବାବଦକୁ ଖର୍ଚ୍ଚ ଉପରେ ମଧ୍ୟ ପ୍ରଭାବ ପଡ଼ିବାର ଆଶଙ୍କା ଉପୁଜିଛି। ଏହି ଯୋଜନାଗୁଡ଼ିକୁ ଜାରି ରଖିବା ଏବଂ ନୂଆ ଯୋଜନା ସମ୍ପର୍କରେ ଚିନ୍ତା କରିବା ମଧ୍ୟ କଷ୍ଟକର ହେବ ବୋଲି କୁହାଯାଉଛି।

ଭାରତ ଏହାର ଆବଶ୍ୟକତା ପୂରଣ କରିବା ଲାଗି ମୋଟ ତେଲର ପ୍ରାୟ ୮୦% ବିଦେଶରୁ ଆମଦାନୀ କରୁଛି। କେବଳ ୭୦% ତେଲ ଓପେକ୍ ଦେଶ ଯୋଗାଉଛନ୍ତି। ୟୁଏସ୍-ଇରାନ ତିକ୍ତତା ବଢ଼ିବା ଯୋଗୁ ତେଲ ଯୋଗାଣ ବାଧାପ୍ରାପ୍ତ ହେବା ଆଶଙ୍କା ଉପୁଜିଛି। ଯଦି ତେଲ ଦର ଉପରେ ଲଗାମ ନ ଲାଗେ ଏହାର ପ୍ରଭାବ ବ୍ୟବସାୟ ଉପରେ ମଧ୍ୟ ପଡ଼ିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ୟୁଏସ୍-ଇରାନ ମଧ୍ୟରେ ତିକ୍ତତା ଫଳରେ ବର୍ତ୍ତମାନ ସୁଦ୍ଧା ଅଶୋଧିତ ତେଲ ଦର ୪% ବଢ଼ିଛି। ଯଦି ଇରାନ ପାରସ୍ୟ ଉପସାଗର ଏବଂ ଓମାନ ଉପସାଗରକୁ ଯୋଡୁଥିବା ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିଦିଏ ତେବେ

## ୟୁଏସ୍-ଇରାନ ତିକ୍ତତା



ପରିଣାମ ଭୟାବହ ହେବ। କାରଣ ବିଶ୍ୱର ଏକ ତୃତୀୟାଂଶ ତେଲ ଏବଂ ଗ୍ୟାସ୍ ଏହି ରାସ୍ତା ଦେଇ ଯାଇଥାଏ। ଇରାନ ଉପରେ ହୋଇଥିବା ଏୟାର ଷ୍ଟ୍ରାଇକ ପ୍ରଭାବ ସାରା ବିଶ୍ୱର ଶେୟାର ବଜାର ଉପରେ ପଡ଼ିଛି। ସେନସେକ୍ସ ଶୁକ୍ରବାର ୧୬୨ ପଏଣ୍ଟ ନିମ୍ନରେ ରହିଛି। ସେହିଭଳି ନିଫ୍ଟି ୫୫% କମିଥିବାର ଦେଖାଯାଇଛି। ଓପେକ୍ ଦେଶଗୁଡ଼ିକ ମଧ୍ୟରେ ଇରାକ ସବୁଠାରୁ ଅଧିକ ପରିମାଣର ତେଲ ଉତ୍ପାଦନ କରିଥାଏ। ଏହା ଦୈନିକ ୪.୭ ନିୟୁତ ଟନ୍ ବ୍ୟାରେଲ ତେଲ ଉତ୍ପାଦନ କରିଥାନ୍ତି। ସୌଦି ଆରବ, କୁଏଟ ଏବଂ ଇରାନ ମିଳିତ ଭାବେ ଦୈନିକ ୧୫ ନିୟୁତ ବ୍ୟାରେଲ ତେଲ ଉତ୍ପାଦନ କରିଥାଏ। ସାରା ବିଶ୍ୱକୁ ତେଲ ଯୋଗାଣ ହେଉଥିବା ପ୍ରମୁଖ ରାସ୍ତା କୁହାଯାଉଥିବା ଷ୍ଟ୍ରେଟ ଅଫ୍ ହର୍ମୁଜ୍‌କୁ ବନ୍ଦ କରିବା ଲାଗି ସମୟ ସମୟରେ ଇରାନ ଧମକ ଦେଉଛି। ଯଦି ଯୁଦ୍ଧ ସ୍ଥିତି ଉପୁଜେ ତେବେ ଇରାନ ଏହି ରାସ୍ତାରେ ତେଲ ଯୋଗାଣ ବନ୍ଦ କରି ଦେବାର ଆଶଙ୍କା ଉପୁଜିଛି।

ଏହି ପ୍ରସଙ୍ଗ ଉପରେ ମତ ରଖି ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ୍ ଅଏଲ୍ ଅଧ୍ୟକ୍ଷ ସଞ୍ଜୀବ ସିଂ କହିଛନ୍ତି, ଆମେରିକାର କାର୍ଯ୍ୟାନୁଷ୍ଠାନ ଉପରେ ଇରାନ କି' ପ୍ରକାର କାର୍ଯ୍ୟପନ୍ଥା ଗ୍ରହଣ କରୁଛି ତାହା ଦେଖିବାକୁ ହେବ। ସେପ୍ଟେମ୍ବରରେ ସୌଦି ତୈଳ କୂପ ଉପରେ ଡ୍ରୋନ ଆକ୍ରମଣ ଯୋଗୁ ବିଶ୍ୱର ତୈଳ ଯୋଗାଣ ୫% ପ୍ରଭାବିତ ହୋଇଥିଲା। ଏହା ଯୋଗୁ ତୈଳ ଦର ଉପରେ କିଛିମାତ୍ରାରେ ପ୍ରଭାବ ପଡ଼ିଥିଲା। ସୌଦି ଆରବ ପକ୍ଷରୁ ଯୋଗାଣ ପରିଚାଳନା ଅନ୍ୟ ସ୍ଥାନରୁ ତେଲ ଯୋଗାଣ ଯୋଗୁ ମୂଲ୍ୟ ବୃଦ୍ଧିକୁ ରୋକାଯାଇ ପାରିଥିଲା। ସୌଦି ଆରବ ଘଟଣା ପରେ ଯୋଗାଣ ପ୍ରଭାବିତ ହେବ ବୋଲି କୁହାଯାଉଥିଲା। ମାତ୍ର ଏଭଳି କୌଣସି ସ୍ଥିତି ଉପୁଜି ନ ଥିଲା। ବର୍ତ୍ତମାନର ଘଟଣାକୁ ଇରାନ କେଉଁ ଭଳି ଭାବେ ନେଉଛି ତାହା ଦେଖିବାକୁ ହେବ। କିଛି ସମୟ ଲାଗି ଅସୁବିଧା ଆସିଲେ ଏହାକୁ ତେଲ କମ୍ପାନୀମାନେ ଚଳାଇନେବେ। ମାତ୍ର ଇରାନ ବଡ଼ ପଦକ୍ଷେପ ନେଲେ ତେଲ କମ୍ପାନୀଙ୍କର କୌଣସି ଯୋଜନା କାମ କରିବ ନାହିଁ ବୋଲି ସିଂ ମତ ରଖିଛନ୍ତି।

## ୧୫୦ ଘରୋଇ ଟ୍ରେନ ଲାଗି ନୀତି ଆୟୋଗର ଯୋଜନା

**ନୂଆଦିଲ୍ଲୀ,୪-୧:** ସାରା ଦେଶର ୧୦୦ ରୁଟରେ ୧୫୦ ଘରୋଇ ଟ୍ରେନ ଚଳାଚଳ କରାଇବା ଲାଗି କେନ୍ଦ୍ରସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗ ପକ୍ଷରୁ ଯୋଜନା ହାତକୁ ନିଆଯାଇଛି। ଏଥି ଲାଗି ନୀତି ଆୟୋଗ ପକ୍ଷରୁ ଏକ ଡିସ୍‌କଶନ ପେପର ଜାରି କରାଯାଇଛି। ଏହି ଯୋଜନା ଲାଗି ମୋଟ୍ ୨୨,୫୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପ୍ରସ୍ତାବ ଦିଆଯାଇଛି। ପ୍ରାଇଭେଟ ପାର୍ଟିସିପେଶନ:ପ୍ରାଇଭେଟ ଟ୍ରେନ ନାମରେ ଜାରି ହୋଇଥିବା ଏହି ପେପରରେ ଦେଶର ପ୍ରମୁଖ ନଗରକୁ ଯୋଡୁଥିବା ରୁଟ୍ ଗୁଡ଼ିକରେ ୧୫୦ ପ୍ରାଇଭେଟ ଟ୍ରେନ ଚଳାଇବା ସମ୍ପର୍କରେ ଉଲ୍ଲେଖ କରାଯାଇଛି।

## ନୋବେଲ ବିଜେତା ଅର୍ଥନୀତିଜ୍ଞ ଏରିକ ମାସ୍କିନଙ୍କ ଆହ୍ୱାନ

# ସବୁ ଦେଶ ମିଶି ଆର୍ଥିକ ସଙ୍କଟର ସାମ୍ନା କରନ୍ତୁ

**ନୂଆଦିଲ୍ଲୀ,୪-୧**

ବିଶ୍ୱସ୍ତରରେ ଏବେ ଜଳବାୟୁ ପରିବର୍ତ୍ତନ ଏବଂ ଆର୍ଥିକ ସଙ୍କଟ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଏହି ସମସ୍ୟାରୁ ବାହାରକୁ ଆସିବା ପାଇଁ ସବୁ ଦେଶ ମିଳିତ ହୋଇ ଲଢ଼ିବାର ଆବଶ୍ୟକତା ରହିଛି। ନୋବେଲ ବିଜେତା ଅର୍ଥନୀତିଜ୍ଞ ଏରିକ ମାସ୍କିନ ଶନିବାର ବିଶ୍ୱସମୁଦାୟକୁ ଏହି ଆହ୍ୱାନ ଦେଇଛନ୍ତି। ବିଶ୍ୱର ବିଭିନ୍ନ ଦେଶ ଏ କ୍ଷେତରେ ଉଭୟେ ଉଭୟଙ୍କୁ ସହଯୋଗ କରିବା ସହ ଭେଦଭାବ ସୃଷ୍ଟି କରୁଥିବା ନୀତିକୁ ବିରୋଧ କରିବା ଉଚିତ ବୋଲି ମାସ୍କିନ ମତ ରଖିଛନ୍ତି। ସବୁ ଦେଶ ଏକ ହୋଇ କାମ କରିବା ଏତେଟା ସହଜ କଥା ନୁହେଁ। କାରଣ ଦେଶଗୁଡ଼ିକ ନିଜ ସ୍ୱାର୍ଥକୁ ଆଗେ ଦେଖୁଛନ୍ତି। ବିଶ୍ୱ ସାମ୍ନାରେ ରହିଥିବା ଚ୍ୟାଲେଞ୍ଜ ଉପରେ ମତ ରଖି ସେ କହିଛନ୍ତି ଯେ, ବିଶ୍ୱ ସମୁଦାୟ ଅନ୍ତର୍ଜାତୀୟ ଚୁକ୍ତିରେ ସାମିଲ ହୋଇ ଏ ଦିଗରେ ଅଗ୍ରସର ହୋଇ ପାରିବେ। ଅଙ୍ଗାରକାମ୍ଳ ନିର୍ଗମନକୁ ଏକ ସୁରକ୍ଷିତ ସ୍ଥିତିରେ ରଖିବା ନେଇ ଚୁକ୍ତି ଦ୍ୱାରା ଦେଶଗୁଡ଼ିକ ନିଜର ଯୋଗଦାନ ରଖିପାରିବେ। ଏହା ଏତେଟା ସହଜ ପ୍ରସଙ୍ଗ ନୁହେଁ। ଅନ୍ୟ ଦେଶର ଅଙ୍ଗାରକାମ୍ଳ ହ୍ରାସ କଥା ଉଠିଲେ କିଛି ଦେଶ ଖୁସି ହୋଇଥାନ୍ତି। ମାତ୍ର ନିଜ ଉପରକୁ କଥା ଆସିଲେ ଏହାକୁ ପାଳନ କରିବା ପରିବର୍ତ୍ତେ ଓହରିବାକୁ ଚିନ୍ତା କରନ୍ତି। ଆର୍ଥିକ ସ୍ୱାର୍ଥ ଜଡ଼ିତ ଥିବା କାରଣରୁ ଦେଶ ସମୂହ ଏଦିଗରେ ଅନେକ କଥା ଚିନ୍ତା କରନ୍ତି ବୋଲି ସେ ମତ ରଖିଛନ୍ତି। ମାସ୍କିନ ୨୦୦୭ରେ ଅର୍ଥନୀତିରେ ନୋବେଲ ପୁରସ୍କାର ଲାଭ କରିଥିଲେ। ସେ କହିଛନ୍ତି ଯେ, ଆର୍ଥିକ ସଙ୍କଟ ରୋକିବା ଲାଗି ଏକ ବିସ୍ତୃତ ବ୍ୟବସ୍ଥାର ଆବଶ୍ୟକତା ରହିଛି। ୧୦ ବର୍ଷ ଏକ ବଡ଼ ଆର୍ଥିକ ସଙ୍କଟ ଆସିଥିଲା, ଯାହା ୧୯୩୦ ପରେ ସବୁଠାରୁ ବଡ଼ ଥିଲା। ଏହା ଆର୍ଥିକ ସଙ୍କଟର ରୂପ ନେଇଥିଲା। ୧୦ ବର୍ଷ ପୂର୍ବର ଏହି ସମସ୍ୟା ଠାରୁ ବର୍ତ୍ତମାନ ଯାଏ ସମ୍ପୂର୍ଣ୍ଣ ମୁକୁଳିବା ସମ୍ଭବ ହୋଇ ପାରି ନାହିଁ। ଆର୍ଥିକ ସଙ୍କଟକୁ ରୋକିବା ଲାଗି ଜ୍ଞାନକୌଶଳ ସହ ରାଜନୈତିକ ସମସ୍ୟା ରହିଥିବା ସେ ମତ ଦେଇଛନ୍ତି। ଏ କ୍ଷେତ୍ରରେ ନୀତି ନିର୍ଦ୍ଧାରଣ ବେଳେ ଦେଶ ଗୁଡ଼ିକ ବିଶ୍ୱ ସ୍ତରୀୟ ହେବା ପରିବର୍ତ୍ତେ ରାଷ୍ଟ୍ର ସ୍ତରରେ ହିଁ ଯାଉଛନ୍ତି। ଏହା ଅତ୍ୟନ୍ତ ଚିନ୍ତାର ବିଷୟ। ଆର୍ଥିକ ସଙ୍କଟ ଏବଂ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟା କେବଳ ଅନ୍ତର୍ଜାତୀୟ ସହଯୋଗ ଦ୍ୱାରା ହିଁ ସମ୍ଭବ। ଦେଶଗୁଡ଼ିକ ଏକ୍ଷେତ୍ରରେ ସଙ୍କୁଚିତ ମନୋଭାବ ରଖିଲେ ଏହା ସେମାନଙ୍କ ଲାଗି ଫାଇଦା ଦେବ ନାହିଁ ବୋଲି ମାସ୍କିନ କହିଛନ୍ତି।





**CHC-Pottangi, Koraput**

**Notice No. 532** **Date: 04.01.2020**

**Quotation Call Notice for hiring of vehicle**

Sealed quotations are invited from Travel Agencies/ Transporters/Tour Operator/ Individuals/Private Organization/ NGOs situated within Koraput District for supply of vehicle on monthly hirng basis to be used in CHC, Pottangi of Koraput district as per the following specifications.

| Sl. No. | Vehicle to be used as | Types of Vehicle | Nos. of Vehicle | Terms & Conditions |
|---|---|---|---|---|
| 1 | BPMU Vehicle | Mahindra Bolero/ TATA Sumo | 1 No. | Part-I |
| 2 | MHU Vehicle | Mahindra Bolero/ TATA Sumo | 1 No. | |
| 3 | RBSK Vehicle | Mahindra Bolero/ TATA Sumo | 2 Nos. | Part-II |

The bidder shall have to submit sealed quotation superscribed as "Quotation for __________ Vehicle" through Speed Post/ Registered Post only on or before 17.01.2020 to the Medical officer I/c, CHC, Pottangi, At/Post: Pottangi, Dist: Koraput-764039. The quotation will be opened on 18.01.2020 at 4 PM. The documents will be available at BPMSU, CHC-Pottangi. The authority has reserve the right to cancel the whole process without any notice.

**Sd./-**
**Medical Officer I/c, CHC-Pottangi**

**DISTRICT EDUCATION OFFICE**
**DISTRICT PROJECT MANAGEMENT UNIT (DPMU)**
**Mid-Day-Meal (MDMS) Scheme, Jagatsinghpur**

**No.80** **Date: 03.01.2020**

**AT-District Education office, Court Chhak. Jagatsinghpur**

**SHORT TENDER CALL NOTICE**

Sealed tender in prescribed forms are invited from the intending registered transport contractors/ agents/ individuals for transportation of MDM rice of FAQ standard under MDM programme for the year 2019-20/2020-21 in the Jagatsinghpur District for Balikuda, Biridi Erasama, Jagatsinghpur & MPLTY. Kujanga & Paradeep MPLTY. Naugaon, Raghunathpur & Tirtol Block to be transported from the nearest OSCSC godowns to all the school points/SHG points of this district under MDM programme. The tender paper details regarding terms & conditions, technical bid, financial bid earnest money deposit etc can be obtained from District Education Office Jagatsinghpur on payment of Rs. 5000.00/- (Rupees Five thousand) only non-refundable in cash on any working days during office hour from the date of publication of the tender notice till Dt. 20.01.2020 up to 5.30 P.M. and the money receipts of tender paper cost must be enclosed with the tender paper. The detailed tender paper along the prescribed schedule can also be downloaded from the District NIC website at **(http://www.Jagatsinghpur.nic.in)**. In case of downloading the tender papers from the website, the complete detailed tender bid to be submitted must be accompanied with a Demand Draft for Rs. 5000.00 (Rupees Five thousand) only from scheduled nationalized bank in favour of District Education Officer, Jagatsinghpur. The tender without original money receipt/D.D will be outrightly rejected. The tender shall be received in only Speed post/ Registered post in the District Education Office, Jagatsinghpur by dt. 21.01.2020 at 5.30 P.M. Tender will be opened by the tender committee on Dt. 22.01.2020 at 11.00 A.M. in the Office Chamber of Collector & District Magistrate, Jagatsinghpur. The tenders received beyond the schedule time & date shall be rejected.

***By order of Collector-cum-Chairperson***
**SD./- District Education Officer**
**Jagatsinghpur**

**Sambalpur Municipal Corporation**

**Sambalpur-768001**
**Email ID : sambalpurm.hud@nic.in**

**Mc-91** **Dt:03.01.2020**

**'e' Procurement Notice**

**Quotation Identification No. /SMC_SBP/2019-20**

The Municipal Commissioner on behalf of Municipal Corporation, Sambalpur invites tenders in Single Cover System. Quotation documents consisting of specification the Schedule of Quantities & the set of terms & conditions of contract and other necessary documents can be seen the Govt. Website i.e. **https://tendersodisha.gov.in**

1. Name of work: "Detailed Survey, Design, Engineering, Supply, Installation, Fabrication, Construction, testing and commissioning with installation of statue and Fountain inside Mandhata Temple tank at Maneswar under Sambalpur Municipal Corporation"
2. Date & time of availability of the quotation documents in the portal: From 11.00 A.M. of 04.01.2020 to 05.00PM of 13.01.2020
3. Last Date/ Time for receipt of quotations in the portal: 05.00 PM of 13.01.2020
4. Quotations will be opened on: 11.00 AM of Dt. 16.01.2020
5. Name & address of the officer inviting quotation: Municipal Commissioner, Sambalpur Municipal Corporation, Sambalpur

**Sd./- Executive Engineer**
**Sambalpur Municipal Corporation**

**ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ବଲାଙ୍ଗୀର**

**ପତ୍ର ସଂଖ୍ୟା.2980** **ବିଜ୍ଞାପନ** **ତାରିଖ:04.01.2020**

ଏତଦ୍ୱାରା ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ବଲାଙ୍ଗୀରର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଅଛି କି, ଅନିର୍ବାର୍ଯ୍ୟ କାରଣରୁ ବ୍ୟାଙ୍କର ୫୮ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା୧୦।୦୧।୨୦୨୦ରିଖରେ ନ ହୋଇ ଆସନ୍ତା ତା.୨୪।୦୧।୨୦୨୦ରିଖ ପୂର୍ବାହ୍ନ ଘ.୧୧.୩୦ ସମୟରେ ବଲାଙ୍ଗୀର ଟାଉନ୍ ହଲ୍‌ଠାରେ ନିମ୍ନଲିଖିତ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଅଛି। ଉକ୍ତ ସଭାରେ ଯୋଗଦାନ ପୂର୍ବକ ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ।

**ବି.ଦ୍ର.-** ସାଧାରଣ ସଭାରେ ଯୋଗଦାନ କରିବା ପାଇଁ ସମିତିର କ୍ଷମତା ପ୍ରାପ୍ତ ପ୍ରତିନିଧି ସମିତି ନିର୍ଦ୍ଧାରଣର ଅବିକଳ ନକଲ ସାଙ୍ଗରେ ଆଣିବାକୁ ଅନୁରୋଧ।

**ସଭାପତିଙ୍କ ଆଦେଶକ୍ରମେ**
**ସ୍ୱା./- (ଶ୍ରୀ ବାଙ୍କାନିଧି ରାୟଗୁରୁ), ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ**
**ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ବଲାଙ୍ଗୀର**

**କାର୍ଯ୍ୟସୂଚୀ-**୧. ସଭାପତିଙ୍କ ଦ୍ୱାରା ସ୍ୱାଗତ ଭାଷଣ। ୨. ଗତ ୫୭ତମ ସାଧାରଣ ସଭାରେ ଗୃହୀତ ନିର୍ଦ୍ଧାରଣଗୁଡ଼ିକ ପଠନ ଓ ଦୃଢ଼ୀକରଣ। ୩. ବ୍ୟାଙ୍କର ୨୦୧୮-୧୯ ବର୍ଷର ସମୀକ୍ଷା ପତ୍ର ପଠନ ଓ ଦୃଢ଼ୀକରଣ। ୪. ବ୍ୟାଙ୍କର ୨୦୨୦-୨୧ ଆର୍ଥିକ ବର୍ଷର କାର୍ଯ୍ୟକ୍ରମ ଓ ବଜେଟ୍ ଅନୁମୋଦନ। ୫. ବ୍ୟାଙ୍କର ଉପବିଧି ସଂଶୋଧନ ପାଇଁ ଆଲୋଚନା ୬. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)। ପରିପତ୍ର ସଂଖ୍ୟା.2981, ତା04.01.2020ରିଖ ଏହାର ଏକକିତା ନକଲ ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ସମସ୍ତ ଅଂଶୀଦାର ସମବାୟ ସମିତିଙ୍କ ବିହିତ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଉକ୍ତ ସଭାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଗଲା।

**Directorate of Textiles, Odisha**
**Satyanagar, Bhubaneswar-751007**

**No.: PP-41** **Corrigendum**

The last date for receipt of applications for empanelment of MCM at Directorate of Textiles, Satyanagar, and Bhubaneswar is Extended **up to 15.01.2020** as per earlier advertisement No.310-12/2019. The Bio-data Form for empanelment in the list of MCM and Formal structure & Syllabus of the training programme can be downloaded from the websites: **www.sadhacodisha.org.in**. Interested candidates are requested to send their applications along with duly filled in Bio-data by Regd./ Speed Post on address: State Agency for Development of Handloom Clusters (SADHAC) At: Directorate of Textiles, Odisha, 1st floor, Satyanagar, Bhubaneswar- 751007 (Odisha), Email- sadhacorissa@gmail.com, Ph. 0674-2572256.

**Sd/- Member Secretary, SADHAC**

Advertisement No: SADHAC/ 310 - 01/2020 **31012/11/0004/1920**

**ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା, ମୟୂରଭଞ୍ଜ**

**ତାରିଖ: ୦୮।୦୧।୨୦୨୦, ସମୟ: ଦିବା ୧୦.୩୦ ଘଟିକା**
**ସ୍ଥାନ: ରାଇରଙ୍ଗପୁର ଷ୍ଟାଡିୟମ, ରାଇରଙ୍ଗପୁର**

No.: 24-K: ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ, ଭୁବନେଶ୍ୱର, ଓଡ଼ିଶାଙ୍କ ତରଫରୁ ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜ ବିଗତ ବର୍ଷମାନଙ୍କ ଭଳି ଏ ବର୍ଷ ମଧ୍ୟ ଅନୁରୂପ ଏକ ନିଯୁକ୍ତି ମେଳାର ଆୟୋଜନ କରିବାକୁ ଯାଉଅଛି। ଏହା ଆସନ୍ତା ତା୦୮।୦୧।୨୦୨୦ରିଖ ରାଇରଙ୍ଗପୁର ଷ୍ଟାଡିୟମ, ରାଇରଙ୍ଗପୁରଠାରେ ଦିବା ୧୦ଘଟିକା ୩୦ମିନିଟ୍ ଠାରୁ ଆରମ୍ଭ ହୋଇ ଅପରାହ୍ନ ୩ଘଟିକା ସମୟରେ ସମାପ୍ତ ହେବ। ଏହି ନିଯୁକ୍ତି ମେଳା ବାମନଘାଟି (ରାଇରଙ୍ଗପୁର) ତଥା ପାଞ୍ଚପିଢ଼ (କରଞ୍ଜିଆ) ଉପଖଣ୍ଡର ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ ପାଇଁ ଅନୁଷ୍ଠିତ ହେବ। ଏହି ନିଯୁକ୍ତି ମେଳାରେ ଭାଗ ନେବାପାଇଁ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ହେଉଛି ୭ମ ଶ୍ରେଣୀ ପାସ୍‌ଠାରୁ ଦଶମ ଶ୍ରେଣୀ ଫେଲ୍ ପର୍ଯ୍ୟନ୍ତ ଏବଂ ମାଟ୍ରିକ ପାସ୍‌ଠାରୁ +୩ ପାସ୍, ଆଇ.ଟି.ଆଇ (ITI), ଡିପ୍ଲୋମା, ଏ.ଏନ୍.ଏମ୍. ଓ ଜି.ଏନ୍.ଏମ୍ (ନର୍ସ) ପାସ୍।

ଉକ୍ତ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଘରୋଇ କମ୍ପାନୀ, ଶିଳ୍ପ ସଂସ୍ଥା, ପ୍ରତିଷ୍ଠିତ ଘରୋଇ ଅନୁଷ୍ଠାନମାନେ ଯୋଗ ଦେବେ। ଏହା ବ୍ୟତୀତ, ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ (OSDA)ଙ୍କ ସହ ବୁଝାମଣା ପତ୍ର (MoU) ସ୍ୱାକ୍ଷର କରିଥିବା ଜିଲ୍ଲା ଓ ଜିଲ୍ଲା ବାହାରର ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା (Project Implementing Agencies)ମାନେ ମଧ୍ୟ ଯୋଗ ଦେବେ। ସମସ୍ତ ନିଯୁକ୍ତିଦାତା ସଂସ୍ଥାମାନଙ୍କରେ ସିଧାସଳଖ ନିଯୁକ୍ତିର ସୁଯୋଗ ରହିଅଛି। ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ମାଧ୍ୟମରେ, ଜିଲ୍ଲା ଓ ଜିଲ୍ଲା ବାହାରେ ତାଲିମ ନେଇ ମଧ୍ୟ ନିଶ୍ଚିତ ନିଯୁକ୍ତିର ସୁଯୋଗ ହାସଲ କରିପାରିବେ।

ସୁତରାଂ, ରାଇରଙ୍ଗପୁର ଏବଂ କରଞ୍ଜିଆ ଉପଖଣ୍ଡର ସମସ୍ତ ୧୨ଗୋଟି ବ୍ଲକର ରୋଜଗାର ସନ୍ଧାନରେ ଥିବା ଆଗ୍ରହୀ ଯୁବତୀ/ଯୁବକମାନେ ତା୦୧।୦୧।୨୦୨୦ରିଖ ଠାରୁ ତା୦୭।୦୧।୨୦୨୦ରିଖ ମଧ୍ୟରେ ନିଜ ନିଜର ପଞ୍ଚାୟତ ସମିତି କାର୍ଯ୍ୟାଳୟ (Block Office)ରେ ସେମାନଙ୍କର ନାମ ପଞ୍ଜୀକୃତ କରାଇ ଏହି ମେଳାରେ ଭାଗ ନେଇପାରିବେ। ରାଇରଙ୍ଗପୁର ପୌର ପରିଷଦ ତଥା କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ସେମାନଙ୍କ ସମିତି କାର୍ଯ୍ୟାଳୟ (Block Office)ରେ ନାମ ପଞ୍ଜୀକୃତ କରାଇ ଏହି ମେଳାରେ ଭାଗ ନେଇ ପାରିବେ। ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ପଞ୍ଜୀକରଣ ସମୟରେ ଏକ ଆବେଦନପତ୍ର ସହ ମେଳାର ପ୍ରବେଶ ଅନୁମତି ପତ୍ର ହାସଲ କରିବାକୁ ଅନୁରୋଧ। ଆବେଦନ ପତ୍ର ସହ ପ୍ରବେଶ ପତ୍ର, ଶିକ୍ଷାଗତ ଯୋଗ୍ୟତା, ବାସିନ୍ଦା ପ୍ରମାଣ ପତ୍ର, ଜାତିଗତ ପ୍ରମାଣ ପତ୍ର, ପାସ୍‌ପୋର୍ଟ ସାଇଜ୍‌ର ଫଟୋ (୬ ଗୋଟି) ସହିତ ନିର୍ଦ୍ଧାରିତ ତାରିଖ ଓ ସମୟରେ ନିଯୁକ୍ତି ମେଳାରେ ଯୋଗ ଦେଇପାରିବେ।

ଯେଉଁ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ନିଜ Block Officeରେ ନାମ ପଞ୍ଜୀକୃତ କରିନଥିବେ, ସେମାନେ ନିଯୁକ୍ତି ମେଳା ଦିନ ମଧ୍ୟ ରାଇରଙ୍ଗପୁର ଷ୍ଟାଡିୟମ, ରାଇରଙ୍ଗପୁରରେ ଉଦ୍ଦିଷ୍ଟ ନିର୍ଦ୍ଧାରିତ ପଞ୍ଜୀକରଣ ସ୍ଥାନରେ ନିଜର ନାମ ପଞ୍ଜୀକୃତ କରି ଏଥିରେ ଭାଗ ନେଇପାରିବେ।

ସୁତରାଂ ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜ ତରଫରୁ ସମସ୍ତ ନିଯୁକ୍ତି ଆଶାୟୀ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ଜଣାଇ ଦିଆଯାଉଅଛି କି, ଉକ୍ତ ନିଯୁକ୍ତି ମେଳାରେ ବିପୁଳ ସଂଖ୍ୟାରେ ଯୋଗ ଦେଇ ଏହାର ସୁଯୋଗ ହାସଲ କରନ୍ତୁ।

**ସ୍ୱା./– ଜିଲ୍ଲା ନିୟୋଜନ ଅଧିକାରୀ ମୟୂରଭଞ୍ଜ, ବାରିପଦା** **ସ୍ୱା./– ଜିଲ୍ଲାପାଳ, ମୟୂରଭଞ୍ଜ**

**14051/11/0002/1920**

**ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା, କେନ୍ଦୁଝର**

**ତାରିଖ: ୧୦।୦୧।୨୦୨୦, ସମୟ- ଦିବା ୧୦:୩୦ମିନିଟ୍**
**ସ୍ଥାନ: ମାଇନିଂ ଇଞ୍ଜିନିୟରିଂ ସ୍କୁଲ ପଡିଆ, କେନ୍ଦୁଝର**

ODISHA SKILL DEVELOPMENT AUTHORITY

No.K-22 :- ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ, ଭୁବନେଶ୍ୱର , ଓଡ଼ିଶାଙ୍କ ତରଫରୁ ଜିଲ୍ଲା ପ୍ରଶାସନ, କେନ୍ଦୁଝର ବିଗତ ବର୍ଷମାନଙ୍କ ଭଳି ଏ ବର୍ଷ ମଧ୍ୟ ଅନୁରୂପ ଏକ ନିଯୁକ୍ତି ମେଳାର ଆୟୋଜନ କରିବାକୁ ଯାଉଅଛି। ଏହା ଆସନ୍ତା ତା୧୦।୦୧।୨୦୨୦ରିଖ ଦିବା ଘ.୧୦.୩୦ମି. ସମୟରେ କେନ୍ଦୁଝରସ୍ଥିତ ମାଇନିଂ ଇଞ୍ଜିନିୟରିଂ ସ୍କୁଲ ପଡିଆଠାରେ ଅନୁଷ୍ଠିତ ହେବ। ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ନିଯୁକ୍ତି ଦାତା ସଂସ୍ଥାମାନେ ଯୋଗ ଦେବେ। ଏହା ବ୍ୟତୀତ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ (OSDA), ସହ ବୁଝାମଣା ପତ୍ର (MoU) ସ୍ୱାକ୍ଷର କରିଥିବା ଜିଲ୍ଲା ଓ ଜିଲ୍ଲା ବାହାରର ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା (Project Implementing Agencies) ମାନେ ମଧ୍ୟ ଯୋଗଦେବେ। ସମସ୍ତ ନିଯୁକ୍ତି ଦାତା ସଂସ୍ଥାମାନଙ୍କରେ ସିଧା ସଳଖ ନିଯୁକ୍ତିର ସୁଯୋଗ ରହିଅଛି। ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ମାଧ୍ୟମରେ, ଜିଲ୍ଲା ଓ ଜିଲ୍ଲା ବାହାରେ ତାଲିମ ନେଇ ମଧ୍ୟ ନିଶ୍ଚିତ ନିଯୁକ୍ତିର ସୁଯୋଗ ହାସଲ କରିପାରିବେ।

ସୁତରାଂ, କେନ୍ଦୁଝର ଜିଲ୍ଲାର ରୋଜଗାର ସନ୍ଧାନରେ ଥିବା ୭ମ ଶ୍ରେଣୀ ପାସ୍ ଠାରୁ ଦଶମ ଶ୍ରେଣୀ ଫେଲ ପର୍ଯ୍ୟନ୍ତ ଏବଂ ମାଟ୍ରିକ ପାସ୍ ଠାରୁ ସ୍ନାତକ/ଆଇ.ଟି.ଆଇ (ITI)/ଡିପ୍ଲୋମା (Diploma), ଏ.ଏନ.ଏମ/ଜି.ଏନ.ଏମ (ANM/GNM) ପାସ କରିଥିବା ଆଗ୍ରହୀ ଯୁବକ/ଯୁବତୀମାନେ ନିଜ ନିଜର ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ (BLOCK OFFICE) ଯାଇ, ତା୦୩।୦୧।୨୦୨୦ଠାରୁ ତା୦୯।୦୧।୨୦୨୦ରିଖ ମଧ୍ୟରେ ସେମାନଙ୍କର ନାମ ପଞ୍ଜୀକୃତ କରାଇ ଏହି ମେଳାରେ ଭାଗନେଇ ପାରିବେ। କେନ୍ଦୁଝର, ଯୋଡା, ବଡ଼ବିଲ ତଥା ଆନନ୍ଦପୁର ପୌରପରିଷଦ ଏବଂ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ନିଜ ଅଞ୍ଚଳର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସେମାନଙ୍କ ନାମ ପଞ୍ଜୀକୃତ କରିପାରିବେ। ଏଥିଲାଗି ପ୍ରାର୍ଥୀ ଏବଂ ପ୍ରାର୍ଥିନୀମାନେ ନିଜ ନିଜର ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଯାଇ ଏକ ଆବେଦନ ପତ୍ର ସହ, ପ୍ରବେଶ ଅନୁମତି ପତ୍ର ହାସଲ କରିବାକୁ ପଡ଼ିବ। ଆବେଦନ ପତ୍ର ସହ ପ୍ରବେଶ ପତ୍ର, ଶିକ୍ଷାଗତ ଯୋଗ୍ୟତା, ବାସିନ୍ଦା ପ୍ରମାଣ ପତ୍ର, ଜାତିଗତ ପ୍ରମାଣ ପତ୍ର ଓ ପାସପୋର୍ଟ ସାଇଜ ଫଟୋ (୬ଗୋଟି) ସହିତ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ନିଯୁକ୍ତି ମେଳାରେ ଯୋଗଦେଇ ପାରିବେ। ଯେଉଁ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ନିଜ Block Officeରେ ନାମ ପଞ୍ଜୀକୃତ କରିନଥିବେ, ସେମାନେ ନିଯୁକ୍ତି ମେଳା ଦିନ ମଧ୍ୟ ମାଇନିଂ ଇଞ୍ଜିନିୟରିଂ ସ୍କୁଲ ପଡିଆରେ ନିଜର ନାମ ପଞ୍ଜୀକୃତ କରି ଏଥିରେ ଭାଗ ନେଇପାରିବେ।

ସୁତରାଂ ଜିଲ୍ଲା ପ୍ରଶାସନ କେନ୍ଦୁଝର ତରଫରୁ ସମସ୍ତ ନିଯୁକ୍ତି ଆଶାୟୀ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ଜଣାଇ ଦିଆଯାଉଅଛି କି, ଉକ୍ତ ନିଯୁକ୍ତି ମେଳାରେ ଯୋଗ ଦେଇ ଏହାର ସୁଯୋଗ ହାସଲ କରନ୍ତୁ।

**ସ୍ୱା./- ଜିଲ୍ଲା ନିୟୋଜନ ଅଧିକାରୀ, କେନ୍ଦୁଝର** **ସ୍ୱା./- ଜିଲ୍ଲାପାଳ, କେନ୍ଦୁଝର**

**14066/11/0001/1920**

*Tel/Fax - 06852 – 250740*
*e-mail –eephkrp@nic.in*
*eephkrp@gmail.com*

**OFFICE OF THE EXECUTIVE ENGINEER**
**P.H. DIVISION KORAPUT** **C-429**

**GOVERNMENT OF ODISHA "e" procurement Notice**

**e-procurement Notice for 2019-20**

**Bid Identification No.EE,P.H.KPT-07 of 2019-20 Dt.24.12.2019**

| | | |
|---|---|---|
| 1. | Name of the works | 5 nos |
| 2. | Estimated Cost | From Rs.05.00 lakh upto Rs.14.00 lakh (Approx.) |
| 3. | Period of completion | 2 months to 3 months |
| 4. | Date & time of availability of bid document in the portal | From 11.00 A.M. of 06.01.2020 to 05.00 P.M. of 15.01.2020 |
| 5. | Last date / time of receipt of bids in the portal | 05.00 P.M. of 15.01.2020 |
| 6. | Date & time of opening of bids | 11.00 A.M. of 16.01.2020 |
| 8. | Name and address of the Officer Inviting Bid | Executive Engineer, P.H. Division, Koraput |

Further details can be seen from the e-Procurement portal "https://www.tendersodisha.gov.in"

**13008/11/0007/1920**

Sd/-
(Er. Sarbeswar Jena)
Executive Engineer,
P.H. Division, Koraput

**B-530**

**WORKS DEPARTMENT**
**OFFICE OF THE SUPERINTENDING ENGINEER, EASTERN CIRCLE (R&B), BALASORE**

e-mail: - **seec_bls@rediffmail.com**

Government of Odisha "e" Procurement Notice

**Bid Identification No.SEEC-06/ 2019-20.**
**No- 6037 / dt. 24.12.2019**

Nature of work:- **Building Work & Road work**
Number of works: **4 (Four) No of Building works (Composite mode) (EI & PH) & One No Road Works.**
Amount put to Tender: **- Rs.106.35 Lakhs. to Rs.210.49 lakhs**
Class of Contractor: - **"B" & "A" Class**
Date & Time of availability of bid document in the portal: **- Dt.06.01.2020 at 10.00 AM**
Last Date / Time of receipt of bid in the portal: **- Dt.21.01.202 up to 05.00 PM**
Date of opening of bid : **- Dt.22.01.2020 at 11.00 AM**
Name & address of the Office inviting bid: **- Superintending Engineer, Eastern Circle (R&B), Balasore.**

The bidders have to participate in **ONLINE** bidding only. Further details can be seen from the e-procurement portal **"http//tendersodisha.gov.in."** All future corrigendum will be available on ONLINE mode only.

**34026/11/0006/1920**

Sd/- S.K.Mohnaty
**Superintending Engineer,**
**Eastern Circle (R& B), Balasore**

“ବିଶ୍ୱର ନମ୍ବର ୱାନ ହେଲେ ସିଜନ ଆରମ୍ଭରେ ପ୍ରତ୍ୟେକ ଖେଳାଳି ତାଙ୍କୁ ହରାଇବାକୁ ଚାହାନ୍ତି, ମାତ୍ର ଆସ୍‌ଲେ ବାର୍ଟି ଏହି ଚ୍ୟାଲେଞ୍ଜକୁ ସାମ୍ନା କରିପାରିବେ ।
–ଆଞ୍ଜେଲିକ୍ କର୍ବର, ପୂର୍ବତନ ନମ୍ବର ୱାନ ଟେନିସ ଖେଳାଳି



“ଜାଇଲ୍ସ ସିମନଙ୍କ ଭଳି ସକ୍ରିୟ ଖେଳାଳି ଆମ ଦଳର ଅଧିନାୟକ ହୋଇଥିବାରୁ ଚିଲି ବିପକ୍ଷ ଏଟିପି କପ୍ ମ୍ୟାଚରେ ବିଜୟୀ ହୋଇପାରିଛୁ ।
–ଗେଲ୍ ମନ୍‌ଫିଲ୍ସ, ଫ୍ରେଞ୍ଚ୍ ଟେନିସ ଖେଳାଳି



## ସଂକ୍ଷେପରେ

### ଓଡ଼ିଶା-ତ୍ରିପୁରା ରଣଜୀ ମ୍ୟାଚ୍ ଦ୍ୱିତୀୟ ଦିନର ଖେଳ ବାତିଲ

**କଟକ ଅଫିସ,୪।୧:** ଦୁଇଦିନ ବିତିଯାଇଥିଲେ ମଧ ବର୍ଷା ଲାଗି ଓଡ଼ିଶା ଓ ଘରୋଇ ତ୍ରିପୁରା ମଧରେ ରଣଜୀ ଟ୍ରଫି ମ୍ୟାଚ ଆରମ୍ଭ ହୋଇପାରିନାହିଁ। ଏପରିକି ମ୍ୟାଚ୍‌ର ଟସ୍ ମଧ ପଡ଼ିବା ସମ୍ଭବ ହୋଇନାହିଁ। ତ୍ରିପୁରାର ଅଗରତାଲାସ୍ଥିତ ମହାରାଜା ବୀର ବିକ୍ରମ କଲେଜ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ତ୍ରିପୁରାରେ ବର୍ଷା ବନ୍ଦ ହୋଇ ସାରିଥିବା ବେଳେ ରବିବାରଠାରୁ ଖେଳ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ବଳକା ୨ ଦିନର ଖେଳରେ ଓଡ଼ିଶା ଅତିକମ୍‌ରେ ପ୍ରଥମ ଇନିଂସ୍ ଅଗ୍ରଣୀ ହାସଲ କରି ପଏଣ୍ଟ ହାତେଇବା ଲକ୍ଷ୍ୟରେ ରହିଛି। ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ପୂର୍ବରୁ ଏହାର ପ୍ରଥମ ୩ଟି ମ୍ୟାଚ୍‌ରେ ବୋନସ୍ ପଏଣ୍ଟ ସହ ଜିତି ହ୍ୟାଟ୍ରିକ ଅର୍ଜନ କରିଛି। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ଇନିଂସ ଓ ୩ ରନରେ ଛତିଶଗଡ଼କୁ, ୨ୟ ମୁକାବିଲାରେ ଇନିଂସ ଓ ୩୧ ରନରେ ସର୍ଭିସେସକୁ ଏବଂ ୧୦ ଉଇକେଟ୍‌ରେ ଉତ୍ତରାଖଣ୍ଡକୁ ଡ୍ରିମ୍ସ ଗ୍ରାଉଣ୍ଡରେ ହରାଇଥିଲା।

### ପୂର୍ବତନ ଫୁଟବଲ ଖେଳାଳି ସୁବାସଙ୍କ ପରଲୋକ



**କଟକ ଅଫିସ,୪।୧:** ରାଜ୍ୟର ପୂର୍ବତନ ଫୁଟବଲ ଖେଳାଳି ସୁବାଷ ଚନ୍ଦ୍ର ବୋଷଙ୍କର ଶନିବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୧ବର୍ଷ ବୟସ ହୋଇଥିଲା। ସନ୍ତୋଷ ଟ୍ରଫିରେ ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରିବା ସହ ରାଇଜିଂ ଷ୍ଟାର, ଆଜାଦ୍ ହିନ୍ଦ, ଜୟଦୁର୍ଗା କ୍ଲବ ପକ୍ଷରୁ ମଧ ସେ ବିଭିନ୍ନ ଟୁର୍ନାମେଣ୍ଟ ଖେଳିଛନ୍ତି। ସୁବାଷଙ୍କ ବିୟୋଗରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ସମ୍ପାଦକ(ଇନଚାର୍ଜ) ଅଭିଜିତ ପାଲ ଶୋକ ପ୍ରକାଶ କରିଛନ୍ତି।

### ଜୁଆ ଯୋଗୁ ବୁଡ଼ିଯାଇଥିଲା କ୍ୟାରିୟର

**ଲଣ୍ଡନ,୪।୧(ଏଏଫ୍‌ପି):** ଜୁଆ ଯୋଗୁ ଉଜ୍ଜ୍ୱଳମୟ କ୍ୟାରିୟର ପ୍ରଭାବିତ ହୋଇଥିବା ସ୍ୱୀକାର କରିଛନ୍ତି ପୂର୍ବତନ ଇଂଲଣ୍ଡ ଅଧିନାୟକ ୱେନ୍ ରୁନି। ଚଳିତ ସପ୍ତାହରେ ଡର୍ବି ପାଇଁ ପଦାର୍ପଣ କରିଥିବା ରୁନି କହିଛନ୍ତି, ଜୁଆରେ ପ୍ରାରମ୍ଭିକ ସଫଳତା ଯୋଗୁ ଫୁଟବଲ ପ୍ରତି ବିମୁଖ ହୋଇସାରିଥିଲି। ଏଥିରେ ବହୁ ପରିମାଣର ଅର୍ଥ ହରାଇଥିଲି। ଏହାକୁ ପୁଣି ହାସଲ କରିବା ପାଇଁ ଅଧିକ ଜୁଆ ଖେଳିଥିଲି ବୋଲି ମାଞ୍ଚେଷ୍ଟର ୟୁନାଇଟେଡ୍ ରେକର୍ଡ ଗୋଲ ସ୍କୋରର ରୁନି ଜୁଆ ସଚେତନତା ଅଭିଯାନରେ ଯୋଗଦେଇ କହିଛନ୍ତି। ୩୪ ବର୍ଷୀୟ ରୁନି ଆହୁରି କହିଛନ୍ତି, ଯୁବାବସ୍ଥାରେ ଅଧିକ ଆୟ କରିବାରୁ ଖର୍ଚ୍ଚ କେଉଁ ବାଟରେ କରିବି ଜାଣି ପାରି ନ ଥିଲି। ମାଞ୍ଚେଷ୍ଟର ଦଳ ହେଉ କି ଇଂଲଣ୍ଡ ମ୍ୟାଚ୍ ପାଇଁ ଖେଳାଳିଙ୍କୁ ୭ରୁ ୧୦ ଦିନ ହୋଟେଲରେ ରହିବାକୁ ପଡ଼େ। ଅଭ୍ୟାସ ପରେ ମୁଁ ବିରକ୍ତ ହୋଇ ଯାଉଥିଲି। ଏଣୁ ଜୁଆ ଖେଳିବା ଆରମ୍ଭ କରିଥିଲି। ଏଣୁ ତାଙ୍କୁ ବହୁ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଅବଶ୍ୟ ପରବର୍ତ୍ତୀ ସମୟରେ ସେ ଜୁଆଖେଳଠୁ ସମ୍ପୂର୍ଣ୍ଣ ଦୂରେଇ ଯାଇ ଫେରିଥିଲେ ଫୁଟବଲ ଦୁନିଆକୁ।

### ରଣଜୀ ଟ୍ରଫି: ବ୍ୟାଟିଂ କରିବେ ନାହିଁ ଶ'

**ମୁମ୍ବାଇ,୪।୧(ପି.ଟି.):** ନ୍ୟୁଜିଲାଣ୍ଡ ଗସ୍ତ ଲାଗି ଭାରତ ଏ' ଦଳରେ ସ୍ଥାନ ପାଇଥିବା ପୃଥ୍ୱୀ ଶ' ଏଠାରେ କର୍ଣ୍ଣାଟକ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫିର ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିବେ ନାହିଁ। ମୁମ୍ବାଇ ଓପନର ଫିଲ୍ଡିଂ ବେଳେ କାନ୍ଧରେ ଆଘାତ ପାଇଛନ୍ତି। ଭାରତ ଏ' ଆସନ୍ତା ୧୦ ତାରିଖରେ ନ୍ୟୁଜିଲାଣ୍ଡ ଗସ୍ତ କରିବାକୁ ଥିବାରୁ ତାଙ୍କୁ ବିଶ୍ରାମ ନେବାକୁ କୁହାଯାଇଛି। ତାଙ୍କ କାନ୍ଧରେ ଯନ୍ତ୍ରଣା ହେଉଥିଲା। ଏଣୁ ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିବେ ନାହିଁ ବୋଲି ମିଡିଆ ମ୍ୟାନେଜର କହିଛନ୍ତି। ଏକ ଓଭର ଥ୍ରୋ କରୁଥିବାବେଳେ ବାମ କାନ୍ଧରେ ଆଘାତ ଲାଗିଥିଲା।

# ଲାବୁସେନଙ୍କ ଦ୍ୱିଶତକ: ଅଷ୍ଟ୍ରେଲିଆ ୪୫୪

**ସିଡନୀ, ୪।୧ (ଏଏଫ୍‌ପି)**




ସ୍ଥାନୀୟ ସିଡନୀ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସେନଙ୍କ ଦ୍ୱିଶତକ ବଳରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ବିଶାଳ ସ୍କୋର ହାସଲ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୫୦.୧ ଓଭରରେ ୪୫୪ ରନ କରି ଅଲଆଉଟ ହୋଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ଶନିବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୨୯ ଓଭରରେ କୌଣସି ଉଇକେଟ ନ ହରାଇ ୬୩ ରନ ସଂଗ୍ରହ ସଂଗ୍ରହ କରି ଭଲ ଆରମ୍ଭ କରିଛି। ଫଳରେ ୧୦ ଉଇକେଟ ହାତରେ ରଖି ନ୍ୟୁଜିଲାଣ୍ଡ ୩୯୧ ରନ ପଛରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ତଥା ଅଧିନାୟକ ଟମ୍ ଲଥାମ ୨୬ ଓ ଟମ୍ ବ୍ଲଣ୍ଡେଲ ୩୪ ରନ କରି ଅପରାଜିତ ରହିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୮୩/୩ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ଦ୍ୱିତୀୟ ଦିନ ଚା' ପାନ ବିରତି ପୂର୍ବରୁ ଅଲଆଉଟ୍ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଲାବୁସେନ ୧୩୦ରୁ ଖେଳ ଆରମ୍ଭ କରି ୨୧୫ ରନର ଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ସେ ଲେଗ୍ ସ୍ପିନର ଟୋଡ ଆସଲେଙ୍କ ବଲ୍‌ରେ କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଦ୍ୱିତୀୟ ଦିବସରେ ଲାବୁସେନ ହିରୋ ସାବ୍ୟସ୍ତ ହୋଇଥିଲେ। ୫୧୬ ମିନିଟ କ୍ରିଜ୍‌ରେ ରହି ୩୬୩ଟି ବଲ୍ ଖେଳି ସେ ୧୯ ଚୌକା ଓ ଗୋଟିଏ ଛକା ସହ ଏହି ଦ୍ୱିଶତକୀୟ ପାଳି ଖେଳିଥିଲେ। ଟେଷ୍ଟରେ ଏହା ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ସାବ୍ୟସ୍ତ ହୋଇଛି। ପୂର୍ବରୁ ଗତ ନଭେମ୍ବରରେ ସେ ପାକିସ୍ତାନ ବିପକ୍ଷ ବ୍ରିସ୍‌ବେନ ଟେଷ୍ଟରେ ସର୍ବାଧିକ ୧୮୫ ରନର ଶତକୀୟ ପାଳି ଖେଳିଥିଲେ। ଏଥିସହିତ ଲାବୁସେନ ୫ ଟେଷ୍ଟ ମ୍ୟାଚ୍ ବିଶିଷ୍ଟ ସମରରେ ୮୩୭ ରନ କରି ପୂର୍ବତନ ଖେଳାଳି ନିଲ ହାର୍ଭେରୀଙ୍କୁ ପଛରେ ପକାଇଛନ୍ତି। ଗତବର୍ଷ ସେ ୧, ୧୦୪ ରନ ସଂଗ୍ରହ କରି ଟେଷ୍ଟରେ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି। ସେହିପରି ୨୨ରୁ ଖେଳ ଆରମ୍ଭ କରି ମାଥ୍ୟୁ ୱେଡ୍ ଆଉ ଅଧିକ ରନ ସଂଗ୍ରହ କରି ନ ପାରି ସେହି ସ୍କୋରରେ ୱିଲିୟମ ସୋମେରଭିଲ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ। ଚା ପାନ ବିରତି ପରେ ଅଷ୍ଟ୍ରେଲିଆ ଉଇକେଟଗୁଡ଼ିକର ଶୀଘ୍ର ପତନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଟ୍ରାଭିସ ହେଡ ୧୦, ଅଧିନାୟକ ତଥା ଉଇକେଟକିପର ଟିମ୍ ପେନ ୩୫, ଜେମ୍ସ ପାଟିନସନ ୨, ପ୍ୟାଟ୍ କମିନ୍ସ ୮, ମିଚେଲ ଷ୍ଟାର୍କ ୨୨ ରନ କରି ଆଉଟ ହୋଇଥିବା ବେଳେ ନାଥନ ଲିୟନ ୬ ରନ କରି ଅପରାଜିତ ରହିଥିଲେ। ଷଷ୍ଠ ଉଇକେଟରେ ଲାବୁସେନ ଓ ପେନ୍ ୭୯ ରନ ସଂଗ୍ରହ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ କଲିନ ଡି ଗ୍ରାଣ୍ଡହୋମ, ନିଲ ୱାଗନର ୩ଟି ଲେଖାଏ, ଆସଲେ ୨ଟି, ମ୍ୟାଟ୍ ହେନେରି ଓ ସୋମେରଭିଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୧୫୦.୧ ଓଭରରେ ୪୫୪ରେ ଅଲଆଉଟ (ଲାବୁସେନ- ୨୧୫, ସ୍ମିଥ୍- ୬୩, ୱାର୍ନର- ୪୫, ପେନ୍- ୩୫, ଷ୍ଟାର୍କ- ୨୨, ୱେଡ- ୨୨, ଗ୍ରାଣ୍ଡହୋମ- ୩/୭୮, ୱାଗନର- ୩/୬୬, ଆସଲେ- ୨/୧୧୧)।

**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ:** ୨୯ ଓଭରରେ ୬୩/୦ (ଲଥାମ- ୨୬*, ବ୍ଲଣ୍ଡେଲ- ୩୪*)।

### ଛକା ପିଛା ୧୨ ହଜାର ଟଙ୍କା ଦାନ କରିବେ

**ମେଲ୍‌ବୋର୍ନ, ୪।୧:** ଜଙ୍ଗଲରେ ଲାଗିଥିବା ନିଆଁ ଅଷ୍ଟ୍ରେଲିଆରେ ଆତଙ୍କ ଖେଳାଇ ଦେଇଛି। ହଜାର ହଜାର ହେକ୍ଟର ଜଙ୍ଗଲ ନିଆଁ ଯୋଗୁ ବହୁ ଜୀବନ ଓ ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି। ଏଭଳି ପରିସ୍ଥିତିରେ ସହାୟତା ପାଇଁ ଆଗେଇ ଆସିଛନ୍ତି ଅଷ୍ଟ୍ରେଲିଆନ୍ ଓପନର କ୍ରିସ ଲିନ ଓ ମଧ୍ୟକ୍ରମର ବିସ୍ଫୋରକ ବ୍ୟାଟ୍ସମ୍ୟାନ ଗ୍ଲେନ ମ୍ୟାକ୍ସୱେଲ। ଚଳିତ ବିଗ୍ ବାଶ ଲିଗ୍ (ବିବିଏଲ୍)ରେ ପ୍ରତ୍ୟେକ ଛକା ପିଛା ୨୫୦ ଅଷ୍ଟ୍ରେଲିଆନ୍ ଡଲାର ଦାନ କରାଯିବ ବୋଲି ଦୁହେଁ ଟୁଇଟ୍ କରି ଘୋଷଣା କରିଛନ୍ତି। ଭାରତୀୟ ମୁଦ୍ରାରେ ଏହାର ପରିମାଣ ୧୨,୪୬୭ ଟଙ୍କା। ବିବିଏଲ୍ ମୋର ପ୍ରତ୍ୟେକ ଛକା ହିସାବରେ ରେଡ୍‌କ୍ରସ ଜରୁରୀ ପାଣ୍ଠିକୁ ୨୫୦ ଆମେରିକୀୟ ଡଲାର ଦାନ ସ୍ୱରୂପ ଦେବି। ଯେଉଁମାନେ ଜୀବନ ଓ ଦେଶର ସମ୍ପତ୍ତିକୁ ସୁରକ୍ଷା ଦେଉଛନ୍ତି, ସେମାନେ ସତରେ ହିରୋ ବୋଲି ଲିନ ଟୁଇଟ୍ କରିଛନ୍ତି। ତାଙ୍କ ଟୁଇଟର ତୁରନ୍ତ ପରେ ମ୍ୟାକ୍ସୱେଲ ମଧ ସମାନ ଘୋଷଣା କରି ଲେଖିଥିଲେ, ମୁଁ ତୁମ ସହ ଛିଡ଼ା ହୋଇଛି। ମୋର ପ୍ରତ୍ୟେକ ଛକା ପିଛା ସମାନ ଅର୍ଥ ରାଶି ପ୍ରଦାନ କରିବି। ଦେଶର ଏତେ କ୍ରୀଡ଼ାବିତ୍ ଆଗେଇ ଆସିଥିବାର ଦେଖି ଖୁସି ଲାଗୁଛି। ଏହାପରେ ଗୋଟିଏ ପରେ ଗୋଟି ଖେଳାଳି ସହାୟତା ପାଇଁ ଆଗେଇ ଆସିଥିଲେ।

### ମହିଳା ଚ୍ୟାଲେଞ୍ଜର ଟ୍ରଫି
## ଇଣ୍ଡିଆ-ଏ, ବି ମ୍ୟାଚ୍ ବାତିଲ

**କଟକ ଅଫିସ,୪।୧:** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଶନିବାରଠାରୁ ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଇଣ୍ଡିଆ-ଏ ଓ ଇଣ୍ଡିଆ-ବି ମଧରେ ଖେଳାଯିବାକୁ ଥିବା ମ୍ୟାଚ୍ ଓଦା ଆଉଟ ଫିଲ୍ଡ ଯୋଗୁ ବାତିଲ ହୋଇଯାଇଛି। ରବିବାର ଇଣ୍ଡିଆ ବି ଓ ଇଣ୍ଡିଆ ସି' ଦଳ ମଧରେ ମ୍ୟାଚ୍ ଖେଳାଯିବ। ଇଣ୍ଡିଆ ସି' ଦଳରେ ଓଡ଼ିଶାର ମାଧୁରୀ ମେହେତା ରହିଛନ୍ତି। ନୂଆବର୍ଷରୁ ରାଜ୍ୟରେ ବର୍ଷା ସାଙ୍ଗକୁ କୋହଲା ପାଗ ଜାରି ରହିଛି। ତେବେ ରବିବାର ପାଗରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଥିବାରୁ ମ୍ୟାଚ୍ ଖେଳାଯିବାର ଆଶା ରହିଛି।



ଦୁଇ ଦଳର ଅଧିନାୟିକା ସ୍ମୃତି ମନ୍ଧାନା ଓ ହରମନ୍‌ପ୍ରୀତ୍ କୌର୍।



ବର୍ଷା ପରେ ମେଶିନ୍ ସାହାଯ୍ୟରେ ପାଣି ଶୁଖାଯାଉଛି।

## ଓଡ଼ିଶା ଏଫ୍‌ସି ୟୁଥ୍ ଟିମ୍ ବିଜୟୀ



୧୮ ବର୍ଷରୁ କମ୍ ଓଡ଼ିଶା ଏଫ୍‌ସି ଦଳ।

**ଭୁବନେଶ୍ୱର, ୪।୧ (ସ୍ପୋର୍ଟ୍ସ ବ୍ୟୁରୋ)**

**ହିରୋ ଏଆଇଏଫ୍‌ଏଫ୍ ଏଲିଟ୍ ଲିଗ୍**

ହିରୋ ଏଆଇଏଫ୍‌ଏଫ୍ ଏଲିଟ୍ ଲିଗ୍‌ରେ ଶନିବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସିର ଯୁବ (୧୮ ବର୍ଷରୁ କମ୍) ଦଳ ୫-୩ ଗୋଲରେ କନ୍‌ସିଏଣ୍ଟ ଫୁଟ୍‌ବଲ ଦଳକୁ ପରାସ୍ତ କରିଛି। ଭାରତର ଶ୍ରେଷ୍ଠ ଫୁଟ୍‌ବଲ ଦଳ କନ୍‌ସିଏଣ୍ଟ ଫୁଟ୍‌ବଲ ବିପକ୍ଷରେ ଓଡ଼ିଶା ଏଫ୍‌ସି ପ୍ରଭାବ ବିସ୍ତାର କରି ଖେଳିଥିଲା। ବିଜୟୀ ଓଡ଼ିଶା ଏଫ୍‌ସି ପକ୍ଷରୁ ରିଷଭ ଡୋବ୍ରିୟାଲ ୨ଟି ଏବଂ ଅକ୍ଷୁର୍ଣ୍ଣ ତ୍ୟାଗୀ, ପୀୟୁଷ ଭଣ୍ଡାରୀ ଓ ରମସିମ କାଇଓ୍ୱଙ୍ଗନାଓ ଗୋଟିଏ ଲେଖାଏ ଗୋଲସ୍କୋର କରିଥିଲେ।

ଓଡ଼ିଶା ଏଫ୍‌ସି ୧୮ତମ ମିନିଟ୍‌ରେ ତ୍ୟାଗୀଙ୍କ ଗୋଲ ବଳରେ ଓଡ଼ିଶା ୧-୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ଏହାପରେ ପ୍ରଥମାର୍ଦ୍ଧର ଅନ୍ତିମ ମୁହୂର୍ତ୍ତରେ ଡୋବ୍ରିୟାଲ (୪୩ତମ) ଓଡ଼ିଶା ପାଇଁ ୨ୟ ଗୋଲ କରିଥିଲେ। ଦ୍ୱିତୀୟାର୍ଦ୍ଧର ଆରମ୍ଭରୁ ଡୋବ୍ରିୟାଲ ନିଜର ୨ୟ ଗୋଲ ଦେଇ ଦଳକୁ ୩-୦ରେ ଅଗ୍ରଣୀ କରାଇଥିଲେ। ତେବେ ୫ ମିନିଟ୍ ଅନ୍ତରରେ କନ୍‌ସିଏଣ୍ଟ ଫୁଟ୍‌ବଲ ଦଳ ୨ଟି ଗୋଲ ଦେଇ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ଓଡ଼ିଶା ଏଫ୍‌ସି ଯୁବ ଦଳ ପକ୍ଷରୁ ପୀୟୁଷ (୭୪ତମ) ଓ ରାମସିମ (୮୫ତମ) ୧୧ ମିନିଟ୍ ବ୍ୟବଧାନରେ ୨ଟି ଗୋଲ କରି ଦଳକୁ ୫-୨ରେ ଅଗ୍ରଣୀ କରାଇଥିଲେ। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟସୀମା ଗୋଟିଏ ମିନିଟ ପୂର୍ବରୁ କନ୍‌ସିଏଣ୍ଟ ଫୁଟ୍‌ବଲ ଦଳର ଆର୍ଯ୍ୟାନ ସାହନି ମହାନ୍ତି ଗୋଟିଏ ଗୋଲସ୍କୋର କରି (୫-୩) ପରାଜୟ ବ୍ୟବଧାନକୁ କମାଇଥିଲେ। ଓଡ଼ିଶା ଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ପଞ୍ଜାବ ଫୁଟ୍‌ବଲ କ୍ଲବକୁ ଜାନୁୟାରୀ ୯ରେ ଭେଟିବ।

### କୁଚବିହାର ଟ୍ରଫି: ଉତ୍ତରାଖଣ୍ଡ ୧୪୪/୫

**କଟକ ଅଫିସ,୪।୧:** ଟାଙ୍ଗୀସ୍ଥିତ ଡ୍ରିମସ ଗ୍ରାଉଣ୍ଡରେ ଶନିବାରଠାରୁ ଓଡ଼ିଶା ଓ ଉତ୍ତରାଖଣ୍ଡ ମଧରେ ୧୯ ବର୍ଷରୁ କମ୍ ବାଳକ କୁଚ୍ ବିହାର ଟ୍ରଫିର ବିପକ୍ଷ ମ୍ୟାଚ୍ ଆରମ୍ଭ ହୋଇଛି। ଘରୋଇ ଓଡ଼ିଶା ଦଳ ଟସ୍ ଜିତି ଉତ୍ତରାଖଣ୍ଡକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ବର୍ଷା ଯୋଗୁଁ ପ୍ରଥମ ଦିନରେ ମାତ୍ର ୪୬ ଓଭର ଖେଳ ହୋଇଥିଲା ଉତ୍ତରାଖଣ୍ଡ ୫ ଉଇକେଟ ହରାଇ ୧୪୪ ରନ କରିଛି। ଉତ୍ତରାଖଣ୍ଡ ଅଧିନାୟକ ଅଖିଳ ସିଂ ରାୱତ ସର୍ବାଧିକ ୫୩ ରନ କରି ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧରେ ଦେବେଶ ୩୬, କମଲ ୧୯ ରନ କରିଥିଲେ। ଓଡ଼ିଶା ପକ୍ଷରୁ ଶିବାଶିଷ ସାହୁ ଓ ମିଳନ ସାମଲ ୨ଟି ଲେଖାଏ ଉଇକେଟ ନେଇଛନ୍ତି।

## ଛୋଟ ଗ୍ରୁପ୍ ଯୋଗୁ ଟ୍ରେନିଂ ଉନ୍ନତମାନର ହେବ: ମାରିଜନେ

**ମହିଳା ହକି**

**ନୂଆଦିଲ୍ଲୀ, ୪।୧ (ପି.ଟି.):** ଚଳିତ ମାସର ପରବର୍ତ୍ତୀ ଭାଗରେ ନ୍ୟୁଜିଲାଣ୍ଡ ଟୁର୍‌କୁ ଦୃଷ୍ଟିରେ ରଖି ହକି ଇଣ୍ଡିଆ ତରଫରୁ ଘୋଷଣା କରାଯାଇଥିବା ୨୫ଜଣିଆ ସମ୍ଭାବ୍ୟ ତାଲିକାରେ ସ୍ଥାନ ପାଇଥିବା ଖେଳାଳିମାନଙ୍କୁ ଏକ ୧୭ଦିନିଆ ଟ୍ରେନିଂ କ୍ୟାମ୍ପରେ ଯୋଗଦେବାକୁ ପଡ଼ିବ। ଏହା ଏକ ଛୋଟି ଗ୍ରୁପ୍ ହୋଇଥିବାରୁ ଟ୍ରେନିଂର ମାନ ବୃଦ୍ଧି ପାଇବ ବୋଲି ମହିଳା ହକି ଟିମ୍ ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ପ୍ରକାଶ କରିଛନ୍ତି। ଦଳ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବାରେ ସଫଳ ରହିଛି। ଦଳ ନ୍ୟୁଜିଲାଣ୍ଡ ଟୁର୍ ସହ ନୂଆ ବର୍ଷ ଆରମ୍ଭ କରିବ। ସେଠାରେ ବିଶ୍ୱର ୬ ନମ୍ବର ର୍‍ୟାଙ୍କିଂପ୍ରାପ୍ତ ଦଳ ବିପକ୍ଷରେ ୪ଟି ମ୍ୟାଚ ଖେଳିବ। ଏହି ଟୁର୍ ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ବିଶେଷ ସହାୟକ ହେବ। କ୍ୟାମ୍ପ ପାଇଁ ମନୋନୀତ ୨୫ ଖେଳାଳିଙ୍କ ମଧ୍ୟରୁ ୧୬ ଜଣିଆ ଅଲିମ୍ପିକ ଟିମ୍ ବଛାଯିବ ବୋଲି ମାରିଜନେ କହିଛନ୍ତି। ଗତବର୍ଷ ମହିଳା ଦଳର କେତୋଟି ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା। ସେମାନେ ହିରୋଶିମାରେ ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ, ଜାପାନରେ ୨୦୨୦ ଟୋକିଓ ଅଲିମ୍ପିକ୍ସ ଟେଷ୍ଟ ଇଭେଣ୍ଟ ଏବଂ ଅଲିମ୍ପିକ କ୍ୱାଲିଫାୟର୍ସ ଜିତିଥିଲେ। ଏହାଛଡ଼ା ସ୍ପେନ, ମାଲେସିଆ, ରିପବ୍ଲିକ ଅଫ୍ କୋରିଆ ଏଂ ଇଂଲଣ୍ଡ ଟୁର୍‌ରେ ମଧ ଦଳ ବିଜୟ ହାସଲ କରିଥିଲା।

**ସମ୍ଭାବ୍ୟ ଖେଳାଳି ତାଲିକା**

**ଗୋଲକିପର:** ସବିତା, ରଜନୀ ଏଟିମାର୍ପୁ, ବିଚ୍ଛୁ ଦେବୀ ଖାରିମ୍‌ବାମ୍। **ଡିଫେଣ୍ଡର:** ଦୀପ୍‌ଗ୍ରେସ୍ ଏକ୍କା, ରୀନା ଖୋଖାର, ସଲିମା ଟେଟେ, ମନପ୍ରୀତ କୌର, ଗୁରଜିତ କୌର ଓ ନିଶା। **ମିଡ୍ ଫିଲ୍ଡର:** ନିକ୍କି ପ୍ରଧାନ, ମୋନିକା, ନେହା ଗୋୟଲ, ଲିଲିମା ମିଞ୍ଜ, ସୁଶୀଲା ଚାନୁ ପୁଖ୍ରାମ୍‌ବାମ୍, ସୋନିକା, ନମିତା ଟପ୍ପୋ। **ଫରୱାର୍ଡ:** ରାଣୀ, ଲାଲ୍‌ରେମ୍‌ସିଆମି, ବନ୍ଦନା କାଟାରିୟା, ନବଜୋତ କୌର, ନବନୀତ କୌର, ରାଜୱିନ୍ଦର କୌର, ଜ୍ୟୋତି, ଶର୍ମିଳା ଦେବୀ, ଉଦିତା।

### ଆନ୍ତଃରାଜ୍ୟ ହକି ଟୁର୍ନାମେଣ୍ଟ
## ସମ୍ବଲପୁର ସୁବାଷ ବୋଷ କ୍ଲବ ବିଜୟୀ

**ଉଲୁଣ୍ଡା, ୪।୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଗିନ୍ଦିଲାମାଲ ଆଦିବାସୀ ବିକାଶ କ୍ଲବ ଏବଂ ଯୁବ ମହାସଂଘ ଉଲୁଣ୍ଡାର ମିଳିତ ଉଦ୍ୟମରେ ୩୧ତମ ଆନ୍ତଃରାଜ୍ୟ ହକି ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଗିନ୍ଦିଲାମାଲ ଖେଳପଡିଆରେ ହୋଇଥିବା ଉଦ୍‌ଘାଟନୀ ମ୍ୟାଚରେ ସମ୍ବଲପୁର ସୁବାଷ ବୋଷ କ୍ଲବ ବୁଢିଝରନ ପାଞ୍ଚଟାଳ କ୍ଲବକୁ ୩-୧ ଗୋଲରେ ପରାସ୍ତ କରି ବିଜୟୀ ହୋଇଛି। ଖେଳ ସବୁକୁ ଯୋହାନ ବାଲ୍ଲା ଏବଂ ଗୁଲସନ ହର ପରିଚାଳନା କରିଥିଲେ। ଏହା ପୂର୍ବରୁ ହୋଇଥିବା ଉଦ୍‌ଘାଟନୀ ଉତ୍ସବରେ ସାମାଜିକ କର୍ମୀ ଅନୀଲ କୁମାର ସାହୁ, ମହାଜନ ପଧାନ, ପୂର୍ବତନ ହକି ଖେଳାଳିସାମୁଏଲ ବୋର୍ଡ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମ୍ୟାଚ ପରିଚାଳନାରେ ଆୟୋଜକ ଉଭୟ ଅନୁଷ୍ଠାନର ସଦସ୍ୟ ସହଯୋଗ କରିଥିଲେ। ଏହି ଟୁର୍ନାମେଣ୍ଟରେ ୩୨ଟି ଦଳ ଅଂଶଗ୍ରହଣ କରୁଥିବା ଆୟୋଜକଙ୍କ ତରଫରୁ ସୂଚନା ପ୍ରଦାନ କରାଯାଇଛି।



ଉଦ୍‌ଘାଟନୀ ମ୍ୟାଚରେ ଉଭୟ ଦଳର ଖେଳାଳି।



“ ଆହତଜନିତ କାରଣରୁ ମୋତେ ୪ମାସ ଖେଳରୁ ବିରତି ନେବାକୁ ପଡ଼ିଛି, ହେଲେ ମୁଁ ଦିନେ ହେଲେ କଷ୍ଟ ଅନୁଭବ କରିନାହିଁ ।

**–ଯଶପ୍ରୀତ ବୁମ୍‌ରା, ଭାରତୀୟ ପେସ୍ ବୋଲର**



“ ନାଗରିକତ୍ୱ ସଂଶୋଧନ ଆଇନ ଉପରେ ସମ୍ପୂର୍ଣ୍ଣ ଜ୍ଞାନ ନ ଥିବା ବ୍ୟକ୍ତି ଦାୟିତ୍ୱହୀନ ମନ୍ତବ୍ୟ ଦେବା ଉଚିତ ନୁହେଁ ।

**–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ**

## ସଂକ୍ଷେପରେ

### ଅଭ୍ୟାସ ବେଳେ କୋହଲିଙ୍କ ଆଙ୍ଗୁଠିରେ ବଲ୍ ବାଜିଲା

**ଗୁଆହାଟୀ,୪।୧ (ପି.ଟି.):** ଏଠାରେ ରବିବାର ଖେଳାଯିବାକୁଥିବା ଶ୍ରୀଲଙ୍କା ବିପକ୍ଷ ଟି୨୦ ପାଇଁ ଶନିବାର ଭାରତୀୟ କ୍ରିକେଟ ଦଳର ଖେଳାଳିମାନେ ଅଭ୍ୟାସ କରିଛନ୍ତି। ଏହି ସମୟରେ ଅଧିନାୟକ ବିରାଟ କୋହଲିଙ୍କ ବାମହାତ କାଣି ଆଙ୍ଗୁଠିରେ ଆଘାତ ଲାଗିଛି। ପ୍ରାକ୍ଟିସ ସେସନର ପ୍ରଥମାର୍ଦ୍ଧରେ ଏହି ଘଟଣା ଘଟିଛି। ଟିମ୍ ଫିଜିଓ ନୀତିନ ପଟେଲ ତୁରନ୍ତ କୋହଲିଙ୍କ ନିକଟକୁ ଯାଇ ମ୍ୟାଜିକ୍ ସ୍ପ୍ରେ ବ୍ୟବହାର କରିଥିଲେ। ଭାରତୀୟ ପ୍ରାକ୍ଟିସ ସେସନରେ ଅନୁପସ୍ଥିତ ରହିଥିବା ପ୍ରମୁଖ ଖେଳାଳି ହେଲେ ରବୀନ୍ଦ୍ର ଜାଡେଜା। ୨୨ ମାସ ପରେ ଏକ ଟି୨୦ ମ୍ୟାଚରେ ଭାରତ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଭାରତ ନିକଟରେ ଖେଳିଥିବା ଟି୨୦ ସିରିଜରେ ୨-୧ରେ ବିଜୟ ହାସଲ କରିଥିଲା। ଅନ୍ୟପକ୍ଷରେ ଶ୍ରୀଲଙ୍କା ଅଷ୍ଟ୍ରେଲିଆଠାରୁ ୦-୩ରେ ସିରିଜ ହାରିଥିଲା। ୧୨ବର୍ଷ ପୂର୍ବେ କୋହଲିଙ୍କ ପଦାର୍ପଣ ପରଠାରୁ ଭାରତ ବିପକ୍ଷରେ ଶ୍ରୀଲଙ୍କା କୌଣସି ଫର୍ମାଟରେ ସିରିଜ ବିଜୟୀ ହୋଇପାରି ନାହିଁ, ସେମାନେ କ୍ରମାଗତ ୧୬ଟି ଗେମ୍‌ରେ ପରାସ୍ତ ହୋଇଛନ୍ତି। ତେବେ ୨୦୧୪ ଟି୨୦ ବିଶ୍ୱକପ୍ ଫାଇନାଲରେ ଶ୍ରୀଲଙ୍କା ଭାରତକୁ ପରାସ୍ତ କରିଥିଲା।

### ତେନ୍ଦୁଲକରଙ୍କ ହୃଦୟ ଜିଣିଲେ ଦିବ୍ୟାଙ୍ଗ

**ମୁମ୍ବାଇ,୪।୧:** ଛତିଶଗଡ଼ର ଦାନ୍ତେୱାଡାରେ ରହୁଥିବା ଦିବ୍ୟାଙ୍ଗ ଶିଶୁ ନିଜ କ୍ରିକେଟ ଖେଳ ବଳରେ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ହୃଦୟ ଜିଣି ନେଇଛନ୍ତି। ତାଙ୍କ ନାମ ମଡ୍ଡା ରାମ। ସେ ଭଲ କ୍ରିକେଟ ଖେଳନ୍ତି। ସାଙ୍ଗମାନଙ୍କ ସହ ସେ କ୍ରିକେଟ ଖେଳୁଥିବା ବେଳର ଏକ ଭିଡିଓ ସଚିନ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ନିକଟରେ ଉକ୍ତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ତାଙ୍କ ଗୋଡ଼ର ଆଣ୍ଠୁ ତଳକୁ ଅଚଳ ଥିଲେ ମଧ୍ୟ ଏହାକୁ ସେ ଖାତିର କରନ୍ତି ନାହିଁ। କ୍ରିକେଟ ଖେଳିବାବେଳେ ସେ ଦୌଡ଼ିବା ପାଇଁ ହାତ ବ୍ୟବହାର କରନ୍ତି।

# ଫୋକସ୍‌ରେ ବୁମ୍‌ରା

**ଗୁଆହାଟୀ, ୪।୧ (ପି.ଟି.)**

ସ୍ଥାନୀୟ ବର୍ସପାରା କ୍ରିକେଟ ଷ୍ଟାଡିୟମରେ ରବିବାର ଭାରତ ଓ ଭ୍ରମଣକାରୀ ଶ୍ରୀଲଙ୍କା ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ନୂଆବର୍ଷର ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ଭାରତ ରହିଛି। ବ୍ୟାକ୍ ଷ୍ଟ୍ରେସ୍ ଫ୍ରାକ୍‌ଚର ଭଳି ଆଘାତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରିଥିବା ତାରକା ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜର ପ୍ରଥମ ମ୍ୟାଚ୍ ଖେଳିବା ପାଇଁ ଦଳରେ ସ୍ଥାନ ପାଇଛନ୍ତି। ଫଳରେ ସେ ସମସ୍ତଙ୍କ ନଜରରେ ରହିଛନ୍ତି। ଇଞ୍ଜୁରି କାରଣରୁ ୨୬ ବର୍ଷୀୟ ବୁମ୍‌ରା ୪ ମାସ କ୍ରିକେଟରୁ ଦୂରେଇ ରହିଥିଲେ। ଫିଟ୍‌ନେସର ପ୍ରମାଣ ପାଇଁ ତାଙ୍କୁ ଗୁଜରାଟ ତରଫରୁ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିବାକୁ କୁହାଯାଇଥିଲା। ତେବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ଏ ମାମଲାରେ ମୁଣ୍ଡ ପୂରାଇଥିଲେ। ଫଳରେ ତାଙ୍କୁ ସିଧାସଳଖ ଏହି ମ୍ୟାଚ୍ ଖେଳିବାର ସୁଯୋଗ ମିଳିଥିଲା।

୨୦୧୯ରେ ବିଶ୍ୱକପ୍ ପାଇଁ ଦିନିକିଆ ଫର୍ମାଟ ଉପରେ ଅଧିକ ଧ୍ୟାନ ଦିଆଯାଇଥିଲା। ତେବେ ୨୦୨୦ରେ ଟି୨୦ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। କାରଣ ଏହି ବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଭାରତ ମଧ୍ୟ ଏହି ମେଗା ଇଭେଣ୍ଟ ପୂର୍ବରୁ ୧୫ଟି ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ଅକ୍ଟୋବରରେ ପର୍ଥରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟି୨୦ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ବିଶ୍ୱକପ୍ ଦଳ ଚୟନ ପାଇଁ ଏହି ସିରିଜ ତଥା ଖେଳାଯିବାକୁ ଥିବା ୧୫ଟି ମ୍ୟାଚ୍ ବେଶ୍ ଗୁରୁତ୍ୱ ବହନ କରୁଛି। କୋଚ୍ ରବି ଶାସ୍ତ୍ରୀ ଓ ଅଧିନାୟକ ବିରାଟ କୋହଲି ମଧ୍ୟ ଏହି ସିରିଜରେ ଖେଳାଳିଙ୍କ ପ୍ରଦର୍ଶନ ଉପରେ ନଜର ରଖିବେ।

ନାଗରିକତ୍ୱ ସଂଶୋଧନ ଆଇନକୁ ନେଇ ଆସାମରେ ପ୍ରଥମେ ବିରୋଧ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତେବେ ବର୍ତ୍ତମାନ ଏଠାରେ ସ୍ଥିତି ପୂରା ସାମାନ୍ୟ ତଥା ଶାନ୍ତ ରହିଛି। ଫଳରେ ମ୍ୟାଚ୍ ଆୟୋଜନ ନେଇ କୌଣସି ସମସ୍ୟା ରହିବ ନାହିଁ ବୋଲି ଆଶା କରାଯାଉଛି। ଡେଥ୍ ଓଭରରେ ନବଦୀପ ସଇନି ଓ ଶାର୍ଦ୍ଦୁଳ ଠାକର କିଭଳି ଚାପକୁ ନିୟନ୍ତ୍ରଣ କରୁଛନ୍ତି ତାହା ଏହି ମ୍ୟାଚ୍‌ରେ ଦେଖିବାକୁ ମିଳିବ। ବୁମ୍‌ରା ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ମହମ୍ମଦ ସାମିଙ୍କୁ ବିଶ୍ରାମ ଦିଆଯାଇଛି। ସେହିପରି ଦୀପକ ଚହର ଓ ଭୁବନେଶ୍ୱର କୁମାର ଯଥାକ୍ରମେ ଷ୍ଟ୍ରେସ୍ ଫ୍ରାକ୍‌ଚର ଓ ସ୍ପୋର୍ଟ୍ସ ହର୍ନିଆ ପାଇଁ ଦଳରୁ ବାଦ୍ ପଡିଛନ୍ତି। ସ୍ପିନ୍ ବିଭାଗରେ କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କ ମଧ୍ୟରୁ ଜଣଙ୍କୁ ୱାଶିଂଟନ ସୁନ୍ଦରଙ୍କ ପାଇଁ ବେଞ୍ଚରେ ବସିବାକୁ ପଡିବ ବୋଲି ଆଶା କରାଯାଉଛି। ସେହିପରି ହାର୍ଦ୍ଦିକ ପାଣ୍ଡ୍ୟା ସମ୍ପୂର୍ଣ୍ଣ ଫିଟ୍ ନ ହେବା ପର୍ଯ୍ୟନ୍ତ ଶିବମ ଦୁବେ ଜଣେ ବିଗ୍ ହିଟର ଭାବେ ଦଳରେ ସ୍ଥାନ ବଜାୟ ରଖିବେ। ଉଇକେଟକିପର ହିସାବରେ ରିଷଭ ପନ୍ତ ଅସ୍ଥିର ପ୍ରଦର୍ଶନ କରୁଥିବା ନେଇ ଚର୍ଚ୍ଚା ହେଉଛି। ପୁଣି ସଞ୍ଜୁ ସାମସନ ଗତ କ୍ରମାଗତ ୬ଟି ମ୍ୟାଚ୍‌ରେ ବେଞ୍ଚରେ ବସି ଆସୁଛନ୍ତି। ଏଥିସହିତ ମହେନ୍ଦ୍ର ସିଂ ଧୋନୀଙ୍କୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ଏପରିସ୍ଥଳେ ଉଇକେଟକିପର ସ୍ଥାନ ନେଇ ଟିକିଏ ଅସ୍ପଷ୍ଟତା ରହିଛି। ବୁମ୍‌ରାଙ୍କୁ ବାଦ୍ ଦେଲେ ଅଭିଜ୍ଞ ଓପନର ଶିଖର ଧାୱନ ମଧ୍ୟ ଆଣ୍ଠୁରେ ଆଘାତ ସମସ୍ୟାରୁ ମୁକ୍ତ ହୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରଣଜୀ ଟ୍ରଫିରେ ମଧ୍ୟ ସେ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ଉପ ଅଧିନାୟକ ତଥା ଓପନର ରୋହିତ ଶର୍ମାଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଧାୱନଙ୍କ ଦାୟିତ୍ୱ ଓ ଗୁରୁତ୍ୱ ବଢିଛି। ସେହିପରି ଅନ୍ୟତମ ଓପନର ଲୋକେଶ ରାହୁଲ ତାଙ୍କ ଫର୍ମ ବଜାୟ ରଖି ଆହୁରି ଅଧିକ ରନ ସଂଗ୍ରହ କରିବେ ବୋଲି ଆଶା କରାଯାଉଛି।

ଗତ ଟି୨୦ ସିରିଜରେ ଶ୍ରୀଲଙ୍କା ଅଷ୍ଟ୍ରେଲିଆଠାରୁ ୩–୦ରେ ପରାସ୍ତ ହୋଇଥିଲା। କୁଶଲ ପେରେରାଙ୍କ ଉପରେ ଶ୍ରୀଲଙ୍କା ଅତ୍ୟଧିକ ନିର୍ଭରଶୀଳ ହୋଇପଡିଛି। ପୂର୍ବତନ ଅଧିନାୟକ ଆଞ୍ଜେଲୋ ମାଥ୍ୟୁସ ପ୍ରତ୍ୟାବର୍ତ୍ତନ କରିବା ପରେ ଦଳ ଆହୁରି ଦୃଢ଼ ହୋଇଛି। ଶେଷଥର ପାଇଁ ସେ ୨୦୧୮ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟି୨୦ ଖେଳିଥିଲେ। ଭାନୁକା ରାଜପାକସା, ଓଶାଡା ଫର୍ନାଣ୍ଡୋ ଓ ଦନୁଷ୍କା ଗୁଣତିଲକାଙ୍କ ଉପରେ ଶ୍ରୀଲଙ୍କା ବ୍ୟାଟିଂ ଲାଇନ ନିର୍ଭର କରୁଛି। ସେହିପରି ଲେଗ୍ ସ୍ପିନର ୱାନିନ୍ଦୁ ହାସରଙ୍ଗା ମଧ୍ୟ କମାଲ କରିବେ ବୋଲି ଆଶା କରାଯାଉଛି। ଭାରତ ଶେଷଥର ପାଇଁ ଏଠାରେ ୨୦୧୭ ଅକ୍ଟୋବର ୧୦ ତାରିଖରେ ଅଷ୍ଟ୍ରେଲିଆଠାରୁ ଟି୨୦ ମ୍ୟାଚ୍‌ରେ ପରାସ୍ତ ହୋଇଥିଲା। ଏଠାରେ ଭାରତର ରେକର୍ଡ ସେତେଟା ଭଲ ନାହିଁ। ଫଳରେ ବିଜୟୀ ହୋଇ ଭାରତ ରେକର୍ଡରେ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି। ରବିବାର ଖେଳାଯାଉଥିବାରୁ ଘରୋଇ ଦର୍ଶକଙ୍କ ଉପସ୍ଥିତିରେ ଏହି ମ୍ୟାଚ୍ ବେଶ୍ ଉପଭୋଗ୍ୟ ଓ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।



ନେଟ୍ସରେ ବ୍ୟାଟିଂ ଅଭ୍ୟାସ କରୁଛନ୍ତି ବିରାଟ କୋହଲି।

### ଆଜି ଭାରତ-ଶ୍ରୀଲଙ୍କା ପ୍ରଥମ ଟି୨୦

- **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ସଞ୍ଜୁ ସାମସନ, ରିଷଭ ପନ୍ତ (ଉଇକେଟ କିପର), ଶିବମ୍ ଦୁବେ, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ରବୀନ୍ଦ୍ର ଜାଡେଜା, ଯଶପ୍ରୀତ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର, ନବଦୀପ ସଇନି ଓ ୱାଶିଂଟନ ସୁନ୍ଦର।
- **ଶ୍ରୀଲଙ୍କା ଦଳ:** ଲାସିଥ ମାଲିଙ୍ଗା (ଅଧିନାୟକ), ଦନୁଷ୍କା ଗୁଣତିଲକା, ଅଭିଷ୍କା ଫର୍ନାଣ୍ଡୋ, ଆଞ୍ଜେଲୋ ମାଥ୍ୟୁସ, ଦସୁନ ସନକା, କୁଶଲ ପେରେରା, ନିରୋଶାନ ଡିକ୍‌ୱେଲା, ଧନଞ୍ଜୟ ଡି ସିଲଭା, ଇସିରୁ ଉଡାନା, ଭାନୁକା ରାଜପାକ୍ସା, ଓଶାଡା ଫର୍ନାଣ୍ଡୋ, ୱାନିନ୍ଦୁ ହାସରଙ୍ଗା, ଲାହିରୁ କୁମାରା, କୁଶଲ ମେଣ୍ଡିସ୍, ଲକ୍ଷଣ ସନ୍ଦକାନ ଓ କାସୁନ ରଜିଥା।

| ମ୍ୟାଚ୍ ଆରମ୍ଭ | ସ୍ଥାନ | ପ୍ରସାରଣ |
|---|---|---|
| ସନ୍ଧ୍ୟା ୭ଟା | ଗୁଆହାଟୀ | ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ |

### ନ୍ୟୁଜିଲାଣ୍ଡ ଗସ୍ତ ନେଇ ଚିନ୍ତାରେ ବିସିସିଆଇ

**ମୁମ୍ବାଇ,୪।୧:** ଚଳିତବର୍ଷ ଜାନୁୟାରୀରେ ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ଆୟୋଜନ କରିବା ପରେ ଭାରତୀୟ ଦଳ ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ଲମ୍ବା ସିରିଜ୍ ଖେଳିବ। ସେଠାରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୫ ଟି୨୦ ମ୍ୟାଚ୍ ବିଶିଷ୍ଟ ସିରିଜ୍, ୩ ଦିନିକିଆ ଓ ଦୁଇ ଟେଷ୍ଟ ସିରିଜ୍ ଖେଳାଯିବ। ଏଥିପୂର୍ବରୁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳର ସୁରକ୍ଷା ନେଇ ବିସିସିଆଇ ଚିନ୍ତା ପ୍ରକଟ କରିଛି। ଏ ସମ୍ପର୍କରେ ବିସିସିଆଇ ଓ ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଜାରି ରହିଛି। ସାଧାରଣତଃ ନ୍ୟୁଜିଲାଣ୍ଡକୁ ସୁରକ୍ଷିତ ଦେଶମାନଙ୍କ ମଧ୍ୟରେ ଗଣନା କରାଯାଏ। ମାତ୍ର ଟିମ୍ ଇଣ୍ଡିଆର ସୁରକ୍ଷା ନେଇ ଟିକେ ବି ରିସ୍କ ନେବାକୁ ଚାହୁଁନାହିଁ। ଭାରତୀୟ ଦଳ ପୂର୍ବରୁ ଇଣ୍ଡିଆ ଏ' ଦଳ ନ୍ୟୁଜିଲାଣ୍ଡ ଗସ୍ତ କରିବ। ତେବେ ବିସିସିଆଇର ଚିନ୍ତାର କାରଣ ହେଉଛି, ଗତବର୍ଷ ମାର୍ଚ୍ଚରେ ନ୍ୟୁଜିଲାଣ୍ଡର ଖ୍ରୀଷ୍ଟଚର୍ଚ୍ଚର ଦୁଇ ମସ୍‌ଜିଦରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏଥିରେ ୫୦ ଜଣ ପ୍ରାଣ ହରାଇଥିଲେ। ଆକ୍ରମଣରୁ ବାଂଲାଦେଶ ଦଳ ଅଳ୍ପକେ ବର୍ତ୍ତି ଯାଇଥିଲା। ଏଣୁ ଦ୍ୱିତୀୟ ଟେଷ୍ଟ ବାତିଲ ମଧ୍ୟ କରାଯାଇଥିଲା। ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡର ମୁଖ୍ୟ କାର୍ଯ୍ୟକାରୀ ଡେଭିଡ ହ୍ୱାଇଟ କହିଛନ୍ତି, ନ୍ୟୁଜିଲାଣ୍ଡ ଗସ୍ତ କରିବାକୁ ଥିବା ସମସ୍ତ ଦଳର ସୁରକ୍ଷା ବ୍ୟବସ୍ଥା ପୂର୍ବାପେକ୍ଷା ବଢ଼ାଇ ଦିଆଯାଇଛି। ଆଉ ସୁରକ୍ଷା ବ୍ୟବସ୍ଥା ତଥ୍ୟ କାହାକୁ ଦିଆଯିବ ନାହିଁ। କାରଣ ସମସ୍ୟା ହୋଇପାରେ। ଆମେ ଏହି ମାମଲାକୁ ଗମ୍ଭୀରତାର ସହ ନେଇଛୁ। ଏଥିନେଇ ବିସିସିଆଇ ସହ ଆଲୋଚନା ଚାଲିଛି। କେବଳ ସୁରକ୍ଷା ନୁହେଁ, ଖେଳାଳିଙ୍କ ଖାଦ୍ୟ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି। ଭାରତୀୟ ଦଳର ବହୁ ଖେଳାଳି ନିରାମିଷ ଖାଦ୍ୟ ଗ୍ରହଣ କରୁଛନ୍ତି। ଆଉ ନ୍ୟୁଜିଲାଣ୍ଡରେ ନିରାମିଷ ଖାଦ୍ୟ ମିଳେନାହିଁ।

# ଯୁବିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଚଣ୍ଡିଗଡ଼,୪।୧:** ୨୦୦୭ ଟି୨୦ ବିଶ୍ୱକପ୍ ଓ ୨୦୧୧ ଆଇସିସି ବିଶ୍ୱକପ୍‌ରେ ଚାମ୍ପିୟନ ଭାରତୀୟ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଯୁବରାଜ ସିଂ (ଯୁବି)ଙ୍କ ଏକ ମୂର୍ତ୍ତି ସ୍ଥାପନ କରାଯାଇଛି। ଫିରୋଜପୁର ଜିଲା କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡ ବାହାରେ ଥିବା ଏହି ମୂର୍ତ୍ତିକୁ ସ୍ଥାନୀୟ ରାଜନେତା ନୂଆବର୍ଷ ଦିନ ଉନ୍ମୋଚନ କରିଛନ୍ତି। ନିକଟ ଅତୀତରେ ବିରାଟ କୋହଲି, ଗୌତମ ଗମ୍ଭୀର ଓ ମହେନ୍ଦ୍ର ସିଂ ଧୋନୀଙ୍କ ଭଳି ଖେଳାଳିଙ୍କ ନାମରେ ଷ୍ଟାଡିୟମର ଷ୍ଟାଣ୍ଡ ନାମିତ ହେବାର ଦୃଷ୍ଟାନ୍ତ ରହିଛି। ହେଲେ ଖୁବ କମ୍ କ୍ରିକେଟରଙ୍କ ମୂର୍ତ୍ତି ସ୍ଥାପନ ହୋଇଛି। ୨୦୧୩ରେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ବିହାରରେ ନିଜ ମୂର୍ତ୍ତି ଉନ୍ମୋଚନ କରିଥିଲେ। ତାଙ୍କ ପରେ ଯୁବିଙ୍କ ପ୍ରଥମ କ୍ରିକେଟର ଭାବେ ମୂର୍ତ୍ତି ସ୍ଥାପନ ହୋଇଛି। ଉଲ୍ଲେଖଯୋଗ୍ୟ, ୨୦୧୯ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିବା ପୂର୍ବତନ ଅଲରାଉଣ୍ଡର ୩୦୪ ଦିନିକିଆ ଖେଳି ୩୬.୫୫ ହାରରେ ୧୪ ଶତକ ସହ ୮,୭୦୧ ରନ୍ କରିଥିଲେ। ତା' ସହ ୧୨୦ ଉଇକେଟ ମଧ୍ୟ ନେଇଛନ୍ତି। ୪୦ ଟେଷ୍ଟ ଖେଳି ୧,୯୦୦ ରନ୍ କରିଛନ୍ତି। ୫୮ ଟି୨୦ ମ୍ୟାଚ୍ ଖେଳିଥିବା ଯୁବିଙ୍କ ନାମରେ ୧,୧୭୭ ରନ୍ ରହିଛି। ଅର୍ଜୁନ ପୁରସ୍କାରପ୍ରାପ୍ତ ଯୁବି କର୍କଟ ରୋଗରୁ ମୁକ୍ତ ହୋଇ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିଥିଲେ। ଆଉ ଆଇପିଏଲ୍‌ରେ ୧୪ ଟଙ୍କାରେ ବିକ୍ରି ହୋଇଥିଲା, ଏହା ଏପର୍ଯ୍ୟନ୍ତ ଭାରତୀୟ ଖେଳାଳିଙ୍କ ମଧ୍ୟରେ ରେକର୍ଡ ହୋଇରହିଛି।



# ଇର୍ଫାନଙ୍କ ଅବସର

- ଯୁଥ୍ ଦିନିକିଆରେ ଶ୍ରେଷ୍ଠ ବୋଲିଂ ଫିଗର: ୯/୧୬ ବନାମ ବାଂଲାଦେଶ (୨୦୦୩)
- ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଓଭରରେ ହ୍ୟାଟ୍ରିକ ନେବାରେ ଏକମାତ୍ର ବୋଲର।
- ଟି୨୦ ବିଶ୍ୱକପ୍ ପ୍ରଥମ ସଂସ୍କରଣ ଫାଇନାଲର ଶ୍ରେଷ୍ଠ ଖେଳାଳି।
- ୱାକା ଗ୍ରାଉଣ୍ଡରେ ଶ୍ରେଷ୍ଠ ଖେଳାଳି ପୁରସ୍କାର (ଟେଷ୍ଟରେ) ପାଇବାରେ ଏକମାତ୍ର ଏସିଆ ଖେଳାଳି।

**ନୂଆଦିଲ୍ଲୀ,୪।୧:** ଭାରତୀୟ ଅଲରାଉଣ୍ଡର ଇର୍ଫାନ ପଠାନ ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଏହି ବାମହାତୀ ପେସର ଭାରତ ପାଇଁ ୧୯ ଟେଷ୍ଟ, ୧୨୦ ଦିନିକିଆ ଓ ୨୪ ଟି୨୦ ଖେଳି ୩୦୧ ଉଇକେଟ ନେଇଥିଲେ। ଇର୍ଫାନ ୧୯ ବର୍ଷ ବୟସରେ ୨୦୦୩ରେ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ଆଡିଲେଡ ଟେଷ୍ଟରେ ସେ ଗୋଟିଏ ଉଇକେଟ ହାତେଇଥିଲେ। ମାଥ୍ୟୁ ହେଡେନ ତାଙ୍କ ପ୍ରଥମ ଶିକାର ଥିଲେ। ୨୦୦୬ରେ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ର ପ୍ରଥମ ଓଭରରେ ହ୍ୟାଟ୍ରିକ ନେବା ଓ ୨୦୦୭ ଟି୨୦ ବିଶ୍ୱକପ୍ ଫାଇନାଲରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇବା ତାଙ୍କ କ୍ୟାରିୟରର ଉଲ୍ଲେଖନୀୟ ସଫଳତା। ସେ ବହୁବାର ଓପନର ଓ ୩ ନମ୍ବରରେ ବ୍ୟାଟିଂ କରିଥିଲେ। ୨୯ ଟେଷ୍ଟରେ ୩୧.୫୭ ଆଭରେଜରେ ଗୋଟିଏ ଶତକ ଓ ୬ ଅର୍ଦ୍ଧଶତକ ସହ ୧,୧୦୫ ରନ୍ କରିଥିଲେ। ଗତି ଓ ସୁଇଂ ହ୍ରାସ ପାଇବା ପରେ ଜାତୀୟ ଦଳରେ ତାଙ୍କ ଲାଗି ସ୍ଥାନ ହାତେଇବା କଷ୍ଟକର ହୋଇପଡ଼ିଥିଲା। ୨୦୦୮ରେ ଅନ୍ତିମ ଟେଷ୍ଟ ଖେଳିଥିବାବେଳେ କ୍ୟାରିୟରର ଅନ୍ତିମ ଦିନିକିଆ ଓ ଟି୨୦ ୨୦୧୨ରେ ଖେଳିଥିଲେ। ଏହାପରେ ସେ ଘରୋଇ କ୍ରିକେଟରେ ମଧ୍ୟ ଆଖିଦୃଶିଆ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ। କ୍ୟାରିୟରରେ ପ୍ରାୟତଃ ବରୋଦା ପାଇଁ ଖେଳିଥିବା ଇର୍ଫାନ ଗତ ସିଜନରେ ଜମ୍ମୁ-କଶ୍ମୀର ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ୩୫ ବର୍ଷୀୟ ଅଲରାଉଣ୍ଡର ୨୦୧୭ରେ ଅନ୍ତିମ ଆଇପିଏଲ ମ୍ୟାଚ୍ ଖେଳିଥିଲେ।

### ସଂକ୍ଷେପରେ କ୍ୟାରିୟର

| ଫର୍ମାଟ୍ | ମ୍ୟାଚ୍ | ରନ୍ | ଉଇକେଟ୍ |
|---|---|---|---|
| ଟେଷ୍ଟ | ୨୯ | ୧୧୦୫ | ୧୦୦ |
| ଦିନିକିଆ | ୧୨୦ | ୧୫୪୪ | ୧୭୩ |
| ଟି୨୦ | ୨୪ | ୧୭୨ | ୨୮ |
| ପ୍ରଥମ ଶ୍ରେଣୀ | ୧୨୨ | ୪୫୫୯ | ୩୮୪ |
| ଲିଷ୍ଟ-ଏ | ୧୯୩ | ୨୪୫୪ | ୨୭୨ |



# ସାକ୍ଷୀଙ୍କୁ ହରାଇଲେ ସୋନମ୍

**ଲକ୍ଷ୍ନୌ,୪।୧:** ଦୁଇ ଥର ବିଶ୍ୱ କ୍ୟାଡେଟ୍ ଚାମ୍ପିୟନ ସୋନମ୍ ମଲିକ ରିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକଧାରୀ ସାକ୍ଷୀ ମଲିକଙ୍କୁ ଚକିତ କରିଦେଇଛନ୍ତି। ସେହିଭଳି ଉଦୀୟମାନ ଜୁନିୟର ଅଂଶୁ ମଲିକ ବିଶ୍ୱ ଚାମ୍ପିୟନଶିପ ପଦକଧାରୀ ପୂଜା ଧାଣ୍ଡାଙ୍କୁ ପରାସ୍ତ କରି ଏସିଆନ୍ ଚାମ୍ପିୟନଶିପ ପାଇଁ ଭାରତୀୟ ଦଳରେ ସ୍ଥାନ ପକ୍କା କରିଛନ୍ତି। ଉଭୟ ସୋନମ୍ ଓ ଅଂଶୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ସୋନମ୍ ଦ୍ୱିତୀୟାର୍ଦ୍ଧ ଆରମ୍ଭ ହେବା ବେଳକୁ ୪–୬ ପଏଣ୍ଟରେ ପଛୁଆ ଥିଲେ। କିନ୍ତୁ ଅନ୍ତିମ ୩ ସେକେଣ୍ଡରେ ଚମତ୍କାର ପ୍ରଦର୍ଶନ କରି ବାଉଟ୍‌କୁ ୧୦–୧୦ ବରାବର ସ୍ଥିତିକୁ ଆଣିଥିଲେ। ନିୟମ ଅନୁଯାୟୀ, ମ୍ୟାଚ୍‌ରେ ଅନ୍ତିମ ପଏଣ୍ଟ ହାସଲ କରିଥିବା ଯୋଦ୍ଧାଙ୍କୁ ବିଜେତା ଘୋଷଣା କରାଯାଇଥିଲା। ୫୭ କେଜି ବର୍ଗରେ ରାଧିକା ପ୍ରଥମେ ପୂଜା ଓ ପରେ ମାନ୍‌ସିଙ୍କୁ ପରାସ୍ତ କରିଥିଲେ। ଏହାବାଦ୍ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଆଶାନୁଯାୟୀ ଫଳାଫଳ ମିଳିଛି। ଭିନେଶ ଫୋଗତ (୫୩ କେଜି) ଓ ଦିବ୍ୟା କାକ୍‌ରନ (୬୮ କେଜି) ସହଜ ବିଜୟ ହାସଲ କରିଛନ୍ତି।



# ରୋମାଞ୍ଚକ ହେବନି ୪ ଦିନିଆ ଟେଷ୍ଟ

**ଗୌତମ ଗମ୍ଭୀର**

ଜୟସାଲମାରରେ ଥିବା ବେଳେ ପରିବାର ଓ ବନ୍ଧୁଙ୍କ ସହ ନୂଆବର୍ଷକୁ ସ୍ୱାଗତ କରିଥିଲି। ତେବେ ସବୁ ପ୍ରକାର ସେଲିବ୍ରେଶନ ଓ ଖାଇବା ପିଇବା ବେଳେ କ୍ରିକେଟ ନେଇ ମଧ୍ୟ ଚର୍ଚ୍ଚା କରିଥିଲୁ। କ୍ରିକେଟରେ କିଛି ଅଭାବ ଥିବା ଭଳି ମନେ ହେଉଥିଲା। ଦିବାରାତ୍ର ଟେଷ୍ଟକୁ କେତେକେ ଭବିଷ୍ୟତ ବୋଲି ବିଚାର କରୁଛନ୍ତି। ଆଉ କେତେକେ ଖେଳାଳିଙ୍କ ଫିଟ୍‌ନେସ ମ୍ୟାନେଜମେଣ୍ଟରେ ଉନ୍ନତି ଆଣିବା ଜରୁରୀ ବୋଲି ଭାବୁଛନ୍ତି। କ୍ରିକେଟକୁ ଏକ ବିଶ୍ୱସ୍ତରୀୟ କ୍ରୀଡ଼ାରେ ପରିଣତ କରିବାକୁ ଏକ ଆମେରିକୀୟ ମାର୍କେଟିଂ ପ୍ରୟାସର ଆବଶ୍ୟକତା ରହିଛି ବୋଲି ଶୁଣିବାକୁ ପାଇଛି। ତେବେ ଏ ସଂକ୍ରାନ୍ତରେ ମୋର ବିଚାର ଭିନ୍ନ ରହିଛି। ଚାମ୍ପିୟନ କ୍ରିକେଟରଙ୍କ ଅଭାବ ଓ ଜୀବନ୍ତ ପିଚ୍, ଏହି ଦୁଇଟି ଏବେ ନିହାତି ଜରୁରୀ ହୋଇପଡିଛି ବୋଲି ଭାବୁଛି।

ଭାରତ ଇତିମଧ୍ୟରେ ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜରୁ ନୂଆବର୍ଷର ଅଭିଯାନ ଆରମ୍ଭ କରିବାକୁ ଯାଉଛି। ଶ୍ରୀଲଙ୍କା ତରଫରୁ କେଉଁ ଦୁଇଜଣ ବ୍ୟାଟିଂ କରିବେ ସେ ପ୍ରାୟ ଅନେକ ଜାଣି ନ ଥିଲେ। ଆଞ୍ଜେଲୋ ମାଥ୍ୟୁସ ଓ ଲସିଥ୍ ମାଲିଙ୍ଗାଙ୍କୁ ବାଦ୍ ଦେଲେ ଆଉ କୌଣସି ଶ୍ରୀଲଙ୍କା କ୍ରିକେଟରଙ୍କୁ ପ୍ରାୟ ପ୍ରଶଂସକ ଜାଣି ନ ଥିବେ। ଅବଶ୍ୟ କେତେଜଣ ଉତ୍ସାହୀ ପ୍ରଶଂସକ କୁଶଲ ପେରେରାଙ୍କୁ ଜାଣିଥିବେ। କେବଳ ଶ୍ରୀଲଙ୍କା ନୁହଁ ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନର ପରିସ୍ଥିତି ମଧ୍ୟ ସମାନ ବୋଲି କୁହାଯାଇପାରେ। ଅବଶ୍ୟ ଏ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ୱେଷ୍ଟଇଣ୍ଡିଜ ଓ ନ୍ୟୁଜିଲାଣ୍ଡ ଅପେକ୍ଷାକୃତ ଆଗରେ ରହିବେ। ଏହି ଦୁଇ ଦଳର ଷ୍ଟାର ପାୱାର ଅଧିକ ବୋଲି କୁହାଯାଇପାରେ। ତେବେ ନୂଆ ପ୍ରଶଂସକଙ୍କୁ ଆକର୍ଷଣ କରିବାରେ ଏହି ଦୁଇ ଦଳର ତାରକା କେତେ ସମର୍ଥ ସେକଥା ମଧ୍ୟ କହିବା କଷ୍ଟକର।

#WhatDrivesYou
EXIDE

ଖେଳାଳିଙ୍କୁ ଅତ୍ୟଧିକ ନିରୀକ୍ଷଣରେ ରଖିବା ଉଚିତ୍ ନୁହଁ ବୋଲି ଭାବୁଛି। କ୍ରିକେଟରେ ଏବେ ମ୍ୟାଚ୍ ରେଫରିଙ୍କ ଭୂମିକା ବଢିବାରେ ଲାଗିଛି। କିନ୍ତୁ ରୋବଟ ବଦଳରେ କ୍ରିକେଟ ଏବେ ବଡ଼ ଖେଳାଳି ଓ କ୍ରୀଡ଼ା ନୈପୁଣ୍ୟତା ଆବଶ୍ୟକ କରୁଛି। କ୍ରିକେଟ ଏବେ ମସଲାଦାର ପିଚ୍ ଆବଶ୍ୟକ କରୁଛି। ସବୁ ଫର୍ମାଟରେ ଏବେ ଚାରି ଓ ଛକାର ଆବଶ୍ୟକତା ରହିଛି। ତେବେ ବ୍ୟାଟ ଓ ବଲ୍‌ର ସନ୍ତୁଳନ ରହିବା ନିହାତି ଜରୁରୀ। ବ୍ୟାଟ୍ସମ୍ୟାନ ଓ ବୋଲରଙ୍କ ଭୂମିକା ସମାନ ରହିବା ଆବଶ୍ୟକ।

୪ ଦିନିଆ ଟେଷ୍ଟ ନେଇ ଆଲୋଚନ ହେଉଥିବା ବେଳେ ଏହା ନିହାତି ହାସ୍ୟାସ୍ପଦ ବୋଲି ମନେକରୁଛି। ଏହି ପରିକଳ୍ପନାକୁ ଯେତେଶୀଘ୍ର ପରିତ୍ୟାଗ କରାଯିବ ସେତେ ଭଲ ହେବ ବୋଲି ଭାବୁଛି। ୪ ଦିନ ମଧ୍ୟରେ ଟେଷ୍ଟ ଖେଳାଗଲେ ମ୍ୟାଚ୍ କେବଳ ଅମୀମାଂସିତ ରହିବା ସାର ହେବ। ସ୍ପିନରମାନେ ଏଥିରେ ଗୌଣ ହୋଇଯିବେ। ପଞ୍ଚମ ଦିବସ ପିଚ୍‌ର ରୋମାଞ୍ଚ ମଧ୍ୟ ଦେଖିବାକୁ ମିଳିବ ନାହିଁ। ଏହା ମଧ୍ୟ ଆଦୌ ରୋମାଞ୍ଚକ ହେବନାହିଁ। ଲେଗ ବାଇକୁ ଉଚ୍ଛେଦ କରିବା ନେଇ ମାର୍କ ୱ ଦେଇଥିବା ମନ୍ତବ୍ୟକୁ ସ୍ୱାଗତ କରୁଛି। ବଲକୁ ଖେଳିବା ହେଉଛି ବ୍ୟାଟିଂ। କିନ୍ତୁ ତାକୁ ମିସ୍ କରିବା ବ୍ୟାଟିଂ ନୁହଁ। ଦୀର୍ଘଦିନ ପରେ ଜଣେ କେହି ପ୍ରକୃତ ମନ୍ତବ୍ୟ ଦେଇଛନ୍ତି।

ରବିବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଭାରତ- ଶ୍ରୀଲଙ୍କା ସିରିଜ ପ୍ରତିଭା ଚିହ୍ନଟରେ ସହାୟକ ହେବ ବୋଲି ଭାବୁଛି। ଏହି ସିରିଜରେ ନୂଆ ପ୍ରତିଭାଙ୍କୁ ନେଇ ପରୀକ୍ଷା ନିରୀକ୍ଷା କରିହେବ। ଗୁଆହାଟୀର ଏହି ନୂଆ ପିଚ୍ ଏକ ସୁନ୍ଦର ଭେନ୍ୟୁ। ଏଠାରେ ଏକ ରୋମାଞ୍ଚକ ମ୍ୟାଚ୍ ଦେଖିବାକୁ ମିଳିବ ବୋଲି ଆଶା କରୁଛି। ଭାରତ ବିଜୟରୁ ନୂଆବର୍ଷର ଅଭିଯାନ କରିବ ବୋଲି ଆଶା କରୁଛି।

**(ଗେମ୍ ପ୍ଲାନ/ ଦୀନେଶ ଚୋପ୍ରା ମିଡିଆ)**

ଧରିତ୍ରୀ
DHARITRI

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ତୋଫାନ



ଶଙ୍କର



ଗିରିଶ



ବଳିୟାରସିଂ



ବନ୍ଦିସ



ଅଭିଷେକ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

## ଖୁଣ୍ଟବନ୍ଧ ସରପଞ୍ଚ ବହିଷ୍କୃତ

ବୌଦ୍ଧ,୪।୧(ସ୍ୱ.ପ୍ର)

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ସରପଞ୍ଚ ମିତ୍ରଭାନୁ ପ୍ରଧାନଙ୍କୁ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ଚିଠି ନମ୍ବର ୨୪୦୯୨ ଅନୁସାରେ ବହିଷ୍କାର କରାଯାଇଛି। ପୂର୍ବରୁ ଉକ୍ତ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟମାନେ ଜିଲାପାଳଙ୍କ ନିକଟରେ ସରପଞ୍ଚ ପ୍ରଧାନଙ୍କ ଦ୍ୱାରା ହୋଇଥିବା ଆର୍ଥିକ ଅନିୟମିତତା ଓ କାର୍ଯ୍ୟରେ ଅବହେଳା ନେଇ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ପଞ୍ଚାୟତ ଅଧିକାରୀ ମାମଲାର ସବିଶେଷ ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଜିଲାପାଳ ଉକ୍ତ ତଦନ୍ତ ରିପୋର୍ଟ ପାଇବା ପରେ ସରପଞ୍ଚଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗକୁ ଜଣାଇଥିଲେ। ଏହାପରେ ବିଭାଗୀୟ ଚିଠି ନମ୍ବର ୧୫୯୦୦ ଅନୁସାରେ ସରପଞ୍ଚଙ୍କୁ ତାଙ୍କ ପଦବୀରୁ ନିଲମ୍ବିତ କରାଯାଇଥିଲା। ଏହାପରେ ସରକାରଙ୍କ ପକ୍ଷରୁ ତାଙ୍କ ବିରୋଧରେ ହୋଇଥିବା ଅନିୟମିତତା ଅଭିଯୋଗ ସମ୍ପର୍କରେ ଉପଯୁକ୍ତ କାଗଜପତ୍ର ଦାଖଲ କରିବା ପାଇଁ ବ୍ୟକ୍ତିଗତ ଭାବେ ସରପଞ୍ଚ ପ୍ରଧାନଙ୍କୁ ନୋଟିସ ଜାରି କରାଯାଇଥିଲା। କିନ୍ତୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସରପଞ୍ଚ ପ୍ରଧାନ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗକୁ ସନ୍ତୋଷଜନକ କାଗଜପତ୍ର ଦେଇ ନ ପାରିବାରୁ ତାଙ୍କୁ ସରପଞ୍ଚ ପଦବୀରୁ ବହିଷ୍କାର କରାଯାଇଛି।

■ ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରଦାନରେ ବିଭ୍ରାଟ

# କୁଚିଣ୍ଡା ଉପଖଣ୍ଡରେ ମହାବନ୍ଦ

ସମ୍ବଲପୁର/ ଜମନକିରା/ବାମରା/କୁଚିଣ୍ଡା, ୪।୧(ବ୍ୟୁରୋ/ଡି.ଏନ୍.ଏ):



ଶନିବାର ସମ୍ବଲପୁର କୁଚିଣ୍ଡା ଉପଖଣ୍ଡରେ ଚାଷୀଙ୍କ ଧାରଣା।

■ସମସ୍ତ ସରକାରୀ କାର୍ଯ୍ୟାଳୟ ଅଚଳ
■୭ ପର୍ଯ୍ୟନ୍ତ ସମୟ ମାଗିଲା ପ୍ରଶାସନ
■ଯାତାୟାତ ଠପ୍, ଯାତ୍ରୀଙ୍କ ସମସ୍ୟା

୨୦୧୮-୧୯ ଖରିଫ ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରଦାନରେ ବିଭ୍ରାଟ ଯୋଗୁ ପ୍ରାୟ ୧ ବର୍ଷ ହେଲା ଚାଷୀ ଆନ୍ଦୋଳନ ଜାରି ରହିଛି। ହେଲେ ଚାଷୀଙ୍କ ଅସନ୍ତୋଷ ଶନିବାର ଉଗ୍ରରୂପ ଧାରଣ କରିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ କୁଚିଣ୍ଡା ଉପଖଣ୍ଡରେ ମହାବନ୍ଦ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ କୁଚିଣ୍ଡା ଉପଖଣ୍ଡ ବାମରା, କୁଚିଣ୍ଡା, ଜମନକିରା ବ୍ଲକର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ସମେତ ଦୋକାନ, ବଜାର, ସ୍କୁଲ, କଲେଜ, ଶିକ୍ଷା ଅନୁଷ୍ଠାନଗୁଡିକ ବନ୍ଦ ରହିଥିଲା। ଅନ୍ୟପକ୍ଷେ ଚାଷୀ ସଂଗଠନ ପକ୍ଷରୁ ବାମରା, ଜମନକିରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ୩୫ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇ ଆନ୍ଦୋଳନ କରାଯାଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ଏପରି କି ଯାତାୟତ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା। ଫଳରେ ଯାତ୍ରୀମାନଙ୍କ ସହ ଭାରିଯାନ ଗାଡି ଚାଳକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ଚାଷୀ ଆନ୍ଦୋଳନକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଆଲୋଚନା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଜିଲା ଚାଷୀ ସଂଗଠନ ଏବଂ ସ୍ଥାନୀୟ ଚାଷୀ ସଂଗଠନ ଆଲୋଚନାର ପ୍ରସ୍ତାବ ଦେଇଥିଲେ। ଅପରାହ୍ଣ ପ୍ରାୟ ୨ଟାରେ କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାୟକଙ୍କ ସରକାରୀ ବାସଭବନରେ ଆଲୋଚନା ହୋଇଥିଲା। ଏଥିରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ, ଜିଲା ସଭାପତି ମୁରାରୀ ପୁରୋହିତ, ଉପସଭାପତି ହରିଶଙ୍କର ପୁରୋହିତ, ଚନ୍ଦ୍ରଶେଖର ପଣ୍ଡା, ସ୍ଥାନୀୟ ନେତା କୁଶଧ୍ୱଜ ଚୌଧୁରୀଙ୍କୁ ନେଇ ଏକ ପ୍ରତିନିଧି ଭାଗ ନେଇଥିଲେ। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, ପୂର୍ବତନ ବିଧାୟକ ରବି ନାୟକ ଓ କୁଚିଣ୍ଡା ଏସ୍‌ଡିପିଓ ରାଜକିଶୋର ମିଶ୍ର ମଧ୍ୟ ସଭାରେ ଉପସ୍ଥିତ ରହିଥିଲେ। ପ୍ରଶାସନ ପକ୍ଷରୁ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଚାଷୀ ସଂଗଠନକୁ ସମୟ ମଗାଯାଇଥିଲା। ଏପରି କି ଜିଲାପାଳଙ୍କ କାର୍ଯ୍ୟାଳୟରେ ବୀମା କମ୍ପାନୀ, ଚାଷୀ ସଂଗଠନ ଓ ପ୍ରଶାସନ ପକ୍ଷରୁ ଏକ ତ୍ରିପାକ୍ଷିକ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଚାଷୀ ସଂଗଠନ ବିମା ରାଶି ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ନିଜ ଜିଦରେ ଅଟଳ ରହିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ବନ୍ଦ ରହିବ। ସ୍କୁଲ, କଲେଜ ଓ ରାସ୍ତାରୋକୋରୁ ଓହରିଯିବାକୁ ଚାଷୀମାନେ ରାଜି ହୋଇଥିଲେ ।

ସୂଚନାଯୋଗ୍ୟ, ୨୦୧୮-୧୯ ଖରିଫ ଫସଲ ବୀମା ପ୍ରଦାନ ଦାବି ନେଇ ଚାଷୀ ସଂଗଠନ ପକ୍ଷରୁ ଜିଲାପାଳ ଅଫିସ ସମ୍ମୁଖରେ ୪୧ ଅନଶନରେ ବସିଥିଲେ। ସେହିପରି ବାମରା, କୁଚିଣ୍ଡା ଓ ଜମନକିରା ବ୍ଲକରେ ସ୍ଥାନୀୟ ଚାଷୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ପଞ୍ଚାୟତ, ସମବାୟ ସମିତି କାର୍ଯ୍ୟାଳୟରେ ତାଲା ମାରି ଚାଷୀ ପ୍ରତିବାଦ କରୁଛନ୍ତି। ହେଲେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏହାର ପ୍ରତିବାଦ ସ୍ୱରୂପ କୁଚିଣ୍ଡା ଉପଖଣ୍ଡରେ ବନ୍ଦ ପାଳନ କରାଯାଉଥିବା ଚାଷୀ ସଂଗଠନ ପକ୍ଷରୁ କୁହାଯାଇଛି।



ଗିରଫ ୩ ଅଭିଯୁକ୍ତ ।

## ଅପମିଶ୍ରିତ ନିଶାଦ୍ରବ୍ୟ ବିକ୍ରି ସମୟରେ ଚଢ଼ାଉ

ସୋନପୁର,୪।୧(ନି.ପ୍ର.)

**୩ ଗିରଫ, ୨ ବାଇକ ସମେତ ନିଶା ବଟିକା, ସାମଗ୍ରୀ ଜବତ**

ସୁବର୍ଣ୍ଣପୁର ସହରରେ ନିଶା ଦ୍ରବ୍ୟ କାରବାର ବୃଦ୍ଧି ପାଇଛି। ଶନିବାର ଅପମିଶ୍ରିତ ନିଶା ଦ୍ରବ୍ୟ ବିକ୍ରି ହେଉଥିବା ସମୟରେ ସୋନପୁର ଟାଉନ ପୋଲିସ ଦୁଇଟି ସ୍ଥାନରେ ଚଢାଉ କରି ୩ଜଣଙ୍କୁ ଗିରଫ କରିଛି। ରବିବାର ସେମାନଙ୍କୁ କୋର୍ଟଚାଲାଣ କରାଯିବ। ତେଲନଦୀ କୂଳରେ ଅପମିଶ୍ରିତ ନିଶା ଦ୍ରବ୍ୟ ବିକ୍ରି ହେଉଥିବା ପୋଲିସକୁ ସୂଚନା ମିଳିଥିଲା। ଏସଆଇ ସୁବ୍ରତ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ପୋଲିସ ଟିମ ଚଢାଉ କରି ନିଶା ବ୍ୟବସାୟୀ ଚମାରପଡାର କହ୍ନେଇ ଉଗେର(୩୦)ଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ୪ଲିଟର ଅପମିଶ୍ରିତ ନିଶାଦ୍ରବ୍ୟ, ୧୮ଟି ଖାଲି ବୋତଲ, ୨ ଷ୍ଟ୍ରିପ୍ ଆଲ୍ପ୍ରାଜୋନାଲ ବଟିକା, ୫ଟି ଖାଲି କଫସିରପ୍ ବୋତଲ ଓ ଗୋଟିଏ ବାଇକ୍ ନଂ ଓଡି୩୧ବି-୧୪୯୧ ଜବତ ହୋଇଥିଲା। ସେହିପରି ମାଳିପଡାରେ ଅପମିଶ୍ରିତ୍ କଫସିରପ୍ ବିକ୍ରି ହେଉଥିଲା। ସୋନପୁର ଥାନା ଏଏସଆଇ ଏକାଦୋଶିଆ ପଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚଢାଉ କରି ରାୟଗୁରୁପଡାର ନରସିଂହ ବୁଡେକ(୪୩) ଓ ମାଳିପଡାର ଧ୍ରୁବ ମହଲା(୨୫)ଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪୦ ଲିଟର ଅପମିଶ୍ରିତ ନିଶା ଦ୍ରବ୍ୟ, ନିଶା ବଟିକା, କଫସିରପ୍ ଓ ଏକ ବାଇକ୍‌ନଂ ଓଆର୩୧-୨୬୯୬ ଜବତ ହୋଇଛି।

# ପ୍ରେମ ଜାଲରେ ଫସାଇ ଗଣବଳାତ୍କାର

ଝୁମ୍ପୁରା/କେନ୍ଦୁଝର, ୪।୧(ଡି.ଏନ.ଏ./ସ୍ୱ.ପ୍ର.)

**ଦୁର୍ଘଟଣାରୁ ପଦାକୁ ଆସିଲା ସତ**
■୨ଜଣଙ୍କୁ ପଚରାଉଚରା କରୁଛି ପୋଲିସ
■ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ତନାଘନା

କେନ୍ଦୁଝର ଜିଲା ଝୁମ୍ପୁରା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମରେ ଫସାଇ ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବକ ମାସାଧିକ କାଳ ବଳାତ୍କାର କରିବା ପରେ ଗତ ଡିସେମ୍ବର ୩୦ତାରିଖ ସନ୍ଧ୍ୟାରେ ସାଙ୍ଗମାନଙ୍କ ସହ ଗଣବଳାତ୍କାର କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଅସୁରଖୋଲ ଜଙ୍ଗଲରେ ସେମାନେ ଗଣବଳାତ୍କାର କରି ପୀଡିତାଙ୍କୁ ନେଇ ବାଇକ୍ ଯୋଗେ ଫେରିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଡିସେମ୍ବର ୩୧ ତାରିଖ ସକାଳେ ପୀଡିତା ଗୁରୁତର ଅବସ୍ଥାରେ ଅନ୍ୟ ଜଣଙ୍କ ପିଣ୍ଡାରେ ଶୋଇଥିବାବେଳେ ତାଙ୍କ ମା' ଦେଖି ପଚରାଉଚୁରା କରିବା ପରେ ସବୁ ଘଟଣା ପଦାକୁ ଆସିଥିଲା।

ଗ୍ରାମବାସୀ ଓ ପୋଲିସ ସୂଚନା ଅନୁଯାୟୀ ଉକ୍ତ ନାବାଳିକା ଜଣକ ଗରିବ ପରିବାରର ହୋଇଥିବାବେଳେ ତାଙ୍କ ବାପା ମାନସିକ ଅନଗ୍ରସର ଅଟନ୍ତି। ବାପା କିଛି ରୋଜଗାର କରୁ ନ ଥିବାରୁ ମା'ଙ୍କ ସହିତ ତିନି ଭଉଣୀ ମିଶି କାମଧନ୍ଦା କରିଥାନ୍ତି। ବାଡିର ପନିପରିବା ସହିତ ଘରବାରିରେ ଫଳୁଥିବା ଲେମ୍ବୁ ନେଇ ୩ ଭଉଣୀ ଆଖପାଖ ସାପ୍ତାହିକ ହାଟକୁ ଯାଆନ୍ତି। ସମୟକ୍ରମେ ନାବାଳିକା ଜଣକ ଜୁରୁଡି ଅଞ୍ଚଳର ଜଣେ ଯୁବକଙ୍କ ସହିତ ପରିଚିତ ହୋଇଥିଲେ। ସମ୍ପୃକ୍ତ ଯୁବକ ଜଣକ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କୁ ୧ ମାସରୁ ଊର୍ଦ୍ଧ୍ୱ ହେବ ସାପ୍ତାହିକ ହାଟକୁ ନେଇ ବଳାତ୍କାର କରିଆସୁଥିଲେ। ଡିସେମ୍ବର ୩୦ ତାରିଖ ସନ୍ଧ୍ୟାରେ ଯୁବକ ଜଣଙ୍କ ନାବାଳିକାଙ୍କୁ ଅସୁରଖୋଲ ଜଙ୍ଗଲର ଏକ ନିଛାଟିଆ ସ୍ଥାନକୁ ନେଇଯାଇ ସାଙ୍ଗମାନଙ୍କ ସହ ମିଶି ବଳାତ୍କାର କରିଥିଲେ। ବଳାତ୍କାର ପରେ ଯୁବକମାନେ ପୀଡିତାଙ୍କୁ ବାଇକ୍‌ରେ ନେଇ ଫେରିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଡିସେମ୍ବର ୩୧ ତାରିଖ ସକାଳେ ପୀଡିତା ଗୁରୁତର ଅବସ୍ଥାରେ ନିଜ ଘରପାଖ ଅନ୍ୟ ଜଣଙ୍କ ପିଣ୍ଡାରେ ଶୋଇଥିବା ତାଙ୍କ ମା' ଦେଖିଥିଲେ। ଦୁର୍ଘଟଣାରେ ପୀଡିତା ଗୁରୁତର ଆହତ ହେବା ସହିତ ତାଙ୍କ ଗୋଟିଏ ଗୋଡର ଆଣ୍ଠୁ ଚକି ଭାଙ୍ଗିଯାଇଛି। ପୀଡିତାଙ୍କ ମା' ତାଙ୍କୁ ନେଇ କେନ୍ଦୁଝର ଡାକ୍ତଖାନାରେ ଭର୍ତ୍ତି କରାଇଥିଲେ। ସବୁ ଘଟଣା ଜଣାପଡିବା ପରେ ୱାନ୍‌ଷ୍ଟପ ସେଣ୍ଟର ପ୍ରଶାସିକା ଐଶ୍ୱର୍ଯ୍ୟା ଦାସ ଏ ସମ୍ପର୍କରେ ଶୁକ୍ରବାର ପୋଲିସକୁ ଜଣାଇଲେ। ପୀଡିତାଙ୍କ ମା' ଏନେଇ ଥାନାରେ ଏତଲା ଦେଇଛନ୍ତି। ଏତଲାରେ ୨ଜଣ ଯୁବକଙ୍କ ନାମ ଉଲ୍ଲେଖ ରହିଛି। ଝୁମ୍ପୁରା ଥାନା ପୋଲିସ ଏକ ମାମଲା (ନଂ. ୩/୨୦୨୦) ରୁଜୁ କରି ଦଫା ୩୬୩/୫୦୬/ ୩୭୬ ସହିତ ସେକ୍ସନ ୬ରେ ପୋକ୍‌ସୋ ଆଇନ୍ ଲଗାଇଛି। ଗୁରୁତର ଥିବା ପୀଡିତା ଏବେ କେନ୍ଦୁଝର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ୨ ଅଭିଯୁକ୍ତଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରୁଥିବା ଝୁମ୍ପୁରା ଆଇଆଇସି ବିରଞ୍ଚି ବାଗ ସୂଚନା ଦେଇଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ତନାଘନା ଚଳାଇଥିବା ସେ କହିଛନ୍ତି।

**ବରଗଡ଼ ଧନୁଯାତ୍ରା**

# ଗୋପପୁରରେ କାଳୀୟଦଳନ

ମଥୁରାନଗରୀ/ଗୋପପୁର,୪।୧

**ଆଜିର ଆକର୍ଷଣ**

ତା:-୫।୧।୨୦୨୦(ରବିବାର)
■**ମଥୁରାନଗରୀ:** ରଙ୍ଗସଭା, ଆସନ୍ନ ଯୁଦ୍ଧ ପ୍ରସ୍ତୁତି ପାଇଁ ରାଜନ୍ୟବର୍ଗଙ୍କ ସହିତ ଆଲୋଚନା, ରାଜନର୍ତ୍ତକୀମାନଙ୍କ ନୃତ୍ୟ ଉତ୍ସବ।
■**ଗୋପପୁର:** ଗୋପୀଙ୍କ ଦଧିବିକା, ବସ୍ତ୍ରହରଣ।

ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ଶନିବାର ଥିଲା ପଞ୍ଚମ ଦିବସ। ମଥୁରାନଗରୀରେ ମହାରାଜ କଂସ ନିଜର ମନ୍ତ୍ରୀ, ସେନାପତି, ସୈନ୍ୟ ସାମନ୍ତଙ୍କ ଗହଣରେ ନଗର ଭ୍ରମଣ କରିଥିଲେ। ସେହିପରି ଗୋପପୁରରେ ଶ୍ରୀକୃଷ୍ଣଙ୍କ ଲୀଳାଖେଳା ଚମତ୍କାର ଥିଲା। ଅନ୍ୟପଟେ କଳାକାରଙ୍କ ନିଖୁଣ ଅଭିନୟ ଯୋଗୁ ଧନୁଯାତ୍ରାରେ ଦର୍ଶକଙ୍କ ସମାଗମ ବଢ଼ିବାରେ ଲାଗିଛି । ଅପରାହ୍ଣରେ କଂସ ମହାରାଜ ମଥୁରା ଭ୍ରମଣରେ ବାହାରି ବ୍ରହ୍ମଚାରୀକୁ ଯାଇଥିଲେ। ବାଟରେ ବିଭିନ୍ନ ସ୍ଥାନରେ କଂସଙ୍କୁ ପୂଜାର୍ଚ୍ଚନା ସହିତ ସ୍ୱାଗତ କରାଯାଇଥିଲା। ଦିଗବିଜୟ ପରେ ମହାରାଜା ଲୋକମଣ୍ଡପ ପଡ଼ିଆସ୍ଥିତ ରଙ୍ଗମହଲକୁ ଆସିଥିଲେ ଏବଂ ସେଠାରେ କଂସଙ୍କ ସମ୍ମୁଖରେ ନାଚଗୀତର ଆସର ଜମିଥିଲା। ସେଠାରୁ ମହାରାଜ ହାଟପଦାସ୍ଥିତ ରାଜ ଦରବାରକୁ ଯାଇଥିଲେ ଏବଂ ପାରିଷଦ ବର୍ଗଙ୍କ ସହିତ ଆପାତ ବୈଠକ କରିଥିଲେ। ଅପରପକ୍ଷେ ଗୋପୀ ଗୋପାଙ୍ଗନାମାନେ ଗୋପପୁରରୁ ଯମୁନା ପାରି ହୋଇ ଦହି ବିକିବାକୁ ମଥୁରା ଆସିଥିଲେ। ସେହିପରି ଶ୍ରୀକୃଷ୍ଣ, ବଳରାମ ନନ୍ଦ ଭବନରୁ ଗୋପାଳ ବାଳକ, ଗୋପବାସୀଙ୍କ ଗହଣରେ ଶୋଭାଯାତ୍ରାରେ ବାହାରି ଗୋପ ନଗର ପରିକ୍ରମା ସହିତ ଯମୁନା କୂଳରେ ଥିବା ବେଣୁବାବା ମଠକୁ ଆସିଥିଲେ। ସେଠାରେ ବେନିଭାଇଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ଏହାପରେ ବେଣୁବାବା ମଠ ସମ୍ମୁଖରେ ଦଧିଭାଣ୍ଡ ଭଙ୍ଗା, ଶ୍ରୀକୃଷ୍ଣଙ୍କୁ ଯଶୋଦାଙ୍କ ଆକଟ, ଯାମଳାର୍ଜ୍ଜୁନ ଭଞ୍ଜନ, ବଣଭୋଜି ଏବଂ ଶ୍ରୀକୃଷ୍ଣଙ୍କୁ ବ୍ରହ୍ମାଙ୍କ ବଂଶୀ ପ୍ରଦାନ ଦୃଶ୍ୟାଭିନୟ ପରେ ବେନିଭାଇ ଗୋପାଳ ବାଳକ, ଗୋପବାସୀଙ୍କ ଗହଣରେ କାଳିନ୍ଦୀ ହ୍ରଦକୁ ଯାଇଥିଲେ। ସେଠାରେ କାଳୀୟ ଦଳନ ଓ ବିଶ୍ୱରୂପ ଦର୍ଶନ ଦୃଶ୍ୟ ଅଭିନୀତ ହୋଇଥିଲା।



ଗୋପପୁରରେ କାଳୀୟ ଦଳନ ଦୃଶ୍ୟ ଅଭିନୀତ ହେଉଛି।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ଖପ୍ରାଖୋଲ, ୪।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଖପ୍ରାଖୋଲ ଥାନା ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ କଟାପାଲି ଗାଁର ଉପେନ୍ଦ୍ର ବରିହା(୩୬)। ଅଭିଯୋଗ ଅନୁସାରେ ଗୁରୁବାର ଉକ୍ତ ୧୬ବର୍ଷୀୟା ନାବାଳିକାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇଯାଇ ଅଭିଯୁକ୍ତ ବଳାତ୍କାର କରିଥିଲେ। ଏ ନେଇ କାହାକୁ ନ ଜଣାଇବାକୁ ଧମକ ଦେଇ ଫେରାର ହୋଇ ଯାଇଥିଲେ। ପୀଡିତା ଘରକୁ ଫେରି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଶୁକ୍ରବାର ସକାଳେ ଖପ୍ରାଖୋଲ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଶନିବାର ପୀଡିତାଙ୍କ ଡାକ୍ତରୀମାଇନା ପାଇଁ ବଲାଙ୍ଗୀର ପଠାଯାଇଛି। ରବିବାର ଅଭିଯୁକ୍ତଙ୍କର ଡାକ୍ତରୀମାଇନା କରାଯିବ। ଏ ନେଇ ଖପ୍ରାଖୋଲ ଥାନାରେ ୩୭୬ (୨)(ଏନ) ,୫୦୬ ଆଇପିସି ଏବଂ ୬ ପୋକ୍‌ସୋ ଆକ୍ଟରେ ଏକ ମାମଲା ( ନଂ. ୫/୨୦) ରୁଜୁ ହୋଇଥିବା ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି କହିଛନ୍ତି।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ବୃନ୍ଦାବତୀଙ୍କ ପାଖରେ ପହଞ୍ଚିଲା ଡାକ୍ତରୀ ଦଳ

**ବିନିକା,୪।୧(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ପଞ୍ଚାୟତ ଅନ୍ତର୍ଗତ ଖଇରମାଳ ଗ୍ରାମର ସତ୍ୟ ନାରାୟଣ ବାରିକଙ୍କ ରୋଗଗ୍ରସ୍ତ ସ୍ତ୍ରୀ ବୃନ୍ଦାବତୀ ଓ ତାଙ୍କ ପାଞ୍ଚ ଝିଅଙ୍କ ଦୁଃଖଭରା କାହାଣୀ ସମ୍ପର୍କିତ ଏକ ଖବର ଡିସେମ୍ବର ୨୨ତାରିଖରେ ଧରିତ୍ରୀରେ ପ୍ରକାଶିତ ହୋଇଥିଲା। ଶୁକ୍ରବାର ବିନିକା ମେଡିକାଲର ଏକ ଡାକ୍ତରୀ ଦଳ ଖଇରମାଳ ଗ୍ରାମରେ ପହଞ୍ଚି ବୃନ୍ଦାବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଜୟ ପ୍ରକାଶ ପଧାନଙ୍କ ସହ ଡାକ୍ତରୀ ଦଳରେ ସ୍ଥାନୀୟ ଆଶାକର୍ମୀ ସାମିଲ ହୋଇଥିଲେ। ଡାକ୍ତର ପଧାନ କହିଛନ୍ତି ଯେ, ବୃନ୍ଦାବତୀଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସଂଗ୍ରହ କରାଯାଇ ଜିଲା ସ୍ୱାସ୍ଥ୍ୟ ବିଭାଗଙ୍କୁ ପଠାଯାଇଛି। ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଯାହା ସମ୍ଭବ ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି କହିଥିଲେ। ଅନ୍ୟପକ୍ଷେ ବୃନ୍ଦାବତୀଙ୍କ ଝିଅମାନଙ୍କୁ ଡାକ୍ତରୀ ଦଳଙ୍କ ଗସ୍ତକୁ ନେଇ ପଚାରିବାରୁ ମାଙ୍କର ରୋଗ ସଂକ୍ରାନ୍ତୀୟ କାଗଜପତ୍ର ଯାଞ୍ଚ କରିବା ପରେ ଓଲଟପୁରରେ ଭର୍ତ୍ତି କରିବା ପାଇଁ ଡାକ୍ତରୀ ଦଳ ପରାମର୍ଶ ଦେଇଥିବା କହିଛନ୍ତି।



### ଶିକ୍ଷାବିତ୍ ହରପ୍ରସାଦ ରଥଙ୍କ ପରଲୋକ

**ସୋନପୁର,୪।୧(ନି.ପ୍ର.):** ବିଶିଷ୍ଟ ଶିକ୍ଷାବିତ୍ ହରପ୍ରସାଦ ରଥଙ୍କର ଶନିବାର ସକାଳ ୮ଟା ୧୫ରେ ମସ୍ତିଷ୍କାଘାତ ଯୋଗୁ ପରଲୋକ ହୋଇଯାଇଛି। ଯନ୍ତ୍ରଣା ଅନୁଭବ କରିବାରୁ ଗତ ୩୧ତାରିଖ ରାତିଠାରୁ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ମରଶରୀର ସୋନପୁର ସହରର ଘୋଡାଘାଟପଡାସ୍ଥିତ ବାସଭବନରେ ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ରଥ ଜଣେ ଆଦର୍ଶ ଶିକ୍ଷକ ଓ ସୁବକ୍ତା। ଦୀର୍ଘବର୍ଷ ଧରି ସେ ଶିକ୍ଷକତା କରିଥିଲେ। ସୋନପୁର ଜିଲା ଶିକ୍ଷାଧିଶ ଥିବା ସମୟରେ ଅବସର ଗ୍ରହଣ କରିଥିଲେ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ବେଶ କର୍ମଚଞ୍ଚଳ ଥିଲେ। ବିଭିନ୍ନ ସରକାରୀ, ବେସରକାରୀ ଓ ଧାର୍ମୀକ କାର୍ଯ୍ୟକ୍ରମରେ ସେ ସାମିଲ ହେଉଥିଲେ। ସତ୍ୟସାଇ ସେବା ସଂସ୍ଥା ସହିତ ଜଡିତ ଥିଲେ। ସହରବାସୀ ସ୍ୱର୍ଗତ ରଥଙ୍କୁ ଅଭିଭାବକଭାବେ ମନେ କରୁଥିଲେ। ମୃତ୍ୟୁ ସମୟରେ ରଥଙ୍କ ଏକମାତ୍ର ପୁଅ ପ୍ରଭୁଦତ୍ତ, ବୋହୂ ଅନୁପମା, ଝିଅ ପ୍ରବୀଣା, ଶ୍ରାବଣୀ, ସୁନନ୍ଦା, ସେଫାଳି, ମାନସି, ଜ୍ୱାଇଁ ଚିତ୍ତରଞ୍ଜନ ଦାନୀ, ସଞ୍ଜୟ ମିଶ୍ର, ସୁରେଶ, ଅଭୟ ମିଶ୍ର ଓ ରାଜୁ ପାଣିଗ୍ରାହୀ ଓ ନାତୁଣି ନାତି ଉପସ୍ଥିତ ଥିଲେ। ପୁତ୍ର ପ୍ରଭୁଦତ୍ତ ମୁଖାଗ୍ନି ଦେଇଥିଲେ। ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଡିଆରଡିଏ ସମ୍ମିଳନୀ କକ୍ଷରେ ଓ ସୂଚନା କେନ୍ଦ୍ରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

### ଧରିତ୍ରୀରେ ଖବର ପ୍ରକାଶ ପରେ ତତ୍ପରତା

# ମଣ୍ଡିରୁ ଉଠିଲା ଧାନ

**ଅମରପାଲି, ୪।୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ବିଭିନ୍ନ ମଣ୍ଡିରେ ହଜାର ହଜାର ବସ୍ତା ଧାନ ବର୍ଷାରେ ଭିଜୁଥିଲା। ମିଲର୍ସଙ୍କ ମନମାନି ଯୋଗୁଁ ମଣ୍ଡିମାନଙ୍କରେ ହଜାର ହଜାର ପ୍ୟାକେଟ ଧାନ ପଡି ରହିଥିଲା। ଅଦିନିଆ ବର୍ଷାରେ ମଣ୍ଡିରେ ପଡି ରହିଥିବା ଧାନ ଭିଜି ନଷ୍ଟ ହୋଇଥିଲା। ଏନେଇ ଶନିବାର ଧରିତ୍ରୀରେ ଚାଷୀଙ୍କ ଦୁଃଖ ବଢାଇଲା ଅଦିନିଆ ବର୍ଷା, ମଣ୍ଡିରେ ଭିଜୁଛି ହଜାରହଜାର ବସ୍ତା ଧାନ ଶୀର୍ଷକ ଖବର ପ୍ରକାଶ ପାଇଥିଲା । ଖବର ପ୍ରକାଶନ ପରେ ପ୍ରଶାସନ ତତ୍ପରତା ପ୍ରକାଶ କରି ମଣ୍ଡିମାନଙ୍କରୁ ଧାନ ଉଠିବା ପ୍ରକ୍ରିୟା ଆରମ୍ଭ କରିଥିଲା। ମିଳିଥିବା ତଥ୍ୟ ଅନୁସାରେ ଶନିବାର ହିଲୁଙ୍ଗ ମଣ୍ଡିକୁ ୫ଟି ଟ୍ରକ ଆସିଥିବା ବେଳେ ଖବର ଲେଖାହେବା ପର୍ଯ୍ୟନ୍ତ ୪ଟି ଟ୍ରକରେ ପ୍ରାୟ ୨ହଜାରରୁ ଅଧିକ ପ୍ୟାକେଟ ଧାନ ଉଠିଛି । ଏହି ମଣ୍ଡିରେ ସର୍ବାଧିକ ୧୧ ହଜାର ୯୩୦ ବସ୍ତା ଧାନ ପ୍ରାୟ ୨୪ ଦିନ ହେଲା ପଡି ରହିଥିଲା। ସେହିପରି ଉଫୁଲା ମଣ୍ଡିରେ ୪ଦିନ ହେଲା ୪ ହଜାର ପ୍ୟାକେଟ ଧାନ ପଡି ରହିଥିଲା। ଗତ ବର୍ଷାରେ ପ୍ରାୟ ୨ ହଜାର ପ୍ୟାକେଟ ଧାନ ଭିଜି ଯାଇଥିଲା। ଶନିବାର ଏହି ମଣ୍ଡିକୁ ୪ଟି ଟ୍ରକ ଆସି ପ୍ରାୟ ୧୬ ଶହ ବସ୍ତା ଧାନ ଉଠିଛି । କେଞ୍ଚିରିଆପାଲି ମଣ୍ଡିରେ ୫ଟି ଟ୍ରକରେ ୨୫ଶହ ୩ବସ୍ତା ଧାନ ଉଠିଥିବା ବେଳେ ଆହୁରି ୧୨ ଶହ ବସ୍ତା ପଡି ରହିଛି। ମୁର୍ଷୁଣ୍ଡୀ ମଣ୍ଡିରୁ ୪ଟି ଟ୍ରକରେ ୧୨୦୨ ପ୍ୟାକେଟ ଧାନ ଉଠିଥିବା ବେଳେ ଆହୁରି ୫ଶହ ପ୍ୟାକେଟ ପଡି



ହିଲୁଙ୍ଗ ମଣ୍ଡିରେ ଧାନ ବସ୍ତା ଜମା ହୋଇ ଖୋଲା ଆକାଶ ତଳେ ପଡି ରହିଛି ।

**ଏବେ ବି ଅପେକ୍ଷାରେ ବହୁ ଚାଷୀ**

ରହିଛି। ଖଣ୍ଡହତା ମଣ୍ଡିରୁ ୬ଟି ଟ୍ରକରେ ୧୮ଶହ ପ୍ୟାକେଟ ଧାନ ଉଠିଛି, ଆହୁରି ୩ରୁ ୪ଶହ ପ୍ୟାକେଟ ପଡିରହିଛି। ବହଳପଦର ମଣ୍ଡିରୁ ୪ଟି ଟ୍ରକରେ ୧୮ଶହ ପ୍ୟାକେଟ ଧାନ ଉଠିଥିବା ବେଳେ ୨ଶହ ପ୍ୟାକେଟ ପଡିରହିଛି। ବାଗବର ମଣ୍ଡିରୁ ଗୋଟିଏ ଟ୍ରକରେ ୪ଶହ ପ୍ୟାକେଟ ଧାନ ଉଠିଥିବା ବେଳେ ଆହୁରି ୧୧ଶହ ପ୍ୟାକେଟ ଧାନ ପଡିରହିଛି। ଏହା ସହିତ ଉପଖଣ୍ଡର କଲାପଥର, ସୁବଳୟା, ପିତାମହୁଲ ଆଦି ମଣ୍ଡିରୁ ଧାନ ଉଠିବା ପ୍ରକ୍ରିୟା ଚାଲୁ ରହିଥିବା ବେଳେ ଆହୁରି ହଜାର ହଜାର ପ୍ୟାକେଟ ଧାନ ପଡି ରହିଛି। ଏଣୁ ଆହୁରି ଅଧିକ ସଂଖ୍ୟକ ଗାଡି ପଠାଇ ସମସ୍ତ ଧାନକୁ ଉଠାଇବାକୁ ସାଧାରଣରେ ଦାବି ହେଉଛି।

# ଶିଶୁ ମହୋତ୍ସବ ଶେଫାଳି

**ଅମରପାଲି, ୪।୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର କ୍ଲଷ୍ଟରର ବିଶାଳପାଲି ୟୁପି ସ୍କୁଲରେ ଶିଶୁ ମହୋତ୍ସବ ଶେଫାଳି ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭରତ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଦୁର୍ଜନତୈଳା ସରପଞ୍ଚ ରଞ୍ଜିତ ଖେତୀ ମୁଖ୍ୟଅତିଥି ଏବଂ ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ, ସ୍ଥାନୀୟ ସିଆରସିସି ପ୍ରଦୀପ ଜଗଦଲା ଓ ବିଶାଳପାଲି ସ୍କୁଲ ପରିଚାଳନା କମିଟି ସଭାପତି ବୈଶାଖୁ ପଧାନ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଅତିଥିମାନେ ଛାତ୍ରୀଛାତ୍ରଙ୍କ ପାଇଁ ହେଉଥିବା ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଶିକ୍ଷା ସହିତ ସହଶିକ୍ଷା ଜରୁରୀ। ଶିକ୍ଷା ଖର୍ଚ୍ଚାନ୍ତ କରିଥାଏ ମାତ୍ର ଖରାପ ଶିକ୍ଷା ଅଧିକ ଖର୍ଚ୍ଚାନ୍ତ କରିଥାଏ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ କ୍ଲଷ୍ଟରର ୧୨ଟି ସ୍କୁଲର ପ୍ରାୟ ୧୦୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ସଙ୍ଗୀତ, ବକ୍ତୃତା, ଇଂରାଜୀ ପଠନ, ରଚନା ଲିଖନ, ସୃତ ଲିଖନ, ନୃତ୍ୟ ଆଦି ପ୍ରତିଯୋଗୀତା କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ ସାନ୍ତନୁ କୁମ୍ଭକାର ମୁଖ୍ୟଅତିଥି ଏବଂ ଏବିଇଓ ବାର୍ଣ୍ଣା ଡୁଙ୍ଗଡୁଙ୍ଗ, ପିତାମହୁଲ ସିଆରସିସି ଅଭିମନ୍ୟୁ ଲୁହା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଉଭୟ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ତପକିରଣ ସାହୁ ସଂଯୋଜନା କରିଥିବା ବେଳେ ଶୁଭାଶିଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସୋନପୁର କଲେଜ କ୍ରୀଡା ଉତ୍ସବ ଉଦ୍‌ଯାପିତ

**ସୋନପୁର,୪।୧(ନି.ପ୍ର.)**

ସୋନପୁର କଲେଜର ୫୦ତମ କ୍ରୀଡା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପୁରସ୍କାର ବିତରଣ ଉତ୍ସବରେ ଏସ୍‌ପି ଦେବୀପ୍ରସାଦ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶାରରିକ ବିକାଶ ପାଇଁ କ୍ରୀଡା ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଡ. ପ୍ରଫୁଲ୍ଲ କୁମାର ରଥ ଯୋଗଦେଇ ସୁସ୍ଥ ରହିବା ପାଇଁ କ୍ରୀଡାର ଆବଶ୍ୟକତା ସମ୍ପର୍କରେ ବୁଝାଇ ଥିଲେ। କଲେଜ କ୍ରୀଡା କମିଟି ଉପସଭାପତି ଡ. ଅନିଲ କୁମାର ଗଙ୍ଗଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଆନନ୍ଦ ଚନ୍ଦ୍ର ତ୍ରିପାଠୀ, କ୍ରୀଡା କମିଟିର ଅନ୍ୟତମ ଉପସଭାପତି ଆଶିଷ କୁମାର ଅଗ୍ରୱାଲା ଓ କ୍ରୀଡା ଶିକ୍ଷକ କଲ୍ୟାଣ ମହାପାତ୍ର ମଞ୍ଚାସିନ ଥିଲେ । ମୁଖ୍ୟ ଅତିଥି କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାରେ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ, ଲମ୍ବଡିଆଁ, ତିନିଗୋଡିଆ ଦୌଡ, ଜେଭ୍‌ଲିନ୍ ଥ୍ରୋ, ଡିସକସ ଓ ସଟ୍‌ପୁଟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶୁକ୍ରବାର ସକାଳେ ଛାତ୍ରୀଛାତ୍ରମାନେ ମା ସୁରେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲକୁ ଶୋଭାଯାତ୍ରାରେ କଲେଜ ଖେଳ ପଡିଆକୁ ଆଣିଥିଲେ । ଅଧ୍ୟକ୍ଷ ତରୁଣ କୁମାର ମିଶ୍ର ପଡିଆରେ ମଶାଲକୁ ସ୍ଥାପିତ ପୂର୍ବକ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ ।

## ବାଉଁଶୁଣୀ କନିଷ୍ଠ ମହାବିଦ୍ୟାଳୟ ରଜତ ଜୟନ୍ତୀ ଉତ୍ସବ

**ବିନିକା,୪।୧(ଡି.ଏନ୍.ଏ)**

ବିନିକା ବ୍ଲକ ବାଉଁଶୁଣୀ ଜଗନ୍ନାଥ କନିଷ୍ଠ ମହାବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହର ଶନିବାର ଥିଲା ଦ୍ୱିତୀୟ ଦିନ। ଏହି ଅବସରରେ କଲେଜ ସମ୍ମୁଖରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ନିର୍ମଳ ଷାଣ୍ଡ ଓ ଶ୍ୟାମ ସୁନ୍ଦର ହୋତା ବ୍ୟାସ ଦାୟିତ୍ୱ ସମ୍ପାଦନ କରିଥିଲେ। ସମାରୋହର ଦ୍ୱିତୀୟ ଦିବସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରଜତ ଜୟନ୍ତୀ ସମାରୋହ ସଭାପତି ଘନଶ୍ୟାମ ମୁଦୁଲୀ, ସମ୍ପାଦକ ଯୁଗେଶ୍ୱର କବାଟ ନେତୃତ୍ୱ ନେଇଥିଲେ। ଉମା ଶଙ୍କର ଭୋଇ, ପିଣ୍ଟୁ ଖମାରୀ, ଯୁଗେଶ୍ୱର ସେଠ୍, ଦୟାନିଧି ଟାଲି, ଦିଲୀପ ବାରିକ, ଉତ୍ତର ଚିରଗୁନ, ନବୀନ ଅମାତ, ହାଡୁ ଷାଣ୍ଡ, ସରତ ବାରିକ, ମାର୍କଣ୍ଡ ମଲ୍ଲିକ, ଗୋବିନ୍ଦ ମଲ୍ଲିକ, ସଦାଶିବ ସାଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ। ଶୁକ୍ରବାର ସମାରୋହର ପ୍ରଥମ ଦିବସରେ କଲେଜର ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଅନୁଷ୍ଠିତ ସମାରୋହରେ କଲେଜ ଅଧ୍ୟକ୍ଷ ବନବିହାରୀ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ, ବାଉଁଶୁଣୀ ସରପଞ୍ଚ ରୀନା ମହଲା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମନ୍ତ୍ରୀ ସାହୁ ରଜତ ଜୟନ୍ତୀ ସମାରୋହର ସଭାମଞ୍ଚ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ସାହୁ ବକ୍ତବ୍ୟରେ ଛାତ୍ରୀଛାତ୍ରମାନଙ୍କୁ ସମାଜର ମାର୍ଗଦର୍ଶକ ବୋଲି କହିଥିଲେ। ଏପରିକି ଛାତ୍ର ସମାଜ ଶିକ୍ଷା ଗ୍ରହଣ କରି ଏହାର ସଦ୍‌ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଭଗବତୀ କର ଯୋଗଦେଇ ଥିଲେ। ଅଧ୍ୟାପକ ରଞ୍ଜନ ମହଲା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ନାରାୟଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। କଲେଜ ଅଧ୍ୟକ୍ଷ ବନବିହାରୀ ମିଶ୍ର ବିବରଣୀ ପାଠ କରିଥିଲେ।



ବାଉଁଶୁଣୀ ଜଗନ୍ନାଥ କନିଷ୍ଠ ମହାବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥି।

## ଦିଗସିରା ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଯାପିତ

**ଡୁଙ୍ଗୁରିପାଲି, ୪।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗସିରା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ କଂସ ବଧ ଓ ଉଗ୍ରେସନଙ୍କ ରାଜ୍ୟଭିଷେକ ସହ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ଅନ୍ତିମ ରଜନୀରେ ମୁଖ୍ୟ ଅତିଥିଭାବେ ରାମପୁର ତହସିଲଦାର ଶ୍ୱେତପଦ୍ମା ଯୋଶୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଦିଗସିରା ସରପଞ୍ଚ ଲବ ମେହେର, ସମିତି ସଭ୍ୟ ବିଶ୍ୱନାଥ ମେହେର, ୱାର୍ଡସଭ୍ୟ ସହଦେବ ପଧାନ, ଡୁଙ୍ଗୁରିପାଲି ଏଏସଆଇ ଯଯାତି କେଶରୀ ସାହୁ ଉପସ୍ଥିତ ଥିଲେ। କଂସ ଦରବାରରେ ବିଭିନ୍ନ ଭୂମିକାରେ ଅଭିନୟ କରୁଥିବା କଳାକାରମାନଙ୍କୁ କଂସ ମହାରାଜା ସମ୍ମାନୀତ କରିଥିଲେ। ସେହିପରି ମହୋତ୍ସବ କାଳରେ କଂସ ଦରବାରରେ ସଫଳଭାବେ ମଞ୍ଚ ପରିଚାଳନା କରିଥିବା ଦୀନବନ୍ଧୁ ସୁନାଙ୍କୁ ମଧ ସମ୍ମାନୀତ କରାଯାଇଥିଲା। କଂସ ଭୂମିକାରେ ବରଗଡ ଦେଓଗାଁର ଜଗଦାନନ୍ଦ ମିଶ୍ର ଓ ଅନ୍ୟ କଳାକାରମାନଙ୍କ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଉତ୍ସବ ପରିଚାଳନାରେ କମିଟିର ସହଦେବ ପଧାନ, ଆନନ୍ଦ ସାହୁ, ମହେଶର ଭୁକ୍ତା, ସର୍ଜନ ପୁଟେଲ, ନିରଞ୍ଜନ ବାରିକ, ସୁଦାମ ସୁନା, ଚୂଡାମଣି ପୁଟେଲ, ଗଣେଶ ମେହେର, ବ୍ରଜ ସାଗର, ରୁଷଭ ମେହେର ସହଯୋଗ କରିଥିଲେ।

## ଡିକି ଭାଙ୍ଗି ଲୁଟିନେଲେ ୮୫ହଜାର

**ବିନିକା,୪।୧ (ଡି.ଏନ୍.ଏ.)**

ବିନିକା ନୂଆଁବଜାର ରାସ୍ତାରୁ ଶନିବାର ଜଣେ ବ୍ୟକ୍ତିଙ୍କ ବାଇକ୍ ଡିକି ଭାଙ୍ଗି ୮୫ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ବିନିକା ଥାନା ବାଞ୍ଜିପାଲି ଗ୍ରାମର ଅଭି ବରିହା । ସେ ସ୍ଥାନୀୟ ଷ୍ଟେଟ୍ ବ୍ୟାଙ୍କରେ ଥିବା ନିଜ ଜମା ଖାତାରୁ ୯୦ ହଜାର ଟଙ୍କା ଉଠାଣ କରିଥିଲେ । ସେଥିରୁ ୪ ହଜାର ୭ ଶହ ଟଙ୍କା ଖର୍ଚ୍ଚ କରିଥିଲେ। ଅବଶିଷ୍ଟ ୮୫ହଜାର ୩ଶହ ଟଙ୍କା ସେ ନିଜ ବାଇକ୍ ଡିକିରେ ରଖିଥିଲେ। ନୂଆଁବଜାରକୁ ଯିବାବେଳେ ପ୍ରାୟ ସାଢ଼େ ୧୧ଟା ବେଳେ ତାଙ୍କ ବାଇକ୍ ଡିକି ଖୋଲା ଥିବା ଓ ଟଙ୍କା ନ ଥିବା ଦେଖି ବିନିକା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି।

## କୃତୀ ଶିକ୍ଷକଙ୍କୁ ସ୍ମାର୍ଟ ରାଜ୍ୟ ସମ୍ମାନ

**ସୋନପୁର,୪।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର କଲେଜ ଓ ସ୍କୁଲ ସ୍ତରରେ କାର୍ଯ୍ୟରତ ଅଧ୍ୟାପକ ଓ ଶିକ୍ଷକଙ୍କୁ କଟକସ୍ଥିତ ରାଜ୍ୟ କଳା ଓ ଗବେଷଣା ପରିଷଦ ତରଫରୁ ରାଜ୍ୟସ୍ତରୀୟ କୃତି ଶିକ୍ଷକ ସମ୍ମାନ ପ୍ରଦାନ କରାଯାଇଛି। କଲେଜସ୍ତରରେ ଯୁବ ରେଡକ୍ରସ କାର୍ଯ୍ୟକ୍ରମର ସଫଳ ସଂଯୋଜନା ନିମନ୍ତେ ସୋନପୁର କଲେଜ ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପକ ତଥା ଯୁବ ରେଡକ୍ରସର ଜିଲା ସଂଯୋଜକ ଉମାକାନ୍ତ ନାଗଙ୍କୁ ସମ୍ମାନିତ କରାଯାଇଛି। ସେହିପରି ବିଜ୍ଞାନ ଶିକ୍ଷାର ପ୍ରସାର ନିମନ୍ତେ ଚଢେଇପଙ୍କ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ କାଳିଆ କର୍ମୀ, ଜୁନିୟର ରେଡକ୍ରସରେ କାର୍ଯ୍ୟ ଦକ୍ଷତା ନିମନ୍ତେ ବଡକର୍ଲେ ଉଚ୍ଚ ବିଦ୍ୟାଳୟର ପ୍ରକୃତି ବନ୍ଧୁ ଶିକ୍ଷକ ରବିନ୍ଦ୍ର ଦୀପ ସମ୍ମାନିତ ହୋଇଛନ୍ତି । କଟକ ଶହୀଦ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କ ସମେତ ଅନ୍ୟାନ୍ୟ ଅତିଥି ବୃନ୍ଦ ଯୋଗଦେଇ ଜିଲାର ୩ କୃତି ପ୍ରତିଭାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ରାଜ୍ୟସ୍ତରୀୟ ସ୍ମାର୍ଟ ସମ୍ମାନରେ ସମ୍ମାନିତ କରିଥିଲେ । ରାଜ୍ୟ ସ୍ମାର୍ଟ ମୁଖ୍ୟ ପରିଚାଳକ ପ୍ରଶାନ୍ତ କୁମାର କର ଓ ଜିଲା ସ୍ମାର୍ଟ ସଭାପତି ତଥା ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ରବିଚନ୍ଦ୍ର ପଶାୟତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କୃତୀ ଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ।


**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMBBS2019075, ତା: 30.12.2019
**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ଅନ୍ତର୍ଗତ ସମ୍ବଲପୁର ମଣ୍ଡଳର କଳାହାଣ୍ଡି ଜିଲ୍ଲାରେ ନର୍ଲା ରୋଡ୍ ରେଳ ଷ୍ଟେସନ ନିକଟରେ ଇଲେକ୍ଟ୍ରିକ୍ ଲୋକୋ ନିର୍ଦ୍ଦିଷ୍ଟକାଳିକ ଓଭରହଲିଂ (POH) କାରଖାନା ସ୍ଥାପନା ସମ୍ବନ୍ଧୀୟ ସଡ଼କ କ୍ରସିଂ ସର୍ବେକ୍ଷଣ, ମାଟି ଅନୁସନ୍ଧାନ, ବ୍ରିଜ୍ ଗୁଡ଼ିକ ନିମନ୍ତେ ଭୂ-ବୈଷୟିକ ଅଧ୍ୟୟନ, ଜେନେରାଲ୍ ଆରେଞ୍ଜମେଣ୍ଟ୍ ଡ୍ରଇଂର ଡ଼ିଜାଇନ୍ ଓ ପ୍ରସ୍ତୁତି, ଫରେଷ୍ଟ ଡ଼ାଇଭରସନ୍ ପ୍ରସ୍ତାବ ନିମନ୍ତେ ନକ୍ସା ପ୍ରସ୍ତୁତି ଇତ୍ୟାଦି ଭଳି ପ୍ରାରମ୍ଭିକ କାର୍ଯ୍ୟ ଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 55.13 ଲକ୍ଷ, EMD : ₹ 1,10,300.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,900.00, କାର୍ଯ୍ୟ ସମାପ୍ତିର ଅବଧି : 12(ବାର)ମାସ।
**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 21.01.2020ର 1200 ଘ. ରେ
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର
PR-103/CC/19-20



**No. 2941** **Office of the District Central Coop. Bank Ltd., Balangir** **Date: 30.12.2019**
To
Sri Ananda Kumar Bagarty, S/o Sri Bagdol Bagarty
At/PO: Tusura, P.S.: Tusura, Dist: Balangir.
Sir,
It is experienced that, since dt. 24.01.2014, you are absconded from your assignment without submitting any leave application or prior permission from the competent authority. Hence you are directed to join in your duty immediately, else, action as deemed fit shall be initiated against you as per Staff Service Rule of the Bank.
Yours faithfully,
**Sd./- (Sri B.N. Raiguru), CEO, Balangir DCC Bank Ltd., Balangir**



**No. 2942** **Office of the District Central Coop. Bank Ltd., Balangir** **Date: 30.12.2019**
To
Sri Nandi Kishore Nag, S/o Sri Rameswar Nag
At/PO: Rampur, P.S.: Patnagarh, Dist: Balangir.
Sir,
It is experienced that, since November, 2017, you are absconded from your assignment without submitting any leave application or prior permission from the competent authority. Hence you are directed to join in your duty immediately, else, action as deemed fit shall be initiated against you as per Staff Service Rule of the Bank.
Yours faithfully,
**Sd./- (Sri B.N. Raiguru), CEO, Balangir DCC Bank Ltd., Balangir**



**IN THE DEBT RECOVERY TRIBUNAL: CUTTACK**
**O.A. No. 868/2019**
**UCO Bank, Sambalpur Main Branch** ... **Applicant**
AND
**M/s Shruti Sales** ... **Defendant**
To
**Sole Defendant**
**M/s Shruti Sales,** represented by its **Proprietress: Smt Manjulata Sharma**, W/o: Late Balkrushna Sharma, At: Bag Market Complex, Opp-PHD Ground, Po/Ps: Ainthapalli, Sambalpur-768004.
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted **OA No. 868/2019** in the Court of the Debt Recovery Tribunal, Cuttack for recovery of **Rs.28,86,220.64** only together with current and future interest, costs and other reliefs. The above mentioned defendant is therefore directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **05.02.2020 at 10.30 AM** as to why reliefs prayed for should not be granted.
Take notice that in case of default, the application will be heard and determined in your absence.
Given under my hand and seal of this Tribunal on this 03rd day of January 2020.
Sd/- Sri Manoj Kumar Pattnaik
**REGISTRAR,** 03.01.2020



DADLS - 81



**ମହାନ ବିପ୍ଳବୀ ଚକରା ବିଷୋୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**
୦୫ ଜାନୁଆରୀ, ୨୦୨୦(ଶାମ୍ବ ଦଶମୀ)

**ସାଧାରଣ ସଭା**
ସମୟ – ସନ୍ଧ୍ୟା ଘ.୫.୩୦ ମିନିଟ୍ ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**
ମାନ୍ୟବର ମନ୍ତ୍ରୀ, ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ବିଭାଗ
ବିଶିଷ୍ଟ ଅତିଥି – **ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ**
ମାନ୍ୟବର ମନ୍ତ୍ରୀ, ସଂସଦୀୟ ବ୍ୟାପାର, ଜଙ୍ଗଲ ଓ ପରିବେଶ
ସମ୍ମାନିତ ଅତିଥି– **ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ,**
ଉପଦେଷ୍ଟା, ଓଡ଼ିଶା ସରକାର, ଗଣମାଧ୍ୟମ ଓ ଲୋକସମ୍ପର୍କ
ମୁଖ୍ୟବକ୍ତା – **ପ୍ରଫେସର ନାରାୟଣ ରାଓ, ବିଶିଷ୍ଟ ଐତିହାସିକ**

ମୁଖ୍ୟ ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।
ଶ୍ରୀ ଶ୍ରୀ ଦଧିବାମନ ଢୁମ୍ପା ସଙ୍ଗୀତ କଳାପୀଠ, ଦିଗପହଣ୍ଡି, ଗଞ୍ଜାମଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ।
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ତରୁଣ କଳାକାର ସଂସ୍ଥା, ଭଞ୍ଜନଗରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଯୋଗ ଦେବାକୁ ଆପଣଙ୍କୁ ସାଦର ନିମନ୍ତ୍ରଣ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
15001/13/0116/1920



ଅଧିକା ଲାଭକୁ ଧାଉଁଥିବା ଲୋଭୀ ଲୋକ ହିଁ କେବଳ ଠକାମୀରେ ପଡିଥାଏ।

- ବାକନ

**ସଂକ୍ଷେପରେ**

## ଧୁବେନପାଲିରେ ଗାଁ ପ୍ରତିଭା କାର୍ଯ୍ୟକ୍ରମ

ଭେଡ଼େନ, ୪।୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ଧୁବେନପାଲିଠାରେ ଜୟପ୍ରକାଶ ଯୁବକ ସଂଘ ତରଫରୁ ଗାଁ ପ୍ରତିଭା ଉତ୍ସବ ୨୦୨୦ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଗ୍ରାମର ସମସ୍ତ ଦେବୀଦେବଙ୍କଠାରେ ପୂଜାର୍ଚ୍ଚନା କରାଯିବା ପରେ ଗ୍ରାମର ମଙ୍ଗଳ ସକାଶେ ସତ୍ୟନାରାୟଣ ପୂଜନ ହୋଇଥିଲା। ଏହି ପୂଜାରେ ସଦାନନ୍ଦ ସାହୁ ଓ ଇନ୍ଦୁମତି ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପରେ ମଞ୍ଚ କାର୍ଯ୍ୟକ୍ରମକୁ ପୂଜାରୀ ଆକାଶ ନନ୍ଦଙ୍କ ଦ୍ୱାରା ମାଁ ସମଲେଇଙ୍କ ପୂଜା ସହ ଆରମ୍ଭ କରାଯାଇଥିଲା। ଏଥିରେ ପୂର୍ବତନ ସରପଞ୍ଚ କୈଳାଶ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି, ପ୍ରସାଦି କୁମାର ଦାଶ, ସୁଷମା ମଞ୍ଜରୀ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୱାର୍ଡ଼ସଭ୍ୟ ନିରାକାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ତରଣୀସେନ ଭୋଇ ଏବଂ ଝସକେତନ ଦେବତା ମୁଖ୍ୟ ଆୟୋଜକ ଦାୟିତ୍ୱ ତୁଲାଇଥିଲେ ।

■ ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳାର ତୃତୀୟ ସନ୍ଧ୍ୟା

# ମହୋତ୍ସବ ଦ୍ୱାରା କଳା, କାରିଗରିର ପ୍ରସାର ହେବ







ବୌଦ୍ଧ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ (ବାମ) । ମଞ୍ଚାସୀନ ଅତିଥି ।

ବୌଦ୍ଧ,୪।୧(ସ୍ୱ.ପ୍ର)

ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଶନିବାର ଥିଲା ତୃତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ବୌଦ୍ଧର ପୂର୍ବତନ ଜିଲାପାଳ ମଧୁସୁଦନ ମିଶ୍ର, ହାସ୍ୟ ଅଭିନେତା ଜୟୀରାମ ସାମଲ ଓ କନ୍ଧମାଳ ବ୍ଲକ ଅଧ୍ୟକ୍ଷା ଯାଜ୍ଞେଶ୍ୱରୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ସିଂ ମହୋତ୍ସବ ଦ୍ୱାରା କଳା ଓ କାରିଗରିର ପ୍ରଚାର ପ୍ରସାର ହୋଇପାରୁଛି ବୋଲି ମତପ୍ରକାଶ କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ଆଦର୍ଶ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପରେ ଗୌତମ ବୁଦ୍ଧ ମଣ୍ଡପରେ ରାଉରକେଲା ନୃତ୍ୟାଞ୍ଜଳି ପକ୍ଷରୁ ଓଡିଶୀ ନୃତ୍ୟ, ଭବାନୀପାଟଣା ମହାବୀର ଅନୁଷ୍ଠାନ ପକ୍ଷରୁବଜାଶାଳ, କଲିକତା ବାଲୋଟ ଟ୍ରୁପ ପକ୍ଷରୁ ରଙ୍ଗବତୀ ଓ ଗଣେଶ ବନ୍ଦନା, ବୌଦ୍ଧ ନାରାୟଣନଗର ଚାରିଶମ୍ଭୁ କଳା ପରିଷଦ ପକ୍ଷରୁ ସମ୍ବଲପୁରୀ ଲୋକନୃତ୍ୟ, ଗାୟତ୍ରୀ କଳା ସଙ୍ଗଠନ ପକ୍ଷରୁ ଢେମସା, ଗେହ୍ଲାମା କଳାନିକେତନ ବୌଦ୍ଧ ପକ୍ଷରୁ ସମ୍ବଲପୁରୀ ଓ କଲିକତା ନୁପୁର ଅନୁଷ୍ଠାନ ପକ୍ଷରୁ ଲାବଣୀ ମହାରାଷ୍ଟ୍ର ଓ ଗିଧା ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରମୋଦ କୁମାର ପ୍ରଧାନ ସଭାମଞ୍ଚ ପରିଚାଳନା କରିଥିଲେ।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ମରଣଯନ୍ତା

ପଦ୍ମପୁର, ୪।୧ (ଡି.ଏନ.ଏ)

ସୋହେଲା-ପଦ୍ମପୁର ପୂର୍ତ୍ତ ବିଭାଗ ରାସ୍ତାରୁ ଖୁଜେନ ଗ୍ରାମକୁ ଯାଇଥିବା ପ୍ରଧାନମନ୍ତ୍ରୀ ସଡକ ବର୍ତ୍ତମାନ ମରଣଯନ୍ତା ପାଲଟିଛି। ୧.୬୦ କିମି ଲମ୍ବ ଉକ୍ତ ରାସ୍ତାରୁ ପିଚୁ ଓ ଚିପ୍ସ ଉଠି ଯାଇଥିବାରୁ ଯାତାୟାତରେ ଘୋର ସମସ୍ୟା ଦେଖାଦେଇଛି । ବେଳେ ବେଳେ ଦୁର୍ଘଟଣା ମଧ୍ୟ ହେଉଛି। ସୂଚନାଯୋଗ୍ୟ, ୨୦୧୭ରେ ଏହି ରାସ୍ତା ନିର୍ମାଣ ଶେଷ ହୋଇଥିବା ବେଳେ ବହୁ ଦିନରୁ ଏହାର ଦୁରବସ୍ଥା ଲୋକଙ୍କୁ ଅତିଷ୍ଠ କରିଛି। ରାସ୍ତା ନିର୍ମାଣ କାମ ଅତି ନିମ୍ନମାନର ହୋଇଥିବାରୁ ଏହା ଶୋଚନୀୟ ହୋଇ ପଡିଥିବା ଗ୍ରାମବାସୀ କହିଛନ୍ତି । ୨୦୧୭-୧୮ରୁ ୨୦୨୦-୨୧ ପର୍ଯ୍ୟନ୍ତ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ପାଣ୍ଠି ଜମା ଥିବା ସତ୍ତ୍ୱେ ତାହା ଉପଯୋଗ ହେଉ ନ ଥିବା ଚର୍ଚ୍ଚା ହେଉଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# କମ୍ରେଡ଼ ଅଗ୍ନି ମଲିକ ଥିଲେ ଅଗ୍ନିଶିଖା

ଭେଡ଼େନ, ୪।୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ରେଶମରେ ବିଶିଷ୍ଟ କମ୍ୟୁନିଷ୍ଟ ନେତା କମ୍ରେଡ଼ ଅଗ୍ନି ମଲିକଙ୍କ ୨୯ ତମ ଶ୍ରାଦ୍ଧ ସଭା ଶନିବାର ଅନୁଷ୍ଠିତ ହୋଇଛି । ଦୈତାରୀ ସାହୁଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି, ଆତ୍ମା କମିଟି ସଭାପତି ହରିଶଙ୍କର ବେହେରା, ପୂର୍ବତନ ଶିକ୍ଷକ ନେତା ଅଗ୍ନି ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଏବଂ ରେଶମ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀପତି ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସ୍ୱର୍ଗତ ଅଗ୍ନି ମଲିକ ଏହି ଅଞ୍ଚଳର ଅଗ୍ନି ଶିଖା ଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। କରମଚାନ୍ଦ ମଲିକ ଓ ସୁଶାନ୍ତ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।





ରେଶମରେ କମ୍ୟୁନିଷ୍ଟ ନେତାଙ୍କ ସ୍ମୃତି ସଭାରେ ମଞ୍ଚାସୀନ ଅତିଥିଗଣ ।

## କୃଷକ, କୃଷିଜୀବୀ ମହିଳାଙ୍କୁ ତାଲିମ



ଶିବିରରେ ଉପସ୍ଥିତ ଚାଷୀ ।

ପଦ୍ମପୁର, ୪।୧ (ଡି.ଏନ.ଏ)

ରାଜବୋଡାସମ୍ବର ବ୍ଲକ ବରିହାପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖୁଜେନ ଗ୍ରାମରେ ଶୁକ୍ରବାର କୃଷକ ଓ କୃଷିଜୀବୀ ମହିଳାଙ୍କ ତାଲିମ ତଥା ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଖୁଜେନ ଗ୍ରାମର ଗିରିଶ ଚନ୍ଦ୍ର ସ୍ୱାଇଁଙ୍କ କଲରା ଚାଷ ଜମିରେ ଅନୁଷ୍ଠିତ ଏହି ଶିବିରରେ ବରଗଡ ଗମ୍ଭାରିପାଲି କୃଷି ବିକାଶ କେନ୍ଦ୍ର ହର୍ଟିକଲଚର ବୈଜ୍ଞାନିକ ସନତ କୁମାର ମେହେର ଓ ତାରକ ଚନ୍ଦ୍ର ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ପଦ୍ମପୁରର ବିଟିଏମ ନିଲୁ ମେହେର, ଏଟିଏମ ଜୟଲାଲ ପ୍ରଧାନ, ସୁଧୀର ସାହୁ, ଜ୍ୟୋତିରଞ୍ଜନ ବିଶ୍ୱାଳ ଓ ବରିହାପାଲି ଏଲଭିଏଡବ୍ଲୁ ଦୋଳ କୁମାରୀ ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଶିବିରରେ ବରିହାପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଚାଷୀମାନେ ଉପସ୍ଥିତ ଥିଲେ। ଜୈବିକ ସାର ପ୍ରୟୋଗ ତଥା ବିଭିନ୍ନ ପନିପରିବା ଚାଷ ସମ୍ପର୍କରେ ଚାଷୀମାନଙ୍କୁ ତାଲିମ ଦିଆଯାଇଥିଲା। ଏଥିରେ ଗିରିଶ ଚନ୍ଦ୍ର ସ୍ୱାଇଁ, ଦ୍ରୌପଦ ସ୍ୱାଇଁ, ଦୁର୍ଲଭ ସ୍ୱାଇଁ, ଛାୟାକାନ୍ତ ସ୍ୱାଇଁଙ୍କ ସମେତ ଶତାଧିକ ଚାଷୀ ଯୋଗ ଦେଇଥିଲେ ।

# ବୌଦ୍ଧ ଜିଲା ମହୋତ୍ସବରେ ଆଲୋଚନାଚକ୍ର

ବୌଦ୍ଧ,୪।୧(ସ୍ୱ.ପ୍ର)





ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

ବୌଦ୍ଧ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଅବସରରେ ଏକ ଆଲୋଚନାଚକ୍ର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଥିଲା। ଏହାକୁ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଉଦଘାଟନ କରିବା ସହ ଶିଶୁ ଓ ମହିଳାମାନଙ୍କୁ ସମ୍ମାନ ତଥା ସେମାନଙ୍କ ସମସ୍ତ ଅଧିକାରକୁ ସୁରକ୍ଷା ଓ ସୁନିଶ୍ଚିତ କରିବା ପାଇଁ ଆମେ ଯତ୍ନବାନ ହେବା ଦରକାର ବୋଲି ମତ ଦେଇଥିଲେ। ଜିଲାରେ ବାଲ୍ୟବିବାହ ପ୍ରଥାକୁ ସମ୍ପୂର୍ଣ୍ଣ ମାତ୍ରାରେ ଲୋପ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ହେବା ଆବଶ୍ୟକ ଜିଲାପାଳ ମିଶ୍ର କହିଥିଲେ । ଜିଲା ଆଇନ ସେବା ପ୍ରାଧିକରଣର ସଚିବ ପ୍ରଭୁରାମ ଦାଶ ଅଧିକାରୀ ସମ୍ମାନିତ ଅତିଥି, କିଶୋର ନ୍ୟାୟବୋର୍ଡ ସଦସ୍ୟ ରାଜୀବ କୁମାର ନାୟକ ପ୍ରଶିକ୍ଷକ, ଶିଶୁମଙ୍ଗଳ ସମିତି ଅଧକ୍ଷ ସାକ୍ଷୀଗୋପାଳ ପ୍ରଧାନ, ବୌଦ୍ଧ ବ୍ଲକ ଶିକ୍ଷା ଅଧିକାରୀ ଧ୍ରୁବଚରଣ ଘିବେଲା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ଲକ୍ଷପତି ଭୋଇ ସଭାପତିତ୍ୱ କରିଥିଲେ । ବୌଦ୍ଧ ସିଡିପିଓ ମିନତି ଦେଓ, କନ୍ଧମାଳ ସିଡିପିଓ ଜ୍ୟୋସ୍ନା ପାଢୀ, ହରଭଙ୍ଗା ସିଡିପିଓ ହରିପ୍ରିୟା ମେହେର, ସୁରକ୍ଷା ଅଧିକାରୀ (ଘରୋଇ ହିଂସା) ବିଜୟଲକ୍ଷ୍ମୀ ମାରାଣ୍ଡି ଓ ସମସ୍ତ ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ଏସଏଚ୍‌ଜି ସଦସ୍ୟା ଯୋଗଦେଇ ଥିଲେ। ଶେଷରେ ବୌଦ୍ଧ ମିଶନ ଶକ୍ତି ଡିପିଏମ ଦେବବ୍ରତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଖ୍ରୀଷ୍ଟଧର୍ମ ଉପରେ ଏକ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାସ ଉଦ୍‌ଘାଟନ କରିଥିଲେ। ବୌଦ୍ଧ ଖ୍ରୀଷ୍ଟୀୟ ଜନ କଲ୍ୟାଣ ସମିତି ତରଫରୁ ଫାଦର ଅନୁଜ ପରିଜା (କ୍ୟାଥୋଲିକ ଚର୍ଚ୍ଚ) ଏବଂ ଫାଦର ସୁଶାନ୍ତ ପ୍ରଧାନ ସଦ୍‌ଭାବନା ସୃଷ୍ଟି ପାଇଁ ପ୍ରାର୍ଥନା କରିଥିଲେ । ଅଧ୍ୟାପକ ପ୍ରବୀର କୁମାର ଦାଶ ସହଯୋଗ କରିଥିଲେ ।

# ପଦଯାତ୍ରୀ ଯୁବକଙ୍କୁ ସମ୍ବର୍ଦ୍ଧନା

ପାଇକମାଳ, ୪।୧ (ଡି.ଏନ.ଏ)

ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ଜଗତସିଂହପୁର ଜିଲା ବାଲିକୁଦା ବ୍ଲକ ଭଗବାନ ସିଣ୍ଡୋଲ ଗ୍ରାମର ଜନସଚେତନତା ମଞ୍ଚ ଆବାହକ ସତ୍ୟବ୍ରତ ଦାସ ଯାଜପୁର ଜିଲା ବଡଚଣା ବ୍ଲକରୁ ଗତ ଜୁଲାଇ ୧୦ତାରିଖରୁ ପଦଯାତ୍ରାରେ ବାହାରି ଶନିବାର ସକାଳେ ବରଗଡ ଜିଲାର ପାଇକମାଳ ବ୍ଲକ ଜାମସେଠରେ ପହଞ୍ଚିଛନ୍ତି। ସେ ମୁଖ୍ୟତଃ ତିନୋଟି ପ୍ରସଙ୍ଗରେ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା, ମହାନଦୀ ଜଳ ସମସ୍ୟାର ସମାଧାନ ଓ ପୋଲାଭରମ ପ୍ରକଳ୍ପ ବନ୍ଦ ଦାବିରେ ଓଡିଶାର ପ୍ରତ୍ୟେକ ଜିଲାର ବିଭିନ୍ନ ବ୍ଲକର ବିଡିଓଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରୁଛନ୍ତି । ଏହି କ୍ରମରେ ସେ ପାଇକମାଳ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ସତ୍ୟବ୍ରତ ଶନିବାର ସକାଳେ ଜାମସେଠ ବସ୍‌ଷ୍ଟାଣ୍ଡରେ ପହଞ୍ଚିବା ପରେ ଜିଲା ପରିଷଦ ସଦସ୍ୟ ବିଶ୍ୱନାଥ ବାଗ, ଜାମସେଠର ଶରତ ତାଣ୍ଡି, ନରୋତ୍ତମ ମାଝୀ, ଜିତୁନ ପଟ୍ଟନାୟକ, ମଦନ ଭୋଇ, ପପୁନ ସାହୁ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ । ସେ ରବିବାର ନୂଆପଡା ଜିଲା କୋମନା ଓ ରାଜଖରିଆର ଯିବା ପାଇଁ ସୂଚନା ଦେଇଛନ୍ତି ।



ପାଇକମାଳରେ ପଦଯାତ୍ରୀ ଯୁବକଙ୍କୁ ସ୍ୱାଗତ କରାଯାଉଛି ।

# ପାଇକମାଳରେ ଗୀତା ବିତରଣ ଉତ୍ସବ



ପାଇକମାଳରେ ଗୀତା ବଣ୍ଟନ କରାଯାଉଛି ।

ପାଇକମାଳ, ୪।୧ (ଡି.ଏନ.ଏ)

ଅନ୍ତଃରାଷ୍ଟ୍ରୀୟ କୃଷ୍ଣ ଭାବନାମୃତ ସଂଘ ଅନୁଗୋଳ ଶାଖା ତରଫରୁ ଗୀତା ଜୟନ୍ତୀ ପାଳନ ଅବସରରେ ପାଇକମାଳର ବିଭିନ୍ନ ଅନୁଷ୍ଠାନ, ସ୍କୁଲରେ ଭାଗବତ ଗୀତା ବଣ୍ଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ପାଇକମାଳ ବ୍ଲକ ବିନ୍ଧ୍ୟାବାସିନୀ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଡ. ଜୟଶ୍ରୀ ସାହୁ ଏବଂ ଡ. ପ୍ରଦୀପ କୁମାର ସାହୁ ଭାଗବତ ଗୀତାର ମହତ୍ତ୍ୱ ବର୍ଣ୍ଣନା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଶ୍ୟାମଲାଲ ପ୍ରଧାନଙ୍କ ଅଧକ୍ଷତାରେ ଯୁକ୍ତ ୨ ଛାତ୍ରୀମାନଙ୍କୁ ୮୦ ଖଣ୍ଡ ଭାଗବତ ଗୀତା ବଣ୍ଟନ କରାଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷ, ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ । ଧ୍ୟାପିକା ସବିତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

■ ବୌଦ୍ଧରେ ଭାଜପାର ଖବରଦାତା ସମ୍ମିଳନୀ

# ଭାରତର ସ୍ୱାର୍ଥ ପାଇଁ ନାଗରିକତ୍ୱ ସଂଶୋଧନ ଆଇନ

ବୌଦ୍ଧ,୪।୧(ସ୍ୱ.ପ୍ର)

ରାଷ୍ଟ୍ରୀୟ ନାଗରିକ ପଞ୍ଜିକା ଓ ନାଗରିକତ୍ୱ ସଂଶୋଧିତ ଆଇନକୁ ନେଇ ଶନିବାର ବୌଦ୍ଧରେ ଭାଜପାର ଏକ ଖବରଦାତା ସମ୍ମିଳନୀ ସ୍ଥାନୀୟ ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ମହାମେଘବାହନ ଐର ଖାରବେଳ ସ୍ୱାଇଁ ଯୋଗଦେଇ ଏହି ଆଇନ ଯୁକ୍ତିଯୁକ୍ତ ଅଟେ ଓ ଏହା ଭାରତର ସ୍ୱାର୍ଥ ପାଇଁ କାର୍ଯ୍ୟ କରିବ ବୋଲି ମତବ୍ୟକ୍ତ କରିଥିଲେ। ଏହା ସହ କେନ୍ଦ୍ର ସରକାରଙ୍କ ପକ୍ଷରୁ ନାଗରିକତ୍ୱ ସଂଶୋଧନ ନିୟମ ୨୦୧୯ ସଂସଦରେ ପାରିତ କରିବା ପରେ ଏହା ବିରୋଧରେ ସାରା ଦେଶରେ ଘୋର ଆନ୍ଦୋଳନ ହେଉଥିବାରୁ ଏହି ଆଇନ ସମ୍ପର୍କରେ ସଚେତନା କରାଯିବାକୁ ଖବରଦାତା ସମ୍ମିଳନୀ କରାଯାଇଥିବା ସେ ସୂଚନା ଦେଇଥିଲେ। ଏହି ଆଇନ ଦ୍ୱାରା ସର୍ବ ପ୍ରଥମେ ଦେଶର ନାଗରିକ କିଏ ପ୍ରକାଶ କରାଯିବ। ବଡ ବଡ ଦେଶରେ ରାଷ୍ଟ୍ରୀୟ ପରିଚୟ ପତ୍ର ଅଛି। କିନ୍ତୁ ଏହା ଆଜି ପର୍ଯ୍ୟନ୍ତ ଭାରତରେ ନାହିଁ। ଏହାସହ ଭାରତରେ ଯେଉଁ ମୁସଲମାନ ରହୁଛନ୍ତି, ସେମାନଙ୍କ ପ୍ରତି କିଛି ବିପଦ ନାହିଁ । ତେଣୁ ମୁସଲମାନ ଭାଇମାନେ ବିବ୍ରତ ହୁଅନ୍ତୁ ନାହିଁ ବୋଲି ସ୍ୱାଇଁ କହିଥିଲେ । ଏହି ଆଇନ ଲାଗୁ କରିବା ପରେ ଅନୁପ୍ରବେଶକାରୀଙ୍କ ଉପରେ ଅଙ୍କୁଶ ଲାଗିବା ସହ ଅନୈତିକ କାର୍ଯ୍ୟକଳାପକୁ ରୋକା ଯାଇପାରିବ। ଖବରଦାତା ସମ୍ମିଳନୀରେ ଜିଲା ସଭାପତି ବିପ୍ର ଚରଣ ମହାନ୍ତି, ବରିଷ୍ଠ ନେତା ସଚ୍ଚିଦାନନ୍ଦ ଦଲାଲ, କହ୍ନେଇ ଚରଣ କକଡାଙ୍ଗ, ସୁଶାନ୍ତ କୁମାର ପ୍ରଧାନ ଓ ପ୍ରଦୋଷ କୁମାର ମିଶ୍ର ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ ।

■ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା

# ସାମିଲ ହେଲେ ୫୦ ଦିବ୍ୟାଙ୍ଗ





ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

ବିଜେପୁର, ୪।୧ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ସଙ୍କର୍ଷଣ ଉଚ୍ଚ ପ୍ରାଥମିକ ସ୍କୁଲ ପଡିଆରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ୫୦ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ମ୍ୟୁଜିକ ଚେୟାରରେ ଶ୍ରବଣବାଧିତ ବିଭାଗର ମାନସ ସାହୁ ୧ମ, ପ୍ରତ୍ୟୁଷ ଦାଶ ୨ୟ ଏବଂ ଚନ୍ଦନ ସାହୁ ୩ୟ ହୋଇଥିବା ବେଳେ ଦୃଷ୍ଟିବାଧିତ ବର୍ଗରେ ପ୍ରତିମା ମେହେର ୧ମ, ଲିପି ମାଝୀ ୨ୟ, ରାଜେଶ ମହାନ ୩ୟ ବିବେଚିତ ହୋଇଥିଲେ। ସଟପୁଟ ଫିଙ୍ଗାରେ ବାଳକ ବର୍ଗରେ କର୍ଣ୍ଣ ଉନସନା, ଗୋବିନ୍ଦ ସାହୁ, ଦୁଃଖିଶ୍ୟାମ ବରିହା ଏବଂ ବାଳିକା ବର୍ଗରେ ବିନୋଦିନୀ ଲୁହା ଶ୍ରେଷ୍ଠ ଘୋଷିତ ହୋଇଥିଲେ। ଫୁଟବଲ ଫିଙ୍ଗାରେ ବାଳକ ବର୍ଗରେ ଉତ୍ତମ ରଣା, ଚନ୍ଦ୍ରଶେଖର ଛତର, ଅମନ ପରିଡା ଏବଂ ବାଳିକା ବର୍ଗରେ ସର ବେଶ୍ରା, ଲିପି ମାଝୀ, ପ୍ରତିମା ମେହେର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଉଦଯାପନୀ ସମାରୋହରେ ଏବିଇଓ ସୁଶାନ୍ତ କୁମାର ପାଣ୍ଡେ ଓ ଅମୂଲ୍ୟ ପଧାନ ଅତିଥି ଭାବେ ଯୋଗ ଦେଇଥିଲେ। ବିଆରଟି ଜନାର୍ଦ୍ଦନ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ହୃଦମଣି ସାହୁ, କ୍ରିଷ୍ଣା ଦାଶ, ହରେକୃଷ୍ଣ ସାହୁ, ପୁଷ୍ପରଞ୍ଜନ ପଧାନ ପ୍ରମୁଖ ଖେଳ ଶିକ୍ଷକ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ପ୍ରଶାନ୍ତ ଗଡତିଆ ଧନ୍ୟବାଦ ଅର୍ପଣ କରିଥିଲେ।



❝ ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।
- ଶ୍ରୀଚୈତନ୍ୟ



**ସଂକ୍ଷେପରେ**

## ଦିଗସିରା ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଯାପିତ

ଡୁଙ୍ଗୁରିପାଲି, ୪।୧(ଡି.ଏନ.ଏ.):ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗସିରା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ କଂସ ବଧ ଓ ଉଗ୍ରେସନଙ୍କ ରାଜ୍ୟାଭିଷେକ ସହ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ରଜନୀରେ ମୁଖ୍ୟ ଅତିଥିଭାବେ ରାମପୁର ତହସିଲଦାର ଶ୍ୱେତପଦ୍ମା ଯୋଶୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଦିଗସିରା ସରପଞ୍ଚ ଲବ ମେହେର, ସମିତି ସଭ୍ୟ ବିଶ୍ୱନାଥ ମେହେର, ୱାର୍ଡସଭ୍ୟ ସହଦେବ ପଧାନ, ଡୁଙ୍ଗୁରିପାଲି ଏଏସଆଇ ଯଯାତି କେଶରୀ ସାହୁ ଉପସ୍ଥିତ ଥିଲେ। କଂସ ଦରବାରରେ ବିଭିନ୍ନ ଭୂମିକାରେ ଅଭିନୟ କରୁଥିବା କଳାକାରମାନଙ୍କୁ କଂସ ମହାରାଜା ସମ୍ମାନୀତ କରିଥିଲେ। ସେହିପରି ମହୋତ୍ସବ କାଳରେ କଂସ ଦରବାରରେ ସଫଳଭାବେ ମଞ୍ଚ ପରିଚାଳନା କରିଥିବା ଦୀନବନ୍ଧୁ ସୁନାଙ୍କୁ ମଧ ସମ୍ମାନୀତ କରାଯାଇଥିଲା।

ବଲାଙ୍ଗୀର ଲୋକଉତ୍ସବ ଦ୍ୱିତୀୟ ସନ୍ଧ୍ୟା

# କଳାକାରଙ୍କ ସରଳତା, ନିଷ୍ଠା ଶିକ୍ଷଣୀୟ

**ବଲାଙ୍ଗୀର ଅଫିସ, ୪।୧**

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ଅନୁଷ୍ଠିତ ବିଂଶତିତମ ଲୋକଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କଳାକାରମାନେ ଦର୍ଶକଙ୍କ ମନ ମୋହିଛନ୍ତି । ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାନ୍ଧ୍ୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ସୁବାସ ଚୌହାନ ଯୋଗଦେଇ ବଲାଙ୍ଗୀରର କଳା, ସଂସ୍କୃତି ଅତି ଉଚ୍ଚକୋଟୀର ବୋଲି କହିଥିଲେ । କଳାକାରଙ୍କ କଳାସଂସ୍କୃତି ଭଳି ଅର୍ଥନୈତିକ ଦିଗରୁ ମଧ ବଲାଙ୍ଗୀରକୁ ସମୃଦ୍ଧ କରିବାକୁ ହେବ ବୋଲି ସେ କହିଥିଲେ। ସଭା ପ୍ରାରମ୍ଭରେ ସେ ଓରମାସ୍ ପକ୍ଷରୁ ଅନୁଷ୍ଠିତ ପଲ୍ଲୀଶ୍ରୀ ମେଳା ଓ ହସ୍ତତନ୍ତ ମେଳା ବୁଲି ଦେଖିଥିଲେ । ବିଶିଷ୍ଟ ସାରସ୍ୱତ ସାଧକ ପ୍ରଫେସର ମଧୁସୂଦନ ପତି ସମ୍ମାନିତ ଅତିଥିଭାବେ ଯୋଗଦେଇ କଳାକାରର ସରଳତା ଓ ନିଷ୍ଠାପରତାକୁ ଆମେ ଶିଖିପାରିଲେ ଲୋକଉତ୍ସବର ପରିକଳ୍ପନା ସଫଳ ହେବ ବୋଲି କହିଥିଲେ । ଅନ୍ୟତମ ଅତିଥି ଅବସରପ୍ରାପ୍ତ ଭାରତୀୟ ରାଜସ୍ୱସେବା ଅଧିକାରୀ ତଥା ସ୍ତମ୍ଭକାର ଡ. ଶ୍ରୀକାନ୍ତ ଚଟାର୍ଜୀ ତାଙ୍କ ବକ୍ତବ୍ୟରେ କଳା ପ୍ରତି ନିଷ୍ଠା ଓ ତ୍ୟାଗ ହିଁ କଳାକାରକୁ ସଫଳତା ଆଣିଦିଏ ବୋଲି କହିଥିଲେ । ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ଜିତେନ୍ଦ୍ର



ସାଂସ୍କୃତିକ ସନ୍ଧ୍ୟାରେ ପରିବେଷିତ ଲୋକନୃତ୍ୟ ମାକଡ୍ ବିହା ।

ମିଶ୍ର ତାଙ୍କ ବକ୍ତବ୍ୟରେ ବଲାଙ୍ଗୀରର କଳା ସଂସ୍କୃତି ବିଶ୍ୱସ୍ତରରେ ପରିଚୟ ସୃଷ୍ଟି କରିପାରିଛି ବୋଲି କହିଥିଲେ । ସଭାରେ ଦଣ୍ଡନୃତ୍ୟର ପ୍ରଖ୍ୟାତ୍ ଢୁଲିଆ ମଗ୍‌ସିର ନନ୍ଦଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଅତିଥି କଳାକାର ଭାବେ ଦୁଷ୍ମନ୍ତ ପଟେଲ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମକୁ ଆନନ୍ଦଚନ୍ଦ୍ର ସାହୁ ପରିଚାଳନା କରିଥିଲେ ଓ ଶେଷରେ ପ୍ରଚାର ପ୍ରସାର କମିଟି ସହଅଧକ୍ଷ ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ । ସଭା ପ୍ରାରମ୍ଭରେ ଆକାଶବାଣୀ କଳାକାର ଦୀପ୍ତି ପ୍ରକାଶ ଦାସ, ଅପରୂପା ମହାନ୍ତି, କ୍ରିଷ୍ଣା ସାହୁ, ବର୍ଷା ବହିଦାର, ଗୀତିକାର ରତନ ପୂଜାରୀ ସଙ୍ଗୀତ ଗାନ କରିଥିଲେ । ପରେ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମରେ ପାର୍ବତୀଗିରି ବାଳନିକେତନ, ସୁରମନ୍ଦିର, ଇଜେଡ୍‌ସିସିରୁ କୋଲକତାର କଳାକାରମାନେ ଭାରତନାଟ୍ୟମ, ଟିଟିଲାଗଡର ଏକତାରା, ଆସାମର ଭୋରତାର ଡ୍ୟାନ୍ସ, ବଲାଙ୍ଗୀର ଦୁଲଦୁଲି କଳା ପରିଷଦ, ହରିଆଣା ଏନ୍‌ଜେଡ୍‌ସିସି ଫାଗ ଡ୍ୟାନ୍ସ, କାଶ୍ମୀର ଏନ୍‌ଜେଡସିସିର ରୌଫ ଡ୍ୟାନ୍ସ, ଝୁମର, ଝାଡଖଣ୍ଡ ଇଜେଡସିସିର ଶିକାରୀ ନୃତ୍ୟ, ଖୋର୍ଦ୍ଧା ପାଇକା ନୃତ୍ୟ ପ୍ରଦର୍ଶନ କରିଥିଲେ। ସେହିପରି ବ୍ଲକସ୍ତରୀୟ ଲୋକଉତ୍ସବରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଲୋକନୃତ୍ୟ କଳାକାର ମାନେ ନୃତ୍ୟ ପରିବେଷଣ କରିଥିଲେ । ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମକୁ କୁମୁଦ ବିହାରୀ ବେଦବାକ, ସରୋଜ ବିଶ୍ୱାଳ, ସ୍ନେହା ପ୍ରତ୍ୟାଶା ନନ୍ଦ, ଅର୍ଜୁନ ସାହୁ, ପ୍ରତୀତୀ ମିଶ୍ର, ଲିଲି ପଟେଲ, ଜିତେନ୍ଦ୍ର ଛତ୍ରିଆ, ଐଶର୍ଯ୍ୟା ଦାସ ଓ ସୁଧୀର ନାୟକ ପରିଚାଳନା କରିଥିଲେ ।



ଗାନ୍ଧୀ ଭବନଠାରେ ସମ୍ମାନ ସମିତି ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଆଲୋଚକମାନେ ।



ଲୋକବାଦ୍ୟ ପ୍ରତିଯୋଗିତାର କୃତୀ କଳାକାରମାନେ ।

ଦ୍ୱିତୀୟ ଦିବସରେ ଲୋକଉତ୍ସବ

# ସମ୍ମାନ, ଲୋକବାଦ୍ୟ ପ୍ରତିଯୋଗିତା

**ବଲାଙ୍ଗୀର ଅଫିସ, ୪।୧**

ବଲାଙ୍ଗୀର ଲୋକଉତ୍ସବର ଶନିବାର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିଲା । ଗାନ୍ଧୀ ଭବନଠାରେ ଲୋକଉତ୍ସବ ସମ୍ମାନ ସମିତି ଆନୁକୂଲ୍ୟରେ ଡାଲଖାଇ, ଡାପ, ଘୁଡୁକା-ଆମର୍ ପହେଚାନ୍ କେନ୍‌ତା ଶୀର୍ଷକ ଆଲୋଚନାଚକ୍ରରେ ସମ୍ମାନ ସମିତି ଅଧକ୍ଷ ରବୀନ୍ଦ୍ର ଦଲେଇ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଐତିହାସିକ ତଥା ସଂସ୍କୃତି ଗବେଷକ ଶଶାଙ୍କ ଶେଖର ପଣ୍ଡା ଯୋଗଦେଇ ବଲାଙ୍ଗୀର ମାଟିର କଳା, ସଂସ୍କୃତି ବେଶ ସମୃଦ୍ଧ ଓ ଏଠାରେ ଗବେଷଣା ପାଇଁ ଅନେକ ଭିତ୍ତିଭୂମି ରହିଥିବା କହିଥିଲେ। ଗବେଷକ ଡ. ଦୋଳଗୋବିନ୍ଦ ବିଶି ଡାଲଖାଇର ଉଦ୍ଭବ ବଲାଙ୍ଗୀରରୁ ହୋଇଛି ବୋଲି କହିଥିଲେ । ଘୁଡକା ଗବେଷକ ଡ. ପବିତ୍ର କୁମାର ଦଣ୍ଡସେନା ଓ ଆଲୋଚକ ଡ. ପରମେଶ୍ୱର ମୁଣ୍ଡ ପ୍ରାମାଣିକ ତଥ୍ୟ ଉପସ୍ଥାପନ କରି ବଲାଙ୍ଗୀର ମାଟିର କଳା ପରିଚୟ ସମ୍ପର୍କରେ କହିଥିଲେ। ସଭାକୁ କବି ଆନନ୍ଦ ଚନ୍ଦ୍ର ସାହୁ ସଞ୍ଚାଳନ କରିଥିଲେ। ଏହି ଅବସରରେ ବଲାଙ୍ଗୀର ଲୋକଉତ୍ସବ ସମ୍ମାନ ସମ୍ମାନ ଡ. ଦୋଳଗୋବିନ୍ଦ ବିଶିଙ୍କୁ ପ୍ରଦାନ କରାଯାଇଥିଲା। ଶେଷରେ ସମ୍ମାନ ସମିତି ସହଅଧକ୍ଷ ଶିକ୍ଷାବିତ ସନାତନ ଠାକୁର ଧନ୍ୟବାଦ ଦେଇଥିଲେ। କୋଶଳ କଳାମଣ୍ଡଳ ପୁରୁଣା ମଞ୍ଚରେ ପୂର୍ବାହ୍ନ ୧୧ଟାରୁ ଜିଲାସ୍ତରୀୟ ଲୋକବାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦଳୀୟ ପ୍ରତିଯୋଗିତାରେ ଦୁଲଦୁଲି କଳାକାର ଚକ୍ର ନାଗ ଓ ସାଥୀ ପ୍ରଥମ, ଦୀନବନ୍ଧୁ ବାରିକ ଓ ସାଥୀ ଦ୍ୱିତୀୟ ଏବଂ ବିପିନ ଶିକା ଓ ସାଥୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଲୋକବାଦ୍ୟ ଏକକ ପ୍ରତିଯୋଗିତାରେ ଜଗନ୍ନାଥ ଦାସ(ମୃଦଙ୍ଗ) ପ୍ରଥମ, ବଦ୍ରି ମହାନନ୍ଦ(ଢୋଲ) ଦ୍ୱିତୀୟ ଓ ଜିତେନ୍ଦ୍ର ନାଗ(ମୃଦଙ୍ଗ) ପରିବେଷଣ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ, ଅଭ୍ୟର୍ଥନା କମିଟି ସହଅଧକ୍ଷ ସତ୍ୟସୁନ୍ଦର ଭଞ୍ଜ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଚାରକ ଭାବେ ବରିଷ୍ଠ କଳାକାର ଟଙ୍କଧର ମିଶ୍ର, ସୁରଞ୍ଜିତ ସାହାଣୀ, ଗୌର କିଶୋର ମହାପାତ୍ର, ବଂଶୀଧର ବେହେରା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅର୍ଜୁନ କୁମାର ସାହୁ ପରିଚାଳନା କରିଥିଲେ।

# ବୃନ୍ଦାବତୀଙ୍କ ପାଖରେ ପହଞ୍ଚିଲା ଡାକ୍ତରୀ ଦଳ

**ବିନିକା,୪।୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ପଞ୍ଚାୟତ ଅନ୍ତର୍ଗତ ଖଇରମାଳ ଗ୍ରାମର ସତ୍ୟ ନାରାୟଣ ବାରିକଙ୍କ ରୋଗାଗ୍ରସ୍ତ ସ୍ତ୍ରୀ ବୃନ୍ଦାବତୀ ଓ ତାଙ୍କ ପାଞ୍ଚ ଝିଅଙ୍କ ଦୁଃଖଭରା କାହାଣୀ ସମ୍ପର୍କିତ ଏକ ଖବର ଡିସେମ୍ବର ୨୨ତାରିଖରେ ଧରିତ୍ରୀରେ ପ୍ରକାଶିତ ହୋଇଥିଲା। ଶୁକ୍ରବାର ବିନିକା ମେଡିକାଲର ଏକ ଡାକ୍ତରୀ ଦଳ ଖଇରମାଳ ଗ୍ରାମରେ ପହଞ୍ଚି ବୃନ୍ଦାବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରାପ୍ରାପ୍ତ ଚିକିତ୍ସା ଅଧିକାରୀ ଜୟ ପ୍ରକାଶ ପଧାନଙ୍କ ସହ ଡାକ୍ତରୀ ଦଳରେ ସ୍ଥାନୀୟ ଆଶାକର୍ମୀ ସାମିଲ ହୋଇଥିଲେ। ଡାକ୍ତର ପଧାନ କହିଛନ୍ତି ଯେ, ବୃନ୍ଦାବତୀଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସଂଗ୍ରହ କରାଯାଇ ଜିଲା ସ୍ୱାସ୍ଥ୍ୟ ବିଭାଗଙ୍କୁ ପଠାଯାଇଛି । ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଯାହା ସମ୍ଭବ ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି କହିଥିଲେ । ଅନ୍ୟପକ୍ଷେ ବୃନ୍ଦାବତୀଙ୍କ ଝିଅମାନଙ୍କୁ ଡାକ୍ତରୀ ଦଳଙ୍କ ଗସ୍ତକୁ ନେଇ ପଚାରିବାରୁ ମାଙ୍କର ରୋଗ ସଂକ୍ରାନ୍ତୀୟ କାଗଜପତ୍ର ଯାଞ୍ଚ କରିବା ପରେ ଓଲଟପୁରରେ ଭର୍ତ୍ତି କରିବା ପାଇଁ ଡାକ୍ତରୀ ଦଳ ପରାମର୍ଶ ଦେଇଥିବା କହିଛନ୍ତି।

# ଆଇ ଆମ୍ କଲାମ କପ୍: ବରଗଡ଼ ୟୁନାଇଟେଡ ବିଜୟୀ

**ଲୋଇସିଂହା,୪।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମଠାରେ ଚାଲିଥିବା ଆଇ ଆମ୍ କଲାମ କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଦ୍ୱିତୀୟ ଦିନରେ ବରଗଡ଼ ୟୁନାଇଟେଡ ଓ କୁଚିଣ୍ଡା ମହାବୀର କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା । ଏଥିରେ ୧–୦ ଗୋଲରେ ବରଗଡ ୟୁନାଇଟେଡ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଏ' ଗ୍ରୁପର ପ୍ରଥମ ସେମିଫାଇନାଲ ଖେଳ ଲୋଇସିଂହା ଏପିଜେ ଓ ବରଗଡ ମଧ୍ୟରେ ଅନୁଷ୍ଠିତ ହେବ। ବରଗଡ ୟୁନାଇଟେଡ ଦଳର ଭରତ ମୁଣ୍ଡା ଗୋଟିଏ ଗୋଲ ଦେଇ ମ୍ୟାନ ଅପ୍ ଦି ମ୍ୟାଚ ବିବେଚିତ ହୋଇଥିଲେ । ସୁବ୍ରତ ପୁରୋହିତ ଖେଳ ପରିଚାଳନା କରିଥିବା ବେଳେ ତାଙ୍କୁ ଦେବାଶିଷ ବାଗ, ଚିତ୍ତରଞ୍ଜନ ପାଣ୍ଡେ, ସୁଧାଂଶୁ ସେଠ ପ୍ରମୁଖ ସହଯୋଗ କରିଥିଲେ। ଶନିବାର ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବିଜେପୁର ବିଧାୟିକା ରୀତା ସାହୁ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ।



ମୁଖ୍ୟଅତିଥି ବିଜେପୁର ବିଧାୟିକା ରୀତା ସାହୁଙ୍କ ସହ ଆୟୋଜକ କର୍ମକର୍ତ୍ତା।

# ବାଉଁଶୁଣୀ କନିଷ୍ଠ ମହାବିଦ୍ୟାଳୟ ରଜତ ଜୟନ୍ତୀ ଉତ୍ସବ

**ବିନିକା,୪।୧(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଧୀନ ବାଉଁଶୁଣୀ ଜଗନ୍ନାଥ କନିଷ୍ଠ ମହାବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହର ଶନିବାର ଥିଲା ଦ୍ୱିତୀୟ ଦିନ। ଏହି ଅବସରରେ କଲେଜ ସମ୍ମୁଖରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ନାମଯଜ୍ଞରେ କର୍ତ୍ତା ଭାବେ ନିର୍ମଳ ଷାଣ୍ଡ ଏବଂ ତାଙ୍କ ସ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ୟାମ ସୁନ୍ଦର ହୋତା ବ୍ୟାସ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ଯଜ୍ଞରେ ଶକମା, ଚରଦା, ଜକତୀ, କୁଡାଡେରା, ତାଳପଡ଼ା, ଡବଲଙ୍ଗ, ବାଉଁଶୁଣୀର ସଂକୀର୍ତ୍ତନ ଦଳ, ମହିଳି ସଂକୀର୍ତ୍ତନ୍ୟ ଦଳତ ମଧ୍ୟରେ ସେକାମାଳ, ଶଙ୍କରା ଓ ଗୁଲୁଣ୍ଡା ପ୍ରମୁଖ ଦଳ ସାମିଲ ହୋଇ ନାମସଂକୀର୍ତ୍ତନ କରିଥିଲେ। ସମାରୋହର ଦ୍ୱିତୀୟ ଦିବସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରଜତ ଜୟନ୍ତୀ ସମାରୋହର ସଭାପତି ଘନଶ୍ୟାମ ମୁଦୁଲୀ, ସମ୍ପାଦକ ଯୁଗେଶ୍ୱର କବାଟ ନେତୃତ୍ୱ ନେଇଥିବା ବେଳେ ଉମା ଶଙ୍କର ଭୋଇ, ପିଙ୍କୁ ଖମାରୀ, ଯୁଗେଶ୍ୱର ସେଠ୍, ଦୟାନିଧି ଟାଲି, ଦିଲୀପ ବାରିକ, ଉତ୍ତର ଚିରଗୁନ, ନବୀନ ଅମାତ, ହାଡୁ ଷାଣ୍ଡ, ସରତ ବାରିକ, ମାର୍କଣ୍ଡ ମଲ୍ଲିକ, ଗୋବିନ୍ଦ ମଲ୍ଲିକ, ସଦାଶିବ ସାଙ୍କ ସମେତ କମିଟିର ସମସ୍ତ ସଦସ୍ୟବୃନ୍ଦ ସହଯୋଗ କରିଥିଲେ। ଶୁକ୍ରବାର ରଜତ ଜୟନ୍ତୀ ସମାରୋହର ପ୍ରଥମ ଦିବସରେ କଲେଜର ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଅନୁଷ୍ଠିତ ସମାରୋହରେ କଲେଜ ଅଧକ୍ଷ ବନବିହାରୀ ମିଶ୍ରଙ୍କ ଅଧକ୍ଷତାରେ ସଭାପତି ଘନଶ୍ୟାମ ମୁଦୁଲୀଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ପ୍ରାରମ୍ଭ ହୋଇଥିଲା। ଏଥିରେ ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିନିକା ବ୍ଲକ ଅଧକ୍ଷ ଅଶୋକ ନନ୍ଦ, ବାଉଁଶୁଣୀ ସରପଞ୍ଚ ରୀନା ମହଲା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିମାନେ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ମନ୍ତ୍ରୀ ସାହୁ ରଜତ ଜୟନ୍ତୀ ସମାରୋହର ସଭାମଞ୍ଚ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ସାହୁ ବକ୍ତବ୍ୟରେ ଛାତ୍ରୀଛାତ୍ରମାନଙ୍କୁ ସମାଜର ମାର୍ଗଦର୍ଶକ ବୋଲି କହିଥିଲେ।

**ପୂର୍ବ ତଟ ରେଳପଥ**

**ନିର୍ମାଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMBBS2019075, ତା: 30.12.2019

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ଅନ୍ତର୍ଗତ ସମ୍ବଲପୁର ମଣ୍ଡଳର କଳାହାଣ୍ଡି ଜିଲ୍ଲାରେ ନର୍ଲା ରୋଡ୍ ରେଳ ଷ୍ଟେସନ ନିକଟରେ ଇଲେକ୍ଟ୍ରିକ୍ ଲୋକୋ ନିର୍ଦ୍ଦିଷ୍ଟକାଳିକ ଓଭରହଲିଂ (POH) କାରଖାନା ସ୍ଥାପନା ସମ୍ବନ୍ଧୀୟ ସଡ଼କ କ୍ରସିଂ ସର୍ବେକ୍ଷଣ, ମାଟି ଅନୁସନ୍ଧାନ, ବ୍ରିଜ୍ ଗୁଡ଼ିକ ନିମନ୍ତେ ଭୂ-ବୈଷୟିକ ଅଧ୍ୟୟନ, ଜେନେରାଲ୍ ଆରେଞ୍ଜମେଣ୍ଟ୍ ଡ୍ରଇଂର ଡ଼ିଜାଇନ୍ ଓ ପ୍ରସ୍ତୁତି, ଫରେଷ୍ଟ ଡ଼ାଇଭରସନ୍ ପ୍ରସ୍ତାବ ନିମନ୍ତେ ନକ୍ସା ପ୍ରସ୍ତୁତି ଇତ୍ୟାଦି ଭଳି ପ୍ରାରମ୍ଭିକ କାର୍ଯ୍ୟ ଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 55.13 ଲକ୍ଷ, EMD : ₹1,10,300.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,900.00, କାର୍ଯ୍ୟ ସମାପ୍ତିର ଅବଧି : 12(ବାର)ମାସ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 21.01.2020ର 1200 ଘ. ରେ

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର

PR-103/CC/19-20

**No. 2941** **Office of the District Central Coop. Bank Ltd., Balangir** **Date: 30.12.2019**

To
Sri Ananda Kumar Bagarty, S/o Sri Bagdol Bagarty
At/PO: Tusura, P.S.: Tusura, Dist: Balangir.

Sir,

It is experienced that, since dt. 24.01.2014, you are absconded from your assignment without submitting any leave application or prior permission from the competent authority. Hence you are directed to join in your duty immediately, else, action as deemed fit shall be initiated against you as per Staff Service Rule of the Bank.

Yours faithfully,
**Sd./- (Sri B.N. Raiguru), CEO, Balangir DCC Bank Ltd., Balangir**

**No. 2942** **Office of the District Central Coop. Bank Ltd., Balangir** **Date: 30.12.2019**

To
Sri Nandi Kishore Nag, S/o Sri Rameswar Nag
At/PO: Rampur, P.S.: Patnagarh, Dist: Balangir.

Sir,

It is experienced that, since November, 2017, you are absconded from your assignment without submitting any leave application or prior permission from the competent authority. Hence you are directed to join in your duty immediately, else, action as deemed fit shall be initiated against you as per Staff Service Rule of the Bank.

Yours faithfully,
**Sd./- (Sri B.N. Raiguru), CEO, Balangir DCC Bank Ltd., Balangir**

**IN THE DEBT RECOVERY TRIBUNAL: CUTTACK**
**O.A. No. 868/2019**

**UCO Bank, Sambalpur Main Branch** ... **Applicant**
AND
**M/s Shruti Sales** ... **Defendant**

To
**Sole Defendant**
**M/s Shruti Sales,** represented by its **Proprietress: Smt Manjulata Sharma**, W/o: Late Balkrushna Sharma, At: Bag Market Complex, Opp-PHD Ground, Po/Ps: Ainthapalli, Sambalpur-768004.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted **OA No. 868/2019** in the Court of the Debt Recovery Tribunal, Cuttack for recovery of **Rs.28,86,220.64** only together with current and future interest, costs and other reliefs. The above mentioned defendant is therefore directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **05.02.2020 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in your absence.

Given under my hand and seal of this Tribunal on this 03rd day of January 2020.

Sd/- Sri Manoj Kumar Pattnaik
**REGISTRAR,** 03.01.2020

DADLS - 81



**ମହାନ ବିପ୍ଳବୀ ଚକରା ବିଷୋୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

୦୫ ଜାନୁଆରୀ, ୨୦୨୦(ଶାମ୍ବ ଦଶମୀ)

**ସାଧାରଣ ସଭା**

ସମୟ – ସନ୍ଧ୍ୟା ଘ.୫.୩୦ ମିନିଟ୍ | ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**
ମାନ୍ୟବର ମନ୍ତ୍ରୀ, ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ବିଭାଗ

ବିଶିଷ୍ଟ ଅତିଥି – **ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ**
ମାନ୍ୟବର ମନ୍ତ୍ରୀ, ସଂସଦୀୟ ବ୍ୟାପାର, ଜଙ୍ଗଲ ଓ ପରିବେଶ

ସମ୍ମାନିତ ଅତିଥି– **ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ,**
ଉପଦେଷ୍ଟା, ଓଡ଼ିଶା ସରକାର, ଗଣମାଧ୍ୟମ ଓ ଲୋକସମ୍ପର୍କ

ମୁଖ୍ୟବକ୍ତା – **ପ୍ରଫେସର ନାରାୟଣ ରାଓ,** ବିଶିଷ୍ଟ ଐତିହାସିକ

ମୁଖ୍ୟ ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ଶ୍ରୀ ଶ୍ରୀ ଦଧିବାମନ ଢୁମ୍ପା ସଙ୍ଗୀତ କଳାପୀଠ, ଦିଗପହଣ୍ଡି, ଗଞ୍ଜାମଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ତରୁଣ କଳାକାର ସଂସ୍ଥା, ଭଞ୍ଜନଗରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଯୋଗ ଦେବାକୁ ଆପଣଙ୍କୁ ସାଦର ନିମନ୍ତ୍ରଣ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0116/1920



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।

- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ବୃଦ୍ଧାବୃଦ୍ଧଙ୍କ ସମସ୍ୟା ବୁଝିଲେ ବ୍ଲକ ଅଧ୍ୟକ୍ଷ

**କୋମନା,୪।୧(ଡି.ଏନ.ଏ.):** ନୂଆପଡା ଜିଲା କୋମନା ବ୍ଲକ ଦେଓଦରାସ୍ଥିତ ମା' ଇନ୍ଦ୍ରାଦି ଦେବୀଙ୍କ ଗୁଡି ପରିସରରେ ଦେଓଧରା ଗ୍ରାମପଞ୍ଚାୟତ ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ମୁରଲୀ ଭୋଇ, ଦେଓଦରା ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଦୀପ, ନାଏବ ସରପଞ୍ଚ ଜୟନ୍ତ ବାଗ, ମହାଦେବ ଦୀପ, ଇନ୍ଦ୍ରାଦୀ ଗୁଡି ପୂଝାରୀ, ଆଗ୍ରେନ ସମିତିସଭ୍ୟ ମୁରଲିଧର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଦେଓଧରା ପଞ୍ଚାୟତ ଅଧୀନରେ ଥିବା ମାଲପଡା, କୁଞ୍ଜଲପଡା, ମଲିକମୁଣ୍ଡା, ଧଁଅରାଭଟା ଓ ଦେଓଧରା ଗ୍ରାମର ଶତାଧିକ ବୃଦ୍ଧବୃଦ୍ଧା ଯୋଗଦେଇଥିବା ବେଳେ ତାଙ୍କ ବିଭିନ୍ନ ସମସ୍ୟା ଅଧ୍ୟକ୍ଷ ମିଶ୍ର ପଚାରି ବୁଝିଥିଲେ। ଉପସ୍ଥିତ ୧୩୦ ଜଣ ବୃଦ୍ଧବୃଦ୍ଧାଙ୍କୁ ଗୋଟିଏ ଗୋଟିଏ କମ୍ବଳ ଦେଇଥିଲେ।

# ୧୦ରୁ ୩୧ ତାରିଖଯାଏଁ ଯାଦବ ସମାଜ ନିର୍ବାଚନ

**ନୂଆପଡା ଅଫିସ,୪।୧**



ଜିଲାସ୍ତରୀୟ ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

- ୩ ମାସ ଧରି ହେବ ପ୍ରକ୍ରିୟା
- ରଜନାରେ ପ୍ରମୁଖ କର୍ମକର୍ତ୍ତାଙ୍କ ମେଳି

ଆସନ୍ତା ଜାନୁୟାରୀରୁ ନୂଆପଡା ଜିଲା ଯାଦବ ସମାଜର କର୍ମକର୍ତ୍ତା ନିର୍ବାଚନ ହେବ ବୋଲି ନିଷ୍ପତ୍ତି ହୋଇଛି। ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ରଜନାଗାଁରେ ଅନୁଷ୍ଠିତ ଜିଲାସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ହୋଇଥିବା ଜଣାପଡିଛି। ରଜନା ପଞ୍ଚାୟତ ପଡିଆରେ ଅନୁଷ୍ଠିତ ସଭାରେ ଜିଲା ସଭାପତି ହରେରାମ କଠାର ସଭାପତିତ୍ୱ କରିଥିବା ବେଳେ ସମସ୍ତ ବ୍ଲକ ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ। ଏଥିରେ ବିଶେଷ କରି ଜିଲା କାର୍ଯ୍ୟକାରୀ ସଭାପତି ଚଞ୍ଚଳ ସଗରିଆ, ଉପସଭାପତି ଭରତଲାଲ ରାଉତ, ଅକ୍ରୂର ନିଆଲ, କ୍ଷମାସିଂ ନିଆଲ, ସନ୍ତୋଷ ନିଆଲ, ନିତ୍ୟା କଟା, ସୁରେଶ ବାଗ, କିଶୋର କଠାର ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ସମାଜର ସାଙ୍ଗଠନିକ ବ୍ୟବସ୍ଥା ଉପରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା। ଯାଦବ ସମାଜର ଏକ ସ୍ୱତନ୍ତ୍ର ସମ୍ବିଧାନ ରହିଛି । ସେହିଭଳି ଏହା ଗଣତାନ୍ତ୍ରି ପଦ୍ଧତିରେ ନିର୍ବାଚନ ହୋଇଥାଏ । ଏଥିରେ ସ୍ୱଚ୍ଛତା ଆଣିବାକୁ ନିର୍ବାଚନକୁ ଅବାଧ ଏବଂ ମୁକ୍ତ କରିବାକୁ ପ୍ରୟାସ କରାଯିବ ବୋଲି ଜିଲା ସଭାପତି କଠାର କହିଥିଲେ। ସେହିଭଳି ଏଥିପାଇଁ କ'ଣ ସବୁ ପ୍ରକ୍ରିୟା ରହିଛି। ପ୍ରାର୍ଥୀମାନର କକ୍ଷଣ ସବୁ ଯୋଗ୍ୟତା ରହିବା ଆବଶ୍ୟକ ସେ ଉପରେ ପ୍ରସ୍ତାବ ସବୁ ଗ୍ରହଣ କରାଯାଇଥିଲା। ସର୍ବସମ୍ମତିକ୍ରମେ ନିର୍ବାଚନ ତାରିଖ ସ୍ଥିରିକୃତ ହୋଇଥିଲା। ଏହିକ୍ରମରେ ଏକ ୧୦ଜଣିଆ ନିର୍ବାଚନ ତଦାରଖ ଟିମ ଗଠନ କରାଯାଇଛି। ଜାନୁୟାରୀ ୧୦ରୁ ୩୧ ତାରିଖ ଯାଏଁ ମାନ୍ଦି, ସମାଜର ନିର୍ବାଚନ ହେବ। ଏହିଭଳି ଫେବୃୟାରୀ ମାସ ଯାକ ବ୍ଲକ କର୍ମକର୍ତ୍ତା ଏବଂ ଶେଷରେ ମାର୍ଚ୍ଚରେ ଜିଲା କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ବୈଠକରେ ପ୍ରହଲ୍ଲାଦ ପୋଢ, ତ୍ରିନାଥ ପୁଞ୍ଜି, ତ୍ରିଲୋଚନ ନାଗ, ୟୁଧିଷ୍ଠିର ସଗରିଆ, ମଧୁ ସଗରିଆ, ପବିତ୍ର ପୋଢ, ମୋହନ କେତକୀ, ଅରକ୍ଷିତ ବାଗ, ଭରତ ସଗରିଆ, ବାସୁଦେବ ପୋଢ, ବିରାଟ ବାଗ, ଗଦାଧର ଗହୀର ପ୍ରମୁଖ ଯୋଗଦେଇଥିଲେ। ବୈଠକ ଶେଷରେ ରୁକ୍ଷିମଣୀ ନିଆଲ ଧନ୍ୟବାଦ ଜ୍ଞାପନ କରିଥିଲେ।

### ସ୍କୁଟି ଚୋରି କରିବା ଅଭିଯୋଗ

# ଜେଲ ଗଲେ କନ୍‌ଷ୍ଟେବଲ

- ଆଇନର ଊର୍ଦ୍ଧ୍ୱରେ କେହି ନୁହନ୍ତି

**ନୂଆପଡା ଅଫିସ, ୪।୧**

ନୂଆପଡା ଜିଲା ସଦର ମହକୁମାରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବଡ ବଡିଆ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ନିବାସ ରହିଛି। ଚାରିଆଡେ ସିସିଟିଭି ଜଗି ରହିଛି। ଏଭଳି ସ୍ଥିତିରେ ଜଣେ ପୋଲିସ କନଷ୍ଟେବଲ ବି ଚୋରି କରିବାକୁ ପଛାଇନାହାନ୍ତି । ସେ ଏକ ସ୍କୁଟି ଚୋରି କରିବା ଅଭିଯୋଗ ହୋଇଥିବା ବେଳେ ସଦର ଥାନା ପୋଲିସ ତାଙ୍କୁ ଗିରଫ କରି ଶନିବାର ଅପରାହ୍ନରେ ଜେଲ ପଠାଇଛନ୍ତି । ସେ ହେଲେ ଜିଲା ପୋଲିସ ଅଫିସରେ କାର୍ଯ୍ୟରତ ବିଭୂତି ଭୁଷଣ ପଧାନ (୩୯) । ଏଣୁ ଆଇନର ଊର୍ଦ୍ଧ୍ୱରେ କେହି ନୁହନ୍ତି ବୋଲି ପ୍ରମାଣିତ ହୋଇଛି। ଜିଲା ପୋଲିସ ଅଫିସରେ କାର୍ଯ୍ୟରତ ବିଭୂତିଙ୍କ ଘର ଢେଙ୍କାନାଳ ଜିଲା କାମାକ୍ଷାନଗରରେ ବୋଲି ଜଣାପଡିଛି। ସେ କିଛି ମାସ ହେଲା ଏକ ମାମଲାରେ ନିଲମ୍ବିତ ହୋଇ ରହିଥିଲେ। ବିବରଣୀମତେ ଗତ ୩୧ ତାରିଖରେ କୋମନାର ଧନେଶ୍ୱର ଖମାରୀ ନାମକ ଜଣେ ବ୍ୟକ୍ତି ନିଜ ସ୍କୁଟି ତେଲିପଡା ଛକ ନିକଟରେ ଜାତୀୟ ରାଜପଥ କଡରେ ରଖି ଏକ ଦୋକାନକୁ ଯାଇଥିଲେ। ସେତିକିବେଳେ ବିଭୁତି ସ୍କୁଟିରେ ବସି ଚମ୍ପଟ ମାରିଥିଲେ।

ଏ ନେଇ ଧନେଶ୍ୱର ନୂଆପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହିଦିନଠାରୁ ପୋଲିସ ଛାନ ଭିନ ଚଳାଇଥିଲା । ଶନିବାର ମଧ୍ୟାହ୍ନରେ ଏକତା ଛକ ନିକଟରେ ଚେକିଂ ବେଳେ ବିଭୂତିଙ୍କୁ ପୋଲିସ କାବୁ କରିଥିଲା। ଏହା ଉପରେ ଥାନାଧିକାରୀ ଆଦିତ୍ୟ କୁମାର ମହାକୁଡ ନିଜେ ଛାନଭିନ କରିବା ପରେ ସନ୍ଧ୍ୟାରେ ତାଙ୍କୁ କୋର୍ଟକୁ ଚାଲାଣ କରିଥିଲେ । ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପ୍ରକାଶ। ଗୋଟିଏପଟେ ପୋଲିସବାଲାଙ୍କ ଏଭଳି କାର୍ଯ୍ୟକୁ ନିନ୍ଦା କରାଯାଇଥିବା ବେଳେ ନୂଆପଡା ପୋଲିସର ନିରପେକ୍ଷ ତଦନ୍ତକୁ ସ୍ୱାଗତ ମଧ୍ୟ କରାଯାଇଛି।



ମୁଖ୍ୟଅତିଥି ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି ।

### ରୟାଲ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ

# କୁମୁଟିମୁଣ୍ଡା, ଭେଲା ବିଜୟୀ

**କୋମନା,୪।୧ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଗନିଆରୀ ଖେଳ ପଡିଆରେ ରୟାଲ କ୍ଲବ ଆନୁକୁଲ୍ୟରେ ୧୩ତମ ରୟାଲ କପ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ଦିବସରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ କୁମୁଟିମୁଣ୍ଡା ଓ ଭେଲା ଦଳ ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚ କୁମୁଟିମୁଣ୍ଡା ଓ ବିଶିବାହାଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଶିବାହାଲକୁ ହରାଇ କୁମୁଟିମୁଣ୍ଡା ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ ଭେଲା ଓ ଇଛାପୁର ଦଳ ମଧ୍ୟରେ ହୋଇଥିଲା। ଏଥିରେ ଭେଲା ଦଳ ଇଛାପୁରକୁ ହରାଇ ବିଜୟୀ ହୋଇଥିଲା। ଲୋକନାଥ ମିଶ୍ର ଓ ରୁଦ୍ରା ହଂସ ଖେଳ ପରିଚାଳନା କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସାମାଜିକ କର୍ମୀ ହେମନ୍ତ କର, ସମ୍ମାନିତ ଅତିଥି ଭାବେ ୟୁଗେନ୍ଦ୍ର ବାଗ, ପୀତାମ୍ବର ଅଦା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ରୟାଲ କ୍ଲବ ସମସ୍ତ ସଦସ୍ୟ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

# ବଙ୍କାପୁର-ରାନିମୁଣ୍ଡା ପିଚୁରାସ୍ତା କାମ ନିମ୍ନମାନର

**ଖଡିଆଳ,୪।୧(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ବଙ୍କାପୁର ବସଷ୍ଟାଣ୍ଡଠାରୁ ରାନିମୁଣ୍ଡା ଗ୍ରାମକୁ ନିର୍ମାଣ ହୋଇଥିବା ପିଚୁ ରାସ୍ତା କାମ ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ରାସ୍ତା କାମ ଖଡିଆଳ ପୂର୍ତ୍ତବିଭାଗ ଦ୍ୱାରା ୩ କୋଟି ଟଙ୍କା ବ୍ୟୟ ଅଟକଳରେ ହୋଇଥିଲା। ହେଲେ ନିର୍ମାଣ ୨ ଦିନ ପରେ ରାସ୍ତାରୁ ପିଚୁ ଉଠିପଡୁଥିବା ଦେଖିବାକୁ ମିଳିଛି। ସରକାରଙ୍କ ଦ୍ୱାରା କୋଟି କୋଟି ଟଙ୍କା ବ୍ୟୟରେ ହେଉଥିବା ଜନହିତକର କାର୍ଯ୍ୟ ନିର୍ମାଣର ଦୁଇ ଦିନ ପରେ ଭାଙ୍ଗିପଡୁଥିବା ବେଳେ ପୂର୍ତ୍ତ ବିଭାଗ ଏପରି କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି । ଏ ନେଇ ଗ୍ରାମବାସୀ କାର୍ଯ୍ୟ ଆରମ୍ଭରୁ ଅଭିଯୋଗ କରିଥିଲେ। ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଗତ ୨୭ ତାରିଖରେ ଗ୍ରାମବାସୀ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଥିଲେ । ଗ୍ରାମବାସୀ ଦଳିତ ଅଧିକାର ମଞ୍ଚର ସାହାର୍ଯ୍ୟ ନେଇଥିଲେ। ଦଳିତ ଅଧିକାର ମଞ୍ଚ ସଭାପତି କମଳଚରଣ ତାଣ୍ଡି ନିର୍ମାଣ ହେଉଥିବା କାର୍ଯ୍ୟ ଦେଖିଥିଲେ। ଗ୍ରାମବାସୀମାନଙ୍କ ସହିତ ନିମ୍ନମାନର କାର୍ଯ୍ୟକୁ ନେଇ ଆଲୋଚନା କରିଥିଲେ। ରାସ୍ତାର ଶୋଚନୀୟ ଅବସ୍ଥା ଦେଖି କ୍ଷୋଭ ପ୍ରକାଶ କରିଥିଲେ । ଏହା ଉପରେ ଆଗାମୀ ଦିନରେ ଜିଲାପାଳ ଦୃଷ୍ଟି ଆକର୍ଷଣ କରିବେ। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିବେ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

**ପ୍ରଧାନମନ୍ତ୍ରୀ ରାସ୍ତା ନିର୍ମାଣରେ ଅନିୟମିତତା**



ପିଚୁ ରାସ୍ତା କାମ ନିମ୍ନମାନର ହୋଇଥିବା ସ୍ଥାନ ପରିଦର୍ଶନ କରାଯାଉଛି।

# ବୋଡେନ ବ୍ଲକ: ପଞ୍ଚାୟତ ସମିତି ବୈଠକ

**ବୋଡେନ,୪।୧ (ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ବ୍ଲକ ସଭାଗୃହଠାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୋଡେନ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରେମଶିଳା ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବୋଡେନ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ଜିଲା ପରିଷଦ ଲମ୍ବୋଦର ନିଆଲ, ଏମ.ପି ପ୍ରତିନିଧି ଅତିନ୍ଦ୍ର ଜିତ ସିଂ ମଲ୍ଲିକ, ପଞ୍ଚାୟତ ସମିତି ଉପାଧକ୍ଷ କୃଷ୍ଣ ସିଂ ମାଝି ପ୍ରମୁଖ ଉପସ୍ଥିତ ହୋଇଥିଲେ। ଏହି ସଭାରେ କୃଷି ବିଭାଗ, ଉଦ୍ୟାନ ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ, ଶିକ୍ଷା ବିଭାଗ, ଜଳ ଯୋଗାଣ ବିଭାଗ, ସାମାଜିକ କଲ୍ୟାଣ ବିଭାଗ, ଖାଦ୍ୟ ଯୋଗାଣ ବିଭାଗ, ସମ୍ମନିତ ଶିଶୁ ବିକାଶ ବିଭାଗ, ବ୍ଲକ ଉନ୍ନୟନ ବିଭାଗ ପ୍ରତ୍ୟେକ ବିଭାଗ ଅଧିକାରୀମାନେ ଉନ୍ନୟନ ମୂଳକ ବିଷୟରେ ଆଲୋଚନା ଏବଂ ସମୀକ୍ଷା କରାଯାଇଥିଲା। ସଭାରେ ଅନୁପସ୍ଥିତ ଥିବା ଜଙ୍ଗଲ ବିଭାଗ, ବିଦ୍ୟୁତ୍ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, କ୍ଷୁଦ୍ର ଜଳ ଯୋଗାଣ ବିଭାଗ ଅଧିକାରୀମାନେ ଅନୁପସ୍ଥିତ ହୋଇଥିବାରୁ ଆଗାମୀ ବୈଠକରେ ଉପସ୍ଥିତ ହେବା ପାଇଁ ସଭାରେ ଅନୁମୋଦନ କରାଯାଇଥିଲା। କେଶରାଜପୁର ମଡେଲ ବିଦ୍ୟାଳୟରେ ବାଳିକା ହଷ୍ଟେଲ ଖୋଲିବା ଓ ପ୍ରତ୍ୟେକ ବିଦ୍ୟାଳୟରେ ଭଙ୍ଗାଦଦରା ହୋଇଥିବା ବିଦ୍ୟାଳୟ ପୁନରୁଦ୍ଧାର ଓ ପାଟଦରହାରେ ଆଦିବାସୀ ହରିଜନ ସେବାଶ୍ରମ ଖୋଲିବା ପାଇଁ ସରପଞ୍ଚ ଓ ସିମିତି ସଭ୍ୟମାନେ ମତାମତ ଦେଇଥିଲେ। ଏଥିରେ ପ୍ରତ୍ୟେକ ପଞ୍ଚାୟତ ସମିତି ଓ ସରପଞ୍ଚ ଓ ବ୍ଲକ ପ୍ରଶାସନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

**ନିର୍ମାଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMBBS2019075, ତା: 30.12.2019

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ଅନ୍ତର୍ଗତ ସମ୍ବଲପୁର ମଣ୍ଡଳର କଳାହାଣ୍ଡି ଜିଲ୍ଲାରେ ନର୍ଲା ରୋଡ୍ ରେଳ ଷ୍ଟେସନ ନିକଟରେ ଇଲେକ୍ଟ୍ରିକ୍ ଲୋକୋ ନିର୍ଦ୍ଦିଷ୍ଟକାଳିକ ଓଭରହଲିଂ (POH) କାରଖାନା ସ୍ଥାପନା ସମ୍ବନ୍ଧୀୟ ସଡ଼କ କ୍ରସିଂ ସର୍ବେକ୍ଷଣ, ମାଟି ଅନୁସନ୍ଧାନ, ବ୍ରିଜ୍ ଗୁଡ଼ିକ ନିମନ୍ତେ ଭୂ-ବୈଷୟିକ ଅଧ୍ୟୟନ, ଜେନେରାଲ୍ ଆରେଞ୍ଜମେଣ୍ଟ୍ ଡ୍ରଇଂର ଡ଼ିଜାଇନ୍ ଓ ପ୍ରସ୍ତୁତି, ଫରେଷ୍ଟ ଡ଼ାଇଭରସନ୍ ପ୍ରସ୍ତାବ ନିମନ୍ତେ ନକ୍ସା ପ୍ରସ୍ତୁତି ଇତ୍ୟାଦି ଭଳି ପ୍ରାରମ୍ଭିକ କାର୍ଯ୍ୟ ଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 55.13 ଲକ୍ଷ, EMD : ₹ 1,10,300.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,900.00, କାର୍ଯ୍ୟ ସମାପ୍ତିର ଅବଧି : 12(ବାର)ମାସ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 21.01.2020ର 1200 ଘ. ରେ

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର କାଗଜପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର

PR-103/CC/19-20

**No. 2941** **Office of the District Central Coop. Bank Ltd., Balangir** **Date: 30.12.2019**

To
Sri Ananda Kumar Bagarty, S/o Sri Bagdol Bagarty
At/PO: Tusura, P.S.: Tusura, Dist: Balangir.

Sir,
It is experienced that, since dt. 24.01.2014, you are absconded from your assignment without submitting any leave application or prior permission from the competent authority. Hence you are directed to join in your duty immediately, else, action as deemed fit shall be initiated against you as per Staff Service Rule of the Bank.

Yours faithfully,
**Sd./- (Sri B.N. Raiguru), CEO, Balangir DCC Bank Ltd., Balangir**

**No. 2942** **Office of the District Central Coop. Bank Ltd., Balangir** **Date: 30.12.2019**

To
Sri Nandi Kishore Nag, S/o Sri Rameswar Nag
At/PO: Rampur, P.S.: Patnagarh, Dist: Balangir.

Sir,
It is experienced that, since November, 2017, you are absconded from your assignment without submitting any leave application or prior permission from the competent authority. Hence you are directed to join in your duty immediately, else, action as deemed fit shall be initiated against you as per Staff Service Rule of the Bank.

Yours faithfully,
**Sd./- (Sri B.N. Raiguru), CEO, Balangir DCC Bank Ltd., Balangir**

**IN THE DEBT RECOVERY TRIBUNAL: CUTTACK**

**O.A. No. 868/2019**

**UCO Bank, Sambalpur Main Branch** ... **Applicant**

AND

**M/s Shruti Sales** ... **Defendant**

To
**Sole Defendant**
**M/s Shruti Sales,** represented by its **Proprietress: Smt Manjulata Sharma**, W/o: Late Balkrushna Sharma, At: Bag Market Complex, Opp-PHD Ground, Po/Ps: Ainthapalli, Sambalpur-768004.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted **OA No. 868/2019** in the Court of the Debt Recovery Tribunal, Cuttack for recovery of **Rs.28,86,220.64** only together with current and future interest, costs and other reliefs. The above mentioned defendant is therefore directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **05.02.2020 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in your absence.

Given under my hand and seal of this Tribunal on this 03rd day of January 2020.

Sd/- Sri Manoj Kumar Pattnaik
**REGISTRAR,** 03.01.2020

DADLS - 81



**ମହାନ ବିପ୍ଳବୀ ଚକରା ବିଷୋୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

**୦୫ ଜାନୁଆରୀ, ୨୦୨୦(ଶାମ୍ବ ଦଶମୀ)**

**ସାଧାରଣ ସଭା**

ସମୟ - ସନ୍ଧ୍ୟା ଘ.୫.୩୦ ମିନିଟ୍ ସ୍ଥାନ - ଜୟଦେବ ଭବନ

ମୁଖ୍ୟ ଅତିଥି - **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**
ମାନ୍ୟବର ମନ୍ତ୍ରୀ, ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ବିଭାଗ

ବିଶିଷ୍ଟ ଅତିଥି - **ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ**
ମାନ୍ୟବର ମନ୍ତ୍ରୀ, ସଂସଦୀୟ ବ୍ୟାପାର, ଜଙ୍ଗଲ ଓ ପରିବେଶ

ସମ୍ମାନିତ ଅତିଥି- **ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ,**
ଉପଦେଷ୍ଟା, ଓଡ଼ିଶା ସରକାର, ଗଣମାଧ୍ୟମ ଓ ଲୋକସମ୍ପର୍କ

ମୁଖ୍ୟବକ୍ତା - **ପ୍ରଫେସର ନାରାୟଣ ରାଓ, ବିଶିଷ୍ଟ ଐତିହାସିକ**

ମୁଖ୍ୟ ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ଶ୍ରୀ ଶ୍ରୀ ଦଧିବାମନ ଜୁମ୍ପା ସଙ୍ଗୀତ କଳାପୀଠ, ଦିଗପହଣ୍ଡି, ଗଞ୍ଜାମଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ତରୁଣ କଳାକାର ସଂସ୍ଥା, ଭଞ୍ଜନଗରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଯୋଗ ଦେବାକୁ ଆପଣଙ୍କୁ ସାଦର ନିମନ୍ତ୍ରଣ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0116/1920

## ସଂକ୍ଷେପରେ

### ମହିଳା ଡିଗ୍ରୀ କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର

**କଣ୍ଟାବାଞ୍ଜି, ୪।୧ (ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ଛାତ୍ରୀମାନେ ଦୈନନ୍ଦିନ ଜୀବନରେ ସାମନା କରୁଥିବା ବିଭିନ୍ନ ଘଟଣା, ଦୁର୍ଘଟଣାରୁ କିପରି ନିଜକୁ ରକ୍ଷା କରି ପାରିବେ ତାହା ଉପରେ ଉପରେ ମାଷ୍ଟର ଟ୍ରେନରମାନେ ତାଲିମ ପ୍ରଦାନ କରିଥିଲେ। ମାଷ୍ଟର ଟ୍ରେନରଭାବେ ପାଟଣାଗଡ ମହିଳା ମହାବିଦ୍ୟାଳୟର ଛାତ୍ରୀ ଗୌରି ରାଉତ, ଡାକେଶ୍ୱରୀ ନାଗ, ଜସମିତା ବରର୍ଡ଼ା ଓ ସୁନିତା ଘିଭେଲା ତାଲିମ ଦେଇଥିଲେ। ଉଦ୍‌ଯାପନୀ ଦିବସରେ କଲେଜର ଭାରାପ୍ରାପ୍ତ ଅଧକ୍ଷ ସୋମନାଥ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଗୁରୁଦୟାଲ ହଂସ, ଅନ୍ତିମ ପାଣିଗ୍ରାହୀ, ସୁରଦାସ ବାଗ, ପୁଷ୍ପକେତୁ ବେହେରା ଉପସ୍ଥିତ ଥିଲେ। ବରିଷ୍ଠ ଅଧାପକ ଜିତେନ୍ଦ୍ର ସୁନା ମଞ୍ଚ ପରିଚାଳନା କରିଥିବାବେଳେ ପିଇଟି ରଞ୍ଜୁ ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ।

### ଶିଶୁ ମହୋତ୍ସବ ସେଫାଳି

**ଅମରପାଲି, ୪।୧ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର କ୍ଲଷ୍ଟରର ବିଶାଳପାଲି ୟୁପି ସ୍କୁଲରେ ଶିଶୁ ମହୋତ୍ସବ ସେଫାଳି ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭରତ ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଦୁର୍ଜନଟୈଲା ସରପଞ୍ଚ ରଞ୍ଜିତ ଖେତୀ ମୁଖ୍ୟଅତିଥି ଏବଂ ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ, ସ୍ଥାନୀୟ ସିଆରସିସି ପ୍ରଦୀପ ଜଗଦଲା ଓ ବିଶାଳପାଲି ସ୍କୁଲ ପରିଚାଳନା କମିଟି ସଭାପତି ବୈଶାଖୁ ପଧାନ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ପାଇଁ ହେଉଥିବା ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଶିକ୍ଷା ସହିତ ସହଶିକ୍ଷା ଜରୁରୀ। ଶିକ୍ଷା ଖର୍ଚ୍ଚାନ୍ତ କରିଥାଏ ମାତ୍ର ଖରାପ ଶିକ୍ଷା ଅଧିକ ଖର୍ଚ୍ଚାନ୍ତ କରିଥାଏ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ କ୍ଲଷ୍ଟରର ୧୨ଟି ସ୍କୁଲର ପ୍ରାୟ ୧୦୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧରେ ସଙ୍ଗୀତ, ବକ୍ତୃତା, ଇଂରାଜୀ ପଠନ, ରଚନା ଲିଖନ, ସୃତ ଲିଖନ, ନୃତ୍ୟ ଆଦି ପ୍ରତିଯୋଗୀତା କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ ସାନ୍ତନୁ କୁମ୍ଭକାର ମୁଖ୍ୟଅତିଥି ଏବଂ ଏବିଇଓ ବାର୍ଣ୍ଣା ଡୁଙ୍ଗଡୁଙ୍ଗ, ପିତାମହୁଲ ସିଆରସିସି ଅଭିମନ୍ୟୁ ଲୁହା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଉଭୟ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ତପକିରଣ ସାହୁ ସଂଯୋଜନା କରିଥିବା ବେଳେ ଶୁଭାଶିଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କାର୍ଯ୍ୟର ସମୀକ୍ଷା

# ଗ୍ରୀଷ୍ମ ପୂର୍ବରୁ ନିୟମିତ ଜଳଯୋଗାଣ ନିର୍ଦ୍ଦେଶ

**ଟିଟିଲାଗଡ଼, ୪।୧ (ଡି.ଏନ.ଏ.)**



ସମୀକ୍ଷା ବୈଠକରେ ମନ୍ତ୍ରୀ ଟୁକୁନୀ ସାହୁ, ଜିଲାପାଳ ଅରିନ୍ଦମ ଡାକୁଆ ଓ ଅନ୍ୟମାନେ।

ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ସ୍ଥାନୀୟ ପୌର ପରିଷଦ ସଭାଗୃହରେ ଶନିବାର ଟିଟିଲାଗଡ ନିର୍ବାଚନ ମଣ୍ଡଳସ୍ତରୀୟ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ସ୍ୱାଇଁ, ଟିଟିଲାଗଡ ବ୍ଲକ ଅଧକ୍ଷା ରମାକାନ୍ତି ପୁଟେଲ, ତୁଷୁରା ଏନଏସି ଅଧକ୍ଷା ଭାଗ୍ୟଶ୍ରୀ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଟିଟିଲାଗଡ ସହରକୁ ନିୟମିତ ପାନୀୟ ଜଳ ଯୋଗାଣ ହୋଇ ପାରୁନାହିଁ। ସମସ୍ତ ସାହି ବସ୍ତିକୁ ଅଦ୍ୟାବଧି ପାଇପ ସଂଯୋଗ ନାହିଁ। ସହରକୁ ପ୍ରବେଶ ପୂର୍ବରୁ ଦେସିଲ ଗ୍ରାମରେ ୨୪ ଘଣ୍ଟା ପାଣି ପ୍ରବାହିତ ହୋଇ ଚାଷ କାର୍ଯ୍ୟ ମଧ୍ୟ ଚାଲିଛି। ଅନେକ ଘର, ହୋଟେଲରେ ବେଆଇନ ଭାବରେ ପିଏଚଡି ସଂଯୋଗରେ ପାଣି ମୋଟର ଲଗାଯାଇଥିବାରୁ ତଳି ଅଞ୍ଚଳକୁ ପାନୀୟ ଜଳ ଉପଲବ୍ଧ ହୋଇପାରୁନାହିଁ। ଏନେଇ ପୌର ପରିଷଦର ପ୍ରଶାସକ ପିଡି ଡିଆରଡିଏ, ଟିଟିଲାଗଡ ଉପଜିଲାପାଳ, ନିର୍ବାହୀ ଅଧିକାରୀ ଟିମ ଗଠନ ସହ ଚଢାଉ କରି ଅନିୟମିତତା ଦୃଷ୍ଟିଗୋଚର ହେଲେ ଏକ ଲକ୍ଷରୁ ତିନି ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଅସୁଲ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଚଳିତ ଗ୍ରୀଷ୍ମଋତୁ ପୂର୍ବରୁ ସହରକୁ ନିୟମିତ ଜଳଯୋଗାଣ ସୁନିଶ୍ଚିତ କରିବା ପାଇଁ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

୧୯୯୨ମସିହାରେ ଟିଟିଲାଗଡ ସରକାରୀ ମହିଳା ମହାବିଦ୍ୟାଳୟ ନିର୍ମାଣ ହୋଇଥିବା ସ୍ଥାନକୁ ଅନ୍ୟ ଜଣେ କୋର୍ଟରୁ ମାଲିକାନା ଡିଗ୍ରୀ ନେଇଛନ୍ତି। ଏନେଇ କଲେଜର ଭବିଷ୍ୟତ ଅନ୍ଧକାରମୟ ହୋଇପଡିଥିବା ଆଲୋଚନା ହୋଇଥିଲା।। ନିରାମୟ ଯୋଜନାରେ କମ ପରିମାଣର ଔଷଧ ମିଳୁଥିବା, ଡାକ୍ତର ନଥିବା ନେଇ ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନାରେ ରୋଗୀ ସେବା ବ୍ୟାହତ ହୋଇଥିବା ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଜାତାରାଣୀ ମିଶ୍ର କହିଥିଲେ। ଡାକ୍ତରଖାନାରେ ରୋଗୀଙ୍କୁ ନିମ୍ନମାନର ଖାଦ୍ୟ ପ୍ରଦାନ ନେଇ ମନ୍ତ୍ରୀ ବିକଳ୍ପ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିରୋସିନ କଳାବଜାର ରୋକିବାକୁ ମନ୍ତ୍ରୀ ଯୋଗାଣ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ କରିଥିଲେ। ଭବିଷ୍ୟତକୁ ଦୃଷ୍ଟିରେ ରଖି ଟିଟିଲାଗଡ ସହରରେ ଡ୍ରେନେଜ ବ୍ୟବସ୍ଥା ପାଇଁ ୫ କୋଟି ଟଙ୍କା ଏଷ୍ଟିମେଟ ପ୍ରସ୍ତୁତ ହୋଇଥିବା ପୌର ନିର୍ବାହି ଅଧିକାରୀ ସନ୍ତୋଷ ବେହେରା କହିଥିଲେ। ଟିଟିଲାଗଡ ରେଳବାଇ ଓଭର ବ୍ରିଜର ୩୪ରୁ ୩୨ଟି ସ୍ଥାନର ସ୍ଲାବ କାମ ସମ୍ପୂର୍ଣ୍ଣ ହୋଇଥିବା, ୪୮ ଲକ୍ଷ ଟଙ୍କାରେ ଆଲୋକୀକରଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିବା ସେ ସୂଚନା ଦେଇଥିଲେ। ସଇଁନ୍ତଲା ବାଦିପଡା ରାସ୍ତା ଲାଣ୍ଟ ନଦୀ ଉପରେ ଆରଡି ବିଭାଗ ପକ୍ଷରୁ ପୋଲ କାମ ୬ ବର୍ଷ ହେଲା ସରୁ ନ ଥିବା ବେଳେ ବେଲଗାଁ ମେଗା ପାନୀୟ ଜଳ ପ୍ରକଳ୍ପ କାମ ଅଟକି ରହିଛି। ବେଲଗାଁ ଆମପାଲି ରାସ୍ତା ନିର୍ମାଣ ଆରମ୍ଭର ବର୍ଷକ ପରେ ମାତ୍ର ୧୫ ପ୍ରତିଶତ କାର୍ଯ୍ୟ ସରିଥିବା ବେଳେ ସଇଁନ୍ତଲା, ଟିକ୍ରାପଡା, ଝିଙ୍କିଡୁଙ୍ଗରି, ଟାଣିଗାଁ ଓଭରହେଡ ଟ୍ୟାଙ୍କ କାମକୁ ନଆସିବା ଆଦି ନେଇ ମନ୍ତ୍ରୀ ଅଧିକାରୀଙ୍କଠାରୁ କୈଫିୟତ ମାଗିଥିଲେ। ପରେ ମନ୍ତ୍ରୀ ସାହୁ, ଜିଲାପାଳ ତଥା ଅନ୍ୟ ଅଧିକାରୀଙ୍କ ସହ ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ପ୍ରତି ମଞ୍ଜୁର ହୋଇଥିବା ୧୫ କୋଟି ଟଙ୍କାରେ ନୂତନ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନା କୋଠା ନିର୍ମାଣ ସ୍ଥଳ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌରାଧକ୍ଷ ଗୋବର୍ଦ୍ଧନ ନାଗ, ବରିଷ୍ଠ ବିଜେଡି ନେତା ପ୍ରେମ ଜୈନ, ରଣଜିତ ପୃଷ୍ଟି, ମନ୍ତ୍ରୀଙ୍କ ଟିଟିଲାଗଡ ବ୍ଲକ ପ୍ରତିନିଧି ଅରୁଣ ମିଶ୍ର, ସଇଁନ୍ତଲା ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ଏମଆଇ ନିର୍ବାହି ଯନ୍ତ୍ରୀ ବଲାଙ୍ଗୀର ବିଜୟ ପରିଡା, ଆରଡି ନିର୍ବାହି ଯନ୍ତ୍ରୀ ଟିଟିଲାଗଡ ସଞ୍ଜିବ ଦାଶ, ପୂର୍ତ୍ତ ଏଇଇ ଟିଟିଲାଗଡ ସୌମ୍ୟସ୍ୱରୂପ ଦାଶ, ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ବ୍ଲକର ବିଡିଓ ତଥା ଅଧିକାରୀମାନେ ଉପସ୍ଥିତ ଥିଲେ।

## କୁଶଳେଶ୍ୱର ମାଳୀସମାଜ ଜିଲାସ୍ତରୀୟ ବୈଠକ

**ବେଲପଡା, ୪।୧ (ଡି.ଏନ.ଏ.)**

ବେଲପଡା ବ୍ଲକ ନୁନହାଡରେ କୁଶଳେଶ୍ୱର ମାଳୀ ସମାଜର ଜିଲାସ୍ତରୀୟ ବୈଠକ ନୁନହାଡ ଆମ୍ବ ବଗିଚାଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କୀର୍ତ୍ତନ ପୁଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ୍ତ ବୈଠକରେ କୁଶଳେଶ୍ୱର ମାଳି ସମାଜ ଜିଲା ସଭାପତି ସୁରଥ ପୁଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜିଲାର ସମସ୍ତ ବ୍ଲକରୁ କୁଶଳେଶ୍ୱର ମାଳୀ ସମାଜ କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଭାରେ ବଙ୍ଗୋମୁଣ୍ଡା ବ୍ଲକ ତେରେକେଲା ଗ୍ରାମରେ ସମାଜର ଇଷ୍ଟଦେବ କୁଶଳେଶ୍ୱର ମନ୍ଦିରରେ ଚଳିତ ବର୍ଷ ହେବାକୁ ଥିବା ଶିବରାତ୍ରୀ ପୂଜା ବିଷୟରେ ଆଲୋଚନା କରାଯାଇଥିଲା। ମନ୍ଦିରରେ ସ୍ଥାୟୀ ପୂଜକ ନିଯୁକ୍ତି ସହ ମନ୍ଦିରର ରକ୍ଷଣାବେକ୍ଷଣ ପାଇଁ ପାଣ୍ଠି ସଂଗ୍ରହ ବିଷୟ ଉଠିଥିଲା। ଜିଲା କାର୍ଯ୍ୟକାରୀ କମିଟିର କାର୍ଯ୍ୟକାଳ ଶେଷ ହୋଇଥିବାରୁ ଆଗାମୀ ଦିନରେ ଜିଲାର କୌଣସି ବ୍ଲକରେ ଜିଲାସ୍ତରୀୟ କର୍ମକର୍ତ୍ତା ମନୋନୟନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ମାଳି ସମାଜ ସମ୍ପାଦକ ହୃଦାନନ୍ଦ ପୁଟେଲ, କ୍ଷୀରସିନ୍ଧୁ ପୁଟେଲ, ଉପସଭାପତି ଚୂଡାମଣି ପୁଟେଲ, ଜିଲା ସହ ସମ୍ପାଦକ ଦୈତାରୀ ପୁଟେଲ, ଧନୁ ପୁଟେଲ, ସେନାପତି ପୁଟେଲ, ଗୋପାଳ ପୁଟେଲ ପ୍ରମୁଖ ଯୋଗ ଦେଇଥିଲେ।

# କୋଶଳ ଉଲଗୁଲାନ ଦିବସ ପାଇଁ ପ୍ରସ୍ତୁତି

**ଦେଓଗାଁ, ୪।୧ (ଡି.ଏନ.ଏ.)**



କୋଶଳ ଉଲଗୁଲାନ ଦିବସ ପାଳନ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ବଲାଙ୍ଗୀରରେ ଆସନ୍ତା ୨୩ ତାରିଖରେ କୋଶଳ ଉଲଗୁଲାନ ଦିବସ ପାଳନ ପାଇଁ ଶନିବାର ଦେଓଗାଁ ବ୍ଲକ ସଦର ଗାଁ ଦେଓଗାଁରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡା.ଶଶୀଭୂଷଣ ସାହୁଙ୍କ ସଭାପତିତ୍ୱ ତଥା ସୁବଳ ରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ କୋଶଳ ରାଜ୍ୟ ସମନ୍ୱୟ କମିଟି ଅଧକ୍ଷ ପ୍ରମୋଦ କୁମାର ମିଶ୍ର, ସାଧାରଣ ସମ୍ପାଦକ ବିଭୂଦତ୍ତ ମିଶ, ଜୋନାଲ ସଂଯୋଜକ ଶରତ ହୋତା, ଯୁଗ୍ମ ସଂଯୋଜକ ରବି ମିଶ୍ର, ଦେଓଗାଁ ବ୍ଲକ ଆବାହକ ଦେବରାଜ ସାହୁ, ଯୁବ ସଂଗଠକ ସୌମ୍ୟରଞ୍ଜନ ପୁରୋହିତ ପ୍ରମୁଖ ଯୋଗଦେଇଥିଲେ। କର୍ମକର୍ତ୍ତାମାନେ କୋଶଳ ଉଲଗୁଲାନ ଦିବସ ପାଳନ ଉପରେ ଆଲୋକପାତ କରିବା ସହ ବ୍ଲକର ସମସ୍ତ ପଞ୍ଚାୟତରୁ କିପରି ପ୍ରତିନିଧିମାନେ ଯୋଗଦେବେ ସେ ଉପରେ ଆଲୋଚନା କରାଯାଇଥିଲା।

## ଶିଶୁ ସୁରକ୍ଷା କମିଟିର ପ୍ରଶିକ୍ଷଣ ଶିବିର

**ଖପ୍ରାଖୋଲ, ୪।୧ (ଡି.ଏନ.ଏ.)**

ଖପ୍ରାଖୋଲ ପଞ୍ଚାୟତ ସମିତି ସଭା ଗୃହରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟୀର ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। କମିଟି ଆବାହକ ତଥା ବିଡିଓ ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ତାଲିମଦାତାଭାବେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ସଭ୍ୟ ଅରୁଣ କୁମାର ଖୁଆସ, ରିର୍ସୋସପର୍ସନ ଆଦିତ୍ୟ କୁମାର ପଣ୍ଡା, ସିଡିପିଓ ପ୍ରମିଳା ମହାନ୍ତି, ବ୍ଲକ ଶିକ୍ଷା ଅଧିକାରୀ ଷଷ୍ଠି ପ୍ରସାଦ ଝାଙ୍କର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶିଶୁ ସୁରକ୍ଷା ସମ୍ପର୍କିତ ତାଲିମ ସହ ଶିଶୁ ଅଧିକାର, ତାର ସୁରକ୍ଷା ଉପରେ ତାଲିମଦାତାମାନେ ଆଲୋକପାତ କରିଥିଲେ। ସେହିପରି କାରା ଏକ୍ଟ, ଶିଶୁ ଶ୍ରମିକ ନିରୋଧ ଆଇନ, ବାଲ୍ୟ ବିବାହ ନିରୋଧ ଆଇନ, କିଶୋର ନ୍ୟାୟ ଆଇନ, ପୋକ୍‌ସୋ ଆଇନ ଉପରେ ତାଲିମ ଦିଆଯାଇଥିଲା। ଶିଶୁଙ୍କ ସୁରକ୍ଷା ସହିତ ତାର ସର୍ବାଙ୍ଗୀନ ବିକାଶ ପାଇଁ ସଂଗଠିତ ଉଦ୍ୟମ କଲେ ଶିଶୁ ବିକାଶ ସହ ସମାଜର ପ୍ରଗତି ହୋଇପାରିବ ବୋଲି କହିଥିଲେ। ବ୍ଲକ କମିଟି ସଦସ୍ୟ ଡା.ଅଶୋକ କୁମାର ଭୋଇ, ଆଇନଜୀବୀ ତ୍ରିଲୋଚନ ପୁଞ୍ଜି, ସାମାଜିକ କର୍ମୀ ଅଭୟ ତ୍ରିପାଠୀ, ବ୍ଲକ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବାଲଚନ୍ଦ୍ର ଛତ୍ରିଆ, ଆଇସି.ଡିଏସ୍ ସୁପରଭାଇଜର ପଙ୍କଜିନୀ ମିଶ୍ର, ଅଞ୍ଜଳି ମିଶ୍ର, ସୁମିତ୍ରା ମାଝୀ, ସରପଞ୍ଚ ନଳିନୀ ମେହେର, ସୁରେଶ ପୂଝାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଲୋଇସିଂହା ବ୍ଲକ ବୁର୍ଡା ମଣ୍ଡିରେ ପଡିରହିଥିବା ଧାନ।

ଅଦିନିଆ ବର୍ଷା

# ମଣ୍ଡିରେ ଭିଜିଲା ଧାନ

**ଲୋଇସିଂହା, ୪।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଞ୍ଚଳରେ ଶୁକ୍ରବାର କୋହଲା ପାଗ ଝିପିଝିପି ବର୍ଷା ଲାଗି ରହିଥିଲା। ଫଳରେ ଖଳା ଓ ମଣ୍ଡିରେ ବିକ୍ରି ପାଇ ଆସିଥିବା ଧାନ ଓଦା ହୋଇଯାଇଛି। ସପ୍ତାହକ ମଧ୍ୟରେ ୨ଥର ଧାନ ଓଦା ହେବା ଘଟଣା ଚାଷୀଙ୍କୁ ଚିନ୍ତାରେ ପକାଇଛି। ସୂଚନାଯୋଗ୍ୟ, ଲୋଇସିଂହା ବ୍ଲକର ୨୦ଟି ପଞ୍ଚାୟତର ଚାଷୀ ୧୦ଟି ମଣ୍ଡିରେ ଧାନ ବିକ୍ରି କରିଥାନ୍ତି। ହେଲେ ଚଳିତ ବର୍ଷ ଧାନ କିଣା ବିଳମ୍ବ ହୋଇଥିଲା। ଗତ ସପ୍ତାହରେ ମଣ୍ଡିରେ ନିୟୋଜିତ ଶ୍ରମିକଙ୍କ ମଜୁରୀ ପ୍ରଦାନକୁ ନେଇ ବିବାଦ ଲାଗି ରହିଥିଲା। ଫଳରେ ଧାନ ବିକ୍ରି ନେଇ ସମସ୍ୟା ସୃଷ୍ଟି ହୋଇଥିଲା। ପ୍ୟାକ୍ସ କର୍ମଚାରୀ ଓ ଶ୍ରମିକଙ୍କ ମଧରେ ବୁଝାଶୁଝା ପରେ ଧାନକିଣା ଆରମ୍ଭ ହୋଇଥିଲା। ହେଲେ ଗତ ୨୬ତାରିଖରେ ଅଦିନିଆ ବର୍ଷାରେ ମିଣ୍ଡରେ ଥିବା ଶତାଧିକ ଧାନ ବସ୍ତା ଓଦା ହୋଇଯାଇଥିଲା। ହେଲେ ପାଣିପାଗ ବିଭାଗର ପୂର୍ବାନୁମାନ ସତ୍ତ୍ୱେ ମଣ୍ଡିଗୁଡିକରେ କୌଣସି ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା। ପଳରେ ଶୁକ୍ରବାର ଅଦିନିଆ ବର୍ଷାରେ ପୁଣି ବହୁ ଚାଷୀଙ୍କ ଧାନ ମଣ୍ଡିରେ ଭିଜି ଯାଇଛି। ଏନେଇ ନବ ନିର୍ମାଣ କୃଷକ ସଂଗଠନର ସଦସ୍ୟ ହିମାଂଶୁ ସାହୁ, ଇନ୍ଦ୍ରମଣୀ ବାରିକ, ରାମନାରାୟଣ ବ୍ରହ୍ମା, ଦିଲୀପ ବାରିକ ପ୍ରମୁଖ ଅସନ୍ତୋଷ ବ୍ୟକ୍ତ କରି ତୁରନ୍ତ ଚାଷୀଙ୍କ ଧାନ କିଣିବାକୁ ଦାବି କରିଛନ୍ତି। ଶନିବାର ବୁର୍ଡା ମଣ୍ଡିକୁ ଧାନ ଉଠାଇବା ପାଇଁ ମିଲର୍ସ ଆସି ନ ଥିବାରୁ ବର୍ଷାରେ ଭିଜିଥିବା ଧାନ ଗଜା ହେବା ଆଶଙ୍କା ପ୍ରକାଶ ପାଇଛି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୃଷକ ସଂଗଠନ ପକ୍ଷରୁ ଦାବି ହୋଇଛି।

# ଓଡ଼ିଶା ଗୁଡ଼ିଆ ସମାଜର ମହାସଭା

**ପାଟଣାଗଡ, ୪।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡରେ ଓଡିଶା ଗୁଡିଆ ସମାଜର ମହାସଭା ଶନିବାର ସ୍ଥାନୀୟ ଏକ ହୋଟେଲ ପରିସରରେ ଆରମ୍ଭ ହୋଇଛି। ପ୍ରଭାତ କୁମାର ସାହୁଙ୍କ ସଭାପତିତ୍ୱରେ ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ରଞ୍ଜିତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ସାହୁ, ମନୋଜ କୁମାର ସାହୁ, ବେଣୁଧର ସାହୁ, ବ୍ରଜମୋହନ ସାହୁ, ବିଶ୍ୱମୋହନ ସାହୁ, ରାଜେନ୍ଦ୍ର ସାହୁ, ଟଙ୍କଧର ସାହୁ, ଧ୍ରୁବ ସାହୁ, କ୍ଷେତ୍ରବାସୀ ସାହୁ, ରାହାସ ବିହାରୀ ସାହ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଛତିଶଗଡ, ନୂଆପଡା, ବରଗଡ, ପଦ୍ମପୁର, ଲଖମରା, ଡଙ୍ଗାଘାଟରୁ ଅନେକ ଜାତି ଭାଇ ଭଉଣୀ ଉପସ୍ଥିତ ଥିଲେ। ସମାଜର ବିଭିନ୍ନ ପ୍ରକାର ଉନ୍ନତିମୂଳକ କାର୍ଯ୍ୟକ୍ରମଗୁଡିକ ହାତକୁ ନେବାପାଇଁ ଏହି ମହାସଭାର ଆୟୋଜନ କରାଯାଇଥିଲା। ରବିବାର ଉଦଯାପନୀ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଗୁଡିଆ ସମାଜର କର୍ମକର୍ତ୍ତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶେଷରେ ନରୋତ୍ତମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ପାଟଣାଗଡରେ ଅନୁଷ୍ଠିତ ଗୁଡିଆ ସମାଜ ମହାସଭାରେ ମଞ୍ଚାସୀନ ଅତିଥିମାନେ।

ଖର୍ସେଲବାଞ୍ଜି ଫୁଟବଲ ଟୁର୍ନାମେଣ୍ଟ

# ଚଲିକି, ଫଟକରା, ଗୁଲମି, ପାଟଣାଗଡ଼ କ୍ୱାର୍ଟରରେ

**ଟିକ୍ରାପଡା, ୪।୧ (ଡି.ଏନ.ଏ.)**

ସଇଁତଲା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଅଧିନ ଖର୍ସେଲବାଞ୍ଜିଠାରେ ଆଦର୍ଶ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ତ୍ରୟୋଦଶ ବାର୍ଷିକ ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ଲାଇନ ଅପ ଚୂଡାନ୍ତ ହୋଇଛି। ଶନିବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ବଡମାଲ ଦଳକୁ ୫-୪ ଗୋଲରେ ଟାଇବ୍ରେକର ଯୋଗେ ହରାଇ ଚଲକି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ରୁଗୁଡିମୁଣ୍ଡା ଦଳକୁ ୫-୪ ଗୋଲରେ ଟାଇବ୍ରେକର ଯୋଗେ ହରାଇ ଫଟକରା ବିଜୟୀ ହୋଇଥିଲା। ଅନୁଷ୍ଠିତ ତୃତୀୟ ମ୍ୟାଚରେ ସୁନାମୁଦି ଦଳକୁ ୬-୫ ଗୋଲରେ ଟାଇବ୍ରେକର ଯୋଗେ ହରାଇ ଗୁଲମି ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚରେ କେନ୍ଦୁଉଡାର ଦଳକୁ ୧-୦ ଗୋଲରେ ହରାଇ ପାଟଣାଗଡ ବିଜୟୀ ହୋଇଥିଲା। ଏଥିପୂର୍ବରୁ ଅନ୍ୟ ୪ଟି ଦଳ କ୍ୱାର୍ଟର ଫଶଇନାଲରେ ପ୍ରବେଶ କରି ସାରିଛନ୍ତି। ଶମ୍ଭୁଦତ୍ତ ମିଶ୍ର, ଅଚ୍ୟୁତାନନ୍ଦ ପୁରୋହିତ, ମଗଶିର ମଲ୍ଲିକ, ସୁଜିତ କୁମାର ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ଚୂଡାମଣି ବରର୍ତ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ। ଆଇନଜୀବୀ ଟୁନୁ ରାଜପଲିଆ, ଝିଙ୍କିଡୁଙ୍ଗୁରି ସରପଞ୍ଚ ବଜରଙ୍ଗଲାଲ ଜୈନ, ସମିତି ସଭ୍ୟ ଅନନ୍ତ କାଲସାଏ, କରମତଲା ଜିଆରଏସ ପ୍ରଦୀପ ମହାକୁର, ଆଇନଜୀବୀ ମୁକେଶ ଠାକୁର, ଅବସରପ୍ରାପ୍ତ ଶିକ୍ଷକ ସାଧୁରାମ କଇଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ରାଜେଶ, ଶ୍ରଦ୍ଧାକର, ଓଁପ୍ରିୟ, ଶ୍ରୀଓଁ, ସୋମ, ମିଥୁନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ସୁନାମୁଦି ଓ ଗୁଲମି ଦଳର ଖେଳାଳିମାନେ।

ଅବ୍ୟବସ୍ଥା ଘେରରେ ବନ୍ଧପାଲି ଉନ୍ନୀତ ହାଇସ୍କୁଲ

# ସ୍କୁଲରେ ତାଲା ପକାଇଲେ ଅଭିଭାବକ

**ଦେଓଗାଁ, ୪।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ବନ୍ଧପାଲି ସରକାରୀ ଉନ୍ନିତ ହାଇସ୍କୁଲ ବର୍ତ୍ତମାନ ନାନା ଅବ୍ୟବସ୍ଥାଦେଇ ଗତି କରୁଛି। ସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୩୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ବିଜ୍ଞାନ ଶିକ୍ଷକ ନାହାନ୍ତି। ବିଭିନ୍ନ ସମୟରେ ଅଫିସ କାର୍ଯ୍ୟଥିବା ଦର୍ଶାଇ କେତେକ ଶିକ୍ଷକ ପ୍ରାୟ ସମୟରେ ସ୍କୁଲରେ ଉପସ୍ଥିତ ରହୁନାହାନ୍ତି। ଏସବୁ ମଧରେ ଖେଳ ଶିକ୍ଷକଙ୍କୁ ଡେପୁଟେସନରେ ଅନ୍ୟତ୍ର ବଦଳି କରି ଦିଆଯାଇଥିବାରୁ ଶିକ୍ଷାଦାନ ସମେତ କ୍ରୀଡା କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି ହୋଇଛି। ଶନିବାର ସ୍କୁଲରେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଅଧିକାଂଶ ଶିକ୍ଷକ ଆସି ନ ଥିବା ଖବର ମିଳିବାରୁ ଅଭିଭାବକ ମଧରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ ସ୍କୁଲକୁ ଆସି ଦେଖିଲା ବେଳକୁ ଜଣେ ଦୁଇଜଣ ଶିକ୍ଷକ ତଥା କର୍ମଚାରୀଙ୍କୁ ବାଦଦେଲେ ଅନ୍ୟମାନେ ଆସି ନଥିବାବେଳେ ଛାତ୍ରୀଛାତ୍ର ଏଣେତେଣେ ବୁଲାବୁଲି କରୁଥିଲେ। ଉତ୍ତେଜିତ ଅଭିଭାବକ ଓ ଗ୍ରାମବାସୀ ସ୍କୁଲ ମୁଖ୍ୟ ଗେଟରେ ତାଲା ପକାଇ ଦେଇଥିଲେ ଓ ଛାତ୍ରୀଛାତ୍ରମାନେ ସେଠାରେ ଧାରଣାରେ ବସିଥିଲେ। ପରେ ସ୍କୁଲର ପ୍ରଧାନଶିକ୍ଷକ ଧାରଣାସ୍ଥଳରେ ପହଞ୍ଚି ଅଭିଭାବକଙ୍କୁ ବୁଝାସୁଝା କରିଥିଲେ। ସ୍କୁଲ ସମସ୍ୟା ସମାଧାନ ଦିଗରେ ଉଚ୍ଚକର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଆଗାମୀ ଦିନରେ ସ୍କୁଲରେ ବିଜ୍ଞାନ ଶିକ୍ଷକ ଓ ବଦଳି ହୋଇଥିବା ଶିକ୍ଷକ ବଦଳରେ ଶିକ୍ଷକ ନିଯୁକ୍ତି ଏବଂ କାର୍ଯ୍ୟରତ ଶିକ୍ଷକମାନେ ସମସ୍ତ ଶିକ୍ଷକ ନିୟମିତ ସ୍କୁଲକୁ ନ ଆସିଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ପରିଚାଳନା କମିଟି ସଭାପତି ଶ୍ରୀକାନ୍ତ ନାଏକ, ହେମନ୍ତ ପଟେଲ, ଅନନ୍ତ ବରର୍ତ୍ତି, ସୁରୁ ଘିଭେଲା, ରମଣୀ ରାଉତ, ସତ୍ୟବାନ ନାଏକ, ପୀତବାସ ବିଶି, ପର୍ଶୁରାମ ବରର୍ତ୍ତି, ଧର୍ମେନ୍ଦ୍ର ବିଶି, ସୁଜିତ ବରର୍ତ୍ତି, ପଞ୍ଚାନନ ଭୁଏ, କୁଶ ବରର୍ତ୍ତି, ରାଜେଶ ନାଏକ, ଅମର ବରର୍ତ୍ତି ପ୍ରମୁଖ ଅଭିଭାବକ ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଧାରଣାରେ ବସିଲେ ଛାତ୍ରୀଛାତ୍ର



ବନ୍ଧପାଲି ଉନ୍ନୀତ ହାଇସ୍କୁଲରେ ଅବ୍ୟବସ୍ଥା ପ୍ରତିବାଦରେ ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି।



"ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ



### ଟେନ୍‌ରୁ ଖସି ଦାଦନ ଶ୍ରମିକ ମୃତ

**ଭବାନୀପାଟଣା,୪।୧(ଡି.ଏନ୍.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ମାଣ୍ଡେଲ ପଞ୍ଚାୟତ ମାଣ୍ଡେଲ ଗ୍ରାମର ଯୁଧିଷ୍ଠିର ଗଉଡ (୪୦)ଙ୍କ ଟେନ୍‌ରୁ ଖସି ମୃତ୍ୟୁ ହୋଇଛି। ଯୁଧିଷ୍ଠିର ୫ ମାସ ତଳେ କେରଳକୁ କାମ କରିବାକୁ ଯାଇଥିଲେ। ସେ ସେଠାରେ ଏକ କମ୍ପାନୀରେ କାମ କରୁଥିଲେ। ପରିବାର ସହ ନୂଆବର୍ଷ ପାଳନ କରିବାକୁ ଘରକୁ ଫେରୁଥିଲେ। ତିରଶୁଲ ଓ ପାଲକାଡି ରେଳ ଷ୍ଟେଶନ ମଝିରେ ଟେନ୍‌ରୁ ପଡି ତାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ସହ ଆସୁଥିବା ସାଙ୍ଗମାନେ ଯୁଧିଷ୍ଠିରଙ୍କ ଘରକୁ ଫୋନ ମାଧମରେ ଜଣାଇଥିଲେ। ରୋଜଗାରିଆ ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ସ୍ତ୍ରୀ ଭାଙ୍ଗି ପଡିଥିଲେ। ଅର୍ଥ ଅଭାବରୁ ପରିବାର ଲୋକ ମୃତଦେହ ଆଣି ପାରି ନ ଥିଲେ। ଯୁଧିଷ୍ଠିରଙ୍କ ସ୍ତ୍ରୀ, ୩ ଝିଅ ଓ ଗୋଟିଏ ପୁଅ ଏବେ ଅସହାୟ ହୋଇ ପଡିଛନ୍ତି। ଜିଲା ପ୍ରଶାସନ ଏହି ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### ୩ୟ ଗଜବାହାଲ ମହୋତ୍ସବ ଉଦ୍‌ଘାଟିତ

**ରିଷିଡା,୪।୧(ଡି.ଏନ୍.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ଗୋବର୍ଦ୍ଧନ ପୀଠରେ ୩ୟ ଗଜବାହାଲ ମହୋତ୍ସବ ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସରପଞ୍ଚ ପୂଜା ସାହୁ ଉଦଘାଟନ କରିଥିଲେ। ଏହି ଉତ୍ସବରେ ରାମଚରିତ ମାନସ ପାରାୟଣ ଆରମ୍ଭ ହୋଇଛି। ମହୋତ୍ସବ କମିଟି ସଭାପତି ପ୍ରଫୁଲ୍ଲ ସାହୁ, ସମ୍ପାଦକ ସାଧୁରାମ ସାହୁ, ଯଜ୍ଞକର୍ତ୍ତା ରାଜେଶ ସାହୁ, ପୂଜକ ଘନଶ୍ୟାମ ଦାଶ, ମ୍ୟାନେଜର ବିଦ୍ୟାଧର ବାଗ ତଥା ସମସ୍ତ ସଭ୍ୟାସଭ୍ୟ ଗ୍ରାମବାସୀ ଯୋଗଦେଇଥିଲେ ।

### ରବିବାରରୁ ନବବର୍ଷ କ୍ରିକେଟ କପ୍

**ରିଷିଡା,୪।୧(ଡି.ଏନ୍.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ବାପୁଜୀ ମିନି ଷ୍ଟାଡିୟମଠାରେ ରବିବାରଠାରୁ ନବବର୍ଷ କ୍ରିକେଟ କପ୍ ଆରମ୍ଭ ହେବ । ବାପୁଜୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ବର୍ଷ (୨୦୧୬) ମାଟ୍ରିକ ବ୍ୟାଚ ଦ୍ୱାରା ଏହି ଖେଳ ପରିଚାଳନା କରାଯାଉଛି । ଏଥିରେ ଜିଲାର ୮ଟି ଦଳ ଭାଗ ନେଉଛନ୍ତି। ଆୟୋଜକ ସଭାପତି ଶୁଭ୍ରାଂଶୁ ସେଲମା ଓ ସମ୍ପାଦକ ଜିତୁରଣା ରହିଛନ୍ତି ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା

# ଅଧାପନ୍ତରିଆ କରି ଠିକାଦାର ଫେରାର

**କୁନାଗଡ, ୪।୧ (ଡି.ଏନ୍.ଏ.)**

ଗ୍ରାମାଞ୍ଚଳରେ କଚ୍ଚା ଘରେ ବାସ କରୁଥିବା ଗରିବ, ଅସହାୟ ପରିବାରଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) କରିଛନ୍ତି। ତେବେ ଗରିବ, ନିରୀହ ହିତାଧିକାରୀ ନିଜେ ଏହାକୁ କରି ନ ପାରି ସ୍ଥାନୀୟ ଠିକାଦାରଙ୍କୁ ନିର୍ମାଣ ପାଇଁ ଦେଉଛନ୍ତି। ଜୈନିକ ଠିକାଦାର ହିତାଧିକାରୀଙ୍କ ବିଲ(ପୈଠ) ଉଠାଇ ଗୃହକୁ ଅଧାପନ୍ତରିଆ କରି ଫେରାର ହେଇଯାଉଛନ୍ତି। ଫଳରେ ଅଧାପନ୍ତରିଆ ଗୃହକୁ ନେଇ ହରଡଘଣାରେ ପଡୁଛନ୍ତି ହିତାଧିକାରୀ। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦୁନ୍ଦେଲମାଲ ପଞ୍ଚାୟତ ବୋରଗୁଡା ଗ୍ରାମ କେନ୍ଦୁପଡାରେ। ଏହି ପଡାର ମଙ୍ଗଲୁ ମାଝି ଗତ ୨୦୧୬-୧୭ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିଲେ। ତାଙ୍କ ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ କଲେଇଗାଁର କିଶୋର ନିଆଲ ନାମକ ଜଣେ ଠିକାଦାରଙ୍କୁ ଗୃହ ନିର୍ମାଣ ପାଇଁ କହିଥିଲେ। ମଙ୍ଗଲୁ



ମଙ୍ଗଲୁ ମାଝିଙ୍କ ଘର ୩ ବର୍ଷ ହେଲା ପ୍ଲିନ୍ଥ ପର୍ଯ୍ୟନ୍ତ ଉଠି ଅଧାପନ୍ତରିଆ ଅବସ୍ଥାରେ ରହିଛି।

**ଦୁନ୍ଦେଲମାଲ ପଞ୍ଚାୟତ**

- ହରଡ଼ଘଣାରେ ହିତାଧିକାରୀ

କାର୍ଯ୍ୟାଦେଶ ପାଇବା ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରଥମ କିସ୍ତି ବାବଦକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ପ୍ଲିନ୍ଥ ଲେବୁଲ ପରେ ଆହୁରି ୩୫ ହଜାର ପଡିଥିଲା। ସମ୍ପୃକ୍ତ ଠିକାଦାର ପ୍ଲିନ୍ଥ ଲେବୁଲ ପର୍ଯ୍ୟନ୍ତ ଘର କାମ କରି ମଙ୍ଗଲୁଙ୍କଠାରୁ ସମୁଦାୟ ୫୫ ହଜାର ଟଙ୍କା ଉଠାଇ ନେଇଯାଇଥିଲେ। ଇତିମଧ୍ୟରେ ୩ ବର୍ଷ ପରେ ମଧ୍ୟ ଉକ୍ତ ଘରକୁ ଠିକାଦାର ସମ୍ପୂର୍ଣ୍ଣ କରିନାହାନ୍ତି। ଘର ସମ୍ପୂର୍ଣ୍ଣ କରିବା ପାଇଁ ମଙ୍ଗଲୁ ବାରମ୍ବାର ଠିକାଦାରଙ୍କୁ କହୁଥିଲେ ମଧ୍ୟ ତାଙ୍କ କଥା ନ ଶୁଣି ଓଲଟା ଧମକ ଚମକ ଦେଉଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଘର ସମ୍ପୂର୍ଣ୍ଣ ନ ହେବାରୁ ଗତ ୨୦୧୭ ଡିସେମ୍ବର ୩୧ ତାରିଖରେ କଳାହାଣ୍ଡି ଜିଲାପାଳଙ୍କ ପକ୍ଷରୁ ଘର ସମ୍ପୂର୍ଣ୍ଣ କର ନଚେତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏକ ନୋଟିସ ଜାରି କରିଥିଲେ। ୩ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ ସମ୍ପୂର୍ଣ୍ଣ ହୋଇପାରିନାହିଁ। ସେହିପରି ଉକ୍ତ ପଡାର ବିଧବା ମହିଳା ନିଲେନ୍ଦ୍ରୀ ମାଝିଙ୍କ ଘର ମଧ୍ୟ ସମାନ ଅବସ୍ଥା। ନିଲେନ୍ଦ୍ରୀ ଗତ ୨୦୧୭-୧୮ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିମନ୍ତେ କାର୍ଯ୍ୟାଦେଶ ପାଇଥିଲେ। ଜଣେ ବିଧବା ଅସହାୟ ଗରିବ ମହିଳା ହୋଇଥିବାରୁ ଗୃହ ନିର୍ମାଣ ପାଇଁ ଅସମର୍ଥ ହୋଇ ସେ ମଧ୍ୟ ଉପରୋକ୍ତ ଠିକାଦାରଙ୍କୁ ଗୃହ ନିର୍ମାଣ କରିବା ପାଇଁ କହିଥିଲେ। ନିଲେନ୍ଦ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୨୦୧୭ ନଭେମ୍ବର ୧୧ରେ ୨୦ ହଜାର, ୨୦୧୮ ଫେବୃୟାରୀ ୭ରେ ୩୫ ହଜାର ଓ ଅଗଷ୍ଟ ୮ରେ ୪୫ ହଜାର ଟଙ୍କା ପଡିଥିଲା। ଏହା ବ୍ୟତିତ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୪୮ ଦିନର ଶ୍ରମ ଦିବସ ପାଇଁ ୭ ହଜାର ୭୫୨ ଟଙ୍କା ପଡିଥିଲା।

ଏହି ସମସ୍ତ ଟଙ୍କା ଠିକାଦାର ନିଲେନ୍ଦ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଉଠାଣ କରି ନେଇଯାଇଥିଲେ। ବର୍ତ୍ତମାନ ଠିକାଦାର ତାଙ୍କ ଘର ଛାତ ପର୍ଯ୍ୟନ୍ତ କରି ଆଉ ଧରା ଛୁଆଁ ଦେଉ ନ ଥିବା ସେ ଦୁଃଖର ସହ କହନ୍ତି। ନିଲେନ୍ଦ୍ରୀଙ୍କୁ ଘର ସମ୍ପୂର୍ଣ୍ଣ ପାଇଁ ଶେଷ ବିଲରେ ସରକାର ଆହୁରି ୩୦ ହଜାର ଟଙ୍କା ପ୍ରଦାନ କରିବେ। ଏଥିରେ ଛାତ ପକାଇବା ସହିତ କବାଟ, ଝରକା, ଶୌଚାଳୟ ପ୍ଲାଷ୍ଟର ଓ ଘରର ରଙ୍ଗଦେଇ ସୂଚନା ବିବରଣୀ ଲଗାଇ ବାସପୋଯୋଗୀ କଲେ ଏହି ୩୦ ହଜାର ଟଙ୍କା ମିଳିବ। ଗୋଟିଏ ପଟେ ଠିକାଦାର ଟଙ୍କା ନେଇ ଫେରାର ହୋଇଯାଇଥିବା ବେଳେ ଅନ୍ୟପଟେ କେଉଁଠି ଟଙ୍କା ଆଣି ଘର ନିର୍ମାଣ ସମ୍ପୂର୍ଣ୍ଣ କରିବି ସେ ନେଇ ହରଡ ଘଣାରେ ପଡିଯାଇଛନ୍ତି ନିଲେନ୍ଦ୍ରୀ। ସେହିପରି ଉକ୍ତ ପଡାର କୁମ ମାଝି ଗତ ୨୦୧୬-୧୭ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ କାର୍ଯ୍ୟାଦେଶ ପାଇଥିଲେ। ସେ ମଧ୍ୟ ଗୃହ ନିର୍ମାଣ କରି ନ ପାରି ଏହାକୁ ସ୍ଥାନୀୟ ଜିଆରଏସ୍‌ଙ୍କୁ କରିବାକୁ ଦେଇଥିଲେ। କୁମଙ୍କ ବ୍ୟାଙ୍କ ଆକାଉଣ୍ଟଙ୍କୁ ପ୍ରଥମ କିସ୍ତିରେ ୨୦ ହଜାର, ଦ୍ୱିତୀୟ କିସ୍ତିରେ ୩୫ ଓ ତୃତୀୟ କିସ୍ତିରେ ୪୫ ହଜାର ଟଙ୍କା ପଡିଥିଲା। ଏହାବ୍ୟତିତ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ସମୁଦାୟ ୯୫ ଦିନ ଶ୍ରମ ଦିବସ ପାଇଁ ୧୬ ହଜାର ୭୨୦ଟଙ୍କା ପଡିଥିଲା। ଏହି ସମସ୍ତ ଟଙ୍କାକୁ ସେ ଜିଆରଏସଙ୍କୁ ଉଠାଣ କରି ଦେଇଥିବା ପ୍ରକାଶ କରିଛନ୍ତି। ଏହାପରେ ମଧ୍ୟ ତାଙ୍କ ଘର ବର୍ତ୍ତମାନ ଛାତ ପର୍ଯ୍ୟନ୍ତ ଉଠି ଅଧାପନ୍ତରିଆ ଅବସ୍ଥାରେ ରହିଛି। ୩ବର୍ଷ ପରେ ମଧ୍ୟ ସମ୍ପୃକ୍ତ ଜିଆରଏସ୍ ଏହାକୁ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ କରୁନାହାନ୍ତି। ଏ ନେଇ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡିଙ୍କୁ ପଚାରିବାରୁ ହିତାଧିକାରୀମାନେ ସମ୍ପୃକ୍ତ ଠିକାଦାରଙ୍କ ନାମରେ ଲିଖିତ ଅଭିଯୋଗ ଦେଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। କଳାହାଣ୍ଡି ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।



ମଳୟ କୁମାର ବିଶ୍ୱାଳ

### ମଳୟ କୁମାର ଭଲିବଲ୍ ରେଫରି ମନୋନୀତ

**ଭବାନୀପାଟଣା,୪।୧ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରା ପଞ୍ଚାୟତ ତିତକେଲା ଗ୍ରାମର ମଳୟ କୁମାର ବିଶ୍ୱାଳ ରାଜ୍ୟସ୍ତରୀୟ ଭଲିବଲ ରେଫରୀ ପାଇଁ ମନୋନୀତ ହୋଇଛନ୍ତି। ଏଭଳି କୃତିତ୍ୱ ହାସଲ କରିବାରେ ବିଶ୍ୱାଳ ଜିଲାରେ ପ୍ରଥମ ବ୍ୟକ୍ତି ହୋଇଥିବାରୁ ଜିଲାରେ ଖୁସିର ଲହରି ଖେଳିଯାଇଛି। ବିଶ୍ୱାଳ ୧୯୯୬ରୁ ୭ଥର ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି। ସେ ୨୦୧୭ରେ ରାଜ୍ୟସ୍ତରୀୟ ଭଲିବଲ ଖେଳରେ ପ୍ରଥମ ରେଫରୀ ଦାୟିତ୍ୱ ନେଇଥିଲେ। ୨୦୧୯ରେ କଟରେ ଅନୁଷ୍ଠିତ ଜାତୀୟସ୍ତରୀୟ ଭଲିବଲରେ ରେଫରୀ ଦାୟିତ୍ୱ, ପାରାଦୀପରେ ଅନୁଷ୍ଠିତ ୬୮ତମ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ରେଫରୀ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ଏହି ଅବସରରେ ବିଶ୍ୱାଳଙ୍କୁ ଜିଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଦିଆଯାଇଛି।

## ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳାର ତୃତୀୟ ସନ୍ଧ୍ୟା

**ବୌଦ୍ଧ, ୪।୧ (ସ୍ୱ.ପ୍ର)**

ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଶନିବାର ଥିଲା ତୃତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ବୌଦ୍ଧର ପୂର୍ବତନ ଜିଲାପାଳ ମଧୁସୁଦନ ମିଶ୍ର, ହାସ୍ୟ ଅଭିନେତା ଜୟୀରାମ ସାମଲ ଓ କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ଯାଜ୍ଞେଶ୍ୱରୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ସିଂ ମହୋତ୍ସବ ଦ୍ୱାରା କଳା ଓ କାରିଗରିର ପ୍ରଚାର ପ୍ରସାର ହୋଇପାରୁଛି ବୋଲି ମତପ୍ରକାଶ କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ଆଦର୍ଶ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପରେ ଗୌତମ ବୁଦ୍ଧ ମଣ୍ଡପରେ ରାଉରକେଲା ନୃତ୍ୟାଞ୍ଜଳି ପକ୍ଷରୁ ଓଡିଶୀ ନୃତ୍ୟ, ଭବାନୀପାଟଣା ମହାବୀର ଅନୁଷ୍ଠାନ ପକ୍ଷରୁବଜାଶାଳ, କଲିକତା ବାଲୋଟ ଗ୍ରୁପ ପକ୍ଷରୁ ରଙ୍ଗବତୀ ଓ ଗଣେଶ ବନ୍ଦନା, ବୌଦ୍ଧ ନାରାୟଣନଗର ଚାରିଶମ୍ଭୁ କଳା ପରିଷଦ ପକ୍ଷରୁ ସମ୍ବଲପୁରୀ ଲୋକନୃତ୍ୟ, ଗାୟତ୍ରୀ କଳା ସଙ୍ଗଠନ ପକ୍ଷରୁ ଢେମସା, ଗେହ୍ଲାମା କଳାନିକେତନ ବୌଦ୍ଧ ପକ୍ଷରୁ ସମ୍ବଲପୁରୀ ଓ କଲିକତା ନୁପୁର ଅନୁଷ୍ଠାନ ପକ୍ଷରୁ ଲାବଣୀ ମହାରାଷ୍ଟ୍ର ଓ ଗିଧା ନୃତ୍ୟ ପରିବେଷଣ କରାଯାଇଥିଲା।

## ତାରାରୋପଣ କାର୍ଯ୍ୟକ୍ରମ

**ଭବାନୀପାଟଣା,୪।୧ (ଡି.ଏନ୍.ଏ.)**

ସ୍ଥାନୀୟ ମାଣିକେଶ୍ୱରୀ ହାଇସ୍କୁଲରେ ତାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଆର୍‌ପିଏଫ୍ ୬୪ ବାଟାଲିୟନର ସୁରେଶ କୁମାର ମୁଖ୍ୟ ଅତିଥି, ପୂବତନ ବିଧାୟକ ଦୁଷ୍ମନ୍ତ ନାଏକ, ପ୍ରବୋଧ ରଥ, ଭବାନୀ ନିଆଲ, ଚନ୍ଦ୍ରଶେଖର ପଣ୍ଡା, ଚିତ୍ତରଞ୍ଜନ ଦାସ, ଇଲାରାଣୀ ମହାନ୍ତି, ସ୍ୱାଗତ ଆଇଟିସିର ଅଧ୍ୟକ୍ଷା ପ୍ରୀତି ପଟ୍ଟନାୟକ, ସମିତା ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ବଜେନ୍ଦ୍ର ବଡେଇ ମଞ୍ଚ ପରିଚାଳନା କରିଥିଲେ। ପ୍ରଦୀପ ଦାସ ଧନ୍ୟବାଦ ଦେଇଥିଲେ। ପରେ ଅତିଥି ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ତାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ବିୟୋଗରେ ଶୋକସଭା

**ରିଷିଡା, ୪।୧ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ରିଷିଡା ବାପୁଜୀ ଉଚ୍ଚ ବିଦ୍ୟାଳୟ ପ୍ରାକ୍ତନ ରାଜ୍ୟପାଳ ପୁରସ୍କୃତ ପ୍ରଧାନଶିକ୍ଷକ ଉପେନ୍ଦ୍ର ସାହୁଙ୍କ ବିୟୋଗରେ ଶନିବାର ବିଦ୍ୟାଳୟ ପରିସରରେ ଶୋକସଭା କରାଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ସୂର୍ଯ୍ୟମଣୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭାରେ ଜେକେ କଲେଜ ଅଧ୍ୟକ୍ଷ ପ୍ରଣୟ ଆନନ୍ଦ କୁମାର ତ୍ରିପାଠୀ, ପୂର୍ବତନ ଛାତ୍ର ହିମାଂଶୁଶେଖର ରଣା, ସୁବାଷ ଆଚାର୍ଯ୍ୟ, ଦିଲୀପ କୁମାର ରଣା, ଛାତ୍ର ସଂସଦ ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ, ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ପଧାନ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜନା ପୂର୍ବତନ ଛାତ୍ର ନରୋତ୍ତମ ସେଲମା କରିଥିଲେ। ଏହି ଅବସରରେ ଦିବଂଗତ ପ୍ରଧାନଶିକ୍ଷକଙ୍କ ଉପରେ ଲକ୍ଷ୍ମୀପ୍ରସାଦ ସେଠଙ୍କ ଦ୍ୱାରା ଏକ ସଙ୍ଗୀତ ପରିଚାଳନା କରାଯାଇଥିଲା। ଏହି ଅବସରରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

## ନୂଆ ବର୍ଷରେ ମଦମୁକ୍ତ ସମାଜ ପାଇଁ ଅଣ୍ଟା ଭିଡ଼ିଲେ ଆଦିବାସୀ ମହିଳା, ଯୁବଗୋଷ୍ଠୀ

# ମଦମୁକ୍ତ ସମାଜ ଗଠନ ପାଇଁ ଏକଜୁଟ

**ଭବାନୀପାଟଣା,୪।୧(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଦୁର୍ଗମ ତଥା ମାଓବାଦୀ ପ୍ରବଣ ଅଞ୍ଚଳରେ ମହିଳା ଓ ଯୁବଗୋଷ୍ଠୀ ମିଶି ନିଜ ଅଞ୍ଚଳରୁ ମଦ ବିକ୍ରି ବନ୍ଦ କରିବା ନେଇ ନୂଆବର୍ଷରେ ସଚେତନତା ରାଲି କରିଥିବା ଜଣାପଡ଼ିଛି । ଆଦିବାସୀ ଅଧୁଷିତ ଅଞ୍ଚଳରେ ଦିନକୁ ଦିନ ଦେଶୀ ମଦ ରନ୍ଧା ଓ କୁଚିଆ ମଦକୋଠି ବୃଦ୍ଧି ପାଉଥିବା ବେଳେ ମଦ ଯୋଗୁ ସେ ଅଞ୍ଚଳର ଅନେକ ଧନଜୀବନ ନଷ୍ଟ ହେବାରେ ଲାଗିଛି। ମଦ ରାନ୍ଧିବା ଓ ମଦ ବିକ୍ରିକୁ ବନ୍ଦ କରିବା ପାଇଁ ପ୍ରଶାସନଠୁ ଆରମ୍ଭ କରି ନେତା ମନ୍ତ୍ରୀ ପର୍ଯ୍ୟନ୍ତ ଅଞ୍ଚଳବାସୀ ଅଭିଯୋଗ କରିଥିଲେ ସୁଦ୍ଧା କିଛି ସୁଫଳ ମିଳୁନାହିଁ । ସେଥିପାଇଁ ସ୍ଥାନୀୟ ଅଞ୍ଚଳ ମହିଳା ଗୋଷ୍ଠୀ ଓ ଯୁବକମାନେ ନୂଆବର୍ଷରେ ନୂଆ ସଙ୍କଳ୍ପ ନେବା ସହ ମଦ ମୁକ୍ତ ସମାଜ ଗଠନ ପାଇଁ ଏକଜୁଟ ହୋଇଛନ୍ତି। ଏହି ଅବସରରେ ଅଞ୍ଚଳର ମହିଳା ଓ ଯୁବ ସଙ୍ଗଠନ ପକ୍ଷରୁ ଏକ ମଦ ବିରୋଧୀ ସଚେତନତା ପଦଯାତ୍ରା କରାଯାଇଥିଲା। ଗାଁ ଗାଁରେ ଆଦିବାସୀ ପରମ୍ପରା ଅନୁଯାୟୀ ବଜା ବଜାଇ ଶହ ଶହ ଲୋକେ ପୁଞ୍ଜାମ ଗାଁରୁ ଆରମ୍ଭ ହୋଇଥିବା ପଦଯାତ୍ରା ଗାଁ ପରିକ୍ରମା କରିଥିଲା। ପରେ ଗାଁ ଅଗଣାରେ ଏକ ସଭା କରି ସଚେତନତା ବାର୍ତ୍ତା ଦିଆଯାଇଥିଲା। କୁଇ ଭାଷାରେ ଆଦିବାସୀ ମହିଳାମାନେ ମଦର ମାରାତ୍ମକ କଥା ବଖାଣିବା ସହ ଏଥିରୁ ମୁକ୍ତି ପାଇଁ ଆହ୍ୱାନ ଦେଇଥିଲେ। ପଦଯାତ୍ରା ପ୍ରଥମ ପର୍ଯ୍ୟାୟରେ ୧୬ଟି ଗାଁରେ କରାଯିବା ପରେ ବ୍ଲକରୁ ଜିଲା ପର୍ଯ୍ୟନ୍ତ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ନୂଆଁ ବର୍ଷ ୨୦୨୦କୁ ମଦମୁକ୍ତ ବର୍ଷ ଭାବେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା ।

ନୂଆ ବର୍ଷରେ ନୂଆଁ ସମ୍ଭାବନାକୁ ନେଇ ମହିଳାଯୁବକଙ୍କ ଏହି ଅଭିଯାନ ନିଶ୍ଚିତ ଭାବେ ମାଓବାଦୀ ଅଞ୍ଚଳ ପାଇଁ ଶୁଭଙ୍କର ହେବ ବୋଲି ଆଶା କରାଯାଉଛି । କାରଣ ସମାଜ ନିଜେ ଜାଗିଲେ ହିଁ ସାମଗ୍ରିକ ବିକାଶ ସମ୍ଭବପର ଏବଂ ମଦ ନିଶ୍ଚିତ ଭାବେ ସମାଜର ଅଧୋଗତିର ମୁଖ୍ୟ କାରଣ, ଯାହାକୁ ଯୁବକ ଓ ମହିଳା ବୁଝି ସମାଜକୁ ବୁଝାଇବାକୁ ଅଣ୍ଟା ଭିଡିଛନ୍ତି । ଏହି ସଚେତନତା କାର୍ଯ୍ୟକ୍ରମ ବିଟ୍ରିଶ କୁମାରଙ୍କ ନେତୃତ୍ୱରେ ହୋଇଥିବା ବେଳେ ପୂର୍ବତନ ଲାଞ୍ଜିଗଡ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆ, ପାହାଡପଦର ପୂର୍ବତନ ସରପଞ୍ଚକୁଞ୍ଜ ମାଝି, ବୈଦ୍ୟନାଥ ବାବୁ, ଲଳିତା ମାଝି, ପାହାଡ ପଦର ସରପଞ୍ଚ ଉମୁଣୀ ମାଝି,ନୂଆ ମାଝି, ରିମା ମାଝି, ଲୋକନାଥ ମାଝି, କୁନି ମାଝି, ମାଧବ ନାଏକ ପ୍ରମୁଖ ଯୋଗଦେଇଥିଲେ। ଖଣ୍ଡୁ ଆଳମାଳି ସୁରକ୍ଷା ସମିତି ସମସ୍ତ ସଦସ୍ୟ ମଦ ବିରୋଧୀ ସଚେତନତା ପଦଯାତ୍ରାରେ ଭାଗ ନେଇଥିଲେ। ବୋରପଦର ପୁଞ୍ଜାମ୍, ଜୀରାଗାଁ, କାଞ୍ଚନମୁହିଁ, ମଦନଗୁଡ,ତାଲବୁରା, ଘାଟି କୁଣ୍ଡୁରୁ ପାହାଡପଦର ପଟାଙ୍ଗପଦର ଆଦି ଗାଁର ଲୋକେ ସଚେତନତା କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ଆମ୍ବୁଲାନ୍ସ ଅଚଳ, ଜରୁରିକାଳୀନ ରୋଗୀ ସେବା ବାଧାପ୍ରାପ୍ତ

**କୋକସରା, ୪।୧ (ଡି.ଏନ୍.ଏ.)**

ରାଜ୍ୟ ସରକାର ଜରୁରୀକାଳୀନ ସେବା ରୋଗୀମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ୧୦୮ ଓ ୧୦୨ ଆମ୍ବୁଲାନ୍ସ ସୁବିଧା ଯୋଗାଇ ଦେଉଛନ୍ତି। କିନ୍ତୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ତଥା ଜରୁରୀକାଳୀନ ସେବା ପ୍ରଦାନ କରୁଥିବା ସଂସ୍ଥା କର୍ମଚାରୀମାନଙ୍କ ଅବହେଳା ଯୋଗୁ ଉପଯୁକ୍ତ ସମୟରେ ଆମ୍ବୁଲାନ୍ସଗୁଡିକ ମରାମତି ନ ହେବାରୁ ଏହା ଏବେ ରୋଗୀମାନଙ୍କୁ ସେବା ପ୍ରଦାନ କରିବା ବିଫଳ ହେଉଛି । ଫଳରେ ଏହି ସେବା ଉପରେ ନିର୍ଭର କରୁଥିବା ଗର୍ଭବତୀ, ଶିଶୁ ଓ ଦୁର୍ଘଟଣାରେ ଶିକାର ହୋଇଥିବା ଲୋକମାନେ ଠିକ ସମୟରେ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିଯୋଗୁ ଅନେକ ସମୟରେ ରୋଗୀ ମୃତ୍ୟୁମୁଖରେ ପଡୁଥିବା ଅଭିଯୋଗ ହେଉଛି। ସୂଚନା ଅନୁସାରେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ୧୦୨ ଜନନୀ ସୁରକ୍ଷା ଆମ୍ବୁଲାନ୍ସ ଦୀର୍ଘ ୨ ମାସ ହେବ ମରାମତି ଅଭାବରୁ ଅଚଳ ଅବସ୍ଥାରେ ଭବାନୀପାଟଣାର ଏକ ଗ୍ୟାରେଜରେ ପଡିରହିଥିବାବେଳେ ୧୦୮ ଆମ୍ବୁଲାନ୍ସ ମଧ୍ୟ ଗତ କିଛି ଦିନ ହେଲା ଅଚଳ ହୋଇ ପଡିଛି । ଫଳରେ କୋକସରା ବ୍ଲକ ସମେତ ଜୟପାଟଣା, କଲମପୁର, ଧର୍ମଗଡ ଅଞ୍ଚଳର ପାଖାପାଖି ୨ ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ଏହି ଜରୁରୀକାଳୀନ ସେବା ପାଇବାରୁ ବଞ୍ଚିତ ରହିଛନ୍ତି । ଜେଡ.ଏସ.ଏଲ. ନାମକ ଏକ ବେସରକାରୀ ସଂସ୍ଥା ଏହି ଆମ୍ବୁଲାନ୍ସ ସେବା ପ୍ରଦାନ କରିବା ଦାୟିତ୍ୱରେ ରହିଥିବାବେଳେ କର୍ମଚାରୀମାନଙ୍କ ଅବହେଳା ଯୋଗୁ ଗାଡିଗୁଡିକ ମରାମତି ଅଭାବରୁ ଅଚଳ ହୋଇ ପଡିଛି। ଗାଡିରେ ନିୟୋଜିତ ଡ୍ରାଇଭରଙ୍କ ସହ ଅନ୍ୟ କର୍ମଚାରୀମାନେ ଏବେ ହାତବାନ୍ଧି ଘରେ ବସିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବନଲତା ଦେବୀଙ୍କୁ ପଚାରିବାରୁ ଆମ୍ବୁଲାନ୍ସ ସେବା ପ୍ରଦାନକାରୀ ସଂସ୍ଥା ଜେଡ.ଏସ.ଏଲ.ର ରାଜ୍ୟ ସଂସ୍ଥା ସହିତ ଯୋଗାଯୋଗ କରି କିଭଳି ଆମ୍ବୁଲାନ୍ସ ସେବା ଶୀଘ୍ର ଯୋଗାଇ ଦିଆଯାଇ ପାରିବ ସେ ନେଇ ଚେଷ୍ଟା କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ଧର୍ମଗଡ ବିଧାୟକ ମୌଷଧି ବାଗ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷ ରହିଥିବାବେଳେ ଏ ନେଇ ତାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରି ଆମ୍ବୁଲାନ୍ସ ଉପଲବ୍ଧ କରିବା ପାଇଁ ବ୍ୟବସ୍ଥା କରିବି ବୋଲି ପ୍ରକାଶ କରିଛନ୍ତି ।




ଅଚଳ ହୋଇପଡ଼ିଥିବା ଆମ୍ବୁଲାନ୍ସ।

**କୋକସରା ବ୍ଲକ**

## ଅକାମୀ ହୋଇପଡ଼ିଛି ଇନ୍ଦ୍ରାବତୀ କେନାଲ

# ନିମ୍ନମାନର କାମ, କେନାଲ ଭାଙ୍ଗି ନଷ୍ଟ

**କେସିଙ୍ଗା, ୪।୧ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବିଭିନ୍ନ ଗ୍ରାମପଞ୍ଚାୟତରେ ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ ପକ୍ଷରୁ ଚାଷୀମାନଙ୍କୁ ଜଳସେଚନ କରିବା ପାଇଁ ଗତ ୨୦୧୮-୧୯ ଆର୍ଥିକ ବର୍ଷରେ କେନାଲ କାମ କରାଯାଇଥିଲା। କେସିଙ୍ଗା ବ୍ଲକ କିକିଆ, କୁଣ୍ଡାବନ୍ଧ, ପଥର୍ଲା, ଚାଞ୍ଚେର, ଉତକେଲଶ, ଦେଓଗାଁ, ଫଟକାମାଲ ଆଦି ୭ଟି ଗ୍ରାମପଞ୍ଚାୟତରେ ଇନ୍ଦ୍ରାବତୀ କେନାଲ ଖୋଲାଯାଇଥିଲା। ଇନ୍ଦ୍ରାବତୀ ଖୋଲା ଯାଇ ୨ ବର୍ଷ ବିତିଯାଇଥିଲେ ସୁଦ୍ଧା ଆଜି ଯାଏ କାର୍ଯ୍ୟକ୍ଷମ ନ ହୋଇ ଅକାମୀ ହୋଇ ପଡିରହିଛି । କେନାଲଗୁଡିକ କାମ ଅତିନିମ୍ନମାନର ଭାବେ ଠିକାଦାରମାନଙ୍କ ଦ୍ୱାରା କରାଯାଇଥିବାରୁ ଧୀରେ ଧୀରେ ଭାଙ୍ଗିଯାଇ ନଷ୍ଟ ହେବାରେ ଲାଗିଛି। ମୁଖ୍ୟ କେନାଲଗୁଡିକରେ ଅନାବନା ଗଛ ହୋଇ ଗଲାଣି । ଶାଖା କେନାଲ ମଧ୍ୟ ତଦ୍ରୂପ । ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ ଦ୍ୱାରା ଚାଷୀମାନଙ୍କୁ ଜଳସେଚନ କରିବା ପାଇଁ ବିନା ଜମି ଅଧିଗ୍ରହଣରେ ଠିକାଦାରମାନେ କେନାଲ କାର୍ଯ୍ୟ କରିଥିଲେ । ଚାଷୀମାନଙ୍କ ଆଶଥିଲା ଜମିରେ ଜଳସେଚିତ ହେଲେ ଚାଷୀ ମୁହଁରେ ହସ ଫୁଟିବ । କିନ୍ତୁ ଆଜକୁ ୨ ବର୍ଷ ହେଲା ବିନା ଜମି ଅଧିଗ୍ରହଣରେ କେନାଲ କାମ କରାଯାଇଥିଲେ ସୁଦ୍ଧା ଚାଷୀମାନେ ଉପକୃତ ହୋଇ ନାହାନ୍ତି । ଉପରୋକ୍ତ ୭ଟି ଗ୍ରାମପଞ୍ଚାୟତରେ ପ୍ରାୟ ୧୪ କୋଟି ଟଙ୍କା ବ୍ୟୟ ଅଟକଳରେ ଇନ୍ଦ୍ରାବତୀ କେନାଲ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି । ମୁଖ୍ୟ କେନାଲ ଓ ଶାଖା କେନାଲଗୁଡିକ ଅତିନିମ୍ନମାନର କାର୍ଯ୍ୟ କରାଯାଇଛି। ବହୁ ଜାଗାରେ ଭାଙ୍ଗିଯାଇ ନଷ୍ଟ ହୋଇଗଲାଣି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁ ଚନ୍ଦ୍ରିକାରେ ମିଥ୍ୟା ବିଲ କରାଯାଇଥିବା ମଧ୍ୟ ଚାଷୀମାନେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଚାଞ୍ଚେର ଗ୍ରାମପଞ୍ଚାୟତରେ ୪ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଇନ୍ଦ୍ରବତୀ କେନାଲ ଅତିନିମ୍ନମାନର କାମ ହୋଇଥିଲା । ସେହିପରି ଅମଠା, କନ୍ଧେଇମାଲ ଗ୍ରାମରେ ୧୬ କି.ମି. କେନାଲ କାର୍ଯ୍ୟ ପାଇଁ ୨ କୋଟି, ସଦର ବ୍ଲକର ହଲଦୀ, କର୍ଲାପଡା ଗ୍ରାମରେ ୧୫ କି.ମି., କେନାଲ ଓ ଗାର୍ଡ୍‌ୱାଲ ପାଇଁ ୨ କୋଟି ୨୦ ଲକ୍ଷ ବ୍ୟୟ ଅଟକଳରେ କେନାଲ କାମ ହୋଇଥିଲେ ସୁଦ୍ଧା ଆଜକୁ ୨ବର୍ଷ ହେଲା ଅକାମି ହୋଇ ପଡି ରହିଛି । କାର୍ଯ୍ୟକ୍ଷମ ହେବା ପାଇଁ ଗ୍ରାମବାସୀ ଜିଲାପାଳ, ବିଭାଗୀୟ ଏକଜ୍ୟୁକେଟିଭ ଇଞ୍ଜିନିୟରଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ । ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀ ଆରସି ନାୟକଙ୍କୁ ପଚାରିବାରୁ ଆସନ୍ତା ୨ରୁ ୩ ମାସରେ ଜଳସେଚିତ କରାଯିବ ବୋଲି ପ୍ରକାଶ କରିଥିଲେ ।



କିକିଆ ଗ୍ରାମରେ ନିର୍ମାଣ କରାଯାଇଥିବା ମୁଖ୍ୟ କେନାଲ ଫାଟ ।



ଈଶ୍ୱର ନିରାକାର, ସର୍ବବ୍ୟାପୀ ଓ ସର୍ବ ଶକ୍ତିମାନ।
- ଗୁରୁ ନାନକ

## ସଂକ୍ଷେପରେ

### ଥାନା ଶୌଚାଳୟରେ ଏସିଡ୍ ପିଇଲେ ଅଭିଯୁକ୍ତ

ରଘୁନାଥପୁର,୪। ୧ (ଡି.ଏନ.ଏ.) ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ହାଜତରେ ଥିବା ଜଣେ ଅଭିଯୁକ୍ତ ଶନିବାର ଶୌଚାଳୟକୁ ଶୌଚ ପାଇଁ ଯାଇ ପାଇଖାନା ସଫା ନିମନ୍ତେ ଥିବା ଏସିଡ୍ ପିଇ ଦେଇଛନ୍ତି। ତାଙ୍କୁ ଚିକିତ୍ସା ଲାଗି ପ୍ରଥମେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେ ହେଲେ କେଣାର୍କ ଧନିତ୍ରୀ ଅଞ୍ଚଳର ଆଲୋକ ସାହୁ। ଏ ସମ୍ପର୍କରେ ଖବର ସଂଗ୍ରହ କରିବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିବା ଖବରଦାତାଙ୍କୁ ପୋଲିସ ଫଟୋ ଉଠାଇବାକୁ ବାରଣ କରିଥିଲେ। ଅପରାହ୍ନ ୪ଟା୨୦ରେ ଘଟଣା ସମ୍ପର୍କରେ ଜଣାପଡିଥିଲା। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁକାନ୍ତ କୁମାର ଦଳାଇଙ୍କୁ ପଚାରିବାରେ ଅଭିଯୁକ୍ତ ଜଣକ କୌଣସି ବିଷାକ୍ତ ପଦାର୍ଥ ପିଇ ଦେଇଥିବା କହିଥିଲେ।

# ପୁଞ୍ଜି ପ୍ରତ୍ୟାହାର ନେଇ ବିଏମ୍ଏସ୍ ପକ୍ଷରୁ ବିକ୍ଷୋଭ

ରାଉରକେଲା ଅଫିସ,୪। ୧




ବିର୍ସାଛକରେ ଭାରତୀୟ ମଜଦୁର ସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି।

- ନିଷ୍ପତ୍ତିରୁ କ୍ଷାନ୍ତ ରୁହନ୍ତୁ କେନ୍ଦ୍ର ସରକାର
- ନ ହେଲେ ଦୁର୍ବାର ଆନ୍ଦୋଳନ

ପୁଞ୍ଜି ପ୍ରତ୍ୟାହାର ପ୍ରସଙ୍ଗ ନେଇ ଗତ ଶୁକ୍ରବାର ସନ୍ଧ୍ୟାରେ ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍) ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆର୍ଆଇକେକେଏସ୍) ନେତୃତ୍ୱରେ ବିର୍ସାଛକରେ ଏକ ବିଶାଳ ଗଣ ବିକ୍ଷୋଭ ଆୟୋଜନ କରାଯାଇଥିଲା। ଭାରତ ସରକାରଙ୍କ ଦ୍ୱାରା ସାର୍ବଜନୀନ କ୍ଷେତ୍ରରୁ ପୁଞ୍ଜି ପ୍ରତ୍ୟାହାର ନିଷ୍ପତ୍ତି ବିରୁଦ୍ଧରେ କେନ୍ଦ୍ରୀୟ କମିଟି ନିର୍ଦ୍ଦେଶ କ୍ରମେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇ ଥିଲା। ଦେଶର ସମସ୍ତ ଜିଲା ସଦର ମହକୁମା ଓ ଔଦ୍ୟୋଗିକ ସଂସ୍ଥାନ ସମ୍ମୁଖରେ ବିଏମ୍ଏସ୍ ପକ୍ଷରୁ କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତିର ଦୃଢ ପ୍ରତିବାଦ କରାଯାଇଛି। ଭାରତର ସାର୍ବଜନୀନ କ୍ଷେତ୍ର ପ୍ରତିଷ୍ଠା ହେବାର ୨୦ ବର୍ଷ ପରେ ଅର୍ଥାତ ଗତ ୭୦ ଦଶକରେ ଏ ନେଇ ସରକାରଙ୍କ ଦୃଷ୍ଟିଭଙ୍ଗୀ ବଦଳିବା ନଜରକୁ ଆସିଥିଲା ବୋଲି ଏଠାରେ ଉପସ୍ଥିତ ୟୁନିୟନ ନେତୃମଣ୍ଡଳୀ ଅଭିଯୋଗ କରିଥିଲେ। ୮୦ ଦଶକରେ ସରକାର ସେବା କ୍ଷେତ୍ରରୁ ନିଜକୁ ଦୁରେଇ ନେଲେ। ୧୯୯୧ର ମାନ୍ଦାବସ୍ଥା ଓ ଗ୍ୟାସ କ୍ଷେତ୍ରର ପୁନର୍ବିନ୍ୟାସ ସରକାରଙ୍କ ପାଇଁ ଏକ ସୁଯୋଗ ଆଣି ଦେଲା। ତତ୍କାଳୀନ ଚନ୍ଦ୍ରଶେଖର ସରକାରଙ୍କ ଅମଳରେ ପୁଞ୍ଜି ପ୍ରତ୍ୟାହାରକୁ ସ୍ୱୀକୃତି ପ୍ରଦାନ କରାଯାଇ ଥିଲା। ଯାହାକୁ ପରବର୍ତ୍ତୀ ସମସ୍ତ କେନ୍ଦ୍ର କ୍ଷମତାସୀନ ସରକାର ଅନୁସରଣ କରି ଆସୁଛନ୍ତି। ଗତ ୧୯୫୫ରୁ ବିଏମଏସ ପ୍ରତିଷ୍ଠା ହେବା ପରେ ଶ୍ରମିକ ସ୍ୱାର୍ଥ ପାଇଁ ସର୍ବଦା କାର୍ଯ୍ୟ କରି ଆସିଛି। ଏହାର କୌଣସି ରାଜନୈତିକ ଅଭିଳାଷା ନାହିଁ। ଏଣୁ ସ୍ୱାର୍ଥ ସମ୍ବଳିତ ସମସ୍ତ ପ୍ରସଙ୍ଗକୁ ସରକାରଙ୍କ ଆଗରେ ଉତ୍ଥାପନ କରି ଦାବି ହାସଲ କରିଛି ଏହି ୟୁନିୟନ। ଏହା ଦ୍ୱାରା ଦେଶର ନିଷ୍ପେଶିତ ଶ୍ରମିକ ନ୍ୟାୟ ପାଇଛନ୍ତି। ଏବେ କେନ୍ଦ୍ର ସରକାର ମନ ଇଚ୍ଛା ବିଭିନ୍ନ ଦାବି ଆଣି ଶ୍ରମିକଙ୍କ ନ୍ୟାଯ୍ୟ ଅପହୃତ କରିବାକୁ ବସିଛନ୍ତି। ଏନେଇ ବିଏମଏସ ପକ୍ଷରୁ ହରିଦ୍ୱାର ଠାରେ ଅନୁଷ୍ଠିତ ବୈଠକରେ ସରକାରଙ୍କ ଆଭିମୁଖ୍ୟକୁ କଡା ସମାଲୋଚନା କରାଯାଇଛି। ପ୍ରତିବାଦ ସ୍ୱରୂପ ଆଗାମୀ ଦିନରେ ଦୁର୍ବାର ଆନ୍ଦୋଳନ କରିବାକୁ ନିଷ୍ପତି ନିଆ ଯାଇଛି। ଏଥିରେ ଘରୋଇକରଣକୁ ବିରୋଧ ସହ ପୁଞ୍ଜି ପ୍ରତ୍ୟାହାର ଓ ବିକ୍ରି ବନ୍ଦ ଆଦି ଉପରେ ଜୋରଦାର ବିରୋଧ କରାଯିବ। କେବଳ ଏତିକି ନୁହେଁ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ସମାନ କାମକୁ ସମାନ ଦରମା, ଠିକାଦାରୀ ପ୍ରଥା ଉଚ୍ଛେଦ, ଠିକା କାମରେ ନିଯୁକ୍ତ ଶ୍ରମିକଙ୍କ ସ୍ଥାୟୀକରଣ, ରେଳବାଇ, ପୋଷ୍ଟାଲ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଘରୋଇ ପୁଞ୍ଜି ନିବେଶ ବନ୍ଦ କରିବା ସହ ରାଷ୍ଟ୍ରାୟତ ଶିଳ୍ପ କାରଖାନା ଘରୋଇ କରଣ ବନ୍ଦ କରିବା, ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ବନ୍ଦ କରିବା, ଆୟକର ସୀମାକୁ ୫ଲକ୍ଷରୁ ୮ଲକ୍ଷକୁ ବୃଦ୍ଧି କରିବା, ଅଙ୍ଗନୱାଡି, ଆଶା କର୍ମୀ, ମଧ୍ୟାହ୍ନ ଭୋଜନ କର୍ମୀ ଓ ଗ୍ରାମ୍ୟ ଡାକ କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ଘୋଷଣା କରିବାକୁ ବିଏମଏସ ପକ୍ଷରୁ ଦାବି କରାଯାଇଛି। ଏଥିସହ ପୁରୁଣା ପେନସନ ଯୋଜନାକୁ ପୁନଃ ଚାଲୁ କରିବା, ସବୁ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ଭଳି ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ନେଇ ବିଏମଏସ ଲଢେଇ କରିବାକୁ ଘୋଷଣା କରିଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ୟୁନିୟନ ସଭାପତି ବିବେକାନନ୍ଦ ମହାନ୍ତ, ସାଧାରଣ ସମ୍ପାଦକ ହିମାଂଶୁ ବଳ, ରାଜେନ୍ଦ୍ରନାଥ ମହାନ୍ତ, ବିକାଶ ହାଲଦାର, ଜ୍ଞାନେଶ ପଣ୍ଡା, ପ୍ରଦୋଷ ପଣ୍ଡା, ପ୍ରଭାତ ବେହେର, ସରୋଜ ପ୍ରଧାନ, ଉମାକାନ୍ତ ସାମଲ, ଜନକର ସେଠୀ, ରାଜେଶ ଦାସ, ତ୍ରୈଲୋକ୍ୟ ବେହେରା ଓ ସମର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ ବେଳେ ମହିଳା ଉଦ୍ଧାର

ରାଉରକେଲା ଅଫିସ, ୪। ୧

ଜଣେ ଯୁବକଙ୍କ ପ୍ରେମରେ ପଡି ନାବାଳିକା ଝିଅ ଘରୁ ଚାଲିଯିବା ପରେ ନିରାଶ ମା' ଚମ୍ପା ବଣିଆ ଶନିବାର ଟ୍ରେନ ଆଗକୁ ଡେଉଁ ଆତ୍ମହତ୍ୟା ଉଦ୍ୟମ କରି ବିଫଳ ହୋଇଛନ୍ତି। ଡ୍ୟୁଟିରେ ଥିବା ପୋଲିସ ହସ୍ତକ୍ଷେପ ତାଙ୍କ ଜୀବନ ବଞ୍ଚାଇ ଦେଇଛି। ରେଳବାଇ ପୋଲିସ ମହିଳାଙ୍କୁ ଉଦ୍ଧାର କରି ସେକ୍ଟର- ୭ ପୋଲିସକୁ ହସ୍ତାନ୍ତର କରିଛି। ମାମଲା ତଦନ୍ତାଧିନ ରହିଛି। ପରିବାରରେ ଅଣନିଶ୍ୱାସୀ ଅନୁଭବ କରୁଥିବା ନାବାଳିକା ମା ବାପାଙ୍କ ଉତ୍ପୀଡନର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ସେକ୍ଟର-୬ ଅଞ୍ଚଳର ନାବାଳିକା ଝିଅକୁ ସେହି ଅଞ୍ଚଳର ଜଣେ ଯୁବକ ଭଲ ପାଉଥିଲେ। ଗତ କିଛି ଦିନ ପୂର୍ବେ ଝିଅଟି ସମ୍ପୃକ୍ତ ଯୁବକଙ୍କ ଘରକୁ ଚାଲି ଆସିଥିଲା। କିଛି ଦିନ ରହି ପୁଣି ଘରକୁ ଫେରି ଆସିଥିଲେ। ଏ ନେଇ ଗତ ୬ ମାସ ପୂର୍ବେ ନାବାଳିକାଙ୍କ ମା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅବହେଳାରୁ ଯୁବକ ଝିଅକୁ ଅପହରଣ କରିବାକୁ ଉଦ୍ୟମ କରୁଥିଲା ବୋଲି ନାବାଳିକାଙ୍କ ମା ଅଭିଯୋଗ କରିଛନ୍ତି। ଶନିବାର ଅପରାହ୍ନ ୧୨ଟା ୩୦ରେ ଯୁବକ ନାବାଳିକାଙ୍କୁ ସାଉଥ ବିହାର ଏକ୍ସପ୍ରେସ ଯୋଗେ ଅନ୍ୟତ୍ର ଅପହରଣ କରୁଥିବା ଜାଣି ତାଙ୍କ ମା ଅଟକାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ମାନସିକ ଭାରସାମ୍ୟ ହରାଇ ସେ ଟ୍ରେନ ଆଗକୁ ଡେଇଁ ପଡି ଆତ୍ମହତ୍ୟା ଉଦ୍ୟମ କରିଥିବା କୁହାଯାଇଛି।

# ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ ପ୍ରସ୍ତୁତି ବୈଠକ

## ୧୧ରୁ ୧୭ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ପାଳନ ନିଷ୍ପତ୍ତି



ସଡ଼କ ସୁରକ୍ଷା ସପ୍ତାହ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

ସୁନ୍ଦରଗଡ଼, ୪।୧ (ଡି.ଏନ୍.ଏ)

୩୧ତମ ଜିଲା ସ୍ତରୀୟ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ ନିମନ୍ତେ ଶନିବାର ସ୍ଥାନୀୟ ପ୍ରଗତି ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନସ୍କୁଲ କଲେଜ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ,ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ ସହ ସଚେତନତା ଶୋଭାଯାତ୍ରା ହୋଇଥିଲା। ରାଜଗାଙ୍ଗପୁର, ସୁନ୍ଦରଗଡ,ବଲିଙ୍ଗା ଆଦି ସ୍ଥାନରେ ଚକ୍ଷୁ ପରୀକ୍ଷା ଶିବିର ଓ ସଡକ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଶିବିର ଆଦି କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ ସୁନ୍ଦରଗଡ ଅତିରିକ୍ତ ଏସ୍‌ପି ରବିନାରାୟଣ ବାରିକ, ରାଉରକେଲା ଜାତୀୟ ରାଜପଥ ପ୍ରାଧିକରଣ, ସୁନ୍ଦରଗଡ ଜିଲା ପରିବହନ ଅଧିକାରୀ ରାମନିବାସ ସିରିକା, ରାଉରକେଲା ଜିଲା ପରିବହନ ଅଧିକାରୀ ବିଶ୍ୱରାଜ ବେହେରା, ସୁନ୍ଦରଗଡ ଅତିରିକ୍ତ ଜିଲା ପରିବହନ ଅଧିକାରୀ ସୁସ୍ମିତା ବେହେରା ,ମୋଟର ଯାନ ନୀରିକ୍ଷକ ରାମଦାସ ଟୁଡୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ରଙ୍କ ସମେତ ବିଭିନ୍ନ ସ୍କୁଲ, କଲେଜ ପରିବହନ ସଙ୍ଗଠନ ଓ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

## ଏନ୍‌ଟିପିସି ଡୁଲିଙ୍ଗା ଖଣିରୁ ଦର୍ଲିପାଲିକୁ କୋଇଲା ପରିବହନ ଶୁଭାରମ୍ଭ

ସୁନ୍ଦରଗଡ, ୪।୧ (ଡି.ଏନ୍.ଏ)

ସୁନ୍ଦରଗଡ ଜିଲା ଦର୍ଲିପାଲିଠାରେ ପ୍ରତିଷ୍ଠିତ ଏନ୍‌ଟିପିସି ୧୬ଶହ ମେଗା ୱାଟ ବିଶିଷ୍ଟ ବୃହତ୍ତ ତାପଜ ବିଦ୍ୟୁତ୍ ପ୍ରକଳ୍ପର ଗୋଟିଏ ୟୁନିଟ (୮୦୦ମେଗା ୱାଟ)ର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିବା ବେଳେ ଏହି ପ୍ରକଳ୍ପକୁ ଡୁଲିଙ୍ଗା କୋଇଲା ଖଣିରୁ ରେଳ ୱାଗନ ଯୋଗେ କୋଇଲା ପରିବହନ ବ୍ୟବସ୍ଥା ଶନିବାର ସନ୍ଧ୍ୟାରେ ଶୁଭାରମ୍ଭ ହୋଇଛି। ଡୁଲିଙ୍ଗା କୋଇଲାଖଣି ପ୍ରକଳ୍ପରୁ ବହୁପ୍ରତୀକ୍ଷିତ ଏହି କୋଇଲା ପରିବହନ କାର୍ଯ୍ୟ ୧୧ଟି ୱାଗନ ମାଧ୍ୟମରେ ଆରମ୍ଭ କରାଯାଇଛି ଡୁଲୁଙ୍ଗା କୋଇଲାଖଣି ପ୍ରକଳ୍ପର ଗ୍ରୁପ ଜେନେରାଲ ମ୍ୟାନେଜର ଚିତ୍ତ ରଞ୍ଜନ ବାରିକ ଓ ଜେନେରାଲ ମ୍ୟାନେଜର ସୂର୍ଯ୍ୟକାନ୍ତ ରାୟ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ଏହି ରେଳ ୱାଗନ ଯୋଗେ ଏହି କୋଇଲା ପରିବହନର ଶୁଭାରମ୍ଭ କରିଥିଲେ।



କୋଇଲା ପରିବହନ ଶୁଭାରମ୍ଭରେ ଉପସ୍ଥିତ ଅଧିକାରୀ।


**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMBBS2019075, ତା: 30.12.2019

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ଅନ୍ତର୍ଗତ ସମ୍ବଲପୁର ମଣ୍ଡଳର କଳାହାଣ୍ଡି ଜିଲ୍ଲାରେ ନର୍ଲା ରୋଡ୍ ରେଳ ଷ୍ଟେସନ ନିକଟରେ ଇଲେକ୍ଟ୍ରିକ୍ ଲୋକୋ ନିର୍ଦ୍ଦିଷ୍ଟକାଳିକ ଓଭରହଲିଂ (POH) କାରଖାନା ସ୍ଥାପନା ସମ୍ବନ୍ଧୀୟ ସଡ଼କ କ୍ରସିଂ ସର୍ବେକ୍ଷଣ, ମାଟି ଅନୁସନ୍ଧାନ, ବ୍ରିଜ୍ ଗୁଡ଼ିକ ନିମନ୍ତେ ଭୂ-ବୈଷୟିକ ଅଧ୍ୟୟନ, ଜେନେରାଲ୍ ଆରେଞ୍ଜମେଣ୍ଟ ଡ୍ରଇଂର ଡ଼ିଜାଇନ୍ ଓ ପ୍ରସ୍ତୁତି, ଫରେଷ୍ଟ ଡ଼ାଇଭରସନ୍ ପ୍ରସ୍ତାବ ନିମନ୍ତେ ନକ୍ସା ପ୍ରସ୍ତୁତି ଇତ୍ୟାଦି ଭଳି ପ୍ରାରମ୍ଭିକ କାର୍ଯ୍ୟ ଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 55.13 ଲକ୍ଷ, EMD : ₹ 1,10,300.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,900.00, କାର୍ଯ୍ୟ ସମାପ୍ତିର ଅବଧି : 12(ବାର)ମାସ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 21.01.2020ର 1200 ଘ. ରେ

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର
PR-103/CC/19-20


## ସିଏଏକୁ ବିରୋଧକରି ମୁସଲିମ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର



ମୁସଲିମ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଉଛି।

ସୁନ୍ଦରଗଡ, ୪।୧ (ଡି.ଏନ୍.ଏ)

ଭାରତର ନୂତନ ନାଗରିକତ୍ୱ ସଂଶୋଧନ ଆଇନ୍‌କୁ ବିରୋଧ କରିଛି ମୁସଲିମ ସଙ୍ଗଠନ। ଶନିବାର ରାଜଗାଙ୍ଗପୁର, କୁଆଁରମୁଣ୍ଡା, କଲୁଙ୍ଗା, ବିଲେଇଗଡ, କାଁଶବାହାଲ ଓ ଖତକୁରବାହାଲରେ ବସବାସ କରୁଥିବା ମୁସଲିମ ସମ୍ପ୍ରଦାୟ ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ସିଏଏ ବିରୋଧରେ ଭ୍ରମ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କୁ ଉଚିତ ଜବାବ ଦିଆଯିବ:ଭାଜପା

ସୁନ୍ଦରଗଡ଼, ୪।୧ (ଡି.ଏନ୍.ଏ)

ନାଗରିକ ସଂଶୋଧନ ଆଇନ୍ (ସିଏଏ) ବିରୁଦ୍ଧରେ ଚାଲିଥିବା ରାଜନୈତିକ ବିରୋଧ ଏବଂ ସାଧାରଣ ଲୋକଙ୍କୁ ଭ୍ରମ ସୃଷ୍ଟି କରୁଥିବା ରାଜନୈତିକ ବ୍ୟକ୍ତି ବିଶେଷଙ୍କୁ ଉଚିତ ଜବାବ ଦେବା ସହିତ ସାଧାରଣ ନାଗରିକଙ୍କୁ ଭାଜପା ସଚେତନ କରିବ। ଶନିବାର ଭାଜପା ଜିଲା କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ପକ୍ଷରୁ ଏହା କୁହାଯାଇଛି । ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଓ ଜିଲା ଭାଜପା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଏହି ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ସାଧାରଣ ନାଗରିକ ଯେପରି ଏହି ଆଇନ ଉପରେ ନିଜର ମତାମତ ରଖିପାରିବେ ଏବଂ ସୁଫଳ ପାଇପାରିବେ ସେ ନେଇ ଭାଜପା ଲୋକଙ୍କୁ ସଚେତନ କରିବ।


**No. 2941** Office of the District Central Coop. Bank Ltd., Balangir **Date: 30.12.2019**

To
Sri Ananda Kumar Bagarty, S/o Sri Bagdol Bagarty
At/PO: Tusura, P.S.: Tusura, Dist: Balangir.

Sir,
It is experienced that, since dt. 24.01.2014, you are absconded from your assignment without submitting any leave application or prior permission from the competent authority. Hence you are directed to join in your duty immediately, else, action as deemed fit shall be initiated against you as per Staff Service Rule of the Bank.

Yours faithfully,
**Sd./- (Sri B.N. Raiguru), CEO, Balangir DCC Bank Ltd., Balangir**

**No. 2942** Office of the District Central Coop. Bank Ltd., Balangir **Date: 30.12.2019**

To
Sri Nandi Kishore Nag, S/o Sri Rameswar Nag
At/PO: Rampur, P.S.: Patnagarh, Dist: Balangir.

Sir,
It is experienced that, since November, 2017, you are absconded from your assignment without submitting any leave application or prior permission from the competent authority. Hence you are directed to join in your duty immediately, else, action as deemed fit shall be initiated against you as per Staff Service Rule of the Bank.

Yours faithfully,
**Sd./- (Sri B.N. Raiguru), CEO, Balangir DCC Bank Ltd., Balangir**

**IN THE DEBT RECOVERY TRIBUNAL: CUTTACK**
**O.A. No. 868/2019**

**UCO Bank, Sambalpur Main Branch ... Applicant**
AND
**M/s Shruti Sales ... Defendant**

To
**Sole Defendant**
**M/s Shruti Sales,** represented by its **Proprietress: Smt Manjulata Sharma**, W/o: Late Balkrushna Sharma, At: Bag Market Complex, Opp-PHD Ground, Po/Ps: Ainthapalli, Sambalpur-768004.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted **OA No. 868/2019** in the Court of the Debt Recovery Tribunal, Cuttack for recovery of **Rs.28,86,220.64** only together with current and future interest, costs and other reliefs. The above mentioned defendant is therefore directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **05.02.2020 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in your absence.

Given under my hand and seal of this Tribunal on this 03rd day of January 2020.

Sd/- Sri Manoj Kumar Pattnaik
**REGISTRAR**, 03.01.2020



DADLS - 81



**ମହାନ ବିପ୍ଳବୀ ଚକରା ବିଷୋୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**
୦୫ ଜାନୁଆରୀ, ୨୦୨୦(ଶାମ୍ବ ଦଶମୀ)

**ସାଧାରଣ ସଭା**
ସମୟ – ସନ୍ଧ୍ୟା ଘ.୫.୩୦ ମିନିଟ୍ ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**
ମାନ୍ୟବର ମନ୍ତ୍ରୀ, ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ବିଭାଗ

ବିଶିଷ୍ଟ ଅତିଥି – **ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ**
ମାନ୍ୟବର ମନ୍ତ୍ରୀ, ସଂସଦୀୟ ବ୍ୟାପାର, ଜଙ୍ଗଲ ଓ ପରିବେଶ

ସମ୍ମାନିତ ଅତିଥି– **ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ,**
ଉପଦେଷ୍ଟା, ଓଡ଼ିଶା ସରକାର, ଗଣମାଧ୍ୟମ ଓ ଲୋକସମ୍ପର୍କ

ମୁଖ୍ୟବକ୍ତା – **ପ୍ରଫେସର ନାରାୟଣ ରାଓ,** ବିଶିଷ୍ଟ ଐତିହାସିକ

ମୁଖ୍ୟ ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ଶ୍ରୀ ଶ୍ରୀ ଦଧିବାମନ ଢୁମ୍ପା ସଙ୍ଗୀତ କଳାପୀଠ, ଦିଗପହଣ୍ଡି, ଗଞ୍ଜାମଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ତରୁଣ କଳାକାର ସଂସ୍ଥା, ଭଞ୍ଜନଗରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଯୋଗ ଦେବାକୁ ଆପଣଙ୍କୁ ସାଦର ନିମନ୍ତ୍ରଣ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0116/1920



ଈଶ୍ୱର ନିରାକାର, ସର୍ବବ୍ୟାପୀ ଓ ସର୍ବ ଶକ୍ତିମାନ।
- ଗୁରୁ ନାନକ



## ସଂକ୍ଷେପରେ

### ବେଆଇନ ଗାଡ଼ି ଜବତ, ତଦନ୍ତ ଜାରି

ରାଉରକେଲା ଅଫିସ,୪। ୧୨- ଗତ ୨୦ରେ ରାଉରକେଲା ଇସ୍ପାତ କାରଖାନା ନିଉ ପ୍ଲେଟମିଲ ଅଞ୍ଚଳକୁ ସନ୍ଦେହଜନକ ଭାବେ ପ୍ରବେଶ କରିଥିବା ଦୁଇଟି ଭାରିଯାନକୁ ଟାଙ୍ଗରପାଲ୍ଲୀ ପୋଲିସ ଜବତ କରିଛି। ଏହି ଗାଡି ଗୁଡିକର ନମ୍ବର ନକଲି ବୋଲି ପ୍ରାଥମିକ ତଦନ୍ତରୁ ଜଣାଯାଇଛି। କେଉଁ ପରିସ୍ଥିତିରେ ଦୁଇଟି ଗାଡି ଗୋଟିଏ ଟ୍ରେଲର ଓ ଅନ୍ୟଟି ୧୦ ଚକିଆ କାରଖାନା ଭିତରକୁ ପ୍ରବେଶ କରିଥିଲା ସେନେଇ ତନାଘନା ଆରମ୍ଭ ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ ଏହି ଗାଡିର ଡ୍ରାଇଭର ଏବଂ ହେଲପର ଘଟଣା ସ୍ଥଳରୁ ଫେରାର ହୋଇ ଯାଇଛନ୍ତି। ଏନେଇ ଡିଏସପି ପିକେ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିସି ଟିଭି ଯାଞ୍ଚ ଆଧାରରେ ତଦନ୍ତ ତଦନ୍ତ ଆରମ୍ଭ କରାଯାଇଛି।

### ତାମିଲନାଡୁକୁ ଚାଲାଣ ବେଳେ ୨୦ ଉଦ୍ଧାର

ରାଉରକେଲା ଅଫିସ,୪। ୧- ଟାଟା ଏଲେପି ଟ୍ରେନରୁ ୧୫ଜଣ ଯୁବତୀଙ୍କ ସହ ୫ଜଣ ନାବାଳିକାଙ୍କୁ ରାଉରକେଲା ଜିଆରପି ଶୁକ୍ରବାର ଉଦ୍ଧାର କରିଛି। ୫ଜଣ ନାବାଳିକାଙ୍କୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି। ସମସ୍ତେ ତାମିଲନାଡୁର ତ୍ରିଚୁର ଯାଉଥିବା ପୋଲିସ ସୂଚନା ଦେଇଛି। ୧୫ଜଣ ଯୁବତୀଙ୍କୁ ପରିବାରକୁ ହସ୍ତାନ୍ତର କରାଯାଇଛି। ତେବେ କାହା ପ୍ରରୋଚନାରେ ପଡି ଏମାନେ ତାମିଲନାଡୁ ଯାଉଥିଲେ ସେନେଇ ଠିକ ତଥ୍ୟ ପୋଲିସକୁ ମିଳି ପାରିନି।

# ପୁଞ୍ଜି ପ୍ରତ୍ୟାହାର ନେଇ ବିଏମ୍‌ଏସ୍ ପକ୍ଷରୁ ବିକ୍ଷୋଭ

ରାଉରକେଲା ଅଫିସ,୪। ୧




ବିର୍ସାଛକରେ ଭାରତୀୟ ମଜଦୁର ସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି।

- ନିଷ୍ପତ୍ତିରୁ କ୍ଷାନ୍ତ ରୁହନ୍ତୁ କେନ୍ଦ୍ର ସରକାର
- ନ ହେଲେ ଦୁର୍ବାର ଆନ୍ଦୋଳନ

ପୁଞ୍ଜି ପ୍ରତ୍ୟାହାର ପ୍ରସଙ୍ଗ ନେଇ ଗତ ଶୁକ୍ରବାର ସନ୍ଧ୍ୟାରେ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆର୍‌ଆଇକେକେଏସ୍) ନେତୃତ୍ୱରେ ବିର୍ସାଛକରେ ଏକ ବିଶାଳ ଗଣ ବିକ୍ଷୋଭ ଆୟୋଜନ କରାଯାଇଥିଲା। ଭାରତ ସରକାରଙ୍କ ଦ୍ୱାରା ସାର୍ବଜନୀନ କ୍ଷେତ୍ରରୁ ପୁଞ୍ଜି ପ୍ରତ୍ୟାହାର ନିଷ୍ପତ୍ତି ବିରୁଦ୍ଧରେ କେନ୍ଦ୍ରୀୟ କମିଟି ନିର୍ଦ୍ଦେଶ କ୍ରମେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇ ଥିଲା। ଦେଶର ସମସ୍ତ ଜିଲା ସଦର ମହକୁମା ଓ ଔଦ୍ୟୋଗିକ ସଂସ୍ଥାନ ସମ୍ମୁଖରେ ବିଏମ୍‌ଏସ୍ ପକ୍ଷରୁ କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତିର ଦୃଢ ପ୍ରତିବାଦ କରାଯାଇଛି। ଭାରତର ସାର୍ବଜନୀନ କ୍ଷେତ୍ର ପ୍ରତିଷ୍ଠା ହେବାର ୨୦ ବର୍ଷ ପରେ ଅର୍ଥାତ ଗତ ୭୦ ଦଶକରେ ଏ ନେଇ ସରକାରଙ୍କ ଦୃଷ୍ଟିଭଙ୍ଗୀ ବଦଳିବା ନଜରକୁ ଆସିଥିଲା ବୋଲି ଏଠାରେ ଉପସ୍ଥିତ ୟୁନିୟନ ନେତୃମଣ୍ଡଳୀ ଅଭିଯୋଗ କରିଥିଲେ। ୮୦ ଦଶକରେ ସରକାର ସେବା କ୍ଷେତ୍ରରୁ ନିଜକୁ ଦୁରେଇ ନେଲେ। ୧୯୯୧ର ମାନ୍ଦାବସ୍ଥା ଓ ଗ୍ୟାସ କ୍ଷେତ୍ରର ପୁନର୍ବିନ୍ୟାସ ସରକାରଙ୍କ ପାଇଁ ଏକ ସୁଯୋଗ ଆଣି ଦେଲା। ତତ୍କାଳୀନ ଚନ୍ଦ୍ରଶେଖର ସରକାରଙ୍କ ଅମଳରେ ପୁଞ୍ଜି ପ୍ରତ୍ୟାହାରକୁ ସ୍ୱୀକୃତି ପ୍ରଦାନ କରାଯାଇ ଥିଲା। ଯାହାକୁ ପରବର୍ତ୍ତୀ ସମସ୍ତ କେନ୍ଦ୍ର କ୍ଷମତାସୀନ ସରକାର ଅନୁସରଣ କରି ଆସୁଛନ୍ତି। ଗତ ୧୯୫୫ରୁ ବିଏମଏସ ପ୍ରତିଷ୍ଠା ହେବା ପରେ ଶ୍ରମିକ ସ୍ୱାର୍ଥ ପାଇଁ ସର୍ବଦା କାର୍ଯ୍ୟ କରି ଆସିଛି। ଏହାର କୌଣସି ରାଜନୈତିକ ଅଭିଳାଷା ନାହିଁ। ଏଣୁ ସ୍ୱାର୍ଥ ସମ୍ବଳିତ ସମସ୍ତ ପ୍ରସଙ୍ଗକୁ ସରକାରଙ୍କ ଆଗରେ ଉତ୍ଥାପନ କରି ଦାବି ହାସଲ କରିଛି ଏହି ୟୁନିୟନ। ଏହା ଦ୍ୱାରା ଦେଶର ନିସ୍ପେଶିତ ଶ୍ରମିକ ନ୍ୟାୟ ପାଇଛନ୍ତି। ଏବେ କେନ୍ଦ୍ର ସରକାର ମନ ଇଚ୍ଛା ବିଭିନ୍ନ ଦାବି ଆଣି ଶ୍ରମିକଙ୍କ ନ୍ୟାଯ୍ୟ ଅପହୃତ କରିବାକୁ ବସିଛନ୍ତି। ଏନେଇ ବିଏମଏସ ପକ୍ଷରୁ ହରିଦ୍ୱାର ଠାରେ ଅନୁଷ୍ଠିତ ବୈଠକରେ ସରକାରଙ୍କ ଆଭିମୁଖ୍ୟକୁ କଡା ସମାଲୋଚନା କରାଯାଇଛି। ପ୍ରତିବାଦ ସ୍ୱରୂପ ଆଗାମୀ ଦିନରେ ଦୁର୍ବାର ଆନ୍ଦୋଳନ କରିବାକୁ ନିସ୍ପତି ନିଆ ଯାଇଛି। ଏଥିରେ ଘରୋଇକରଣକୁ ବିରୋଧ ସହ ପୁଞ୍ଜି ପ୍ରତ୍ୟାହାର ଓ ବିକ୍ରି ବନ୍ଦ ଆଦି ଉପରେ ଜୋରଦାର ବିରୋଧ କରାଯିବ। କେବଳ ଏତିକି ନୁହେଁ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ସମାନ କାମକୁ ସମାନ ଦରମା, ଠିକାଦାରୀ ପ୍ରଥା ଉଚ୍ଛେଦ, ଠିକା କାମରେ ନିଯୁକ୍ତ ଶ୍ରମିକଙ୍କ ସ୍ଥାୟୀକରଣ, ରେଳବାଇ, ପୋଷ୍ଟାଲ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଘରୋଇ ପୁଞ୍ଜି ନିବେଶ ବନ୍ଦ କରିବା ସହ ରାଷ୍ଟ୍ରାୟତ ଶିଳ୍ପ କାରଖାନା ଘରୋଇ କରଣ ବନ୍ଦ କରିବା, ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ବନ୍ଦ କରିବା, ଆୟକର ସୀମାକୁ ୫ଲକ୍ଷରୁ ୮ଲକ୍ଷକୁ ବୃଦ୍ଧି କରିବା, ଅଙ୍ଗନୱାଡି, ଆଶା କର୍ମୀ, ମଧ୍ୟାହ୍ନ ଭୋଜନ କର୍ମୀ ଓ ଗ୍ରାମ୍ୟ ଡାକ କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ଘୋଷଣା କରିବାକୁ ବିଏମଏସ ପକ୍ଷରୁ ଦାବି କରାଯାଇଛି। ଏଥିସହ ପୁରୁଣା ପେନସନ ଯୋଜନାକୁ ପୁନଃ ଚାଲୁ କରିବା, ସବୁ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ଭଳି ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ନେଇ ବିଏମଏସ ଲଢେଇ କରିବାକୁ ଘୋଷଣା କରିଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ୟୁନିୟନ ସଭାପତି ବିବେକାନନ୍ଦ ମହାନ୍ତ, ସାଧାରଣ ସମ୍ପାଦକ ହିମାଂଶୁ ବଳ, ରାଜେନ୍ଦ୍ରନାଥ ମହାନ୍ତ, ବିକାଶ ହାଲଦାର, ଜ୍ଞାନେଶ ପଣ୍ଡା, ପ୍ରଦୋଷ ପଣ୍ଡା, ପ୍ରଭାତ ବେହେର, ସରୋଜ ପ୍ରଧାନ, ଉମାକାନ୍ତ ସାମଲ, ଜନକର ସେଠୀ, ରାଜେଶ ଦାସ, ତ୍ରୈଲୋକ୍ୟ ବେହେରା ଓ ସମର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ ବେଳେ ମହିଳା ଉଦ୍ଧାର

ରାଉରକେଲା ଅଫିସ, ୪। ୧

ଜଣେ ଯୁବକଙ୍କ ପ୍ରେମରେ ପଡି ନାବାଳିକା ଝିଅ ଘରୁ ଚାଲିଯିବା ପରେ ନିରାଶ ମା' ଚମ୍ପା ବଣିଆ ଶନିବାର ଟ୍ରେନ ଆଗକୁ ଡେଉଁ ଆତ୍ମହତ୍ୟା ଉଦ୍ୟମ କରି ବିଫଳ ହୋଇଛନ୍ତି। ଡ୍ୟୁଟିରେ ଥିବା ପୋଲିସ ହସ୍ତକ୍ଷେପ ତାଙ୍କ ଜୀବନ ବଞ୍ଚାଇ ଦେଇଛି। ରେଳବାଇ ପୋଲିସ ମହିଳାଙ୍କୁ ଉଦ୍ଧାର କରି ସେକ୍ଟର- ୭ ପୋଲିସକୁ ହସ୍ତାନ୍ତର କରିଛି। ମାମଲା ତଦନ୍ତାଧିନ ରହିଛି। ପରିବାରରେ ଅଣନିସ୍ୱାସୀ ଅନୁଭବ କରୁଥିବା ନାବାଳିକା ମା ବାପାଙ୍କ ଉତ୍ପୀଡନର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ସେକ୍ଟର-୬ ଅଞ୍ଚଳର ନାବାଳିକା ଝିଅକୁ ସେହି ଅଞ୍ଚଳର ଜଣେ ଯୁବକ ଭଲ ପାଉଥିଲେ। ଗତ କିଛି ଦିନ ପୂର୍ବେ ଝିଅଟି ସମ୍ପୃକ୍ତ ଯୁବକଙ୍କ ଘରକୁ ଚାଲି ଆସିଥିଲା। କିଛି ଦିନ ରହି ପୁଣି ଘରକୁ ଫେରି ଆସିଥିଲେ। ଏ ନେଇ ଗତ ୬ ମାସ ପୂର୍ବେ ନାବାଳିକାଙ୍କ ମା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅବହେଳାରୁ ଯୁବକ ଝିଅକୁ ଅପହରଣ କରିବାକୁ ଉଦ୍ୟମ କରୁଥିଲା ବୋଲି ନାବାଳିକାଙ୍କ ମା ଅଭିଯୋଗ କରିଛନ୍ତି। ଶନିବାର ଅପରାହ୍ନ ୧୨ଟା ୩୦ରେ ଯୁବକ ନାବାଳିକାଙ୍କୁ ସାଉଥ ବିହାର ଏକ୍ସପ୍ରେସ ଯୋଗେ ଅନ୍ୟତ୍ର ଅପହରଣ କରୁଥିବା ଜାଣି ତାଙ୍କ ମା ଅଟକାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ମାନସିକ ଭାରସାମ୍ୟ ହରାଇ ସେ ଟ୍ରେନ ଆଗକୁ ଡେଇଁ ପଡି ଆତ୍ମହତ୍ୟା ଉଦ୍ୟମ କରିଥିବା କୁହାଯାଇଛି।

## ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ ପ୍ରସ୍ତୁତି ବୈଠକ

### ୧୧ରୁ ୧୭ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ପାଳନ ନିଷ୍ପତ୍ତି



ସଡ଼କ ସୁରକ୍ଷା ସପ୍ତାହ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

ସୁନ୍ଦରଗଡ଼, ୪।୧ (ଡି.ଏନ୍.ଏ)

୩୧ତମ ଜିଲା ସ୍ତରୀୟ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ ନିମନ୍ତେ ଶନିବାର ସ୍ଥାନୀୟ ପ୍ରଗତି ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନିଖିଲ ପୱନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନସ୍କୁଲ କଲେଜ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ,ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ ସହ ସଚେତନତା ଶୋଭାଯାତ୍ରା ହୋଇଥିଲା। ରାଜଗାଙ୍ଗପୁର, ସୁନ୍ଦରଗଡ,ବଲିଙ୍ଗା ଆଦି ସ୍ଥାନରେ ଚକ୍ଷୁ ପରୀକ୍ଷା ଶିବିର ଓ ସଡକ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଶିବିର ଆଦି କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ ସୁନ୍ଦରଗଡ ଅତିରିକ୍ତ ଏସ୍‌ପି ରବିନାରାୟଣ ବାରିକ, ରାଉରକେଲା ଜାତୀୟ ରାଜପଥ ପ୍ରାଧିକରଣ, ସୁନ୍ଦରଗଡ ଜିଲା ପରିବହନ ଅଧିକାରୀ ରାମନିବାସ ସିରିକା, ରାଉରକେଲା ଜିଲା ପରିବହନ ଅଧିକାରୀ ବିଶ୍ୱରାଜ୍ ବେହେରା, ସୁନ୍ଦରଗଡ ଅତିରିକ୍ତ ଜିଲା ପରିବହନ ଅଧିକାରୀ ସୁସ୍ମିତା ବେହେରା ,ମୋଟର ଯାନ ନୀରିକ୍ଷକ ରାମଦାସ ଗୁଡ୍ଡୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ରଙ୍କ ସମେତ ବିଭିନ୍ନ ସ୍କୁଲ, କଲେଜ ପରିବହନ ସଙ୍ଗଠନ ଓ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

## ଏନ୍‌ଟିପିସି ଡୁଲିଙ୍ଗା ଖଣିରୁ ଦର୍ଲିପାଲିକୁ କୋଇଲା ପରିବହନ ଶୁଭାରମ୍ଭ

ସୁନ୍ଦରଗଡ, ୪।୧ (ଡି.ଏନ୍.ଏ)

ସୁନ୍ଦରଗଡ ଜିଲା ଦର୍ଲିପାଲିଠାରେ ପ୍ରତିଷ୍ଠିତ ଏନ୍‌ଟିପିସି ୧୬ଶହ ମେଗା ୱାଟ ବିଶିଷ୍ଟ ବୃହତ୍ତ ତାପଜ ବିଦ୍ୟୁତ୍ ପ୍ରକଳ୍ପର ଗୋଟିଏ ୟୁନିଟ (୮୦୦ମେଗା ୱାଟ)ର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିବା ବେଳେ ଏହି ପ୍ରକଳ୍ପକୁ ଡୁଲିଙ୍ଗା କୋଇଲା ଖଣିରୁ ରେଳ ୱାଗନ ଯୋଗେ କୋଇଲା ପରିବହନ ବ୍ୟବସ୍ଥା ଶନିବାର ସନ୍ଧ୍ୟାରେ ଶୁଭାରମ୍ଭ ହୋଇଛି। ଡୁଲିଙ୍ଗା କୋଇଲାଖଣି ପ୍ରକଳ୍ପରୁ ବହୁପ୍ରତୀକ୍ଷିତ ଏହି କୋଇଲା ପରିବହନ କାର୍ଯ୍ୟ ୧୧ଟି ୱାଗନ ମାଧ୍ୟମରେ ଆରମ୍ଭ କରାଯାଇଛି ଡୁଲୁଙ୍ଗା କୋଇଲାଖଣି ପ୍ରକଳ୍ପର ଗ୍ରୁପ ଜେନେରାଲ ମ୍ୟାନେଜର ଚିତ୍ତ ରଞ୍ଜନ ବାରିକ ଓ ଜେନେରାଲ ମ୍ୟାନେଜର ସୂର୍ଯ୍ୟକାନ୍ତ ରାୟ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ଏହି ରେଳ ୱାଗନ ଯୋଗେ ଏହି କୋଇଲା ପରିବହନର ଶୁଭାରମ୍ଭ କରିଥିଲେ।



କୋଇଲା ପରିବହନ ଶୁଭାରମ୍ଭରେ ଉପସ୍ଥିତ ଅଧିକାରୀ।


**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMBBS2019075, ତା: 30.12.2019

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ଅନ୍ତର୍ଗତ ସମ୍ବଲପୁର ମଣ୍ଡଳର କଳାହାଣ୍ଡି ଜିଲ୍ଲାରେ ନର୍ଲା ରୋଡ୍ ରେଳ ଷ୍ଟେସନ ନିକଟରେ ଇଲେକ୍ଟ୍ରିକ୍ ଲୋକୋ ନିର୍ଦ୍ଦିଷ୍ଟକାଳିକ ଓଭରହଲିଂ (POH) କାରଖାନା ସ୍ଥାପନା ସମ୍ବନ୍ଧୀୟ ସଡ଼କ କ୍ରସିଂ ସର୍ବେକ୍ଷଣ, ମାଟି ଅନୁସନ୍ଧାନ, ବ୍ରିଜ୍ ଗୁଡ଼ିକ ନିମନ୍ତେ ଭୂ-ବୈଷୟିକ ଅଧ୍ୟୟନ, ଜେନେରାଲ୍ ଆରେଞ୍ଜମେଣ୍ଟ ଡ୍ରଇଂର ଡ଼ିଜାଇନ୍ ଓ ପ୍ରସ୍ତୁତି, ଫରେଷ୍ଟ ଡ଼ାଇଭର୍‌ସନ୍ ପ୍ରସ୍ତାବ ନିମନ୍ତେ ନକ୍ସା ପ୍ରସ୍ତୁତି ଇତ୍ୟାଦି ଭଳି ପ୍ରାରମ୍ଭିକ କାର୍ଯ୍ୟ ଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 55.13 ଲକ୍ଷ, EMD : ₹ 1,10,300.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,900.00, କାର୍ଯ୍ୟ ସମାପ୍ତିର ଅବଧି : 12(ବାର)ମାସ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 21.01.2020ର 1200 ଘ. ରେ

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର କାଗଜପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର
PR-103/CC/19-20



DADLS - 81



**ମହାନ ବିପ୍ଳବୀ ଚକରା ବିଷୋୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**
୦୫ ଜାନୁଆରୀ, ୨୦୨୦(ଶାମ୍ବ ଦଶମୀ)

**ସାଧାରଣ ସଭା**
ସମୟ – ସନ୍ଧ୍ୟା ଘ.୫.୩୦ ମିନିଟ୍ ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି - **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**
ମାନ୍ୟବର ମନ୍ତ୍ରୀ, ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ବିଭାଗ

ବିଶିଷ୍ଟ ଅତିଥି - **ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ**
ମାନ୍ୟବର ମନ୍ତ୍ରୀ, ସଂସଦୀୟ ବ୍ୟାପାର, ଜଙ୍ଗଲ ଓ ପରିବେଶ

ସମ୍ମାନିତ ଅତିଥି- **ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ,**
ଉପଦେଷ୍ଟା, ଓଡ଼ିଶା ସରକାର, ଗଣମାଧ୍ୟମ ଓ ଲୋକସମ୍ପର୍କ

ମୁଖ୍ୟବକ୍ତା - **ପ୍ରଫେସର ନାରାୟଣ ରାଓ,** ବିଶିଷ୍ଟ ଐତିହାସିକ

ମୁଖ୍ୟ ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ଶ୍ରୀ ଶ୍ରୀ ଦଧିବାମନ ଢୁମ୍ପା ସଙ୍ଗୀତ କଳାପୀଠ, ଦିଗପହଣ୍ଡି, ଗଞ୍ଜାମଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ତରୁଣ କଳାକାର ସଂସ୍ଥା, ଭଞ୍ଜନଗରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଯୋଗ ଦେବାକୁ ଆପଣଙ୍କୁ ସାଦର ନିମନ୍ତ୍ରଣ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0116/1920


## ସିଏଏକୁ ବିରୋଧକରି ମୁସଲିମ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର



ମୁସଲିମ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଉଛି।

ସୁନ୍ଦରଗଡ, ୪।୧ (ଡି.ଏନ୍.ଏ)

ଭାରତର ନୂତନ ନାଗରିକତ୍ୱ ସଂଶୋଧନ ଆଇନ୍‌କୁ ବିରୋଧ କରିଛି ମୁସଲିମ ସଙ୍ଗଠନ। ଶନିବାର ରାଜଗାଙ୍ଗପୁର, କୁଆଁରମୁଣ୍ଡା, କଲୁଙ୍ଗା, ବିଲେଇଗଡ, କାଁଶବାହାଲ ଓ ଖଡକୁରବାହାଲରେ ବସବାସ କରୁଥିବା ମୁସଲିମ ସମ୍ପ୍ରଦାୟ ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ସିଏଏ ବିରୋଧରେ ଭ୍ରମ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କୁ ଉଚିତ ଜବାବ ଦିଆଯିବ:ଭାଜପା

ସୁନ୍ଦରଗଡ଼, ୪।୧ (ଡି.ଏନ୍.ଏ)

ନାଗରିକ ସଂଶୋଧନ ଆଇନ୍ (ସିଏଏ) ବିରୁଦ୍ଧରେ ଚାଲିଥିବା ରାଜନୈତିକ ବିରୋଧ ଏବଂ ସାଧାରଣ ଲୋକଙ୍କୁ ଭ୍ରମ ସୃଷ୍ଟି କରୁଥିବା ରାଜନୈତିକ ବ୍ୟକ୍ତି ବିଶେଷଙ୍କୁ ଉଚିତ ଜବାବ ଦେବା ସହିତ ସାଧାରଣ ନାଗରିକଙ୍କୁ ଭାଜପା ସଚେତନ କରିବ। ଶନିବାର ଭାଜପା ଜିଲା କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ପକ୍ଷରୁ ଏହା କୁହାଯାଇଛି । ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଓ ଜିଲା ଭାଜପା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଏହି ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ସାଧାରଣ ନାଗରିକ ଯେପରି ଏହି ଆଇନ ଉପରେ ନିଜର ମତାମତ ରଖିପାରିବେ ଏବଂ ସୁଫଳ ପାଇପାରିବେ ସେ ନେଇ ଭାଜପା ଲୋକଙ୍କୁ ସଚେତନ କରିବ।


**No. 2941** **Office of the District Central Coop. Bank Ltd., Balangir** **Date: 30.12.2019**

To
Sri Ananda Kumar Bagarty, S/o Sri Bagdol Bagarty
At/PO: Tusura, P.S.: Tusura, Dist: Balangir.

Sir,
It is experienced that, since dt. 24.01.2014, you are absconded from your assignment without submitting any leave application or prior permission from the competent authority. Hence you are directed to join in your duty immediately, else, action as deemed fit shall be initiated against you as per Staff Service Rule of the Bank.

Yours faithfully,
**Sd./- (Sri B.N. Raiguru), CEO, Balangir DCC Bank Ltd., Balangir**

**No. 2942** **Office of the District Central Coop. Bank Ltd., Balangir** **Date: 30.12.2019**

To
Sri Nandi Kishore Nag, S/o Sri Rameswar Nag
At/PO: Rampur, P.S.: Patnagarh, Dist: Balangir.

Sir,
It is experienced that, since November, 2017, you are absconded from your assignment without submitting any leave application or prior permission from the competent authority. Hence you are directed to join in your duty immediately, else, action as deemed fit shall be initiated against you as per Staff Service Rule of the Bank.

Yours faithfully,
**Sd./- (Sri B.N. Raiguru), CEO, Balangir DCC Bank Ltd., Balangir**

**IN THE DEBT RECOVERY TRIBUNAL: CUTTACK**
**O.A. No. 868/2019**

**UCO Bank, Sambalpur Main Branch** ... **Applicant**
AND
**M/s Shruti Sales** ... **Defendant**

To
**Sole Defendant**
**M/s Shruti Sales,** represented by its **Proprietress: Smt Manjulata Sharma**, W/o: Late Balkrushna Sharma, At: Bag Market Complex, Opp-PHD Ground, Po/Ps: Ainthapalli, Sambalpur-768004.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted **OA No. 868/2019** in the Court of the Debt Recovery Tribunal, Cuttack for recovery of **Rs.28,86,220.64** only together with current and future interest, costs and other reliefs. The above mentioned defendant is therefore directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **05.02.2020 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in your absence.

Given under my hand and seal of this Tribunal on this 03rd day of January 2020.

Sd/- Sri Manoj Kumar Pattnaik
**REGISTRAR,** 03.01.2020



ସତ୍ୟ, ଶାନ୍ତି, ଦୟା, କ୍ଷମା, ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।

- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ



### ବାଙ୍କୀ ରେଞ୍ଜରେ ପକ୍ଷୀ ଗଣନା ଆରମ୍ଭ

**ଲହୁଣୀପଡା, ୪।୧ (ଡି.ଏନ.ଏ):** ସରକାରଙ୍କ ନିର୍ଦ୍ଦେଶକ୍ରମେ ଜାନୁୟାରୀ ୩ ତାରିଖକୁ ପକ୍ଷୀ ଗଣନା ଦିବସ ଭାବେ ପାଳନ କରାଯାଇଛି। ସୁନ୍ଦରଗଡ ଜିଲା ବାଙ୍କି ରେଞ୍ଜ ଅଧିନସ୍ଥ କଲେଇପୋଷ ଜଳାଶୟ, ଧମଣାଧର ଡ୍ୟାମ, ଚନ୍ଦ୍ରପୁର, ନୂଆଗାଁ, ବ୍ରାହ୍ମଣୀ ନଦୀକୂଳ କୁଚେଇତା ବଡ ପୋଖରୀରେ ଏହି ପାଞ୍ଚୋଟି ସ୍ଥାନରେ ବିଭିନ୍ନ ପ୍ରଜାତିର ପକ୍ଷୀମାନଙ୍କର ସମାଗମ ହୋଇଥାଏ । ରାଉରକେଲା ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ ଅଜୟ ସାହୁ, ବାଙ୍କି ରେଞ୍ଜ ଅଧିକାରୀ ଅଜୟ କୁମାର ଖେସ ପକ୍ଷୀ ରହଣୀ ସ୍ଥାନମାନଙ୍କୁ ଯାଇ ପକ୍ଷୀ ଗଣନା କରିଥିଲେ । ହଂସରଲି, ପାଣିକୁଆ, ପେଂଡ଼ାଲିଆ ପ୍ରଭୃତି ବିଭିନ୍ନ ପ୍ରଜାତିର ବଗ ପାଣିଡାହୁକ ପରପଲ ସାଂପେନ ଆଦି ବିଭିନ୍ନ ପ୍ରଜାତିର ପକ୍ଷୀମାନଙ୍କର ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା । ପରପଲସାଂପେନ ନାମ ମୟୁର ଭଳି ଦେଖାଯାଉଥିବା ପକ୍ଷୀ ଗତ ବର୍ଷ ପ୍ରାୟ ୫୦ଥିବା ବେଳେ ଚଳିତ ବର୍ଷ ପ୍ରାୟ ୫୦୦ ଅତିକ୍ରମ କରିଥିବା ବନଅଧିକାରୀ ସୂଚନା ଦେଇଥିଲେ। ଏହି ଗଣନାରେ କଲେଇପୋଷରେ ୬୫୨୨, ଧମନାଧରରେ ୧୭୧, ନୂଆଗାଁରେ ୮୨୦, ଚନ୍ଦ୍ରପୁରରେ ୧୧, କୁଚେଇତାରେ ୨୪ ମୋଟ ୭୫୪୮ ସଂଖ୍ୟକ ପ୍ରଜାତିର ପକ୍ଷୀ ଥିବା ଜଣାପଡିଛି । ଏହି ପକ୍ଷୀ ଗଣନାରେ ଫରେଷ୍ଟର ଗୋପାଳ ଓରାମ, ରାଜଗୋବିନ୍ଦ ବହିଦାର, ମିନାକ୍ଷୀ ସାହୁ, ସରୋଜ ନାଏକ, ରିଙ୍କି ପାତ୍ର ପ୍ରମୁଖଙ୍କ ସମେତ ବନ ବିଭାଗର ଷ୍ଟାର୍ଡ ସହଯୋଗ କରିଥିଲେ।

### ପୌରପରିଷଦ ପକ୍ଷରୁ କମ୍ବଳ ବଣ୍ଟନ

**ରାଜଗାଙ୍ଗପୁର, ୪।୧ (ଡି.ଏନ.ଏ):** ରାଜଗାଙ୍ଗପୁର ପୌରପରିଷଦଠାରେ ଡାଲମିଆ ସିମେଣ୍ଟର ସହଯୋଗରେ ଶନିବାର ୧ଶହ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏବେ କିଛି ଦିନ ହେବ ସମଗ୍ର ସୁନ୍ଦରଗଡରେ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି। ପ୍ରବଳ ଶୀତ ପ୍ରବାହରେ ଲୋକେ ଅସ୍ତବ୍ୟସ୍ତ ହୋଇ ଯାଉଛନ୍ତି । ଅସହାୟ, ବୃଦ୍ଧାବୃଦ୍ଧ ଥଣ୍ଡାରେ ବହୁକଷ୍ଟ ଭୋଗୁଛନ୍ତି। ପ୍ରବଳ ଥଣ୍ଡାକୁ ଆଖି ଆଗରେ ରଖି ଡାଲମିଆ ସିମେଣ୍ଟ ଓ ପୌରପରିଷଦର ମିଳିତ ଉଦ୍ୟମ କ୍ରମେ ଶହେ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡାଲମିଆ ସିମେଣ୍ଟର କାରଖାନା ମୁଖ୍ୟ ଲୋକେଶ ବାଇତି ସମେତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୌରିନ୍ଦ୍ର ରାଉତରାୟ ଉପସ୍ଥିତ ରହି ଅସହାୟଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଆଗାମୀ ଦିନରେ ଅଧିକରୁ ଅଧିକ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଥିବା ପୌରନିର୍ବାହୀ ଅଧିକାରୀ ସୌରିନ୍ଦ୍ର ରାଉତରାୟ ପ୍ରକାଶ କରିଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ନିକଟରୁ ମଦଭାଟି ଦୂରତ୍ୱ

# ଅବକାରୀ ବିଭାଗର ଭୁଲ୍ ରିପୋର୍ଟ ଧରାପଡ଼ିଲା

**ବଡ଼ଗାଁ, ୪।୧ (ଡି.ଏନ.ଏ)**

- ଜିଲାପାଳଙ୍କୁ ସାଧୁବାଦ ଜଣାଇଲେ ମହିଳା, ଗ୍ରାମବାସୀ
- ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ମଦଭାଟି ସ୍ଥାନାନ୍ତର ହେଉ

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଭୋଇପାଲି ପଞ୍ଚାୟତରେ ଥିବା ସ୍କୁଲ, ଅଙ୍ଗନୱାଡ଼ି ନିକଟରେ ମଦଭାଟି ରହିଛି। ମାତ୍ର ଅବକାରୀ ବିଭାଗ ବାରମ୍ବାର ଅଧିକ ଦୂରତ୍ୱ ବୋଲି ଭୁଲ ରିପୋର୍ଟ ଦେଇଆସୁଥିଲେ। ଯାହା ଶେଷରେ ଧରାପଡ଼ିଛି। ଭୋଇପାଲି ପଞ୍ଚାୟତରେ ୪ ହଜାର ୮୫୦ ଜନସଂଖ୍ୟା ଥିବାବେଳେ ନବେ ପ୍ରତିଶତରୁ ଊର୍ଦ୍ଧ୍ୱ ପରିବାର ଆଦିବାସୀ ଓ ହରିଜନ। ଚାଷ ଓ ଶ୍ରମିକ କରି ସର୍ବାଧିକ ପରିବାର ପ୍ରତିପୋଷଣ କରନ୍ତି। ଏହି ପଞ୍ଚାୟତର ଭୋଇପାଲି ଗାଁ ନିକଟରେ ଥିବା ଲାଇସେନ୍ସପ୍ରାପ୍ତ ଦେଶି ମଦ ଭାଟି ସ୍ଥାନାନ୍ତର ପାଇଁ ୨୦୧୮ ଜାନୁୟାରୀ ୪, ଅକ୍ଟୋବର ୨ରେ ଗ୍ରାମସଭାରେ ପଞ୍ଚାୟତବାସୀ ପ୍ରସ୍ତାବ ଗୃହୀତ କରାଇଥିଲେ। ଗତ ୩୦ ତାରିଖ ବଡ଼ଗାଁ ବ୍ଲକ ଅଫିସରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ କୃଷକ ସଙ୍ଗଠନ ସଭାପତି ରବୀନ୍ଦ୍ର ପଟେଲ ଏହା ଉପରେ ଲିଖିତ ଜଣାଇଥିଲେ। ଜିଲାପାଳ ନିଖିଳ ପୱନ କଲ୍ୟାଣ ତୁରନ୍ତ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ରିପୋର୍ଟ ଦେବାକୁ ଅବକାରୀ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମବାସୀଙ୍କ ଉପସ୍ଥିତିରେ ଅଙ୍ଗନୱାଡି, ସ୍କୁଲ, ଜନବସତିର ଅବସ୍ଥିତିଠାରୁ ମଦ ଭାଟିର ଦୂରତ୍ୱ ମାପ କରାଯାଇଥିଲା। ଡେମୁପଡା ଅଙ୍ଗନୱାଡି କେନ୍ଦ୍ର ଓ ପ୍ରାଥମିକ ସ୍କୁଲଠାରୁ ୮୦ ମିଟର ଦୂରତ୍ୱରେ ଭାଟି ଥିବା ମାପ କଲାପରେ ଅବକାରୀ କର୍ମଚାରୀମାନେ ଜନଶୁଣାଣିରେ ଜିଲାପାଳଙ୍କୁ ରିପୋର୍ଟ ଦେଇଥିଲେ। ସେଥିରେ ଅବକାରୀ କର୍ମଚାରୀମାନେ ୧୫୦ ମିଟର ଦୂରରେ ସ୍କୁଲ, ଅଙ୍ଗନୱାଡି ଥିବା ଦର୍ଶାଇଥିଲେ। ଏହି ରିପୋର୍ଟ ଦେଖି ଜିଲାପାଳ ମଦ ଭାଟି ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ଜଣାପଡିବା ପରେ ଭୋଇପାଲି ପଞ୍ଚାୟତର ବିଶେଷକରି ମହିଳାମାନେ ଜିଲାପାଳଙ୍କ ତୁରନ୍ତ ପଦକ୍ଷେପ ଓ ଭାଟି ସ୍ଥାନାନ୍ତର ନିର୍ଦ୍ଦେଶ ପାଇଁ ଜିଲାପାଳଙ୍କୁ ସାଧୁବାଦ ଜଣାଇଥିଲେ। ତେବେ ଏହା ପୂର୍ବରୁ ଅବକାରୀ କର୍ମଚାରୀମାନେ ସଲାସୁତ୍ରରେ ବାରମ୍ବାର ଭୁଲ ରିପୋର୍ଟ ଦେଇ ଆସୁଥିଲେ । ସେମାନେ ସ୍କୁଲ, ଅଙ୍ଗନୱାଡି, ଜନବସତି ଭାଟିଠାରୁ ୫ଶହ ମିଟର ଦୂରରେ ଥିବା ରିପୋର୍ଟ ଦେଇଆସୁଥିଲା ବେଳେ ଜିଲାପାଳଙ୍କ ଜନଶୁଣାଣିରେ ତଦନ୍ତ ନିର୍ଦ୍ଦେଶ ପରେ



ଗ୍ରାମସଭାରେ ଉପସ୍ଥିତ ଜନସାଧାରଣ, ପଞ୍ଚାୟତବାସୀ।

ଗ୍ରାମବାସୀଙ୍କ ଉପସ୍ଥିତିରେ ମାପ କରାଯିବାରୁ ଡେମୁପଡା ଅଙ୍ଗନୱାଡି କେନ୍ଦ୍ର ଦେଢ଼ ଶହ ମିଟର, ପ୍ରାଥମିକ ସ୍କୁଲ ଦେଢ଼ ଶହ ମିଟର, ବଡଗାଁ ସରବତୀ ଦେବୀ ହାଇସ୍କୁଲ ଓ ହଷ୍ଟେଲ ୪ଶହ ମିଟର ଏବଂ ଆଦିବାସୀ ବସ୍ତି ଦେଢ଼ଶହ ମିଟର ଦୂରତ୍ୱ ଥିବା ଜଣାପଡିଥିଲା। ଫଳରେ ଅବକାରୀ କର୍ମଚାରୀମାନେ ପୂର୍ବରୁ ମିଥ୍ୟା ରିପୋର୍ଟ ଦେଇଥିବା ପ୍ରମାଣିତ ହୋଇଛି। ଜିଲାପାଳଙ୍କ ତୁରନ୍ତ ପଦକ୍ଷେପ ନିର୍ଦ୍ଦେଶ ଦେଇଥିବାରୁ ଭୋଇପାଲି ପଞ୍ଚାୟତବାସୀଙ୍କ ମନରେ ଆଶା ସଞ୍ଚାର କରିଛି। ମହିଳାମାନେ ଭାଟି ସ୍ଥାନାନ୍ତର ନିଶ୍ଚୟ ହେବ ବୋଲି ଆଶା ବାନ୍ଧିଥିବା ସେମାନଙ୍କଠାରୁ ଜଣାପଡିଛି ।

#### ଏମାନେ କୁହନ୍ତି...



ଏହି ପଞ୍ଚାୟତର ଶହ ଶହ ଆଦିବାସୀ, ହରିଜନ ଗରିବ ମଜୁରିଆ ପରିବାର ମଦ ଯୋଗୁ ଆର୍ଥୀକ ଅନାଟନରେ ପଡୁଛନ୍ତି। ଘରୋଇ ଅଶାନ୍ତି ବଢ଼ି ଚାଲୁଛି। ଜିଲାପାଳଙ୍କ ଚିଠି ଅନୁଯାୟୀ ୩ଥର ଗ୍ରାମସଭାରେ ପ୍ରସ୍ତାବ ଗୃହିତ ହୋଇଛି। ଆମ ପଞ୍ଚାୟତରୁ ଭାଟି ସ୍ଥାନାନ୍ତର କରାଯାଉ।

**-ମନ୍ଦାକିନୀ ବରିହା, ସରପଞ୍ଚ, ଭୋଇପାଲି ପଞ୍ଚାୟତ**



ସୁପ୍ରିମକୋର୍ଟ ଆଦେଶ ଅନୁସାରେ ଶିକ୍ଷାନୁଷ୍ଠାନ ଜନବସତିଠାରୁ ୫ ଶହ ମିଟର ମଧ୍ୟରେ ମଦଭାଟି ରଖା ନ ଯିବା ପାଇଁ ନିର୍ଦ୍ଦେଶ ଅଛି। ସେ ଅନୁଯାୟୀ ଆମ ପଞ୍ଚାୟତରେ ଥିବା ଦେଶି ମଦ ଭାଟି ସ୍କୁଲ, ଜନବସତିଠାରୁ ମାତ୍ର ୮୦ରୁ ଦେଢ଼ଶହ ମିଟର ମଧରେ ଥିବାରୁ ଜିଲାପାଳଙ୍କୁ ଜଣାଇଲୁ।

**-ରବୀନ୍ଦ୍ର ପଟେଲ, କୃଷକ ସଙ୍ଗଠନ ସଭାପତି**



ଆମ ପଞ୍ଚାୟତ ଆଦିବାସୀ ବହୁଳ ଏବଂ ସର୍ବାଧିକ ପରିବାର କୃଷକ ଓ ଶ୍ରମଜୀବି । ମଦ ଯୋଗୁ ଆଦିବାସୀ ପରିବାର ଉପରକୁ ଉଠି ପାରୁନାହାନ୍ତି । ଜନବସତି ଓ ସ୍କୁଲ ନିକଟରେ ଥିବା ଭାଟି ସ୍ଥାନାନ୍ତର ହେବା ଆବଶ୍ୟକ । ଜିଲାପାଳଙ୍କ ନିର୍ଦ୍ଦେଶ ଶୀଘ୍ର କାର୍ଯ୍ୟକାରୀ ଆମର ଦାବି ।

**-ସୁରେଶ ହାସଦା, ରାଏଡିହି**



ଆମ ପଞ୍ଚାୟତର ୧୧ନଂ. ୱାର୍ଡରେ ଥିବା ଦେଶୀ ମଦ ଭାଟି ଯୋଗୁ ରାସ୍ତାରେ ମଦ୍ୟପଙ୍କ ଉତ୍ପାତ ଦେଖାଯାଏ । ମହିଳାମାନେ ରାସ୍ତାରେ ଚାଲିଯିବାକୁ ସଂକୋଚ, ଭୟ କରନ୍ତି । ଏହି ଭାଟି ରାସ୍ତାରେ ଅନେକ ଦୁର୍ଘଟଣା ମଧ ହେଲାଣି । ତେଣୁ ଭାଟି ସ୍ଥାନାନ୍ତର ଜରୁରୀ ହୋଇପଡିଛି ।

**-ସୁକାନ୍ତ ମାଝି, ଡେମୁପଡା**

### କୀଟନାଶକ ପିଇ ବୃଦ୍ଧଙ୍କ ଆତ୍ମହତ୍ୟା

**ନୂଆଗାଁ, ୪।୧ (ଡି.ଏନ.ଏ)**

ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ ବାରିଲେପ୍ଟା ଗ୍ରାମର ମୂଳବାସିନ୍ଦା ମନଭରନ ସିଂ (୫୪) ନାମକ ଜଣେ ବ୍ୟକ୍ତି କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଶନିବାର ବିଶ୍ରା ଥାନାରେ ଅଭିଯୋଗ ହୋଇଛି। ଏନେଇ ବିଶ୍ରା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧/୨୦) ରୁଜୁ କରି ଘଟଣାର ତଦନ୍ତ କରୁଛି। ବାରିଲେପ୍ଟା ଗ୍ରାମର ମନଭରନ ସିଂ ପ୍ରତିଦିନ ମଦ୍ୟପାନ କରିବା ସହ ପରେ ଝଗଡ଼ା କରିଥାଆନ୍ତି। ଏନେଇ ପରିବାର ପକ୍ଷରୁ ତାଙ୍କୁ ବୁଝାସୁଝା କରାଯାଏ । ତଥାପି ମନଭରନ ପ୍ରତିଦିନ ଏହି ଭଳି ଭାବରେ ଘରୋଇ ଲୋକଙ୍କ ସହ ଝଗଡ଼ା କରିଥାଆନ୍ତି । ଶୁକ୍ରବାର ଏଭଳି କିଛି ଘରୋଇ କଳିକୁ ନେଇ ମନଭରନ ଏକ କୀଟନାଶକ ବୋତଲକୁ ଖୋଲି ପିଇ ଦେଇଥିଲେ । ଘର ଲୋକେ ଏହା ଜାଣିବା ପରେ ତାଙ୍କୁ ସଙ୍ଗେ ସଙ୍ଗେ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲକୁ ନେଇଥିଲେ ହିଁ ସେଠାରେ ତାଙ୍କ ମୃତ୍ୟୁ ଘଟିଥିଲା । ଏନେଇ ଶନିବାର ମନଭରନଙ୍କ ପୁଅ ଧନେଶ୍ୱର ସିଂ ବିଶ୍ରା ଥାନାରେ ଅଭିଯୋଗ କରିବା ପରେ ବିଶ୍ରା ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ କରିଥିଲେ । ବିଶ୍ରା ପୋଲିସ ଏନେଇ ଅଧିକ ତଦନ୍ତ ଜାରି ରହିଛି ।

### ବୃନ୍ଦାବତୀଙ୍କ ପାଖରେ ପହଞ୍ଚିଲା ଡାକ୍ତରୀ ଦଳ

**ବିନିକା,୪।୧(ଡି.ଏନ୍.ଏ.):** ବିନିକା ବ୍ଲକ ସିଂଘିଝୁବା ପଞ୍ଚାୟତ ଅନ୍ତର୍ଗତ ଖଇରମାଳ ଗ୍ରାମର ସତ୍ୟ ନାରାୟଣ ବାରିକଙ୍କ ରୋଗଗ୍ରସ୍ତ ସ୍ତ୍ରୀ ବୃନ୍ଦାବତୀ ଓ ତାଙ୍କ ପାଞ୍ଚ ଝିଅଙ୍କ ଦୁଃଖଭରା କାହାଣୀ ସମ୍ପର୍କିତ ଏକ ଖବର ଡିସେମ୍ବର ୨୨ତାରିଖରେ ଧରିତ୍ରୀରେ ପ୍ରକାଶିତ ହୋଇଥିଲା। ଶୁକ୍ରବାର ବିନିକା ମେଡିକାଲର ଏକ ଡାକ୍ତରୀ ଦଳ ଖଇରମାଳ ଗ୍ରାମରେ ପହଞ୍ଚି ବୃନ୍ଦାବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।

ହେମଗିର ପଞ୍ଚାୟତ ସମିତି ବୈଠକ

# ପାନୀୟଜଳ ଯୋଗାଣ ଉପରେ ଗୁରୁତ୍ୱ

**ହେମଗିର, ୪।୧ (ଡି.ଏନ.ଏ)**

ହେମଗିର ପଞ୍ଚାୟତ ସମିତି ସଭାଗୃହରେ ପଞ୍ଚାୟତ ସମିତି ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧକ୍ଷା ସୁଧାରାଣୀ ରାଉଡିଆ ସଭାପତିତ୍ୱ କରିଥିଲେ । ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଚ୍ଚିଦାନନ୍ଦ ପଟେଲ, ଉପାଧକ୍ଷ ସୁରଥକୁମାର ପଧାନ, ଜିଲା ପରିଷଦ ସଭ୍ୟ କାଶୀନାଥ ରାଉତ, ସଭ୍ୟା ପୁରବୀ ନାଏକ, ଏମ୍‌ପି ପ୍ରତିନିଧି ବିଶିକେଶନ ସା, ବିଧାୟିକା ପ୍ରତିନିଧି ସରୋଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କୃଷି, ମତ୍ସ୍ୟ ଓ ପଶୁପାଳନ, ମୃତ୍ତିକା ସଂରକ୍ଷଣ, ବିଦ୍ୟୁତ, ସ୍ୱାସ୍ଥ୍ୟ, ଜଳଯୋଗାଣ ଓ ପରିମଳ, ସମନ୍ୱିତ ଶିଶୁ ବିକାଶ, ପ୍ରାଣୀ ସମ୍ପଦ, ଜଙ୍ଗଲ, ଶିକ୍ଷା ପ୍ରଭୃତି ବିଭାଗର ଅଧିକାରୀମାନେ ଯୋଗଦେଇ ବିଭାଗର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ଏହା ସହ ଉପସ୍ଥିତ ଜନପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ । ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟଜଳ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କିନ୍ତୁ ଜଳ ଯୋଗାଣ ଓ ପରିମଳ ବିଭାଗରେ କର୍ମଚାରୀ ଅଭାବରୁ ଗ୍ରାମମାନଙ୍କରେ ପାନୀୟ ଜଳ ଯୋଗାଣରେ ଘୋର ବ୍ୟାଘାତ ସୃଷ୍ଟି ହେଉଥିବାର ଅଭିଯୋଗ କରାଯାଇଥିଲା । ଏଥିସହ ସ୍ୱଚ୍ଛଭାରତ ମିଶନରେ ପ୍ରତ୍ୟେକ ଗାଁ ମୁଣ୍ଡରେ ଲଗାଯାଇଥିବା ବୋର୍ଡରେ ଗାଁ ମାନଙ୍କ ଭୁଲ ଭାବେ ଲିପିବଦ୍ଧ କରିଥିବାରୁ କ୍ଷୋଭ ପ୍ରକାଶ କରିବା ସହ ନିର୍ବାହୀ ଯନ୍ତ୍ରୀ ଜଳ ପରିମଳ ବିଭାଗଙ୍କୁ ଏଥିପାଇଁ ଦାୟୀ କରିଥିଲେ। ଆଗାମୀ ଦିନରେ ଏହି ବୋର୍ଡ ସଂଶୋଧନ ଦିଗରେ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ହେମଗିର ବ୍ଲକ ଏକ ଖଣି ଅଞ୍ଚଳ ହୋଇଥିବାରୁ ଏଠାରେ ଖଣିଜ ପାଣ୍ଠି ଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳର ଲୋକେ ସୁବିଧା ପାଇପାରିବେ ସେ ଉପରେ ମଧ ଜନପ୍ରତିନିଧିମାନେ ପ୍ରସ୍ତାବ ଦେଇଥିଲେ । ବୈଠକରେ ୧୯ ପଞ୍ଚାୟତର ବହୁ ସଂଖ୍ୟାରେ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ବୈଠକକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପରିଚାଳନା କରିଥିବା ବେଳେ ଗ୍ରାମ ପଞ୍ଚାୟତ ଅଧିକାରୀ ସହଯୋଗ କରିଥିଲେ ।



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଅଧକ୍ଷା, ବିଡ଼ିଓ ଏବଂ ଅନ୍ୟ ଅଧିକାରୀ।

# ଶ୍ରୀକୃଷ୍ଣଙ୍କ ଶ୍ୟାମ ମହୋତ୍ସବ ପାଳିତ

**ରାଜଗାଙ୍ଗପୁର, ୪।୧ (ଡି.ଏନ.ଏ)**

ରାଜଗାଙ୍ଗପୁର ସହରରେ ଶ୍ୟାମ ବିହାରୀ ମିତ୍ର ମଣ୍ଡଳ ପକ୍ଷରୁ ୨ ଦିନିଆ ଶ୍ୟାମ ମହୋତ୍ସବ ଅତି ଉତ୍ସାହର ସହିତ ଆରମ୍ଭ ହୋଇଯାଇଛି। ରାଜଗାଙ୍ଗପୁର ସହରରେ ଦୀର୍ଘ ୨୧ବର୍ଷ ହେବ ମାରୱାଡି ସମାଜ ପକ୍ଷରୁ ଭଗବାନ ଶ୍ରୀକୃଷ୍ଣଙ୍କ ଶ୍ୟାମ ଉତ୍ସବ ପାଳିତ ହୋଇଆସୁଛି। ଏବର୍ଷ ମଧ ରାଜଗାଙ୍ଗପୁର ସମେତ ବିଭିନ୍ନ ଅଞ୍ଚଳରୁ ମାରୱାଡି ସମାଜର ଭକ୍ତ ବହୁ ସଂଖ୍ୟାରେ ଯୋଗଦେଇ ଶନିବାର ଏହି ଉତ୍ସବ ଶୁଭାରମ୍ଭ କରିଥିଲେ। ଶନିବାର ପୂର୍ବାହ୍ନରେ ଶ୍ୟାମବିହାରୀ ମିତ୍ର ମଣ୍ଡଳ ପକ୍ଷରୁ ଅଖଣ୍ଡ ଜ୍ୟୋତି ନେଇ ନିଶାନ ଶୋଭାଯାତ୍ରାର ଆୟୋଜକ କରାଯାଇଥିଲା । ଏହି ଶୋଭାଯାତ୍ରାରେ ଶହ ଶହ ମହିଳା ଏବଂ ପୁରୁଷ ଯୋଗଦେଇଥିଲେ । ଦିନ ତମାମ ଭଜନ କୀର୍ତ୍ତନ କରାଯାଇଥିଲା। ସନ୍ଧ୍ୟାରେ ଭଜନ କୀର୍ତ୍ତନ ସହିତ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାଜଗାଙ୍ଗପୁରର ରାଜେଶ ସୁଲତାନିଆ, ମନୋଜ ସୁଲତାନିଆ, ସୁନିତା ଅଗ୍ରୱାଲ, ପ୍ରବୀଣ ଅଗ୍ରୱାଲ, ଆନନ୍ଦ ଦଧିଚି ସହିତ ବହୁ ସଂଖ୍ୟାରେ ମାରୱାଡି ସମାଜର ଲୋକ ଉପସ୍ଥିତ ରହି ନିଜ ନିଜ ଭୂମିକା ନିଭାଇଥିଲେ ।



ଶ୍ରୀକୃଷ୍ଣଙ୍କ ଶ୍ୟାମ ମହୋତ୍ସବ ଅବସରରେ ଶୋଭାଯାତ୍ରା।

# ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

**ଲହୁଣୀପଡା, ୪।୧ (ଡି.ଏନ.ଏ.)**

ରାଉରକେଲା ପରିବହନ ବିଭାଗ ଏବଂ ଲହୁଣୀପଡା ପୋଲିସ ପ୍ରଶାସନ ପକ୍ଷରୁ ସଡକ ସୁରକ୍ଷା ଓ ନୂତନ ଟ୍ରାଫିକ ନିୟମ ନେଇ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଲହୁଣୀପଡା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଲହୁଣୀପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଯୋଗଦେଇ ହାତରେ ପ୍ଲା କାର୍ଡ ଧରି ସଚେତନତା ମୂଳକ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନତ କରିଥିଲେ। ଶୋଭାଯାତ୍ରା ଶେଷରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଲହୁଣୀପଡା ଥାନା ଅଧିକାରୀ ଲକ୍ଷ୍ମୀନାରାୟଣ ମାରାଣ୍ଡି ଯୋଗଦେଇଥିବା ବେଳେ ଟ୍ରାଫିକ ସବଇନ୍ସପେକ୍ଟର ସୁମନ୍ତ କୁମାର ସେଠୀ, ଅତିରିକ୍ତ ଶିକ୍ଷା ଅଧିକାରୀ ଇମକୃପା ମିଞ୍ଜ, ବରିଷ୍ଠ ଶିକ୍ଷକ ବସନ୍ତ କୁମାର ମହାନ୍ତ, ସିଆରସିସି ଭଜମନ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ସିଟ ବେଲ୍ଟ ବାନ୍ଧିବା, ଗାଡି ଚାଳନା ସମୟରେ ମୋବାଇଲ ବ୍ୟବହାର ନ କରିବା, ହେଲମେଟ ବ୍ୟବହାର କରିବା ଆଦି ସମ୍ପର୍କରେ ଉପଦେଶ ଦେଇଥିଲେ। ପ୍ରଧାନଶିକ୍ଷକ ଦିନେଶ କୁମାର ମହାନ୍ତ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ ।




ଛାତ୍ରୀଛାତ୍ର ପ୍ଲାକାର୍ଡ଼ ଧରି ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି।

ବାଲି ମିଳୁ ନ ଥିବାରୁ ଆଗେଇ ପାରୁନାହିଁ ଉନ୍ନୟନ କାମ

# ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ବିଳମ୍ବିତ

**କୁତ୍ରା, ୪।୧ (ଡି.ଏନ.ଏ)**

- ବାଲି ପାଇଁ ସାଧାରଣଜନତା ହନ୍ତସନ୍ତ
- ଚଢ଼ା ଦରରେ ବାଲି କିଣୁଛନ୍ତି ଲୋକ
- ବାଲିଘାଟ ଚାଲୁ କରିବା ଦିଗରେ ପ୍ରଶାସନ ପଦକ୍ଷେପ ନେଉ

କୁତ୍ରା ବ୍ଲକ ତରକେରା ସମଲେଇମୁଣ୍ଡା, ଲକ୍ଷ୍ମୀପୋଷରେ ଥିବା ବାଲିଘାଟ ବନ୍ଦ ରହିଥିବାରୁ ବାଲି ପରିବହନ ବନ୍ଦ ହୋଇଯାଇଛି। ଫଳରେ ଆବଶ୍ୟକ ବାଲି ମିଳୁନାହିଁ। ବିଜୁ ପକ୍କା ଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଗେଇ ପାରୁ ନ ଥିବା ବେଳେ ବାଲି ପାଇଁ ସାଧାରଣ ଜନତା ମଧ ହନ୍ତସନ୍ତ ହେଉଥିବା ଜଣାପଡିଛି। ବେଦବ୍ୟାସ ଘାଟରୁ ବାଲି ଆଣି କୁତ୍ରା ଓ ରାଜଗାଙ୍ଗପୁର ଅଞ୍ଚଳରେ ଚଢ଼ା ଦରରେ ବିକ୍ରି ହେଉଛି। କୁତ୍ରା ବ୍ଲକର ତରକେରା, ସମଲେଇମୁଣ୍ଡା ଓ ଲକ୍ଷ୍ମୀପୋଷ ଦେଇ ଶଙ୍ଖନଦୀ ପ୍ରବାହିତ ହେଉଛି । ଶଙ୍ଖନଦୀର ତରକେରା, ସମଲେଇମୁଣ୍ଡା ଭଳି ବିଭିନ୍ନ ସ୍ଥାନରେ ବାଲିଘାଟ କରି ଲୋକେ କୁତ୍ରା, ବଡଗାଁ, ରାଜଗାଙ୍ଗପୁରକୁ ବାଲି ଚାଲାଣ କରିଥାନ୍ତି। ଘର ତିଆରିକୁ ନେଇକି ରାସ୍ତାଘାଟ ତିଆରି ବିଭିନ୍ନ କଳକାରଖାନାରେ ବାଲି ଚାହିଦା ଏହି ଠାରୁ ପୂରଣ ହୋଇଥାଏ । ହେଲେ ସରକାରୀ ଭାବେ କେବଳ ତରକେରା ବାଲିଘାଟ ନିଲାମ ହୋଇଥାଏ। ବର୍ଷେରୁ ଊର୍ଦ୍ଧ୍ୱ ସମୟ ହେବ କିଛି ପେସା ସମର୍ଥକ ତରକେରା ବାଲି ଘାଟକୁ ବନ୍ଦ କରି ଦେଇଥିଲେ । ପରେ ତରକେରା ସମେତ ବିଭିନ୍ନ ବାଲିଘାଟରୁ ବାଲିଚୋରା ଚାଲାଣ ହେଉଥିଲା। ବର୍ଷେ କାଳ କୁତ୍ରା ତହସିଲର ଜାଣତରେ ଏହି ଚୋରା ବାଲି ଚାଲାଣ କାମ ଚାଲି ଆସୁଥିଲା । ବିଭିନ୍ନ ସମୟରେ ଏବାବଦରେ କୁତ୍ରା ତହସିଲଦାରଙ୍କୁ ପଚାରିଲେ ଆମେ ଏବାବଦରେ ଉଚ୍ଚ ଅଧିକାରୀଙ୍କୁ ଜଣାଇ ଦେଇଛୁ । ତାଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟ କରାଯିବ ବୋଲି କହିବା ସାଙ୍ଗକୁ ଗୋଟେ ଦୁଇଟା ବାଲି ଟ୍ରକ ଜବତ କରି ଜରିମାନା ଆଦାୟ କରି ଚୁପ ରହିଯାଇଥିଲେ। ଏ ବାବଦରେ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାର ହେବାପରେ କୁତ୍ରା ତହସିଲଦାର ଲଗାତାର ଭାବେ ଚୋରା ବାଲି ଚାଲାଣ କରୁଥିବା ଟ୍ରକ ଓ ଟ୍ରାକ୍ଟରଗୁଡ଼ିକୁ ଜବତ କରି ମୋଟା ଅଙ୍କର ଫାଇନ କରିବା ଫଳରେ ଟ୍ରକ ଓ ଟ୍ରାକ୍ଟର ମାଲିକମାନେ ବାଲି ଚାଲାଣ ବନ୍ଦ କରି ଦେଇଛନ୍ତି। ଏବେ ବାଲି ମିଳୁ ନ ଥିବାରୁ ଲୋକେ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ବାଧ୍ୟ ହେଉଛନ୍ତି। ସରକାରଙ୍କ ଦ୍ୱାରା ନିଲାମ ହୋଇଥିବା ବାଲିଘାଟକୁ କିଛି ଲୋକ ବିରୋଧ କରୁଥିବା ବେଳେ ସମଗ୍ର ଅଞ୍ଚଳର ଜନସାଧାରଣ ବାଲି ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ସରକାରୀ ଓ ବେସରକାରୀ ଗୃହରେ ନିର୍ମାଣ କାମ ବନ୍ଦ ରହିଥିବା ଦେଖିବାକୁ ମିଳୁଛି। ଏ ବାବଦରେ କୁତ୍ରା ତହସିଲଦାରଙ୍କୁ ପଚାରିବାରୁ ଆମେ ସମସ୍ତ ଘଟଣା ଉଚ୍ଚ ଅଧିକାରୀଙ୍କୁ ଜଣାଇ ଦେଇଛୁ । ତାଙ୍କ ନିର୍ଦ୍ଦେଶକ୍ରମେ ପଦକ୍ଷେପ ନିଆଯିବ ବୋଲି ଉତ୍ତର ଦେଇଛନ୍ତି । ହେଲେ କିଛି ଲୋକଙ୍କ ପାଇଁ ସମଗ୍ର ଅଞ୍ଚଳର ଲୋକେ ଅସୁବିଧା ଭୋଗୁଥିବା ବେଳେ ସରକାର ମଧ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି । ଏଣୁ ଉଚ୍ଚ କର୍ତ୍ତୃପକ୍ଷ ଏଦିଗରେ ଦୃଷ୍ଟି ଦେଇ ଯଥାଶୀଘ୍ର ବାଲିଘାଟଗୁଡ଼ିକୁ ଚାଲୁ କରିବା ଦିଗରେ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି ।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ। - ଆର.ଡବ୍ଲ୍ୟୁ. ଇମରସନ

## ସଂକ୍ଷେପରେ

### ବାଙ୍କୀ ରେଞ୍ଜରେ ପକ୍ଷୀ ଗଣନା ଆରମ୍ଭ

**ଲହୁଣୀପଡା, ୪।୧ (ଡି.ଏନ.ଏ):** ସରକାରଙ୍କ ନିର୍ଦ୍ଦେଶକ୍ରମେ ଜାନୁୟାରୀ ୩ ତାରିଖକୁ ପକ୍ଷୀ ଗଣନା ଦିବସ ଭାବେ ପାଳନ କରାଯାଇଛି। ସୁନ୍ଦରଗଡ ଜିଲା ବାଙ୍କି ରେଞ୍ଜ ଅଧିନସ୍ଥ କଲେଇପୋଷ ଜଳାଶୟ, ଧମଣାଧର ଡ୍ୟାମ, ଚନ୍ଦ୍ରପୁର, ନୂଆଗାଁ, ବ୍ରାହ୍ମଣୀ ନଦୀକୂଳ କୁଚେଇତା ବଡ ପୋଖରୀରେ ଏହି ପାଞ୍ଚୋଟି ସ୍ଥାନରେ ବିଭିନ୍ନ ପ୍ରଜାତିର ପକ୍ଷୀମାନଙ୍କର ସମାଗମ ହୋଇଥାଏ । ରାଉରକେଲା ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ ଅଜୟ ସାହୁ, ବାଙ୍କି ରେଞ୍ଜ ଅଧିକାରୀ ଅଜୟ କୁମାର ଖେସ ପକ୍ଷୀ ରହଣୀ ସ୍ଥାନମାନଙ୍କୁ ଯାଇ ପକ୍ଷୀ ଗଣନା କରିଥିଲେ । ହଂସରଲି, ପାଣିକୁଆ, ପେଂଢ଼ାଲିଆ ପ୍ରଭୃତି ବିଭିନ୍ନ ପ୍ରଜାତିର ବଗ ପାଣିଡାହୁକ ପରପଲ ସାଂପେନ ଆଦି ବିଭିନ୍ନ ପ୍ରଜାତିର ପକ୍ଷୀମାନଙ୍କର ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା । ପରପଲସାଂପେନ ନାମ ମୟୁର ଭଳି ଦେଖାଯାଉଥିବା ପକ୍ଷୀ ଗତ ବର୍ଷ ପ୍ରାୟ ୫୦ଥିବା ବେଳେ ଚଳିତ ବର୍ଷ ପ୍ରାୟ ୫୦୦ ଅତିକ୍ରମ କରିଥିବା ବନଅଧିକାରୀ ସୂଚନା ଦେଇଥିଲେ। ଏହି ଗଣନାରେ କଲେଇପୋଷରେ ୬୫୨୨, ଧମନାଧରରେ ୧୭୧, ନୂଆଗାଁରେ ୮୨୦, ଚନ୍ଦ୍ରପୁରରେ ୧୧, କୁଚେଇତାରେ ୨୪ ମୋଟ ୭୫୪୮ ସଂଖ୍ୟକ ପ୍ରଜାତିର ପକ୍ଷୀ ଥିବା ଜଣାପଡିଛି। ଏହି ପକ୍ଷୀ ଗଣନାରେ ଫରେଷ୍ଟର ଗୋପାଳ ଓରାମ, ରାଜଗୋବିନ୍ଦ ବହିଦାର, ମିନାକ୍ଷୀ ସାହୁ, ସରୋଜ ନାଏକ, ରିଙ୍କି ପାତ୍ର ପ୍ରମୁଖଙ୍କ ସମେତ ବନ ବିଭାଗର ଷ୍ଟାର୍ଡ ସହଯୋଗ କରିଥିଲେ।




ଚତୁର୍ଥ ସନ୍ଧ୍ୟାର ମଞ୍ଚାସୀନ ଅତିଥିବୃନ୍ଦ, ପୁରୀର ଗୋଟିପୁଅ ନୃତ୍ୟ, ବିଶ୍ୱ ଦେଖ ମଧୁମୟ କାର୍ଯ୍ୟକ୍ରମରେ ଅତିଥି ଓ କଳାକାରମାନେ।

ଝାରସୁଗୁଡ଼ା ଜିଲା ମହୋତ୍ସବ ଦୁଲ୍‌ଦୁଲିର ଚତୁର୍ଥ ଦିବସ

# ଗୋଟିପୁଅ ନୃତ୍ୟ ଦର୍ଶକଙ୍କ ମନମୋହିଲା

**ଝାରସୁଗୁଡା ଅଫିସ/ଲଖନପୁର, ୪।୧(ଡି.ଏନ.ଏ.)**

ଝାରସୁଗୁଡା ଜିଲା ୧୮ତମ ମହୋତ୍ସବ ଦୁଲ୍‌ଦୁଲି ଗତ ବୁଧବାରରୁ ଆରମ୍ଭ ହୋଇଥିବା ବେଳେ ଶନିବାର ଚତୁର୍ଥ ଦିବସରେ ପହଞ୍ଚିଛି। ଚତୁର୍ଥ ଦିବସରେ ପ୍ରକଳ୍ପ ନିର୍ଦ୍ଦେଶକ ଡିଆରଡିଏ ତପିରାମ ମାଝି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ସିଏମ୍‌ଡି ଭୋଳାନାଥ ଶୁକ୍ଳା, ସମ୍ମାନିତ ଅତିଥି ଭିଏସ୍‌ଏସ୍ ବିମାନ ବନ୍ଦର ନିର୍ଦ୍ଦେଶକ ସୁଦେଶ କୁମାର ଚୌହାନ, ଏମ୍‌ସିଏଲ୍ ନିର୍ଦ୍ଦେଶକ (ଟେକ୍ନିକାଲ୍) କେଶବ ରାଓ, ବେଦାନ୍ତ ସିଏସ୍‌ଆର୍ ମୁଖ୍ୟ ସୁନ୍ଦରରାଜ ନାଇଡୁ,ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ ଅନିଲ କୁମାର ସିଂହ, ଇବ୍‌ଭ୍ୟାଲି ମହାପ୍ରବନ୍ଧକ ମଧୁସୁଦନ ଶର୍ମା ପ୍ରମୁଖ ଯୋଗଦେଇଥିଲେ। ପ୍ରଫେସର୍ ଟହଲୁ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବାହ୍ନରେ ବିଶ୍ୱ ଦେଖ ମଧୁମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟ ଜଗନ୍ନାଥ କଳାକେନ୍ଦ୍ର, ଜ୍ୟାକ୍ ଡ୍ୟାନ୍ସ ଏକାଡେମୀ, ସରସ୍ୱତୀ ସଙ୍ଗୀତ ବିଦ୍ୟାଳୟ, ଝାରସୁଗୁଡା ଏଜୁକେଶନାଲ୍ ହଷ୍ଟେଲ୍, ଜାଗୃତି ମହିଳା ସ୍ୱୟଂସେବୀ ସଙ୍ଗଠନ କଳାକାରମାନେ ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନନ୍ଦିନୀ ପଟେଲ, ଶଶୀ ତିଓାରୀ, ଚଞ୍ଚଳ ଦୁଆ, କେ. ସୁରେଶ, ପ୍ରତିଭା ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାମକୃଷ୍ଣ ଦାସ, ବିରାଟ ରାଜା ପ୍ରଧାନ, ଶଙ୍କର ପୋଢ, ଅକ୍ଷୟ ପତି, ତପସିଲାଲ୍ ତିୱାରୀ, ପିଣ୍ଟୁ ପାଢୀ ପ୍ରମୁଖ କୃତିକଳାକାରଙ୍କୁ ପୁରସ୍କୃତ କରିଥିଲେ। ପରେ ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ଦୁଲୁକିଲା

ଏଥିରେ ପ୍ରମୋଦ କୁମାର ଦାସ, ଜୟଦେବ ତନ୍ତି, ଶ୍ରୀବାସ ବାଗ୍, ତରଣୀସେନ ଧୁରୁଆ, ଶିବାନୀ ପଣ୍ଡା, ମଧୁସ୍ମିତା ମହାପାତ୍ର, କୁନା ତ୍ରିପାଠୀ, କାହ୍ନୁ ଚରଣ ଭୋଇ, ସବିତା ଭୂଇଁଆ, ସରୋଜ କୁମାର ଛଣ୍ଡାଣ, ସାନ୍ତନୁ ମହାପାତ୍ର, ଦିବାକର ମହାନନ୍ଦ ପ୍ରମୁଖ କଳାକାର ଅଂଶଗ୍ରହଣ କରିଥିଲେ। ଏହାକୁ ସୁରଙ୍ଗ ପ୍ରଧାନ ପରିଚାଳନା କରିଥିଲେ। ଏଥିରେ ତାପସରାୟ ଚୌଧୁରୀ, ବିଜୟ ବେହେରା, ଅଖିଳ ସିଂହ, ପିଣ୍ଟୁ ପାଢୀ, ତୁଳସୀ ଦାସ ପ୍ରମୁଖ କଳାକାରଙ୍କୁ ପୁରସ୍କୃତ କରିଥିଲେ। ଚତୁର୍ଥ ଦିବସ ସନ୍ଧ୍ୟା ଅଧିବେଶନରେ ଭୁବନେଶ୍ୱର ନୃତ୍ୟକ୍ଷେତ୍ର ଅନୁଷ୍ଠାନର ଏକଲବ୍ୟ ଓଡିଶୀ ନୃତ୍ୟ, ବୀରମହାରାଜପୁର ଷୋହଳଭରଣୀ ଅନୁଷ୍ଠାନର ଚୁଟ୍‌କୁଚୁଟା, ବ୍ରଜରାଜନଗର ମାଧବ ସଙ୍ଗୀତ ବିଦ୍ୟାଳୟ ଓଡିଶୀ ନୃତ୍ୟ, ପଶ୍ଚିମବଙ୍ଗ କଲିକତା ଇଜେଡ୍‌ସିସି ଅନୁଷ୍ଠାନର ପୁରଲିଆ ଛଉ ଓ ଆସାମ ବିହୁ, ବାଲିଶଙ୍କରା ନଟରାଜ ଜନପରିଷଦ ଅନୁଷ୍ଠାନର ଝୁମେର୍ ନୃତ୍ୟ, ସୁନ୍ଦରଗଡ ଆଦିବାସୀ ନୃତ୍ୟ ଅନୁଷ୍ଠାନ କର୍ମାନାଚ, ମହାରାଷ୍ଟ୍ର ରତ୍ନଗିରି ଅଥର୍ବବେଦ ପରମ୍ପରା କଳାମଞ୍ଚ ଅନୁଷ୍ଠାନ ବୋଲି ନୃତ୍ୟ, ଝାରସୁଗୁଡା ରେଲଓ ଓଡିଆ ସାଂସ୍କୃତିକ ପରିଷଦ ଅନୁଷ୍ଠାନ ଓଡିଶୀ ନୃତ୍ୟ, ପଞ୍ଚଗାଁ ମହିମା ସାଂସ୍କୃତିକ ପରିଷଦର କାଠିଆ ଝୁମେର୍, ପଦ୍ମପୁର ସଙ୍ଗୀତ ସମିତି ଅନୁଷ୍ଠାନର ପଞ୍ଚରସି ଓ ପୁରୀର ଗୋଟିପୁଅ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନ ପାଇଥିଲା। ପ୍ରବଳ ଥଣ୍ଡା ସତ୍ତ୍ୱେ ମହୋତ୍ସବ ଚତୁର୍ଥ ଦିବସରେ ଦର୍ଶକଙ୍କ ଭିଡି ଦେଖିବାକୁ ମିଳିଥିଲା। ଶେଷରେ ପ୍ୟାରେଲାଲ୍ ଶ୍ରୀବାସ୍ତବ ଧନ୍ୟବାଦ ଅର୍ପଣ କରିଥିଲେ ।

### କୀଟନାଶକ ପିଇ ବୃଦ୍ଧଙ୍କ ଆତ୍ମହତ୍ୟା

**ନୂଆଗାଁ, ୪।୧ (ଡି.ଏନ.ଏ)**

ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ ବାରିଲେପ୍ଟା ଗ୍ରାମର ମୂଳବାସିନ୍ଦା ମନଭରନ ସିଂ (୫୪) ନାମକ ଜଣେ ବ୍ୟକ୍ତି କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଶନିବାର ବିଶ୍ରା ଥାନାରେ ଅଭିଯୋଗ ହୋଇଛି। ଏନେଇ ବିଶ୍ରା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧/୨୦) ରୁଜୁ କରି ଘଟଣାର ତଦନ୍ତ କରୁଛି। ବାରିଲେପ୍ଟା ଗ୍ରାମର ମନଭରନ ସିଂ ପ୍ରତିଦିନ ମଦ୍ୟପାନ କରିବା ସହ ପରେ ଝଗଡ଼ା କରିଥାଆନ୍ତି। ଏନେଇ ପରିବାର ପକ୍ଷରୁ ତାଙ୍କୁ ବୁଝାସୁଝା କରାଯାଏ । ତଥାପି ମନଭରନ ପ୍ରତିଦିନ ଏହି ଭଳି ଭାବରେ ଘରୋଇ ଲୋକଙ୍କ ସହ ଝଗଡ଼ା କରିଥାଆନ୍ତି । ଶୁକ୍ରବାର ଏଭଳି କିଛି ଘରୋଇ କଳିକୁ ନେଇ ମନଭରନ ଏକ କୀଟନାଶକ ବୋତଲକୁ ଖୋଲି ପିଇ ଦେଇଥିଲେ । ଘର ଲୋକେ ଏହା ଜାଣିବା ପରେ ତାଙ୍କୁ ସଙ୍ଗେ ସଙ୍ଗେ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲକୁ ନେଇଥିଲେ ହିଁ ସେଠାରେ ତାଙ୍କ ମୃତ୍ୟୁ ଘଟିଥିଲା । ଏନେଇ ଶନିବାର ମନଭରନଙ୍କ ପୁଅ ଧନେଶ୍ୱର ସିଂ ବିଶ୍ରା ଥାନାରେ ଅଭିଯୋଗ କରିବା ପରେ ବିଶ୍ରା ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ କରିଥିଲେ । ବିଶ୍ରା ପୋଲିସ ଏନେଇ ଅଧିକ ତଦନ୍ତ ଜାରି ରହିଛି ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଜିଲା ମହୋତ୍ସବ ପରିବର୍ତ୍ତେ ଝାରସୁଗୁଡ଼ା ମହୋତ୍ସବ ଦାବି

**ବ୍ରଜରାଜନଗର,୪।୧(ଡି.ଏନ.ଏ.)**

ଝାରସୁଗୁଡା ଜିଲା ସଂସ୍କୃତି ପରିଷଦ ଦ୍ୱାରା ଆୟୋଜିତ ଦୁଲଦୁଲି ମହୋତ୍ସବର ନାମ ପରିବର୍ତ୍ତନ କରି ଝାରସୁଗୁଡା ମହୋତ୍ସବ କରିବାକୁ ବ୍ରଜରାଜନଗର ଅଞ୍ଚଳରେ ବାସ କରୁଥିବା ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନେ ଦାବି କରିଛନ୍ତି । ଜିଲା ନାମରେ ହେଉଥିବା ମହୋତ୍ସବରେ ବ୍ରଜରାଜନଗର ଅଞ୍ଚଳର ବୁଦ୍ଧିଜୀବୀ, ସାମାଜିକ କର୍ମୀ, ସାହିତ୍ୟକ, କଳାକାର କ୍ଷୋଭ ଓ ପରିତାପର ବିଷୟ ବୋଲି ଚର୍ଚ୍ଚା ଚାଲିଛି । ଦୁଲଦୁଲି ମହୋତ୍ସବ ଆରମ୍ଭ ହେବା ଦିନଠାରୁ ଜିଲାର ପ୍ରତ୍ୟେକ ମ୍ୟୁନିସିପାଲଟି, ବ୍ଲକ, ପଞ୍ଚାୟତସ୍ତରରୁ ଉପରୋକ୍ତ ବ୍ୟକ୍ତି ବିଶେଷଙ୍କୁ ନିମନ୍ତ୍ରଣ କରାଯାଉଥିଲା । ଗତ କିଛି ବର୍ଷ ହେବ ଜିଲାର କେତେକ ପ୍ରଭାବଶାଳୀ ବ୍ୟକ୍ତି ଦୁଲଦୁଲିକୁ ନିଜ ନିୟନ୍ତ୍ରଣରେ ରଖି ପରିଚାଳନା କରୁଛନ୍ତି। ଚଳିତବର୍ଷ ବ୍ରଜରାଜନଗର ଅଞ୍ଚଳକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ଯାହାଦ୍ୱାରା ଅସନ୍ତୋଷ ବଢ଼ିବାରେ ଲାଗିଛି। ଜିଲାରେ ଦୁଲଦୁଲିକୁ ପରିଚାଳନା କରୁଥିବା ବ୍ୟକ୍ତି ବିଶେଷଙ୍କୁ ଯୋଗାଯୋଗ କରିବାରୁ କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ଆଗାମୀ ବର୍ଷ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ। ଜିଲା ମହୋତ୍ସବ ପରିବର୍ତ୍ତେ ଝାରସୁଗୁଡା ମହୋତ୍ସବ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଭାଜପାର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

**ଲଇକେରା, ୪।୧ (ଡି.ଏନ.ଏ.)**

ଝାରସୁଗୁଡା ଜିଲା ଲଇକେରା ବ୍ଲକ କାଙ୍କମାଲ ବାଲୁଙ୍କେଶ୍ୱର ଶିବମନ୍ଦିର ପ୍ରାଙ୍ଗଣରେ ଶନିବାର ଭାଜପାର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବାଞ୍ଛାନିଧୀ ସାହୁ, ନବନିର୍ବାଚିତ ଜିଲା ସଭାପତି ମଙ୍ଗଲୁ ସାହୁ, ଲଇକେରା ମଣ୍ଡଳ ସଭାପତି ପଙ୍କଜ ବେହେରା ଏବଂ ଲଇକେରା ମଣ୍ଡଳର ସମସ୍ତ ବୁଥ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ, ପରିଷଦ ସଦସ୍ୟ ଅରୁଣ ବେହେରା, ଜିଲା ସଦସ୍ୟତା ପ୍ରମୁଖ ନରେଶ ନାଏକ, ଜିଲା ଯୁବମୋର୍ଚ୍ଚା ସଭାପତି ବଲବିନ୍ଦର ସିଂ, ସାଧାରଣ ସମ୍ପାଦକ ନିଳାମ୍ବର ଡନସେନା ପ୍ରମୁଖ ଯୋଗଦେଇଥିଲେ। କର୍ମୀ କାର୍ତ୍ତିକ ବେହେରା, ଆଲୋକ ସାହୁ, ନିଶିକାନ୍ତ ପଟେଲ, ଟିକେଶ୍ୱର ଜୟପୁରିଆ, ସରୋଜ ମେହେର, ବିକ୍ରମ ପଟେଲ, ମଧୁରଣା, ଗଣନାଥ ବାଗ ପ୍ରମୁଖ ସହଯୋଗ କରିଥିଲେ।



ସମ୍ବର୍ଦ୍ଧିତ ହୋଇଥିବା ଭାଜପା କର୍ମକର୍ତ୍ତାମାନେ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଚାଷୀ ମୃତ

■ କ୍ଷତିପୂରଣ ଦାବିରେ ଉତ୍ତେଜନା, ପ୍ରତିଶ୍ରୁତି ପରେ ମୃତଦେହ ଉଠିଲା

**ଲଖନପୁର,୪।୧(ଡି.ଏନ.ଏ.)**

ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଅଧୀନ କୁରେମାଲ ନିକଟସ୍ଥ ଅହିରାନାଳ ପାର୍ଶ୍ୱ ଚାଷ ଜମିକୁ ଯାଉଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶନିବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀ ଜଣଙ୍କ ହେଲେ କୁରେମାଲ ଗ୍ରାମର ଲାଲୁ ଖଡିଆ (୫୫) । ଖବର ପାଇ ମୃତକଙ୍କ ପରିବାର ଓ ଗ୍ରାମବାସୀ କ୍ଷତିପୂରଣ ଦାବି କରିଥିଲେ। ଘଟଣା ସ୍ଥଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା । ପୋଲିସ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । ପରେ ସମରବଗା ସରପଞ୍ଚ ରୀନା ଭୟଁର, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ସାହୁ, କତରବଗା ସରପଞ୍ଚ ରୋହିତ ଧୁରୁଆ ଓ ଜାମଗାଁ ସରପଞ୍ଚ ବାସନ୍ତୀ ପ୍ରଧାନ ପ୍ରମୁଖ ପହଞ୍ଚି ଜିଲା ପ୍ରଶାସନଙ୍କ ସହ ଆଲୋଚନା କରିଥିଲେ। ଜିଲା ପ୍ରଶାସନ ପ୍ରତିଶ୍ରୁତି ପରେ ରାତି ୮ଟାରେ ଚାଷୀଙ୍କ ମୃତଦେହ ଉଠିଥିଲା। ପୋଲିସ ମୃତଦେହକୁ ଜବତ କରିବା ସହ ରବିବାର ବ୍ୟବଚ୍ଛେଦ ପାଇଁ ପଠାଇବ ବୋଲି ଜଣାପଡିଛି। ପୋଲିସ ଏ ନେଇ ରେଙ୍ଗାଲି ଥାନାରେ ଏକ ଅପମୃତ ମାମଲା (ନଂ.୨/୨୦) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ଚାଷୀ ଲାଲୁ ନିଜ ପୁଅ ଓ ପୁତୁରାଙ୍କୁ ସାଙ୍ଗରେ ଧରି ଚାଷ ଜମି ସଫା କରିବା ପାଇଁ ଯାଇଥିଲେ । ଏହି ସମୟରେ ଚାଷ ଜମିରେ ଏକ ବିଦ୍ୟୁତ ତାର ପଡିଥିଲା । ଏହି ଜୀବନ୍ତ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଲାଲୁଙ୍କ ମୃତ୍ୟୁ ହୋଇଥିଲା । ଏ ସମ୍ପର୍କରେ ଲାଲୁଙ୍କ ପୁଅ ଓ ପୁତୁରା ଘରେ ଯାଇ କହିଥିଲେ। ଖବର ପାଇ ଗ୍ରାମବାସୀ ଆସି ଦେଖିବାବେଳକୁ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଲାଲୁଙ୍କ ମୃତ୍ୟୁ ହୋଇଥିବା ଜଣାପଡିଥିଲା। ପରେ ତଦନ୍ତ କରିବାରୁ ଜଣାପଡିଥିଲା। କୁରେମାଲ ଗ୍ରାମର ଜଣେ ବ୍ୟକ୍ତି ବେଆଇନ୍ ଭାବେ ୧୧ କେଭି ବିଦ୍ୟୁତ୍ ଲାଇନ୍‌ରୁ ସିଧାସଳଖ ଜମ୍ପର ପକାଇ ଇଟାଭାଟିକୁ ନେଇଥିଲେ। ଏହି ତାର ସଂସ୍ପର୍ଶରେ ଆସି ଚାଷୀଙ୍କ ମୃତ୍ୟୁ ହୋଇଛି ବୋଲି ତଦନ୍ତରୁ ଜଣାପଡିଛି। ଏ ନେଇ ପୋଲିସ ଓ ବିଦ୍ୟୁତ ବିଭାଗ ତଦନ୍ତ ଚଳାଇଛନ୍ତି। ଏ ନେଇ ଦୋଷୀଙ୍କ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମୃତକଙ୍କ ପରିବାର ଦାବି କରିଛନ୍ତି ।



କ୍ଷତିପୂରଣ ଦାବିରେ ଘଟଣାସ୍ଥଳରେ ଉତ୍ତେଜନା।

■ ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ଆରମ୍ଭ

## ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି କଂସଙ୍କ ସିଂହାସନ ଆରୋହଣ

**ଲଖନପୁର,୪।୧(ଡି.ଏନ.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ବନ୍ଧବାହାଲ କଳାହୀରାନଗରିରେ ଆଞ୍ଚଳିକ ଧନୁଯାତ୍ରା ଶନିବାର ଆରମ୍ଭ ହୋଇଛି । ଏହି ଯାତ୍ରା ଆସନ୍ତା ଶୁକ୍ରବାର ପୌଷପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ। ଧନୁଯାତ୍ରାକୁ ମୁଖ୍ୟଅତିଥି ଭାବେ ବେଲପାହାଡ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ଉଦ୍‌ଘଟନ କରିଥିଲେ। ଏଥିରେ ଏମ୍‌ସିଏଲ୍ ଲଖନପୁର ଖୋଲାମୁହଁ କୋଇଲା ଖଣି ପ୍ରକଳ୍ପ ଅଧିକାରୀ ଅରୁଣ କୁମାର ସ୍ୱର୍ଣ୍ଣକାର, ଏପିଏମ୍ ଏସ୍‌କେ ଭରଦ୍ୱାଜ, ବନହରପାଲି ଥାନା ଆଇଆଇସି ପିକେ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ ।

ପ୍ରଥମ ଦିବସରେ ଦୀନବାନ୍ଧବ କ୍ଷେତ୍ର ଜଗନ୍ନାଥ ମନ୍ଦିର ପରିସର ନରେନ୍ଦ୍ର ପୋଖରୀରୁ ମହିଳାମାନେ କଳସରେ ପବିତ୍ରଜଳ ଆଣି ଗୋପପୁରରେ ସ୍ଥାପନ କରିଥିଲେ । ପରେ ମଙ୍ଗଳା ମନ୍ଦିର, ସମଲେଶ୍ୱରୀ ମନ୍ଦିର, ମଧୁରାପୁର ଓ ଗୋପପୁରରେ ପୂଜାଅର୍ଚ୍ଚନା କରାଯାଇଥିଲା। ଧନୁଯାତ୍ରା ପଡିଆକୁ ମଧୁରାପୁର କରାଯାଇଥିବା ବେଳେ ଗ୍ରାମ ମଣ୍ଡପକୁ ଗୋପପୁର କରାଯାଇଛି। ଏହି ଅବସରରେ ସନ୍ଧ୍ୟା କାର୍ଯ୍ୟକ୍ରମରେ ବାଳକ କଂସ ସହିତ ଦୁର୍ମିଳାସୁର ଯୁଦ୍ଧ ଓ ଦୁର୍ମିଳାସୁର ବଧ, ରାଜଉଗ୍ରେସନ ପାତ୍ରମନ୍ତ୍ରୀଙ୍କ ସହିତ ଦରବାରକୁ ଆଗମନ, ଦରବାରରେ ଆଲୋଚନା, ଦେବକୀ ବାସୁଦେବଙ୍କ ବିବାହ, ଦୈବବାଣୀ, ଉଗ୍ରେସନ ଗାଦିଚ୍ୟୁତ, କଂସଙ୍କ ରାଜ୍ୟାଭିଷେକ, ଦେବକୀ ବାସୁଦେବଙ୍କୁ କାରାଗାରରେ ନିଖେପ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମଥୁରାପୁର କଂସ ଦରବାରରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ରବଳଥଣ୍ଡା ସତ୍ତ୍ୱେ ଦର୍ଶକ ଏହାକୁ ଉପଭୋଗ କରିଥିଲେ। ଏଥିରେ ଯାତ୍ରା କମିଟି କର୍ମକର୍ତ୍ତାମାନେ ସହଯୋଗ କରୁଛନ୍ତି ।



ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି କଂସରାଜାଙ୍କ ସିଂହାସନ ଆରୋହଣ ।

ବେଲପାହାଡ଼ କ୍ରିକେଟ ଲିଗ୍

## ଫାଇନାଲ ଖେଳିବେ ଲିଓ ୟୁଥ୍, ଟାଇଗର କ୍ଲବ

**ବେଲପାହାଡ଼,୪।୧ (ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ ଷ୍ଟାଡ଼ିୟମରେ ଶନିବାର ଅନୁଷ୍ଠିତ କ୍ରିକେଟ ଲିଗର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଲିଓ ୟୁଥ ଆସୋସିଏଶନ ୭୩ ରନରେ ଟିଆର୍‌ଏଲ କ୍ରୋସାକି ଦଳକୁ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଛି । ସେହିପରି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍‌ରେ ଟାଇଗର କ୍ଲବ ଗୋଟିଏ ରନରେ ଟାଇଗର ସିନିୟର ଦଳକୁ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଛି । ପ୍ରଥମ ମ୍ୟାଚ୍‌ରେ ଲିଓ ୟୁଥ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୧୬ ଓଭରେ ୨ ଉଇକେଟ ହରାଇ ୧୬୪ ରନ ସଂଗ୍ରହ କରିଥିଲା । ଦଳର ବ୍ୟାଟ୍ସମ୍ୟାନ ସାଗର ରାଉତ ୪୯ ବଲରେ ସର୍ବାଧିକ ୭୨ ରନ କରିଥିଲେ। ଦଳର ଅନ୍ୟତମ ବ୍ୟାଟ୍ସମ୍ୟାନ ସାହା ଅରମାନ ୨୯ ବଲରେ ୬୧ ରନ କରିଥିଲେ । ଦ୍ୱିତୀୟ ଇନିଂଶରେ ଟିଆର୍‌ଏଲ କ୍ରୋସାକି ଦଳ ୧୬ ଓଭରରେ ୯ ଉଇକେଟ ହରାଇ ମାତ୍ର ୯୧ ରନ୍ ସଂଗ୍ରହ କରିଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଟାଇଗର ସିନିୟର ଦଳକୁ ଟାଇଗର କ୍ଲବ ଦଳ ଭେଟିଥିଲା। ଟାଇଗର ସିନିୟର ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ୧୫ ଓଭରରେ ୫ ଉଇକେଟ ହରାଇ ମୋଟ ୯୮ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ଟାଇଗର କ୍ଲବ ଦଳ ୧୨.୫ ଓଭର ଓ ୭ ଉଇକେଟରେ ୯୯ ରନ ନେଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଲିଙ୍ଗରାଜ ମହାରଣା, ଆନନ୍ଦ ଦୁବେ ଓ ଅଗ୍ରସେନ ଅଗ୍ରୱାଲ ଉଦଘୋଷକ ଭାବେ ମ୍ୟାଚ୍ ବିବରଣି ଉପସ୍ଥାପନ କରିଥିଲେ। ଆସନ୍ତା ରବିବାର ଦୁଇ ସେମି ଫଇନାଲ ବିଜେତା ଦଳ ଲିଓ ୟୁଥ ଆସୋସିଏଶନ ଓ ଟାଇଗର କ୍ଲବ ମଧ୍ୟରେ କ୍ରିକେଟ ଲିଗ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।